ଧାରଣା ମହାଶ୍ୱରତାଙ୍କ

# ନାରୀଚିତ୍ର

# ସାରଳା ମହାଭାରତୀୟ

# ନାରୀଚିତ୍ର

ଶ୍ରୀମତୀ ସରଳା ଦେବୀ

ପ୍ରକାଶକ—

ଉତ୍କଳ ବିଶ୍ୱବିଦ୍ୟାଳୟ

କଟକ

ପ୍ରଥମ ସଂସ୍କରଣ

ମୂଲ୍ୟ ଟ ୩ ୯ (ତିନି ଟଙ୍କା ମାତ୍ର)

# ଉତ୍ସର୍ଗ ପତ୍ର

ସୁଯୋଗ୍ୟା, ଗୁଣବତୀ ପୁଣି ସାହେବା, ଧର୍ମେ—

ଶ୍ରୀମତୀ ଭବେଶ୍ୱରୀ ସୂତ୍ର

ଶ୍ରୀହସ୍ତଭଦାସୁ

# ମୁଖବନ୍ଧ

ପ୍ରାୟ ଦଶ ବର୍ଷ ପୂର୍ବେ ଧାରାବାହିକ ଭାବେ ସାରଳା ମହାଭାରତରେ ନାରୀର ସ୍ଥାନ ନାମ ଦେଇ କେତେଗୁଡ଼ିଏ ପ୍ରବନ୍ଧ 'ସହକାର' ମାସିକ ପତ୍ରିକାରେ ଲେଖିଥିଲି । ସେ ଗୁଡ଼ିକ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ଆବଶ୍ୟକ ପରିବର୍ତ୍ତନ କରାଗଲା ।

ଆମ ଓଡ଼ିଆ ସାହିତ୍ୟରେ ସମାଲୋଚନାମୂଳକ ଗ୍ରନ୍ଥ ସଂଖ୍ୟା ଅତି କମ । ସେଥିରେ ପୁଣି ଗୋଟିଏ ଗୋଟିଏ ଗ୍ରନ୍ଥ ଭିତରେ ଗୋଟିଏ ଗୋଟିଏ ବାକ୍ୟକୁ ଅବଲମ୍ବନ କରି ସମାଲୋଚନା କରିବା ପ୍ରୟାସ ମଧ୍ୟ ଦେଖି ନାହିଁ । ସାରଳା ଦାସଙ୍କ ମହାଭାରତରେ ଏକ ପ୍ରକାଣ୍ଡ ଗ୍ରନ୍ଥରୁ ନାରୀ ଚରିତ୍ର ଭଳି ଏକ ଏକଦେଶଦର୍ଶୀ ବିଷୟ ଉପରେ ଆଲୋଚନା କରି ଗ୍ରନ୍ଥ ଲେଖିବା ଅତି କଷ୍ଟକର ବ୍ୟାପାର । ପୁଣି ବହୁତ ପ୍ରକାଶିତ ପୁସ୍ତକରେ ବିଷୟମାନଙ୍କରେ ବିଭିନ୍ନତା ପରିଲକ୍ଷିତ ହେଉଥିବାରୁ କୌଣସି ବିଷୟରେ କିଛି ସିଦ୍ଧାନ୍ତ ପ୍ରତିପାଦନ କରିବା ବଡ଼ ସହଜ କଥା ନୁହେଁ । ପ୍ରକାଶିତ ଓ ଅପ୍ରକାଶିତ ପାଣ୍ଡୁଲିପି ଓ ମୁଦ୍ରିତ ଗ୍ରନ୍ଥମାନଙ୍କୁ ସାକ୍ଷାତକାର କରି ପ୍ରକୃତ ତଥ୍ୟ ବାହାର କରିବା ବର୍ତ୍ତମାନ କାଳରେ ଉପଯୁକ୍ତ ପୁସ୍ତକାଳୟ ଅଭାବରୁ ଏକାବେଳକେ ଅସମ୍ଭବ ହୋଇଉଠିଲେ ଚଳେ । ଏସବୁ ଅଭାବ ଅସୁବିଧା ସତ୍ତ୍ୱେ ଏହି ସମାଲୋଚନାମୂଳକ ଗ୍ରନ୍ଥ ଲେଖିବାରେ ମତେ ପ୍ରେରଣା ଦେଇଛି ଆମ ଓଡ଼ିଶାର ନାରୀ ଜାତିର ବର୍ତ୍ତମାନ ଅବସ୍ଥା । "ପୂର୍ବେ ଆମ ଶାସ୍ତ୍ରପୁରାଣକାରମାନେ କିପରି ଆଦର୍ଶ ଜାତିସମ୍ମୁଖରେ ରଖିଥିଲେ, ତାହା ସମ୍ୟକ୍‌ଭାବରେ ଅବଗତ କରାଇ ଜନସାଧାରଣଙ୍କୁ ବର୍ତ୍ତମାନ ଯୁଗରେ ନାରୀଜାତିର ଉନ୍ନତି ପାଇଁ ଜାଗ୍ରତ କରାଇବା ମୋର ପ୍ରଧାନ ଉଦ୍ଦେଶ୍ୟ ।" ମହାକବି ସାରଳା ଦାସ ଯେଉଁ ଭାବରେ ନାରୀଚରିତ୍ର ସର୍ଜନା କରିଛନ୍ତି, ତାହା ବର୍ତ୍ତମାନ ଯୁଗର ନାରୀମାନେ ଆଲୋଚନା କରି ଯାହା ଶିକ୍ଷଣୀୟ, ବରଣୀୟ, ତାହାକୁ ଗ୍ରହଣ କରିବେ, ଏହି ଆଶା ମୋର ରହିଛି ।

ଏହି ଗ୍ରନ୍ଥ ପ୍ରକାଶ କରିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା; କାରଣ ଏକେ ତ ଅର୍ଥାଭାବ, ତହିଁରେ ପୁଣି ଏ ଧରଣର ପୁସ୍ତକମାନଙ୍କର ଆଦର ଓଡ଼ିଶାର ଜନସାଧାରଣଙ୍କ ନିକଟରେ ଖୁବ ଅଳ୍ପ ଦେଖାଯାଏ। ସେ ବିଷୟକୁ ଦେଖିଲେ ପୁସ୍ତକବିକ୍ରୟରୁ ମୁଦ୍ରଣବ୍ୟୟ ଉଠିବା ମଧ୍ୟ ସମ୍ଭବ ନୁହେଁ, କିନ୍ତୁ ସୌଭାଗ୍ୟର କଥା ଯେ ପୁସ୍ତକମୁଦ୍ରଣ ଦିଗରେ ମୋତେ ଚେଷ୍ଟା କରିବା ପାଇଁ ପ୍ରେରଣା ଦେଇଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ସାହିତ୍ୟପ୍ରକାଶନ କମିଟି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ମୋତେ ପୁସ୍ତକ ମୁଦ୍ରଣରେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମୋର ଧନ୍ୟବାଦ ଜଣାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବ କୁଳପତି ଶ୍ରୀ [illegible] ଆଚାର୍ଯ୍ୟ ଓ ଅବସରପ୍ରାପ୍ତ ସଂସ୍କୃତ ଅଧ୍ୟାପକ ଶ୍ରୀ ଅଭିମନ୍ୟୁ ମହାପାତ୍ରଙ୍କ ସହାନୁଭୂତି ମୋତେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଉଛି। ପୁସ୍ତକର ପ୍ରୁଫ ସଂଶୋଧନ ଏବଂ ପରିମାର୍ଜନ କରିଥିବାରୁ ଉତ୍କଳ [illegible] ପ୍ରେସର ପ୍ରଧାନ କର୍ମଚାରୀଙ୍କ ସହାନୁଭୂତି ଲାଗି ସେମାନଙ୍କୁ ଧନ୍ୟବାଦ ଜଣାଉଛି।

କଟକର ପଣ୍ଡିତ ଶ୍ରୀ ଦୁର୍ଗାନାରାୟଣ ଦାସ ଏମ୍. ଏ. ଏହି ପୁସ୍ତକର ପାଣ୍ଡୁଲିପି ଲେଖନ ଓ ମୁଦ୍ରଣ ସମ୍ବନ୍ଧରେ ମୋତେ ପ୍ରଥମ ପ୍ରବର୍ତ୍ତନା ଦେଇ ବହୁତ ଉତ୍ସାହିତ କରିଥିବାରୁ ତାଙ୍କୁ ମୋର ଧନ୍ୟବାଦ ଏବଂ କୃତଜ୍ଞତା ଜଣାଉଛି।

ଏହି ଗ୍ରନ୍ଥ ପାଠ କରି ଯେଉଁ ସାହିତ୍ୟିକ ସୁଧୀବର୍ଗ ସ୍ୱ ସ୍ୱ ଅଭିମତ ଦାନ କରିଅଛନ୍ତି, ସେମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଅଛି।

ତେଲେଙ୍ଗା ବଜାର<br>ତା ୧୮।୮।୫୨<br>କଟକ

ସରଳା ଦେବୀ

# ଅଭିମତ

ଶାରଳା ମହାଭାରତରେ ସେ ଯୁଗର ନାରୀମାନଙ୍କର ଚରିତ୍ର ଓଣ ନାନା ପ୍ରକାରେ ଚିତ୍ରିତ ହୋଇ ରହିଛି, କିନ୍ତୁ ତାକୁ ଏକାଠି କରି ସୁନ୍ଦର ଭାବେ ସମାଲୋଚନା ଦୃଷ୍ଟିରେ ଏପର୍ଯ୍ୟନ୍ତ କେହି ବାହାରକୁ ଆଣି ଲୋକଙ୍କ ଆଖି ଆଗରେ ଥୋଇ ନ ଥିଲେ । ଏତେଦିନ ପରେ ସେ ଭର୍ତ୍ତିକଲେ ସେ ହେଉଛନ୍ତି ଆଧୁନିକ ଯୁଗର ମନ ପାଇଥିବା ଓ ଏ ଯୁଗର ଚିନ୍ତାଧାରା ସହିତ ପରିଚିତା ଆଧୁନିକ ଉତ୍କଳର ଜଣେ ସୁପ୍ରତିଷ୍ଠିତା ପ୍ରଗତିଶୀଳା ନାରୀ ସରଳା ଦେବୀ ।

ଶ୍ରୀମତୀ ସରଳା ବର୍ତ୍ତମାନ ଯୁଗର ନାରୀଶିକ୍ଷା ପ୍ରତି ଲକ୍ଷ୍ୟ ଦୃଷ୍ଟି ପକାଇ ଓ ନିଜର ଅନୁଭୂତିଦ୍ୱାରା ବୁଝି ପାରିଛନ୍ତି ଯେ, ବର୍ତ୍ତମାନର ଶିକ୍ଷାରେ ଶିକ୍ଷିତା ନାରୀମାନଙ୍କ ଦ୍ୱାରା ସମାଜର ବିଶେଷ କଲ୍ୟାଣ ସମ୍ଭବପର ହେଉ ନାହିଁ; କେବଳ ସେ ଯୁଗର ନାରୀଚରିତ୍ରର ଦୃଢ଼ତା, ଧୈର୍ଯ୍ୟ, ତେଜ, ତ୍ୟାଗ, ସଂଯମ, ଗୁରୁଜନସେବା, ଆତ୍ମୀୟପ୍ରୀତି ଇତ୍ୟାଦିର ଆଲୋକରଶ୍ମି ଯଦି ବର୍ତ୍ତମାନର ନାରୀମାନଙ୍କ ହୃଦୟକୁ ଆଲୋକିତ କରେ, ତାହା ଦ୍ୱାରା ଆଧୁନିକ ସମାଜର ବହୁତ ମଙ୍ଗଳ ସାଧିତ ହେବ ବୋଲି ଏଥିରେ ସୂଚନା ଦେଇଛନ୍ତି ।

ଜାତୀୟ ଚରିତ୍ର ଗଠନର ମୂଳଦୁଆ ପକାଇବା ଭାର ନାରୀମାନଙ୍କ ଉପରେ । ନାରୀମାନେ ଯଦି ଆଦର୍ଶ ଚରିତ୍ର ଅନୁକରଣରେ ନିଜର ଚରିତ୍ର ଗଠନ କରନ୍ତି, ସେମାନଙ୍କ ସନ୍ତାନମାନେ ସେହି ଛାଞ୍ଚରେ ଛାଞ୍ଚିତ ହେବା ସୁନିଶ୍ଚିତ । ଏଥିପାଇଁ ଉତ୍କଳର ଆଧୁନିକା ନାରୀମାନଙ୍କ ଦୃଷ୍ଟିକୋଣ ବଦଳାଇବା ନିମନ୍ତେ ଏହି ଧରଣର ପୁସ୍ତକ ବହୁ ପରିମାଣରେ ପ୍ରକାଶ ହେବା ଆବଶ୍ୟକ ।

ବର୍ତ୍ତମାନର ନାରୀଶିକ୍ଷାର ଅଙ୍ଗସ୍ୱରୂପ ଏ ବହି ଶ୍ରେଣୀ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇ ସେମାନେ ଏହି ପୁସ୍ତକର ଆଦର୍ଶ ରମଣୀମାନଙ୍କ ଚରିତ୍ରବଳରେ ଅନୁପ୍ରାଣିତ ହେବେ ଓ ନିଜର ଜୀବନକୁ ସେହି ସ୍ୱଭାବରେ ଗଠନ କଲେ ମୁଁ କୃତାର୍ଥ ଆନନ୍ଦିତା ହେବି । ସକଳାଙ୍କର ଏ ଶୁଭ ଉଦ୍ୟମ ଆଶାନୁରୂପ ସାଫଲ୍ୟ ଲାଭ କରୁ, ମୋର ଏହି କାମନା । ଇତି ।

କଟକ
୨୮।୩।୫୯ } ଶ୍ରୀମତୀ ଦେବହୂତି ଦେବୀ

ଶ୍ରୀମତୀ ସରଳା ଦେବୀଙ୍କ ଲିଖିତ 'ସାରଳା ମହାଭାରତରେ ନାରୀଚରିତ୍ର'ର କେତେକ ଅଂଶ ଦେଖିଲି । ଏହା ଖୁବ୍ ଦରକାରୀ ଆଲୋଚନା । କେହି ଏହା ଏପର୍ଯ୍ୟନ୍ତ ଏପରି ଭାବରେ କରି ନ ଥିଲେ । ସରଳା ବାଟ ଦେଖାଇଲେ ବୋଲି କହିଲେ ଚଳେ । ସେଥିପାଇଁ ତାଙ୍କୁ ସାଧୁବାଦ । କେହି ହୁଏ ତ ଏଥି ସରଳାଙ୍କୁ ଖୁବ୍ ରକ୍ଷଣଶୀଳ ବୋଲି କହିବେ, ସେଥିରେ କିଛି ସତ୍ୟ ଅଛି ବୋଲି ଧରି ନେଲେ ମଧ୍ୟ ଭୁଲିବାର ଅଛି, ଏ ପ୍ରକାଶ ଉଦ୍ଦେଶ୍ୟ ଓ ପଦ୍ଧତି ବୁଝିବେ ତାଙ୍କର ଏ ପ୍ରକ୍ରିୟା ଭାଙ୍ଗିବ ? ଏହାର ବୁଝି ବସିଲେ ସତ୍ୟଟି ସ୍ପଷ୍ଟ ହେବ । ନାରୀତତ୍ତ୍ୱ ପ୍ରାଚୀନକାଳର ଯେଉଁମାନେ ଗତାନୁଗତିକ, ସେମାନେ ଯୁକ୍ତିର ସଙ୍ଗତି ଲଗାଇ ସରଳାଙ୍କ ସାରଳା କାବ୍ୟ ନାୟିକାଙ୍କୁ ସେ ଯୁଗରୁ ଆଣି ଏଯୁଗର ସାମଞ୍ଜସ୍ୟରେ ଥୁଏ ତ ବୁଝି ପାରିବେ ନାହିଁ । ନ ବୁଝନ୍ତୁ କ୍ଷତି ନାହିଁ । ସରଳାଙ୍କର ଏଭଳି ପ୍ରଯତ୍ନ ବେଳକୁ ବେଳ ବଢ଼ୁ । ମୋର ଏହି ଶୁଭେଚ୍ଛା ଓ ଆଶୀର୍ବାଦ ।

କଟକ
୨୭-୮-୧୯୫୨

ନୀଳକଣ୍ଠ ଦାସ
ନବଭାରତ ପ୍ରେସ୍

ଶ୍ରୀମତୀ ସରଳା ଦେବୀଙ୍କ ସଙ୍କଳିତ "ସାରଳା ମହାଭାରତରେ ନାରୀଚରିତ୍ର"ର ପାଣ୍ଡୁଲେଖ ପଢ଼ିଲି । ଏଥିରେ 'ଭାରତ' ବର୍ଣ୍ଣିତ ନାରୀଚରିତ୍ର ଗୁଡ଼ିକ ଯେ ସେପରି ନିପୁଣଭାବରେ ବିଶ୍ଳେଷଣ କରି ତାହାର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି, ତାହା ଭାଷା ପାଣ୍ଡିତ୍ୟ, ରଚନାପାଟବ ଓ ମୌଳିକ ଚିନ୍ତାର ପରିଚୟ ଦେଉଛି ନାହିଁ । ମହାକବି 'ସାରଳା ଦାସ' ଯେ ସ୍ୱଦର ନାରୀଙ୍କ ନୈତିକ ଓ ସାମାଜିକ ଜୀବନର ଚିତ୍ର ଦେବାକୁ ଯାଇ ପ୍ରସଙ୍ଗରେ ତାଙ୍କ ସମସାମୟିକ ଓଡ଼ିଆ ସମାଜର ଗଠନ, ନୀତି, ଚିନ୍ତା ଓ କୃଷ୍ଟି ହିଁ ଫୁଟାଇଛନ୍ତି । ଲେଖିକା ଏହି ବିରାଟ ଗ୍ରନ୍ଥ-ସମୁଦ୍ର ମନ୍ଥନ କରି ନିଜର ଚରିତ୍ରରତ୍ନ ଯେଉଁ ସବୁ ସତୀ ସ୍ତ୍ରୀ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଅଛନ୍ତି, ତାହା ଅମୃତ ତୁଲ୍ୟ ସୁସ୍ୱାଦୁ ତଥା ସୃଷ୍ଟିକର ହୋଇଛି ବୋଲି ମୋର ବିଶ୍ୱାସ । ପୁଣି ଶ୍ରୀମତୀ ସରଳାଙ୍କର ବକ୍ତବ୍ୟ ଓ ସାବଲୀଳ ଭାଷା ଏହାକୁ ସମଧିକ ଉପାଦେୟ ଓ ସରସ କରି ଦେଇଛି । ଓଡ଼ିଆରେ ଆଲୋଚନାମୂଳକ ପୁସ୍ତକର ସଂଖ୍ୟା ଅତି ଅଳ୍ପ କହିଲେ ଚଳେ । ଏ ପୁସ୍ତକ ଯେ ବେଶିକି ସେତିକ ଅଭାବ ପୂରଣ କରିବ, ତାହା ନିଶ୍ଚେ—ଆମ ଶ୍ରେଷ୍ଠ ବନ୍ଧୁଙ୍କ ହାତରେ ଦେବା ଉଚିତ୍ । ଏ ସୁପାଠ୍ୟ ପୁସ୍ତକ ଅଧିକରୁ ମିଳଗଲୁ । ଇତି

କଟକ
୩।୧।୧୯୫୨

ଲକ୍ଷ୍ମୀକାନ୍ତ ମହାପାତ୍ର
(ଉତ୍କଳର କାନ୍ତକବି)

ଶ୍ରୀମତୀ ସରଳା ଦେବୀଙ୍କ ନୂତନ ଲେଖା 'ନାରୀତତ୍ତ୍ୱ'ର ପାଣ୍ଡୁଲିପି ମୁଁ ପଢ଼ି ଆନନ୍ଦ ଲାଭ କଲି । ସମାଜରେ ନାରୀଚରିତ୍ର କିପରି ସୁଗଠିତ ହେବ, ତାହାହିଁ ତାଙ୍କର ଲକ୍ଷ୍ୟ । ସେଥିପାଇଁ ସେ ଏହି ପୁସ୍ତକରେ ବୈଦିକ ଆଦର୍ଶ ସ୍ଥାନାନ୍ତେ ପୌରାଣିକ ନାରୀଜୀବନ ଆଲୋଚନା କରିଛନ୍ତି । ଓଡ଼ିଆ ଭକ୍ତ ସାରଳା ଦାସ ନିଜ ମହାଭାରତ ଛନ୍ଦରେ ବ୍ୟାସଙ୍କ ସମୟର ନାରୀମାନଙ୍କୁ ପଞ୍ଚଦଶ ଶତାବ୍ଦୀର ଓଡ଼ିଶାକୃତ ନୂତନ ଛାଞ୍ଚରେ ଢାଳିବାରୁ ଅବଶ୍ୟ ସ୍ମରଣୀୟ ହୋଇଛନ୍ତି । ତଥାପି ପାଠକ ନିକଟରେ ସେମାନେ ପୂର୍ବ ପୁରାଣରେ ପୌରାଣିକ ପରିଚ୍ଛଦରେ ଅଦ୍ଭୁତ । ସତ୍ୟ ଯୁଗ କଥା ସ୍ୱତନ୍ତ୍ର; ତ୍ରେତା ଯୁଗର ନାରୀଙ୍କ ଗତି ସେମାନେ ଦେବତା ଶ୍ରେଣୀର ଅନ୍ତର୍ଭୁକ୍ତ ବିବେଚିତ ହୋଇଥିଲେ ମଧ୍ୟ, ସମାଜ ସେମାନଙ୍କଠାରେ ଅଲୌକିକ ଦେବୀତ୍ୱ ଆରୋପ କରିଛି । ଯାହା ହେଉ, ଆମ ଦୃଷ୍ଟିରେ ବୈଦିକ ନାରୀରେ ଥିଲା । ମାନବ ପକ୍ଷରେ ଅଲଭ୍ୟ ବା ଦୁର୍ଲଭ୍ୟ, ସୁତରାଂ ଅନନୁଭୂତ ଜନସାଧାରଣ ଏବଂ ତୁଳନାଶୀଳ ସେ ଏହି ବିଂଶଶତାବ୍ଦୀରେ ମଧ୍ୟ, ରାମଚନ୍ଦ୍ରଙ୍କ ମନୁଷ୍ୟତ୍ୱକୁ ସ୍ୱୟଂ ଈଶ୍ୱରଙ୍କ ଅବତାର-ରୂପେ କଳ୍ପନା କରାଯାଉଛି । ଏଣୁ ଆସ୍ଥା ଜନ୍ମାଇବା ନିମନ୍ତେ ପ୍ରବଳ ଆଘାତ ଅବଶ୍ୟକ । ସେ ଅଗାଧ ପୌରାଣିକ ଆଦର୍ଶ ଅପେକ୍ଷା ସମସାମୟିକ ଅଭାବରେ, ଐତିହାସିକ ଦୃଷ୍ଟାନ୍ତରୁ ହିଁ ଏଠି ବେଶି ଦିଆଯାଇ ପାରନ୍ତା ।

କିନ୍ତୁ ପ୍ରଶ୍ନ ଉଠିବା ଉପାଦାନ କାହିଁ ? ସମାଜର ଲକ୍ଷ୍ୟ ବଦଳି ଯାଉଛି । ଧନୀ ଦରିଦ୍ର, ଅଳ୍ପ ନିଦାନ, ସଙ୍କୋଚ ଶ୍ରମିକ, ଶାସକ ଶାସିତ ସମସ୍ତଙ୍କ ମଧ୍ୟରେ ଯେପରି ଶ୍ରେଣୀ ସଂଘର୍ଷର ସୃଷ୍ଟି ହୋଇଛି, ସେହିପରି ଏକ ଶ୍ରେଣୀ ସଂଘର୍ଷ ପୃଥିବୀର ପୁରୁଷ ଓ ସ୍ତ୍ରୀ ଜାତିଙ୍କ ମଧ୍ୟରେ ଜାଗୁଛି । ସ୍ତ୍ରୀ ଜାତି ପୁରୁଷଠାରୁ ଅଧିକରୁ ଅଧିକ ସମତା ଛଡ଼ାଇ ନେବାକୁ ବସିଛନ୍ତି । ସ୍ୱଗତ ନାମରେ ପୁରୁଷ ମଧ୍ୟ ତାହା ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ । କିନ୍ତୁ ସ୍ତ୍ରୀ ତାହା ଦାନସ୍ୱରୂପ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି । ପୁରୁଷଠାରୁ ସ୍ୱାଧୀନତା ସେମାନଙ୍କର ଯେ ଜନ୍ମଗତ ଦାବି, ସେହି ମନୋଭାବହିଁ ତାଙ୍କ

କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାର ଦେଖାଯାଉଛି । ଏ ଧାରା ଦେଶରେ ସ୍ଥାନେ ସ୍ଥାନେ ଜାତି ଜୁତିର ରକ୍ତରେ ଲେଖିବାକୁ ଶୁଣା ଆରମ୍ଭ କଲେଣି । ଧନୀ ଦରିଦ୍ର, ଅଳ୍ପ ନଅଳ୍ପ, ପୁଞ୍ଜିପତି ଶ୍ରମିକ ଓ ଶାସକ ଶାସିତଙ୍କ ସଂଘର୍ଷ ପରିବାରର ଅଭ୍ୟନ୍ତରକୁ ଛୁଇଁ ନାହିଁ; ତାର ସେହି ପାରିବାରିକ ସୀମା ବାହାରେ । ସୁତରାଂ ତାହା ସମାଜବ୍ୟାପୀ ପାରିବାରିକ ରୋଗ ହିସାବରେ ଚିହ୍ନିତ ପରିବାରର ପୂର୍ଣ୍ଣତା ନଷ୍ଟ କରିବାକୁ ଅକ୍ଷମ । କିନ୍ତୁ ନର ନାରୀ ସଂଘର୍ଷ ପରିବାରର ସେହି ଭିତ୍ତିରେ କୁଠାରାଘାତ କରୁ ଆରମ୍ଭ ।

ନର ଓ ନାରୀ ମଧ୍ୟରେ ସଂଘର୍ଷର କାରଣ ଥିଲେ ଏହି କୁଠାରାଘାତ କରଣୀୟ ହୁଅନ୍ତା । କିନ୍ତୁ ସେପରି କାରଣ କଣ ଅଛି ? କେତେକ ଯାଯାବରଶ୍ରେଣୀର ମାତୃ ସନ୍ତାନ କାଳ କୌଣସି ନିୟମରେ ପଡ଼ିଥିବା ତ ଠିକ୍ ନୁହେଁ । କୌଣସି କୌଣସି ଠାରେ ପରିବାର ମଧ୍ୟରେ ହୁଏ ତ ସଂଘର୍ଷ ଅଛି । କିନ୍ତୁ ତାହା ପାରିବାରିକ ଜୀବନର ଅନ୍ତଃସ୍ଥ ଦୁର୍ବଳତା ଯୋଗୁ ଘଟେ ନାହିଁ । ନର ଶାରୀରିକ ବଳରେ ବଳୀୟାନ୍; ନାରୀ ଅବଳା, କିନ୍ତୁ ସେହି ଅବଳାକୁ ନରସମାଜ ଶକ୍ତିରୂପେ ପୂଜା କରୁଛି । ଲକ୍ଷ୍ମୀ, ସରସ୍ୱତୀ, ଦଶଭୁଜା ଦୁର୍ଗା ଓ ନୃମୁଣ୍ଡମାଳିନୀ କାଳୀ ଉପାସ୍ୟା ଅଟନ୍ତି । ସମାଜର ସଂଗଠନ ଏହି ଭିତ୍ତି ଉପରେ ଗଢ଼ା । ଉତ୍ପାଦନ ଦିଗରୁ ଦେଖିଲେ, ନାରୀ ହେଉଛି କ୍ଷେତ୍ର; ସେ ଉର୍ବର, ଶାଶ୍ୱତ ଓ ବୀଜ ତୁଳନାରେ ମୂଲ୍ୟବାନ୍ । ନାରୀକୁ କେନ୍ଦ୍ର କରି ଯୁଗେ ଯୁଗେ ପାରିବାରିକ ବେଷ୍ଟନୀ ଗଢ଼ି ହୋଇ ଆସିଛି । ଯୌବନରେ ନାରୀ ପ୍ରିୟତମା, ପ୍ରୌଢ଼ ବୟସରେ ପୂଜନୀୟା ମା । ବାପ ଓ ମା ଉଭୟଙ୍କୁ ଏକାଠି ଦେଖିଲେ, ପ୍ରଥମେ ମାଙ୍କୁ ଓ ତା ପରେ ବାପାଙ୍କୁ ନମସ୍କାର କରିବା ପାଇଁ ଆମ ଶାସ୍ତ୍ର ଲେଖି ସ୍ତ୍ରୀଜନଙ୍କୁ ଦୀକ୍ଷା ଦେଇଛନ୍ତି ।

ନାରୀସ୍ୱାଧୀନତା ସମ୍ପର୍କରେ ବର୍ତ୍ତମାନ ଯେପରି ପୃଥିବୀବ୍ୟାପୀ ଆନ୍ଦୋଳନ ଚାଲିଛି, ତାର ପରିଣାମ ସମାଜ ପକ୍ଷେ ଶୁଭଙ୍କର ହୋଇଥିଲେ ଭଲ । ଏପର୍ଯ୍ୟନ୍ତ ପୃଥିବୀରେ ନର ଭର୍ତ୍ତା ଓ ନାରୀ ଭାର୍ଯ୍ୟା ହୋଇଥିଲେ । କେତେକ କ୍ଷେତ୍ରରେ ଏ ସମ୍ପର୍କର ବିପର୍ଯ୍ୟୟ ଅବଶ୍ୟ ଦେଖାଯାଏ । ନର ଭାର୍ଯ୍ୟା ଓ ନାରୀ ଭର୍ତ୍ତାର ସ୍ଥାନ ଗ୍ରହଣ କରନ୍ତି । କିନ୍ତୁ ବିପର୍ଯ୍ୟୟ ସତ୍ତ୍ୱେ ପାରିବାରିକ ଶାନ୍ତି ଓ ସାଧନାରେ ବାଧା ପଡ଼ିବାର ଦୃଷ୍ଟାନ୍ତ ଦେଖାଯାଏ ।

ପ୍ରକୃତି ନର ଓ ନାରୀର କାର୍ଯ୍ୟ ବାଣ୍ଟି ଦେଇଥିଲା ପରି ମନେ ହୁଏ । ନାରୀ ଭାର୍ଯ୍ୟା ନ ହୋଇ ସ୍ୱାବଲମ୍ବିନୀ ହେବା ଆଦର୍ଶବାଦରେ ସମାଜର ଅସ୍ତିତ୍ୱରେ ବାଧା ଘଟିବାର ସମ୍ଭାବନା ରହିଛି । ପ୍ରଜନନ ଓ ସନ୍ତାନ-ପାଳନ ସୃଷ୍ଟି ଈଶ୍ୱରଙ୍କ ଧର୍ମ, ସେ ଧର୍ମ ଛଡ଼ିବା ମାତ୍ରେ ଭାର୍ଯ୍ୟା ହେବା ବ୍ୟତୀତ ଉପାୟାନ୍ତର ନାହିଁ । ସେଥିପାଇଁ ବୈଜ୍ଞାନିକଙ୍କ ମତରେ ମାନବ ସମାଜ ଯନ୍ତ୍ର ସଦୃଶ ଗର୍ଭ ଧାରଣ ହୋଇଥିଲେ ମଧ୍ୟ ପାଳିବା ଭାର ତାଙ୍କୁ ସ୍ୱତନ୍ତ୍ର ହୋଇପାରି ନାହିଁ ।

ନର ନାରୀ ସମ୍ପର୍କ ବିଷୟରେ ଯେଉଁ ନୂତନ ଚିନ୍ତାଧାରା ଉଠୁଅଛି, ତାକୁ ବଦଳାଇ ନୂଆ ଚିନ୍ତାଧାରା ସୃଷ୍ଟି କରିବା ଏ ପୁସ୍ତକ ଲେଖିକାଙ୍କର ଉଦ୍ଦେଶ୍ୟ । ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ଯାହା ଦେଖାଇଥାଉ, ଭାରତରେ ଯେ ନୂତନ ଚିନ୍ତାଧାରା ଉତ୍ପତ୍ତି ନିମନ୍ତେ ଆମ ଦେଶର ଶିକ୍ଷାପଦ୍ଧତି ବହୁ ପରିମାଣରେ ଦାୟୀ । ଲେଖିକା ନିଜେ ସେହି ଶିକ୍ଷାପଦ୍ଧତିର ପ୍ରସୂତା । କିନ୍ତୁ ଅନ୍ତର୍ଦୃଷ୍ଟି ବଳରେ ସେ ତାର ଦୋଷ ଦୁର୍ବଳତା ଧରି ପାରିଛନ୍ତି । ସୁତରାଂ ପୁସ୍ତକର ପ୍ରଥମ ଓ ଅନ୍ୟାନ୍ୟ ଅଧ୍ୟାୟରେ ସେ ସେହି ଦୋଷ ଓ ଦୁର୍ବଳତା ଉଦ୍ଘାଟନ କରିବାକୁ ଚେଷ୍ଟା କରିଛନ୍ତି । ନର ଓ ନାରୀ ଉଭୟଙ୍କର ସମାଜ ଏବଂ ପରିବାର ମଧ୍ୟରେ ସହଯୋଗିତାରେ ଭିନ୍ନ କାର୍ଯ୍ୟ ସାଧନ କରିବାକୁ ଥିବା ସ୍ଥଳେ, ଉଭୟଙ୍କର ଶିକ୍ଷା ଏକ ପଦ୍ଧତିରେ ହୋଇ ନ ପାରେ । ତାହାହିଁ ଲେଖିକା ପ୍ରାଞ୍ଜଳ ଭାବରେ ଦେଖାଇବାକୁ ପ୍ରୟାସ କରିଛନ୍ତି ।

ପ୍ରଚଳିତ ଶିକ୍ଷା ଫଳରେ ନାରୀ ନର ପରି କେତେକ ସ୍ଥାନ ଅବଶ୍ୟ ଲାଭ କରୁଛନ୍ତି; କିନ୍ତୁ ତାଙ୍କ କାର୍ଯ୍ୟକାରୀ ଦକ୍ଷ ପାଉଛନ୍ତି କେତେ । ଯେଉଁମାନେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ସରକାରୀ ବା ଅନ୍ୟ ଲୋକର କିମ୍ବା କୌଣସି ବ୍ୟବସାୟୀର ଆଶ୍ରୟ ଗ୍ରହଣ କରିବାକୁ ପଡ଼ୁଛି । ସେଥିରେ ବ୍ୟକ୍ତିବିଶେଷର ପ୍ରତିଭା ଯେପରିକେତେରେ ସମ୍ଭବ ହେଲେ ହେଁ, ପରିଣାମ ପ୍ରଶଂସନୀୟ ହେଉଅଛି ବୋଲି କୁହାଯାଇ ନ ପାରେ । ଶିକ୍ଷାପ୍ରାପ୍ତା ନାରୀ ଚଞ୍ଚଳା ଓ ଅକର୍ମଣ୍ୟା ହୋଇ ପଡ଼ୁଛନ୍ତି; ସୁତରାଂ ସନ୍ତାନପ୍ରସବ କାର୍ଯ୍ୟ ନିମନ୍ତେ ସେମାନଙ୍କର ସୃଷ୍ଟି ଉପଯୋଗିତା ରହୁ ନାହିଁ । ସନ୍ତାନପାଳନ କାର୍ଯ୍ୟ ହୁଏ ତ ସେମାନେ ଯଥାର୍ଥ କରି ପାରନ୍ତି; କିନ୍ତୁ ତାହା ଧାତ୍ରୀ

ଶାସ୍ତ୍ରରେ ନାସ୍ତି ଭକ୍ତି ସେମାନଙ୍କ ମଧ୍ୟରୁ ଅନେକେ ନାନା ଜାତିରୁ ଅନ୍ୟାନ୍ୟ ନିଷ୍ଠୁରତାର କାର୍ଯ୍ୟରେ ନିୟୋଜିତ ହେବାର ଦେଖାଯାଉଛି ।

ନାଟ୍ୟକଳାର ସ୍ରୋତ ବର୍ତ୍ତମାନ ଯେଉଁପରି ପ୍ରଖର ଗତିରେ ଚାଲିଛି, ତାହିଁ ସ୍ୱାଧୀନତାରେ ଶାସନ ସରଳ; ଦେଶ ଏ ପୁସ୍ତକ ସାହାଯ୍ୟରେ କେତେ ସମର୍ଥ ହେବେ ଜାଣେନାହିଁ । କିନ୍ତୁ ପୁସ୍ତକଟିର ଲେଖା ପ୍ରଣାଳୀ ସରଳ ହୋଇଛି । ପାଠକ ପାଠିକା ତାହା କେବଳ ସାହିତ୍ୟହିସାବରେ ପଢ଼ିଲେ, ସେଥିରୁ ସେ ରସ ଯାହାର ବାସ୍ତବ ଜୀବନରେ ଉପାଦାନ ନ ମିଳିବ, ତା ନୁହେଁ । ଆଧୁନିକ ଶିକ୍ଷା ଓ ପାଶ୍ଚାତ୍ୟ ସାମାଜିକ ଜୀବନର ଆଦର୍ଶ ଅନୁସରଣ ଫଳରେ ଆମ ସମାଜର ଗଠନ ବହୁ ପରିମାଣରେ ପ୍ରଭାବିତ ହୋଇପଡ଼ୁଛି । ଲେଖକ ତାହା ସୁନ୍ଦର ଭାବରେ ଦେଖାଇଛନ୍ତି । ସେ ସବୁ ପ୍ରକୃତି ମାନବର ଏକ ବ୍ୟକ୍ତିତ୍ୱର ଅଭାବରେ ଜୀବନରେ ଘଟିଯାଉଛି ବୋଲି ଅନେକ ବହୁଦର୍ଶୀ ବିଜ୍ଞ ବ୍ୟକ୍ତିଙ୍କର ମତ । ସେ ମତ କେତେଦୂର ପରିମାଣରେ ଅଭ୍ରାନ୍ତ, ସମସ୍ତେ ତାହା ସ୍ଥିର କରିବେ । କିନ୍ତୁ ମତବାଦର ପ୍ରଶ୍ନ ନ ହେଲେ ବି ତାହା ପ୍ରତିଯୋଗିତା କ୍ଷେତ୍ରରେ ବନ୍ଦୀ ହୋଇ ପାରିବ ନାହିଁ । ଏ ପୁସ୍ତକରେ ସେହି ପ୍ରଶ୍ନର ଉତ୍ତରରେ ଉଦ୍ୟମ କରାଯାଇଛି ଓ ଏ ଉଦ୍ୟମ ଗୋଟିଏ ସଫଳ ଲେଖକଙ୍କଦ୍ୱାରା ହୋଇଅଛି ।

୨୫-୩-୪୯ } ଗୋଦାବରୀଶ ମିଶ୍ର

# ସୂଚୀପତ୍ର


| ଅଧ୍ୟାୟ | ବିଷୟ | ପୃଷ୍ଠାଙ୍କ |
|---|---|---|
| ପ୍ରଥମ ଅଧ୍ୟାୟ— | | |
| | ସେ କାଳର ସାମାଜିକ ଅବସ୍ଥା; ନାରୀର ସ୍ଥାନ | ୧ |
| ଦ୍ୱିତୀୟ ଅଧ୍ୟାୟ— | | |
| | ଗଙ୍ଗା, ଅମ୍ବା, ଅମ୍ବାଳିକା, ସତ୍ୟବତୀ | ୨୯ |
| ତୃତୀୟ ଅଧ୍ୟାୟ— | | |
| | ଗାନ୍ଧାରୀ | ୪୮ |
| ଚତୁର୍ଥ ଅଧ୍ୟାୟ— | | |
| | କୁନ୍ତୀ | ୬୨ |
| ପଞ୍ଚମ ଅଧ୍ୟାୟ— | | |
| | ଦ୍ରୌପଦୀ ଚରିତ୍ର | ୮୪ |
| ଷଷ୍ଠ ଅଧ୍ୟାୟ— | | |
| | ଅନ୍ୟାନ୍ୟ ନାରୀଚରିତ୍ର | |
| | (କ) କନ୍ୟା ଚରିତ୍ର | ୧୩୩ |
| | (ଖ) ମୁଦ୍ଗଲୀ | ୧୬୨ |
| | (ଗ) ସତ୍ୟାଙ୍କ ସଙ୍ଗିତ୍ର | ୧୭୨ |
| | ଉପସଂହାର | ୧୮୪ |
| | ପରିଶିଷ୍ଟ | |

# ସାରଳା ମହାଭାରତୀୟ ନାରୀଚରିତ୍ର

## ପ୍ରଥମ ଅଧ୍ୟାୟ

### ସେ ସମୟର ସାମାଜିକ ଅବସ୍ଥା : ନାରୀର ସ୍ଥାନ

ସାରଳା ଦାସଙ୍କ ମହାଭାରତ ଭାରତୀୟ ପ୍ରାକୃତ ଭାଷାର ଗ୍ରନ୍ଥମାନଙ୍କ ମଧ୍ୟରେ ଏକ ଅଦ୍ୱିତୀୟ ସୃଷ୍ଟି । ବସ୍ତୁ ସମ୍ପଦର ବିଶାଳତା, ବର୍ଣ୍ଣନା ଚାତୁର୍ଯ୍ୟରେ, ଭାଷା ଭଙ୍ଗୀମାରେ ସ୍ୱାଧୀନତା ଏବଂ ବୈଚିତ୍ର୍ୟ ପ୍ରକାଶ ସାରଳା ଦାସଙ୍କ ମହାଭାରତରେ ଯେପରି ଭାବରେ ଦେଖାଯାଏ ସେପ୍ରକାର ଅନ୍ୟତ୍ର ଗ୍ରନ୍ଥରେ ଦେଖାଯାଏ । କଳେବରର ବିଶାଳତା ଓ ଭାଷାର ମାର୍ଜିତତା ଦୃଷ୍ଟିରୁ ଏହି ମହାଭାରତଟି ଯେ କୌଣସି ଭାଷାରେ ଗୌରବର ସ୍ଥାନ ଅଧିକାର କରିବ, ସନ୍ଦେହ ନାହିଁ । ପଞ୍ଚଦଶ ଶତାବ୍ଦୀ ବେଳକୁ ଭାରତରେ ଅତି ଅଳ୍ପସଂଖ୍ୟକ ପ୍ରାକୃତ ଭାଷାରେ ଏତେ ବଡ଼ ବିଶାଳ ଗ୍ରନ୍ଥ ଦେଖାଯାଏ । ସାରଳା ମହାଭାରତ ବ୍ୟାସଦେବଙ୍କ ମହାଭାରତର ଅନୁବାଦ ହୋଇ ନ ଥିବାରୁ ଏବଂ ଏହି ଗ୍ରନ୍ଥରେ ଶତ ଶତ ଭାବକୁ ତରଙ୍ଗ ସୃଷ୍ଟି କରାଇଥିବାରୁ ଏହାର ସ୍ଥାନ ଅତି ଉଚ୍ଚ । ଏବଂ ବ୍ୟାସଦେବଙ୍କ ମହାଭାରତକୁ ତତ୍କାଳୀନ ସାମାଜିକ ଜୀବନଧାରାର ପ୍ରତିଫଳକ ସତ୍ତା ବୋଲି ଧରାଯିବ, ତାହାହେଲେ ବହୁ ଅଂଶରେ ସାରଳା ଦାସ ମହାଭାରତରୁ ଓଡ଼ିଶା ତଥା ଭାରତର ସେହି ଯୁଗର ସାମାଜିକତାର ସ୍ପଷ୍ଟ ଦର୍ଶନ ବୋଲି କହିବାକୁ ହେବ ।

ପଞ୍ଚଦଶ ଶତାବ୍ଦୀରେ ଓଡ଼ିଶାର ଅବସ୍ଥା ଅତି ସଙ୍କଟାପନ୍ନ ଥିଲା । ସୂର୍ଯ୍ୟବଂଶର ଶେଷ ରାଜାମାନେ ପୂର୍ବ ରାଜାମାନଙ୍କ ପରି ସେତେ ଶକ୍ତିଶାଳୀ ନ ଥିବାରୁ ଦେଶରେ ବିଶୃଙ୍ଖଳ ଅଶାନ୍ତି ଲାଗିଥିଲା । ବୈଦେଶିକ ଶତ୍ରୁମାନେ ବିଭିନ୍ନ ସମୟରେ ଆସି ବାରମ୍ବାର ଦେଶ ଭିତରେ

ଯଥି ଲୁଣ୍ଠନ କରୁଥିଲେ ଓ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । କେତେକ ଧର୍ମାନ୍ଧ ମୁସଲମାନ ରାଜା ହିନ୍ଦୁ ସମାଜର ଅସଂଖ୍ୟ ଦେବମୂର୍ତ୍ତି ଓ ଦେବମନ୍ଦିର ଧ୍ୱଂସ କରିବାକୁ କୁଣ୍ଠା ବୋଧ କରୁ ନ ଥିଲେ । କପିଳେନ୍ଦ୍ର ଦେବଙ୍କ ସିଂହାସନାରୋହଣର କେତେକ ବର୍ଷ ପୂର୍ବରୁ ଫିରୋଜଶାହ ଉତ୍କଳ ଆକ୍ରମଣ କରିଥିଲେ । ପୁରୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ସେ ବହୁ ମନ୍ଦିର ଧ୍ୱଂସ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟ ବାଦ ପଡ଼ି ନ ଥିଲା । ଧର୍ମନାମରେ କାଫେର ପ୍ରଜାମାନଙ୍କ ଉପରେ ଅକଥନୀୟ, ଅମାନୁଷିକ ଅତ୍ୟାଚାର ଏହି ମୁସଲମାନ ଶାସକମାନେ କରୁଥିଲେ । ଫିରୋଜଶାହଙ୍କ ଶତ୍ରୁଘାତକରେ ତରବାରିର ନଳାମୁ ଲୋହିତ ଗାଳିଛି ଯାଇଥିଲା । ଏହି ମୁସଲମାନ ବାଦଶାହ ସୁଲତାନ ଅସଂଖ୍ୟ ନାରୀଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ଦିଲ୍ଲୀ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଇଥିଲେ । ଚିଲିକା ଜଳରେ ସ୍ନାନ କରୁଥିବା ଲୋକମାନଙ୍କୁ ନିର୍ମମଭାବରେ ହତ୍ୟା କରିଥିଲେ ।

ଏହି ସବୁ ଅତ୍ୟାଚାର ଯୋଗୁଁ ସମଗ୍ର ଓଡ଼ିଶାରେ ଲୋକମାନଙ୍କ ମନରେ ହିଂସା, ଅଶାନ୍ତି ବହ୍ନି ଜାଗି ରହିଥିଲା । ପୁଣି ଓଡ଼ିଶା ରାଜା ଦୁର୍ବଳ ହେବାରୁ ଦେଶରେ ଦୁର୍ବୃତ୍ତମାନଙ୍କର ଉପଦ୍ରବ ବୃଦ୍ଧି ପାଇଥିଲା । କପିଳେନ୍ଦ୍ର ଦେବ ରାଜା ହେବା ପରେ ମଧ୍ୟ ଦେଶରେ ଶାନ୍ତି ନ ଥିଲା । ଦେଶକୁ ଦୁର୍ବୃତ୍ତମାନଙ୍କ କବଳରୁ ରକ୍ଷା କରିବା ପାଇଁ ରାଜାଙ୍କୁ ପ୍ରବଳ ଉଦ୍ୟମ କରିବାକୁ ପଡ଼ିଥିଲା । ବିଦ୍ରୋହୀ ଓ ଦେଶଦ୍ରୋହୀମାନଙ୍କୁ ନିର୍ମୂଳ କରିବା ପାଇଁ କପିଳେନ୍ଦ୍ର ଦେବଙ୍କୁ ବହୁକାଳ ଲାଗିଥିଲା ଏବଂ ବୈଦେଶିକ ଶତ୍ରୁମାନଙ୍କର ଲୋଲୁପ ଦୃଷ୍ଟିରୁ ଦେଶକୁ ରକ୍ଷା କରିବା ନିମନ୍ତେ ରାଜାଙ୍କୁ ବହୁତ ଥର ଯୁଦ୍ଧ କରିବାକୁ ପଡ଼ିଥିଲା । ଏସବୁ ଯୁଦ୍ଧ ଦେଶରେ ପ୍ରଭାବ ନିଶ୍ଚୟ ପକାଇଥିବ । ସାରଳା ଦାସ ଏହି ସମୟରେ ଗ୍ରନ୍ଥ ରଚନା କରିଥିବାରୁ ଏହାର ଛାୟା ଯେ ତାଙ୍କ ଲେଖା ଉପରେ ପଡ଼ିଥିବ ଏଥିରେ ସନ୍ଦେହ ନାହିଁ । ତହିଁର ଉଦାହରଣରେ ଓ ବାସ୍ତବ ସଂସ୍ଥାପନାରେ ଏହାର ବହୁ ବହୁ ଅଂଶ ସାରଳା ଦାସଙ୍କ ଗ୍ରନ୍ଥରୁ ମିଳେ ।

ଏ ଗ୍ରନ୍ଥରେ ସାରଳା ଦାସ ସମସାମୟିକ ଓଡ଼ିଆ ସମାଜର ସାଧାରଣ ଅବସ୍ଥା, ରୀତି ନୀତି, ସୁଖ ଦୁଃଖ ପ୍ରଭୃତି ଲେଖିଥିବାର ମନେ ହୁଏ । ମହାଭାରତରେ ସାରଳା ଦାସ ଯେଉଁ ନାରୀଚରିତ୍ର ସର୍ଜନା କରିଛନ୍ତି ତାହା ମଧ୍ୟ ଏକ ଅଭିନବ ଉଦ୍ୟମ । ଅନେକ ସ୍ଥାନରେ ସେ ଖାଣ୍ଟି ଓଡ଼ିଆଣୀର ଚରିତ୍ର, ଦୂରଦେଶ ରାଜକନ୍ୟାଙ୍କ ଚରିତ୍ରରେ ଆରୋପ କରିବା ପାଇଁ ଭୁଲି ନାହାନ୍ତି । ଓଡ଼ିଶାର କୋଣାର୍କ ଅର୍କତୀର୍ଥ, ମାଘ ସପ୍ତମୀ ସ୍ନାନଫଳ, କପିଳାସ, ସାରଳା, ଝଙ୍କଡ଼ ପ୍ରଭୃତି ସ୍ଥାନ କଥା କି ସେ ମହାଭାରତରେ ଲେଖିଛନ୍ତି । ସାରଳାଙ୍କ ପୂର୍ବରୁ ଓଡ଼ିଆ ଭାଷା ସାହିତ୍ୟରେ କୌଣସି ବଡ଼ ଗ୍ରନ୍ଥ ନ ଥିବା ଜଣାପଡ଼େ । କୌଣସି ଗ୍ରନ୍ଥକୁ ଆଦର୍ଶ କରି ରଚନା କରିବାର ସୌଭାଗ୍ୟ ମଧ୍ୟ ତାଙ୍କର ନ ଥିଲା । ସଂସ୍କୃତ ମହାଭାରତ ସଂକ୍ଷିପ୍ତ ଯେ କେତେ ସ୍ଥାନରେ ତ୍ୟାଗ କରିଥିବାରୁ ବିଭିନ୍ନ ଚରିତ୍ର ଚିତ୍ରଣ ଓ ଘଟଣା ସମାବେଶରେ ନିଜର ଅଭିଜ୍ଞତା, କଳ୍ପନାଶକ୍ତି ଉପରେ ନିର୍ଭର କରିଥିଲେ । ଏଣୁ ଦେଖାଯାଏ ଯେ ଦେଶର ଓ ସମାଜର ଗାଁ ଗଣ୍ଡା ଅନ୍ତର ବ୍ୟବହାର ସୁଖ ଦୁଃଖକୁ ଲଣ୍ଡାଉସ୍ଥୁଳ ଗ୍ରହଣ କରି ସେଥିରୁ ନାନା ସାମଗ୍ରୀ ଭଣ୍ଡାର କରିଛନ୍ତି । ଏଭଳି ଅପୂର୍ବ ପ୍ରତିଭା ସର୍ଜନା ସାମାନ୍ୟ ଲୋକ ପକ୍ଷରେ ସମ୍ଭବ ନୁହେଁ । ମହାମାନ୍ୟ ସାରଳା ଦାସ ବିଭିନ୍ନ ଚରିତ୍ର ଚିତ୍ରଣରେ, ବିଶେଷତଃ ନାରୀଚରିତ୍ର ଚିତ୍ରଣରେ ଖୁବ୍ ବିଚକ୍ଷଣତା ପ୍ରଦର୍ଶନ କରିଛନ୍ତି । ସାରଳା ଦାସଙ୍କ ନାରୀ ଦୋଷଗୁଣସମନ୍ୱିତା । ତାଙ୍କ ନାରୀ-ଚରିତ୍ରରେ ନାରୀର ଦେବତ୍ୱ ଅପେକ୍ଷା ମାନବୀତ୍ୱର ସ୍ପର୍ଶ ଅଧିକ । ସେଥିପାଇଁ ସାରଳାଙ୍କ ମହାଭାରତ ପାଠକପାଠିକାଙ୍କୁ କେବଳ ଶାସ୍ତ୍ରୀୟ ପୁରାଣର ଆନନ୍ଦ ଦିଏ ନାହିଁ, ପଞ୍ଚାଳୁରେ ଗଳ୍ପ ଉପନ୍ୟାସ ପାଠର ଆମୋଦ ମଧ୍ୟ ଦିଏ ।

ସେ ଯୁଗରେ ଜନସାଧାରଣ ବ୍ରତ, ଦେବପୂଜା ଓ ଅନ୍ୟାନ୍ୟ ସାମାଜିକ ରୀତି ନିତି ବିଧାନ ମାନି ଚଳୁଥିଲେ । ପିତୃତର୍ପଣ, ଦାନ, ପୂଜା, ଉପାସନା, ସେବା, ଯଜ୍ଞ, ବିନୟ, ନମ୍ରତା, ବାରବ୍ରତ, ବ୍ୟବହାର, ସ୍ତ୍ରୀପୁରୁଷ ନିର୍ବିଶେଷରେ ଦେଖାଯାଉଥିଲା । ଦୈନନ୍ଦିନ

ଜୀବନରେ ଶାସ୍ତ୍ରୀୟ ଓ ସାମାଜିକ ନିୟମକୁ ବାଦ୍ ଦେଇ ହୋଇ ନ ଥିଲା । ତଥାପି, ଏ ନାରୀ ସମସ୍ତଙ୍କର ବ୍ୟକ୍ତିତ୍ୱ ବୋଲି ଏ ମାନବୀୟ ଦୃଷ୍ଟି ନୈତିକ-କଳୁଷ ଉଦାହରଣ ମଧ୍ୟରେ ନିକୃଷ୍ଟ ହୋଇଥିଲା । ସେଥିପାଇଁ ଯୁଦ୍ଧଯାତ୍ରା, ବିବାହ, ଯାତ୍ରାର୍ଥୀ ପ୍ରଭୃତି ବିଷୟରେ ଦିନ ବା ଲଗ୍ନ ପ୍ରଣାଳୀ ରହିଥିଲା । ଜ୍ୟୋତିଷ ଶାସ୍ତ୍ର ଉପରେ ଲୋକଙ୍କର ଆସ୍ଥା ଥିଲା ଏବଂ ଜୀବନ ଧର୍ମ ନିମନ୍ତେ ବିଜ୍ଞ ଜ୍ୟୋତିଷୀ ଏବଂ ପଣ୍ଡିତମାନଙ୍କର ଉପଦେଶକୁ ଲୋକେ ଶୁଣୁଥିଲେ ଓ ମାନୁଥିଲେ ।

ସାରଳା ଦାସ ମହାନ୍ ସୃଷ୍ଟି ଓ ମଧ୍ୟ ଅନ୍ତଃପୁରବାସୀ ନାରୀମାନଙ୍କର ଦୁଃଖମୟ ପରିଣାମ ଦେଖାଇ ଯାଇଛନ୍ତି । ଅଧର୍ମ, ଅନ୍ୟାୟ, କପଟଚାର ପରିଣତି ଯେ ମନୁଷ୍ୟଜୀବନରେ ଦୁଃଖଦାୟକ ହୁଏ, ଏହାହିଁ ମହାଭାରତରେ ଅଙ୍କିତ ଚରିତ୍ରମାନଙ୍କର ଆଲୋଚନାରୁ ଜଣାପଡ଼େ ।

ସାରଳା ମହାଭାରତରେ ବହୁ କନ୍ୟାଙ୍କ ହରଣ କଥା ଲେଖା ଅଛି । କୁମାରୀମାନେ ଘରର ଅଭିଭାବକମାନଙ୍କଠାରୁ ତାର ଶକ୍ତିକୁ ଜୀବନସାଥୀର ମାନଦଣ୍ଡ ବୋଲି ବିଚାରୁଥିଲେ । ସେମାନେ ରୂପକଳଙ୍କ, ଅଶକ୍ତଦେହ, କୁଳୀନ ଚରିତ୍ରକୁ ବରଣ କରୁ ନ ଥିଲେ । ପ୍ରେମ ବିବାହର ମୂଳ ଭିତ୍ତି ଥିଲା । କିନ୍ତୁ ପାତ୍ରର ଶକ୍ତିକୁହିଁ ପିତାମାନେ ବେଶି ମୂଲ୍ୟ ଦେଉଥିବାରୁ ରାକ୍ଷସ ବା ଆସୁର ବିବାହକୁ ମଧ୍ୟ ସେମାନେ ଗାନ୍ଧର୍ବ ବିବାହ ତୁଲ୍ୟ ମନେ କରୁଥିଲେ ।

ନାରୀ ଜାତିରେ ସାଧାରଣ ଶିକ୍ଷା ଓ କଳାଶିକ୍ଷାର ପ୍ରଚଳନ ଥିଲା । ନାରୀ ଜାତି ସନ୍ତାନ ପାଳନ ବୃତ୍ତିରେ ସବୁ ପ୍ରକାର କାର୍ଯ୍ୟ ସମ୍ପାଦନରେ ନିପୁଣ ଥିଲା । ସ୍ୱୟମ୍ବର, ଯୁଦ୍ଧ ପ୍ରଭୃତି ବିଷୟରେ ମଧ୍ୟ ତାର ସମ୍ପର୍କ ରହିଥିଲା ।

## ବିବାହବିଧି :

ସାରଳା ଦାସଙ୍କ ମହାଭାରତରେ କନ୍ୟାହରଣ, ଯୁଦ୍ଧ, ଗାନ୍ଧର୍ବ ବିବାହ ପରେ ପୁଣି ପ୍ରାଜାପତ୍ୟ ବୈଦିକ ରୀତିରେ ବିବାହ, ମଙ୍ଗଳକୃତ୍ୟ, ଲକ୍ଷଣଶୁଦ୍ଧି, ଧର୍ମ ମଙ୍ଗଳା, ମଙ୍ଗଳ ଅଧିବାସରେ ବର କନ୍ୟା

ହୁଳହୁଳି, ତୈଳ, ହଳଦୀ ଲଗାଇବା, ଗନ୍ଧଦ୍ରବ୍ୟ, ନଅଗ୍ରହଯଜ୍ଞ, ସାଢ଼ ସଧବା ନାରୀଙ୍କର ବରକନ୍ୟା ମଙ୍ଗୁଳା, କୁଶଗ୍ରନ୍ଥିରେ ବରକନ୍ୟା ହସ୍ତଗଣ୍ଠି, ଖଞ୍ଜଳିର ଲକ୍ଷ୍ମୀରତ୍ନ ପ୍ରଦକ୍ଷିଣ, ସମ୍ମୁଖର କନ୍ୟାସମର୍ପଣ, ନୂତନ ମଣ୍ଡିଆରେ ବେଦୀ ଉପରେ ବରକନ୍ୟା ବସିବା, ସାଢ଼ ଜଳଘି ଘାଟି ସ୍ନାନ ପକ୍ଷୁ ଆଣିବା, ବର କନ୍ୟାମାନଙ୍କର ପ୍ରସାଧନ, ଅଳଙ୍କରଣ, ବେଶଭୂଷଣ, ଶିଳାଖଣ୍ଡରେ ବସାଇ ସଧବା ନାରୀ ବର କନ୍ୟା ମଙ୍ଗୁଳିବା, ମୁନିବୃନ୍ଦଙ୍କ ମଙ୍ଗଳାଚାର, ବ୍ରାହ୍ମଣମାନଙ୍କ ଆଶୀର୍ବାଦ, ବେଦମନ୍ତ୍ର ଉଚ୍ଚାରଣ, ଶୁଭ କାମନାକୁ ଜାଣ ନିମନ୍ତେ ଯଶ ହୋମ ମାରିବା, ବାଦ୍ୟର ଝାଞ୍ଜ, ଢୋଲ, ତେଲିଙ୍ଗୀ, ଶଙ୍ଖ, ମହୁରୀ, ବେଣୁ ଭେରୀ, ମର୍ଦ୍ଦଳ, କଂସାଳ, ଘଣ୍ଟାଳି, ବୀଣା, ଶଙ୍ଖ ହୁଳହୁଳି, ପଞ୍ଚଶବ୍ଦ, ଖଞ୍ଜଣି ଶ୍ରୀଖୋଳ ପ୍ରଭୃତି ବାଦ୍ୟ ଶବ୍ଦର ଲେଖା ଅଛି । ବନ୍ଧୁ ବେଢ଼ିବା, ସୁନା ପଲଙ୍କ ଦାନ ଲେଖା ଅଛି । କନ୍ୟାକୁ ଯୌତୁକ ଦେଲେ ଗାଈ, ବଳଦ, ଘୋଡ଼ା, କାଞ୍ଚନ, ଦାସଦାସୀ, ସୁନା, ରୂପା, ଭୂମି, ବସ୍ତ୍ର ଭୂଷଣ, ଖଟ ଖଟୁଲି, ମୁଦ୍ରାମୁକ୍ତା ଇତ୍ୟାଦିମାନଙ୍କୁ ଯୌତୁକ ଦେଉଥିଲେ । ସଧବା ନାରୀ ବେଦୀ କଡ଼ରେ ବାଦ୍ୟ ସହିତ ଗୀତ ଗାଉଥିବା, ଆମ୍ବଡାଳ, ପାନ, ଅକ୍ଷତ, ଦୂବ, ମୁକ୍ତା ଫଳ, ଅଳତା, ସିନ୍ଦୂର, ଚନ୍ଦନ, କସ୍ତୁରୀ, କୁଙ୍କୁମ ପ୍ରଭୃତିରେ ବିବାହ ପରେ ବରକନ୍ୟାଙ୍କୁ ବନ୍ଦାପନା କରିବା କଥା ଲେଖା ଅଛି । ସେକାଳରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା ।

ସାରଳା ଦାସଙ୍କ ସମୟରେ ଆମ ଓଡ଼ିଆ ସମାଜର ଅବସ୍ଥା ଯାହା ଥିଲା, ଅଦ୍ୟାପି ଗ୍ରାମ ସମାଜମାନଙ୍କରେ ତାହା ରହିଅଛି । ଜାତୀୟ ଜୀବନର କେତେ ଅନୁଷ୍ଠାନମାନଙ୍କରେ ସେହି ପରମ୍ପରା ବଞ୍ଚି ରହିଛି । କନ୍ୟାମାନଙ୍କର ଶାଶୁଘରକୁ ଯିବାବେଳେ ପେଡ଼ି ପେଡ଼ି ଅଳଙ୍କାର ଦିଆଯିବା କଥା ସାରଳା ଦାସ ଲେଖିଛନ୍ତି, ଉନବିଂଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭ ଯୁଗ ଧରି ସେହି ଉଲ୍ଲିଖିତ ଅଳଙ୍କାରଗୁଡ଼ିକ ଆମ୍ଭମାନଙ୍କ ପରିବାରର କନ୍ୟାମାନେ ନିଜ ବିବାହ ବେଳେ ଦେଖିଥିଲେ । ନିମ୍ନ ଲିଖିତ ଅଳଙ୍କାର ବ୍ୟବହୃତ ହେଉଥିଲା । ତନ୍ମଧ୍ୟରୁ ମୁକ୍ତାହାର,

ସ୍ୱର୍ଣ୍ଣାଳଙ୍କାରରେ ସୂତାହାର, ମୁଦ୍ରିକା, ତାଡ଼ଙ୍କ, ଝାପ, ଝୁମ୍ପା, କଙ୍କିଣୀ କାଞ୍ଚି, ତାଡ଼, ଗୁଣା ଦର୍ପଣ, କୁଣ୍ଡଳ, ନୂପୁର, ବଳା, ବଳୟ, ଚୂଡ଼ି, ପାହୁଡ଼, ଝୁଣ୍ଟିଆ, ସୀମନ୍ତହାର ଆଦି ଅଳଙ୍କାର, କଣ୍ଠାଭରଣ ପ୍ରଭୃତି ପ୍ରଧାନ । ନାରୀଙ୍କ ବିଷୟରେ ସାରଳା ଦାସ ଲେଖିଛନ୍ତି ।

ଦୁହିତାମାନେ ରଜସ୍ୱଳା ହେବା ପରେ ବିବାହ ହେଉଥିଲେହେଁ ଋତୁକାଳଗତ ଅନୂଢ଼ା କନ୍ୟା ରହିଲେ ପିତୃ ପୁରୁଷଙ୍କ ଶ୍ରାଦ୍ଧରେ ଫଳ ନ ମିଳିବ. ତଥା ଏ ରଜୋଦର୍ଶନ କନ୍ୟାପିତାର ମହାପାପ ବୋଲି ଶାସ୍ତ୍ରୀୟ ବିଧାନର ସମ୍ଭାବନା ହେଉ ନ କନ୍ୟାପିତା ମନରେ ଆଶଙ୍କା ସୃଷ୍ଟି କରି ହୋଇଛନ୍ତି । ସାରଳା ଦାସ ଋତୁବତୀ ସମାନୁବର୍ତ୍ତୀ ହୋଇ କନ୍ୟାପିତାଙ୍କୁ କନ୍ୟା-ଦାନରେ ତତ୍ପର ହେବା ଲାଗି ବାଧ ରୋକିବାକୁ ମଧ୍ୟ ସୃଷ୍ଟି କରିଛନ୍ତି । ପୌରାଣିକ ହରଣମୂଳକ ବିବାହର ମଧ୍ୟସ୍ଥତା କରିବାକୁ ଅଧିକାଂଶ ସ୍ଥଳରେ ନାରଦଙ୍କୁ ଆଣିଛନ୍ତି ଏବଂ ନାରଦଙ୍କ ମଧ୍ୟସ୍ଥତାରେ ଗାନ୍ଧର୍ବ, ବୈବାହିକ ହୋଇ ଶେଷରେ ଅନେକାଂଶ ବିବାହ ସୁଖ ଓ ଶାନ୍ତି ପରେ ନିଷ୍ପତ୍ତି ହୋଇଥିବାର ଦେଖାଯାଏ ।

କନ୍ୟା ବିବାହ ପରେ ଶାଶୁଘର, ଶଶୁରଘରେ ପିତାମାନେ ଯାଉଥିବା କଥା ଲେଖା ଅଛି । ମାତାମାନେ ଯେଉଁ ଯୌତୁକ ଦେଉଥିଲେ ତାର ପରିଚୟ ସବିଶେଷ ରହିଅଛି । ସାରଳା ମହାଭାରତ ଯୁଗରେ ମାତାମାନଙ୍କ ଦାୟିତ୍ୱ ଥିଲା !

"ରାଣୀ ଦେବଦେବୀମାନେ ଆଣି ଯୌତୁକ ଦେଲେ
ସ୍ତ୍ରୀଧନ ନାନା ଯୌତୁକ ସଜାଇ ଆଣିଲେ" (ମଧ୍ୟପର୍ବ)

ଓଡ଼ିଶା ସମାଜରେ ଯୌତୁକ ପ୍ରଥା ଆଦିକାଳରୁ ଚଳି ଆସୁଅଛି । ଏହି ଯୌତୁକ ପ୍ରଥା ପରମ୍ପରାର ସାକ୍ଷ୍ୟ ବହନ କରେ ସାରଳା ମହାଭାରତ ।

## ଗାନ୍ଧର୍ବ ବିବାହ ପରେ ବୈଦିକ ବିବାହ

ସାରଳା ଦାସ ନାୟକ ନାୟିକାଙ୍କ ମଧ୍ୟରେ ଗାନ୍ଧର୍ବ ବିବାହ କରାଇ ପରେ ବୈଦିକ ପ୍ରଥା ବା ଅଗ୍ନି ସାକ୍ଷୀ ଅନୁସାରେ ସେହି ବିବାହକୁ

ବୈଦିକମତରେ ସମ୍ପନ୍ନ କରାଯାଉଛନ୍ତି। ପୁରାଣ ଯୁଗରେ ଦୁରାଧ୍ୟ ଦୃଷ୍ଟିରୁ ସବୁ ଜାତି ହେଉଥିବାର ଜଣାପଡ଼େ। ଯତିକୁ ''ଅଧାରେ ନିଶ୍ଚମ ନାସ୍ତି'' ନୀତିର ପାଳନ କରାଯାଉଥିଲା। ଏହା ସାରଳା ଦାସଙ୍କ କାଳରେ ଘଟି ଥିବା ମଧ୍ୟ ସ୍ୱାଭାବିକ। ମହାଭାରତରୁ ସାମାଜିକ ରୀତି ବ୍ୟବସ୍ଥାରେ ବହୁତର ସାମାଜିକ ବୈଶିଷ୍ଟ୍ୟତା ଦୃଷ୍ଟେ ପ୍ରଥାକୁ ବଦଳା ଯାଇଛି ଓ ଏହି ବଦଳା ପ୍ରଥାକୁ ଲୋକେ ଠିକ ବୋଲି ମାନୁଛନ୍ତି। କିନ୍ତୁ ଏହା ସବୁ ଦ୍ୱାରା ମାନବିକ ଗୁଣ ବା ମନୁଷ୍ୟତାକୁ ସବୁ ରୀତି ବ୍ୟବସ୍ଥାଠାରୁ ଉତ୍ତମ କରି ଦେଖା ଯାଇଛି। ସେହି କାରଣରୁ ସେକାଳର ସାମାଜିକ ଜୀବନରେ ବୈଚିତ୍ର୍ୟମୟ ଶୃଙ୍ଖଳା ରହି ସମାଜ ରୀତି ନୀତିକୁ ବଜାୟ ରଖିଛି। ପକ୍ଷାନ୍ତରରେ ସମ୍ପତ୍ତି ପ୍ରଥା ବା ରୀତି ନିଷେଧ ଗଣ୍ଡି ଭିତରେ ମନୁଷ୍ୟର ବ୍ୟକ୍ତିତ୍ୱ ବା ମନୁଷ୍ୟତ୍ୱକୁ ଲୋପ କରାଯାଇ ନାହିଁ। ଭାରତବର୍ଷରେ ମହାଭାରତ ମୂର୍ତ୍ତି ଦେଶୀୟ ଓ ସାମାଜିକ ସଭ୍ୟତାର ଜନନୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ସ୍ୱୟଂ ବାଲ୍ମୀକି ସମୟରେ ଋଷି ଦ୍ରଷ୍ଟା ତାର ବାସ୍ତବତା କରିଅଛି। ବ୍ୟାସଦେବଙ୍କର ବ୍ରାହ୍ମଣ୍ୟ ପ୍ରତିଭାର ସାଧି ପ୍ରକାଶ କରିଛି। କିନ୍ତୁ ଉଦାର ବୈଦିକ ସମାଜର ପରମ୍ପରା ତାହା ଜୀର୍ଣ୍ଣ କରି ଦେଇଛି। ଫଳରେ ସମାଜ ବାଧ୍ୟ ନିଷେଧ ଗଣ୍ଡି ଭିତରୁ କ୍ରମଶଃ ବାହାରି ଯାଇ ସତେଜ ଓ ସବଳ ହୋଇ ଉଠିଛି ବୋଲି ମନେ ହୁଏ।

ପୁରୁଷର ସ୍ୱଭାବ ଓ ଚରିତ୍ର ଦଣ୍ଡ ସମାଜ ତଥା ରାଷ୍ଟ୍ରନୀତିରେ ରହିଛି। ମୁଣି ଅଧ୍ୟାତ୍ମ ଜଗତରେ ବ୍ୟକ୍ତିର ବୈଦ ଓ ଅବୈଦିକତାକୁ ନେଇ, ସୁବୋଧତା ଓ ସୁରୁଚିର ଚିନ୍ତାର ଭାବ ନାନ୍ଦ୍ରନାଦ ଗାଥି ଧରି ନାଚି କରିଛନ୍ତି। ଓ ସର୍ବୋପରି ମାନବତାକୁ ତାର ହାଡ଼ିରୁ ଏବଂ ବ୍ୟକ୍ତିତ୍ୱରୁ ବେଶ ମଣି ଉଠାଇଛନ୍ତି, ଏହାହିଁ ମହାଭାରତରୁ ସାମାଜିକ ସମ୍ଭାର ସଭ୍ୟତା ବଡ଼—ବଡ଼ କଥା। ଅତଏବ ସମାଜରେ ବ୍ୟକ୍ତିକୁ ହଟିବାର ସମାଜର ସମସ୍ତେ ବଢ଼ି ନାହିଁ—ବ୍ୟକ୍ତି ବା ବ୍ୟକ୍ତିତ୍ୱକୁ ସଙ୍ଗରେ ନେଇ ବା ଆପଣେଇ ଥୋଇ ମହାଭାରତଙ୍କ ସମାଜର ପ୍ରଗତି ଘଟିଛି। ସେହି ଦୃଷ୍ଟିରୁ

ସାରଳା ମହାଭାରତର ସମାଜ, ପରିବାର, ରାଷ୍ଟ୍ର, ଅର୍ଥ, ପରମାର୍ଥ, ଦେହ ଓ ଆତ୍ମା ସବୁ ଉପରେ ବୈଜ୍ଞାନିକ ଦୃଷ୍ଟିକୋଣ ବୋଲି ବୋଧ ହୁଏ।

## ବିବାହରେ ଲୋକାପବାଦ

ସେ ଯୁଗରେ କନ୍ୟାମାନଙ୍କୁ ସମସ୍ତଙ୍କର ଭୟ ଥିଲା। କନ୍ୟା ବିବାହ ପୂର୍ବରୁ ଦୁହିତା ହେଲେ ପିତୃକୁଳର ଲଜ୍ଜା ଓ ଅପମାନ ହେଉଥିଲା। ଶାମ୍ବ ଦୋଷମନରେ ଚନ୍ଦ୍ରାବତୀଙ୍କୁ ଭୁଞ୍ଜି ପରିବା କଥା ଶୁଣି ଯୁଧିଷ୍ଠିର-ଦୁର୍ଯ୍ୟୋଧନଙ୍କୁ କହୁଛନ୍ତି—

"ତୁମ୍ଭର ହୋଇଲା ମାନହାନି ଯେ ରାଜା-
ଦୁହିତାପୁତ୍ରକୁ ହେଲା ଶାମ୍ବକୁଳେ ଲକ୍ଷ୍ମଣା,"

ଅବସ୍ଥା ଦେଖି ଦୁର୍ଯ୍ୟୋଧନ ବଳଦେବଙ୍କ ଦ୍ୱାରା ଶାମ୍ବକୁ ଖବର ଦେଲେ। ଯାହା ହେବାର ହେଲା; ଏ ଲଜ୍ଜାର ପ୍ରତିକାର ତାଙ୍କୁ କରିବାକୁ ହେବ। ସ୍ୱୟଂବର ସଭାରେ ଲକ୍ଷେ ରାଜାଙ୍କ ସମ୍ମୁଖରୁ ସେ ଝିଅ ହରଣ କରି ନେଇଯାଉ। ଲୌକିକ ଲଜ୍ଜା ଓ ଅପମାନର କ୍ଷତିପୂରଣ ବିବାହ ଦ୍ୱାରା କରି ହେଉଥିଲା। ଏହାହିଁ ସେ କାଳ ସମାଜର ପ୍ରଥା ଥିଲା। ମହାଭାରତକାର ଲେଖିଛନ୍ତି:—

"ବହୁଦିନୁଁ ଝିଅ ଦାଣ୍ଡରେ ଯୁବା ହେଲେ
ଆର ରାଜା ପିତୃଗୃହ ପାଶୁଛନ୍ତି ନେଲେ।
କେବେ କେବେ ସେ କଣ ତାର ଉଚ୍ଛୁଳି କ୍ଷୁଧ
ବୋଧବାର ଏହା ନିଜ ମୁଖରେ କହଇ
ପଦଚାଳି ଯୁବା ତନୟା ଘରେ ନ ରଖିବ
ସେ କନ୍ୟାକୁ ରଖିଲେକି ଆପଦ ପଡ଼ନ୍ତ"

(ଆଦିପର୍ବ)

"ଯୁବା କନ୍ୟା ଘରେ ତୁମେ ଏବେ ସେ ରଖିଲ
ଏତେବଡ଼ ଅନର୍ଥ ତୁମେ ଅର୍ଜିଣ ବସିଲ।

କୁମରର ଏତେ ଟିକ ଦୋଷ ହେବ ନାହିଁ
ପୁରୁଷ ହୋଇଲେ ଯୁବା ସ୍ତ୍ରୀ ନ ଛାଡ଼ଇ !
× × × ×
କେତେକାଳେ କନ୍ୟା ହୋଇ ଯୁବତୀ ହୋଇଲା
ଅନ୍ୟ ଲୋକେ ପ୍ରଭାତି ଦେଖି ସେ ହୋଇଲା !”

କୃଷ୍ଣ ଦ୍ବିଜବଂଶୀ କୃଷ୍ଣଶେଖରଙ୍କୁ କହିଲେ:—

‘‘ଏକାଦଶେ କନ୍ୟା ଦାନ ନ ଦେଲୁ ରାଜନ
ତେଣୁ କୃଷ୍ଣା ତୋହର ଯୁବତୀ ହୋଇଲା
ଆମ୍ଭ ପୁରୁଷଙ୍କୁ ଯେବେ ଦେଖି ସେ ପାଇଲା
ତୁ ଭାଗ୍ୟ କିଛି ନ ଦେଇ ରଖିଲୁ ଘରେ
ତେଣୁ ମହାଦୋଷ ତାକୁ ହେଲା ଆମ୍ଭ ମତେ ।”

ଦୋଷାପବାଦ କମ୍ପକୁ ଉଦ୍ଧାରିବା ଉଦ୍ଦେଶ୍ୟରେ ଯୁକ୍ତି ବ କହୁଛନ୍ତି:—

‘‘ସତ୍ୟତେ ଏ କଥା ହେଲା ଦୋଷଜନ୍ୟ ଅଟଇ !
ଏ ସବୁ କଥାକୁ ଶୁଣେ ଜଣେ ନ ଯୋଗାଇ
ଲୋକରେ ଅପଯଶ ପୁଣି ଏଥେ ନାଶ ଯାଇ ।
ବୁଦ୍ଧିବାର ମନ୍ତ୍ରଣ ନ ଜାଣିବେ ଲୋକେ
ଆମ୍ଭଙ୍କୁ ତ ଦେବ ଦୋଷି ବୋଲିବେଟି ଶୋକେ ।”

ଉପରୋକ୍ତ ପଦମାନଙ୍କରୁ ଜଣାଯାଏ ରାଜା ପ୍ରଜା ସମସ୍ତଙ୍କ ଗୃହରେ ଓ ସାମାଜିକ ଜୀବନରେ କେଉଁ ପରାଦିକୁ ଭଲ ଥିଲା ଓ ଯେଉଁ ଭଲ ଅତିକ୍ରମ ନ ଥିଲା ବୋଲି ସାମାଜିକ ଗଠନ ଶୃଙ୍ଖଳ ଅନୁସାରେ ନିର୍ମିତ ହୋଇଥିଲା । ଯେଉଁମାନେ ଶରତ ବ୍ୟକ୍ତିର ଉଦ୍ଧାର ଅପେକ୍ଷିତ ଥିଲେ ସମାଜର ଶାନ୍ତି ଥିଲା ।

## ନାରୀଶିକ୍ଷା

ସେହି ଯୁଗରେ ନାରୀଶିକ୍ଷା ସାଧାରଣ ଭାବରେ ଦେଶରେ ପ୍ରଚଳିତ ଥିଲା । ତାହା ନ ଥିଲେ ରାଜକନ୍ୟାମାନଙ୍କ ବରଣ, ଶିକ୍ଷାଦ୍ବୟଙ୍କୁ

ରନ୍ଧଣା ଦାସୀବା ସମୟରେ ସାରଳା ଦାସ ବିବାହିତବେଶୀ ନାରୀକେଉ ଯୁବତୀମାନଙ୍କର ଗୀତ ଗାଇବା କଥା ଲେଖି ନ ଥାନ୍ତି ।

ମହାଭାରତ ବିରାଟ ପର୍ବର ପାଣ୍ଡବ ଅଜ୍ଞାତବାସ କାଳରେ ଯେଉଁମାନେ ଯେତେବେଳେ ବିରାଟ ରାଜାଙ୍କ ଘରେ ଛଦ୍ମବେଶରେ ରହି ଚାକିରି କରୁଥିଲେ, ସେତେବେଳେ ଅର୍ଜୁନ ନାରୀର ଛଦ୍ମବେଶରେ ବୃହନ୍ନଳା ନାମ ଧାରଣ କରି ରାଜକୁମାରୀ ଉତ୍ତରାଙ୍କୁ ନୃତ୍ୟ ଗୀତ ଓ କଳା ବିଦ୍ୟା ଶିକ୍ଷା ଦେବା କଥା ଲେଖା ହୋଇ ନ ଥାଏ । ଏହା ସାରଳା ଦାସଙ୍କ କପୋଳ-କଳ୍ପିତ ନୁହେଁ, ମୂଳ ମହାଭାରତର କଥା । ମୂଳ ମହାଭାରତରେ ବ୍ୟାସଦେବ ଦ୍ରୌପଦୀଙ୍କୁ ସୈରିନ୍ଧ୍ରୀ ବୋଲି ଲେଖିଛନ୍ତି, ମାତ୍ର ସାରଳା ଦାସ ତାଙ୍କର ଲେଖନ ପଠନ କଥା ଲେଖି ନାହାନ୍ତି । କିନ୍ତୁ ଶିକ୍ଷିତା ମାର୍ଜିତ-ରୁଚି ଦ୍ରୌପଦୀଙ୍କର ଧର୍ମାଧର୍ମ ଜ୍ଞାନ, ବହୁଦର୍ଶିତା, ସୂକ୍ଷ୍ମ ଲକ୍ଷ୍ୟ ମାର୍ଗଜ୍ଞାନ, ଧର୍ମର ବିବେଚନା କଥା ଲେଖିଛନ୍ତି । ସୁଭଦ୍ରାହରଣ ପରେ କୌରବ-ପକ୍ଷୀୟ ନୃପତିମାନେ ଯେତେବେଳେ କନ୍ୟା ହରଣକାରୀ ଅର୍ଜୁନଙ୍କ ସହିତ ସଂଗ୍ରାମ କଲେ, ସୁଭଦ୍ରା ସେହି ଯୁଦ୍ଧରେ ତାଙ୍କ ସାରଥି ହୋଇଥିଲେ । ସତ୍ୟଭାମା ମଧ୍ୟ ଶ୍ରୀକୃଷ୍ଣଙ୍କ ରଥରେ ସାରଥ୍ୟ କରିବାର ଲେଖା ଅଛି । ଏଥିରୁ ଜଣାଯାଏ, ତତ୍କାଳୀନ ନାରୀ କନ୍ୟାମାନେ ଅଶ୍ୱଚାଳନା, ରଥ-ଚାଳନା ଓ ଧନୁର୍ବିଦ୍ୟାରେ ପାରଦର୍ଶିନୀ ଥିଲେ । ସେ ଯୁଗରେ ନାରୀମାନଙ୍କ ଓ ପୁରୁଷଙ୍କ ଯଥାର୍ଥ ଭାବରେ ସମାଜକୁ ସୁରକ୍ଷା କରୁଥିଲେ, ସେହି ପରମ୍ପରା କଥା କରି କିଛି ନିଷେଧ ନ ଥିବା ସମାଜରେ ଚଳିବା ଏବଂ ସମ୍ପର୍କୀୟ ପୁରୁଷ, ଆତ୍ମୀୟମାନଙ୍କ ସହିତ ସହଯୋଗିତା କରି ସେମାନେ ସାମାଜିକ ଅବସ୍ଥା ଓ ଶିକ୍ଷା ଆଦର୍ଶକୁ ଲକ୍ଷ୍ୟ କରି ଜୀବନଯାତ୍ରା ପ୍ରଣାଳୀ କଷ୍ଟମୟ କରିବା ନିମନ୍ତେ ସେମାନେ ନାରୀଶିକ୍ଷା ଦେଉଥିଲେ । ସେକାଳରେ ସ୍କୁଲ କଲେଜ ନ ଥିଲା । ଗୃହରେ ଗ୍ରନ୍ଥପାଠ କରିବା, ଅନୁଶୀଳନ କରିବା, ଗୁରୁଗୃହରେ ବେଦ ବେଦାନ୍ତ ଓ ଆଧ୍ୟାତ୍ମିକ ଶାସ୍ତ୍ରମାନ ଅଧ୍ୟୟନ କରି ତଦନୁସାରେ ନାରୀଧର୍ମ ପାଳନ କରିବା ବା ଶାସ୍ତ୍ରୀୟ କ୍ରିୟା କଳାପ ଆଚରଣ କରିବା ହୋଇଥିଲା

ନାଗରିକତାର ପ୍ରଧାନ ଅଙ୍ଗ । ଏହି ଶିକ୍ଷା ସାଧାରଣତଃ ମହାଭାରତରୁ ନାରୀଚରିତ୍ରମାନଙ୍କରେ ରହିଅଛି । ମୂଳତଃ ନାରୀର ବୋଧ ଓ ସଙ୍ଗତ ଅଧିକାର ପ୍ରତି ପାରିବାରିକ ଓ ସାମାଜିକ ସମ୍ପର୍କରେ ପରସ୍ପର ସହିତ ବ୍ୟବହାର ଓ ବା ତତ୍ପରେ ଉପଯୁକ୍ତ ମାନସିକ ବୋଧକୁ ନାଗରିକତାର ନମୁନା ବୋଲି ଚିହ୍ନାଯାଉଥିଲା ।

ମହାଭାରତ ଯୁଗରେ ନାରୀର ଲଜ୍ଜା ଓଡ଼ନ ପ୍ରଥା ଥିବା କଥା ଉକ୍ତ ହୋଇଛି । ଅଜ୍ଞାତବାସ ବେଳରେ ବିରାଟରାଜଙ୍କ ପାଟରାଣୀ ସୁଦେଷ୍ଣା ଦାସୀ ଦ୍ରୌପଦୀଙ୍କ ହାତରେ ମଦ୍ୟ କୀଚକ ନିକଟ ପଠାଇ ପ୍ରେରଣ କରିଥିଲେ । ପୁଣି ସେ ଦ୍ରୌପଦୀଙ୍କୁ ମଦ୍ୟପରେ ... ବୋଲି ସମ୍ମାନ ଦାନ କରୁଥିଲେ । ଦ୍ରୌପଦୀ କୀଚକ ନିକଟ ଯିବାକୁ ... ନେଇଯିବା କଥା ଲେଖାଅଛି । ପୁଣି ଦ୍ରୌପଦୀ ସେ ... ଦେଶକାଳ ପାତ୍ର ଅବସ୍ଥାନୁସାରେ ... ନାହିଁ କହିଲେ । ଅଜ୍ଞାତବାସ ପରେ ରାଜ ପାଣ୍ଡବ ଓ ଜନନୀ ନାରୀମାନଙ୍କର ଶୋକାପନୋଦନ ନିମନ୍ତେ ଦ୍ରୌପଦୀ ମାନବଜୀବନର ଦାର୍ଶନିକ ତତ୍ତ୍ୱ କହି ସାନ୍ତ୍ୱନା ଦେଇଛନ୍ତି । ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ନ ଥିଲେ ଦ୍ରୌପଦୀ ନାରୀମାନଙ୍କୁ ପ୍ରାକୃତିକ ଧନ ସମ୍ପଦ ଓ ଜୀବନର ଅସାରତା, ପ୍ରାକୃତିକ ପରିବର୍ତ୍ତନ କଥା କିପରି କହିଥାନ୍ତେ ? କଳ୍ପଣା ନାମକ ବିରାଟର ଦାସୀ ଓ ଦୂତୀ ପୁଣି ରାଣୀ ସୁଦେଷ୍ଣାଙ୍କୁ ଦ୍ରୌପଦୀ ସମ୍ବନ୍ଧେ ଏମିତି କଥା କହି ବର୍ଣ୍ଣନା କରିଅଛନ୍ତି । କୀଚକ ପଠାଇଥିବା ମହାର୍ଘ ପ୍ରଣୟୋପହାରକୁ ତୁଚ୍ଛ ମଣି ଦ୍ରୌପଦୀ ଘୃଣାରେ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ ସୁଦେଷ୍ଣାଙ୍କ ପ୍ରଲୋଭନ ବାକ୍ୟରେ ଅବିଚଳ ରହି ତାଙ୍କର ଶିକ୍ଷିତ ନାରୀର ପରିଚୟ ଦେଖାଇଛନ୍ତି :

"ସୁଦେଷ୍ଣା ସୈରିନ୍ଧ୍ରୀକୁ ସେ ଉତ୍ତମ ଶିକ୍ଷାରେ

× × ×

ମାଗୋ ତୁହି ମୋର ଉତ୍ତମ ବନ୍ଧୁଣୀ
ବିଦ୍ୟାର୍ଥ ପାର୍ଶ୍ୱରେ ମାଗୋ ଅନ୍ୟକୁ ନ ଦେଖି ।

ନଗରର ନାଗରମାନେ ଅଟନ୍ତି ଉତ୍ତମ
ବାର୍ତ୍ତାର କଥା ସର୍ବଥା ନାହିଁ ତୋହର ମନ ।
ମାତ୍ରେ ଚୌଷଠିର ନୀରେ ମୁଁ ଦେଖିଲି ଚେଲାଙ୍କି
ଜାତିଧର୍ମର ତେଜ ଆସ କୁ ଦେଲବି ।"

ନଗରର ନାଗରାଧାରିଣୀଙ୍କୁ ସାରଳା ଦାସ 'ତସ୍କରୀ' ଓ 'ଲମ୍ପଟ ମୁଦ୍ରା' 'ଶୂନ୍ୟକଣ୍ଠୀ' ଓ 'ଅପାଙ୍କ୍ତେୟ' ବୋଲି ଏହିପରି ସବୁ ଶବ୍ଦ ପ୍ରୟୋଗ କରିଛନ୍ତି । ଏହି ନଗରର ନାରୀ ବା ନାଗରିକାମାନେ ଯଥା ସାଧାରଣ ଶିକ୍ଷା ପାଇ ନଥାନ୍ତି ତେଣୁ ସାରଳା ଦାସ ନଗର ନାରୀମାନଙ୍କୁ 'ତସ୍କରୀ' 'ଅବିଶ୍ୱାସିନୀ' ବା 'କୃଷ୍ଣକଣ୍ଠୀ' ବୋଲି ସମ୍ବୋଧନ କରି ନ ଥାନ୍ତେ । ତେଣୁ ନାରୀମାନଙ୍କ ସମ୍ମାନ ରୂପରେ ନାରୀଶିକ୍ଷାର ପ୍ରଚଳନ ସେ କାଳରେ ଥିଲା ବୋଲି ଅନୁମିତ ।

× × × ×

ଲେଖା ପଢ଼ା ଛଡ଼ା ଅନ୍ୟାନ୍ୟ କଳା ଶିଖାଇବା ନାରୀସମାଜରେ ପ୍ରଚଳିତ ଥିଲା । ଅଜ୍ଞାତବାସ ସମୟରେ ପ୍ରଚ୍ଛନ୍ନ ଭାବେ ଅର୍ଜୁନ ସେତେବେଳେ ବୃହନ୍ନଳା ଭାବରେ ବିରାଟଙ୍କ ରାଜପ୍ରାସାଦରେ ବାସ କରିବାକୁ ଉଦ୍ୟତ ହେଲେ, ସେତେବେଳେ ନୃତ୍ୟଗୀତାଦି ଉତ୍ତରାଙ୍କୁ ଶିକ୍ଷା ଦେଉଥିଲେ । ଅର୍ଜୁନ ଉତ୍ତରାଙ୍କୁ ତାଙ୍କର ସଙ୍ଗୀତ ଶିଖିବାକୁ ସାନ୍ତ୍ୱନା ଦେଇ କହିଥିଲେ ଏବଂ ଉତ୍ତରା ଅର୍ଜୁନ ରୂପ ଦେଖି ବା ଶଙ୍କା କରିଥିଲେ ।

ବିରାଟପର୍ବରେ ନାଟ୍ୟବେଶୀ 'ବୃହନ୍ନଳା' ସାଜିଥିବା ଅର୍ଜୁନ ଉତ୍ତରାଙ୍କୁ ନୃତ୍ୟ ଗୀତ ଶିକ୍ଷା ଦେଉଥିଲେ । ମହାଭାରତ ଯୁଗରେ ନପୁଂସକମାନଙ୍କୁ ରାଜାନ୍ତଃପୁରରେ ନାନା କାର୍ଯ୍ୟରେ ନିୟୋଗ କରାଯାଉଥିଲା । ଏମାନେ ଧର୍ମମତ୍ତ ସାରଳା ଦାସଙ୍କ କାଳରେ ମଧ୍ୟ ଥିଲେ । ରାଣୀ ମହଲରେ ସେମାନେ ରହୁଥିଲେ । ଓଡ଼ିଶାର ରାଜାମାନଙ୍କ ରାଣୀ ବା ପାଟରାଣୀଙ୍କ ଅନ୍ତଃପୁରରେ ଏମାନେ ରହୁଥିଲେ । ଓଡ଼ିଶାରେ ଦାସ ବ୍ୟବସାୟ ଭଳି ଏହିଭଳି କୃତ୍ରିମ ଉପାୟରେ ନପୁଂସକ କରିବା ପ୍ରଥା

ରହିଥିଲା । ସେହି କାରଣରୁ ଦାକ୍ଷୀ ବାଦଶାହ ଔରଙ୍ଗଜେବ ଏଭଳି ପ୍ରଥା ବନ୍ଦ କରିବା ପାଇଁ ଓଡ଼ିଶାରେ ଫରମାନ ବା ହୁକୁମନାମା ଜାରି କରିଥିଲେ । ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଏହି ମାଣ୍ଡଲୀମାନଙ୍କ ସଙ୍ଘ ଏପର୍ଯ୍ୟନ୍ତ ରହିଛି . ସେମାନଙ୍କର କେତେ ମାତ୍ରାରେ ପ୍ରଚଳିତ ଉତ୍ସବ ଅନୁଷ୍ଠାନମାନ ପାଳନ ହୁଏ । ସେହି ଜାତିରେ ମନେ ହୁଏ, ଆମ ଦେଶରେ ଗଣିକା ବା ଦେବଦାସୀ ପ୍ରଥା ବନ୍ଦ ଏବଂ ସାମାଜିକ ଦୃଷ୍ଟି ସ୍ତରୁ ବହୁ ପୂର୍ବକାଳରୁ ଚାଲି ଆସିଛି ।

## ଆଡ଼ ଦେହୁଡ଼ା ବା ଲୁଚେଡ଼ା :

ସେକାଳର ନାରୀମାନେ ଦେବର ପ୍ରଭୃତି ସମ୍ପର୍କୀୟ ପୁରୁଷଙ୍କୁ ଲୁଚୁଥିଲେ । ଦେଢ଼ଶୁର, ମଉଳାଶୁର, ଜୋଇଁ, ଭଣିଜାଙ୍କୁ ଏମାନଙ୍କୁ ନାରୀମାନେ ସମୀହ କରି ଚଳୁଥିଲେ । କେନ୍ଦୁଝର ମଫସଲରେ ନାରୀମାନେ ଲୁଚିବାର ପ୍ରଥା ରହିଛି । ଶାଶୁମାନଙ୍କୁ ମଧ୍ୟ ଶଳାଶୁଆଳି ଲୁଚନ୍ତି । ଦେଢ଼ଶୁର ସହିତ ଭାଇବୋହୂର ସମ୍ପର୍କ ବା ସମ୍ବନ୍ଧ ମହା-ପାପରେ ଗଣିତ ହେଉଥିଲା । ମଉଳାଶୁରଙ୍କୁ ଭଣଜାବୋହୂ ଦେଖା ଦିଏ ନାହିଁ ! ତାଙ୍କର ଛାଇ କି ପଡ଼ିବା ବାରଣ । ଦେଢ଼ଶୁର ବ୍ୟବହାର କରୁଥିବା ପଦାର୍ଥମାନ ମଧ୍ୟ ଭାଇବୋହୂ ଛୁଇଁବା ପ୍ରଥା ଆମ ଓଡ଼ିଆ ହିନ୍ଦୁ ସମାଜରେ କଠିନ ଭାବରେ ନିଷିଦ୍ଧ । ଏହାର କାରଣ ସେକାଳରେ ଏକାନ୍ନବର୍ତ୍ତୀ ପରିବାର ଏବଂ ପାରିବାରିକ ସମ୍ପତ୍ତିର ଭାଗ ଓ ପରସ୍ପର ସ୍ତ୍ରୀ ପୁରୁଷ ସମ୍ପର୍କ ଭିତରେ ବ୍ୟବଧାନ ସୃଷ୍ଟି କରି ଶୃଙ୍ଖଳା ସମ୍ପର୍କ ରକ୍ଷିବାପାଇଁ ସେକାଳରେ ସାମାଜିକ ପ୍ରଥା ସୃଷ୍ଟି ହୋଇଥିଲା । ସ୍ତ୍ରୀ ଲୋକ ଶୋଭିତ ରକ୍ଷିବା ପାଇଁ କାଳ ଭାଳି ଏହି ଘୁଙ୍ଗୁଡ଼ି ସମାଜରେ ସେ ସମ୍ମାନ ଶକ୍ତି ହୋଇ ଆସିଛି, ତାହା ସାରଳା ଦାସ କାଳରେ ଓଡ଼ିଶାର ଘରେ ଘରେ ଚଳୁଥିଲା । ବିଶେଷ ପାରିବାରିକ ସମ୍ପର୍କକୁ ନିୟନ୍ତ୍ରଣ କରୁଥିଲା । ଧୃତରାଷ୍ଟ୍ର ଓ ଗାନ୍ଧାରୀ ବାନପ୍ରସ୍ଥ କରୁଥିବା ବେଳେ ପାଣ୍ଡୁ ସେଠାରେ ଉପସ୍ଥିତ ହୋଇ ସିବାକୁ ଦେଖିବାକୁ ବଡ଼ ଲଜ୍ଜିତ ଅନୁଭବ କଲେ ।

"ଧାତକାରେ ବଢେ ଭଲେ ଦାଣ୍ଡ ନିରସ୍ୱାମୀ
ଦୁଷ୍ଟବୁଦ୍ଧି ସର୍ବାଙ୍ଗରେ କହିଲେ ପ୍ରଣମି !
ଗାନ୍ଧାରୀ ଅନ୍ତର ହେଲେ ଘୃଣାଙ୍କୁ ସେ ଦେଖି"

( ଆଦ୍ୟପର୍ବ )

## ସ୍ୱାମୀ ବଶୀକରଣ

ମହାଭାରତସ୍ଥ ନାରୀମାନେ ବିଶେଷତଃ ଅନୂଢ଼ା କୁମାରୀମାନେ ବଶୀକରଣ ମନ୍ତ୍ର ଓ ନାନା ଦୈବୀ କ୍ରିୟା କର୍ମମାନ ସାଧନ କରୁଥିବା ଜଣାଯାଏ । ଉଲୂକ ବିଦ୍ୟା, ନାଗାସ୍ତ୍ର ବିଦ୍ୟା, ମନ୍ତ୍ର, ମୋହନ ପ୍ରଭୃତି ତାନ୍ତ୍ରିକ ବିଦ୍ୟା, ଔଷଧ, ଭୂତି ଆଦି ବିଦ୍ୟାରେ ସାଧାରଣ ନାରୀମାନଙ୍କର ଅଭିଜ୍ଞତା ଥିବାର ସାରଳା ଦାସ ଲେଖିଛନ୍ତି ।

ବନବାସ କାଳରେ ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ନେଇ ପାଣ୍ଡବ ଓ ଦ୍ରୌପଦୀଙ୍କୁ ଭେଟିବାକୁ ଯାଇଥିଲେ । ସତ୍ୟଭାମା ଦ୍ରୌପଦୀଙ୍କୁ ପଚାରିଲେ, "ଆମେ ଅଷ୍ଟୋତ୍ତର-ଶତ, ଓ ଷୋଳ ସହସ୍ର ରମଣୀ! ଶ୍ରୀକୃଷ୍ଣଙ୍କ ମନକୁ ଆମ୍ଭମାନଙ୍କ ଠାରେ ବାନ୍ଧିରଖି ପାରୁନାହୁଁ । ତୁମେ ସ୍ୱାମୀଙ୍କୁ ଜିଣିବା ବିଦ୍ୟା ବଶୀକରଣ ତନ୍ତ୍ର ମନ୍ତ୍ର କଣ ଜାଣି, ଯହିଁରେ ତୁମର ପତିମାନେ ଅନୁଗତ । ଏହାର ସତ୍ୟ କାରଣ କହ ।" ଦ୍ରୌପଦୀ କହିଲେ —

"ଦେବୀଲକ୍ଷ୍ମୀ ପାଞ୍ଚାଳି ଶୁଣ ଅଗୋ ଶିକ୍ଷାବନ୍ତି
ସତ୍ୟ କହୁଛି ତାହା ତୁ କ କରିବୁ ପ୍ରତୀତି ।

ନ ଜାଣଇ ଔଷଧ ନ ଜାଣଇ ମନ୍ତ୍ରକାର୍ଯ୍ୟେ
ସ୍ୱାମୀର ମୁଁ ଆଜ୍ଞାକାରୀ ନୁହଇ ପାଷାଣ୍ଡେ ।

ମୋହର କର୍ମରେ ଜାଣ ଅଛି ପତିବ୍ରତ
କହୁଛି ଏତେକ ମୁହିଁ ଭାର୍ଯ୍ୟାଙ୍କ ପ୍ରକୃତି ।

ନିତ୍ୟ ସାଧନରେ ମୁହିଁ କରେ ତାଙ୍କ କର୍ମ
ସମ୍ପତି ସେବୁଥାଏ ଚିନ୍ତି ଦେବ ଧର୍ମ ।

ନ କରଇ ବ୍ରତ ମୁହିଁ ସୁଦାମାର ବଧୂ
କିଦେଖଙ୍କି ଜାଣିଛ ମୁହିଁ ଗ୍ରହଣ ପ୍ରବିଷ୍ଟି ।
ଏଜଣଙ୍କ ଅଛନ୍ତି ମୋ ଧାଳି ସନ୍ଧିବାସୀ
ସଙ୍ଗ ଚରଚରି ମୁଁ କାର୍ଯ୍ୟକର୍ମ ସାରି ।
ଅଶ୍ୱଶାଳ, ଗଜଶାଳ, ଗୃହେଣ ସବୁ ଚନ୍ତ୍ର
ଏସଂତେକ ଅଦୃଷ୍ଟ ଥାଇ ମୁହିଁ ଚଳିସନ୍ତା ।
ସ୍ୱାମୀ ଆଦି କରି ସେବେଳ ଦାସଦାସୀଗଣ
ସମସ୍ତଙ୍କୁ ମୋର ହୃଦେ ଏକଇ ସମାନ ।
ଘେଞ୍ଚ ଆସନ୍ତେ ଆସନ ଦେଇ ପଞ୍ଚସେଜ୍ୟା
ଅନ୍ତ ଶ୍ରୀଙ୍କରେ ମୋ ଆଣ୍ଡିଣ ମର୍ଣ୍ଣେଷ ସୁଖଯ୍ୟା ।
ଆଗେ ସତ୍ୟା ଏରୂପଣ ଶଙ୍କିଲେ ସ୍ୱାମୀକି
ମନ୍ତ୍ର ଔଷଧ ଆଉ କେଉଁଟା ଜାଣିବି ?”

ଏଥିରୁ ଜଣାପଡ଼େ, ପତିମାନେ ସେ ଯୁଗରେ ବହୁପତ୍ନୀକ ଥିବାରୁ ଏବଂ ଏକନାରୀ ବର୍ଣ୍ଣିତ ନ ଥିବାରୁ ପତ୍ନୀମାନଙ୍କ ଭିତରେ ସପତ୍ନୀଭାବରୁ ଈର୍ଷାର ପ୍ରତିଦ୍ୱନ୍ଦୀ ଭାବ ରହୁଥିଲା । ସେହି କାରଣରୁ ସେକାଳରେ ଶିକ୍ଷିତା ବା ଅଶିକ୍ଷିତା ନାରୀମାନେ ସ୍ୱାମୀବଶ ନିମନ୍ତେ ତନ୍ତ୍ର ମନ୍ତ୍ର ଅନୁଷ୍ଠାନ କରୁଥିଲେ ଓ ଦେବୀ ବିଦ୍ୟା ଶିଖୁଥିଲେ । ତେଣେ ସ୍ତ୍ରୀ ବା ସ୍ୱାମୀକୁ ବଶ କରିବାକୁ ଭୋଜନରେ ଔଷଧ ଦେଇ ସ୍ୱାମୀକୁ ଦପର ବ୍ୟାଧିଗ୍ରସ୍ତ କରି ଅକାଳରେ ବିଧବା ହୋଇ ଓ କନଦାର୍ଣ ଜାଳ ଦଣ୍ଡ ପାଉଥିଲେ ତାହା ଦ୍ରୌପଦୀ ସତ୍ୟଭାମାଙ୍କୁ ବୁଝାଇ କହିଛନ୍ତି । ଦ୍ରୌପଦୀ ସତ୍ୟଭାମାଙ୍କୁ କହିଥିଲେ:—

“ହବରେ ଦେବା ଔଷଧ ଭକ୍ଷି ସେ ପତି
ଚଳିଲ୍ଲା ସ୍ତ୍ରୀଙ୍କର ହୁଏ ସଦଗତି ।”

ସାରଳାଙ୍କ ଯୁଗ ଓଡ଼ିଶାର ସଂସ୍କୃତି ପ୍ରସଙ୍ଗରେ ବନ୍ୟାଞ୍ଚଳ ନାରୀମାନେ ଏଣୁ ବଶ୍ୟ, ଉଚ୍ଚାଟନ, ତାରଣ, ମାରଣ ବିଦ୍ୟାମାନ ଥାଉଛି

କରିଥିଲେ । ଅଦ୍ୟାପି ଆଦିବାସୀ, ଶବର, ସନ୍ତାଳ, କନ୍ଧ ପାଣ୍ଡାଳି ଜାତିରେ ନାରୀମାନେ ଏହିଭଳି ପୂଜା ଉତ୍ସବରେ ଅଗ୍ରଣୀ ଅଟନ୍ତି ।

## ସାଧାରଣ ପାରିବାରିକ ଚିତ୍ର

ସାରଳା ଦାସ କୁନ୍ତୀ ଓ ଗାନ୍ଧାରୀ ଚରିତ୍ରରେ ଦେବୀ ଭାବ ଆରୋପଣ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଜାଆ ଲୋଡ଼ିଲା ପ୍ରତିଦ୍ୱନ୍ଦ୍ୱୀ ଭାବ ଦେଖାଇ ସେମାନଙ୍କୁ ମାନୁଷୀ ରୂପ ଦାନ କରିଛନ୍ତି । ମୂଳ ମହାଭାରତ ଅନୁଯାୟୀ ଏହି ଅଂଶଟି ସାରଳା ଦାସଙ୍କ କଳ୍ପନା । କିନ୍ତୁ ଅଂଶଟି କୌତୁହଳପ୍ରଦ । ସାଧାରଣ ପାରିବାରିକ ଜୀବନର ଘଟଣାକୁ ସେ ତାଙ୍କ କଳ୍ପନାବଳରେ ସୃଷ୍ଟି କରାଇ କୁନ୍ତୀ ଗାନ୍ଧାରୀଙ୍କ ଜୀବନରେ ମଧ୍ୟ ଦେଖାଇଛନ୍ତି । ଦୁଇ ଜାଆ, ସପତ୍ନୀ ଭିତରେ ପ୍ରତିଦ୍ୱନ୍ଦ୍ୱିତା, ଈର୍ଷା ଅତି କଠିନ ବାସ୍ତବ । ଏହା ସବୁ ଯୁଗ, ସବୁ କାଳ, ସବୁ ଦେଶ ଓ ସମାଜରେ ସତ୍ୟ—ଏହା କହିବା ଅନାବଶ୍ୟକ ।

ଶିବପୂଜା କରିବାକୁ ପ୍ରଥମେ ଦୁଇ ଜାଆ ଯାଆନ୍ତି । ଏଠାରେ ଗାନ୍ଧାରୀଙ୍କ ପୂର୍ବରୁ କୁନ୍ତୀ ଯାଇ ପୂଜା କରିବା ଦେଖି ଗାନ୍ଧାରୀ କ୍ରୋଧରେ କହିଲେ—

"ଶୁଣେ ଗାନ୍ଧାରୀ ଯେ ତାଙ୍କୁ ବୋଲଇ ବଚନ
ମୁଁ ସେ ଲିଙ୍ଗ ପୂଜିବାକୁ ଅଟଇ ଯାଜନ ।
ତୁ ଯେ ପୂଜା କଲୁ ମୋର କପଟ ଛଳରେ × × ×
ଅନେକ ଈର୍ଷା କରି ଗାନ୍ଧାରୀ ବୋଇଲେ
ଅପମାନ ପାଇ କୁନ୍ତୀ ଲୁହେଣ ବାହୁଡ଼ିଲେ ।"

କୁନ୍ତୀ— "କୁନ୍ତୀ ଯେ ବୋଇଲେ ମୁହିଁ ପୂଜେ ନିତି ନିତ
ତୁମ୍ଭେ କିପାଇଁ କହିଲ ଏବେ ମୋ ଅଗ୍ରତ ।"

ଏଥିରୁ ଅଭିବାଦ ଦେଖିବାକୁ ଶିବ ବ୍ରାହ୍ମଣର ଛଦ୍ମରୂପରେ ଆବିର୍ଭୂତ ହୋଇ କହିଲେ, "ତୁମ୍ଭେ କୁନ୍ତୀ ପାଣ୍ଡବଙ୍କ ମାଆ ଶୋଧ କର କରୁଛ

ଜଣାଯାଉଥିଲା । ଅଦ୍ୟାପି ପାରଳାଖେମୁଣ୍ଡି, କଟକ, ବାଲେଶ୍ୱର, ପ୍ରଭୃତି ସ୍ଥାନର ଲୋକମାନେ ଜାଣିବାକୁ ଏହାକୁ ଶୁଣି ବିଦ୍ୟାଳୟ ପଢ଼ନ୍ତି ଅଛନ୍ତି ।

## ସାଧାରଣ ଜାତୀୟତାର ଭାବ

ଓଡ଼ିଶା ରାଜ୍ୟ ମଧ୍ୟ ଓ ଭାରତୀୟ ସମ୍ପଦରେ ସେମାନେ କିପରି ଅବସ୍ଥାରେ ରହୁଥିଲେ ତାହା ସେମାନଙ୍କ ମଧ୍ୟରେ ଜାତି ଜୀବନର ସ୍ୱଭାବ ଦେଇ ଦେଖାଇ ସେମାନଙ୍କୁ ମାତୃଭୂମି ପ୍ରତି ଭକ୍ତି ବଢ଼ାଇଛନ୍ତି । ମୂଳ ମହାପୁରୁଷ ପ୍ରାଣ ଏହି ଅବସ୍ଥାର ଚିତ୍ରଣ ସୌଧର ଉଜ୍ଜ୍ୱଳ । କବି ସାହାନୀ ଦେଶପ୍ରେମ । ସାଧାରଣ ଜାତୀୟତାର ଭାବକୁ ପ୍ରକାଶ କରି ସେ ତାଙ୍କ କବିତାବଳୀରେ ମୁକ୍ତି ଦେବାର ନିମନ୍ତେ ଜାତୀୟ ଗୌରବରେ ମଧ୍ୟ ଦେଖାଇଛନ୍ତି । ମୁଁଇ ଜାତି, ଓଡ଼ିଆ ନିଜର ଦେଶ କେତେ ଭଲ, କେଉଁଠି ଅଛି ଭଳିକି କାହିଁକି ! ଏଥି ନିଜ ସୁଖ, ସମ୍ପଦ ଭାଷା, ଧର୍ମ ଦେଶ ଓ ଜାତିର ଶୋଭା—ଏହା କହିବା ଅଛନ୍ତି ।

ଶିକ୍ଷିତ ଓଡ଼ିଆଙ୍କ ସ୍ୱଜାତିପ୍ରୀତି ଦେଖି ତାଙ୍କ ହୃଦୟ ଦୁଃଖିତ । ସେହି ଜାତୀୟଙ୍କ ମୁଖରୁ କବି ଯାହା ଶୁଣି ଦେଖି ତାହାଙ୍କ ମନରେ କହୁଥିଲେ—

> "କେତେ ଶାସନ ସେ ଭାଷା ବୋଲନ୍ତି ଦେଶ,
> ମୁଁ ସେ ଦେଶ ଭୂଷଣରେ ଅଛନ୍ତି ଭଲେ !
> ଛି ସେ ମୂର୍ଖ ଯାହା ଲୋକ କହନ୍ତି ଜଗତେ × × ×
> ଅନେକ ପୁଣି ଏହି ଜାତି ସେ ଦେଖିଲେ
> ଅପମାନ ପାଇ କବି ଦୁଃଖେ କାନ୍ଦିଥିଲେ ।"

ପୁଣି—

> "କବି ସେ ଦେଖିଲେ ମୁଁ ପୁଣି କାହି ଯାଉ
> ତୁମେ କହନ୍ତି କହିଲ ଏତେ ଦୋ ଅଛି ।"

ଏହିଭଳି ଉଚ୍ଚଭାବ ଦେଖାଇ ସେ ସ୍ୱଜାତିର ସ୍ୱାଧୀନତାର ଆଦର୍ଶକୁ ଦେଖାଇ କହୁଥିଲେ, "ତୁମେ ଜୀବ ଜାଗ୍ରତ ମାଁ ଦେଖି ଜଳ ଭୂଇଁ

କାହିଁ ? ଶର ଭାଲି ପ୍ରହରେଷୁ ସମୁଦ୍ରକୁ ପ୍ରତିତରଙ୍ଗ ଆଣିବ, ସେ ପଥ ଶିଳ ଭୁକିବ ।

ଏକଥା ଶୁଣି ପୁରଜନ,ଅ ପାଳୁଛିଲେ । ମନ୍ତ୍ରୀ ଲଭି ଜଣ ହୋଇଲେ । ଖାଇଲେ ନାହିଁ ! ସେ ହସିଲେ ଗାଳିଗୁଲି ବିଭୂଷଣ ଜନନୀ, ପୃଥିବୀଶ୍ରୀ, ସେ ପିଲ ପ୍ରଜା ସବୁ ନେବ । ସେତ ଯାହା ମୁଣ—ମୁଁ ଏଥି ପଣ ଭଣିବ ? ଅର୍ଜୁନ ଅତେଜ ଧୂର୍ଗିଡ ହେଲ ପାଦବାକୁ ସେ ଦାଉଲେ, ତୁମେ ଶଶ, ମୁଁ ଏବେଡ ଦେଇ ଧଳ ନେଇ ସେବକରେ ଲାଗି ହେବି ସେ ଶିବ ତମାଧୂଳି ଏଣେ ସୁଭ୍ରଖିବେ । ମନ୍ତ୍ରୀ ଶିଖାପିଆ ଗଲେ । ପ୍ରଭରେ ବଜ୍ରସ୍ୱରେ କଥା ହେଲ ନାହିଁ । ପାଦ୍ୟାନ୍ତାକୁ ନମସ୍କାର କରି ଶୀବ୍ରଗତା ସ୍ଥେଦେଶରେ ଯାଇ ଦେଖିଲେ ଯେ ଅଳକ୍ତା ସ୍ୱର୍ଣ୍ଣତମ ଗଦା ହୋଇ ଅଛି । ମନ୍ତ୍ରୀ ପ୍ରଜାରେ ବସିଲେ । ଏ ସମୟରେ ଗାଳିଗୁ ଆସି ହୋଇଗଲେ—

"ସ୍ୱର୍ଣ୍ଣଖଣ୍ଡରେ ଦେଖିଲକୁ ବାଟ ନାହିଁ
ବାହୁଡ଼ିଗଲ ଗାଳାଗ ଦଣ୍ଡ ଲଙ୍କା ପାଇଁ"

ଭଣି କହୁଛନ୍ତି:—

"ସୁପୁତ୍ର ରାମଙ୍କ ଦୃଷ୍ଟି ସାଧୁ ହେଲେ
ଲଙ୍କା ପାଇଁଣ ଭାଙ୍ଗାନ୍ତୁ ଗଡ଼ପୁରେ ଗଲେ ।"

ଏଥିରେ ଦେଖାଯାଉଛି, ପୁରୁଷଙ୍କ ଅନ୍ତରେ ଭ୍ରାତୃବିରୋଧ ଭଲ ନାହିଁ ଲୁଚିରେ ଥାଇ ଯାଏ, ନିଶ୍ଚୟ ବୁଝିବ, ସପତ୍ନୀ ପ୍ରକୃତି ଲକ୍ଷଣରେ ସହଜ ବିରୋଧ ରହିଅଛି ଓ ସାଧାରଣ ନାରୀଚରିତ୍ରରେ ଏହା ଏକ ବାସ୍ତବ ସତ । ସେଥିପାଇଁ ମନ୍ଥରାଚରିତ୍ରପାତ୍ରର ପରିଚୟ ଭଲ ଏ ପାଳରେ ବି ଏକାନ୍ତବର୍ତ୍ତୀ ପରିବାର ରକ୍ଷା ବନ୍ଧପାଳ ପାଇଁ ସମ୍ଭବ ହୁଏ ନାହିଁ । ଏହି ସୂତ୍ର ଆଖ୍ୟାନରେ ନାରୀମାନଙ୍କର ଅଦ୍ଭୁତ ଓ ସ୍ୱତନ୍ତ୍ରତାକୁ ଦେଖି ସ୍ୱତନ୍ତ୍ର ଭାବ କରି ପ୍ରଦାନ କରିଛନ୍ତି ମାତ୍ର ।

ନାରୀ ସ୍ୱର୍ଣ୍ଣ ଦେବାକୁ ସନ୍ତାନବତୀ କରେ । ପୁତ୍ରମାନେ ମାତୃ-ଭୂଷଣ ଓ ଦ୍ୱିଗୁଣମାନେ ମାତୃଭୂଷଣ ନିବାର୍ଯ୍ୟ । ପାତ୍ରବି ସେହି

କାରଣରୁ ସାଧୁ ଓ ଯୋଗ୍ୟ; ପୁଣି କୌରବମାନେ ତାର ବିପରୀତ, ଏହାହିଁ କବି ଦେଖାଇଛନ୍ତି ।

ପୁଣି ସାରଳା ଦାସ ପାଣ୍ଡବମାନଙ୍କ ପାରିବାରିକ ଜୀବନର ଯାହା ବର୍ଣ୍ଣନା କରିଛନ୍ତି, ତାହା ପ୍ରତି ପରିବାର ପ୍ରତି ପ୍ରଯୁଜ୍ୟ । ଧର୍ମଯଜ୍ଞ ଆୟୋଜନ ଅବେଳୁ କୃଷ୍ଣ ଗରୁଡ଼ବାହନରେ କୁନ୍ତୀନଗରକୁ ବୁଲିଗଲେ । କୁନ୍ତୀଙ୍କୁ ଶ୍ରୀକୃଷ୍ଣ ପ୍ରଣାମ କଲାବେଳେ କୁନ୍ତୀ ତାଙ୍କୁ କଲ୍ୟାଣ କଲେ । କୁନ୍ତୀ କୁଶଳ ପୁଚ୍ଛିଲାରୁ ଶ୍ରୀକୃଷ୍ଣ ତାଙ୍କ ପରିବାରର କୁଶଳ କଥା ପାଣ୍ଡବଙ୍କୁ କହିଲେ । ଯୁଧିଷ୍ଠିର ଘରକୁ କୃଷ୍ଣ ଆସିବା ଦେଖି ମାଆଙ୍କୁ ରନ୍ଧାବଢ଼ା ଆୟୋଜନ କରିବାକୁ କହିଲେ । କୁନ୍ତୀ ଅନ୍ତଃପୁରକୁ ଗଲେ ।

"ଉତ୍ତର ପୁରକୁ କୁନ୍ତୀ ଦେବୀ ଚଳିଗଲେ
ରୋଷାଇ ଆରମ୍ଭନ୍ତୁ ବୋଲିଣ କହିଲେ ।
ଶୁଣି ଯାଜ୍ଞସେନୀ ମନେ ଆନନ୍ଦ ହୋଇଣ
ଅଗ୍ରଭାଗେ ଶାକ ହେତୁ କଲେକ ପାଚନ ।
କଲେ ସେ ନାନା ବର୍ଣ୍ଣରେ ବ୍ୟଞ୍ଜନ ତିଅଣ
ପଞ୍ଚାମୃତରେ ପାୟସ କଲେକ ରନ୍ଧନ ।
ପଞ୍ଚ ବର୍ଣ୍ଣରେ ପିଷ୍ଟକ କଲେ ହେତୁ ପୁଣ
ଭୋଜନ କରିବେ ବୋଲି ପ୍ରଭୁ ଜନାର୍ଦ୍ଦନ ।
ରନ୍ଧନବଧି ସାଧିଣ ଦ୍ରୁପଦ କୁଳଣୀ
ଯାଇଁ ଜଣାଇଲେ ଦେଖ କୁନ୍ତୀ ଠାକୁରାଣୀ ।"[୨୪]

ପାଣ୍ଡବ ଭ୍ରାତା ଓ ଶ୍ରୀକୃଷ୍ଣ ଆସନରେ ବସି ଭୋଜନ କଲେ ।

"ସ୍ନାନପାନ ଅର୍ଘ୍ୟ ପାଦ ପଖାଳିଣ ଦେଲେ
ସୁବର୍ଣ୍ଣ ଥାଳୀରେ ଆଣି ଅନ୍ନ ପରଷିଲେ ।
ଦିବ୍ୟ ଶୁଦ୍ଧ ଅରୁଆ ଭାତ ପୂରି ଦେଲ
ନାନା ବ୍ୟଞ୍ଜନ ପିଠା ଆଣି କୁନ୍ତୀଦେବୀ
କ୍ଷୀର ଖିରିସାମାନ ଯେ ପରଷନ୍ତି ଆଣି

X X X

ପଞ୍ଚବର୍ଷୀ ପିଲା ପରପନ୍ତରୁ କୋଳକୁ ।ଏ
ଆସୁ ଲେମ୍ବୁ ଝୁଲକ ଦର୍ପ ଅର୍ପଣ ।

ଅତଏବ ଦରିଣ୍ଡୁ—

କର୍ପୂର ବାଡ଼ଅଫାଳ ଦନ୍ତ ଅଣିଦେଲେ ।"

ଏଥିରୁ ମହାଭାରତକାର ଦେଖାଉଛନ୍ତି-ଶାଶୁ ବାହାରେ ପରିବେଷଣ କରିବେ, ବଧୂ ରୋଷଶାଳେ ରହିବେ । ଦ୍ରୌପଦୀ ପଦ୍ମ ଓ ଶ୍ରୀକୃଷ୍ଣଙ୍କୁ ପରିବେଷଣ କରିବାକୁ ଆଡ଼ରୁ ଚାହିଁ ଦେଉଥିଲେ । କୁନ୍ତୀ ପରିବେଷଣ କଲେ । ଦେଖିବା କଥା ଏହି ଯେ ପୂର୍ବକାଳ ବଧୂମାନେ ପରିବାର ନିମନ୍ତେ ଏବଂ ଅତିଥି ଅଭ୍ୟାଗତଙ୍କ ନିମନ୍ତେ ରନ୍ଧନ କରୁଥିଲେ । ଶାଶୁ-ମାନେ ବଧୂମାନଙ୍କ ଉପସ୍ଥିତିରେ ରନ୍ଧନ କରୁ ନ ଥିଲେ ।

ଏ ପ୍ରଥା କେବଳ ପଲ୍ଲୀରେ ନୁହେଁ, ଭୁବନେଶ୍ୱର ଶହରର ଶେଷ-ଭାଗ ପର୍ଯ୍ୟନ୍ତ ଏହାର ହିଁ ଅଦ୍ୟାପି ବହୁ ପ୍ରଦେଶ ଓ ଗ୍ରାମମାନଙ୍କରେ ପ୍ରଚଳିତ ରହିଅଛି । କିନ୍ତୁ ପାଶ୍ଚାତ୍ୟ ଆଧୁନିକ ସଭ୍ୟତା ଓ ପଥାଗତ ଶିକ୍ଷା ସଭ୍ୟତାର ଅନୁକରଣରୁ ଆମମାନଙ୍କର ଦେଶୀୟ ପରିବାର ବନ୍ଧନ ଅର୍ଥ-ନୈତିକ କାରଣରୁ କ୍ରମଶଃ ଶିଥିଳ ହୋଇ ଯାଉଥିବାରୁ ଏକାନ୍ନବର୍ତ୍ତୀ ପରିବାର ଏବଂ ଆତ୍ମୀୟତାର ବନ୍ଧନ ଲୋପ ପାଇ ଯାଉଅଛି । ପୂର୍ବ-ପ୍ରଚଳିତ ପରମ୍ପରାର ବିପରୀତ ମାର୍ଗରେ ଗତି କରୁଅଛି । ସେହି କାରଣରୁ ସାମାଜିକ ପ୍ରଥାମାନଙ୍କର ବିଲୋପ ସହିତ ପାରିବାରିକ ଶୃଙ୍ଖଳା ଏବଂ ମାନସିକ ଶାନ୍ତି ନାଶ ହୋଇ ଯାଉଅଛି । ଫଳରେ ଏ ଯୁଗର ଅଧିକାଂଶ ସ୍ଥଳରେ ଯୁବତୀ ବଧୂମାନଙ୍କ ଉପସ୍ଥିତିରେ ବୃଦ୍ଧା ଶାଶୁମାନଙ୍କର ରନ୍ଧନ, ପରିବେଷଣ ଚଳୁଥିବା ଦେଖାଯାଉଛି ।—

## ଯୌତୁକ ପ୍ରଥା

ରାଜାମାନେ ରାଜକୁମାରୀମାନଙ୍କୁ ବିବାହ ଦେଇ ଦେଲେ ଯୌତୁକ ଦେଉଥିଲେ । ଶାରଳା ଦାସ ମହାଭାରତରେ ଯୌତୁକ ଦେବା କଥା ଲେଖିଛନ୍ତି । ଭୂମନ୍ତ୍ର ସୁଭଦ୍ରା ଅଭିମନ୍ୟୁ ପୂର୍ବଜଙ୍କ ବିବାହରେ

ଅର୍ପଣ କରିବା ସମୟରେ ବିବାହବେଦୀରେ ବସ୍ତ୍ର ପଦାର୍ଥ ଯୌତୁକସ୍ୱରୂପ ଦେଉଥିଲେ । ସେ ଭିତରେ ପରିଚାରୀ, ଚଉଁରୀ ମଧ୍ୟ ଥିଲେ ।

ଲକ୍ଷେକ ଦ୍ରବ୍ୟ ଅବର ଲକ୍ଷେ ଦାସୀ
ବାହୁଣୀ ଦେଲେ ଶଙ୍ଖଶୀ ନୃପବାସୀ ।

## ବିବାହରେ କନ୍ୟାର ମତ

ପୂର୍ବ ମହାଭାରତର କନ୍ୟାମାନଙ୍କ ମତ ପ୍ରତି ଯେ ପିତାମାନେ ସମ୍ପୂର୍ଣ୍ଣ ଖାତିର ଦେଖାଉଥିଲେ, ତାହା ଦ୍ରୌପଦୀ ସ୍ୱୟଂବରରୁ ଜଣାଯାଏ । ଦ୍ରୁପଦ ସ୍ୱୟଂବର ପାଇଁ ବହୁ ରାଜାଙ୍କୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ଦ୍ରୁପଦ ଦ୍ରୌପଦୀଙ୍କ ମତି ଅନୁସାରେ ବିବାହ ହୋଇଥିଲା । ଦ୍ରୌପଦୀ କହିଥିଲେ, ଯାହାର ହସ୍ତରେ ଶରଟିଏ ପଦ୍ମବିନ୍ଧ ହେବ, ତାକୁ ବିବାହ କରିବେ । ସେହି ସତ୍ତ୍ୱେ ସମାଧାନ ଦୁର୍ଯ୍ୟୋଧନଙ୍କଠାରେ ଥିବାରୁ ଦୁର୍ଯ୍ୟୋଧନଙ୍କୁ ବିବାହ କରିଥିଲେ । × × ×

## ଅସବର୍ଣ୍ଣା ବିବାହ

ସ୍ୱର୍ଗର ଦେବକନ୍ୟାଙ୍କଠାରୁ ଆରମ୍ଭ କରି ମର୍ତ୍ତ୍ୟର ରାଜକୁମାରୀମାନଙ୍କ ପର୍ଯ୍ୟନ୍ତ ବହୁ କନ୍ୟାଙ୍କୁ ସାରଳା ଦାସ ନାଗକନ୍ୟାଙ୍କ ପରି ସ୍ୱୟଂବର ମଣ୍ଡପରେ ଠିଆ କରାଇଛନ୍ତି । ଏତଦ୍‌ଭିନ୍ନ ସ୍ଥାନରେ କନ୍ୟା ସ୍ୱୟଂବର ପୂର୍ବରୁ ସ୍ୱ ଇଚ୍ଛାନୁସାରେ ବରନିର୍ବାଚନ କରିଥିବା ବର୍ଣ୍ଣନା ମଧ୍ୟ କରି ଦେଇଛନ୍ତି । ଅଧିକାଂଶ ସ୍ୱୟଂବରରେ ଯୁଦ୍ଧ ହୋଇ ଭାରି କାଣ୍ଡର ବିବାହଶ୍ରୀ ମଧ୍ୟ ଦେଇଛନ୍ତି । କେତେକ କନ୍ୟା ସ୍ୱୟଂବର ଶାସ୍ତ୍ର ମଧ୍ୟ ହୋଇ ନାହାନ୍ତି । ତାହା ପୂର୍ବରୁ ସ୍ତ୍ରୀଙ୍କୁ ଜନନୀ ମନେ ମନେ କଳ୍ପନା କରି ସାରିଥିଲେ; ଶାନ୍ତନୁଙ୍କ ସହିତ ତାଙ୍କର ବିବାହ ପିତା ସ୍ଥିର କରିଥିବାରୁ ସେ ଏହାର ପ୍ରତିରୋଧ କରିଥିଲେ । ଦେବୀର ଅସବର୍ଣ୍ଣା-ବିବାହରେ ତାଙ୍କର ଦାମ୍ପତ୍ୟ ଜୀବନରେ ଏହାର ପ୍ରତିକ୍ରିୟା କେଉଁପରି ରୂପରେ ପଡ଼ିଲା, ତାହା କବି ସାରଳା ଦାସ ଦେଇଛନ୍ତି । ତାହା ଜଣ କଥାରୁ ଅବଲୋକିତ ହୋଇ ନ ପାରେ, କିନ୍ତୁ ମନସ୍ତତ୍ତ୍ୱର ବିଶ୍ଳେଷଣ ଦୃଷ୍ଟିରୁ ଅତି ଉଚ୍ଚ ଧରଣର ହୋଇଛି, ଏଥିରେ ସନ୍ଦେହ ନାହିଁ ।

## ପରାମର୍ଶଦାତା ରୂପରେ ସ୍ତ୍ରୀ

ସମ୍ପଦ ଓ ଆପଦରେ ସ୍ତ୍ରୀମାନେ ସ୍ୱାମୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେଉଥିଲେ ଏବଂ ସେମାନେ ଯଦ୍ୟପି ସ୍ୱାମୀଙ୍କୁ ଅନ୍ଧଭାବରେ ସମର୍ଥନ କରୁ ନ ଥିଲେ। ବେଳେବେଳେ ସ୍ତ୍ରୀମାନଙ୍କର ପରାମର୍ଶ ରାଜା ମନ୍ତ୍ରୀମାନଙ୍କ ପରାମର୍ଶ ଠାରୁ ଅଧିକ ଉପାଦେୟ ମଧ୍ୟ ହେଉଥିଲା। ଜନ୍ମାନ୍ଧ ଯୋଗୁଁ ରାଜ୍ୟଶାସନ ପରିଚାଳନା ସୁଷ୍ଠୁରେ ନ ହେବ ଧୃତରାଷ୍ଟ୍ର ନିଜସ୍ୱ ସତ୍ତା ପାଣ୍ଡୁଙ୍କ ହସ୍ତରେ ସ୍ୱେଚ୍ଛାକୃତ ଭାବରେ ଅର୍ପଣ କରିଥିଲେ ମଧ୍ୟ ସାଧାରଣ ନାଗରିକ ଲୋକପ୍ରିୟତା ଯୋଗୁଁ ପାଣ୍ଡୁଙ୍କ ରାଜତ୍ୱ ଦେଖି ସେ ମନରେ ଆନନ୍ଦ ବା ଶାନ୍ତି ପାଇ ନ ଥିଲେ। ଗାନ୍ଧାରୀ ସ୍ୱାମୀଙ୍କର ମନୋଗତ ଭାବ ବୁଝି ପାରି ତାଙ୍କୁ ଏହି ଭାବ ପରିତ୍ୟାଗ କରିବା ପାଇଁ ଯେଉଁ ପରାମର୍ଶ ଦେଇଥିଲେ ତାହା ସମସ୍ତଙ୍କ ପକ୍ଷରେ ଗ୍ରହଣୀୟ। ଗାନ୍ଧାରୀ କହିଲେ, "ଏହି ସଂସାରରେ କେହି ଅମର ହୋଇ ନାହିଁ। ଧନ ଜନ, ରାଜ୍ୟ ସବୁ ଭଗବାନଙ୍କ ଲୀଳା; କେବଳ ଭଗବାନଙ୍କ ଇଚ୍ଛା ସଂସାରରେ କେହି ବଡ଼ ନାହାନ୍ତି। ସେ କେବଳ ସାକ୍ଷୀ। ତୁମେ ଜନ୍ମାନ୍ଧ ହେବାରୁ, ରାଜତ୍ୱ ଛାଡ଼ିଲ ବୋଲି ଦୁଃଖିତ ହେବାର ନୁହେଁ। ପାଣ୍ଡୁ ରାଜା ହେଲେ ବୋଲି ସେ କିଛି ବଡ଼ ହୋଇଗଲେ ବା ତୁମେ କିଛି ସାନ ହୋଇଗଲ ନାହିଁ। ଏଥିପାଇଁ ମନରେ ଏତେ ଦୁଃଖ କରିବାର କାରଣ ନାହିଁ।" ଧର୍ମକୁ ଆଦରି ରହିବା ପାଇଁ ଗାନ୍ଧାରୀଙ୍କ ଉପଦେଶ କ୍ଷୁବ୍ଧ ମନର ଚିକିତ୍ସକ ଥିଲା। ଧୃତରାଷ୍ଟ୍ର ରାଜା ହୋଇଥିଲେ ସେ ସୁଖୀ ହୋଇ ରହିଥାନ୍ତେ।

ଏହିପରି ଅନେକ ସ୍ଥଳରେ ସାରଳା ଦାସ ସ୍ତ୍ରୀମାନଙ୍କ ମୁଖରୁ ଉପଦେଶବାଣୀ ଶୁଣାଇଛନ୍ତି। କୁନ୍ତୀ ଦୁର୍ଯ୍ୟୋଧନଙ୍କ ପତ୍ନୀ ଭାନୁମତୀ ତାଙ୍କୁ ସତ୍ ପରାମର୍ଶ ଦେଇ ଥିଲେ—ଦ୍ରୌପଦୀ ମଧ୍ୟ ସ୍ୱାମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ମହାଭାରତର ପ୍ରଧାନ ନାରୀ—

ଦ୍ରୌପଦୀ ସେହି ଅସ୍ପଷ୍ଟ କାଳରେ ପଞ୍ଚପତି ବରଣ କରିଥିଲେ। ତାହାର କାରଣ ସାରଳା ଦାସ ଲେଖିଛନ୍ତି ସେ ପଞ୍ଚଭ୍ରାତାଙ୍କର ଦ୍ରୌପଦୀଙ୍କ

ସନ୍ତତି ପରିଣୟରୁ ସୁନ୍ଦରେ ଅଭିଷ୍ଟ ହେବାର ଇଚ୍ଛା ଥିଲା । ସେହି ଉଦ୍ଦେଶ୍ୟ ମନରେ ରଖି ସ୍ୱୟମ୍ବର ଦ୍ରୌପଦୀ ବିଜୟ ହୋଇଥିବା ପରେ ଯେତେବେଳେ ଭାଇଙ୍କ କୁଟୀରକୁ ଫେରିଲେ ସେତେବେଳେ ତାଙ୍କ ମାଆଙ୍କୁ ଲୁଚାଇ ତାଙ୍କୁ କହିଲେ, "ଆମେ ଏକ ଗୋଟିଏ ଫଳ ଆଣିଛୁ ।" ମା କିଛି ନ ବୁଝି କହିଲେ ପାଞ୍ଚଜଣ ଯାକ ବାଣ୍ଟିକରି ଭୋଜନ କର ।" ସେଥିପାଇଁ ମା'ଙ୍କ ବାକ୍ୟ ଅମାନ୍ୟ ନ କରି ସମସ୍ତେ ମିଳି ଦ୍ରୌପଦୀଙ୍କର ସ୍ୱାମୀ ହେଲେ । ଏହି ଆଖ୍ୟାୟିକା ଯାହା ହେଉ ପଛକେ ସେହି ଯୁଗର ହିନ୍ଦୁ ସମାଜରେ ବହୁ ବିବାହ ପ୍ରଥା ଚଳୁଥିବାରୁ ବହୁପତ୍ନୀକ ପୁରୁଷ ଓ ବହୁପତି ନାରୀମାନଙ୍କୁ ସମାଜ ସ୍ଥାନ ଦେଉଥିଲା ; କେହି କେହି ଘୃଣା କରୁ ନ ଥିଲେ । ଯେଉଁଠାରେ ନର ନାରୀ ସ୍ୱେଚ୍ଛାମତ ଅବାଧ୍ୟଭାବେ ଯୌନଚର୍ଚ୍ଚାର ଅନ୍ତରାଳରେ ନିଜର ପ୍ରବୃତ୍ତିମାନଙ୍କୁ ଚାଳିତ କରାଇ ଅଧର୍ମମାନ କରୁଥିଲେ ଏବଂ ସେହି ଅଧର୍ମ ମୂଳରେ ମାନସିକତା ନ ଥାଇ କେବଳ ଦୈହିକ ଉପଭୋଗ ବାସନା ସ୍ଥାନ ଅଧିକାର କରୁଥିଲା; ଅସହିଷ୍ଣୁ ବା ଅସତ୍ କେବଳ ସେହି ସେଥିରେ ଧର୍ମାୟିତ ଥିଲା । ଏହାର ଅର୍ଥ ଏହି ଯେ ଏକ ପୁରୁଷ କନ୍ୟା ନାରୀ "ବଂଶରକ୍ଷା" କୁ ଉଦ୍ଦେଶ୍ୟ ରଖି ସମାଜର ସମ୍ମତିରେ ଏକାଧିକ ନ ରଖି କୌଣସି ପର ପୁରୁଷ ବା ପର ନାରୀ ସହିତ ମିଳନ କରୁଥିଲେ, କେବଳ ସେହି ବ୍ୟକ୍ତିମାନେ ଅନୈତିକ ଓ ଘୃଣିତ ହେଉଥିଲେ । ସେମାନଙ୍କୁ ବ୍ୟଭିଚାର ଦୋଷରେ ଦୂଷିତ, ପାପୀ ବୋଲି କେହି କେହି କହୁ-ଥିଲେ । କିନ୍ତୁ ବହୁପତିକା ବା ବହୁପତ୍ନୀକ ହେବା ଦେଖି ସେହି ଯୁଗ ସମାଜ ନରନାରୀମାନଙ୍କୁ ପତିତ ବା ଲାଞ୍ଛିତ କରୁ ନ ଥିଲା । ଏହାଦ୍ୱାରା ସାମାଜିକ ଉଦାର ଦୃଷ୍ଟି କେବଳ (ମର୍ତ୍ତ୍ୟଲୋକ ନୁହେଁ, ଦେବ-ଲୋକରେ ମଧ୍ୟ ପ୍ରଚଳିତ ଥିବାର ପ୍ରମାଣ ମିଳେ । ସାଧାରଣ ନର ନାରୀ ନୈତିକ ଓ ଧାର୍ମିକ ଥିବାରୁ ସେମାନଙ୍କ ପ୍ରତି ସମାଜ ସଂପର୍କରେ ବାଧ୍ୟବା-ଚରଣ କରି ପାରୁ ନ ଥିଲା । ଏହା ପରେ ସେ ସେ ଜାତିର ସମାଜରେ ପତିତ, ଲାଞ୍ଛିତ ନରନାରୀଙ୍କର ସଂଖ୍ୟା ଅଳ୍ପ ଥିଲା, ତାହା ଧ୍ରୁବ । ସେ ଯୁଗରେ ମଦ୍ୟପ, ଅନ୍ୟାୟାଚାରୀ, ବ୍ୟଭିଚାରୀ ନରନାରୀମାନେ ରହିଥିଲେ ଏବଂ ସେମାନେ ଥିଲେ ବୋଲି ଏହି ତାଙ୍କର ଅସୁସ୍ଥ ସମାଜ ଜୀବନରେ ଉଦ୍ଭ-

ଥିଲା । ରାକ୍ଷସମାନେ ମଧ୍ୟ ଉଚ୍ଛୃଙ୍ଖଳ ଥିବାର ପ୍ରମାଣ ସୁସ୍ପଷ୍ଟଭାବେ ଦେଖିବାକୁ ମିଳେ । ଇନ୍ଦ୍ରଙ୍କଠାରେ ଦେବରାଜୋଚିତ ଏପରି ଉଚ୍ଛୃଙ୍ଖଳ ପର-ନାରୀଙ୍କର ଶ୍ଳୀଳତାହରଣ ଶାପ ପାଇ ନାନା ଲୋକଙ୍କର ଉପହାସ ପାଇବା କଥା ଲେଖା ଅଛି । ସମାଜରେ ଏହି ଅନାଚାର ସୃଷ୍ଟି ହେଉଥିଲା । ତଥାପି ସମଗ୍ର ସାମାଜିକ ଦୃଷ୍ଟିକୋଣ ସ୍ଥିର ସମୁଜ୍ଜ୍ୱଳ ଶାନ୍ତ, ଉଦାର ଓ ଗମ୍ଭୀର ଥିବାରୁ ତାର ବହୁଳବୃଦ୍ଧି ବ୍ୟାହତ ଥିଲା । ସର୍ବୋପରି ସ୍ୱାର୍ଥପର ବାସ୍ତବବୁଦ୍ଧି ନ ଥିବାରୁ ଦ୍ରୌପଦୀ, କୁନ୍ତୀ, ତାରା, ମନ୍ଦୋଦରୀ ପ୍ରମୁଖ ନାରୀ-ମାନେ ପୁଣ୍ୟଶ୍ଳୋକା ଦେବୀରୂପରେ ପୂଜିତା ଓ ଆଦୃତା ହୋଇଛନ୍ତି ।

ଶକୁନ୍ତଳା, ଦମୟନ୍ତୀ ଦୁଷ୍ଟ ଅନ୍ତରର କୁଟିଳ ଚକ୍ରାନ୍ତରେ କି ସନ୍ତାପରେ ଭାସି ଯାଇ ନାହାନ୍ତି ? କିନ୍ତୁ ଜୀବନର କର୍ତ୍ତ-ବ୍ୟନିଷ୍ଠ ପୃଷ୍ଠ ଉପରେ କଦାପି ଅସ୍ୱାଭାବିକ ପ୍ରତିଶୋଧ ନ ନେବା ହୋଇଛି ତାଙ୍କ ବ୍ୟକ୍ତିତ୍ୱ ବା ନାରୀତ୍ୱର ଶ୍ଳାଘା । ଆଧୁନିକ ଯୁଗ ମନସ୍ୱୀ ହେଗେଲ୍‌ଙ୍କ ଭଳି ସେ ସେପରି ଚିନ୍ତା କରୁଥିଲେ ସମାଜରେ ସଭ୍ୟତାକୁ ବଳ ଦେଉଛି ହୋଇଛି, ଜୀବନକୁ ଜାଣିବା ଏବଂ ଜାଣି ବୁଝିବା ଜୀବନର ପୂଜା କରିବା ବା ଜୀବନକୁ ଭଲ ପାଇବା । ସେହି ଭାରତକୁ ଦୃଷ୍ଟାନ୍ତ ଦେଇ ଜୀବନଦେବତାଙ୍କର ଅମୃତ ଆଶୀର୍ବାଦ ପଡ଼ିଥିଲା ସେହି ଆଶୀର୍ବାଦ ଜୀବନ ସଂଗ୍ରାମର ଜୟଯାତ୍ରା ! ବୈଦିକ କାଳରେ ନାରୀମାନେ ସକାମ ହୋଇ ନ ଥିଲେ ଓ ଦୃଢ଼ତାର ସହିତ ଜୀବନ ପଥରେ ନିଜର ମନ୍ତ୍ରଦ୍ରଷ୍ଟା ହୋଇ ରହିଥିଲେ । ସତ୍ୟତା ଜୀବନସାଥୀ ତାକୁ, ସ୍ୱାଧୀନଭାବରେ ବାସ୍ତବ ଜଗତରୁ ବାହାରି ଓ ନାରୀତ୍ୱର ପ୍ରତିଷ୍ଠା ଥିଲା ସେମାନଙ୍କ ଜୀବନର ଲକ୍ଷ୍ୟ ସାଧନା । ସେହି ଯାତ୍ରାରୁ ପଥଭ୍ରଷ୍ଟ ହେଲେ ସେମାନେ ଅନଳରେ ଦଗ୍ଧ ହେଉଥିଲେ ବା ପ୍ରସ୍ତର ମୂର୍ତ୍ତିରେ ସମାଜରେ ତିଷ୍ଠୁଥିଲେ । ଜୀବନ ସଂଗ୍ରାମରେ ପାପ କଳଙ୍କ ଦେଖାଇ ଦେବା ପାଇଁ ସ୍ୱ ସ୍ୱ ଶକ୍ତିସାମର୍ଥ୍ୟ ପାଳନ କରିବା, ସ୍ୱାଧୀନଭାବରେ ଜୀବନ ଗଢ଼ିବା ଏବଂ ପ୍ରାଣୀକୁ ଭଲ ପାଇବା ସେକାଳର ମାନବୀୟ ଆଦର୍ଶ ଥିଲା ।

ଦ୍ରୌପଦୀଙ୍କର ଚରିତ୍ର ମନୋବୃତ୍ତିରେ ଏହି ମୌଳିକତା ହିଁ ବାରିଲା ଥିଲା। ପରମାର୍ଥ ଜ୍ଞାନ, କଷ୍ଟ, ସତୀତ୍ୱ, ଆତ୍ମସମ୍ମାନବୋଧ ଜନିତ ଦର୍ପଣରେ ଦ୍ରୌପଦୀଙ୍କୁ ଯେ ଅପୂର୍ବ ରୂପ ଦେଇଛନ୍ତି, ତାହା ସେ ରାଜକୁମାରୀ ବା ରାଜକୁଳବଧୂ ନ ହୋଇ ଯଦି ସାଧାରଣ ଗୃହସ୍ଥର କନ୍ୟା ବା ବଧୂ ହୋଇଥାନ୍ତେ, ତଥାପି ସେ ନାରୀବିବେକୀତ୍ୱର ପ୍ରତୀକ କଳଙ୍କନିବନ୍ଧା ହୋଇଥାନ୍ତେ। ନାରୀଜାତିର ଅମର ଆଦର୍ଶ ପାଇଁ ତାଙ୍କ ସୃଷ୍ଟିକୁ ଅଭିହିତ କରୁଅଛନ୍ତି।

ଜୀବନର ବାସ୍ତବତା ସେଠି ନାହିଁ। ନାରୀ ଏ ଧରିତ୍ରୀର ରୂପ, ରସ, ଗନ୍ଧ, ବର୍ଣ୍ଣ ସ୍ପର୍ଶମାନଙ୍କ ଭିତରେ ଅନୁଭବ ଦେଇଛନ୍ତି। ଏହି ପୃଥିବୀକୁ ନେଇ ତାର ଜୀବନର ଅବଧାନ। ଯାହାକୁ ନେଇ ଓ ବାସ୍ତବ ଅସ୍ତିତ୍ୱ ପାଇଁ ଜଗତର ସତ୍ୟ, ସେହି ଉପାଦାନକୁ ନେଇ ଆତ୍ମ-ପ୍ରେରଣାରେ ନାରୀ ଗଢେ ସଂସାର, ଗୃହ, ସମାଜ ଓ ରାଜ୍ୟରଚନା। ଦ୍ରୌପଦୀ ଜୀବନଦ୍ରଷ୍ଟାର ପୂର୍ଣ୍ଣାଙ୍ଗୀ ଥିଲେ ବୋଲି ତାଙ୍କର ସେବା ଜୀବନପ୍ରୀତି କୌଣସି ଆଧ୍ୟାତ୍ମିକ ପ୍ରେରଣାରେ ନଷ୍ଟ କରି ଜୀବନର ନିରବଚ୍ଛିନ୍ନ ଦୃଶ୍ୟକୁ ଠେଲି ଦେଇ ମୁକ୍ତ ହୋଇ ସଂସାର କଳ୍ପନା କରି ନାହାନ୍ତି। ସେଥିପାଇଁ ତାଙ୍କର ନାରୀତ୍ୱ ସେତେବେଳେ ଉତ୍କର୍ଷଶ୍ରେଷ୍ଠ ସେଇଥିପାଇଁ ଏକ ପରମ ଶ୍ରେଷ୍ଠ ଆତ୍ମିକ ସୃଷ୍ଟି!

ଏହି ନାୟିକାର ସ୍ୱାମୀମାନଙ୍କ ପ୍ରତି ଯେ ନିଷ୍ଠା ତାହା ସ୍ୱାଭାବିକତା ଦୋଷଯୁକ୍ତ ନୁହେଁ—ପାଣ୍ଡବବଂଶ, ସୋମବଂଶ, କୁଳବଧୂର ଆଭିଜାତ୍ୟ ରକ୍ଷାରେ ବାଧକ ଯାହା, ପାଣ୍ଡବମାନଙ୍କର ବୀରତ୍ୱ ଓ ବଂଶସମ୍ମାନର ଅନାଦର ତାହାହିଁ। ସେହି କାରଣରୁ ସେ ଉପଯୁକ୍ତ ପତିମାନଙ୍କର ସାନ୍ନିଧ୍ୟରେ ସ୍ୱାମୀମାନଙ୍କ ପ୍ରତି ଯେ ଭର୍ତ୍ସନା ବଚନ-ବାଣ ପ୍ରୟୋଗ କରିଛନ୍ତି, ତାହା ତାଙ୍କର ସତୀତ୍ୱ ଓ ନାରୀତ୍ୱର ଗୌରବ ଶତ ସହସ୍ର ଗୁଣରେ ବୃଦ୍ଧି କରାଇ ତାଙ୍କୁ ମହିମାମଣ୍ଡିତା କରିଅଛି। ଏପରି ବିଚିତ୍ର ବାସ୍ତବ ପତିମାନଙ୍କ ଉତ୍ତରର ଯୋଗ୍ୟ ପତ୍ନୀମାନେ

ଜଳୁଥାନ୍ତି କେବଳ ଏହା ଅତି ସ୍ୱାଭାବିକ ପରିଣତ ଦ୍ରୌପଦୀ ଚରିତ୍ରକୁ ଦେଇଅଛି ।

ଦ୍ରୌପଦୀ ପାଣ୍ଡବଙ୍କର ସହଧର୍ମିଣୀ, ସହକର୍ମିଣୀ ଓ ସହମର୍ମିଣୀ ସଖୀ । ଏହି ପତ୍ନୀତ୍ୱ ଭିତରେ ମଧ୍ୟ ତାଙ୍କ ନାରୀତ୍ୱର ଶକ୍ତି ତଥା ବୈଶିଷ୍ଟ୍ୟ ତାଙ୍କର ବ୍ୟକ୍ତିତ୍ୱ । ତାହାପରେ ତାଙ୍କ ପତିଭକ୍ତି ଏବଂ ଅନନ୍ୟାନ୍ୟ ପାତିବ୍ରତ୍ୟ ସମ୍ପନ୍ନର ବାସ୍ତବତା । ସେଥିପାଇଁ ସେ ପୂଜିତା—ସମ୍ମାନିତା ।

ପାଣ୍ଡବମାନଙ୍କ ସ୍ୱାମିତ୍ୱଭକ୍ତିରୁ ହାରିଥିଲେ ସେମାନଙ୍କୁ ଶୃଙ୍ଖଳ ଦାସତ୍ୱରୁ ଓ ତୁଚ୍ଛ ବୋଲି ମାନ ନେବାକୁ ହୁଏ । ଧର୍ମ ଓ ନୈତିକତାର ଦାବୀ ସ୍ପଷ୍ଟ ପକ୍ଷରେ ସେତେ ବଡ଼ ଦେଖିବା ନାହିଁ କି, ଯେଉଁଠି ନାରୀ ଏକାନ୍ତ ନିର୍ଭରଶୀଳା ଓ ପୁରୁଷର ବାହୁଛାୟା ତଳେ ତାର ସ୍ଥାନ ଅଛନ୍ତି, ସେଠାରେ ନିର୍ଭରଶୀଳା ଅସହାୟା ଦୁର୍ବଳା ନାରୀକୁ ବାସ୍ତବତାର ଧୂଳି ଧୂସରରୁ ଅମର୍ଯ୍ୟାଦିତ ହେବାରୁ ବଞ୍ଚାଇବା ଓ ସମ୍ମାନ ସହିତ ରକ୍ଷା କରିବା ତାର ଏକାନ୍ତ କର୍ତ୍ତବ୍ୟ । ସମାଜରେ ଏହାହିଁ ପୌରୁଷର ନାମାନ୍ତର ।

କପଟପାଶା ପରେ ପାଣ୍ଡବବନଗମନବାର୍ତ୍ତା ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଜଣାଇବାକୁ ଯେ ସଙ୍କେତଗୁଡ଼ିକ ଦେଖିଥିଲେ, ତାହା ଭୟଙ୍କର ଥିଲେ । 'ସଞ୍ଜୟ କହିଲେ, ଦ୍ରୌପଦୀ କେଶ ମୁକୁଳା କରି ଚାଲେ । ବାଳମାନଙ୍କର ଅଗ୍ରଦେଶ ମାନ ଖୋସା ବାନ୍ଧିଲେ ନାହିଁ ।

''ଦ୍ରୌପଦୀ କେଶକୁ କରିଛି ମୁକୁଳା
ସର୍ବ ସାଧବୀ ଯେ ପଞ୍ଚଭର୍ତ୍ତାବତ୍ସଳା ।
ଦୁଃଶାସ ଧରିଣ ଭୀମ ଉପାଡ଼ିବ ଶିର
ତେବେ ପୂର୍ଣ୍ଣ ହେବ ଚିନ୍ତା ତାର ମନସ୍କାମ ।
ଦ୍ରୌପଦୀର ବଚନରେ ଚଳିଲେ ସମସ୍ତେ

× × ×

କଳକାଟେ ଦେଖ ଜଣା ଅଛନ୍ତି ମୁକୁଳା
ଏବେ କେଶ ବାନ୍ଧ ନା ତୁ ଭଜ ବୁଦ୍ଧିବାଳା
ବିବାହ ଅବ ଉଚ୍ଛୁଲେ ନା ଜାଣୁ କାହିଁ ବୋଲି
ତୁ ମହାଜନଙ୍କ ସମ୍ମୁଖେ ଏଡ଼ା ଗର୍ବ ଭଲ ।"

କିନ୍ତୁ ପାଣ୍ଡବମାନଙ୍କ ଜୀବନରେ ବସ୍ତୁବାଦ ବଡ଼ କଥା ନୁହେଁ — ସତ୍ୟ, ଧର୍ମ, ସତ୍ୟ ବଡ଼ କଥା । ଯୁଧିଷ୍ଠିର କହୁଛନ୍ତି—

"ଯୁଧିଷ୍ଠିର ବୋଇଲେ ତୁ ଶୁଣ ହେ ବିଦୁର
ସମ୍ପଦ ସ୍ୱାର୍ଥେ ତୁ ନ ଅଟଇ ଯୋଗ୍ୟ
ନିର୍ବନ୍ଧେ ପାଣ୍ଡବଙ୍କର ନାହିଁ ନା ବିନାଶ
ଦ୍ରୌପଦୀକୁ ଛାଡ଼ିଲେ ସେ ହୋଇବ ଅଯଶ ।"

ସୁତରାଂ ନାରୀରକ୍ଷା ପାଇଁ ସେ ପୌରୁଷକୁ ନାରୀମାନେ ମୂଲ୍ୟ ଦିଅନ୍ତି, ପ୍ରକୃତ ସେହି ଦୃଷ୍ଟିରୁ ପୌରୁଷର ମୂଲ୍ୟ କଣ ନାହିଁ । ପୁରୁଷ ସମାଜରେ ଧନୀ ଜଣେ, ପ୍ରତିପାଳକ ସ୍ୱାମୀ ନାରୀରକ୍ଷା, ନାରୀଜାତିର ପ୍ରଧାନ ଆକାଂକ୍ଷା ବଡ଼ କଥା । ଦାର୍ଶନିକ ଦୃଷ୍ଟିରୁ ଏବଂ ମନସ୍ତାତ୍ତ୍ୱିକ ଦିଗରୁ ସାରଳାଙ୍କର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ଅନୁଧାବନ କରିବା କଥା ।

× × × ×

ସାଧାରଣ ଦୃଷ୍ଟିରୁ ଏହା ବିରୁଦ୍ଧ ଯାଇପାରେ, କିନ୍ତୁ ନାରୀ-ଦୃଷ୍ଟିରୁ ଏହାହିଁ ସମୀଚୀନ କଥା, ତା ଅର୍ଥ ଥିଲା ମହତ୍ତ୍ୱ, ତା ପରେ ନାରୀବାଦ ବା ଧର୍ମ । ନାରୀ ଉଚ୍ଚଳବ୍ୟାପରେ ଏହାହିଁ ସହଜ ସତ୍ୟ । ସେହି ଦୃଷ୍ଟିରୁ ଦେଖିଲେ ଦ୍ରୌପଦୀଙ୍କଠାରେ କର୍କଶ ବାଣୀରେ ବାଚାଳତା ନାହିଁ । ପୁଣି ଚରିତ୍ର ବା ସଂସ୍କାର ଗଠନରେ ଏକ ଅଖଣ୍ଡ ବ୍ୟକ୍ତିତ୍ୱ ଆଦର୍ଶର ସମନ୍ୱୟ । ତାଙ୍କର ସମସ୍ତଙ୍କ ଠାରୁ ଅଧିକ ଶ୍ରେଷ୍ଠ ନିଦର୍ଶନ ବୋଲି ପ୍ରତିଭାଦୀପ୍ତ ଚିତ୍ରିତ କରିଛନ୍ତି ଦ୍ରୌପଦୀ ଏ ଯୁଗରେ ପ୍ରତିଭାମୟୀ ନାରୀ । ସଂସାର ଜଗତରୁ ବାହାରିଲେ ସେ ସାରଳାଦାସଙ୍କ ପର୍ବ।

ସତ୍ୟଯୁଗର ସ୍ୱପ୍ନ, ଚିନ୍ତାଙ୍କର ସର୍ବଶ୍ରେଷ୍ଠ କଳ୍ପନା ମାନବଜାତିର କଲ୍ୟାଣକାମୀ ଋଷି ପ୍ରେମିକ ହୃଦୟମାନଙ୍କରେ ସେହିପରି ଜନ୍ମୁଥିଲା । ମଣ୍ଡଳରଥଯୁ ନିର୍ଦ୍ଦେଶରେ ଏହି ଯାତ୍ରା ଦେବକୀ କଲ୍ୟାଣକାମୀ-ଦୁର୍ଗିଣୀ ।

× × × ×

ସାରଳା ଦାସ ଯେଉଁ କାଳରେ ଓଡ଼ିଶାରେ ଆବିର୍ଭୂତ ହୋଇଥିଲେ, ବଙ୍ଗର ମହାଭାରତକାର ସେହି ସମୟରେ ଲୀଳାଭୂମିରେ ବଙ୍ଗଳାରେ ଆବିର୍ଭୂତ ହୋଇଥିଲେ । ୧୬୪୦ ଖ୍ରୀଷ୍ଟାବ୍ଦରେ କାଶୀରାମ ଦାସଙ୍କ ଜନ୍ମ । ସେ ବହୁତ ପରେ ଓଡ଼ିଶାକୁ ଆସି ମୃତ ହୋଇଥିଲେ । ତାଙ୍କ ମହାଭାରତରେ ସାରଳା ଦାସଙ୍କ ମହାଭାରତର କିଛି ପ୍ରଭାବ ପଡ଼ିଥିବା କଥା ଭାଷା ଦର୍ପଣକାର ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦ ଶର୍ମା ଲେଖିଛନ୍ତି—ବଙ୍ଗର ସୁବିଖ୍ୟାତ ସାହିତ୍ୟିକ ଶ୍ରୀ ଦୀନେଶ ଚନ୍ଦ୍ର ସେନ (ଡି ଲିଟ୍) ମହୋଦୟଙ୍କ ତଥା କାଶୀରାମ ଦାସଙ୍କ ମହାଭାରତ ମୁଖବନ୍ଧରେ ଲେଖିଛନ୍ତି । କାଶୀରାମ ଦାସ ଏବଂ ତାଙ୍କର ପରିବାରବର୍ଗ ଚୈତନ୍ୟ ପ୍ରଭୁଙ୍କ ଅନୁଗୃହୀତ ଥିଲେ । ସେ ଏବଂ ତାଙ୍କର ପରିବାର ଓଡ଼ିଶା ସହିତ ବିଶେଷ ଭାବରେ ସଂଶ୍ଳିଷ୍ଟ ଥିଲେ । ତାହାର ଅନେକ ପ୍ରମାଣ ଅଛି । ଜାଣି କାଶୀରାମ ଦାସ ମହାଭାରତରେ କବି ସେଥିପାଇଁ ସେପରି ନୀଳାଚଳେଶ୍ୱରଙ୍କ ପ୍ରଶଂସାସୂଚକ ପଦ ତାଙ୍କ ଗ୍ରନ୍ଥରେ ସନ୍ନିବେଶିତ ହୋଇଅଛି ।

କହେ କାଶୀ ଦାସ ପ୍ରଭୁ ନୀଳ ଶୈଳପତି,
ବାହିରେ ଅଧୁନାଙ୍କର ସ୍ୱପ୍ନେ ପଦ୍ମପତି

ଏହିପରି ସ୍ତବକେ ପଦ ସେ ଅନେକ ସ୍ଥଳରେ ଲେଖାଅଛନ୍ତି ।

# ଦ୍ୱିତୀୟ ଅଧ୍ୟାୟ

## ଗଙ୍ଗା, ଅମ୍ବା, ଅମ୍ବିକା, ଅମ୍ବାଳିକା, ସତ୍ୟବତୀ

ସାରଳା ଦାସଙ୍କ ମହାଭାରତର "ଗଙ୍ଗା" ଏକ ନୂତନ ସୃଷ୍ଟି । ମୂଳ ସଂସ୍କୃତ ମହାଭାରତରେ ଗଙ୍ଗାଙ୍କୁ ଦେବୀ ରୂପରେ ଚିତ୍ରିତ କରାଯାଇଛି ତାଙ୍କଠାରେ ସବୁ ମହନୀୟ ଗୁଣ ଆରୋପିତ କରାଯାଇଛି; କିନ୍ତୁ ସାରଳା ଦାସ ସେ ପଥରୁ ଏକାବେଳକେ ଓଲଟା କରିଛନ୍ତି । ତାଙ୍କର ଗଙ୍ଗା ଦେବୀ ନୁହନ୍ତି, କେବଳ ସେ "ଗାଙ୍ଗୀ" । ଆଜି ବି ଓଡ଼ିଶାରେ ଗାଙ୍ଗୀ କହିଲେ ଝଗଡ଼ାକୁଟିଆ ସ୍ତ୍ରୀଲୋକଙ୍କୁ ବୁଝାଏ । ଦୁର୍ଦ୍ଦାନ୍ତ ଧୃଷ୍ଟା, ମୁଖରା ହେଲେ, ସ୍ୱାମୀଙ୍କୁ ଅବହେଳା କରି ନାନା ପ୍ରକାର ନିର୍ଯ୍ୟାତନା ଦେଲେ ସ୍ୱାମୀ ସ୍ୱଚ୍ଛନ୍ଦରେ ତାହା ବରଦାସ୍ତ କରୁଥିଲେ । ସାଧାରଣରେ ଲୋକେ ଏହିପରି ଭାର୍ଯ୍ୟାଙ୍କୁ "ଗାଙ୍ଗୀ" ବୋଲି କହନ୍ତି । "ଗଙ୍ଗା ବୋଲିଲେ ଥିବ, ଗାଙ୍ଗୀ ବୋଲିଲେ ଯିବ" ଏହି ପ୍ରବାଦଟି ଓଡ଼ିଶାରେ ଘରେ ଘରେ ପ୍ରଚଳିତ ।

× × × ×

ସତ୍ୟବତୀଙ୍କର ଜନ୍ମ ଏବଂ ତାଙ୍କ ଚରିତ୍ର ବିଚିତ୍ର । ଏହି ନାରୀ ସମାଜ ଓ ନୀତିର ଧାର ଧାରି ନାହାନ୍ତି । 'ବଂଶଲକ୍ଷ୍ମୀ' ର ସନ୍ତାନ ଏହାଙ୍କୁ ନେଇ ଅନେକ ନୀତି ଅତିକ୍ରମ କରିଛନ୍ତି : କାଶୀରଣ—କୁଳଠାରୁ ନାସ୍ତିକମ୍ଭିକୁ ଦୂର ବୋଲି ଏହି ନାରୀ ଚରିତ୍ର ଗୋଳିଆ । ଅମ୍ବା, ଅମ୍ବିକା, ଅମ୍ବାଲିକା ଏମାନେ ସେହି ନାଳର ପଦ୍ମ । ଏମାନଙ୍କର ସ୍ୱତନ୍ତ୍ର ସତ୍ତା ନାହିଁ । ସ୍ନେହ, ଶ୍ରଦ୍ଧା, ବାଧ୍ୟତା, ଆଦେଶାନୁବର୍ତ୍ତିତା ଗୁଣମାନ କେବଳ ଏମାନଙ୍କ ଚରିତ୍ରକୁ ଶୋଭିତ କରିଅଛି ।

× × × ×

କୁମାରୀ ସ୍ୱଜନରତା ଗଙ୍ଗା ଦେବୀଙ୍କୁ ଯେତେବେଳେ ଯୌବନବତୀ ହେଲେ, ସେ ସ୍ୱୟମ୍ବରା ହେବେ ବୋଲି ପିତା ତାଙ୍କ ନିମନ୍ତେ ଚନ୍ଦ୍ର

କଲେ ; କିନ୍ତୁ କନ୍ୟା ନିଜର ପ୍ରକୃତ ପଣ ନ ପାଇଲେ ବିଭା ହେବେ ନାହିଁ ବୋଲି କହିବାରୁ ପିତା କିଂକର୍ତ୍ତବ୍ୟ ହୋଇ ଭଗବାନ ପ୍ରଭୁଙ୍କୁ ପ୍ରାର୍ଥନା କଲେ ।

“ଭୃତ୍ୟାର୍ତ୍ତି ଶୁଣି ଧନେ ନର୍ତ୍ତକୀ କହଇ

× × ×

ସ୍ତ୍ରୀ ଜନମ ନିଷ୍ଫଳ କନ୍ୟାକୁ ଜାଣିବ
ସ୍ୱସ୍ୱରୂପ ଛନ୍ଦିଲା ବି ଦେବତାଙ୍କୁ ତାଳ ;
ମା. ବାକ୍ୟ ଶୁଣିଲୁ ମାଗୋ ତୋହର ମନ ଇଚ୍ଛା
ମାଳା ଦେଇଣି ବରଣ କରିବୁ ଗୋ ତପସ୍ୟା ।
ଗଙ୍ଗା ବୋଇଲେ ବାପଙ୍କ ଗୃହିଁ ଅଟେ ଜାତ
ଭୂମିର୍ତ୍ତି ମୋହର ପ୍ରିୟ ନାହିଁ ଏ ମୋ ବ୍ରତ ।
ନର୍ତ୍ତକୀ ବୋଇଲେ ମାଗୋ କହଇ ମୁଁ ତୋତେ
ତୁ ବିଭା ନୋହିଲେ ଦୋଷ ଲାଗିବଟି ତୋତେ ।
ଦୁହିତା ହୋଇଲେ ପିତା ଘରେ ରହେ ବାଳୀ
ଏବେହିଁ ପୁଣି ସେ ତାର ନର୍କଗତି ।
ଗଙ୍ଗା ବୋଇଲେ ଅନେକ ଯୁଗ ବସୁଥିବ
ଏଣୁ ଘରେ ଥିବି ତାତ ବଡ଼ ବାଳିକାଟି ।

ଗଙ୍ଗା ଧ୍ୟାନରେ ବସିଗଲେ । ଏଣେ ଶାନ୍ତନୁ ତାଙ୍କ ପ୍ରତି ଆସକ୍ତ ହୋଇଥିବା ଦେଖି ଗଙ୍ଗାଙ୍କ ପିତା ନନ୍ଦଶାକୁ ଯାଇ ସଙ୍କଳ୍ପ ପୂର୍ବକ ଶାନ୍ତନୁଙ୍କୁ ବରଣ କରିବାକୁ ଇଚ୍ଛିଲେ । ଉଷତ ନର୍ତ୍ତକୀ ବୈଶାଖ ମେଷ ବୃଷ ଚତୁର୍ଥୀ, ତିଥିରେ ଚନ୍ଦ୍ରବାର ସ୍ୱାତୀ ନକ୍ଷତ୍ର ଭୃଗାଂଶୁ ପ୍ରଭାତ ଧନୁଲଗ୍ନର ଦଶଘଡ଼ି ବେଳରେ ଲକ୍ଷ୍ମୀଯୋଗ ଓ ଚୈତ୍ରଳ ନକ୍ଷତ୍ର ସମୟରେ ଶାନ୍ତନୁଙ୍କୁ ବାକ୍‌ଦାନ କଲେ; କିନ୍ତୁ ବାହା ବେଳରେ ଉଭୟ କୁଳର ବଂଶ, ନାମ ଓ ଗୋତ୍ରାଦି ଉଚ୍ଚାରଣ ହେବାର ଦେଖି ଗଙ୍ଗା ଆଶ୍ଚର୍ଯ୍ୟ ହୋଇ ପିତାଙ୍କୁ କହିଲେ “ଏ ତ ବଡ଼ ଅଦ୍ଭୁତ ! ମୋର

ଜଣାବଳର ଯୋଗାଡ଼ ନାହିଁ, ଏ ପଞ୍ଚଙ୍କୁ ମୁଁ ବାନ୍ଧିବି କେଉଁଠି ? ତୁମେ ନ ଜାଣି କେଉଁ ପ୍ରତ୍ୟୟ କଲ ? ସ୍ୱର୍ଗ ମର୍ତ୍ତ୍ୟ ଅବ ଭୁବନଙ୍କୁ ମୁଁ ବାନ୍ଧିବା ହୋଇ ସାଜିଛି ।

"ସମ୍ପୃତି ପରିଲୁ ମା ଗୋ ମୁହିଁ ସତ୍ୟ କଲି
ମନକଲି କାଳ ମୁହିଁ ତୋତେ ଧରିଥିଲି ।
ତୋହର ବଚନେ ସତ୍ୟ କଲି ମୁଁ ଏମାନଙ୍କୁ
ସତ୍ୟଭଙ୍ଗ ହୋଇ ଏବେ ଲାଗୁଛି ଆମ୍ଭଙ୍କୁ ।
ମିଥ୍ୟାର ବଚନ ଶୁଣି ଦେବୀ ଧବଳାଙ୍ଗୀ ।
କୁନ୍ତୀର ତେଡ଼େ ଆସିଲୁ ମାଳା ଦେଲୁ ବେଢ଼ି ।
ଗଙ୍ଗା ବୋଇଲେ ତୁ ଏବେ ଶୁଣ ହେ ଶାନ୍ତନୁ
ମୋହର ବାଳକ ଅଟେ ଶିବଙ୍କୁ ଅଟନ୍ତୁ ।
ଈଶ୍ୱର ହୋଇ ମୁଁ ତୋତେ କଲି ସମ୍ମାନ
ନ ଜାଣିବା ପଣେ ସତ୍ୟ ପାଳନ କର୍ଣ୍ଣାତ ।
ମୋହର ମନେ ବାଳୁର ଜର ଭ୍ରମ ଭାଳି
ତୁ ସତ୍ୟ ପାଶୋରିଲୁ ମୋହର ଅବୋଧି ।
ପିତା ସତ୍ୟ ନ ପାଳିଲୁ ମୋହର ଅବେଳି
ବାମନ ବାଳୁ ପାଦ ଛେଳି ନେଇ ଭାଳି ।
ମୁହିଁ ବାଛୁନୀ ହୋଇ ଦନ୍ଧବ ଅଟାଇ
ଗଙ୍ଗା ଭାବଇ ମୁଁ ତୋତେ ବୋଲେ ନବୁଝାଇ ।
ଅନେକ ହୋଇ କରିଲୁ ପୋଷ ନ ଜାଣିଲୁ
ସବୁ ଦୁର୍ଗ ନାଶ କଲୁ କହି ନ ବୋଲିଲୁ ।
ଲଜ୍ଜ୍ୟା ନ କଲୁ ନ ଦେଲୁ ମୋତେ ଗାଳି
ଅନୁସରେ ପଡ଼ିଥିଲୁ ମୋତେ ଭ୍ରମିତାଳି ।
ଗଙ୍ଗା ହୋଇ ବୋଲିଥିଲୁ ତୁ ଅନୁବର୍ତ୍ତେ
ଗାଙ୍ଗୀ ବୋଇଲେ ମୂର୍ଖ ନ ଥାଇ ସୁରତେ ।"

ଗଙ୍ଗାଦେବୀଙ୍କର ପିତାଙ୍କ ସମ୍ବନ୍ଧ ସ୍ନେହ ଓ ଶ୍ୱଶୁର ଘର ଶାନ୍ତନୁଙ୍କ ସମ୍ପର୍କରେ ତୁଚ୍ଛ ବୋଧିଲେ ମନେ ହୁଏ, ଯୌବନ ଧନର ନାୟିକାମାନେ ନିତାନ୍ତ କୋମଳ, ମୃଦୁଳା ଓ ଲଜ୍ଜାଶୀଳା ନ ଥିଲେ ।

ବିବାହ ପରେ ଶାନ୍ତନୁ ଓ ଗଙ୍ଗାଙ୍କର ଦାମ୍ପତ୍ୟଜୀବନ ସାରଳା ଦାସ ବର୍ଣ୍ଣନା କରିଛନ୍ତି । ତହିଁରେ ଗଙ୍ଗାଙ୍କର ଯେ ଦୃଢ଼, ସ୍ପଷ୍ଟ ଓ ପ୍ରଭୁତ୍ୱପ୍ରିୟ ସ୍ୱା-ଶୀଳ ପ୍ରକୃତିର ପରିଚୟ ଦେଇଛନ୍ତି, ତାହା ଯେପରି ଜୀବନ୍ତ—ସେହିପରି ଗଙ୍ଗାଙ୍କର ନାରୀତ୍ୱରେ ସ୍ୱାଧୀନ ଚିନ୍ତା ଓ ବାସ୍ତବତାର ପ୍ରକୃଷ୍ଟ ପ୍ରମାଣ ଦିଏ ।

ରାଜର୍ଷି ଏକାଦଶୀ କରନ୍ତି । ଗଙ୍ଗା ତାଙ୍କୁ କହିଲେ, "ତୁମେ ରାଜା ହୋଇଛ । ଉପବାସରେ ତୁମେ ଏକାଦଶୀ କର କାହିଁକି ? ତୁମର ତ ଦେବୀପ୍ରତ୍ୟ ଗ୍ରହଣ କରିବାକୁ ହେବ ଓ ପୂର୍ଣ୍ଣିମାରେ ଶଯ୍ୟା ସେବାକୁ ହେବ ।" ରାଜର୍ଷି ମଧ୍ୟ ତାଙ୍କର କଥାରେ ଦୁଃଖ ଭାବ ଉଠାଇ ଶୁଣି ଚିନ୍ତାଗ୍ରସ୍ତ ହେଲେ । କିନ୍ତୁ ଶାନ୍ତନୁ ଏକାନ୍ତ ପତ୍ନୀବଶ ନ ହୋଇ ନିଜର ବ୍ୟକ୍ତିତ୍ୱ ଓ ଧର୍ମକୁ ବଜାୟ ରଖୁଥିଲେ ବୋଲି ଗଙ୍ଗାଙ୍କର ଅତ୍ୟାଚାର ସହ୍ୟ କରୁଥିଲେ । ଗଙ୍ଗାଙ୍କର ଦୃଢ଼ତ୍ୱ ଓ ନୃଶଂସ ପ୍ରକୃତିର ବର୍ଣ୍ଣନା କରି ସାରଳା ଦାସ ଲେଖିଛନ୍ତି—

"ଦେଖ ସେ ଜଳ ଦୁଷ୍ଟା ଭାର୍ଯ୍ୟାର ପ୍ରକୃତି
ନିଷ୍ଠୁର ଭାବରେ ତାର ରହିବ କି ମତି ।
ଅନ୍ନ ଦେଲେ ତାଙ୍କୁ ମୁହିଁ ନ ଶୁଣନ୍ତି ପାଣି
ଗୃହିଣୀ ସେ ପରିତ୍ୟଜ୍ୟା କରନ୍ତି ରଜନୀ ।
ତପ ଧର୍ମ ଶ୍ରଦ୍ଧା ଗୃହୀ ପଶିଲେ ମାଝରେ
କେତେବେ ଦଣ୍ଡ ନ ହୋଇ ସେ ପଳାଇଲେ ଦୂରେ ।
ଅନେକ ସ୍ତ୍ରୀତ୍ୱ ବଚନ ଗଙ୍ଗାଙ୍କୁ କହନ୍ତି
ସେ ତାଙ୍କୁ କଥା ନ କହି ମାନନ୍ତି ଶୁଣନ୍ତି ।

ହସ୍ତେ କମଣ୍ଡଳୁ ପୁଷ୍ପ ପୁଷ୍ପ ଦେଖ ହେମାଶିଣୀ
କୂଳରେ ବେଢ଼ି ଜାଳନ୍ତି ଯଉଁନେ ଫଳୁଣୀ ।
ପୁଷ୍ପ ଘଟ୍ଟଅଛ କହ.ଅଛନ୍ତି ଦର୍ଶନୀ
ଭଳନ୍ତା ଅନେକେ ଋଷି କରନ୍ତି ଚନ୍ଦ୍ରାର୍କି ।
ଦେହମନେ ଜାଣି ଅଛ ନ ଦଅନ୍ତି ପାଣି
ଅନ୍ତରିକ ବେଳରେ ଯେ ଅତିଶୟ କରି ସାଧୁ ।
ଶାନ୍ତିଭଣି ଅଛନ୍ତି ବେଦଯେବେଲେ ଉପୋବନ୍ତ
ବେଷ୍ଟ ଅଛି ମୁନିଙ୍କ ଯେ ମାଧନ୍ତି କହନ୍ତି ।
ମାଟେଥ ଯୁଥ ମାରି ପୁଣି ଧାଡେଧ ପ୍ରହାରନ୍ତି
ଶତ୍ରୁଙ୍କୁ ନଷ୍ଟ ଦନ୍ତ୍ୟାନେ ବନ୍ଧାଉନ୍ତି ।
ଲକ୍ଷ୍ମିଙ୍କ ଦେଖନ ଖଣ୍ଡ ଖଣ୍ଡ କରି ଜବ
କାମିନୀ ବେଣୀ ଫକାଣ୍ଡି ମାଳି ଅଦ୍ଧ ଦେଖ କରି ।
ବୋଳନ୍ତି ଗୁଣ୍ଡା ପୁଣି ଅଙ୍ଗୁରେ ଲିଭିଙ୍ଗା
ଏମନ୍ତେ ଅନେକ ଶାସ୍ତ୍ରି ଦେଖିଲ ଯାଙ୍କୁ ଗଙ୍ଗା ।”

ସୁବର୍ଣ୍ଣକାନ୍ତିର ଗଙ୍ଗାଙ୍କର ଯେ ମୂର୍ତ୍ତିମନ୍ତ ମୂର୍ତ୍ତିର ପ୍ରକୃତ ସାରଳା ଦାସ ବର୍ଣ୍ଣନା କରିଛନ୍ତି । ଗଙ୍ଗାଙ୍କୁ ଦେବରୂପରେ ମାନ୍ୟ କରାଯାଏ ବୋଲି ଦୋଷଗୁଡ଼ିକ ତାଙ୍କ ପକ୍ଷରେ ସ୍ୱାଭାବିକ ହୋଇ ପାରେ । କିନ୍ତୁ ମାନବୀ ପକ୍ଷରେ ଏହା ନିତାନ୍ତ ଅସ୍ୱାଭାବିକ ହେବ । ଏଥିପାଇଁ ସାରଳା ଦାସ ଗଙ୍ଗାଙ୍କ ଚରିତ୍ରକୁ ଉତ୍କର୍ଷ କରିବା ପାଇଁ ଗଙ୍ଗା ଦେବୀଙ୍କ ହସ୍ତରେ ତାଙ୍କ ପୁତ୍ରମାନଙ୍କୁ ହତ୍ୟା କରାଇଥିଲେ ଏବଂ ଶେଷ ପୁତ୍ରକୁ ବଧନ କରିବା କାଳରେ ଶାନ୍ତନୁଙ୍କର କହିବା ଏବଂ ପୁତ୍ରକୁ ଛାଡ଼ିଦେଇ ଅଣି ଗଙ୍ଗାଙ୍କୁ ପାପୀ ବୋଲି କହିବାରୁ ଗଙ୍ଗାଙ୍କର ଜଳରେ ଅନ୍ତର୍ଦ୍ଧାନ ହେବା ବିଷୟ ସାରଳା ଦାସ ବର୍ଣ୍ଣନା କରିଛନ୍ତି ।

× × × ×

ମହାଭାରତରେ ନାରୀମାନଙ୍କର ପ୍ରକୃତି ଏବଂ ରୂପ ଗୋଟିଏ ଗୋଟିଏ ଭିନ୍ନ ପ୍ରକାରର ଏବଂ ତାହା ସ୍ୱାଭାବିକତା ଓ ଅସ୍ୱାଭାବିକତା ନେଇ

ଗଠିତ ହୋଇଥିବାରୁ ସବୁ ସମୟରେ ପାଠକ ପାଠିକା ନାୟକ ନାୟିକାଙ୍କର ପୂର୍ବଜନ୍ମ ବିବରଣୀ ନ ଜାଣିଥିଲେ ମୂଳ ଭାବ ନ ପାଇ ଭେଳକ; ହୋଇଯିବା ସହଜ କଥା ।

## ଅମ୍ବା—

ରାଜର୍ଷି ଶାନ୍ତନୁଙ୍କର ଅଯୋନିଜ ପୁତ୍ରଦ୍ୱୟ ଚିତ୍ରାଙ୍ଗଦ ଓ ବିଚିତ୍ର-ବୀର୍ଯ୍ୟଙ୍କର ବିବାହ ହୋଇଥିଲା ପାଞ୍ଚାଳ ଦେଶର ରାଜା ପଦ୍ମନାଭ ଓ ରାଣୀ ମଳୟବତୀଙ୍କର ତିନି କନ୍ୟାଙ୍କ ମଧ୍ୟରୁ ଦୁଇ କନ୍ୟାଙ୍କ ସହିତ । ବିଚିତ୍ରବୀର୍ଯ୍ୟ ଅମ୍ବିକାଙ୍କୁ ଓ ଚିତ୍ରାଙ୍ଗଦ ଅମ୍ବାଳିକାଙ୍କୁ ବିବାହ କରିଥିଲେ । କିନ୍ତୁ ଗଙ୍ଗାଦେବୀଙ୍କ ଶାପ ଥିବାରୁ ଦୁଇ କୁମାର ଅପୁତ୍ରକ ହେଲେ । ଏଣୁ ରାଜର୍ଷି ଶାନ୍ତନୁ ବଡ଼ ଯାତନାଗ୍ରସ୍ତ ହେଲେ । ଶାପମୋଚନ ନ ହେବାରୁ ଶାନ୍ତନୁ ଭୀଷ୍ମଙ୍କୁ ଅମ୍ବା କନ୍ୟାଙ୍କୁ ବିଭା ହେବା କଥା କହିଲେ । ଭୀଷ୍ମ ରାଜି ହେଲେ । ବିବାହବେଦୀରେ ଭୀଷ୍ମଙ୍କୁ ବରବେଶରେ ଦେଖି ଶାନ୍ତନୁ ବଡ଼ ଆନନ୍ଦିତ ହେଲେ । ପୁଣି କିଛିଦିନରେ ତାଙ୍କ ଚକ୍ଷୁରୁ ଲୁହ ବହିଗଲା । ଭୀଷ୍ମ ଏଥିରେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିବାରୁ ଶାନ୍ତନୁ କହିଲେ—"ତୁମର ବିବାହ ଦେଖି ମୋର ଆନନ୍ଦ ହେବାର କଥା, କିନ୍ତୁ ତୋର ମାତାଠାରୁ ତୋତେ ମୁଁ ସେତେବେଳେ ଛଡ଼ାଇ ଆଣିଥିଲି, ସେତେବେଳେ ସେ ମୋତେ ଶାପ ଦେଇଥିଲେ ଯେ ତୋର ପୁତ୍ର ଭୀଷ୍ମଠାରୁ ଯେଉଁ ସନ୍ତାନ ଜାତ ହେବ ସେ ତୋତେ ହତ୍ୟା କରିବ । ମୋର ଏହି କଥା ମନେ ପଡ଼ି ଖେଦ ହେଉଛି-!" ଭୀଷ୍ମ ତତ୍‌କ୍ଷଣାତ୍ ପ୍ରତିଜ୍ଞା କଲେ ଯେ ସେ ବିବାହ କରିବେ ନାହିଁ । ତତ୍ପରେ ଅମ୍ବାଙ୍କୁ ଭୀଷ୍ମଙ୍କ ଉପରେ ଦେହି ବିବାହ କରିବାକୁ ରାଜି ନ ହେବାରୁ ଅମ୍ବାର ପିତା ପଦ୍ମନାଭ ସ୍ୱୟଂ କନ୍ୟାକୁ ନେଇ ବାରୁଣାବତକୁ ଯାଇଁ ଭୀଷ୍ମଙ୍କ ନିକଟରେ ପୁଣ ଆସିଲେ । ଅମ୍ବାଙ୍କୁ ତାଙ୍କର ପିତା କହିଲେ —

"ତୁ ଅବର ମୋର ପୁରେ କି କରିବୁ ଯାଇ

× × ×

ଦ୍ୱିଜଙ୍କୁ ତୁ ସେବା କରୁଥିବୁ ଅବିରତେ
ସପିଲେ ସଖୀ ନାଶିଲେ ନାଶ ଉଷ୍ଣ ଶୋଭନ ।
ସେବା କରୁଥିଲେ ଅତି କରଇ ସେ ଧାମ୍ୟା
କଲ୍ୟାଣ ଅଟିଥାଏ ଅଟେ ମହାମାୟା !”

ଡଃ ପଟେଲ —

“ଘୃତାଚୀ ଗଧନୀ ନବଯୌବନ ମୂର୍ତ୍ତି
ହୃଦୟଙ୍କ ନବନେ ଗହିଥାଇ ଧରା ଭୂମି ।
ବ୍ୟାସ ମହାକୋପ କଲେ ଦେଖିଣ ସେ ନାରୀ
ବୋଇଲେ ଯାଇଁଶୁଆ ହୋଇ କଣ୍ଠ ବାନ ଧରି ।
କୋପେ ତାହାକୁ ବାହାର କରିଦେଲ ମାତେ
ତାହା ଦେଖିଣ ସୁବାକ ବିମୋହିତ ଚିତ୍ତେ ।”

ଦେବବ୍ରତ ବ୍ୟାସ ମାତାଙ୍କ ଦାକ୍ଷାତ୍କାରୀ ଜଳାମୁଖୀର ଅଧିକାରୀ ଥିଲେ । ସେ ଅସର ନ ଜାଣି ସବୁ ପ୍ରକାର ଶାସ୍ତ୍ର ଶାସ୍ତ୍ରରେ ପଣ୍ଡିତ ଥିଲେ । ପରେ ଓ ନମ୍ର ପ୍ରକୃତି ସମ୍ପନ୍ନରେ ସେ ମାନବ ହୋଇ ଦେବତ୍ୱଲାଭ କରିଥିଲେ । କିନ୍ତୁ ନାରୀ ସମ୍ପର୍କରେ ତାଙ୍କର ଚରିତ୍ରରେ ଯେ ଅସ୍ଥିରତା ଓ ଦୁର୍ବଳତା ପରିଦୃଷ୍ଟ ହୁଏ, ତାହା ନିତାନ୍ତ ସାଧାରଣ ଶ୍ରେଣୀର ଲୋକଙ୍କଠାରୁ ତାଙ୍କୁ ଉଚ୍ଚ କରି ନାହିଁ । ବିବାହ ଜନ୍ମବାକୁ ପ୍ରଶସ୍ତି ହେଲେ ତାହା ଉଚ୍ଚ କରି ଅମ୍ଭ ଦୃଢ଼ ସେ ସେଇଁ ଅସାଧାରଣିକ ନିଷ୍ଠୁରତା ଦେଖାଇଛନ୍ତି, ତାହା ତାଙ୍କର ଚୌଧୁରୀ ଯେପରି ଅଶୁଭନ ଜଣାଇଛି, ଅମ୍ଭକୁ ସେହିପରି କରୁଣାର ପାତ୍ରୀ କରି ଉପଜିଳା ସମସ୍ତଙ୍କ ଛଡ଼ା କରାଇଛି । ନାରୀର ସ୍ଥାନ ସମ୍ବନ୍ଧରେ ନିର୍ଦ୍ଦୟାଚରଣର ଯେ ପ୍ରମାଣଗୁଡ଼ିକ ମହାଭାରତ ଉପାଖ୍ୟାନରେ ଅଛି, ତନ୍ମଧ୍ୟରୁ ବ୍ୟାସଦତ୍ତିକ ଅମ୍ବା ପ୍ରତ୍ୟାଖ୍ୟାନର ସ୍ଥାନ ଦେଖି । ନାରୀଜୀବନ ବାସ୍ତବରେ କେଣ୍ଣ ତାହା ସଂସାରରେ କେତେଦୂର ଅବହେଳାର ବସ୍ତୁ ହୋଇ ପାରେ, ତାହାର ଉଦାହରଣ ସ୍ୱେଚ୍ଛାସୁଲଭ ଅନାଦରର ସ୍ୱରାରେ ସୃଷ୍ଟି ଅତି କରୁଣ ହୋଇ :—

"ଦୋଳାରୁ ସ୍ୱୟଂବରଣୀ ଶୁଣ ଦ୍ୱିଜଦେବ
ମୋତେ କି ନାଶ କଲା ତୋର ଶିଷ୍ୟ ଧର୍ମ୍ମ ହେବ ?
ଜନେ କି ଭୁଲିବ, ହେଲି ମୁଁ ତୋର ବାଳିକା
ଭୀଷ୍ମ ଯୋଗୁଁ ଅବଶ୍ୟ ମୁଁ ଏ ଯାତନା ଭୋଗ ।
ଅମ୍ବା ବୋଇଲା ମୁଁ ଏବେ ଯାଉଅଛି ତ ନା
ଯେଉଁଠାରେ ମଲେ ମୁହିଁ ତୋତେ ଭେଟିବା ପିଣ୍ଡ ।"

କାଶୀର ଏ ଅପମାନପୂର୍ଣ୍ଣ ଅଭିବାଦନ ଭୀଷ୍ମଙ୍କ ଅଟଳ ହୃଦୟରେ ଲେଶମାତ୍ର କମ୍ପ ନାହିଁ । ଯେଉଁଠି ନାରୀ ସ୍ୱରୂପ ଧରିଲେ ପ୍ରତିଶୋଧ ନେବାକୁ ପୂର୍ବେ, ସେଠାରେ ସେ ତାହାର ପ୍ରତିହିଂସା ଚରିତାର୍ଥ କରିବାପାଇଁ ନିଜକୁ ନିଃ ଦେଇ ବା ଅସ୍ପୃଶ୍ୟ ଦ୍ୱାରା ସାର୍ଥକ ଓ ସଫଳ କରେ । ସେ ଦୁର୍ବଳା, ସ୍ତ୍ରୀ ପ୍ରଭୃତି ତାର ପ୍ରତିଶୋଧ ଆକାଂକ୍ଷା ସେଥିରେ ଅନ୍ତର୍ନିହିତ ବା ଆସୁରିକ ହୃଦୟରେ ପର୍ଯ୍ୟବସିତ ହୁଏ । ଅମ୍ବାର ସମସ୍ତ ମୋହନୀୟ ଆକର୍ଷଣ ଶକ୍ତି ବିଫଳ ହେଉଛି ଓ ତାକୁ ରାଜ୍ୟରୁ ବିତାଡ଼ିତ କରିବା ଭୀଷ୍ମଙ୍କର ଉଦ୍ଦେଶ୍ୟ ବୁଝି ତାର ନାରୀତ୍ୱରେ ଆଘାତ ଲାଗିଲା —

"ଭୀଷ୍ମ ବୋଇଲେ ମୁଁ ମନେ ଗୁଣେ ଦେଖି
କାହାର ହୋଇଲୁ ତୁ ଯା ସେ ମୋ ରାଜ୍ୟ ତେଜି ।
ଅନେକ ଅନ୍ୟାୟ ବାକ୍ୟ ବୋଇଲେ ସେ ସ୍ଥଳେ
ତୋତେ ନାଶିବି ବୋଲି ମୁଁ ଧାଇଁବି ପ୍ରତ୍ୟାଶେ ।
ଏତେ ବୋଲି ଗଲା କାନ୍ଦି ଅମ୍ବା ସୁନ୍ଦରୀ ।"

ଅମ୍ବା ଅପମାନିତା ଓ ଲାଞ୍ଛିତା ହୋଇ ପ୍ରତିଜ୍ଞା କଲେ, "ମୁଁ ଉଗ୍ର ସାଧନା କରି ପ୍ରତ୍ୟାଗତ ହେବି ଓ ଜନ୍ମାନ୍ତରରେ ଭୀଷ୍ମଙ୍କୁ ନାଶ କରିବ ।" ପରାଜିତରେ ପରଶୁରାମଙ୍କ ନିକଟରେ ଅମ୍ବା ଗୁହାରି କଲାରୁ, ପରଶୁରାମ ଭୀଷ୍ମଙ୍କୁ ପତ୍ନୀ ଗ୍ରହଣ କରିବାକୁ ଆଦେଶ ଦେଲେ, କିନ୍ତୁ ବୀର ଭୀଷ୍ମ ତାଙ୍କୁ ଅମାନ୍ୟ କରି ତାଙ୍କ ସହିତ ଯୁଦ୍ଧ କଲେ । ପରଶୁରାମ ଯୁଦ୍ଧରେ ପରାଜିତ ହେଲେ । ସବୁ ଦିଗରୁ ବିଫଳ ହୋଇ ଅମ୍ବାର ପ୍ରତିହିଂସାନଳ ଜଳିଉଠିଲା । ନିଜର

ଅବକାଶରୁ ସ୍ୱପ୍ନରେ ମଧ୍ୟ ସେ ଅନ୍ତଃକରଣ ସଚେତନ ଥିବାର ଧ୍ୱନି ପ୍ରକାଶ କରିଛନ୍ତି ।

"ଅମ୍ବା ଦଶମୀ ଯେ ପ୍ରୟାଗ ତୀର୍ଥକୁ ହିଁ ଗଲ
ତ୍ରିବେଣୀରେ ସ୍ନାନ କରି ମାଧବ ପୂଜିଲୁ ।
ହେ ମାଧବ ହୋଇଥାଅ ତୁହି ମୋର ସାକ୍ଷୀ
ଭୀଷ୍ମଙ୍କ ଯୋଗୁଁ ହୋଇଲି ମୁଁ ପିତା ବିମୁଖୀ
ବୃଦ୍ଧଙ୍କ ହାତରେ ଯାଉ ଭୂତ୍ୟାଦୋଷ ମୋର
ମାଧବଙ୍କୁ ସାକ୍ଷୀ କରି ଛାଡ଼ିବି ଶରୀର ।
ମୁହିଁ ତ୍ରିଶ ମାଗି ଦେବ ତୁମ୍ଭର ନା ଦୋଷୀ
ଜନ୍ମେ ଜନ୍ମେ ଭୀଷ୍ମଙ୍କୁ ମୁଁ ମାରିବ କି ସାଧ୍ୟ ।
ଏ ମୋହର ରୂପ ଗୁଣ ଲକ୍ଷଣ ଦେଖିବେ
ସଂଗ୍ରାମେ ଶସ୍ତ୍ର ଛାଡ଼ିବ ଭୀଷ୍ମ ମ୍ଳାନହେବେ ।"

ପ୍ରତ୍ୟାଖ୍ୟାତା ନାରୀର କ୍ଷୋଭ ଓ ମର୍ମବେଦନା କବିଙ୍କ ଭାଷାରେ ଅତି ଜୀବନ୍ତ ହୋଇ ଏଠାରେ ଫୁଟି ଉଠିଛି ।

× × ×

## ସତ୍ୟବତୀ, ଅମ୍ବିକା ଓ ଅମ୍ବାଳିକା

ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୁରଙ୍କ ଜନ୍ମବୃତ୍ତାନ୍ତ, ଯେଉଁ ଅଧ୍ୟାୟରେ ସାରଳା ଦାସ ଲେଖିଥିଲନ୍ତି, ସେ ଅଧ୍ୟାୟରେ ପୌରାଣିକ, ସାମାଜିକ ଜୀବନ ଓ ସାମାଜିକ ପରିସ୍ଥିତିର ଯେ ପରିଚୟ ମିଳେ, ତହିଁରୁ ମନେ ହୁଏ, ଏହା ତତ୍କାଳୀନ ନାରୀସ୍ୱାଧୀନତା, ଆଧୁନିକ ସଭ୍ୟତା ଓ ବିଜ୍ଞାନଗର୍ବିତ ଦେଶମାନଙ୍କର ସାମାଜିକ ସ୍ଥିତି ଗତି ଓ ନାରୀଧର୍ମପନ୍ଥକୁ ବଳି ଯାଇଅଛି । ଏଠାରେ ଆମମାନଙ୍କର ଶାସ୍ତ୍ରରେ ପୌରାଣିକ ସ୍ମୃତି-ଶାସ୍ତ୍ରୀୟଙ୍କ ରହି "ଅଦାନେ କନ୍ୟା ନାସ୍ତି" ନାମରେ ଅଭିହିତ କରିଛନ୍ତି । ଏହା ସାଧାରଣ ଲୋକଙ୍କର ଜ୍ଞାନର ଅଗମ୍ୟ; ସୁତରାଂ "ବଡ଼ ଲୋକଙ୍କ ଭିତର ନାହିଁ କ ସରକାର କାହାଣୀ ନାହିଁ ।"

ନାଟ୍ୟ ସେ ସେହି କାଳର ସମାଜ ଓ ବ୍ୟକ୍ତିଙ୍କର ସମସ୍ତ ଚାରିତ୍ରିକଗୁଡ଼ିକ ସମ୍ପର୍କରେ ବାସ୍ତବ ଅଙ୍କନ ନେଇ ତାର ମନୋରମ ଭାବରେ ବ୍ୟବସ୍ଥା କରି ପାରୁଥିଲା ଏବଂ ସେ ସେ ସଂସାର ଓ ସ୍ୱଭାବ ସବିଶେଷ ଦୃଷ୍ଟି ଥିଲା; ଏହି ବାସ୍ତବତା ପାଠକଙ୍କୁ ଆକର୍ଷିତ କରିବାକୁ ପଡ଼େ ।

ଗଙ୍ଗା ମାତାଙ୍କ ପାପଫଳକୁ ଯେତେବେଳେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ଅପୁତ୍ରିକ ହେଲେ ସେତେବେଳେ ତାଙ୍କର ଶାଶୁ ସତ୍ୟବତୀ ଦେବୀଙ୍କ ମନରେ କୁରୁବଂଶ ନାଶର ଆଶଙ୍କା ଜାତ ହୋଇ ତାଙ୍କୁ ବ୍ୟାକୁଳିତ କରିଦେଲା । ଭାରତବର୍ଷର ପ୍ରସିଦ୍ଧ କୁରୁବଂଶ କାପରି ରକ୍ଷା ହେବ, ଏହି ବିଷୟରେ ପରାମର୍ଶ କରିବାପାଇଁ ସେ କୁଳବଧୂ ଅମ୍ବିକା ଓ ଅମ୍ବାଳିକାଙ୍କ ନିକଟକୁ ଯାଇ କହିଲେ—

"ସନ୍ତାନ ଜାତକୁ ମାଗେ ଅଛନ୍ତିକି ଭୂମି
କେମନ୍ତ ଉପାୟେ ମାଗୋ ହେବ ଧାର୍ଯ୍ୟ ଟିକି ।"

ଅମ୍ବିକା କହିଲେ—

"କଲ୍ୟାଣ ଯୋଡ଼ି କରି ଅମ୍ବିକା ବୋଇଲା ।
ସମସ୍ତେ ଦେଖିଲେ ସଦାପରେ ଧନ ଯଶ !"

ସତ୍ୟବତୀ ବୋଇଲେ—

"ସତ୍ୟବତୀ ବୋଇଲେ ଗୋ ନ ହେଲୁ ତୁ ଏଥା
ବଂଶରକ୍ଷା କର ମାଗୋ ଛାଡ଼ ଧର୍ମଶ୍ରଦ୍ଧା !"

ଅମ୍ବିକା ବୋଇଲେ—

"ଅମ୍ବିକା ବୋଇଲେ କହିବି ଯେ ତୁମ୍ଭ ବୋଲ
ଯେବେ ତ୍ରୁଟି ପଡ଼ିବ ସ୍ପର୍ଶ କାହାକୁ ଭଲ ।
ଶାଶୁଙ୍କୁ ବୋଲି ଆସନ୍ତୁ ଅମୃତ ବର୍ଣ୍ଣିତ
ଆନ ପୁରୁଷେ ଅମ୍ବର ଧାର୍ମିକ ଅଛନ୍ତି ?

ବଧୂଙ୍କ ବଚନରେ ସତ୍ୟବତୀ ବ୍ୟାସଙ୍କ ନିକଟକୁ ଗଲେ । ଶୁକଦେବ ତାଙ୍କର "ଦାସ୍ୟସ୍ୱରୂପ" ପ୍ରାର୍ଥନା ଶୁଣି ବିନୟ କରି

ତାଙ୍କୁ ନିଜର ଅସୁବିଧା ଜଣାଇଲେ । ସେଠାରୁ ସେ 'ମନ ଦୁଃଖରେ ବ୍ୟାସଦେବଙ୍କ ପାଖ ଯାଇ ତାଙ୍କର ଆକାଂକ୍ଷା ଜଣାଇଲେ ବ୍ୟାସଦେବ ସତ୍ୟବତୀଙ୍କୁ ଶୋକାକୁଳା ଦେଖି ଅତି ଦୁଃଖିତ ହେଲେ । ସତ୍ୟବତୀଙ୍କ ସାନ୍ତ୍ୱନା ଲାଗି ତାଙ୍କୁ ସତ୍ୟ କହିଲେ ଏବଂ କହିଲେ, "ମୁଁ ଯାହା କହୁଛି, ତୁ ମୋର ମୁଖ ବୋଲି ତାହା ତୋତେ ମାନିବାକୁ ହେବ ।" ତାହାପରେ ମାତାଙ୍କ ପ୍ରସ୍ତାବରେ ସେ ଅନିଚ୍ଛା ହୋଇ କହିଲେ, ଏ ପ୍ରସ୍ତାବରେ ବାଧ୍ୟ ହେଲେ ମୋତେ ପାପ ଲାଗିବ ।

ସତ୍ୟବତୀ କହିଲେ—

"ସତ୍ୟବତୀ ବୋଇଲେ ବାପ କଥା ନ ରଖୁ
ସଂସାର ନେଉଛି ତୁହି ପାତକେ ସେ ଦୁଃଖୁ ।
ବଂଶରକ୍ଷ କରନ୍ତୁ ପର ନୋହେ ଭ୍ରାତୃବଧ ।"

ବ୍ୟାସ ସମ୍ମତ ହେଲେ ।

× × × ×

ସତ୍ୟବତୀ ବଧୂମାନଙ୍କୁ କୁରୁବଂଶଲୋପ କଥା କହି ବୁଝାଇଲେ । ବଧୂମାନେ କହିଲେ, "ଆପଣ ଆମର ଗୁରୁଜନ । ଆପଣଙ୍କ କଥାରେ ଆମ୍ଭେମାନେ ଅବାଧ୍ୟ ହୋଇ ନାହୁଁ, କି ହୋଇ ପାରିବୁ ନାହିଁ । ଆପଣ ବିଶୁଦ୍ଧ ଯେ ଆଜ୍ଞା ଦେବେ, ଆମ୍ଭେମାନେ ତାହାହିଁ କରିବୁ ।"

ସତ୍ୟବତୀ କହିଲେ—

"ମାଗୋ ଶୁଣ, ପାଶେ ଗଲି ଭୁବନ୍ତ ତପସ୍ୱୀ
ତାର ସମ୍ମତିରୁ ସେହି ସମ୍ଭୋଗ ଧର ।
ବ୍ୟାସ ରୂପେ ଅଟନ୍ତି ମୋହର ଜ୍ୟେଷ୍ଠ-ସୁତ
ତାହାର ସଙ୍ଗେ ତୁମ୍ଭେ ପ୍ରୀତି କର ମାତ ।"

( ଆଦିପର୍ବ )

ବଧୂମାନେ ଶାଶୁଙ୍କର ଏ ଅଦ୍ଭୁତ ଆଜ୍ଞା ପାଇ ମୂର୍ଚ୍ଛିତା ହେଲେ । ପରେ କହିଲେ—

"ସ୍ତ୍ରୀର ଦଶା କହିଲି ମାତେ ନ ବିଚାରି
ତୋଷସ୍ତୁ ସ୍ତୁତିର କେମନ୍ତେ ହେବୁ ମନୋହାରୀ ।
ନାରଦଙ୍କ ହୋଇ ଦଶା ଅନାଥ କହିଲି
ଜାଳ ଅଗ୍ନିକି କପାଳି ଏକ ସଙ୍ଗ ଭଲି ?"

(ଅରଣ୍ୟପର୍ବ)

ସତ୍ୟବତୀ କହିଲେ—

ସତ୍ୟବନ୍ତ ବୋଇଲେ ଗୋ ମୋର ଦେହ ଛୁଇଁ
ପାପ ହୋଇଲେ ପୁଣ୍ୟ ହୋଇଲେ ଏକମନ କୁହ ।"

କୁନ୍ତୀ— ଦେବବ୍ରତର ଭ୍ରାତୃବଧୂ ଯୋଗେ ପାପ ଯେବେ

× × ×

ସେହି ପାପରେ ବୁଡ଼ିବ ହୋନ୍ତି ସେବେ ଜନ
ମହାଦୋଷ ତପସ୍ତୁ କରନ୍ତି ଲେଖନ ।
ଏକଥା କହିଲ ଶାସ୍ତ୍ର ନ ଜାଣ ତୋ ଶାସ୍ତ୍ର
ଏବେ ନିର୍ଦ୍ଦୋଷ ଦୋଷୀ ଦେଖ ଯେ ଭରସୁ ।"

( ଆଦିପର୍ବ )

ବଧୂମାନଙ୍କ ମନରେ ଯେ ନୈତିକ ସଙ୍କୋଚ ଥିଲା, ତାହା ବଂଶ ରକ୍ଷାର ଦାୟିତ୍ୱଠାରୁ ଅଧିକ ବଡ଼ ଓ ଅଧିକ ବ୍ୟାପକ ଥିଲା । କିନ୍ତୁ ସତ୍ୟବତୀ ଅନୁଭବ ନାହାନ୍ତି । ତାଙ୍କ ମନରେ କୌଣସି ଗାଡ଼ି ପ୍ରକାର ସହିତ ସଂସ୍କାରର ଲେଶ ମାତ୍ର ଚିହ୍ନ ନ ଥିଲା । ସେ ଥିଲେ ସେପରି ଦୋଷ କାଳ ପାତ୍ରାପାତ୍ରର ଅତୀତ । ସ୍ୱୟମ୍ଭୁଙ୍କ ଭଳି ତାଙ୍କର କଳ୍ପନା ତାଙ୍କୁ ଠାରେଣୁ ଏତେ । ବଧୂମାନଙ୍କର ଲଜ୍ଜା, ଧର୍ମଭୟ, ଚରିତ୍ରଗତ ସଂସ୍କାର ଓ ଅପ୍ରସ୍ତୁତିର ପରିଚୟ ଦେବା ପାଇଁ ଶାସ୍ତ୍ର ଠାକୁରାଣୀ ନିଜର ଅନୁ-ଭବ ପରିବଶ୍ୟ ଏଡ଼ା ବର୍ଣ୍ଣନା । କରିଛନ୍ତି ଓ ତାଙ୍କର କଳ୍ପନାଶକ୍ତି ଯେପରି ବଧୂମାନଙ୍କ ଆଗରେ ପ୍ରକାଶ ପାଇଛନ୍ତି, ତାହାର ପରି ଦେବାକୁ ଲୁଚିବାର ନାହିଁ । ସତ୍ୟବତୀଙ୍କ କପଟତା ଓ ମୁଖ ଯାହା କିଛି ହୋଇଛନ୍ତି, ତାହା କୌଣସି ମତେ ପାରମ୍ପରିକ ସ୍ୱତନ୍ତ୍ରତା ଭାବି ପାରିବା ଅସମ୍ଭବ ।

ପୂର୍ବକାଳରେ ବଧୂମାନେ ଶାଶୁ, ଯାଆ, ମାଉସୁଣୀ ପ୍ରଭୃତି ଗୁରୁଜନ-ମାନଙ୍କର ବାକ୍ୟ ପ୍ରତିପାଳନ କରିବାକୁ ପରମ ଧର୍ମ ମନେ କରୁଥିଲେ । ସେମାନଙ୍କର ବାଧ୍ୟତା, ନମ୍ରତା ଏତେ ବେଶି ଥିଲା ଯେ, ଅନେକ କ୍ଷେତ୍ରରେ ମନସ୍ତାପରେ ନିଜର ନିଜତ୍ୱକୁ ବିସର୍ଜନ କରି; ଏପରି କି ଆତ୍ମତ୍ୟାଗ କରି ଗୁରୁ ଆଜ୍ଞା ପାଳନ କରିବାକୁ ନିଜର କର୍ତ୍ତବ୍ୟ ଧର୍ମ ମନେ କରୁଥିଲେ । ସତ୍ୟବତୀ ଯୁକ୍ତି ଓ ଉପଦେଶ ପାଳିବା ସ୍ଥଳରେ ଯେଉଁ ମନୋବୃତ୍ତିର ଅବତାରଣା କରିଛନ୍ତି, ତାହା ତାଙ୍କର ଦୃଢ଼ ଯୁକ୍ତିମାନଙ୍କରୁ ଜଣାପଡ଼େ । ନୀତି, ଆଦର୍ଶ, ଧର୍ମ ସଂସ୍କାରଠାରୁ ସେ ବଂଶରକ୍ଷା ବା ମାନବସୃଷ୍ଟିର ମୂଲ୍ୟ ଅଧିକ ବେଶି, ଏହି ସତ୍ୟ ପ୍ରତି ଯୁଗର ଗୋଟିଏ ଶାଶ୍ୱତ ସତ୍ୟ । ଏ ଯୁଗରେ ଯେପରି "ସବାର ଉପରେ ମନୁଷ୍ୟ ସତ୍ୟ ତାହାର ଉପରେ ନାହିଁ" ଏହି ପଦାବଳିରେ ଗୋଟିଏ ଗଭୀର ସତ୍ୟ ନିହିତ ହୋଇଅଛି; ସେହିପରି ବହୁ ପୂର୍ବକାଳରେ ମଧ୍ୟ ଆମ୍ଭମାନଙ୍କ ଦେଶର ସମାଜରେ ଧାର୍ମିକ ଶାସ୍ତ୍ରକାରମାନଙ୍କ ଦ୍ୱାରା ଏହି ସତ୍ୟଟି ସବୁ ଧର୍ମ,ନୀତି ଓ ଆଦର୍ଶ ବିଶ୍ୱାସ ଉପରେ ସ୍ଥାନ ପାଇଥିଲା । ତାହା ସଂସ୍କୃତ ମହାଭାରତକାରଙ୍କଠାରୁ ଆରମ୍ଭ କରି ଉତ୍କଳର ବାଣୀପୁତ୍ର ସାରଳା ଦାସଙ୍କ କାବ୍ୟରେ ସୁନ୍ଦର ଭାବରେ ଫୁଟି ଉଠିଛି ।

ସତ୍ୟବତୀ କହୁଛନ୍ତି :—

"ସତ୍ୟବତୀ କହନ୍ତି ମୋ ଶୁଣିତ ସନ୍ତତି
ପୁତ୍ର କରନ୍ତି ପିତା ସେ ଦୋଷ ନାଶୟତି ।
କାର୍ଯ୍ୟ ଅନ୍ତେ ଯୁକ୍ତରେ ଯେତେକ ପୁତ୍ର
ପାପ କଲେହେଁ ଥିବ ତ ଆମ୍ଭର ଏ ଗୋତ୍ର ।"

ସବୁ ଯୁଗରେ ସବୁ ସମାଜରେ ପୁତ୍ର ସନ୍ତାନ ପ୍ରତି ସମସ୍ତଙ୍କର ମମତା ଅଧିକ ଥିବାର ଜଣାପଡ଼େ । ପୁତ୍ର ପିଣ୍ଡଦାତା, ପୁତ୍ର ପୁନ୍ନାମ ନରକରୁ ଉଦ୍ଧାରକର୍ତ୍ତା । ଏହାକୁ ହିନ୍ଦୁ ସମାଜ ଅତି ଅଭ୍ରାନ୍ତ ଭାବରେ ବିଶ୍ୱାସ କରି ଆସିଛି । ଆଉ ଏହି ପୁତ୍ର ସନ୍ତାନପାଇଁ ସମାଜରେ ପାପ ପୁଣ୍ୟ ନୀତି ଅନୀତିର କିଛି ବାରଣ ରହି ନାହିଁ । ଏହା

ସଦାଚାରିତ ସମାଜ ସଂସ୍କାର ମୂଳ ଦୃଷ୍ଟି । ସତ୍ୟବାଦୀ ନିଜର ଅଭିମତ ଦେଇ କହୁଛନ୍ତି :—

“ସତ୍ୟବାଦୀ ହୋଇଲେ ଆସେ ଶୁଣ ବତ୍ସ ତଥା
ସନ୍ତାନ ଧର୍ମର ଆସେ କଷ୍ଟତା ଦାରୁଣା ।
ଲୀଳାବତୀ କଳାବତୀ ହେବେ ସେ ଭଉଣୀ
ହୋଇଥିଲେ ହେବ ସୁବର୍ଣ୍ଣ ଦାଳେଙ୍କୁ ତରୁଣୀ ।

ସାହାର ବାର୍ତ୍ତା ସୋମେନ୍ଦ୍ର ଜାଣିଛନ୍ତି ପୂର୍ବେ
ତାହାଙ୍କୁ ଦେଲ ଶିକ୍ଷାର ଅଗ୍ରଇଲେ ଗୁରୁ ।
ଏମନ୍ତେ ସନ୍ତାନ ପାଇଲେ ହେବ ଦେଖ
ଯାଲେ ହେସ୍ନ ନ ଲେଖିଲେ ମାନ ଓ ଗୌରବ ।

ମଳାଶ୍ଚର, ହେଭିଶୁର, ଅକ୍ଷୀଶ୍ଚ ଜାମାତା
ଏତେ ଯୋଗ ପଡ଼ିଲେ ଯେ ହେବ ଜନତା ।
ଏମନ୍ତେ ଗ୍ରାହି ଜନ୍ମ ହୋଇଲେ ଅବଶ୍ୟ
ଏକ ଦୁହିତା ମାତ୍ରକ ହୋଇଥିଲ ଅପୂର୍ବ ।

ମାତା ହୋଇଲେ ଦୁଃଖିତା ମୁଁ ଅସତ୍ୟ ବାଟେ
ତୁ ସନ୍ତାପିତା ନୌକାରେ ଅଂଶ ଜଳଘାଟେ ।
ଦାସତ୍ୱ ଅମୃତ ମୁଁ ଏଠ ଦୁହିତା
ଧର୍ମ ଉର୍ମିତ ମୋତେ ପଶ୍ଚିଲେ ପିତା ! (ଆତ୍ମପଙ୍କ)

ସାସନ୍ତାଙ୍କର ଦୁଇ ଝିଅଙ୍କ ନାମ ଲୀଳାବତୀ ଓ କଳାବତୀ । ସେ ଅପୂର୍ବ ହେବାରୁ ସେମାନଙ୍କର ମାନ ଗୌରବ ନାହିଁ ପିତା ଉଭୟଙ୍କୁ ସେମାନେ ଅଗଣ ତଣ୍ଡ କରି ଅସତ୍ତା ହେଲେ । ଅସତ୍ତା ମାତାଙ୍କର ସତ୍ୟବତୀ ଏକମାତ୍ର କନ୍ୟା । ପିତା ମାତା ତାଙ୍କୁ ବାଲ୍ୟକାଳରୁ ଧର୍ମ କର୍ମ ଶିକ୍ଷା ଦେଇ ଦ୍ୱାଦଶବର୍ଷ ବୟସରେ ସ୍ୱାମୀଙ୍କୁ ସଂଘ ସାକ୍ଷୀମାନଙ୍କୁ ଧନ ପାରିଶ୍ରମିକରେ ନୌକାରେ ପାର କରିବାକୁ ଆଜ୍ଞା ହେଲେ । ସତ୍ୟବତୀ ସର୍ବଗୁଣ ସମ୍ପନ୍ନ ଲକ୍ଷଣା; ନୌକା ପରିଚାଳନା ଉଠେଲ ।

ପରେ ମହାମୁନି ପରାଶରଙ୍କ ବଳରେ କପଟ୍ "ମତ୍ସ୍ୟଗନ୍ଧା"ଙ୍କୁ "ଯୋଜନଗନ୍ଧା"ରେ ରୂପାନ୍ତରିତ ହେଲେ ତାହାର ବର୍ଣ୍ଣନା ନିଷ୍ପ୍ରୟୋଜନ ।

ଉପର ଉକ୍ତ ଘଟଣାବଳୀରୁ ବଂଶରକ୍ଷା କିମ୍ବା ସନ୍ତାନପ୍ରାପ୍ତି ପାଇଁ ଲୋକସମାଜର ଆଗ୍ରହ ପ୍ରବଳ ଥିଲା, ତାହା ଜଣାପଡୁଛି । ପୂର୍ବ ସମାଜ ଏହା ସବୁ କପଟ ବଳାତ୍କାର ଭଳି ଉଦାରଶୀଳୀ ହୋଇଥିଲା, ତାହା ମଧ୍ୟ ଜଣା ପଡୁଛି । ସତ୍ୟବତୀ ଜାଲିଜଳୁମାନଙ୍କ, ସେ ନାଉରିଆଣୀ ପେଶା ଧରିଥିଲେ । ତାହା ପରେ ତାଙ୍କ ବ୍ରାହ୍ମଣ ମୁନି ପରାଶର ପତ୍ନୀତ୍ୱରେ ବରଣ କରିବାରୁ ତାହାଙ୍କ ଔରସରେ ବେଦବ୍ୟାସ କୃଷ୍ଣ ଦ୍ୱୈପାୟନଙ୍କର ଜନ୍ମ ହୋଇଥିଲା । ଏହି ବ୍ୟାସଦେବଙ୍କୁ ନାରାୟଣଙ୍କର ଅବତାର ବୋଲି ମହାଭାରତରେ ବର୍ଣ୍ଣନା କରାଯାଇଅଛି ।

ଭାରତ ଭୂମଣ୍ଡଳର ଧର୍ମକର୍ମରେ ସେ ଅଧିକାର ଥିଲା ତାହା ମଧ୍ୟ ଦେଖିବାର କଥା । ଶାସ୍ତ୍ରଶକ୍ତି ପ୍ରବଳ ଥିଲେ ମନ୍ତ୍ରପୂତ ସୋପାନ ସହଜରେ ହୋଇ ସୃଷ୍ଟି ସୁଖ ଶାନ୍ତିରେ ସାର୍ଥକତା ହୋଇ ରହିପାରେ, ସେଥିପାଇଁ ମହାଭାରତୀୟ ସମାଜରେ ଏହି ଉପମା ଯଥାର୍ଥରେ ପ୍ରଯୁଜ୍ୟ ହୋଇ ପାରେ । ସତ୍ୟ ସତ୍ୟ ବର୍ଣ୍ଣ ପୂର୍ଣ୍ଣ ସମାଜ ବଳଶାଳୀ ଓ ମେଧାବୀ ଥିଲା ବୋଲି ସମସ୍ତ କର୍ମ, ଅପକର୍ମ, ପାପ ପୁଣ୍ୟକୁ ସେ ଅବଶ୍ୟତା ଦୃଢ଼ତାରେ ଜୀର୍ଣ୍ଣ କରି ପାରୁଥିଲା ।

"ଅଗ୍ନି ସେପରି ସବୁ ଖାଇ । ତାଙ୍କରେ ଦୋଷ ଗୁଣ ନାହିଁ ।।" ଭାଗବତର ଏହି ପଦ ସମ୍ଭବତ ସେହିକାଳର ସମାଜର ଭିତ୍ତି ଏବଂ ସଙ୍କେତ ।

ଅମ୍ବିକା ଶାଶୁଙ୍କ ଉପଦେଶାନୁ ସୂତ୍ର କହିଲେ—

"ସ୍ତ୍ରୀ ଜାତିର ଦେହରୁ ଆମ୍ଭେ ଅନ୍ତ୍ର ମନଜାତ—

× × ×

ଯଦ୍ୟପି ଅଶୁଚି ଭଲୁ ନାନାଦି ଅଙ୍ଗକୁ ।
ସମସ୍ତେ ଧରିଲୁ ମାଁ ସେ ନାହିଁ ସଂଶୟ ।

ମନେର ଖାଇଲେ ସେତେକ ଦୁଃଖ ଅନ୍ତରାଳ
ପର ପୁରୁଷ ଦେଖିଲେ ତେତେକ ଅମ୍ଭେ ହେଳ ।
ଯାହାରି ହାତେ ଧରୁ ସେ କୁହଇ ଅମୃତ
ଅତିରେକ ଇଚ୍ଛୁ ପର ପୁରୁଷ ସୁନ୍ଦର ।
ଅମ୍ଭେ ଅବା ଇଚ୍ଛା କଲୁ ଅନ୍ୟ ଦଣ୍ଡପାଣି
ସେ କର୍ମ ପାପ ଲଭିବେ ବ୍ୟାସ ମହାଜ୍ଞାନୀ ।"

ଅମ୍ବିକା ନାରୀର ଅସ୍ୱସ୍ତି ପ୍ରକାଶ କରୁଛନ୍ତି ଏବଂ ନାରୀକୁ ସେ ଅଧିକାର, ଏହି କଥା କହୁଛନ୍ତି । କାରଣ ନାରୀ ଯାହାର ହାତ ଧରେ ସେ ତାହାର ହୁଏ ନାହିଁ ; ଏଥିପାଇଁ ନାରୀର ଏତେ ବେଦନା— ଏତେ ଅନୁଶୋଚନା । ପରେ ପୁଣି ବିବେକ ଦଂଶିବାରୁ କହୁଛନ୍ତି—

"ବୋଲନ୍ତି ବଧୂମାନେ ଯେ ପାତକ ହୋଇବ
ସେଥି ପାତକମାନଙ୍କୁ ପୁଣି ଯେ ଲଭିବ ।"

ସତ୍ୟବତୀ ପ୍ରବୋଧ ଦେଉଛନ୍ତି—

"ସତ୍ୟବତୀ ବୋଲନ୍ତି ମୁଁ ତୁମ୍ଭଙ୍କୁ କହଇ
ଏ ପାପ ହୋଇବ ସମସ୍ତ ମୋତେ ଯେ ଲାଗଇ ।
ଯଦ୍ୟପି ପଶନ୍ତି ବିଧବାମାନେ ଅନ୍ୟ ବାଟେ
ଶୁଦ୍ଧମତୀମାନେ ତାଙ୍କୁ ରଖନ୍ତି ଏକଠେ ।"

ସତ୍ୟବତୀ ସମସ୍ତ ପାପ "ଦଣ୍ଡଭାଗୀ" ହେଉ ମହାମୁନିଙ୍କ ନିବେଦନାରେ ବଂଶ ରକ୍ଷାକଲେ । ବ୍ୟାସଙ୍କ ସଙ୍ଗମରେ ଭ୍ରାତୃବଧୂମାନଙ୍କର ମିଳନ ହେଲା । ଯଥା ପାଣ୍ଡୁ ଓ ଧୃତରାଷ୍ଟ୍ରଙ୍କର ଜନ୍ମ ହେଲା । ଦାସୀଙ୍କଠାରୁ ଧାର୍ମିକ ମନ୍ତ୍ରୀ ବିଦୁର ଜନ୍ମ ହେଲେ ।

ଅମ୍ବାଲିକା କିନ୍ତୁ ଆପତ୍ତି କରିଥିଲେ । ସେ କହିଲେ—"କପାଳରେ ଯାହା ଅଛି ତାହା ହେବ, କିନ୍ତୁ ମାଆ, ମୁଁ ଧର୍ମ ଛାଡ଼ିବି ନାହିଁ ।" ସତ୍ୟବତୀ ଚିନ୍ତା କଲେ; ସେ ଜାଣନ୍ତି କେଉଁ ବେଶରେ କି ଉଦ୍ଦେଶ୍ୟ । ନାରୀର ପ୍ରକୃତି ମୂଳରେ ଈର୍ଷା ହେଉଛି ସତ୍ୟ । ସେଥିପାଇଁ କହିଥିଲେ—

"ସତ୍ୟବତୀ ବୋଇଲେ ଗୋ ଉଠ ସ୍ନୁଷେ ଦୂଲେ
କଷ୍ଟରଣା ଭଙ୍ଗିବା କା ନିଜ ମୂର୍ତ୍ତି ଧରିଲେ ।
ଶୁଣ ଲକ୍ଷ୍ମୀ ଦେଖା ଆଜ୍ଞା ଯେବେ ସେହିମତେ
ତାର ସମ୍ପଦ ଦେଖି ତୁ ଭୁଞ୍ଜିବୁ କେମନ୍ତେ ?

ଅମ୍ବାଳିକା ଲଜ୍ଜିତ ହେଲେ । ସ୍ୱର୍ଣ୍ଣ ସତ୍ୟବତୀ ଜଳ ନାରୀଙ୍କୁ ଘଲଣି-ପାଳନ କରୁଥାନ୍ତି । ଅମ୍ବା ଶୋଚିଏ ତୁମରହ କାଳଦାନ କରି ଦେବସ୍ଥଳୀରେ ରହିଥିଲେ । ଅମ୍ବାଳିକା ଲଜ୍ଜିତ ଥିଲେ । ପ୍ରଥମ ମୁହୂର୍ତ୍ତରେ ତାଙ୍କର ଜୀବନ ଅସହ୍ୟ ହୋଇ ଉଠୁଥିଲା । ଦ୍ରୁପଦ ସେ କୃତ ପାପର ପ୍ରାୟଶ୍ଚିତ୍ତ ବିଧାନ ଚିନ୍ତାରେ ମନ ନିବେଶ କରୁଥାନ୍ତି । ତାଙ୍କର ଜୀବନ-ଧାରଣ ଅସହ୍ୟ ହେଲା ।

ସେ ଚିନ୍ତିଲେ—

"ଅମ୍ବାଳିକା ବୋଇଲେ ଗୋ ଶୁଣ ସତ୍ୟବତୀ
ତୋ ବଚନ ନ ଲଙ୍ଘେ ମୁଁ ହୋଇଲି ଅସତୀ ।
ଦୂରନ୍ତ ଡାକରେ ଅମ୍ଭେ ଅଛିବୁ ଅପୂର୍ତ୍ତି
କନ୍ଦି କର୍ମଙ୍କୁ ଭୁଞ୍ଜିବ ହୁଏ କୁଳ ନୀତି
ଅଭିପାତକ ହୋଇଛି ଯେ ହେଲି ଅନାଚ୍ଛନ୍ନା
ପୁଣ୍ୟ ଲାଭ କଲୁ ତୁ ଗୋ ସମ୍ଭାଳି ଦୋହୁଦି
ଏକମନ ଶୀଳ କାରଣ ଯେ ଘର ଗୋ ଦେବୀ
ପ୍ରାୟଶ୍ଚିତ୍ତ ନା ତୋ ମୁହିଁ ଏବେ ଯିବି ।
ହୋଇ ନାଶ ଅର୍ଥେ ତୀର୍ଥେ ଧାଇବି ଅବଶ୍ୟ
ଯୋଗେ ବିଧାନେ ବ୍ରହ୍ମ ହୋଇବା ନିଶ୍ଚୟ ।
କାରଣ ନ କର ଆଉ ମାଳ ଧର୍ମ ଅର୍ଥେ
ପୁତ୍ର ଜନ୍ମ ହୋଇଲା ତୋ ଯିବଇ ମୁଁ ତୀର୍ଥେ ।"

"ସମ୍ବନ୍ଧ"ର ତତ୍ତ୍ୱ କଥା ଅମ୍ବାଳିକାଙ୍କ ପାଇଁ । ସାଣ୍ଡରକ ଆଶ୍ଚର୍ଯ୍ୟାନ୍ୱିତା ଅମ୍ବାଳିକାଙ୍କର ଭୂଲୁଣ୍ଠିତ ପଣ୍ଡାମୁଖ କାହିଁ ? ପାପର ପ୍ରାୟଶ୍ଚିତ୍ତ କରିବାପାଇଁ ସେ ତ୍ରିବେଣୀ ସଙ୍ଗମରେ ଝାସ ଦେବେ । ଏପରି

ସ୍ୱାଧୀନତା ତାଙ୍କର ନାହିଁ ବୋଲି ଗୁରୁଜନଙ୍କର ଅନୁଜ୍ଞା ସେଥିପାଇଁ ମଧ୍ୟ ଲୋଡ଼ା । ମନ ତାଙ୍କର ଦର୍ପଣବତ୍ ନିର୍ମଳ, ଭକ୍ତି ଶୁଦ୍ଧ, କିନ୍ତୁ ଦେହ ପାର୍ଥିବ କାରଣ ସଂସାରର ସାଧ୍ୟ ଭିତରେ ସେଥିପାଇଁ ସେ ବାଧ୍ୟ ହୁଅନ୍ତି । ସେ ଗୁରୁଜନଙ୍କ ଆଜ୍ଞା ପାଳନ କରନ୍ତି । ସତୀ ନାରୀର ଏହା ଧର୍ମ, କିନ୍ତୁ ଦେହ ଆତ୍ମାଠାରୁ ସ୍ୱତନ୍ତ୍ର ହେଲେହେଁ ଦେହୀର ଲାଜ, ମାନ, କୁଳ-ଧର୍ମ ତ ଅଛି ? ମନ କୁଣ୍ଠିତ ନ ହେଲେ ବଶ କିଏ !

"କାହ୍ନୁ ଧର୍ମକୁ କୁଣ୍ଠିତ ନୁହେ କୁଳ ଲଜ୍ଜା ।"

ସେ ଦେହ ବିସର୍ଜନ ନ କଲେ, ତାଙ୍କର ତୃପ୍ତି ନାହିଁ; ସେ ବ୍ରାହ୍ମଣ ଭାର୍ଯ୍ୟାଙ୍କୁ ସଙ୍ଗରେ ନେଇ ତପସ୍ୱିନୀ ବେଶ ଧରି ସଂସାରର ସୁଖ, ମୋହ ଓ ବାସନା ସମସ୍ତ ଆଡୁ ଚିତ୍ତ ଫେରାଇ ଆଣି ପରମାର୍ଥଗା ହେଲେ । ଅମ୍ବାଳିକା ବୃନ୍ଦାବନରେ ପାଞ୍ଚ ମାସ ପରେ ପହଞ୍ଚିଲେ ।

ସ୍ନାନ ଅର୍ଚ୍ଚନ କରି ତୀର୍ଥମାନଙ୍କୁ ଦର୍ଶନାଦିରେ ତେବେ ମାଧବଙ୍କର ଦର୍ଶନ କରି ପ୍ରାର୍ଥନା କଲେ—

"ହେ ମାଧବ ମୋର ଆନ ବାନ୍ଧବ ଯେ ନାହିଁ ।
× × ×
ପରହିଂସା, ପର ଅପବାଦ ଯେ ନ କହିଲି
ଏକ ପାପ କଲି ବଂଶରକ୍ଷାର କାମନ୍ତ୍ରେ
ଗୁରୁ ବଚନରେ ଚୌଥ୍ୟ ପୁରୁଷ ସଙ୍ଗତେ ।
ସେ ଦୋଷ ଖଣ୍ଡନ ମୋର କରିବେ ମାଧବ
ସ୍ତ୍ରୀ ଜାତିକୁ ଉଦ୍ଧାର ପ୍ରଭୁ ଦେବଦେବ ।"

ଦେବଦେବ ମାଧବଙ୍କୁ ଅକୁଳ ପାର୍ଥନା ଶୁଣାଇ ତାହା ପରେ ତ୍ରିବେଣୀ ସଙ୍ଗମରେ ଅଙ୍ଗ ଢାଳିଦେଲେ । କଣ ଅମ୍ବାଳିକାଙ୍କୁ ସ୍ୱ କାବ୍ୟ ସ୍ୱର୍ଗରେ ସ୍ଥିତା ଦେଇଛନ୍ତି ! ଅମ୍ବାଳିକା ଯଯାତିର ଯଶାଙ୍କ, ରାଜାର ରାଣୀ ରାଜମାତା, ରାଜକନ୍ୟା, ରାଜବଧୂ ତଥା ପଲ୍ଲିରେ ସନ୍ନ୍ୟାସିନୀ ତାପସୀ ରୂପେ ପ୍ରକାଶିତ ହେବା ପାଠକଙ୍କୁ ବିସ୍ମିତ କରାଏ । ମନଠାରୁ ଆତ୍ମାଠାରୁ ଦେହ ପୃଥକ୍ ହୋଇ ସୁଦ୍ଧା, ପୃଥକ୍ ନୁହେଁ । ସେହି କଥା ଉପଲବ୍ଧି

ଧୃଷ୍ଟଦ୍ୟୁମ୍ନ ବୋଲି ଦେବାର ପାପ ଅପ୍ସରାମାନଙ୍କ ମନରେ ଗ୍ଳାନି ଆଣି ବାଟଜଗ ଦେଇଥିଲା । ସେଥିପାଇଁ ନିର୍ବେଣୀରେ ସେ ପାଣ୍ଡବଙ୍କ ଭାଗ୍ୟ ଧନ୍ଦ ଯୁଧୀଜନବାହିନୀ ସ୍ତୁତି ସାଧି କଲେ !

"ଶୁକ୍ଳ ଦେଖାଇବ ସାତବ ସବୁ ନାଶ ଗଲା
ନରଖଣ୍ଡ ସ୍ତ୍ରୁପେ ସେ ଆକାଶେ ରହିଲା ।"

# ତୃତୀୟ ଅଧ୍ୟାୟ

## ଗାନ୍ଧାରୀ

ଧୃତରାଷ୍ଟ୍ର ଅନ୍ଧ ନରପତି ଥିଲେ ବୋଲି ପାଣ୍ଡୁ ହସ୍ତିନାର ରାଜା ହୋଇଥିଲେ । କିନ୍ତୁ ବୟସ୍କ ଭ୍ରାତାର ରାଜପଦ ଲୋଭ ଭ୍ରାତାଙ୍କ ମନରେ ଅନବରତ ପୀଡ଼ା ଦେଉଥିଲା । ଏହା ଗାନ୍ଧାରୀ ସ୍ୱାମୀଙ୍କର ଚରିତ୍ର ବଦଳ ସହ୍ୟ କରି ନ ପାରି କାରଣ ପଚାରିଲେ । ଧୃତରାଷ୍ଟ୍ର କହିଲେ "ମୁଁ ଜ୍ୟେଷ୍ଠ, କିନ୍ତୁ କନିଷ୍ଠ ଭ୍ରାତାର ଭୁଜର ବଳ ଅର୍ଜିତ ସମ୍ପଦ ମୁଁ ଭୋଗି ପାରିବି ନାହିଁ । ରାଜ ଧନ ଦେଖି ମୁଁ ପ୍ରତ୍ୟାଶା ପ୍ରସ୍ତୁତ କରି ବିବେକୀ ସଂଗ୍ରାମରେ ଅଗ୍ର ଥିବି । କ୍ଷତ୍ରିୟ ହୋଇ ପରାଜୟରେ ବସିବା, ରାଜ୍ୟର ରାଜା ହୋଇ ସଂଗ୍ରାମରେ ଓହରିବା, ଦେବତା ହୋଇ ନିର୍ଦ୍ଦୟ ହେବା, ତୀର୍ଥ ହୋଇ ଲୋକଙ୍କରେ ମାୟା କରିବା, ବୁଦ୍ଧିଶ ହୋଇ ଦୁର୍ବଳ ହେବା, ଯୋଗୀ ହୋଇ ଭଲ ସୁସ୍ଥ ସମୀ ନ ହେବା, ପଣ୍ଡିତ ହୋଇ ଦରିଦ୍ର ହେବା ଏହିପରି ଜୀବନ ଅସାର୍ଥକ ବୋଲି ମହାତ୍ମାମାନେ କହନ୍ତି ।"

ଗାନ୍ଧାରୀଙ୍କ ପ୍ରକୃତ ଅତ୍ୟନ୍ତ ଧର୍ମପରାୟଣ ଥିଲା । ମହାଭାରତର ନାରୀମାନଙ୍କରେ ସେ ଦୋଷ ଗୁଣ ଉଭୟରେ ଅନନ୍ୟା । ତାଙ୍କର ସ୍ୱାମୀଙ୍କ ଦୃଷ୍ଟି ଅନ୍ଧ ଥିଲେ ମଧ୍ୟ ସେ ସ୍ୱାମୀଙ୍କ ନିକଟାରୁ କେତେ ସ୍ଥାନ ଦେଖିଥିଲେ ମୁଖ୍ୟ ସେଥିପାଇଁ ସ୍ୱାମୀଙ୍କର ଭ୍ରମ ଭ୍ରାନ୍ତି ଉପସ୍ଥିତ ହୋଇଥିଲା, ସ୍ୱାଧୀନ ସ୍ତ୍ରୀ ସେଥିରେ ବିଚକ୍ଷଣ ମନ୍ତ୍ରୀଙ୍କ ସତ୍ ପରାମର୍ଶ ଦେବାକୁ ନିଜର କର୍ତ୍ତବ୍ୟ ବୋଲି ମଣୁଥିଲେ । ଦାମ୍ପତ୍ୟ ସ୍ୱୀକାର କରି ସ୍ୱାମୀଙ୍କର ସବୁ କଥାକୁ ଅନ୍ଧଭକ୍ତ ପରି ମାନି ନେବାକୁ ମହାଭାରତର ନାରୀ ତପରେ କୁଣ୍ଠା-ବୋଧ କରନ୍ତି ତାହାର ନମୁନା ଗାନ୍ଧାରୀଙ୍କ ମୁଖରେ ଦାବି ସାରିଲା ଦାୟ ଦିଆଯାଇ ଦେଉଛନ୍ତି—

‘‘ଯାହା ସ୍ୱାମୀ ଅରଜନ୍ତି ତାହା ଖାଇବେ ଭୁଞ୍ଜି
କେହି ଜନ ବଶ ନାହିଁ ଜନ୍ମି ପୁତ୍ର ମନ୍ତ୍ରି

ଖଣ୍ଡିଆ ହୁଳୁଳା କରେ ଅପାଉଚ ଲୋକ
କଳବନ୍ତ କାହାଳି ବା କରେ ଘାର୍ଘ ମୋଠ ।
ସୁନ୍ଦର ଅଟା ପଣ୍ଡିତ ବେଦବାଣ ସ୍ତୁତ
ଝଣତକ ଭକଇ ସେ ଚେ ଧ୍ରଗତ ବାଉସ ।
ଚେତନା ପୁରୁଷ ଡାକ୍ତା ନ ଚେତେଇ ହଣେ
ସକଳ ବ୍ରହ୍ମାଣ୍ଡରେ ଯେହ୍ନେ ଅଛି ଭଟଣ ।
ହିଙ୍ଗୁଳେ ଘେନିଥାଅ ନାନା ରୂପ ଧରି
ଘରେଣ ଘରେଣ ବୋଲି ଓଳ ହୋଇ ଅବଧରୁ ।
ଲେଣ ଗିଙ୍ଗଳ ଖଣକେ ଦୁଅଇ ସେ ଅଣ
ନାନା ରୂପ ବର୍ଣ୍ଣିଲୁ ଯେ ଥାଇ ଭାଇ ସଧ ।
ଲକ୍ଷ ମାନ ଅପମାନ ନ ସ୍ମାଳ ହୋ ବିଷେ
ଲୁଣ, ଝୁଣ ଲୁଦଶେଡ ସ୍ୱାମୀ ରକ୍ଷିଥାଏ ।

ଧର୍ମଶୀଳା ପତ୍ନୀଙ୍କ ଉପଦେଶରେ କା ଗମ୍ଭୀର ପାଣ୍ଡିତ୍ୟ ଫୁଟି ଉଠିଛି । ଭାରତବର୍ଷର ଦର୍ଶନ ସାଧାରଣତଃ କର୍ମବାଦ ଉପରେ ପ୍ରତିଷ୍ଠିତ । ମନୁଷ୍ୟ ନିଜ କର୍ମର କୃତ କର୍ମଫଳ ଅବଶ୍ୟ ଭୋଗ କରିବାକୁ ବାଧ୍ୟ ହୁଏ । ସର୍ବଦା ଦୈବ ବା ଅଦୃଷ୍ଟର ପ୍ରଭୁତ୍ୱ ଅଧୀନ । ଏହି ଅଦୃଷ୍ଟବାଦ ହିନ୍ଦୁ ଭାରତବର୍ଷ ଉପରେ ଆଜିପର୍ଯ୍ୟନ୍ତ ଗଭୀର ପ୍ରଭାବ ପକାଇ ଆସୁଛି । ଜ୍ୟୋତିଷ ଶାସ୍ତ୍ର ପ୍ରଭୃତି ଏହି "କପାଳ ବା ଅଦୃଷ୍ଟବାଦ"ର ଅନୁକୂଳ ଦୃଢ଼ଭାବରେ ମନୁଷ୍ୟସଂସ୍କାର ମୂଳରେ ପ୍ରୋଥିତ କରି ଦେଇଛି । ମହାଭାରତ ଯୁଗରେ, ଗାନ୍ଧାରୀ ଏହି ଭାବରେ ଅଧୀନ ହେବାକୁ ସେ ସ୍ୱାମୀଙ୍କୁ, ତାଙ୍କର କର୍ମଫଳ ଅବଗତ ହୋଇ ଶୋକ କରିବା ପାଇଁ ପ୍ରବୋଧନା ଦେଉଛନ୍ତି । କେବଳ ସେତିକି କହିଲେ ସ୍ୱାମୀଙ୍କର ମନ ବୈଦର୍ଶିନ ହେବ ନାହିଁ ବୁଝି ସେ ଦର୍ଶନଶାସ୍ତ୍ରର ସାର କଥା କହି ତାଙ୍କର ବୁଦ୍ଧି ଉପରେ ପ୍ରଭାବ ପକାଇବାର ଚେଷ୍ଟା କରି କହୁଛନ୍ତି:—

''ଚଇତନ୍ୟ ପୁରୁଷକୁ ନାଥ ଏକ କର
ପାଣ୍ଡୁ ପର ବୋଲି ନିଜ ଶରୀର ନ ଜାଣି

ସଂସାରସାଗର ଏବେ ସେ କରନ୍ତୁ ଏକନ୍ତୁ
ତାକୁ କହନ୍ତି ପାରିଲେ ହେବ ପାଇବ ମୁକତ ।”

ସେ ଏହି ଚୌତିଶି ଧାଡ଼ିରେ ବେଦ ବେଦାନ୍ତ, ଗୀତା, ଉପନିଷଦର ସାର କଥା ପ୍ରକାଶ କରିଅଛନ୍ତି । ସାଧ୍ୱୀ ଗାନ୍ଧାରୀ ପତିଙ୍କୁ କହୁଛନ୍ତି— ଚୈତନ୍ୟମୟ ପୁରୁଷ ହେଉଛନ୍ତି ଜଗତର ଏକମାତ୍ର କାରଣ, ସ୍ରଷ୍ଟା । ତାଙ୍କ ଛଡ଼ା ଅନ୍ୟ ଜଣେ କର୍ତ୍ତା ନାହିଁ ବା କେହି ନାହିଁ । ନିଜର ମାୟାଶକ୍ତିରୁ ନିତ୍ୟ-ତାରୁ ସ୍ୱତନ୍ତ୍ର ସଖିତା ନିଜର ଅଙ୍ଗଚୋଳ ପରିଶୂନ୍ୟ । ସେତେବେଳେ ଏକମାତ୍ର ପୁରୁଷ ସମସ୍ତଙ୍କ ଘଟରେ ବିଦ୍ୟମାନ ହୋଇ, ବହୁ ରୂପରେ ବହୁ ଭାବରେ ସୃଷ୍ଟି ଲୀଳା ବିସ୍ତାର କରି ଜଗତରେ ନିଜକୁ ବିବିଧ ଘଟରେ ପ୍ରକଟ କରି ନେଉଛନ୍ତି, ସେତେବେଳେ ମନୁଷ୍ୟର ଆପଣା ପର ଭେଦଜ୍ଞାନ ଜନ୍ମିବା ମୂର୍ଖତା ଓ ଜଡ଼ତା । ତୁମେ କାହିଁକି ପ୍ରାଣ ହାରିବ ?

ଏ ଯୁଗରେ ଭାରତୀୟ ନାରୀ ଏହିପରି ଉପଦେଶ ସ୍ୱାମୀ ଓ ପରିଜନଙ୍କୁ ଦେଉଥିବେ କି ନା ସନ୍ଦେହ । କିନ୍ତୁ ଗୋଟିଏ ସମୟରେ ଅତୀତ ଯୁଗରେ ନାରୀ ପୁରୁଷ ସମ୍ମୁଖରେ ଏହିପରି ବିଦ୍ୟାର୍ଥୀ ପାଇ ତତ୍ତ୍ୱମାନ ବ୍ୟାଖ୍ୟାନ କରୁଥିଲେ । ଏହା ସାରଳା ଦାସଙ୍କ ମନଗଢ଼ା କଥା ନୁହେଁ । ବ୍ୟାସ-ରଚିତ ସଂସ୍କୃତ ମହାଭାରତ ମଧ୍ୟ ଏହିପରି ଭୂରି ଭୂରି ସାକ୍ଷ୍ୟ ଦେଉଅଛନ୍ତି । ଗାନ୍ଧାରୀଙ୍କର ଏହି ସଦୁପଦେଶରେ କିଛି ଫଳ ହେଲା ନାହିଁ । ଧୃତରାଷ୍ଟ୍ର ଈର୍ଷା ଓ ଅଭିମାନର ଅଧୀନ । ସେ କହୁଛନ୍ତି—

“ପର ସମ୍ପଦ ଦେଖି ନ ପାରଇ ସନ୍ତାପ ।”

ଗାନ୍ଧାରୀ ରୁଦ୍ରାଣୀ ମୂର୍ତ୍ତି ଧରିଲେ । ସ୍ୱାମୀଙ୍କର ଅଦ୍ଭୁତ ଅହଂରେ ମୋହ ତାହା ଜାଣି ପୁଣି ସ୍ତ୍ରୀ କିପରି ଉଦାସୀନ ଓ ନିଶ୍ଚିନ୍ତ ହୋଇ ରହିବ ? ସେ ଭାଷୁଛନ୍ତି—

“ଗାନ୍ଧାରୀ ବୋଇଲେ ଏ ଯେ ଅଟଇ ଅକଥା
ପାପୀ ହେଲୁ ବୋଲି ତାକୁ ଥାଉ ସେ ଅବସ୍ଥା ।
ବିଶ୍ୱର ନାୟକ ଯିନା ଅଟେ ଜଗପତି
ଅବାଟେ ଥାଉ ବାଳୁର ମଟି ଦଏ ଶାସ୍ତି ।

ଏଣୁ ଦର୍ଶାଇ ଖଣ୍ଡିଆ ଦୁର୍ଗୁଣ ଏ ସେତେ
ସମସ୍ତ ବାହୁତ ସିନା ଅଛନ୍ତି ସମସ୍ତେ ।
ଦେଖିଲୁଁ ଏମାନେ ଜାଣି ଅଛନ୍ତି ସେ ଦାଣ୍ଡ
ମଧ୍ୟ ସୃଷ୍ଟି କେବେହେଁ ନୁହଇ ସଫଳ ।
ଆପେ ନ ଦେଖି ଆପଣା ଶରୀରବାଦୁଷ
ପରର ସମ୍ପଦ ଦେଖି ପାଟର ତୁଥନ୍ତି ।
ଗରଜନ୍ତି ପରହିଂସା କରି ଧୃତରାଷ୍ଟ୍ର
ଅନିତ୍ୟ ସଂସାର ଏ ଦେଖ ଅହଂ ମାତ୍ରାଏ ।
ଲୋଭ ମୋହ କାମ କ୍ରୋଧ ଅହଙ୍କାର ହିଂସା
ଏହା ତୁମ୍ଭ ଜର ସ୍ୱାମୀ ନ ବଢ଼ା ମନଟା ।
ଅନେକ ଦାଗେ ଭଣ୍ଡି ଭଲିଲେ ଗାନ୍ଧାରୀ
ଶାନ୍ତ ଅଟ୍ଟା ନୋହିଲେ ଅନ୍ଧ ଦଣ୍ଡଧାରୀ ।”

ଗାନ୍ଧାରୀ ସ୍ୱାମୀଙ୍କୁ ଭର୍ତ୍ସନା କରି ନାହାନ୍ତି । ଯାହା ସତ୍ୟ, ସେହି ଅପ୍ରିୟ ସତ୍ୟକଥାମାନ ଉପଦେଶ ଦୃଷ୍ଟିରେ ଶୁଣାଇଛନ୍ତି । ଏହିଠାରେ ଗାନ୍ଧାରୀଙ୍କର ଅନ୍ତର ଭେଟିଏ ଅନନ୍ୟସାଧାରଣ ମହତ୍ତ୍ୱ ପ୍ରକଟିତ ହୋଇଛି । ଧୃତରାଷ୍ଟ୍ର ଅନ୍ଧ, ତେଣୁ, ସେ ରାଜା ହେବାକୁ ଅଯୋଗ୍ୟ ହେଉଥିଲେ, ଯଦି ସେ ବଂଶଗତ ଅଧିକାରରେ ସିଂହାସନର ଅଧିକାରୀ, ଏଥିରେ ଦ୍ୱିମତ ନାହିଁ ! କୁରୁକୁଳବୃଦ୍ଧ ଋଷିମାନଙ୍କର ଓ ଧୃତରାଷ୍ଟ୍ରଙ୍କ ଆଗରେ ପାଣ୍ଡୁ ରାଜା ହୋଇଥିଲେ ସତ୍ୟ, କିନ୍ତୁ ନ୍ୟାୟତଃ ଧୃତରାଷ୍ଟ୍ର ହିଁ ରାଜା । କେଉଁ ସ୍ତ୍ରୀ ସ୍ୱାମୀର ରାଜପଣ ନ ଲୋଡ଼େ ? କେଉଁ ସ୍ତ୍ରୀ ରାଜାର ଅର୍ଦ୍ଧାଙ୍ଗିନୀ ହେବାକୁ ଆକାଂକ୍ଷିତ ନ ହୁଏ ? ସାମାଜିକ ଭୌତିକ ତଥା ସମ୍ପଦର ଆଭିଜାତ୍ୟ ସାଧାରଣ ନାରୀର ଏକାନ୍ତ ବାଞ୍ଛିତ ପଦାର୍ଥ ନୁହେଁ କି ? ଗାନ୍ଧାରୀ ସେତେବେଳେ ଜାଣୁଛନ୍ତି, ସେ ରାଣୀ ଓ ଧୃତରାଷ୍ଟ୍ର ପ୍ରକୃତ ରାଜା, ତଥାପି ରାଜ୍ୟର ମଙ୍ଗଳକାମନାରେ ଓ ପ୍ରଜାମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ଦୃଷ୍ଟିରେ ଅନ୍ଧସ୍ୱାମୀ ରାଜା ହେଲେ ରାଜ୍ୟରେ ମଙ୍ଗଳ ହେବ ନାହିଁ ବୋଲି ସେ ଅନୁଭବ କରୁଛନ୍ତି । ପୁଣି ନାରୀର

ଦେବୀଙ୍କ ପୁତ୍ର ହେବାରେ ତାଙ୍କର କୌଣସି ପ୍ରକାର ଦୋଷାଭ ପ୍ରମାଣ ପାଉ ନାହିଁ । ସ୍ୱାମୀଙ୍କର ଅନୁଜ୍ଞା ଓ ଇଚ୍ଛା ତାଙ୍କୁ ପ୍ରେରିତ କରୁଛି । ସେ ବୁଝାଉଛନ୍ତି, ଜୋର ଦେଉଛନ୍ତି, ବାଧ୍ୟ ହେଉଛନ୍ତି । ତେଣୁ ସ୍ୱାମୀ କଥାରେ । ଗାନ୍ଧାରୀଙ୍କଠାରେ ଗୋଟିଏ ଦେଖାଯାଉଥିବା ଅସାଧାରଣ ନାରୀତ୍ୱ ଫୁଟିଛି । କବି ଗାନ୍ଧାରୀଙ୍କୁ ଏଠାରେ 'ଅତି ମାନବୀ' ରୂପରେ ଚିତ୍ରିତ କରିଛନ୍ତି । ସେଠାରୁ ସାଧାରଣ ନାରୀ ପ୍ରକୃତିଙ୍କର କଳ୍ପନା କରାଯାଇ ନ ପାରିବ ନାହିଁ । କିନ୍ତୁ ଏଥିପାଇଁ ଏ କଥା କହିବା ଭୁଲ ହେବ, ଗାନ୍ଧାରୀ କବିଙ୍କର କାଳ୍ପନିକ ନାୟିକା । ଭାରତର ନାରୀଜାତି ଅତୀତ କାଳରେ ଯେଉଁ ସଦ୍‌ଗୁଣ, ଆତ୍ମସଂଯମ, ତପସ୍ୟା ଓ ଧୈର୍ଯ୍ୟର ପରିଚୟ ଦେଇ ଯାଇ ଅଛନ୍ତି, ତାହାର ପ୍ରଭାବ ସମସ୍ତ ସମାଜକୁ ନିୟନ୍ତ୍ରିତ କରିଅଛି । ଏ କଥା ନ ମାନିବାକୁ ପଥ ନାହିଁ ।

ପାଣ୍ଡୁ ନେତ୍ରଥିବାରୁ ଜ୍ୟେଷ୍ଠଙ୍କ ତାଙ୍କ କଥା ଶୁଣି ତାଙ୍କର ଅନ୍ତରର କଥା ବୁଝି କହିଲେ—

"ଅତ ସକଳ ଗୁଣିଲ ସେମାନ ମନସ୍କାମ
ଲୋକେ ସମର୍ପିଲି ଦଣ୍ଡ ଛଣ ଗ୍ରହଣଧର୍ମ
ଏ ସର୍ବ ଲକ୍ଷଣେ ସ୍ୱାମୀ ତୁମ୍ଭ ଅଧିକାଂଶ
ଯଶାରୁ ପ୍ରାଣିଗଣ ଲୋକେ ଜଳ ବନ୍ଧୁଜନ ।"

ସତୀ କୁନ୍ତୀ କହିଲେ—

'ଅଙ୍କ ନୃପଶ୍ଚ କବଳ ହୋଇ ପାରିବ ?"

× × ×

କୁନ୍ତୀ ଓ ମାଦ୍ରୀ ଦେବିବଳକୁ ପାଚିଷ୍ଠ ଗ୍ରହ କରିବାରୁ ଏବଂ ଏହି ପୁତ୍ରମାନେ ସୁଯୋଗ୍ୟ ହେବାରୁ ରାଜାଙ୍କ ମନରେ ଅର୍ଦ୍ଧାଙ୍ଗ ଉପସ୍ଥିତ ହେଲା । ମାଦ୍ରୀ ଅଶ୍ୱିନୀକୁମାରଙ୍କୁ ସ୍ମରଣ କଲେ । ଦେବତାଙ୍କ ବରଦାନରେ ଅଶ୍ୱିନୀକୁମାରଙ୍କର ରୂପରେ ପ୍ରତିଷ୍ଠିତ ଥିଲା । ତାହାଙ୍କଠାରୁ ନକୁଳ ନାମକ ଅତ୍ୟନ୍ତ ସୁକୁମାର ଏବଂ ସୁଶୋଭିତ ତେଜସ୍ୱୀ ପୁତ୍ର ଜନ୍ମିଥିଲା ।

× × × ×

ଗାନ୍ଧାରୀ ଅତି ଉଚ୍ଚ ସ୍ତରର ନାରୀ । ଶତ କୁମାରଙ୍କର ଜନନୀ ହୋଇ ପୁଣି ପୁତ୍ରଙ୍କ ପାଇଁ ତାଙ୍କ ମନରେ ଶାନ୍ତି ନ ଥିଲା । ସେ ଜାଣିଥିଲେ, ତାଙ୍କର କୁମାରମାନେ ଦୁଷ୍ଟ, ଦୁର୍ମତିପରାୟଣ ଏବଂ ସେମାନେ ହିଁ କାଳ-କ୍ରମେ କୁଳଧ୍ୱଂସର କାରଣ ହେବେ ।

ଥରେ ଗାନ୍ଧାରୀ ଯମୁନାଘାଟରେ ଅଙ୍ଗମାର୍ଜନା କରୁଥିବା ସମୟରେ ଦୁର୍ବାସାଋଷି ସେଠାରେ ଉପସ୍ଥିତ ହେଲେ । ଗାନ୍ଧାରୀ ତାଙ୍କୁ ପ୍ରଣାମ କଲେ । ଦୁର୍ବାସା ତାଙ୍କୁ "ସୁଲକ୍ଷଣା ହୁଅ" ବୋଲି କଲ୍ୟାଣ କରିବାରୁ ଗାନ୍ଧାରୀ କହିଲେ, "ଆପଣ ବ୍ରହ୍ମବେତ୍ତା, ଆପଣଙ୍କୁ କ୍ରୋଧୀ ଦେଖି ଯେପରି ପରିତୋଷ କରି ଧନ ପାଉଛନ୍ତି ମୁଁ ସେହିପରି ବୁଝୁଛି ।" ଦୁର୍ବାସା କହିଲେ— "ବସିଷ୍ଠ କହୁଛନ୍ତି, ତୋର ପୁତ୍ରଗୁଡ଼ିକ ମୂର୍ଖ, ପାପାଶୟ, ହେବେ । ମୁଁ ଏପରି ପୁତ୍ର ଗୋଟିଏ ସୃଷ୍ଟିହେବ କି ମୋର କୁଳକୁ କାରଣ ହେବ । ଆଉ ଗୋଟିଏ କନ୍ୟା ମଧ୍ୟ ଅଭିଶପ୍ତ ହେବେ । ଗାନ୍ଧାରୀଙ୍କ ଅନ୍ତରେ ଦୁର୍ବାସା ବୁଝେଇଦେଲେ । କିନ୍ତୁ ଗାନ୍ଧାରୀଙ୍କର ପୁତ୍ରପ୍ରୀତି ଏବଂ ଅନ୍ତର୍ଯାମୀଙ୍କ କଥା—

'ଧୃତରାଷ୍ଟ୍ର ପୁଚ୍ଛା କଲେ ଶୁଣ ଗୋ ଗାନ୍ଧାରୀ
କେଉଁର ଅଳପ ହେଲା କର୍ଣ୍ଣ ହେଲା କ୍ଷୟ ।
ଗାନ୍ଧାରୀ ବୋଲେ ଦୁର୍ବାସା ଦୟା କଲେ ମୋତେ
ସର୍ବେ ପୁତ୍ରେ ରହିଲେ ଜଳିବାର ମତେ ।

ଗାନ୍ଧାରୀ ଜନ୍ମତଃ ବନ୍ଧ୍ୟା ନାରୀ । କିନ୍ତୁ ଧାର ଉତ୍ତମ ଧର୍ମ ଓ ବ୍ୟାସାଦି ଋଷିମାନଙ୍କର ଆଶୀର୍ବାଦରେ ଏହିବଳରୁ ଧାରି ତାଙ୍କର ଶତ ପୁତ୍ର ଜାତ ହୋଇଥିଲେ । ତେବେ ମଧ୍ୟ ସେହିପରି ସନ୍ତାନଜନ୍ମର ବହୁତ କଥା ପ୍ରକାଶ କରିଛନ୍ତି ।

କୁନ୍ତୀ ଦେବକୁମାରମାନଙ୍କର ଜନନୀ ହୋଇ ଗାନ୍ଧାରୀ ମନେ ମନେ ଈର୍ଷାନ୍ୱିତା ହୋଇ ପଡ଼ିବା ସ୍ୱାଭାବିକ । କିନ୍ତୁ କବି ତାଙ୍କ ପଦରେ ଗାନ୍ଧାରୀ ପାଖେ ଯେଉଁ ନାଟକ ଫୁଟାଇଛନ୍ତି, ତାହା ଦରଶା ରାଜ୍ୟରେ କାରୁଣ୍ୟର

ପ୍ଳାବନ ଅଟେ । ଗାନ୍ଧାରୀ ଧର୍ମାତ୍ମା ନାରୀ—ଦୁର୍ଭାଗିନୀ ନାରୀ । ତାଙ୍କ ପୁତ୍ର-ଙ୍କର ଜୀବନ ଯାଇଅଛନ୍ତି, ଏଥିପାଇଁ ଗାନ୍ଧାରୀଙ୍କ ମନରେ ଲଜ୍ଜାର ବେଦନା । ଦୁର୍ବାସାଙ୍କୁ ସେ ସେଥିପାଇଁ ମିନତି କରି କହିଲେ—

"ଗାନ୍ଧାରୀ ବୋଇଲେ ଶୁଣ ଶ୍ରୀମନ୍ତ ବଦନେ
ଶତପୁତ୍ର ଥାଉଣୁ ମୁଁ ଅର୍ଦ୍ଧର ସହିଲେ,
ପୁତ୍ରଙ୍କୁ ବୋଲେ ଧରଣୀ ଦୋହଲେ ଭୀଷ୍ମ
ଅନ୍ତରେ ପୁତ୍ର ତୋହର ତେଜବେ ମନ୍ଦାକ୍ରାନ୍ତ ।
ନିଜପୁତ୍ର ବାହୁ ଦଳୁ ଧର୍ମବାଣ୍ଟ ଗଣି
ଦିଶୁଅଛୁ ତୋହର ଦେହ ନୋହିବେ ଜାଣେଣି ।"

ଗାନ୍ଧାରୀଙ୍କର ପାତିବ୍ରତ୍ୟ ମଧ୍ୟ ଅତି ପ୍ରଶଂସାର ବିଷୟ । କବି କହିଛନ୍ତି:—

"ସ୍ୱାମୀ ଜେନ ଦେଖେ ଅନ୍ଧ ଜାଣିଣ ଗାନ୍ଧାରୀ
ଆପେ ଅଟେ ମନେ ମନେ ଅନେକ ବିଚାରି ।
ଜନ୍ମର ବାପାକେ ସ୍ୱାମୀ ହୋଇଲେ ପାଣ୍ଡବ
ଦେଖୁ ନାହିଁ ପୁତ୍ରଙ୍କର ସମ୍ପଦ ନ ଦେଖି ।
ସ୍ୱାମୀର ନାହିଁ ହୋଇଲୁ ଯେବେ ଦେଖ ଆଖି
ମୁହିଁ ପାପଣୀ ଦେଖିବି କାହିଁ ତାହା ଦେଖି ।
ପତିଜନୀ ଅର୍ଥେ ଗାନ୍ଧାରୀ ପତିବ୍ରତା କଲୁ
ସ୍ୱାମୀର ଅନ୍ଧ ନେତ୍ର ନ ଦେଖିବି ବୋଇଲୁ ।
ଅନ୍ତପଟଳ ବାନ୍ଧିଲୁ ଆପଣା ନୟନରେ
ଚାହିଁ ନ ଦେଖି ରହିଲୁ ସତୀତ୍ୱ ଗାରେ ।"

ଏ କଳ୍ପନାଟି ଅଦ୍ଭୁତ । ସ୍ୱାମୀ ଯେବେ ନ ଦେଖିବେ, ପୁତ୍ରଙ୍କର ସମ୍ପଦ ନ ଦେଖିବେ, ପୁତ୍ରମାନଙ୍କୁ ନ ଦେଖିବେ, ତାହା ହେଲେ ଗାନ୍ଧାରୀ କପରି ଚକ୍ଷୁରିନ୍ଦ୍ରିୟର ତୃପ୍ତି ସାଧନ କରିବେ ? ଏଠାରେ ନାରୀର ପତି ପ୍ରତି ପରମ ଶ୍ରଦ୍ଧା ଓ ସମ୍ମାନ ଫୁଟି ଉଠିଛି । ସ୍ତ୍ରୀ

ସ୍ୱାମୀର ସହଧର୍ମିଣୀ । ଗାନ୍ଧାରୀ ଧୃତରାଷ୍ଟ୍ରଙ୍କର ସହମର୍ମିଣୀ ହେଲେ । 'ଏହାଠାରୁ ବଡ଼ ଆଦର୍ଶ ପତ୍ନୀଜୀବନରେ କଣ ଦେଖାଯାଇ ପାରେ ?

କୁନ୍ତୀ ଏ କଥା ଶୁଣି ବଡ଼ଚକିତ ହୋଇ ସ୍ୱାମୀଙ୍କୁ କହିଲେ, "ଗାନ୍ଧାରୀଙ୍କ ପିଲାଙ୍କୁ ଅମ୍ଭେମାନେ କଣ୍ଟ ବୋଲି ଚିହ୍ନାଇବା । ଚାଲ ଆମ୍ଭେମାନେ ଏଠୁ ହସ୍ତିନାକୁ ଯିବା ।" ପାଣ୍ଡୁ ଭ୍ରାତୃଜାୟାଙ୍କୁ ଅତ୍ୟନ୍ତ ସ୍ନେହ ଓ ଭକ୍ତି କରୁଥିଲେ । ନମ୍ରଶାନ୍ତତା ତାଙ୍କ ସ୍ୱଭାବର ଭୂଷଣ ଥିଲା । ସେ କହିଲେ, "ମୁଁ ଭ୍ରାତୃଜାୟାଙ୍କର ଏ କଷ୍ଟ ଦେଖି ପାରିବି ନାହିଁ । ତୁମର ଯିବା ଉଚିତ । କୁମାରମାନଙ୍କୁ ସଙ୍ଗରେ ନେଇଯାଅ, ସେ କୁମାରଙ୍କୁ ଦେଖିବା ନିମନ୍ତେ ଉତ୍କଣ୍ଠିତ ହୋଇ ପାରନ୍ତି," କୁନ୍ତୀ ହସ୍ତିନା ପୁରକୁ ଯିବାକୁ ରାଜି ହେଲେ । ମାଦ୍ରୀ ଅତି ରୂପବତୀ ନାରୀ ହେବାରୁ ସ୍ୱାମୀଙ୍କର ଜୀବନସଂଶୟ ଚିନ୍ତା ସବୁବେଳେ କୁନ୍ତୀଙ୍କ ଚିତ୍ତରେ ବିଦ-ଦ୍ଧ ଥିଲା । ସେ ଗଲାବେଳେ ତାଙ୍କର ଚିନ୍ତା ପ୍ରକାଶ କରି କହୁଛନ୍ତି—

"କୁନ୍ତୀ ମାଦ୍ରୀଙ୍କି ବୋଇଲେ ଶୁଣ ଏମନ୍ତେ
ସ୍ୱାମୀସେବା କରୁଥିବ ଯିବା ପର୍ଯ୍ୟନ୍ତେ ;
ଏ ତୋହର ରୂପ ଗୁଣ ଯୌବନକୁ ଦେଖି
ନ ଯିବ ସ୍ୱାମୀ ଆସକ୍ତ ତୋହର ଲକ୍ଷିକି ।"

ମାଦ୍ରୀ ପତିବ୍ରତାପରାୟଣା ଯୁବତୀ । ସେ କୁନ୍ତୀଙ୍କର ଆଶଙ୍କାକୁ ନିତାନ୍ତ ଲଘୁ ଭାବରେ ନେଲେ—

"ହସିଣ ବୋଇଲେ ମାଦ୍ରୀ ଦେବୀ ତାହା ଶୁଣି
ଏ କଥା ଗୋସାଇଁ ମୁହିଁ କିଛି ନ ଜାଣେ !"

କିନ୍ତୁ ଏକଥା ଶୁଣି କୁନ୍ତୀଙ୍କ ମନ ତୁଷ୍ଟ ହେଲା ନାହିଁ । ରାଜାଙ୍କୁ ସମ୍ଭାଳି ରଖିବାକୁ ପରାମର୍ଶ ଦେଇ ଦେବତାଦି ହୋମ ଏବଂ ଶବର ହାଟରେ ଏକ ହୀର ପ୍ରାଣାଧିକ ପ୍ରିୟ ପୁତ୍ରମାନଙ୍କୁ ଅଳଙ୍କାରରେ ମଣ୍ଡି ଦୋଳାରେ ଓ ରଥ ନାମରେ କର୍ଣ୍ଣନ୍ତି ଦେଶରେ ଅର୍ଜୁନ ଓ ନକୁଳଙ୍କୁ ବସାଇଲେ ଏବଂ ବନରୁ ରେଣ୍ଡ ଭୂତଧାମ ଦର୍ଦ୍ଧି ଆଣାଇ ଯୁଧିଷ୍ଠିର ଭୀମସେନଙ୍କୁ ବସାଇ ହସ୍ତିନା ଅଭିମୁଖରେ ଗମନ କଲେ ।

କୁନ୍ତୀ ଧୃତରାଷ୍ଟ୍ର ପୁରରେ ବାସ କଲେ । ଧୃତରାଷ୍ଟ୍ର ପ୍ରମୁଖ ଅମାତ୍ୟ ସ୍ୱଜନମାନେ କୁନ୍ତୀଙ୍କୁ ସେବାସମ୍ଭାଷଣ କଲେ । କୁନ୍ତୀ ଜ୍ୟେଷ୍ଠ ଭଗିନୀ ବଳି ଗାନ୍ଧାରୀଙ୍କୁ ପ୍ରଣିପାତ କଲେ । ପୁତ୍ରମାନେ ମଧ୍ୟ ଜ୍ୟେଷ୍ଠ ମାତାଙ୍କୁ ପ୍ରଣାମ କଲେ । କୁନ୍ତୀଙ୍କର ଉଦ୍ଦେଶ୍ୟ ଥିଲା ତାହାଙ୍କର ଅଙ୍କପଟଳ ଶୋଧିବା । ସେ କହୁଥିଲେ—

"କୁନ୍ତୀ ବୋଲଇ ଏକଥା ଶୋଧିବ କି ଶୋଭାଇ
ବସ୍ତ୍ରର ଅଞ୍ଚଳ ବାନ୍ଧିଲୁ କିମନ୍ତେ ?"

ଗାନ୍ଧାରୀ କହନ୍ତି—

"ଗାନ୍ଧାରୀ ବୋଇଲେ ମୋର ସ୍ୱାମୀର ଯେ ଯୋଗ
ମୁଁ ତାର ଭରସା ବିନା ଜାଣିବି କା ଭୋଗ ।
ସ୍ୱାମୀ ଦୃଷ୍ଟିହୀନ ମୁହିଁ ତାଙ୍କ ସଙ୍ଗେ ଯିବି ।
ତାଙ୍କ ବୃତ୍ତି ନାହିଁ ବହୁ ଅତି କେଶ ଦୃଷ୍ଟି ।

ସ୍ୱାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାନୁଭୂତି ଗାନ୍ଧାରୀଙ୍କ ଜୀବନକୁ କିଛି ସାଧନାରେ ପୂର୍ଣ୍ଣମୟ କରିଦେଇଛି । ସାରଳା ଦାସଙ୍କ ଲେଖନୀରେ ତାହା ସୁନ୍ଦରରୂପରେ ଚିତ୍ରିତ ହୋଇଛି ।

କୁନ୍ତୀ କହୁଛନ୍ତି—

"କୁନ୍ତୀ ବୋଇଲେ ଏହି ନୃପଙ୍କ ଭବନ
ପୁତ୍ରମାନଙ୍କ ସମ୍ପଦ ଦେଖିବି କେମନ୍ତ ।
ଅନେକ ଦୁଃଖେ ଅର୍ଜିଲୁ ଏ ଶତ ପୁତ୍ରଙ୍କୁ
ଦୁଃଖେ ପ୍ରତିପାଳନ ମୋ କରିଲୁ ଏହାଙ୍କୁ ।

ଗାନ୍ଧାରୀ କହିଲେ—

"ଗାନ୍ଧାରୀ କହନ୍ତି ମୋର ସବୁ ସୁଖ ଦୁଃଖ
ଯାହା ଅଛନ୍ତି ସ୍ୱାମୀ ଅନ୍ଧ ଅଦୃଷ୍ଟ ।
କୁନ୍ତୀଦେବୀ ତୁ ତୋ ନ ବୋଲି ମୋତେ ଆଜ
ମୋହର ପୁତ୍ରଙ୍କୁ ତୁହି ନ କର ଅନାଦର ।"

ଗାନ୍ଧାରୀ କାହାରି କଥା ନ ଶୁଣି ଅନ୍ଧପଟଳ ପିନ୍ଧିଲେ । ମନସ୍ୱିନୀଙ୍କ ସ୍ୱାମୀ କି ଭକ୍ତି ପ୍ରବଣତା ! କି ସ୍ୱେଚ୍ଛାକୃତ ତ୍ୟାଗ !!

ପାଣ୍ଡୁଙ୍କ ମୃତ୍ୟୁ ପରେ କୁନ୍ତୀ ଏତାବେଳେ ଶୋକରେ ଅଭିଭୂତ ହୋଇ ଆପଣାଙ୍କୁ ନିତାନ୍ତ ଅସହାୟ ମନେ କରୁଥିବାରୁ ଗାନ୍ଧାରୀ ତାଙ୍କୁ ବହୁତ ସାନ୍ତ୍ୱନା ଦେଲେ ଏବଂ ହସ୍ତିନାପୁରରେ ତାଙ୍କ ପାଖରେ ରହିବା ପାଇଁ କହିଲେ । ଏହା ଶୁଣି କୁନ୍ତୀ କହିଲେ—

"କୁନ୍ତୀ ବୋଇଲେ ଗୋ ଭଉଣୀ ତୁହି ଦୟାବନ୍ତ
ସମ୍ଭାଳି ନ ପାରିବ ମୋ ପୁତ୍ରେ ଦୁଷ୍ଟମତି ।
ଏତେକ ଭଗ୍ନି ମୋଠାରେ ଲଗାଇଛ ମାୟା
ତାହାଲି ସମ୍ଭାଳି ନ ପାରି ଛାଡ଼ିବ ସୁତମ୍ଭା ।
ସେ ବୁଦ୍ଧି ପୁତ୍ରେ ଗୋ ଥାନ୍ତୁ ତୋହର ଠାଇଁ
ଏ ସାନ ପୁତ୍ରଙ୍କୁ ଘେନିବି ଏଥୁ ରହି ।"

କୁନ୍ତୀ ଗାନ୍ଧାରୀଙ୍କ ପ୍ରତିକୂଳ ଭାବ ଜାଣି ଏପରି କହୁଛନ୍ତି । ଗାନ୍ଧାରୀ ଚାହିଁଲେ ବାଧା ଦେବାକୁ କୁନ୍ତୀଙ୍କର ମନରେ ଟିକିଏ ନାହିଁ । ସେ ତାଙ୍କୁ ମଧ୍ୟ ଉଦାରଚେତାରେ ଶତ୍ରୁ ବୋଲି ଟିକେ ଭାବୁଛନ୍ତି । ସେମିତିକା ଦୁଃଖରେ ମଣିଷ ବିକୃତ ହୋଇ ଯାଇଥାଏ; କିନ୍ତୁ ଗାନ୍ଧାରୀ ବୟୋଜ୍ୟେଷ୍ଠା—ସ୍ୱାଭିମାନୀ । ସାନ ଜାଆଙ୍କର ଉପେକ୍ଷଣାରେ ସେ ବିଚଳିତ ହେଲେ ବି ସେଥିରେ ମୂଳର ଧର୍ମ ନାହିଁ । ତାଙ୍କୁ ସବୁ ସମ୍ଭାଳିବାକୁ ହେବ । ଗାନ୍ଧାରୀ ଦୁଃଖରେ କହୁଛନ୍ତି—

କୁନ୍ତୀଙ୍କର ଏମନ୍ତ ବୋଲନ୍ତି ଗାନ୍ଧାରୀ
ଧନ୍ୟ ଧିକ୍ କର୍ମ ଏତେଁ ଥିବ ଦୁଃଖ କରି ।
ଏହୁ ସଂସାରର ଦୁଃଖ ନ ଦେଖିବ ବୋଲି
ଆପଣା ଚକ୍ଷୁରେ ଅନ୍ଧପଟଳ ଢାଙ୍କିଲି ।
ଏକ ଅନ୍ଧୁଣୀ ଅଟେଁ ସେ ବେଢ଼ାଇଲୁ କଣ୍ଟକ
ସବୁ ପୁତ୍ରଙ୍କୁ ମାତା କି ଯତ୍ନେ ପ୍ରତିପାଳ,

ଯେତେ ଭାଲ ବସିଥିଲୁ ଆମ୍ଭେ ବେନି ପ୍ରାଣୀ
ଭୁଜଙ୍ଗ ପକ୍ଷିରାଜଙ୍କର ହୋଇବ କାହାଣୀ ।
ଏକ ମାତ୍ର ପାଣ୍ଡୁଙ୍କୁ ସେ ଦେଇ ନ ପାରିବ
ତୋହର ଅଙ୍କ ପାଳିଣି ଥିବ ଦେଖାଦେ ସେବ ।
ଉଠି ଗାନ୍ଧାରୀ କୁନ୍ତୀଙ୍କି ଧରି କୋଳ କଲେ
ମୋ ଆପଦ ଘେନେ ବୋଲି ନୀର ଅର୍ପିଲେ ।
ତୋଳି ଚରଣ କୁନ୍ତୀଙ୍କୁ ବସାଇଲେ କୋଳେ
ଉଦବେଗେ ଯଜ୍ଞସେନୀଙ୍କୁ କୋଳରେ ଧଇଲେ ।

ଗାନ୍ଧାରୀ ଦେବୀ ମୃତଦେହ ଖୋଜ ପାଉଥିବା ପାଇଁ ଯେଉଁ ଭାଷାରେ କୁନ୍ତୀଙ୍କୁ ସାନ୍ତ୍ୱନା ଦେଉଛନ୍ତି, ତାହା ସାଧାରଣ ମାନବୀ ପକ୍ଷରେ ସମ୍ଭବପର ନୁହେ । ପାଣ୍ଡୁ ଅନ୍ଧ ଜ୍ୟେଷ୍ଠଙ୍କ ପାଇଁ ରାଜ୍ୟଶାସନ କରିଥିଲେ । ଗାନ୍ଧାରୀ ଦେବରପତ୍ନୀଙ୍କୁ ସୁଖୀ କରିବାକୁ ତାଙ୍କର ପୁତ୍ର-ମାନଙ୍କ ରାଜ୍ୟଲାଭ ହେଲେ କୁନ୍ତୀଙ୍କୁ ରାଜମାତା ହୋଇ ରାଜ୍ୟ ପାଳନ କରିବାକୁ ଅନୁରୋଧ କରୁଛନ୍ତି । ନିଜ ପୁତ୍ରମାନଙ୍କ ମଧ୍ୟ କୁନ୍ତୀଙ୍କ ନିକଟରେ ଅବାଧରେ ସମର୍ପଣ କରି ଦେଉଛନ୍ତି । କେବଳ ଏତିକି ନୁହେଁ, ସେ ଜନ୍ମାନ୍ତରେ କେବଳ ପାଣ୍ଡୁଙ୍କ ଛଡ଼ା ଆଉ ମୋର ଭଲ ଅପେକ୍ଷା କରୁ ନାହିଁ । "ତୋର ଆପଦ ନେବାକୁ ମୁଁ ଜନ୍ମର ବୋଲି ବରଣ କରି ନେଉଛି ।" ଏହାଠାରୁ ବଳି ଶୋକସାନ୍ତ୍ୱନାର କଥା ଆଉ କଣ ହୋଇ ପାରେ ?

ଗାନ୍ଧାରୀଙ୍କୁ ବ୍ୟାସ କହୁଛନ୍ତି — "ଶୁଣଗୋ ଗାନ୍ଧାରୀ
ଯେମନ୍ତେ କୁନ୍ତୀର ପୁତ୍ରେ ପାଣ୍ଡୁଙ୍କ ନନ୍ଦନ ।
ସେହିମତ କରି ଏହାଙ୍କୁ ଥାଅ ଉଚିତ ନ
ତୁ ମନୁଷ୍ୟ କୁଳିନି ସୋ ଅଟୁ ରାଜବାଳୀ ।
× × × × × ×
ଯଜ୍ଞସୂତ୍ର ଛାଡ଼ିଲ ସେ ତୋର ପୁତ୍ର ଅଟୁଁ ।"

ଅନେକ ଭାବରେ ଏ ଯୁଗର ପାରିବାରିକ ଚିତ୍ର ଏହି ଦୃଷ୍ଟିରୁ ସେତିକି ମହତ୍ତ୍ୱପୂର୍ଣ୍ଣ ହୋଇ ରହୁଛି, କାରଣ ସେଥିରେ ସେହିପରି ଚମତ୍କାରିତ୍ୱ ବର୍ଣ୍ଣନାମାନ ରହିଅଛି ।

ପତିପରାୟଣା ସତୀ ସାଧ୍ୱୀ ଗାନ୍ଧାରୀଙ୍କର ଅନ୍ତଃକରଣ ଚରିତ୍ରରେ ସାରଳା ଦାସ ଯେଉଁ ସାଧାରଣ ମାତୃହୃଦୟର ସ୍ୱାଭାବିକ ଦୁର୍ବଳତାର ଛବି ଦେଇଛନ୍ତି, ତାହା ପ୍ରଣିଧାନ କରିବା କଥା । ନିଜ ପୁତ୍ର ନିଧନରେ ଶୋକାକୁଳା ଗାନ୍ଧାରୀଙ୍କର ବୁଦ୍ଧିଭ୍ରଂଶ ଘଟିଥିଲା । ଧୃତରାଷ୍ଟ୍ର ବିଦୁର-ଶିକ୍ଷା ମଧ୍ୟ ଭୁଲି ଯାଇଥିଲେ । ନିଜ ପୁତ୍ରମାନଙ୍କର ଦୋଷ ଥିଲେ ମଧ୍ୟ ସେ-ସେମାନେ ନିଜେ ନିଜ ନିଧନର କାରଣ ହୋଇଥିଲେ ମଧ୍ୟ ଗାନ୍ଧାରୀ ପୁତ୍ର-ଶୋକରେ ସାଧାରଣ ସ୍ତ୍ରୀର ନ୍ୟାୟରେ ସବୁ ଦୋଷ ଭୁଲିଯାଇ ପାଣ୍ଡବ ଓ ଶ୍ରୀକୃଷ୍ଣଙ୍କୁ ଶତ୍ରୁରୂପରେ ଦେଖୁଥିଲେ । ମହାଭାରତ ଯୁଦ୍ଧ ଶେଷରେ ସେତେବେଳେ ପାଣ୍ଡବଗଣଙ୍କ ସହିତ ଶ୍ରୀକୃଷ୍ଣ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ସାକ୍ଷାତ କଲେ, ସେତେବେଳେ ଗାନ୍ଧାରୀ ମୁଖବନ୍ଧରେ କପଟ ରଖି ବାହାରେ ସ୍ନେହପ୍ରକାଶପୂର୍ବକ ଅଙ୍ଗସ୍ପର୍ଶ କରାଇ ପାଣ୍ଡବମାନଙ୍କୁ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଯୁଧିଷ୍ଠିରଙ୍କୁ ଦେଖି କୋପାନଳରେ ଦଗ୍ଧ କରିବା । ଶ୍ରୀକୃଷ୍ଣ ଏକଥା ଜାଣି ଗାନ୍ଧାରୀଙ୍କର ଏକମାତ୍ର ଜୀବିତ ପୁତ୍ର ଦୁର୍ଯ୍ୟୋଧନଙ୍କୁ ଗାନ୍ଧାରୀଙ୍କ ଅଗ୍ରତଃ ପଠାଇବାକୁ କହିଲେ । ଗାନ୍ଧାରୀ ସ୍ୱାମୀ ଅତି ପ୍ରବୀଣ ନିଜର ପୁତ୍ରମୁଖ ଦେଖି ନ ଥିଲେ । ସେଥିପାଇଁ ଦୁର୍ଯ୍ୟୋଧନଙ୍କୁ ପାଣ୍ଡୁପୁତ୍ର ମଣି ଦୃଷ୍ଟିକ୍ଷେପରେ ଅଙ୍ଗରେ ଦହନ କରି ଦେଲେ । ପୁଣି ନିଜ ପୁତ୍ରଗଣଙ୍କ ଦୋଷ ପ୍ରତି ଲକ୍ଷ୍ୟ ନ ରଖି ଶ୍ରୀକୃଷ୍ଣଙ୍କୁ ଯଦୁବଂଶଧ୍ୱଂସର କାରଣ ମନେ କରି ଅଭିଶାପ ଦେଇଥିଲେ ।

“ତାହା ଶୁଣି ବୋଲନ୍ତି ବୋଲିଲେ ଗାନ୍ଧାରୀ
ଦୁଷ୍ଟ ନାଶ କରାଇଲୁ ବଂଶକୁ ମୋହର ।
ତୋହର ବଂଶରେ ଯାଏ ନାହିଁ ମୋର ବଂଶ
ସେହି ଦୃଷ୍ଟି ମୋର ଏହି ହେଉ ବଂଶ ନାଶ ।”

(ନାରୀପର୍ବ)

ନାରୀର ସ୍ୱାଭାବିକ ଗୁଣ ଗାନ୍ଧାରୀଙ୍କ ମାତୃତ୍ୱଠାରୁ ଜଣାପଡ଼େ । ସେ ଜ୍ଞାନ ଧର୍ମ ସବୁ ବିଷୟରେ ଅଭିଜ୍ଞା ଥିଲେ । ପତ୍ନୀରୂପେ ପାତିବ୍ରତ୍ୟ ତାଙ୍କ ଜୀବନର ଅଳଙ୍କାର ଥିଲା । କିନ୍ତୁ ମାତୃରୂପେ ତାଙ୍କ ଚରିତ୍ର ବିଶ୍ଳେଷଣ କଲେ ସେ ଜଣେ ସାଧାରଣ ନାରୀରୂପରେ ପ୍ରତିହିଂସାପରାୟଣା ପ୍ରତିଭାତ ହୁଅନ୍ତି ।

ଗାନ୍ଧାରୀଙ୍କର ସମଦର୍ଶିତା ନ ଥିଲା ବୋଲି ପୁତ୍ରମାନଙ୍କ ଦୌରାତ୍ମ୍ୟ ଓ ଯାଜ୍ଞସେନୀଙ୍କ ଉପରେ କୋଳାହଳ ତାଙ୍କର ଦୃଷ୍ଟିକୁ ଏଡ଼ିବାକୁ ସେ ପଞ୍ଚକନ୍ୟାଙ୍କ ରକ୍ଷାଇ ସ୍ୱାମୀଙ୍କୁ ଘଟଣାସ୍ଥଳରେ ଯାଇ ଦେବାକୁ ଅନୁରୋଧ କରିଥିଲେ ।

“ଗାନ୍ଧାରୀ ବୋଇଲେ ସ୍ୱାମୀ ଶୁଣ ମୋ’ ବଚନ
ଯେତେକ ଜାଣ ଥିବା ସନ୍ତାନ କୁମାନ
ଅଲଗେଣ ସାଥି ଅନ୍ତମ୍ବ ଡ଼ାଇ ଏଥୁ ଜାଣ
ଭଗ୍ନାପାଶରେ ଯାଇ ବାନ୍ଧିବା ପନ୍ଥ ।”

ଏହା ନାରୀଚରିତ୍ରର ଏକ ଅସ୍ୱାଭାବିକ ପରିଚୟ ଦିଏ । କିନ୍ତୁ ସାରଳା ଦାସ ନାରୀକୁ ନାରୀତ୍ୱରେ ଦେଖାଇଛନ୍ତି, ରକ୍ତ ମାଂସ ଶରୀରର ବେଦନା, ହୃଦୟର ଓ ଆବେଗକୁ ଉପେକ୍ଷା କରାଯାଇ ନାହିଁ । ତେଣୁ ଏହା ନାରୀର ଏକ ସ୍ୱାଭାବିକ ଗୁଣ ବୋଲି ମନେ ହୁଏ ।

ଗାନ୍ଧାରୀ ଯେ ସ୍ୱୟଂ ହୋଇ କର୍ତ୍ତବ୍ୟ ତାହା ତାଙ୍କ ଚରିତ୍ରରୁ ଜଣାଯାଏ । ଗାନ୍ଧାରୀ ପୁତ୍ରଶୋକ, ସର୍ବ ଶୋକରେ ଅନାଥିନୀ । ଏହାଙ୍କ ମହିମା ଜଗତର ପ୍ରାତଃସ୍ମରଣୀ । ଗାନ୍ଧାରୀ ଦେବବ୍ରତମାନଙ୍କ ଦ୍ୱାରା ସ୍ୱୟଂ ନିଧନବାର୍ତ୍ତା ପାଇ ଉତଳା ହୋଇଥିଲେ । ଦେବବ୍ରତଙ୍କ କୁନ୍ତୀଙ୍କ ପ୍ରତି ତାଙ୍କର ଅନୁରାଗ ଓ ତାଙ୍କ ସନ୍ତାନଙ୍କ ପ୍ରତି ମମତା ଅତୁଳନୀୟ ହୋଇ-ଥିଲା । ତଥାପି ନାରୀତ୍ୱର ସହିତ ଅନୁକୂଳରେ ପ୍ରତିକ୍ରିୟା ଗାନ୍ଧାରୀ ଚରିତ୍ରରେ ସାରଳା ଦାସଙ୍କ ଅପୂର୍ବ ସୃଷ୍ଟି । ପୁଣି ଅନ୍ୟ ସ୍ଥଳରେ ମଧ୍ୟ ଦେଖିଲେ ଏହାର ବିପରୀତ ଧନ ଓ ପ୍ରବୃତ୍ତିର ବିକାଶ ଗାନ୍ଧାରୀ ଚରିତ୍ରରେ

ରହିଛନ୍ତି ସେଉଁଠି ସେ ପୁତ୍ର ଓ ରାଜ୍ୟଚ୍ୟୁତା ଅବସ୍ଥାରେ ପାଣ୍ଡବ ଜନ୍ମାପରେ ତାପିତା ହୋଇ ବିଶ୍ୱରହସ୍ୟ କରି ସାଧାରଣ ନାରୀର ଯଥାର୍ଥ ପରିଚୟ ଦେଉଛନ୍ତି × × ×

ଗାନ୍ଧାରୀଙ୍କ ପୁତ୍ର ଦୁର୍ଯ୍ୟୋଧନ ସେତେବେଳେ ପାଣ୍ଡବମାନଙ୍କୁ ନିର୍ବାସିତ କରି ରାଜ୍ୟକୁ ଆଣିଲେ ସେ ମାତାଙ୍କୁ ଅଙ୍ଗପଟଳ ଫିଟାଇ ଦେଇ ଓ ତାଙ୍କ ସମ୍ପଦ ଦେଖିବାକୁ ଅନୁରୋଧ କଲେ। ସେ ସମୟରେ ଗାନ୍ଧାରୀଙ୍କର ମାତୃଚରିତ୍ର ଯେ ଉଚ୍ଚ ଶିକ୍ଷାବାଣୀ ସାରଳା ଦାସ ଦେଖାଇଛନ୍ତି, ତାହା ତାଙ୍କର ମାତୃତ୍ୱକୁ ଅମଳିନ ଗୌରବ ଦେଇଛି। ଦୁର୍ଯ୍ୟୋଧନଙ୍କ ଅତୁଳ ଅନୁରୋଧରେ ମାତା ଗଲେ ମାତ୍ର ସ୍ୱଧର୍ମ, ସ୍ୱତନ୍ତ୍ରତାକୁ ଜଳାଞ୍ଜଳି ଦେଇ ନ ଥିଲେ। ସେ ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀରେ ବନ୍ଧା ଦେଇ ଦୃଷ୍ଟିପ୍ରବେଶ କରାଇ ପୁତ୍ରଙ୍କ ପାଇଁ ଅଙ୍ଗପଟଳ ଖୋଲି ପୁତ୍ର ଓ ବନ୍ଧୁଗଣ ଦର୍ଶନ କରି ନ ଥିଲେ। ସେ ଉପସ୍ଥିତ, ଦର୍ଶନାଭିଳାଷୀ ପୁତ୍ରକୁ ଭୂଷିତ କହିଲେ—

"ଗାନ୍ଧାରୀ ବୋଇଲେ କେଉଁ ସମ୍ପଦ ଦେଖିବି
ବିପଦ ଦେଖିବି ପୁଣି କେମନ୍ତେ ସହିବି !
ଏହି ସମ୍ପଦକୁ ତୋର ଭୁଞ୍ଜିବୁ କାଳ
ଏ ସମ୍ପଦ ନ ରହିବ ତୋର ଚିରକାଳ ।
ଜନ୍ମକାଳେ ମୁଁ ଦେଖିଲି ତୋ ମୂର୍ତ୍ତି ପ୍ରକୃତି
ତୋହର ଯେତେକ କଥା ଦେଖଇ ଅନୀତି ।
ବିଦୁର କହିଲୁ ମୋତେ ପରମାର୍ଥ ବାଣୀ
ଅଧିକ ଚିହ୍ନିଲି ତା ବଚନ ଶୁଣି ।"

ଏହି ନାରୀଙ୍କ ଚରିତ୍ର ଅଧ୍ୟୟନ କରିବା ଯୋଗ୍ୟ। ଉପରୋକ୍ତ ଅବକାଶ, ଭଲ ମନ୍ଦ ଓ ଦୋଷ ଗୁଣରେ ଏହି ନାରୀଙ୍କ ଚରିତ୍ର ଚିତ୍ରାଙ୍କନ କଲେ, ମାତୃତ୍ୱବିଳେ କରି ଜନ କଥାକୁ ଦେଖିଲେ ନାରୀଚରିତ୍ରର ଅନନ୍ତଗମ୍ୟ ରହସ୍ୟ ସୃଷ୍ଟି ହୁଏ। ଅବସ୍ଥାର ପ୍ରଭାବ ଏହି ନାରୀଙ୍କ

ମାବାନରେ ନାନା ଘଟଣାରେ ବିଶ୍ୱାସ ଉପରେ ବହୁତ ସମାବେଶ
କରନ୍ତି । ଶାସନ ଧାରଣା ଶ୍ରେଣୀରେ ୧ ଟଙ୍କ ବୋଝ ଭିତ୍ତିକ ଓ ଉନ୍ନତି ।

---

# ଚତୁର୍ଥ ଅଧ୍ୟାୟ

## କୁନ୍ତୀ, ମାଦ୍ରୀ

ଗାନ୍ଧାରୀ ଓ କୁନ୍ତୀଙ୍କ ଚରିତ୍ରଚିତ୍ରଣ ସାରଳା ଦାସ ମହାଭାରତରେ ଅତି ଜାଜ୍ଜ୍ୱଲ୍ୟ ହୋଇଛି । ଉଭୟେ ସତୀ ସାଧ୍ୱୀ । ଉଭୟଙ୍କ ନାମ ପ୍ରାତଃସ୍ମରଣୀୟ । ଗାନ୍ଧାରୀ କ୍ଷତ୍ରାଣୀ ହୋଇ ସକଳ ବୀରଙ୍କ ତେଜ ଧାରଣ କରୁଥିଲାବେଳେ ସାନ ଭାଉଜ କୁନ୍ତୀ ଅତି ଦୁଃଖରେ ପୁତ୍ରମାନଙ୍କ ସହ ବନରେ ଜୀବନଯାପନ କରୁଥିଲେ । ପୁଣି ତାଙ୍କ ମୌଳିକ ସ୍ୱକୀୟତା କବି ଅତି ନିପୁଣତା ସହକାରେ ଚିତ୍ରଣ କରିଛନ୍ତି । ଉଭୟଙ୍କ ଚରିତ୍ର ଗରିମା, ଏପରି କି ବ୍ୟକ୍ତିବିରୋଧୀ ପ୍ରବୃତ୍ତି ମଧ୍ୟ ସେ ଚିତ୍ରଣ କରିଛନ୍ତି । ସ୍ତ୍ରୀରୂପରେ, ମାତୃରୂପରେ, ରକ୍ତମାଂସ ଦେହଧାରିଣୀ ରମଣୀ ରୂପରେ ସାରଳା ଦାସ ଏମାନଙ୍କୁ ଯେପରି ଭାବରେ ଚିତ୍ରଣ କରିଛନ୍ତି ତାହା ଅତି ଚମତ୍କାର ହୋଇଛି ।

## କୁନ୍ତୀ

ଯଦୁକୁଳର ଉତ୍ତମ ରାଜା କୁନ୍ତିଭୋଜ । ତାଙ୍କ କନ୍ୟାଙ୍କର ନାମ କୁନ୍ତୀ । ରାଜା ପୁତ୍ରହୀନ ଥିଲେ ବୋଲି ଏକମାତ୍ର କନ୍ୟାକୁ ପୁତ୍ରାଧିକ ସ୍ନେହରେ ପାଳୁଥାନ୍ତି । ଥରେ ମହାକୋପୀ, ମହାତେଜା ଦୁର୍ବାସା ମୁନି ଆସି ରାଜାଙ୍କ ନିକଟରେ ଉପସ୍ଥିତ ହେଲେ । ରାଜା ପାଦ୍ୟ ଅର୍ଘ୍ୟ ଆସନାଦି ଦେଇ କୁଶଳ ଜିଜ୍ଞାସା କଲେ । ଦୁର୍ବାସା କହିଲେ, "ତୋର ଗୁରୁସେବା ଓ ଭକ୍ତି ଦେଖି ମୁଁ ତୋ' ରାଜ୍ୟରେ ଏହି ଚତୁର୍ମାସ୍ୟା କାଳରେ ରହିବାପାଇଁ ମନ କରିଅଛି । ତାହା ପରେ ଚାଲିଯିବି ।" ରାଜା କୃତକୃତ୍ୟ ହେଲେ । ଦୁର୍ବାସା କହିଲେ, ମୋତେ ପର ବୋଲି ଭାବିବୁ ନାହିଁ; ନିଜ ଲୋକପରି ଭାବିବୁ । ମୋର ଏପରି ଏକ ସେବାକାରୀ ଦରକାର, ଯେ କି ମୋର

ସେବା କରିବ । ରାଜା କହିଲେ, ଏତେବେଳ କ'ଣ କରିବ ? ମୋର ସୁଲକ୍ଷଣୀ ଝିଅ ଆପଣଙ୍କର ସେବାକାର୍ଯ୍ୟ ଭଲ କରି ପାରିବ । ରାଜା କୁମାରୀଙ୍କୁ ଡକାଇ ତାଙ୍କର କର୍ତ୍ତବ୍ୟ ନିର୍ଦ୍ଦେଶ କରିଦେଲେ । ସେ ରାଜ୍ୟ ଦ୍ୱାରାରେ ଋଷିଙ୍କ ପାଇଁ ବାସ ନିର୍ମାଣ କରିଦେଲେ । ରାଜକନ୍ୟା ଅତି ଭକ୍ତିରେ ଋଷିସେବାରେ ଆତ୍ମନିୟୋଗ କରିଥାନ୍ତି ।

"କୁମାରୀ ଖାଦ୍ୟ ଯୋଗାଇଣ ଥାଳି ଉଷାରବେ,
ତପସ୍ୱୀ ଋଷିଙ୍କୁ ଭକ୍ତି କରିଥାନ୍ତି ଚିତ୍ତେ ।
ସ୍ନାନ ପ୍ରସ୍ତୁତକୁ ଘଟେ ଅଗଣା ପାହାଡ଼ି,
ଛତ୍ରୀ ଫୁଲକୁ ପକାଇ ଦିଏ ଯତ୍ନ କରି ।
ପଡ଼ୁଦ୍ରବା ଆସ୍ଥାନ ଆଣଇ ସାଉଁଟି,
ଧୋଇ ଟିଣ୍ଡାରେ ଶୁଖାଇ ଦିଏ କାନ୍ଥ ଗୋଟି,
ଚଞ୍ଚ ସାରି ଜଟାଗୁଡ଼ି ମାଜଇ ଆସ୍ତିଳେ,
ଅସ୍ତ୍ରମ ଶିର୍ଷେ ଲେପନ କରଇ ଗୋମରେ ।
କାଷ୍ଠର ଗୁଣ୍ଡିଏ ଆଣି ରଖେ ପୂର୍ଣ୍ଣ କରି,
ପଦ୍ମଗୁଡ଼ିଏ ଆଣଇ ଦେବଗଣଙ୍କ ପାଇଁ ।
ଦାରୁଣ ସୁକୁମାରୀ ସେ ରାଜାର କୁମାରୀ,
ପୂଜନା ଦ୍ରବ୍ୟ ଥାଏ ଋଷିଙ୍କ ସେବା କରି ।
ଋଷି ପ୍ରବେଶ ଥାନ୍ତି ବୃଦ୍ଧା ସଂଘରେ;
କବାଟ ବାଜଣ ବୃନ୍ଦୀ ଜାଗିଥାନ୍ତି ଦ୍ୱାରେ ।

ସୁକୁମାରୀ ରାଜନନ୍ଦିନୀ ପାଞ୍ଚ ବର୍ଷକାଳ ଏହିପରି ଗଭୀର ଭାବରେ ସେବା କରି ଋଷିଙ୍କୁ ସନ୍ତୁଷ୍ଟ କଲେ । ଋଷି ଯିବାକୁ ନେବାକୁ ରାଜାଙ୍କ ନିକଟକୁ ଗଲେ । ରାଜାଙ୍କୁ କନ୍ୟା ପ୍ରଶଂସା କରି କହିଲେ, "ତୁ ସୋମବଂଶୀ ରାଣୀ ହୁଅ ଓ ପୁଣି ପୌତ୍ର ଦେଖ" ବୋଲି ଆଶୀର୍ବାଦ କଲେ । ଅନନ୍ତର ରାଜାଙ୍କୁ ସୁଫଳର ପ୍ରଦାନ କରି ଋଷି ସେଠେଇବେଳେ ନଗରକୁ ପ୍ରସ୍ଥାନ କଲେ, ଦେଖିଲେ ପଛରେ ରାଜକନ୍ୟା ଦୌଡ଼ ଦୌଡ଼ ଆସୁଛନ୍ତି । ଦୁର୍ବାସା କାରଣ ପଚାରନ୍ତେ ରାଜକନ୍ୟା କହିଲେ, "ଆପଣ

ସନ୍ତୋଷ ହେବାର ଜାଣିଲି ସତ୍ୟ, କିନ୍ତୁ ମୋତେ ବର ପ୍ରଦାନ କରନ୍ତୁ ।” ଦୁର୍ବାସା କହିଲେ, “ଶୁଣ ପାଣ୍ଡୁବର୍ଣ୍ଣ ସେବା କଲୁ କିଛି ଚାହୁଁ ନାହିଁ, ମୁଁ ତ ଯାଚି ବର ଦେଉ ଏବେ ଯାହିଁ । ତୋ'ର ବାଞ୍ଛାର କ'ଣ କହ । କୁନ୍ତୀ କହିଲେ, “ମୁଁ କିଛି ଜାଣି ନାହିଁ, ଯାହା ମଙ୍ଗଳଜନକ ହେବ, ତାହା ଆପଣ ଦେବେ ।” ଦୁର୍ବାସା କହିଲେ—

“ଦୁର୍ବାସା ବୋଇଲେ ଶୁଣ ଶୂରସେନଙ୍କ ଝିଅ
ତୁମ୍ଭର ଭକ୍ତି ତୁମ୍ଭର ସୁଖ ସୌଭାଗ୍ୟ ।
ଏମନ୍ତ ବାଣୀ ସ୍ତ୍ରୀଙ୍କ ଅଦ୍ଭୁତ ଏ କଥା ।”

ଅବିବାହିତା କୁମାରୀ କଣ ଚାହିଁବେ, ତାହା ଅନ୍ତର୍ଯ୍ୟାମୀ ମୁନି ଜାଣିଥିଲେ । କିଶୋରୀ କ'ଣ ଚାହିଁବ ? ସେ ଚାହିଁବ ସୁନ୍ଦର ସ୍ୱାମୀ, ସୁନ୍ଦର ବଳବାନ୍ ପୁତ୍ର ଓ ଦାମ୍ପତ୍ୟଜୀବନର ସୁଖ ବର । ଏହା ଛଡ଼ା ଅନ୍ୟ କିଛି କ'ଣ ହୋଇ ପାରେ ! ଦୁର୍ବାସା ଗୋଟିଏ ଜପମାଳି ଦେଇ କହିଲେ “ଏହି ମାଳାରେ ତୁ ଯାହା ନାମ ଜପିବୁ, ସେ ତୋ ପ୍ରତି ପ୍ରସନ୍ନ ହେବ । ଏହା କହି ମୁନି ଅନ୍ତର୍ଦ୍ଧାନ ହେଲେ । କୁନ୍ତୀ ଅତି କିଶୋରୀ ! ବାଳସୁଲଭ କୌତୂହଳରେ ତାଙ୍କର ଚିତ୍ତ ପୂର୍ଣ୍ଣ । ମାଳାର ଗୁଣ ପରୀକ୍ଷା ଲାଗି ସେ ଚଞ୍ଚଳ ହୋଇ ପଡ଼ିଲେ ।

“କୌତୁକ ଭାବନ୍ତି କୁନ୍ତୀ ହୋଇଣ ତରୁଣୀ
× × × ×
ଏଥିର ଫଳ ମୁହିଁ ଜାଣିବି କେମନ୍ତେ ।”

ବାଳା ଯମୁନାର ନଦୀତୀର ପୁଳିନକୁ ଗଲେ । ସେଠାରେ ପୁଷ୍ପ ଶଯ୍ୟା ରଚନା କଲେ । ପୂର୍ବ ଦିଗ୍‌ବଳୟରୁ ତାଙ୍କର ଦୃଷ୍ଟି ସଂଲଗ୍ନ ହେଲା । ସେତେବେଳେ ବିଶ୍ୱଚକ୍ଷୁ ସବିତା ତାଙ୍କର ଅରୁଣ-ରଥରୁ ଅସ୍ତାଚଳର ସିନ୍ଧୁସୀମା ପଥରେ ସଞ୍ଚାଳିତ କରୁଥିଲେ । କୁନ୍ତୀ ସକୌତୁକରେ ଅଂଶୁମାଳୀଙ୍କୁ ସ୍ମରଣ କଲେ । ମନ୍ତ୍ରର କ୍ଷମତାରୁ ସନ୍ନିହିତ ରୂପଧାରୀ ଦେବତା ସୂର୍ଯ୍ୟ ଆବିର୍ଭୂତ ହେଲେ । ଭୟ-ବିହ୍ୱଳା କୁମାରୀ ସୂର୍ଯ୍ୟଙ୍କ ଆଗମନର କାରଣ ପଚାରିଲେ । ସୂର୍ଯ୍ୟ ତାଙ୍କର

ଅଭିଶପ୍ତ କରାଇଲେ । ଦୁଷ୍ମନ୍ତଙ୍କୁ ତାଙ୍କର ଅଜ୍ଞାନକୃତ ପାପର ପ୍ରାୟଶ୍ଚିତ୍ତ କରିବାକୁ ହୋଇଥିଲା ।

ଅନ୍ତଃସତ୍ତ୍ୱା କନ୍ୟା ଲଜ୍ଜାରେ ମ୍ରିୟମାଣ ହୋଇପଡ଼ି ଅନୁଚ୍ଚ-ସ୍ୱରରେ କହିଲେ—

ଅବର ଗର୍ଭେ ରହିଛି ମୋହର ସନ୍ତାନ
× × ×
ପିତାର ବଦନ ମୁହିଁ ଚାହିଁବି କେମନ୍ତେ
କଣ୍ୱ ହୋଇବା କେବଣ ମାତ୍ର ପଦ ଯୋଗେ ।
× × ×
ଲଭନ୍ତୁ କୁଳକୁ ଭୂଜ ଅଧୁକାର କାଣ୍ଡ ।

ମୂର୍ତ୍ତିଦେବତା ସାନ୍ତ୍ୱନା ଦେଇ ଅନ୍ତର୍ହିତ ହେଲେ । ବହୁକାଳ ପରେ ତେଜସ୍ୱୀ ନୃପର ଚନ୍ଦ୍ରୀଗର୍ଭକୁ ଜାଣିଲେ । ଦୃଶ୍ୟ ଆଉଁକି ତା ହେଇ ଚାଲୁଥିଲା—

"ଭ୍ରମରଟି ହୋଇ ନ ଅଧ ଯେ ତେଜି ଚମ୍ପାକୁ
ନ ବୁଝି ଚଳିବ ବୋଲି ମନରେ ବାନ୍ଧିଛି ।
କି ସୁଖର ପୁଣ୍ୟଟୋକି କେମନ୍ତେ ଧରିବ
ପିତା ମନଙ୍କୁ ମୁଁ କହି ମୁହିଁ ପ୍ରବୋଧିବି ?
ଅବଶ୍ୟ ସେ ପଣ୍ୟତେଜା ସୁଖ ଦେବୀ ଦେଖିଛ
ବୋଲିବେ ଭାଙ୍ଗି ପାଇଲୁ ଏ ସୁଖ କେମନ୍ତେ ।
ମଧ୍ୟାହ୍ନ ସୂର୍ଯ୍ୟର ତ ନ ଜାଣିବ ପ୍ରଥା
ପଡ଼ି କହିଲେ ଉ ହେବ ଲଜ୍ଜା ଅପ୍ରମିତା ।
ସହର ଧାଇ ବୋଲି ବେଳ ବାଳୁ ନ ହୋଇବେ
ସବେ କୁଳାଚାର ଶୁଣିଙ୍କୁ ପଛେ ଦୋଷ ଦେବେ ।

କବି ଅନନ୍ତା ପ୍ରାଣର ବ୍ୟଥା କହୁଛନ୍ତି — ଏହାଧାରରେ ଦୁଃଖ, ଲଜ୍ଜା, ଗ୍ଲାନି, ଅନ୍ୟାଧାରରେ ଦୁର୍ବାସାଙ୍କର ନିଷ୍ଠୁରତା, ସରଳ ସାହସ,

ପୁତ୍ରକୁ ଯୌବନ ଭିକ୍ଷା କରିବାର ଅସାମାନ୍ୟ ସାହସ ଭିତରେ ଅପୂର୍ବ ସ୍ୱାର୍ଥ ଲୋଭର ଚିତ୍ରଟିଏ ଫୁଟି ଉଠିଛି । କୁମାରୀ ହଂସାବଳୀ ପୁଣି ନ ପାଇ ତପସ୍ୱିନୀ ଅବସ୍ଥା ମୁହିଁ ପଡ଼ିଲେ । ସେତେବେଳେ ଘୋର ଗ୍ଲାନି ଓ ଲଜ୍ଜାରୁ ମୁକ୍ତି ପାଇବାକୁ କୌଣସି ଉପାୟ ଖୋଜିଲେ । ସେଥି ଉପରେ ଦେଖନ୍ତୁ— ନବକୁମାରଙ୍କୁ ଲୋକଲୋଚନର ଅଗୋଚରରେ ରଖିବା । ଯୋଡ଼ିଏ ମୁକ୍ତା ମଞ୍ଜୁଷାରେ କୁମାରୀ ନବଜାତ ଶିଶୁକୁ ରଖି ଯମୁନାସ୍ରୋତରେ ଭସାଇ ଦେଲେ । ତାଙ୍କ ମନରେ ନବଜାତ ଶିଶୁର ଜୀବନ ପାଇଁ ଉଦ୍‌ବେଗର ସୀମା ନାହିଁ । ମାତୃହୃଦୟର ସ୍ୱାଭାବିକ କୋମଳ ବୃତ୍ତିଗୁଡ଼ିକ ବଳପୂର୍ବକ ନିରୋଧ କରି କିଛି ସାନ୍ତ୍ୱନା ନେଇ ସେ ଭାବୁଛନ୍ତି :—

"ଜପାମାଳୀ ଥିଲେ ମୋର ବାହାକୁ କେ ଖାର,
ଅନେକଥର ଝୋଲିବା ସୂର୍ଯ୍ୟ ସୁଷଗତି !"

ଜପାମାଳୀ ନେତ୍ରେଧାନ ଉଦିଲ୍ଲା ସେତେବେଳେ ସୂର୍ଯ୍ୟବତୀ ହେବାର ସମ୍ଭାବନା ଓ ଅଛିଛି ।

× × ×

ପାଣ୍ଡୁ ରାଜା ହେବାରୁ ଧୃତରାଷ୍ଟ୍ରଙ୍କ ମନରେ ଈର୍ଷା ଜାତ ହେଲା । ସେ ମନରେ ଶାନ୍ତି ପାଇଲେ ନାହିଁ । ପାଣ୍ଡୁ କୌଣସି ଭ୍ରାତାଙ୍କର ମନୋଭାବ ବୁଝି ପାରି ସେ ନିଜେ ସିଂହାସନ ତ୍ୟାଗ କରିବେ ଏବଂ ଧୃତରାଷ୍ଟ୍ର ରାଜା ହେବେ ବୋଲି ପ୍ରସ୍ତାବ କଲେ । ପାଣ୍ଡୁ ଏହା କାର୍ଯ୍ୟରେ ମଧ୍ୟ ପରିଣତ କଲେ । ପାଣ୍ଡୁ କହିଲେ —

"ପାଣ୍ଡୁ ରାଜା ବୋଇଲେ ମୁଁ ବନସ୍ତରେ ଥିବି,
ବସ୍ତ୍ର ଧନୁ ଶର ନେଇ ମୃଗ ମାରିବି ।
ତୁମ୍ଭ ଭୁଜବଳକୁ ମୁଁ ଅର୍ପିଲି ଦେଶ,
ଧୃତରାଷ୍ଟ୍ରଙ୍କ ଆଜ୍ଞାରେ ଏଥିରେ ପ୍ରବେଶି ।"

ଭ୍ରାତୃଭକ୍ତିର ଅପୂର୍ବ ଦୃଷ୍ଟାନ୍ତ ! ଅମଳ ଆତ୍ମତ୍ୟାଗର ଆଦର୍ଶ ରାଜା ପାଣ୍ଡୁ ଦୁଇ ରାଣୀଙ୍କୁ ସଙ୍ଗରେ ନେଇ ବନବାସକୁ ପ୍ରସ୍ଥାନ କଲେ । ସେଠାରେ ନାନା କ୍ଲେଶ ସହ୍ୟ କଲେ । ଅମାତ୍ୟବର୍ଗଙ୍କ ଉତ୍ତେଜନା

ତାଙ୍କ ଆଦର୍ଶରୁ ତାଙ୍କୁ କେହି ମଧ୍ୟ ବିଚ୍ୟୁତ କରି ପାରିଲା ନାହିଁ । ରାଜା ମୃଗୟାବ୍ୟସନରେ ରତ ହେଲେ । ସେଠାରେ ମଦ୍ରାଧିପତିଙ୍କ କନ୍ୟା ମାଦ୍ରୀ ଦେବୀଙ୍କ ସହିତରେ ତାଙ୍କର ବିବାହ ହୋଇଥିଲା । ଥରେ ମୃଗୟା ବିନୋଦରେ ମଗ୍ନ ଥିଲା ବେଳେ ତାଙ୍କ ଶର ଯାଇ ତାଙ୍କ ଅଜ୍ଞାତରେ ମୃଗରୂପଧାରୀ ଋଷିଙ୍କୁ ବିଦ୍ଧ କଲା । ସେହି ମୃଗରୂପୀ ଋଷି । ସେ ଶାପ ଦେବାରୁ ପାଣ୍ଡୁ ଅଭିଶପ୍ତ ହେଲେ । କୁରୁକୁଳର ବଂଶରକ୍ଷା ପାଇଁ ବ୍ୟାକୁଳିତ ହୋଇ, କୁନ୍ତୀ ପୁତ୍ର ହେଲେ । କୁନ୍ତୀଙ୍କ ମନରେ ପାଣ୍ଡୁ ରାଜ୍ୟତ୍ୟାଗ କରିଥିବାରୁ ଯେ ଅସନ୍ତୋଷ ହୋଇଥିଲା, ଋଷିଙ୍କ ଶାପକଥା ପାଣ୍ଡୁଙ୍କ ମୁଖରୁ ଶୁଣିବାରୁ ତାହା ବିଶେଷଭାବରେ ପ୍ରକାଶିତ ହେଲା । ନାରୀର ସହଜ ଦୁର୍ବଳତା କୁନ୍ତୀଙ୍କ ମନରେ ପ୍ରକାଶ ପାଇଛି —

"ଲୋଡ଼େ ମହାରାଜେ ଏତେ ଧର୍ମ ଆଚରିଲ,
କୋପ ନ ସହନ୍ତୁ ମୁନି ଅଭିଶାପ ଦେଲେ ।
ଧୃତରାଷ୍ଟ୍ରଙ୍କୁ ଯେ ରାଜ୍ୟ ଦେଲ ଧର୍ମ ଅର୍ଥେ,
ସେହି ଧର୍ମ ଲଙ୍ଘିଲୁ ଲୋକଙ୍କୁ ଯଥାର୍ଥେ ।"

ତୁମ୍ଭେ ଯେଉଁ ଧର୍ମକୁ ଡରି ବନ୍ଧୁଙ୍କୁ ରାଜ୍ୟ ଦେଇ ଆସିଲ, ସେହି ଧର୍ମ ତୁମ୍ଭଙ୍କୁ ଅଚଳ ଅଟଳ କରି ରଖିବ ଦେଲା । କୁନ୍ତୀଙ୍କ ହୃଦୟରେ ସ୍ୱାମୀଙ୍କ ଅଦୂରଦର୍ଶିତା ଓ ଅପରିଣାମଦର୍ଶିତା ଦେଖି ଯେ କ୍ଷୋଭ ହୋଇଛି ତାହା ସଂସାରରେ ଧୂଳିମଳିନ ସମସ୍ତ ସାଧାରଣ ନାରୀଙ୍କର ହୋଇ । ତାହା ଆଜି ଆମ୍ଭମାନଙ୍କ ଦୃଷ୍ଟିରେ ପଡ଼େ । କିନ୍ତୁ ଏ ସ୍ଥଳରେ ଶାସ୍ତ୍ରୀଙ୍କ ପ୍ରକୃତିର ଭୂମିକା କୁନ୍ତୀଙ୍କଠାରେ ନ ଥିବାରୁ କୁନ୍ତୀ ସହଜ ନାରୀର ବେଦନା ବୋଧ କରିଛନ୍ତି । କବି ଏହି ସ୍ଥଳରେ କୁନ୍ତୀଙ୍କ ଶତ ସହସ୍ର ନାରୀଙ୍କର ପ୍ରତିନିଧି ରୂପ ଦେଇଛନ୍ତି । ପାଣ୍ଡୁଙ୍କ ମନରେ ଘୋର ଚିନ୍ତା ହେଲା । ଏପରି ସମୟରେ ଥରେ ବ୍ୟାସ ଯାଇ ତାଙ୍କ ସନ୍ନିଧାନରେ ମିଳିତ ହେଲେ । ରାଜାଙ୍କର ଦୁଃଖ ଦେଖି ସେ କହିଲେ :—

"ବ୍ୟାସ କହିଲେ ପାଣ୍ଡୁ ରାଜାଙ୍କୁ ବସାଇ
କୁନ୍ତୀମାଦ୍ରୀଙ୍କ ସନ୍ତାନ ହେବ ଅଛି ପାଇ ।"

ବନ୍ଧୁଙ୍କ ଘରକୁ ମନେ ନ ଧରିବୁ ଲଜ୍ଜା।
ସନ୍ତାନ ଲାଭ କରିବୁ ଯେ ଯାଇ ମନାସ।
ତାକୁ ଶ୍ରିଯାଏ ଅଛନ୍ତି ଅନ୍ଧ ବୁଦ୍ଧିମନ୍ତ
ଋଷିଙ୍କୁ ଘେନି ସନ୍ତାନ କରନ୍ତି ବସୁଧା।"

ପାଣ୍ଡୁ ଉପସ୍ଥିତ ଅବସ୍ଥା ଦେଖି ସ୍ତବ୍ଧ ହେଲେ। ତାଙ୍କର ଅନୁରୋଧରେ କୁନ୍ତୀ ଅନେକ ପ୍ରକାର ଶାନ୍ତ ଓ ସଦୁପଦେଶ ଦେଇ ବନ୍ଧୁକୁ କରାଇଲେ। ମାଦ୍ରୀ ରୂପବତୀ ଓ ଯୌବନବତୀ, କୁନ୍ତୀଙ୍କଠାରୁ ଛୋଟ। ସେଥିପାଇଁ କୁନ୍ତୀ ତାଙ୍କୁ ମଧ୍ୟ ସ୍ୱାମୀଙ୍କର ଅଗ୍ରହକୁ ସମ୍ମତ ବୁଝାଇଥିଲେ। ଏହାପରେ ସେ ଦାନାରେ ଦୁଇ ପତ୍ନୀଙ୍କର ଅନେକ ବର୍ଷ ଗଲା। ତାହେଲେ ଅରଣ୍ୟ ପୂଜା ଆଦି ପଢ଼ାଇଲେ। ମୂଳ ପତ୍ନୀଙ୍କୁ ଏବଂ ପାଣ୍ଡୁଙ୍କୁ ଉଚିତ କହିଲେ—

"ତୁଲୁ ଆଗେ ଅଛ ଦେବତାନା କଥାରୁ
× × × ×
ସେବକ ପାଇଁ ସନ୍ତାନ ହୋଇବ ଇଚ୍ଛାରୁ
ତହିଁର ଉପାୟ କର ବେନି ଯେ ଯୁବତୀ।
ଶାସ୍ତ୍ର ଦେଖି ଶିଖାଇଛି ଶା ଆମ୍ଭେ କଥାଟି,
ସନ୍ତାନକାଙ୍କ୍ଷୀ ତୁ ଗୋ ନରେତର କୁଳଣୀ
ଯତନେ ସେବନ୍ତି ଜଳ ପରଭେ ଇଚ୍ଛା।
ସନ୍ତାନ ପାଇଁକି ମାତେ ନାହିଁ ହୋଇ ଧାଇଁ।
ସ୍ୱାମୀଙ୍କି ସଙ୍କୋଚ ନ କର ବୋଲି ମନେ ହେଉଥିବ
ପୁତ୍ର ଲଭିବାକୁ ଏଣେ ଲଭ ସ୍ୱର୍ଗସୁଖ।
ମାନବ ଇଚ୍ଛିଲେ ଧନ୍ୟ ହୋଇବୁ ଦୋଷୀ
ଦେବତାଙ୍କୁ ଇଚ୍ଛିଲେ ଦୋ ହେବ ପଶ ନାଶ।"

କୁନ୍ତୀ ଉତ୍ତର ଦେଲେ—

"କୁନ୍ତୀ ବୋଇଲେ ପରମ ସ୍ୱାମୀ ଅଛ ତୁମ୍ଭେ
ତୁମ୍ଭ ଆଜ୍ଞା ଅବାଧ୍ୟ କ କରି ପାରୁ ଆମ୍ଭେ।"

ଋଷି କହୁଛନ୍ତି —

"ଶୁଣି ଆମ୍ଭେ ବୋଇଲୁଁ ଗୋ ଶୁଭ୍ରୁ ଅଛ ଏଥା
ତୁମ୍ଭେ କହ ଭ୍ରାନ୍ତି ଆଗୋ ନ କର ମୂଢ଼ତା ।
ସ୍ତ୍ରୀଧର୍ମରେ ଏମନ୍ତ ଅଛଇ ଯୁକତି
ସ୍ୱାମୀର ଆଜ୍ଞେ ଯେବେ ନ ଉପୁଜେ ସନ୍ତତି
ପରପୁରୁଷର ଆଜ୍ଞେ ରଖନ୍ତି ସେ ବଂଶ
ସ୍ୱାମୀ ଅଂଶ ପ୍ରାପ୍ତ ତୁମ୍ଭର କି ଦୋଷ ?
ତୁମ୍ଭର ଉପର ବଂଶ ପୂରବର କାଳରେ
ଦେଖିଲୁଁ ଏ ଯନ୍ତ୍ର କଲେ ଶାସ୍ତ୍ରମାନେ,
ବ୍ୟାସ ଅଟନ୍ତି ସେ ଜ୍ୟେଷ୍ଠ ଶ୍ୱଶୁର ତାଙ୍କର
ତାହାଙ୍କୁ ସେବନ ଇଚ୍ଛିଲେ ସେ ପୁଣି ଦୁଆର ।
ଜନ୍ମିଲେ ଅନ୍ଧ ପାଣ୍ଡୁ ବିଦୁର ଏ ତିନ
ଚନ୍ଦ୍ରରେ ଶୁଦ୍ଧ ହୁଅନ୍ତି ସ୍ତ୍ରୀବାଏ ଏ ବେଳ ।"

ମାଦ୍ରୀଙ୍କୁ ବନ୍ଧ୍ୟା କହିବାରୁ ଅଗସ୍ତି ମୁନି କୁନ୍ତୀଙ୍କୁ ପରାମର୍ଶ ଦେଲେ । କହିଲେ, "ତୋର ଉପଦେଶ ଦେଲେ ସେ ମଧ୍ୟ ପୁତ୍ରବତୀ ହେବ ।" ମାଦ୍ରୀଙ୍କି ମଧ୍ୟ କୁନ୍ତୀଙ୍କୁ ଭିନ୍ନ କରିବାକୁ ଉପଦେଶ ଦେଇ ଅଗସ୍ତି ବିଦାୟ ନେଲେ । କୁନ୍ତୀ ଧର୍ମ ଦେବତାଙ୍କୁ ସ୍ମରଣ କଲେ । ଧର୍ମ ଆସି କୁନ୍ତୀଙ୍କୁ ପ୍ରସନ୍ନମନରେ ଆଶୀର୍ବାଦ କରି କହିଲେ—

"ମହୀ ସ୍ୱର୍ଗରେ ତୁମ୍ଭ ଗୋ ହୋଇବ ସତ   ×   ×
ଏ ମର୍ତ୍ତ୍ୟ ସ୍ୱର୍ଗେ କେହୁ ଲଭେ ହୋଇବ ଅଧିପତି ।
ସମସ୍ତ ତେଜ ଦାୟ, ପୁଣ୍ୟ ହୋଇବ ଅଦ୍ଭୁତ ।
କାର୍ଯ୍ୟସୂତ୍ର ଉତ୍ପନ୍ନ ହେବେ ମହୀତଳେ
ସେ ଆରାଧନା କରିବେ ତୋହର ପଦରେ ।
କୋଟିଏ ତୀର୍ଥ ସ୍ନାନରେ ଯେତେ ଫଳ ମିଳେ
ତବ ନାମ ଧରି କେହୁ ପାଇବେ ସଦ୍‌ଗତି
×   ×

ପୁଣି ଦେଖି ପାଣ୍ଡୁ ଚକିତ ହେଲେ । ନିଜର ବଂଶରକ୍ଷା ହେଲା ବୋଲି କୁନ୍ତୀଙ୍କ ଠାରେ କୃତଜ୍ଞତା ପ୍ରକାଶ କଲେ । ଯୁଧିଷ୍ଠିର ଜନ୍ମିଲାରୁ ପୁଣି ଦେବୀ ସନ୍ତୋଷ ହୋଇ କହିଲେ—

"ଧନ୍ୟ ତୁ ସାଧ୍ୱୀ ଅଟୁ ଶୋଭନ କୁମାରୀ
ବଂଶ ରଖିଲୁ ତୁହି ପାଣ୍ଡୁ ଯେ ଜାଣ ।"

ଋଷିମାନେ ସମସ୍ତେ ଆଶୀର୍ବାଦ କଲେ । ସମସ୍ତ ସମାଜ ତେଣିକି କୁମାରୀଙ୍କର ମାତୃତ୍ୱର ପ୍ରଶଂସା କରିଥିଲେ । ବଂଶରକ୍ଷାଠାରୁ ପିତୃକୁଳର ଧର୍ମପାଳକୁ ବେଶି ମୂଲ୍ୟଦାନ ବୋଲି ଋଷିମାନଙ୍କ ଭିତରେ ନ ଥିଲା । ଯୁଧିଷ୍ଠିରଙ୍କର ସାତ ବର୍ଷ ବୟସ ହେଲା । ମାତା ଦେଖିଲେ ଏ ପୁତ୍ରଟିକୁ ଅହଂସ ହେଉଥିଲେ ଭାଇ ପାଦ ଛୁଇଁବେ ଲୋକେ ନାହିଁ । ସେତେବେଳେ କୌଣସି ଜାତି ବାଳକ ଅଙ୍ଗରେ ଦଂଶନ କଲା । ବାଳକ ପ୍ରତିହିଂସା-ପରାୟଣ ନ ହୋଇ ତେଣୁ କେଉଁଠି ଧରିଥିବାବେଳେ ଦଂଶନ ସ୍ଥାନକୁ ଛାଡ଼ି ଦେଲା । କୁନ୍ତୀ ଦେବୀ ପ୍ରମାଦ ଗଣିଲେ । ଋଷିମୁନିମାନଙ୍କ ଉପରେ ଏହି ଘଟଣା ଧାଇଁଥିଲା ଅଦେଶ । ଏପରି ପୁତ୍ର ଜାତ କରି ତାଙ୍କର ଅନୁଶୋଚନା ଆସିଲା । ସେ ସ୍ପଷ୍ଟ ଭାଷା କହୁଛନ୍ତି—

"ଅନ୍ୟଙ୍କୁ ହିଂସା କରଇ ମୋଠାରେ ଜାତ ହୋଇ
ଏ ପୁତ୍ର ତେଣୁ ଦୁର୍ଗତି କାହିଁ ଜାଣି ପାରି ।
ଅତି ଧାର୍ମିକପଣେ ତ ଋଷିଙ୍କ ସହିତ,
କୁଳ ପାଇଁ ଉତ୍ପନ୍ନ କଲି ଲୋକଙ୍କ କାରଣ ।
ତ୍ରିବିଧ ଜନ୍ମ ବୃଥା ମୋର ହୋଇଲା ଅଖଣ୍ଡ,
କେତେ ଭକ୍ତିରେ ଦାନ ଦେବ ନାହିଁ ଗଣ
ପ୍ରଥମେ ଆଶୀର୍ବାଦ ଦେଲେ ପାଣ୍ଡୁରାଏ
ଭୁଲିଲେ ଧର୍ମଦେବତା ଯାହେଁ ପୁତ୍ର ପାଏ ।
ତେବେ ଦେବ ହେଁ ଧର୍ମ ମୋର ନ ଗଲା କୁଧର୍ମ
ଏ ସଂସାରେ ଉତ୍ପନ୍ନ ନ କଲା କଳ୍କି ଧର୍ମ ।

ରାଜକୁଳେ ଜନ୍ମିଣ ମୁଁ ଲଭେଇଲୁ ଧର୍ମ,
କେମନ୍ତେ ତୁଚ୍ଛ କର୍ମରେ କରିବି ମନ ।
ରାଜପତ୍ନୀ କହିଲେ ଯେ ବଢ଼ିଲୁ ପ୍ରତାପ
ଧର୍ମ ଦୋଷ ଦେବତ୍ତ ଦୂରେଲୁ ଭସ୍ମକରୁ ପାପ ।"

ଦେବୀ ଅନୁତାପରେ ମନସ୍ଥ କଲେ ପୁଣି ଗୋଟିଏ ସର୍ବଶ୍ରେଷ୍ଠ ଦକ୍ଷ କୁମାରର ଜନନୀ ହେବେ, ତହୁଁ ସେ ପବନ ଦେବତାଙ୍କୁ ସ୍ମରଣ କଲେ । ପବନଙ୍କର ଔରସରେ ଗଦାଧର ବୀର ବୃକୋଦରଙ୍କର ଜନ୍ମ ହେଲା । ମହାବଳୀ ପୁତ୍ରକୁ ଦେଖି ପାଣ୍ଡୁ ଓ କୁନ୍ତୀ ସେ ପୁତ୍ର ମାନବ ଦେହରେ ଦେବତାଙ୍କର ଅବତାର ବୋଲି ଭାବିଲେ ତାଙ୍କୁ ସ୍ତୁତି କଲେ । ପୁଣି ଏକ ଅସ୍ଥାନରେ ତାଙ୍କର ଜନ୍ମ ହୋଇ ଥିଲେ କ୍ଷମା ଦେବାକୁ ପ୍ରାର୍ଥନା କଲେ ।

କୁନ୍ତୀ ତିନି ପୁତ୍ରଙ୍କର ମୁଖ ପ୍ରକୃତି ଦେଖି ଆପଣ ଜନନୀତ୍ୱ ସାର୍ଥକ ହେଲା ବୋଲି ଭାବି ପାରିଲେ ନାହିଁ । ମନରେ ଗ୍ଲାନି ଅଛି । ମାଦ୍ରୀ ସପତ୍ନୀ ପୁତ୍ର ଦୁଇଟିଙ୍କୁ ପାଳନ କରୁଥାନ୍ତି । ପ୍ରଥମ ସନ୍ତାନ ବାଟରେ ଜାତଗତ ହେବାକୁ ଯାଚନା କୁନ୍ତୀ ଦେଖିଲେ—

"ଭୀମସେନର ସମ୍ପତ୍ତି ବଳବନ୍ତ ଉତ୍ତରେ,
ଦୁଃଖ ପ୍ରକୃତି ଦେଖିଣ କୁନ୍ତୀ ସେ ଚିନ୍ତରେ ।
ଗଜଦନ୍ତ ଦୁର୍ଗ ଏ ଯେ ହୋଇବ ଅପଣ୍ଡିତ,
ଧନୁର୍ବିଦ୍ୟାରେ ଏ ପୁଅ ନୋହିବ କୀର୍ତ୍ତିତ ।"

କୁନ୍ତୀଙ୍କର ସନ୍ତାନସ୍ପୃହା ମେଣ୍ଟିଲା ନାହିଁ । ସେ ଭାବିଲେ, ସ୍ୱର୍ଗର ରାଜା ଦେବାଧିପତି ଇନ୍ଦ୍ର 'ବଳ, ବୀର୍ଯ୍ୟ, ସମ୍ପଦ, ସୌନ୍ଦର୍ଯ୍ୟ, ବିଦ୍ୟା, ସ୍ୱାସ୍ଥ୍ୟ, କୁଳ, ଶୀଳ, ଇତ୍ୟାଦି ସବୁ ଆଧାରରେ ପୂର୍ଣ୍ଣ । ତାଙ୍କର ଔରସରୁ ଯେବେ ଗୋଟିଏ କୁମାର ଜନ୍ମ ହେବେ ତାଙ୍କର ମନୋରଥ ପୂର୍ଣ୍ଣ ହେବ । ସ୍ୱାମୀଙ୍କ ଆଜ୍ଞାରେ ଇନ୍ଦ୍ର କୁନ୍ତୀଙ୍କ ପ୍ରତି ପ୍ରସନ୍ନ ହେଲେ । ତହୁଁ ସର୍ବଗୁଣାଳଙ୍କୃତ, କ୍ଷତ୍ରିୟ-କୁଳମଣ୍ଡନ ବୀର ଫାଲ୍‌ଗୁନଙ୍କର ଜନ୍ମ ହେଲା । ଜନ୍ମକାଳର ବାର୍ତ୍ତା

ଫଳ ଯାଇ ପାଣ୍ଡବମାତା ସନ୍ତାନଗଣଙ୍କରେ ଭୂଷିତା ହୋଇ ଉଠିଲେ । ତାଙ୍କର ବନବାସଜନିତ ସମସ୍ତ ଶୋକ ଦୂର ହୋଇଗଲା ।

ଦେବକୁମାରମାନଙ୍କର ମାତା ହୋଇ ଶ୍ରେଷ୍ଠଙ୍କ ପବିତ୍ର ଜନ୍ମରେ ଗୋଟିଏ ପୂର୍ଣ୍ଣିବାସିନୀ ହୋଇ କୁନ୍ତୀ ଭାବିଲେ, ଯେପରି ସେ ସେହି ଭାଳରେ ପୁଣ୍ୟବତ୍ୱାଣୀ ହୋଇ ପାରିଲେ । କିନ୍ତୁ କୁନ୍ତୀଙ୍କର ଚିନ୍ତା ତୁଟିଲା ନାହିଁ । ମାଦ୍ରୀଙ୍କ ପାଇଁ ତାଙ୍କ ମନରେ ଦୁଃଖ ରହିଗଲା । ସେ କିପରି ପୁତ୍ରବତୀ ହୋଇ ରହିବେ ଅଥଚ ସପତ୍ନୀ ଅପୁତ୍ରିକା ହୋଇ ରହିବେ; ଏହା ତାଙ୍କୁ ଅଶାନ୍ତି ଦେଲା ।

## ମାଦ୍ରୀ

ଏହିଠାରେ ମହାଭାରତକାର କିଛି ଅଦ୍ଭୁତ ଗୋଟିଏ କାରଣ ଦର୍ଶାଇଛନ୍ତି । ସେହି କାରଣଟି ଏପରି ଅପ୍ରାସଙ୍ଗିକ ବୋଧ ହେଉଅଛି ଯେ, ଯେଉଁଟି କୁନ୍ତୀ ମାଦ୍ରୀଙ୍କ ବନ୍ଧ୍ୟାତ୍ୱ ପାଇଁ ବେଦନା ବୋଧ କରୁଛନ୍ତି, ଅଥଚ ସେ ବେଦନା ତାଙ୍କର ସଦ୍‌ଭାବ ପ୍ରସୂତ ଭାବେ ଅନୁଭବ ହୁଏ ନାହିଁ । କାରଣ ମାଦ୍ରୀଙ୍କ ସହିତ ପାଣ୍ଡୁଙ୍କ ମିଳନରେ ପାଣ୍ଡୁଙ୍କର ମୃତ୍ୟୁ ହେବ ବୋଲି ଋଷି ଅଭିଶାପ ଦେଇଥିଲେ ! ଏହା ଛଡ଼ା ତାହାର ଅନ୍ୟ କୌଣସି କାରଣ ଅଛି । ସେ କାରଣ ନାହିଁ କି ଲେଖାଯାଇ ତାହାର ହେତୁ ମଧ୍ୟ ନେଇ ହୋଇ ନ ପାରନ୍ତି; କବିଙ୍କ କଳ୍ପନାକୁ ସେପରି ହେବାର ଦୂରକୁ ଲୁହାଇ କରିବାକୁ ହୁଏ । ଅନ୍ୟଥା ଗତି ନାହିଁ ।

"ଜନ୍ମ ପୁତ୍ର ମୁଖ ଦେଖି କୁନ୍ତୀ ହୋଇ ଖୁସି,
ସହି ନ ପାରଇ ସତ ପୁତ୍ରହୀନ ଅର୍ଦ୍ଧାଙ୍ଗ ।
ଅପଣା ସ୍ୱାମୀଙ୍କି ଜିଣା ଲଭେ ସର୍ବ ଚିନ୍ତା,
ପର ପୁରୁଷ ତୁମ୍ଭାରେ ଅନେକ ଅବସ୍ଥା ।
ନ ପାରଇ ସହି ପର ପୁତ୍ରହୀନ ଅର୍ଦ୍ଧାଙ୍ଗ,
ମାଦ୍ରୀଙ୍କ ଦେଖଣ ହୋଇ ଏକାନ୍ତରେ ବୋଲ ।
"ଶୁଣ ଗୋ ମାଦ୍ରୀ ମୋର ସପତ୍ନୀ ଯୁଆ ଥିବ,
ଜନନୀ ଯଉ ବହୁତ ଜନ୍ମ ମୋର ଦେବ ।

ତୁ ମୋର ଅଗର ଅଟୁ ପ୍ରାଣ ସର୍ବାଂଶୁଣୀ,
ମୋତେ ସେବ ଅସୁନ୍ଦିନା ମଧ୍ୟେ ହେବୁ ଖଣି ।
ଏମନ୍ତ ଭଣି ମାଦ୍ରୀଙ୍କି ଦେଲେ ଉପମାନି,
ସୁମର ଦେବା ଶରଧାର ମଧୁ ମନେ ଗୁଣି ।”

ମାଦ୍ରୀ ରୂପବତୀ ଓ ଗୁଣବତୀ; ଦ୍ୱିତୀୟର ଅଳଙ୍କାର ଥିଲେ । ସମଦର୍ଶୀଙ୍କର ଉଦାର୍ଯ୍ୟତାରେ ସେ ସନ୍ତୁଷ୍ଟ ହେଲେ ।

କିନ୍ତୁ ସେ ବଡ଼ ଦୁଃଖୀ ଥିଲେ । ସପତ୍ନୀଙ୍କ କୁମାରମାନେ ତାଙ୍କର ସ୍ନେହରେ ତାଙ୍କ ନନ୍ଦନେ ପାଳିତ ହେଉଥିଲେ । ତେଣୁ ସପତ୍ନୀଙ୍କୁ ମଧ୍ୟ ସେ ପୁତ୍ରଙ୍କ ନିଜର ସ୍ୱଜନ ଭଳି ସ୍ନେହ ଦେଖାଇ ଚଳୁଥିଲେ । କିନ୍ତୁ ନାରୀର ସହଜ ସ୍ୱଭାବ ତାଙ୍କ ପ୍ରକୃତିର ବାଟିଛୁଡ଼ା ଥିଲା । ଯଦ୍ୟପି ସପତ୍ନୀଙ୍କର ଶୁଭ ମନାସରେ ସପତ୍ନୀଙ୍କ ପୁତ୍ର କଥାମାନଙ୍କରେ ସେ ହୃଦୟକୁ ଟେକାଇ ତାଙ୍କ ନନ୍ଦନେ କୁଟୁମ୍ବ ପାଖରେ ଅର୍ପଣ ହେଲେ କିନ୍ତୁ ମନରେ ତାଙ୍କର ଦ୍ୱୀପାନ୍ତରି ଗର୍ବର ଜାଗ୍ରତ ରହିଲା । ସେଥି-ପାଇଁ ଜପାମାଳୀ ଧରି ସେତେବେଳେ ଯେଉଁ ଦେବତାଙ୍କୁ ମନାଉଥିବାକୁ ବସନ୍ତି ସେତେବେଳେ ସେ କହୁଥାନ୍ତି—

“ବୋଲିଲେ ଧର୍ମ, ପବନ, ଇନ୍ଦ୍ର ଦେଲେ ସୁତ
ଦେବତାଙ୍କ ମଧ୍ୟେ ଅଛ କାହିଁ ବଳବନ୍ତ ।
ନାସତ୍ୟ ଦେବତାଙ୍କୁ ସ୍ମରଣ କରି ଅଛ,
କନ୍ତୁ ନ ବହିଁ ମୁଁ ଅଶ୍ୱିନୀ ଦେବ ଅଟନ୍ତି ।
ମୋର ପୁତ୍ର ଦୋଇଟି ହେଉ ବଳବନ୍ତ ଅତି,
ସକଳ ବ୍ରହ୍ମାଣ୍ଡେ ଯେହ୍ନେ ହେବେ ଏକ ଖ୍ୟାତି ।
ପାଣ୍ଡୁ ସୁଖଟ କୁନ୍ତୀ ଭଳି ସୁତ ଜଣି,
ମୋ ହୃଦର ହେଉ ଏହ ଦୃଷ୍ଟିଦେବମଣି ।”

ନାରୀର ଉଚ୍ଚ ସ୍ୱାର୍ଥପରତା ସବୁ ଯୁଗର ସବୁ କାଳର ଦୋଷାଏ ଅଟେ ସତ୍ୟ ଜାଣିବୁଣି । ସେ କାଳର ନାରୀ ଘଟରେ ଟିକ୍ ଏ କାଳର

ନାରୀ ଚରିତ, ସପତ୍ନୀ ହିଂସା, ତା ହେଉଥିଲା ଭୟ, ପୁଣି ମାନଙ୍କର ଲହୁଅଛୁ । ପାଣ୍ଡୁଙ୍କ ନିକାଳଙ୍କ ବୃଦ୍ଧିରୁ ଏହା ବାଦ୍ ଯାଇ ନାହିଁ । ମାଦ୍ରୀ ଅଶ୍ୱିନୀ-କୁମାରଙ୍କୁ ସ୍ମରଣ କରି ଯୁଗ୍ମ ପୁତ୍ର ପ୍ରାପ୍ତ ହୋଇଥିଲେ । କୁନ୍ତୀ ହସ୍ତିନାକୁ ଆସିଲା ବେଳେ ଯେଉଁ ଶଙ୍କା ତାଙ୍କ ମନରେ ଉଦୟ ହୋଇ-ଥିଲା, କାର୍ଯ୍ୟତଃ ତାହା ଫଳିଲା । ମାଦ୍ରୀ ନିଜର ପତିଙ୍କୁ ସ୍ମରଣ କଲାରୁ ପାଣ୍ଡୁ ଆସି ଉପସ୍ଥିତ ହେଲେ । ମାଦ୍ରୀ ଶ୍ରୀଅଳକାଶରେ ପତି ଏହପରି ସ୍ମରଣ କରିଥିବାରୁ ଘୋର ଅନୁତାପ କଲେ ।

ଫଳ ଫଳରେ ହେଲା ଯେ ଅକାଳ ନାଶତ ଆସି ପାଣ୍ଡୁଙ୍କ ପାଖରେ ଉଭିଲା ଏବଂ ସେ ପ୍ରାଣତ୍ୟାଗ କଲେ ।

ସାରଳା ଦାସ ପାଣ୍ଡୁ ଓ ମାଦ୍ରୀଙ୍କ ମୃତ୍ୟୁ ଏକ ସଙ୍ଗେ ହେଲା ବୋଲି ଲେଖିଛନ୍ତି । କିନ୍ତୁ ମୂଳ ମହାଭାରତରେ ସହଦେବ ଜନ୍ମ ଭିନ୍ନ ପ୍ରକାର । ଗର୍ଭବତୀ ମାଦ୍ରୀ ସହଦେବଙ୍କ ଜନ୍ମ ପରେ ଗତଃରେ ଘଟିବା କଥା ସ୍ୱାଭାବିକ, କିନ୍ତୁ ସାରଳା ଦାସ ଏହି ବ୍ୟାପାରକୁ ଏକ ଚମତ୍କାରିତ ଅଲୌକିକ ଭାବରେ ବର୍ଣ୍ଣନା କରିଅଛନ୍ତି । ଘଟଣା ସନ୍ନିବେଶ ମଧ୍ୟ ସେହିପରି । ନକୁଳ ସହଦେବ ଅଶ୍ୱିନୀକୁମାରଙ୍କ ଔରସରୁ ଜନ୍ମ ବୋଲି ମୂଳ ମହାଭାରତ କହେ । କିନ୍ତୁ କବି ଏଠି କହୁଛନ୍ତି ଯେ ସହଦେବ ପାଣ୍ଡୁଙ୍କ ଔରସଜାତ ପୁତ୍ର । ବନରେ ସେତେବେଳେ ପାଣ୍ଡୁଙ୍କର ଏଭଳି ସମୟରେ ମୃତ୍ୟୁ ଘଟିଲା ସେତେବେଳେ ସଦ୍ୟଜାତ ଶିଶୁ ଅନାଥ ହୋଇ ପ୍ରାଣତ୍ୟାଗ କଲା । ପରେ ଦେବତାମାନଙ୍କ ପ୍ରେରଣାରେ ଦେବବୈଦ୍ୟ ଅଶ୍ୱିନୀକୁମାର ବନସ୍ଥରେ ଆସି ଦେଖିଲେ, ଶିଶୁ ପ୍ରାଣହୀନ । ତାଙ୍କୁ ଦେବ-ସମାଜରେ ଲଜ୍ଜା ହେବ ବୋଲି ସେ ନିଜର ଅର୍ଦ୍ଧପ୍ରାଣ ସେହି ଶିଶୁଠାରେ ସଞ୍ଚାର କରାଇ ତାହାକୁ ସାନ୍ତ୍ୱନା କରି ଗଲେ ଏବଂ ସେହି ଶିଶୁକୁ ତ୍ରିକାଳଜ୍ଞ, ଜାଣଙ୍କ ଓ ମହାଜ୍ଞାନୀ ହେବା ପାଇଁ ଆଶୀର୍ବାଦ କଲେ ।

ଯାହାହେଉ, କୁନ୍ତୀ ଏ ସମସ୍ତ ବ୍ୟାପାର କିଛି ଜାଣି ନ ଥିଲେ । ସେ ଯମୁନାକୂଳରେ ସ୍ନାନ ସାରି ତର୍ପଣ ସନ୍ଧ୍ୟାରେ ଯେତେବେଳେ

ପ୍ରସାଧନ ଆରମ୍ଭ କଲେ, ଦେଖିଲେ ଯେ—ତାଙ୍କର ସୌମ୍ୟ ବଦନ ଶୁଷ୍କ ହୋଇ ଯାଇଛି । ପୁଣି ତାଙ୍କ ସୁବର୍ଣ୍ଣବାହୁ କୃଷ୍ଣବର୍ଣ୍ଣ ଦିଶୁଛି । ଏହି ଦୁର୍ଲକ୍ଷଣ ତାଙ୍କୁ ବ୍ୟାକୁଳ କଲା । ସେ ଭାବୁଥିଲେ—

"ଶଶୁରନ୍ତ ଦେଖ ପୁଣି ଏ ମୋହର ଆସ୍ୟ,
କରଇ ତ ଅଥବାର ଲକ୍ଷଣ ଦିଶୁଥାଇ ।
କି ଅବା ପ୍ରମାଦ ବେନି ପଡ଼ିଲା ପାଣ୍ଡୁଙ୍କୁ,
କିବା ପ୍ରମାଦ ପଡ଼ିଲା ହେଳା ନୃପତିଙ୍କୁ ।
ଜାହ୍ନବୀ ଶିବା ଶମ୍ଭୁ ସ୍ୱାମୀ ଯେ ଦେବତା,
ଦୂର କରେ ଦେବେ ବ୍ୟାକୁଳ ଶାନ୍ତି ବନିତା ।
ମୁହିଁ ଯେ ଶୁଣି ଅଛିଲି ପାଣ୍ଡୁଙ୍କୁ କାନନେ,
ମାଦ୍ରୀକି ଛୁଇଲେ ତ ତ୍ୟଜିବେ ଜୀବନ ଦୋଷ ମନେ ।"

କୁନ୍ତୀଙ୍କର ଆଶଙ୍କା ତାଙ୍କ ମନରେ ସତ୍ୟ ପରି ପ୍ରତିଭାତ ହେବାକୁ ଲାଗିଲା । ବଧୂର ପଦ୍ମୀ କହୁଛନ୍ତି—

"ଜାଣୁ ସ୍ୱାମୀ ମୋହର ଭ୍ରମଣ ଡହଁରେ
ଋଷିର ଶାପେ ଅକାଳ ମାତ୍ରେ ନାଶ ଗଲେ ।"

କୁନ୍ତୀଙ୍କର ବେଦନା ଦେଖି ପଡ଼ିବାକୁ ଛଳଛଳ ନେତ୍ରରେ ସେ ଗାନ୍ଧାରୀଙ୍କୁ କହୁଛନ୍ତି—

"ସ୍ୱାମୀଙ୍କୁ ପ୍ରମାଦ ମୋର ପଡ଼ିବ ବନରେ
× × × ×
ମୁହିଁ କହନ୍ତି ଯାଉଛି ଛତସ୍ୱର୍ଣ୍ଣ ଯାଏ
ସ୍ୱାମୀର ବଦନ ଏବେ ଶୁଖିବ କି ମୋହେ ।"

ଗାନ୍ଧାରୀ କୁନ୍ତୀଙ୍କୁ ସାନ୍ତ୍ୱନା ଦେଇ କହୁଥିଲେ, 'ପାଣ୍ଡୁ ଶତଶୃଙ୍ଗ ବାଣଧାରୀ, କୌଶଳ୍ୟବିକ୍ରମୀ ବୀର । ସେ ତଥାପି ଦେବଭୋଗ କରି ନାହାନ୍ତି । ତେଣୁ ବ୍ୟସ୍ତ ହୁଅ ନାହିଁ । ତଥାପି କୁନ୍ତୀଙ୍କ ଅନ୍ତର ବେଦନାହତ । ସେ ବାରବାର ଭାବୁଥିଲେ—

“ମାଦ୍ରୀ ହୋଲେ ନାଶ ଗଲେ କଟକେ ପାଣ୍ଡୁଙ୍କୁ
× × × ×
ଏହୁ ଶିଶୁର-ପିଣ୍ଡ ମୋ ଅଟଇ ଗାନ୍ଧାରୀ
ଅବର ଜାଣୁଁ ପାଇବ ପାଣ୍ଡୁ ଦଣ୍ଡଧାରୀ ।”

ଭୂରିଶ୍ରବା, ବିଦୁର, ସଞ୍ଜୟ, ଯୁଯୁତ୍ସୁ ଧୃତରାଷ୍ଟ୍ର ଆଜ୍ଞା ଦେଇବୁ ସମସ୍ତେ କୁନ୍ତୀଙ୍କ ସହିତ ରଥାରୋହଣ କରି ଶତଶୃଙ୍ଗ ପର୍ବତକୁ ଗମନ କଲେ । ପଥରେ ବୃନ୍ଦାବନ ବନରେ କୁନ୍ତୀ ନାନା ଅଶୁଭ ନିଦର୍ଶନମାନ ଦେଖିଲେ, କହିଲେ—

“ଆହା ଦଇବ ବୋଲନ୍ତି ପ୍ରଜାର ନନ୍ଦନ
ଜାଣନ୍ତି ପାଣ୍ଡୁ ଦେଖିବ ସବେ ବସ୍ତୁ ହେଳା ।”

ଶିବପାଦ ଶବରକୁ ପଥରେ ଦେଖିଲେ । ତାହାର ସ୍ତ୍ରୀ “ପୋହଳ” ନାମକ କଞ୍ଚୁକୀ ପାଣ୍ଡୁଙ୍କର ମୃତ୍ୟୁ ସମ୍ବାଦ ବହନ କରି ଦର୍ଶିବାକୁ ଆସୁଥିଲା । କୁନ୍ତୀ ତାକୁ ଦେଖି ପାଣ୍ଡୁଙ୍କର କୁଶଳ ସମାଚାର ପଚାରିବାରୁ “ପୋହଳା” ଦୁଃସମ୍ବାଦ ଜ୍ଞାପନ କଲା । କୁନ୍ତୀ ଶୀଘ୍ର ହୋଇ ଆସି କୁଟୀରରେ ଯାଇ ଦେଖିଲେ ତାଙ୍କର ଆଶଙ୍କା ସତ୍ୟ ହୋଇଛି । ପାଣ୍ଡୁ ଓ ମାଦ୍ରୀ ମୃତ ଅବସ୍ଥାରେ ପଡ଼ିଛନ୍ତି । ତାଙ୍କ ଉପରେ ମାଳକଣ୍ଟ ପଡ଼ିଛି । ବିଦୁର ଓ କୁନ୍ତୀ ପ୍ରଥମେ ଏହି ଦୃଶ୍ୟରେ ମୂର୍ଚ୍ଛିତ ହୋଇ ପଡ଼ିଲେ । ଭୂରିଶ୍ରବା ଓ ଯୁଯୁତ୍ସୁ ଆଦି ସମସ୍ତେ ଶୋକାକୁଳ ହୋଇ ପଡ଼ିଲେ । କୁନ୍ତୀଙ୍କର ବୈଧବ୍ୟ ଶୋକକୁ ସାରଳା ଦାସ ଅଳ୍ପ କଥାରେ ରୂପ ଦେଇଛନ୍ତି ।

“ହାହା ନାଥ ବୋଲି ଗଡ଼େ ରୋଦନ୍ତି ଯେ ସତୀ,
ଗୁଣସାଗର ନାଥ ତୁ ନାଶ ଗଲୁ କାହିଁ ।
ସ୍ୱାମିକି କୋଳ କରିଣ ହୃଦରେ ଲଗାଇ,
ମୁଖର ବଦନ ଚୋରି ହେଜେଣ ଲୁଚାଇ ।
ପ୍ରାଣର ବଲ୍ଲଭ ମୋର ଭୂଷଣର ଜୀବନ,
ମୃତପିଣ୍ଡ ଘେନ ଦେବୀ କରନ୍ତି ରୋଦନ ।

ହା ଭଗବଦ୍ଭଜନ ନାଥ କେଉଁଆଡ଼େ ଗଲ,
ସଂସାର ସମୁଦ୍ରେ ମୋର ଭେଳା ବୁଡ଼ାଇଲ ।
ଧର୍ମ ଥାଇ ରାଜ୍ୟ ଗଲା ଆହା ପ୍ରାଣବନ୍ଧୁ,
ଏବେ ବୁଝିଲି ଧର୍ମରେ ଅଧର୍ମ ଅଛନ୍ତୁ ।
ମୁହିଁ ହତଭାଗିନୀ କପାଳ ଖଣ୍ଡିବାକୁ ଦେବାକେ,
ମାଦ୍ରୀ ତୁମ୍ଭଙ୍କୁ ସମସ୍ତ ଜଗତ ଦେଖନ୍ତୁ ।
ଆହା ପ୍ରାଣନାଥ ଯିବ କହିବାକୁ ଥିଲା,
ଶୋକ ସମୁଦ୍ରରେ ମୋତେ ଗଲ ଛାଡ଼ି ଭାସି ।"

ସମସ୍ତେ କୁନ୍ତୀଙ୍କୁ ସାନ୍ତ୍ୱନା ଦେଲେ । କିନ୍ତୁ ତାଙ୍କର ମନ ମାନିଲା ନାହିଁ । ସେତେବେଳେ ବାସୁଦେବ ନନ୍ଦନ ଶିଶୁ ବଳଦେବଙ୍କୁ ଆଣି କୁନ୍ତୀଙ୍କ କୋଳରେ ଦେଲେ ଶିଶୁଟିର ସେହି ମୁହଁକୁ ଦେଖି କୁନ୍ତୀଙ୍କର ମାତୃହୃଦୟ ଉଛୁଳି ଯାଇଥିଲା । ସେ ବହୁ କଷ୍ଟରେ ନିଜର ଶୋକାବେଗ ସମ୍ବରଣ କଲେ । କୁନ୍ତୀ ନିଜେ ମାଦ୍ରୀଙ୍କୁ ଚିତାରେ ଶୁଆଇ ସ୍ୱାମୀଙ୍କର ଔର୍ଦ୍ଧ୍ୱଦେହିକ ଅଗ୍ନି ବ୍ରାହ୍ମଣଙ୍କ ସହିତ ସମାଧାନ କଲେ । ଶ୍ରାଦ୍ଧ ସମାପନ ହେବାକୁ ବାସୁଦେବ କୁନ୍ତୀଙ୍କୁ ହସ୍ତିନା ଯିବାକୁ କହିଲେ । କିନ୍ତୁ ଯେଉଁଠି ତାଙ୍କ ସ୍ୱାମୀଙ୍କର ଓ ତାଙ୍କ ଜୀବନର ମୂଲ୍ୟବାନ ଦିନଗୁଡ଼ିକ କଟିଛି, ସେହି ଶତଶୃଙ୍ଗ ପର୍ବତକୋଳକୁ ଏକାକୀ ଭାବରେ ଛାଡ଼ିବା ପାଇଁ ତାଙ୍କର ମନ ବଳିଲା ନାହିଁ । ସେ କହିଲେ, ମୋର ପୁଅମାନଙ୍କୁ ଏଠାକୁ ପଠାଇ ଦିଅ । ମୁଁ ଏହି ନିର୍ଜନ ନିବାସ ପଲ୍ଲୀରେ ସେମାନଙ୍କୁ ନେଇ ବସି ରହିବି । ତା ଛଡ଼ା ସ୍ୱାମୀହୀନ ଅବସ୍ଥାରେ ରାଜଧାନୀକୁ ଯିବାକୁ ସେ ଅନିଚ୍ଛୁକ ହେବାର ଆଉ ଏକ ମୁଖ୍ୟ କାରଣ ଥିଲା । କୁନ୍ତୀ କହନ୍ତି—

"ପୁତ୍ରଙ୍କୁ ଆଣାଇ ଦେବା ହେଉ ମୋର ଏଥେଁ
ମୁଁ ରହି ପାରିବି କି ସାହାଯ୍ୟ ସତେମତେ ?
ଜାଣିଛି ଦୁଷ୍ଟପ୍ରକୃତି ଅଟଇ ଶାଳିଆ,
ତାଙ୍କ ପୁତ୍ରମାନେ ସେହିପରି କୁଟିଳାତ୍ମୀ,

କେତେବେଳେ ନ ପାରିବେ ସେ ତୋତେ ସମ୍ଭାଳି,
ସେ ସନ୍ଧି ନ ପାରିବେ ମୋ ଦୁର୍ମର ଅଙ୍ଗେ ଯାଇ ।
ଯୋଧାଙ୍କ ବରାଣ୍ଡ ହୋଇ ରହିବା ଦେଖନ୍ତେ,
ପୁଅଙ୍କୁ ଦେଖି ମୁଁ ଏଥେଁ ରହିବ କିପାଇଁ ।”

ବିଧବା ପାଣ୍ଡୁପତ୍ନୀ ବାଳକ ପୁତ୍ରଙ୍କୁ ନେଇ ସର୍ବଦା ଯୋଦ୍ଧା- ବଳର ଦୁର୍ଯୋଧନ ସହିତ ଅକର୍ମଣ୍ୟା ବୋଲି ଭଲ ଦେଖୁ ପାରିଥିଲେ । ସେଥିପାଇ ସେ ଶାନ୍ତିରେ ପୁତ୍ରଙ୍କୁ ରଖିବାକୁ ଚେଷ୍ଟା କଲେ । ସ୍ୱାମୀ ନ ଥିଲେ ପରିବାରରେ ବିଧବା ଓ ତାଙ୍କର ସନ୍ତାନମାନଙ୍କର ଦୁର୍ଦ୍ଦଶା ଯେ କିପରି, ଏକଥା ଭଲ ଭାବରେ ବୁଝି କୁନ୍ତୀ ଖୁବ ଯତ୍ନବାନ ହେଲେ । ତାଙ୍କର ପ୍ରତ୍ୟୟ ଓ ସ୍ନେହରେ କୁନ୍ତୀଙ୍କ ପ୍ରତି କେବେ ଶତ୍ରୁତା ଆଚରଣ କରି ନ ଥିଲେ ମଧ୍ୟ ଗାନ୍ଧାରୀ ଓ ତାଙ୍କର ପୁତ୍ରମାନେ ଦୁଷ୍ଟ ବୋଲି ଜାଣିଥିଲେ । ସେଥିପାଇଁ କୁନ୍ତୀ ସେଠାକୁ ଗଲେ ତାଙ୍କର ପାରିବାରିକ ଶାନ୍ତି ଯେ ଭଗ୍ନ ହେବ; ପୁଣି ଦୁର୍ମର ବାଙ୍କ ଯେ ସମସ୍ତଙ୍କୁ ଅତିଷ୍ଠ କରିବ ଓ ତାହାର ଫଳ ମଧ୍ୟ କୁନ୍ତୀଙ୍କୁ ଭୋଗ କରିବାକୁ ହେବ; ଏହା ମଧ୍ୟ ସଂସାର ଅଭିଜ୍ଞ ବିଧବା ଦୂରଦୃଷ୍ଟିରେ ଦେଖି ପାରିଥିଲେ । ସାରଳା ଦାସ ଏହି ପାରିବାରିକ ଚିତ୍ର ବେଶ୍ ନିପୁଣତା ସହକାରେ ଲେଖି- ଛନ୍ତି । ବିଧବାର ମନୋଭାବ ମଧ୍ୟ ଭଲ ଶୈଳୀରେ କୁଶଳ ସହକାରେ ଧରି ଦେଇଛନ୍ତି । କୁନ୍ତୀ ଶୋକରେ ଅଧୀର ହୋଇ କହୁଛନ୍ତି—

“କୁନ୍ତୀ ବୋଇଲେ ମୁଁ ପ୍ରୟାଗ ତୀର୍ଥେ ଯିବି,
ବାଞ୍ଛାକଳ୍ପ ଫଳେ ଏଥି ପ୍ରାଣ ବିସର୍ଜିବି ।”

ବ୍ୟାସ ବୁଝାଉଛନ୍ତି, “ତୁ ପାଟପୁତ୍ର ପାଇଛୁ, ସେମାନେ ପଛ କାଳରେ ରାଜା ହେବେ । ତୁ ବିରସ ହୋଇ ଅଧୀର ହେଲେ ଚଳିବ କିପରି ? ସଂସାର ନୂଆଧର୍ମୀ । ତୁ ସଂସାର ନ ଦେଖିଲେ ଚଳିବ ନାହିଁ । ଯଦି ସ୍ୱର୍ଗଗାମୀ ହେବାକୁ ଚାହୁଁ, ତୋର ପୁଅମାନେ ପାରିବେ ଦେବ । ମୁଁ କଲ୍ୟାଣ କରୁଛି, ତୋତେ ସକଳ ଧର୍ମ ପ୍ରାପ୍ତ ହେଉ । ହସ୍ତିନା-

ମୂଳରେ ସମସ୍ତେ ଉପଦେଶରେ ଅଛନ୍ତି, ତୋତେ ନ ଦେଖିଲେ ମୋର ଛାତି ଥଣ୍ଡା ହେବ ନାହିଁ । ଏଣୁ ଦୁଃଖସତ୍ତ୍ୱେ ତୋର ପଥ ଚାହିଁଛନ୍ତି । କୁନ୍ତୀ ଗଲେ ।

କୁନ୍ତୀଙ୍କୁ ସାକ୍ଷାତ କରିବାକୁ ଧୃତରାଷ୍ଟ୍ର ଗାନ୍ଧାରୀଙ୍କୁ ପଠାଇଲେ ; କୁନ୍ତୀଙ୍କୁ ଗାନ୍ଧାରୀ ଦେଖି କୋଳ କଲେ ଓ ବହୁତ ପ୍ରବୋଧନା ଦେଲେ ।

"ଗାନ୍ଧାରୀ କୋଳ କରଣ ଧଇଲେ କୁନ୍ତୀଙ୍କୁ
ମା'ତୋ ଭଲ ଅଛେ ମୁଁ ସିଧା କହି ନାହୁଁ ବସୁ ।"

× × ×

ବନବାସ କାଳରେ କୁନ୍ତୀ ପୁତ୍ରମାନଙ୍କ ସହିତ ଭିକ୍ଷା ମାଗିବାକୁ ଗଲେ । ପୁତ୍ରମାନେ ବିପ୍ରବେଶ ଧରି ଛଦ୍ମନାମ ଧଇଲେ । ଭିକ୍ଷାର ସ୍ୱରୂପ ପୁତ୍ରଙ୍କ ମାତା ବୁଝାଉଛନ୍ତି:—

"କାହୁଁ ଭିକ୍ଷା ବୋଲି କହି ଅଟେ ଯେତେ ଧର୍ମ
ଭଲପଣ ଦକ୍ଷିଣ ଦେଇ ଦାନ୍ତ ସଙ୍ଗ ଜନ ।
ବହୁତ ନ ହେଲେ ଲୋଭ ନ ହେଲେ ନିନ୍ଦନେ
ଯାଅ ବୋଲି ବାହୁଡ଼ ଯେ ଦାନ୍ତ ସ୍ତ୍ରୀମାନେ ।
ନ ଖାଇଲ ସ୍ୱାଭିମାନ ନ ମୁଣ୍ଡ ଟେକି ଯୋଡ଼ୁ
ଘରେ ନ ପୂଣ ସମସ୍ତ ଧରଣ କରନ୍ତୁ ।"

ଏହା ଦେବାକୁ କେହି ଭଲ ପାନ୍ତି ନାହିଁ ; ଭିକାରୀ ଭଲନ୍ତି, ପୁଣି ବୃଦ୍ଧାଣୀ ନାରୀମାନେ ଭିକାରୀଙ୍କୁ ଗାଳି ଦିଅନ୍ତି, ଏହା ସାରଳା ଦାସଙ୍କ ସମୟର କଥା ନୁହେଁ, ସବୁ ଯୁଗର ସବୁ କାଳର କଥା । ସାଧାରଣ ମନସ୍ତତ୍ତ୍ୱ କଥାକୁ ଏହାର ବାସ୍ତବତା ଆମ୍ଭେମାନେ ପ୍ରତିଦିନ ଅନୁଭବ କରୁଁ ଓ ଦେଖୁଁ । ସାରଳା ଦାସ କେତେ ଦୂରଦର୍ଶୀ ପୁରୁଷ ଥିଲେ ଏବଂ ନାରୀମାନଙ୍କର ସାଧାରଣ ପ୍ରକୃତିରେ କପଟ ଧର୍ମ କହିବାର ରୂପଶିଳ୍ପ ଦେଖନ୍ତି, ତାହା ଯଥାର୍ଥରେ କୁନ୍ତୀ କହିଛନ୍ତି । ସେ ଯୁଗର ଅସ୍ପୃଶ୍ୟ ଲୋକଙ୍କୁ ଗ୍ରାମବାସୀଙ୍କୁ ବାହି ଦେଉଥିଲେ । ଅନ୍ତ୍ୟଜ ଲୋକଙ୍କୁ ଗ୍ରାମ ବାହାରେ ଜଙ୍ଗଲରେ ରହିବା କଥା

ସାରଳା ଦାସ ଲେଖିଛନ୍ତି । କୁନ୍ତୀ ସବୁ ନାରୀଙ୍କ ଭଳି ଅନ୍ଧବିଶ୍ୱାସିନୀ ବା କର୍ମବାଦିନୀ ଥିଲେ:—

‘‘ଅନ୍ତ୍ୟଁ ଲୋକଙ୍କ ନଗର ବାହାରେହିଁ ଥାଇ
ଅସ୍ପୃଶ୍ୟ ଅଶୁଚ ଜାତ ତ୍ରିସ୍ନା ଅଜାତ,,
ତାହାଙ୍କର ଘରେ ଏହି ଭିକ୍ଷା ମାଗୁଛନ୍ତି ।
ଦେଖ କର୍ମ ସୂତ୍ରେ ଡୋଳେ ମୋର ନମସ୍କାର
ଛତ୍ର ଛଡ ଧାଣ୍ଡିକ ଯମ୍ପରେ ଲୋଡ଼ିର ।
ଭୁଞ୍ଜ ଯାହା ଲେଖିଛନ୍ତି ତାକୁ କର୍ମ ଦେବାରୁ
ଦେଖ ତୁମ୍ଭି ସିଖାଚେ ଏବେ ଦ୍ରୁଷ୍ଟି ଅଛନ୍ତି
ସ୍ୱର୍ଗେ ଇନ୍ଦ୍ରାଦି ଦେବେ ମହିନ୍ତି ସଦଶି
ଅଛି କଥାଇଁ କଷାଦ ଭବ ଦେଖି ଶାସ୍ତ୍ର ।
ତୁ ରଘ ଖଣ୍ଡାଖ ଭରିଷୁ ଏଷ୍ଟ ମସ୍ତୁହର -
ଏ ମାନବକୁଳକୁ ଦେଖା ଦିଆ ତୁ ନ ଭର ।
ଉଚେଷ୍ଟ କର୍ମଳ ତଳ ଦଶିଳ ସେ କ୍ଷୁଦ୍ର
ବୁଝ ଅଶ୍ରୁବ ସ୍ୱ.ମୀ ଦେଲା ତନ୍ତୁଁ ଆନ ନାହିଁ ।
ଦେଖ ସଂସାର ଜନମାନେ ଦେଖ ତୁହିଁ ବଣା
କର୍ମ ସୂତ୍ରେ ଗୋଡ଼ିଏ ଜୀବର ଧାରଣା ।” (ଆଦ୍ୟପର୍ବ)

ଏଥିରୁ କୁନ୍ତୀଙ୍କ ଜୀବନରେ ଯେ ଦୁଃଖିନୀ ତାହା ପରିଷ୍କାର ଜଣାପଡ଼େ । ଧର୍ମର ଫଳ ଏବଂ କର୍ମଫଳରେ ପ୍ରାଣୀ ସ୍ୱକର୍ମାନୁରୂପ ସୁଖ ଦୁଃଖ ଭୋଗିବାକୁ ବାଧ୍ୟ ହୋଇଥାନ୍ତି ସେ କହୁଛନ୍ତି । ଏହି କର୍ମ ବାଦରୁ ନିଜ କଥା ଦେବା ତାହାର ଅସ୍ମୃତିଧାନ ହେଉଁ କୁନ୍ତୀ ଭକ୍ତିମତୀ ଥିଲେ । ଶ୍ରୀକୃଷ୍ଣଙ୍କୁ ଈଶ୍ୱର ଭାବରେ ସେ ବିପଦବେଳେ ସ୍ମରଣ କରିଥାନ୍ତି । ଦୁଃଖ ବିପଦ ପଡ଼ିଲେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବେ ବୋଲି ଦୁଃଖ ବିପଦ ଆସିବାକୁ ସେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରୁଥିଲେ । ଏହା ମୂଳ ମହାଭାରତ ଓ ଶ୍ରୀମଦ୍ଭାଗବତରେ ବର୍ଣ୍ଣିତ ଅଛି ।

ମହାଭାରତ ଯୁଦ୍ଧ ସମୟରୁ ଦୁର୍ଯ୍ୟୋଧନ ପ୍ରାଣଭୟ ନେଇ ଦ୍ୱୈ-ପାୟନ ହ୍ରଦରେ ଅନ୍ତର୍ଗୋପନ କରିଲା । କୁନ୍ତୀ ପାଣ୍ଡବ ଓ ଶ୍ରୀକୃଷ୍ଣଙ୍କୁ ପଚାରିଲେ, ଦୁର୍ଯ୍ୟୋଧନଙ୍କୁ ତୁମ ଭିତରୁ କି କେହି ମାରିଛ ? ସମସ୍ତେ ମୁଖରେ କେତେ ଭୀଷଣ କହୁଛନ୍ତି ତାହା ଶୁଣାଇ ଦେଲେ, କିନ୍ତୁ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କୁ କେହି ଦେଖି ପାରିଲେ ନାହିଁ ବୋଲି ଜଣାଇଲେ । କୁନ୍ତୀ ତାଙ୍କ ପୁତ୍ରମାନଙ୍କୁ ଓ ଶ୍ରୀକୃଷ୍ଣଙ୍କୁ ସଙ୍ଗେ ନେଇ ଗଲେ । ପୁତ୍ରମାନଙ୍କୁ ବଞ୍ଚାଇବା ପାଇଁ ସେଉଁ ଜଗାଣଥାଳୀ ଧରିଥିଲେ ତାହା ମିଳି ଦେଇ କୋପରେ ଗର୍ଜି ହୋଇ କହିଲେ :—

"କେଉଁ ସିଂହ ଲୁଚିଲା ଏ ସମସ୍ତେ ଶୃଗାଳ ।
ଏମାନଙ୍କୁ ଛାଡ଼ି ଯିବୁ ଗର୍ବ ମୋର ଦେଇ,
ଏ କର୍ଣ୍ଣ ଅଶ୍ୱ ମୋର ଗାଣ୍ଡୀବକୁ ଛାଡ଼ି ।
କେଉଁ ପାଣ୍ଡବେ ଧରି ଦେଖ ତୁମର ଗଦା ।" (ଗଦାପର୍ବ)

କୁନ୍ତୀ ବନବାସକାଳରେ ଭୀମଙ୍କୁ ଅଧେ ଅନ୍ନ ଦେଇ ଅନ୍ୟ ଅଧକ ଅନ୍ନ ଚାରିଜଣଙ୍କୁ ଦେଇ ନିଜେ ପେଜ ପିଇ ରହୁଥିଲେ । ଭୀମ ଅନ୍ତର ଭିତରେ ଲଳିତ ହୋଇ ପେଜ ପିଆଇ ନିଜେ ଉପବାସ କରୁଥିଲେ । ଦୁର୍ଯ୍ୟୋଧନ ଭୀମଙ୍କୁ ବିଷଲଡୁ ଖୁଆଇ ଗଙ୍ଗାର ସମୁଦ୍ରରେ ପକାଇଥିଲା ସେକଥା ! ଅତୀତର ଦୁର୍ଦ୍ଦଶାୟ ଭୀମର ମନେ ପକାଇ କୁନ୍ତୀ କହିଲେ :—

"ସେତେ କଲୁ ମାଡ଼ିବୁ ଭୀଷଣ ତୁ କଲୁ
ଶୃଗାଳ ମାରୁ ସିଂହକୁ ଦେଖି ପଳାଇଲୁ ?
ଧିକ ଦେଖ ମୋତେ, ତୋତେ ଗର୍ଭେ ଧରି ଦେଲି
ସିଂହ ପୁଅ କାହିଁ ଯିବ ଶୃଗାଳ ପାଇଲୁ ।
ଧିକ ଧିକ ଦେଖୁ ତୋର ବୀରବେଶ
ଧିକ ବୃକୋଦର ନାମ ଧନୁର୍ଦ୍ଧର ଭାବ ।
ଧିକ ଦେଖ ରେ ଅର୍ଜ୍ଜୁନ ବାଣପଣ ତୋର
ଧିକ ଧିକ ଦଣ୍ଡ ନାମ ବୃଥା ଧନୁଧର ।
ଧିକ ଦେଖ ତୋର ନୃପପଣକୁ ଯୁଧିଷ୍ଠି
ପାଣ୍ଡୋଇକୁ ବନେ ସେତେ ପାଇଲୁ ଅଗ୍ନି ।" (ଗଦାପର୍ବ)

ଏହା ଶୁଣି ଭୀମ ଖୁବ୍‌ବେଶ ପ୍ରଶଂସା କଲେ, ଆଜି ଯଦି ଦୁର୍ଯ୍ୟୋଧନକୁ ନ ମାରିବି ତେବେ ମୁଁ କଦାପି ଅଗ୍ନିଦଗ୍ଧ ହୋଇ ମରିବି।

ବସ୍ତୁ ଦ୍ରୌପଦୀଙ୍କର ତେଜସ୍ୱୀ ଭାବ ଶାନ୍ତ ଭୂମିକାରେ ମଧ୍ୟ ଲକ୍ଷ୍ୟମାନ ଥିଲା। ଦ୍ରୌପଦୀ ଯେପରି ବନପର୍ବରେ ସ୍ୱାମୀମାନଙ୍କୁ ଉତ୍ସାହି କାପୁରୁଷ ଭଳି ଯୁଦ୍ଧରେ ବୈରନିର୍ଯାତନ ପ୍ରେରଣା ଦେଉଥିଲେ, କୁନ୍ତୀ ମଧ୍ୟ ରାଜ୍ୟସମ୍ପଦ୍‌ବିହୀନ, ବନବାସକ୍ଲେଶରେ ଅତ୍ୟନ୍ତ ଉତ୍ତ୍ୟକ୍ତ ବୋଧ କରୁଥିବା ପୁତ୍ରମାନଙ୍କୁ କ୍ଷତ୍ରିୟ ରାଜାମାନଙ୍କର କର୍ମଧର୍ମ ଯୁଦ୍ଧଦ୍ୱାରା ଶତ୍ରୁନାଶ ଏବଂ ନିଜର ଅଧିକାର ପୁନଃପ୍ରତିଷ୍ଠା କରିବା ନିମନ୍ତେ ପୁତ୍ରମାନଙ୍କ ପୌରୁଷକୁ ଘାତପ୍ରତିଘାତରେ ଆଘାତ କରି ପ୍ରେରଣା ଦେଇଛନ୍ତି। ଏଥିରେ ନାରୀପ୍ରକୃତିର ଗୋଟିଏ ବିଶିଷ୍ଟ ଗୁଣକୁ ସାରଳା ଦାସ ପ୍ରକଟ କରିଛନ୍ତି। ପୁରୁଷର ଦୁର୍ବଳପଣକୁ ନାରୀ କ୍ଷମା କରି ପାରେ ନା, ଏବଂ ପୁରୁଷର କାପୁରୁଷତାକୁ ନାରୀ କେବଳ ପତ୍ନୀତ୍ୱରେ ନୁହେଁ, ମାତୃତ୍ୱରେ ମଧ୍ୟ କ୍ଷମା ଦେଇ ପାରେ ନାହିଁ, ଏହାହିଁ ଏଥିରୁ ପ୍ରତିପନ୍ନ ହେଉଅଛି। ମନସ୍ତତ୍ତ୍ୱ ଦିଗରୁ ଦେଖିଲେ ନାରୀପ୍ରକୃତିର ଏହା ବେଶ ସ୍ପଷ୍ଟ ହୁଏ।

ସେହିପରି ଦୁଃଶାସନବଧବେଳେ ଦ୍ରୌପଦୀଙ୍କର ଅଗ୍ରତରେ ଦୀର୍ଘ-ସଞ୍ଚିତ ହୋଇଥିବା ଅପମାନ କଥା ଦ୍ରୌପଦୀ ଭୀମଙ୍କର ମନେ ପକାଇବାରୁ ଭୀମ ଦୁଃଶାସନ ବକ୍ଷ ଚିରିଦେଲେ। ସେହି ଛାତି ଭିତର ରକ୍ତକୁ ଦ୍ରୌପଦୀ ପାନ କରିଥିଲେ ଓ ଦୁଃଶାସନର ଛାତିନିର୍ଗତ ରକ୍ତରେ କେଶ ପ୍ରକ୍ଷାଳନ କରି ଯମୁନାରେ ସ୍ନାନ କରିବାକୁ ଯାଇଥିବା କଥା ସାରଳା ଦାସ ଲେଖିଛନ୍ତି :—

"ଏହା କହି ଦେବୀ ଚିହୁର ଯୋଡ଼ିଣ ତାଳିଲେ
ଆନନ୍ଦିତ ହୋଇ ଦେବୀ ରାହା ପୂଜା କଲେ।" (ଗଦାପର୍ବ)

ମୂଳ ମହାଭାରତରେ ଏହି ବିବରଣୀ ଥାଉ କି ନ ଥାଉ, ସାରଳା ଦାସ ଦ୍ରୌପଦୀଙ୍କୁ ପ୍ରତିହିଂସାବହ୍ନିରେ ନରରକ୍ତ ପାନ କରାଇଛନ୍ତି—ପ୍ରତିଶୋଧ ମନୋଭାବର ଉଗ୍ର ମୂର୍ତ୍ତି ପ୍ରଦର୍ଶନ ପାଇଁ।

ମହାଭାରତରେ ଏହି ନାରୀ ଦୁଇଟି ହେଉଛନ୍ତି ମୁଖ୍ୟ ନାୟିକା । ହୋମର କାନ୍ତ ନାୟିକାକୁଳର ଗୁଣମାନଙ୍କ ସହିତରେ ପ୍ରତିଯୋଗୀତ୍ୱ ହୁଏ, ଅନୁଷ୍ଠାନ ନିମନ୍ତେ ସ୍ୱାମୀ ପୁତ୍ରଙ୍କ ଜୀବନକୁ ସୁଖରେ ଉତ୍ସର୍ଗ କରି ଶପଥକୁ ବିକାଶ କରି ଅଛିବା। ମହାଭାରତଙ୍କ ଏହି ଦୁଇ ନାରୀଙ୍କ ପ୍ରକୃତରେ ଜୀବନ୍ତ କରି ଦେଖାଇଛନ୍ତି ସଂପଲ ବ୍ୟାସ । ନାରୀ ଦୁଃଖରେ, ଅସ୍ପୃଶ୍ୟମାନଙ୍କର ତତ୍ତ୍ୱାଧରେ ଅନୁସନ୍ଧାନ ହୁଏ, କିନ୍ତୁ ଅନ୍ତଃକରଣସହିତ ସବଳ ନାରୀ-ମାନଙ୍କର ଲକ୍ଷଣ ଅନ୍ୟ ପ୍ରକାର । ସେମାନେ ନାରୀ ହେଲେ ମଧ୍ୟ ନିଜର ବ୍ୟକ୍ତିତ୍ୱର ମୂଲ୍ୟ ଦିଅନ୍ତି ।

# ପଞ୍ଚମ ଅଧ୍ୟାୟ

## ଦ୍ରୌପଦୀ ଚରିତ

### (୧)

ସଂସ୍କୃତ ରାମାୟଣ କାବ୍ୟ ଯେପରି ସତୀକୁଳଚୂଡ଼ା ସୀତାଙ୍କୁ କେନ୍ଦ୍ର କରି ରଚିତ ହୋଇଅଛି, ମହାଭାରତର ଅଷ୍ଟାଦଶ ପର୍ବରେ ସେହିପରି ପଞ୍ଚପାଣ୍ଡବଙ୍କ ପାଟରାଣୀ ଦ୍ରୌପଦୀଙ୍କୁ ହେତୁ ନାୟିକା କରି ରଚିତ ହୋଇଅଛି । କିନ୍ତୁ ସୀତାଙ୍କର ପ୍ରସିଦ୍ଧି, ତାଙ୍କର ତ୍ୟାଗ, ଧୈର୍ଯ୍ୟ ଏବଂ ସତୀତ୍ୱ ଯୋଗୁଁ; ଦ୍ରୌପଦୀଙ୍କର ପ୍ରସିଦ୍ଧି ତାଙ୍କର ଶୌର୍ଯ୍ୟ, ଆତ୍ମସମ୍ମାନବୋଧ, ଅନମନୀୟ ପ୍ରକୃତି ଏବଂ ତେଜ ଯୋଗୁଁ; ତାହା ସାରଳାଙ୍କ ପ୍ରାଣର ଆବେଗରେ ମହାଭାରତ କାବ୍ୟକୁ ଏକ ଅନବଦ୍ୟ ସ୍ୱତନ୍ତ୍ର ରୂପ ଦେଇଛି । ସତୀତ୍ୱରେ ଦ୍ରୌପଦୀଙ୍କର ଶୀର୍ଷ ସ୍ଥାନ ରହିଛି; କିନ୍ତୁ ତାଙ୍କ ଜୀବନର ପ୍ରଧାନ ହୋଇଛି ଶକ୍ତି । ଏହି ଶକ୍ତି ଗୁଣ ତାଙ୍କ ହୃଦୟରେ, ଚିନ୍ତାରେ ଏବଂ ଜୀବନର ବହିର୍ମୁଖୀ ଘଟଣାଗତଭାବେ ଫୁଟି ଉଠିଛି । ତାହାକୁ ସହିତ ଆତ୍ମସମ୍ମାନଜ୍ଞାନ ବାରମ୍ବାର ତାଙ୍କର ବ୍ୟକ୍ତିତ୍ୱକୁ ଏକ ଅମ୍ଳାନକାନ୍ତି ରୂପ ଦେଇଛି । ସେ ପାଣ୍ଡବ ମହିଷୀ, ପାଣ୍ଡବଙ୍କର ପତ୍ନୀ, ରାଣୀ, ସେବିକା । ପୁଣି କୁଳବଧୂମାନଙ୍କର ସେ ସାର, ଧର୍ମଶୀଳା, ପଞ୍ଚପତିଙ୍କର ଗୃହିଣୀ, ସଙ୍ଗିନୀ, ପୁତ୍ରଜାୟା ଦେବୀ । ସେ ସ୍ୱାମୀ ଓ କୁଳବୃଦ୍ଧ ଶାଶୂ ଶ୍ୱଶୁର ଗୁରୁଜନଙ୍କ ପ୍ରତି ଭକ୍ତିପରାୟଣା, ଦେବଦ୍ୱିଜ ଅତିଥିମାନଙ୍କ ପ୍ରତି ଭକ୍ତିମତୀ । ଭଗବାନ୍ ଶ୍ରୀକୃଷ୍ଣଙ୍କର ନର୍ମସଖୀ ଓ ଭକ୍ତିମତୀ ଭଗିନୀ କୃଷ୍ଣା—ମହାଭାରତ କାବ୍ୟ ମଧ୍ୟରେ ଶୋଭିତ ଦୁର୍ଲଭ ସୃଷ୍ଟି ସମନ୍ୱୟର ଆଧାରସ୍ତମ୍ଭ । ତାଙ୍କର ଦୁଃଖ, ତାଙ୍କର ଦୈନ୍ୟ ଓ ଲାଞ୍ଛନା ଦେଖିଲେ ଓ ତାଙ୍କ ନିରବଲମ୍ବ ଅବସ୍ଥା ଦେଖିଲେ ଲୋକମାନଙ୍କର କରୁଣାର ଉଦ୍ରେକ ହୁଏ ଏବଂ ନାରୀଜାତିର ସହାନୁଭୂତିରେ କବିହୃଦୟ ତରଳି ଯାଇ ଅଶ୍ରୁଧାରରେ ଏହି କରୁଣ ଚିତ୍ରକୁ ପ୍ରକାଶ କରେ । ଦ୍ରୌପଦୀଙ୍କ ଜୀବନର କିନ୍ତୁ ତାହା ମୂଳ ନୁହେଁ । କାରଣ ସେ ଯଦ୍ୟପି ଦୁଃଖ ଓ ଦୈନ୍ୟ ମଧ୍ୟରେ ଗୁଡ଼ିଛନ୍ତି, ତଥାପି ତାଙ୍କର ଅନ୍ତର

ଦୁର୍ଭାଗ୍ୟକୁ ସେ ଅତି ସାହସିକତା ସହିତ ଜୀବନରେ ବରଣ କରି ନେଇଛନ୍ତି । କାରଣ ତାଙ୍କ ଭିତରେ ସେଇ ସୁଦୃଢ଼ ବାସନା ଥିଲା, ସେ ଦୁର୍ବାର ଦୈବ ବା ଅଦୃଷ୍ଟର ପରିହାସ ସହିତରେ ସଂଗ୍ରାମ କରି କରି ଆସିଛି । ସେଥିପାଇଁ ଦୁଃଖ ତାଙ୍କୁ ଦୁଃଖରେ ବିକଳ ବୋଧ କରେ ନାହିଁ । ପାଣ୍ଡବରାଣୀ କେଉଁଠାରେ ଜୀବନରେ ଅଶ୍ରୁମୁଖୀ ହୋଇ ଅପୌରୁଷ ଦୁର୍ଭାଗ୍ୟ ସହିତରେ ରଫା ସନ୍ଧି କରି ନାହାନ୍ତି । ଦୁର୍ଭାଗ୍ୟ, ଅପମାନ ଓ ଅସମ୍ମାନକୁ ଉପାର୍ଜିତ ପାପର ପ୍ରାୟଶ୍ଚିତ୍ତ ବୋଲି କେବେହେଁ ସ୍ୱୀକାର କରି ନାହାନ୍ତି । ଅଯାଚିତରେ ଦୁଃଖଗତି ଦେବାକୁହିଁ ତାଙ୍କର ପ୍ରକୃତି ଗଠିତ ହୋଇଥିଲା । ଯାହା ନ୍ୟାଯ୍ୟ, ଯାହା ସତ୍ୟ, ଯାହା କଲ୍ୟାଣୀୟ, ତାହା ସେମାନଙ୍କର ଧ୍ୟେୟ ଥିଲା । ସମାଜରେ ଚଳିବାକୁ ହେଲେ ଯେଉଁ ନୀତି, ଯେଉଁ ଶାନ୍ତି, ଯେଉଁ ଧର୍ମ, ଯେଉଁ କର୍ତ୍ତବ୍ୟ ନେଇ ଚଳିବାକୁ ହୁଏ, ସେ ଥିଲେ ତାହାରି ପ୍ରଧାନ ଉପାସିକା । ତାଙ୍କର ବାକ୍ୟବାଣ, ମନ ଅଭିମାନ, ଔଦ୍ଧତ୍ୟ, ଚାପଲ୍ୟର ଶିଷ୍ଟଶାସନରେ ଉଚ୍ଛୃଙ୍ଖଳ ନ ଥିଲା । ବରଂ ସେ ନିଜେ ଧର୍ମଶୀଳା ହୋଇ ଯେଉଁ ଧର୍ମ ଧାର୍ମିକଙ୍କୁ ରକ୍ଷା କରି ନ ପାରେ ସେହି ଧର୍ମ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାକୁ ପଶ୍ଚାତ୍ପଦ ହୋଇ ନାହାନ୍ତି । ପ୍ରାଣର ଅଧୀର ସ୍ରୋତ ତାଙ୍କର ଜୀବନକୁ ତରଙ୍ଗିତ କରୁଛି—ଚଞ୍ଚଳ ଓ ମୁଖରିତ କରୁଛି । ତାଙ୍କର ଜୀବନ, ଜୀବନଦେବତାର ପୂଜା ନୈବେଦ୍ୟ । ସେ ସେହି ଦେବତାଙ୍କୁ ପ୍ରତିପଦରେ ସ୍ୱତଃ ଷୋଡ଼ଶୋପଚାରରେ ଉପାସନା କରି ସାର୍ଥକ ନାରୀ ହୋଇ ପାରିଛନ୍ତି । ତାଙ୍କର ଜୀବନଧାରାରେ ଯେଉଁ ବୈଚିତ୍ର୍ୟ ଫୁଟି ଉଠିଛି, ସେ ପୂର୍ଣ୍ଣତା ସୁଠାମ ସୁଷମ ସ୍ୱଚ୍ଛନ୍ଦଗତିଶୀଳ ମୂର୍ତ୍ତିରେ ତାଙ୍କର ବିଶିଷ୍ଟତାକୁ ମେଘ-ମୁକ୍ତ ଚନ୍ଦ୍ରର ଗୌରବ ଦେଇଛି ତାହା ମହାଭାରତର ସମସ୍ତ ନାରୀଚରିତ୍ରରେ ଅନୁପମ । ମହାମାନ୍ୟା ଭଗବତୀଙ୍କ ପରି ତାଙ୍କଠାରେ ବାଣୀ, ଅନ୍ନପୂର୍ଣ୍ଣା ଓ ଜଗଦ୍ଧାତ୍ରୀ ଚଣ୍ଡୀମାନଙ୍କର ଅବସ୍ଥିତି ହୋଇଛି । ତାହା ପାଠକକୁ ଆନନ୍ଦ ଓ ବିସ୍ମୟରେ ମୁଗ୍ଧ କରିଦିଏ । ତାର ଦୁର୍ଦ୍ଧର୍ଷ ତେଜ ସମ୍ଭ୍ରମ ସେହି ସାହିତ୍ୟସେବକଙ୍କ ଲେଖନୀର ସ୍ତୁତି ନିକଟରେ ଅର୍ପିତ ହୋଇଯାଏ । କାହା

ସାରଳା ଦାସ ମଧ୍ୟ ଏ ସୂକ୍ଷ୍ମ ସତ୍ୟ ପରିଚିତ ଥିଲେ । ତାଙ୍କ ଜୀବନର ଭକ୍ତି କବିଙ୍କର ମାନସଚକ୍ଷୁରେ ପ୍ରତିଭାତ ହୋଇଥିଲା ଅଧ୍ୟା. ନିଗଢ଼ ରୂପରେ ।

ଦ୍ରୁପଦ ରାଜା ଅପୁତ୍ରିକ ଥିଲେ ବୋଲି ଋଷିମାନଙ୍କ ପରାମର୍ଶରେ ଯଜ୍ଞ ଆରମ୍ଭ କଲେ । ସେହି ଯଜ୍ଞ ଅନଳରୁ ଅନଳଶିଖା କୃଷ୍ଣାଙ୍କର ଆବିର୍ଭାବ । ସୀତାଙ୍କ ଭଳି ଦ୍ରୌପଦୀ ମଧ୍ୟ ଅଯୋନିସମ୍ଭବା ଥିଲେ । କାଳକ୍ରମେ ତାଙ୍କର ସ୍ୱୟମ୍ବର ଦିନ ଆସିଲା । ରାଜା ଦ୍ରୁପଦ ଅଷ୍ଟ କଟୋରୀ "ଲକ୍ଷ୍ୟବିନ୍ଧା" ପଣ କଲେ । ସ୍ୱୟମ୍ବର ସଭାରେ କୃଷ୍ଣାଙ୍କୁ ଧରି ରାଜକନ୍ୟା ଆଡ଼ମ୍ବରରେ ଦେବାଂଶୀ ମୁକୁଟମାନେ ଉପସ୍ଥିତ ହୋଇଥିଲେ । କୃଷ୍ଣାଙ୍କର ରୂପକୁ ଉପସ୍ଥିତ ରାଜାମାନେ ଉପେକ୍ଷା କରି ପାରିଲେ ନାହିଁ ।

ଦ୍ରୁପଦ କହିଲେ:—

"ଯେଉଁ ଲକ୍ଷ୍ୟ ବିନ୍ଧିବ ସେହି ନେବ ମୋ କୁମାରୀ
ତୁମ୍ଭେ କେହି ନ ହୋଇବ ତାର ପ୍ରତିବାଦୀ ।"

କୃଷ୍ଣାଙ୍କୁ ସଖୀମାନେ କୁଙ୍କୁମ, ଚନ୍ଦନ, ଅଁଳା ତେଲ, ପୁଷ୍ପ, ଗନ୍ଧଦ୍ରବ୍ୟ, ତାମ୍ବୂଳ, ପଟ୍ଟ ପଟ୍ଟାମ୍ବର, ହାର, ନାନା ଅଳଙ୍କାରରେ ସଜ୍ଜିତ କରିଥିଲେ । ଯୁବତୀମାନଙ୍କ ନବଯୌବନସ୍ପୃହା କୁଳଶ୍ରୀ ଭୂଷଣରେ ଶୋଭା । ତାଙ୍କର ସମସ୍ତ ଅବୟବକୁ ଏବଂ ରୂପଗୁଣ ଓ କାନ୍ତିକୁ କବି ଉପମା ଦେଇ ବର୍ଣ୍ଣନା କରିଛନ୍ତି ଗୀତରୂପ କରି । ଏହି କଥାରେ ତାଙ୍କର ମୁଖମଣ୍ଡଳର ବର୍ଣ୍ଣନା କରି କବି କହୁଛନ୍ତି:—

'ଶରତ ଚନ୍ଦ୍ରବଦନୀ ଦୋଳଦୃଷ୍ଟି ଓ ଭାଲ,
ସ୍ପୃଷ୍ଟ ଦେଖ ଲାଗି ସେହୁ କଳଙ୍କ ରହିଲ ।
କମଳଙ୍କ ବଦନାଟି ଏହାଙ୍କୁ ଜାଣେ ଶୀ,
ତେଣୁ ଏହା ଅନ୍ତରୀକ୍ଷ ନୋହେ ପୂର୍ଣ୍ଣ ଶଶୀ ।'

ମୁକୁଟଧାରୀ ଉଦ୍‌ଯୋଗୀ, ବେହିଁସା, କୃଷ୍ଣାଙ୍କୁ ସଙ୍ଗୀନ ଆଣିଲୁ ସ୍ତ୍ରୀ ଦେଖିବାକୁ ଉପସ୍ଥିତ ରାଜାମାନଙ୍କର ଯୌବନ, କୁଳ, ଧନ, ଶୀଳାଦି ବୁଝିଲେ । ତାହା ପରେ ଲକ୍ଷ୍ୟବିନ୍ଧା ପର୍ବ ଆରମ୍ଭ ହେଲା । ସମସ୍ତ ରାଜକନ୍ୟା

ଅକୃତକାର୍ଯ୍ୟ ହୋଇ ଅପମାନିତ ହୋଇ ବସିଲେ । ଦ୍ରୌପଦୀଙ୍କୁ ସଖୀ କହିଲେ, "ତୁ ଏବେ କାହାକୁ ବରଣ କରିବୁ ?" ଦ୍ରୌପଦୀ କହିଲେ—

"ଏଥିରେ କାହାକୁ ମୋର ନ ବଳଇ ଚିତ୍ତ,"

ସ୍ତୁତି କଲେ କୁମାରୀ ଦୁର୍ଗାଙ୍କୁ ସ୍ତବ ଛନ୍ଦରେ ତାଙ୍କର ଶୁଭଯୋଗ ପଡ଼ିଲା । ନାନା ଲକ୍ଷଣରେ ଶୁଭ ଯୋଗର ପ୍ରଥମ ଚିହ୍ନ ସୂଚିତ ହେଲା । ଏହି ରୂପ ଲକ୍ଷଣ ଆମ୍ଭମାନଙ୍କ ସମାଜରେ ନୂଆ କଥା ନୁହେଁ ।

"ଧର୍ମ ଉଦିତ ହେଲେ ଫୁରେ ବାମ ଆଖି,
ଆଗରେ ପଡ଼ିଲା ଆସି ଶଙ୍ଖଚିଲ ପକ୍ଷୀ ।
ବାମ କାନ୍ଧ ବାମ ବାହୁ ଫୁରେ ଘନ ଘନ,
ଏମନ୍ତ ଶୁଭ ଲକ୍ଷଣ ଦେଖି ହୃଷ୍ଟ ମନ ।"

ବ୍ରାହ୍ମଣବେଶୀ ପାର୍ଥ ଲକ୍ଷ୍ୟ ବିନ୍ଧିବାରୁ ରାଜଗୋଷ୍ଠୀରେ ଗୋଳ ହେଲା । ସବୁ କ୍ଷତ୍ରିୟ ରାଜାମାନେ "ଶାନ୍ତ ବ୍ରାହ୍ମଣ"ଙ୍କୁ ନାଶ କରିବା ନିମନ୍ତେ ଧାଇଁ ଆସିବା ଦେଖି ଯାଜ୍ଞସେନୀ ସ୍ୱାମୀଙ୍କ ପାଇଁ ଉତ୍କଣ୍ଠିତ ହୋଇ କହୁଛନ୍ତି—

"ଯାଜ୍ଞସେନୀ ଅର୍ଜୁନର ଧରି ପାଦ ବେନି,
ବୋଇଲେ ଶୁଣ ଏ ଦେବ ଶତ୍ରୁ ଦସ୍ୟୁ ନା ।
ଏ ଦୁଷ୍ଟ ରାଜାଏ ମିଳି କଲେଣି ଅଶାନ୍ତି,
ପ୍ରାଣପତିଙ୍କ ହାର ମୋତେ ଦେଖି ଖୁଣ୍ଟୁଛନ୍ତି ।
ଭାଇମାନେ ବର୍ଜି ଦେଲେ ତୁମ୍ଭେ ହେବ ଏକା,
ଏତେକ ଦୁର୍ଦ୍ଦମ ଆହବ୍ଲ ନି କରୁଛି ଶଙ୍କା !
ହେ ସ୍ୱାମି ! ତୁମ୍ଭେ ଭୋଗିବ ଆପଦ ବୋଲଇ,
ଶତ୍ରୁର ନାଶ ନ କର ଏ ଦୁଃଖିନୀ ପାଇଁ ।

× × × ×

ନାଶ ଯିବ ସ୍ୱାମୀ, ଧର୍ମ ନୋହିବ ଭ କିଛି,
ଏକା ଲଢ଼ନ୍ତି ହେ ସ୍ୱାମୀ ଜାଣିଥିରେ ନ ହେଲୁଛି ।

ଦ୍ରୌପଦୀ ସ୍ତୁତି କରୁଛନ୍ତି—

"ଏତା ପରାକ୍ରମେ କାହିଁ ଶାନ୍ତ ହୁଏ ପୃଥ୍ୱୀ,
ଏତା କୈପଞ୍ଚତ୍ରି କି ମିଶ୍ର ହୋଇଯାଏ ସନ୍ତି ।
ସଦାଚ ନ ଥିଲେ ଏତା ଜଗନ୍ନାଥ ଦଣ୍ଡି,
ଚକ୍ଷୁଦ ନାଶ ଯାଇ କି ଉଣେ କୋପ ପଡ଼େଲ !
ଦେବତା ହୋଇଲେ ମଧ୍ୟ ନ ରହିବ ଏତା,
ଏତା ଗଣେ ଥିଲେ ତୀର୍ଥ ହେବା କୋଟେ ଲେଖା ।"

ଦ୍ରୌପଦୀ ଅଧୀରା, ଅଭିମାନମୟୀ ! ସେଥିପାଇଁ ମନୋବୃତ୍ତି ଉପରେ ସଦ୍‌ଭାବେଲେ ତାଙ୍କର ଶ୍ରଦ୍ଧାତଣ ରହେ ନାହିଁ । ନବପରିଣୀତା ରୁକ୍ମିଣୀଙ୍କର ଧୀରତା ଓ ଆତ୍ମ ସଂଯମରେ ଅପାରଗତା ମଧ୍ୟ ଲଜ୍ଜିତ ବୋଧରେ ଅତି ସ୍ୱାଭାବିକ । ସ୍ୱାମୀଙ୍କୁ ସେ ଯେତେ ନିବେଦନ କଲେ ଭାବଲେ ତାଙ୍କର କଥା ନ ରହିବ ବୋଲି ତାଙ୍କର ଅଧିକାରୀ ଅନୁସାରୀ ଦ୍ରୁତ ପରାମର୍ଶ ମଧ୍ୟ ଦେଲେ । କିନ୍ତୁ ମନ ସ୍ଥିର ରହୁଛି କେତେବେଳେ ? ସ୍ୱାମୀଙ୍କର ଉତ୍ତର ଶୁଣିବାଯାଏ ଧୈର୍ଯ୍ୟ ରହୁନି ନାହିଁ । ତାଙ୍କୁ ସ୍ମରଣ କରି ଦ୍ରୌପଦୀ କୃଷ୍ଣଙ୍କୁ ସ୍ତୁତି କରୁଛନ୍ତି,—

"ଅହେ ଜଗତେ ତୁମେ ଦେଖୁଅଛ ସବୁ,
ଧର୍ମରାଜଙ୍କୁ ଲଜ୍ଜା ଅହେ କେ ଦେଇବୁ ।
ତୁମେ ସେ ବସ୍ତ୍ରରେ ଢାଙ୍କିଥିଲ ମୋତେ,
ଏ ମୋର ଲଜ୍ଜା ବାଢ଼ିଲେ ତୁମର ନ ବଳ ।
ଯଦ୍ୟପି ହୋଇଥିବି ମୁଁ ଅନ୍ତଃପୁର ଜନମ,
ଅହଲ୍ୟା-ଦ୍ରୌପଦୀ ଯାଜ୍ଞସେନୀ ନାମ ।
ସେତେବେ ମୁଁ ହୋଇଥିବି ପତିବ୍ରତା ସତୀ,
ପଞ୍ଚାଙ୍କୁ ଛାଡ଼ି ନାହିଁ ଯେତେ ଦୁଃଖ ଯାତି ।
ଏ ମୋହର ଶାପ ତୁମ ଉପରେ ସେ ପଡ଼ୁ,
ଏହି ସ୍ୱାମୀ ଦ୍ୱାରେ ତୁମ କରି ପଦ ଛାଡ଼ୁ ।"

ବାସବୀ ପଦ୍ମାଙ୍କର ଅନୁଚିତ ଆଚରଣେ ଚିନ୍ତିତ ହେଲେ । ମନେ ମନେ ଚିନ୍ତିଲେ—

ଶୁଣି ବାସବ ମନେ ପାଇଲେ ତ୍ରାସ,
ନ ଥିଲେ ଦ୍ରୌପଦୀ ବୋଲେ କିଏ ଯାନ୍ତା ନାଶ ।
କେଉଁ ଦେଲ ବଢ଼ି ଅଯୁକ୍ତ ଏତ୍କା ଲୋଚ,
ଅମୃତ ପାଣ୍ଡବଙ୍କ କିଏ ଅବଧି ଏ ଲୋଭ ।

× × ×

ଏ ମହାଯୁଦ୍ଧର ଶାପ ନ ଥିବ ହେଉନ୍ତେ ।”
ପାର୍ଥଙ୍କ ଯୁଦ୍ଧର ଜୟର ବେଳେ ପାର୍ଥ ପ୍ରବୋଧୁଛନ୍ତି—
“ତୁ ସେ ମନ୍ତ୍ର ଦେ ମୋତେ ହେବାକୁ ଏକ ଏକା,
ଏକା! ଖଣ୍ଡମଣ୍ଡ ଦୌଡ଼ି ପକାଇଲୁ ଲଙ୍କା ।
ଏକା ମନର ସମୁଦ୍ର ଅଟାଇଲୁ ଅଗ୍ନି,
ଦାନବ ଧ୍ୱଂଶିଲୁ ଏକା ନାରାୟଣ ମୂର୍ତ୍ତି ।
ଚକ୍ରବର୍ତ୍ତୀ ନନ୍ଦାଙ୍କୁ ଫେଡିଲୁ ଏକା,
ଧ୍ୱଂସିଲୁ ନାରଦିଲ ଦ ଦକ୍ଷିଣ ଲଙ୍କା ।
ଏକାକୀ ଅତଳ ଶୁଣି ଶୁଦ୍ଧ ଭଗୀରଥ,
ଆକାଶୁଁ ଗଙ୍ଗା ଆଣିଲୁ ବଣ କଲୁ ସାର୍ଥ ।
ଦେଖ ବଳ ଏକା ଅଟଳ ନାଶ ଦେଇ ଅନନ୍ତ
ଫଣାରେ ରଖିଛୁ ପୃଥ୍ୱୀ ଦିଶୁ ଦ୍ୱୀପ ସାତ ।
ଏକାକୀ ପରଶୁରାମ ବଳ ଶକ୍ତି ବୃତ୍ତି
ଏକୋଇଶ ଥର କଲୁ ପୃଥ୍ୱୀକି ନିକ୍ଷତ୍ରି ।
ଦେଖ ମୋର କେତେ ଥିଲେ ଦୃଗତ ଗଣ୍ଡାଡ଼,
ବାଲ୍ମୀକି କେଲ ନାଗ ଘନେଶ୍ୱ ସମୁଦ୍ରୀ ତାରା ଶିଷ୍ଠ ।
ଏକାକ୍ଷା ଅଗସ୍ତି ବାଲ୍ମିକି ସେନାପତିର କାଳେ,
ସପତ ସମୁଦ୍ରଜଳ ଗଣ୍ଡୁଷେ ଶୋଷିଲେ ।
ତୁ ମୋତେ ଦେ ସଞ୍ଜୀବନୀ ନ ବୋଲ ତୋ ଏକା
ଅଗାଧ ସମୁଦ୍ରଙ୍କୁ ଧାଡ଼ି ହୁଏ ଦେଖା ।
ଏକ୍ଷଣି ଦେଖ ଏକା ମୋହର ଚରିତ,
ମାନ୍ଧାତା ଦୈତ୍ୟଦଳଙ୍କୁ ମୁଁ ପଠାଏ ନିପାତ ।”

ଘୋର ସନ୍ତାପ ହେଲା । ଶ୍ରୀକୃଷ୍ଣ, ଧୃଷ୍ଟଦ୍ୟୁମ୍ନ ସହଦେବ ଦେଖି ଭଗ୍ନୀ ଦ୍ରୌପଦୀଙ୍କୁ ଯୁଦ୍ଧକୁ ନେଇକି ଯିବାକୁ କହିଲେ । ଦ୍ରୌପଦୀ ପଞ୍ଚଙ୍କର ସତୀ ସାଧ୍ୱୀ ପତ୍ନୀ । ସେ କହିଲେ—

“କରିବ କି ତୁମ୍ଭ ସତ୍ୟ ବଚନ ଲଙ୍ଘନ ?

× × × ×

ସେ ଦିନରୁ ଲକ୍ଷ ଲକ୍ଷ ସେହି ମୋର ବର,
ସେହି ମୋ ଜୀବନଧନ ମୁଁ ଦାସୀ ତାହାର ।
ସେ ମରିଲେ ତାହାର ସଙ୍ଗେ ମରଣ ମୋହର,
ଆଉ କାହିଁ ପାଇଁ ମୁହିଁ ଯିବି ତୁମ୍ଭ ଘର ।
ପିତାଙ୍କୁ ସଙ୍ଗରେ ନେଇ ଯାଅ ତୁମ୍ଭେ ଭାଇ
ନଗରକୁ ରକ୍ଷା କର ସୈନ୍ୟ ସଙ୍ଗେ ନେଇ ।
ଏ ଯୁଦ୍ଧ ସମୟେ ନାଥ ବାହାରନ୍ତି ଯୁଝି,
ମୁଁ କି କେଉଁଠି ରହିବି ଏ କଥା ନ ବୁଝି ।”

କିବା ରମଣୀର ତେଜୋମୟୀ ବାଣୀ ଏପରିକି ପାତିବ୍ରତ୍ୟର ଚରମ କଥା ! ବାଙ୍ଗଲା ମହାଭାରତକାର ସୈନ୍ୟ ସମାବେଶ, ରଣସ୍ଥଳରେ ଯୋଦ୍ଧାଙ୍କର ବୀରତ୍ୱ, ରଣକୌଶଳ ଅର୍ଜୁନଙ୍କର ଯୁଦ୍ଧ ସହିତ ନାନାରୂପ ଅନେକ ଦେଖାଇଛନ୍ତି ! ବୀରମାନଙ୍କର ରଣକୌଶଳ ଦେଖି ଦେଖି ଭୀମଙ୍କ ଉପରେ ନିଜର ପଡ଼ିବାକୁ ଦ୍ରୌପଦୀ ପାର୍ଥଙ୍କୁ ପଚାରୁଛନ୍ତି,—

“ଦ୍ରୌପଦୀ ବୋଲନ୍ତେ ତୁମ୍ଭେ ଶୁଣ ହେ ଧନଞ୍ଜୟ,
ଏ ଯୋଦ୍ଧା ତୁମ୍ଭର କିସ ଦୃଷ୍ଟିରେ ସେ ଥାଏ ।
ଏମାନଙ୍କର ତେଜ ଯେଣେ ଅନଳ ପ୍ରାୟ,
ବାହୁ ଦୁଇ ଶାଳସମ ଦିଶୁଛନ୍ତି ଯାହା ।”

ଫାଲ୍‌ଗୁନି କହିଲେ—

‘ଦ୍ରୌପଦୀ ଅଗ୍ରତରେ କହିଲ ଫାଲ୍‌ଗୁନି,
ଆମ୍ଭର ଏ ଜ୍ୟେଷ୍ଠ ଭ୍ରାତା ଜାଣ ଯାଜ୍ଞସେନୀ ।

ଏପଟରେ ଜୟ ମନ୍ତ୍ରଜପ ଚଳିଲା ସର୍ବତ: ଦୂଷୋପ ହେଲା । ଭକ୍ତକବି କୃଷ୍ଣ। ତାଙ୍କର ଦାସ? ଦେଖିବାକୁ ଯାଉଛନ୍ତି—

"ବୋଇଲେ ଦ୍ରୌପଦୀ ଦେବୀ ଶୁଣ ଭୋ କେଶବ,
ଅନ୍ଧାର ପ୍ରାୟ ଦିଶିଲ ସଂସାର ବାନ୍ଧବ।

କେଶିହା କହିଲ—

ମୂର୍ଚ୍ଛା ତେଜିଲ ଗୋ ଶୁଣ ଯାଜ୍ଞସେନୀ,
ଗୁରୁ ରାଜାଙ୍କର ସୈନ୍ୟ ଅଛନ୍ତି ଘେରି।
ଅଟନ୍ତି ଅଦ୍ଭୁତ ବୀର ଏଥୁ ବୃଦ୍ଧି ଜନ୍ମେ,
ଦାନେ ନାରକା ସମ୍ଭଳ କନ୍ତନାଇ ଧାଇଁ।
କିଶୋର ସାଗର ପ୍ରାୟ ବଳୁଅଛନ୍ତି ଆଠ,
ଦୋବଳ ଯଦୁ ପଳନ୍ତି ଛନ୍ଦନ୍ତି ଦେଖ ପଞ୍ଚ।
ଏ ଯେବେ ଏମାନଙ୍କୁ ଆଜ୍ଞା କରିବାଟି ବଳେ,
ପ୍ରଳୟରେ ଭାଗିବା ଯିବା ଏଥୁ ଶିବପାରେ।"

ଦ୍ରୌପଦୀ ବାଲ୍ୟକାଳେ ଶିବାଙ୍କ ପୀନା ତେଳାଇ ନ ଥିଲେ, କିନ୍ତୁ ଲକ୍ଷବିନ୍ଧା ପରେ ଅପରିଚିତ ବ୍ରାହ୍ମଣ ପଞ୍ଚପୁତ୍ର ତାଙ୍କର ହୃଦୟ ଚଞ୍ଚଳ କରାଇ ସାରିଥିଲେ । ଲଜ୍ଜିତା ଦ୍ରୌପଦୀ କହୁଛନ୍ତି—

"ଦ୍ରୌପଦୀ ବୋଲନ୍ତେ ଆଗେ ଶୁଣ ମୁକୁନ୍ଦ
ଏଥିପାଇଁ ଭଣିବେ ମୁଁ ଶତ୍ରୁନ ଦେଖିଲି !"

ସ୍ୱୟଂବରେ ସ୍ପନ୍ଦନହୀନ ପାଣ୍ଡବଙ୍କର ଜୟ ହେଲା । ଧର୍ମରାଜ ଯୁଧିଷ୍ଠିର କୁମ୍ଭକାରଠାରେ ବସାଘର ବାନ୍ଧିଥିଲେ। ଭୂଲଷଣମାନ ଦେଖି ସାନନ୍ଦ ହେଲେ । ଭୀମ ଦ୍ରୌପଦୀଙ୍କୁ ନେଇ ଜ୍ୟେଷ୍ଠ ଭ୍ରାତାଙ୍କ ନିକଟରେ ଜଣାଇଲେ ଯେ, ଏହି ଦ୍ରୁପଦ ରାଜପ୍ରାସାଦରେ ଏଥର ଆମ୍ଭେମାନେ ଏହାଙ୍କ ସହିତ ବାସ କରିବା । ଧର୍ମରାଜ କୃତଜ୍ଞ ହୁଅନ୍ତି । ସେ କହିଲେ—ମୁଁ ଭୂର୍ଜତ ବେଳେ ଯେଉଁ କୁମ୍ଭକାରଶାଳରେ ରହିଥିଲି ସେହିଠାରେ ରହିବାକୁ ହେବ । ଅତି ସମ୍ପଦ ହେଉଥିବାରେ ରାଜପ୍ରାସାଦରେ ରହିବା ଉଚିତ ନୁହେଁ ।

ସେହି କୁମ୍ଭାରଶାଳରେ ବାହୁଘର ହେବ। ସେଠି କୁମ୍ଭାର ଅନ୍ୟମାନଙ୍କୁ ବାହାଘର କାଳରେ ଆସୁଥିବା ଦେଖି ସେ ଅତି ତା ଶାଳରେ ଆପଣମାନଙ୍କ ବାହାଘ ଦେଖି କେତେ ଖୁସି ନ ହେବ ? ତେଣିକି ବାସ୍ତବିକ ଦାସୀ। ନିକଟରେ ପୁତ୍ରଙ୍କ ସମ୍ମୁଖରେ ଦାସ ଆଶଙ୍କା ଦେଖି ପାଣ୍ଡବମାନେ ଦ୍ରୁପଦ ରାଜାଙ୍କର କନ୍ୟା ଉଚିତ ହେବାର ଆଶଙ୍କା ନାହିଁ କୋଣ ବନୀଥିଲେ ଓ ବାସ୍ତବିକ ଅବସ୍ଥା ଦେଖିଲେ। ତେଣିକି ସେମାନଙ୍କର ମନ୍ଦଭାଗ୍ୟ ହୃଦୟଙ୍ଗମ କଲେ। ଦ୍ରୌପଦୀଙ୍କ ଜେଜେମାଆଙ୍କ ଛୁଆ ପାଣ୍ଡବଙ୍କୁ ସମର୍ପିବାକୁ ଫୁଟି ଉଠିଥିଲେ। ସ୍ୱୟଂବରରେ ଜିତିଥିଲେ ଯେ ସେ ସେହି ନାରୀଙ୍କର ସ୍ୱାମୀ। ଭିକ୍ଷା ଦେବା ଦିନ ରାତି ଅବସ୍ଥାରେ ପାଣ୍ଡବମାନେ ଦ୍ରୌପଦୀଙ୍କୁ ନେଇ କୁମ୍ଭାର-ଶାଳକୁ ଗମନ କଲେ। ଯୁଧିଷ୍ଠିରଙ୍କୁ ମାଆ ପଚାରିଲେ 'ଆଜି କ'ଣ ଭିକ୍ଷା ଆଣିଲ ?' ଯୁଧିଷ୍ଠିର ପ୍ରଣାମ କରି କହିଲେ, "ତୋହିଏ ଉତ୍ତମ ଫଳ ଆଣିଛୁ"। ମାତା କହିଲେ, 'ପାଞ୍ଚ ଭାଇ ଭାଗ ବାଣ୍ଟି ଭୋଜନ କର।"
ଭୀମ କହନ୍ତେ—

"ଭୀମସେନ ବୋଇଲେ ସେ ଜନ୍ମିଲ ମା ଫଳ,
ଲକ୍ଷ ବାଣ ଆଣିଥିଲୁ ଦେଖା ଏହା ମୂଳ !"

ମାତା କହିଲେ—

"କୁନ୍ତୀ ଏ ବୋଇଲେ ପଢ଼ି ଶୁଣ ମୋର ନାନା,
ଏ ମୋହର ବଚନ ହିଁ ନୋହିବ ତ ଆନ।"

କବି କହୁଛନ୍ତି—

"ଏହା ଯେ କହିଲେ ଲୋକଚରିତ୍ର ଦେବତା,
ପୁତ୍ରମାନଙ୍କ ପ୍ରକୃତି ଜାଣେ ଯିବା ମାତା।"

ଶ୍ୱଶୁରମାତ୍ର ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହେଲେ। କେଣିକି ସଙ୍ଗରେ "ଅଂଶୁ" ହୋଇ ପିତାଙ୍କ ଗୃହକୁ ଆସିଥିଲେ। ନବବଧୂର ପିତାଙ୍କ ଗୃହକୁ ଆସିଥିବା ଦାସୀ ଛଡ଼ା ଆଉ କେହି ଶୃଙ୍ଖଳସୂତ୍ରେ ବାନ୍ଧି ସମ୍ଭୂଜନ ଦୃଷ୍ଟାନ୍ତ ନାହିଁ। ଏହା ଆମ୍ଭେମାନେ ଏବେ ମଧ୍ୟ ଦେଖିଥାଉ। ଶାରଳା ଦାସ ଯେତେଗୁଡ଼ିଏ କୁମାରୀମାନଙ୍କର ବିବାହକଥା ଲେଖିଛନ୍ତି ସବୁ

କୁମାରୀମାନଙ୍କ ସହିତ ଗୀତାଳାପରୁ ଭାସି ଯାଇଛନ୍ତି । ଏ କ୍ଷେତ୍ରରେ ମଧ୍ୟ ତାଙ୍କର ବ୍ୟତିକ୍ରମ ହୋଇ ନାହିଁ । କେଶିନୀ ଦ୍ରୌପଦୀଙ୍କର ଏକାଧାରରେ ସଖୀ ଓ ଅନ୍ୟଧାରରେ ଦାସୀ । ଦ୍ରୌପଦୀ ସ୍ୱାମୀ-ମାନଙ୍କର ଦୁରବସ୍ଥା ଦେଖି କହୁଛନ୍ତି—

"କେଶିନୀର ମୁଖ ଶୁଣି ବୋଲେ ଯାଜ୍ଞସେନୀ,
କେମନ୍ତେ ଭୁଲନ୍ତି କହେ କିଶୋରୀ ଯେନ ।"

କୁସ୍ତିଶାଳାରେ ମଲ୍ଲମାନେ ପ୍ରବେଶ ହୋଇ ଶୀଘ୍ର କୀଡାରମ୍ଭ କମନ୍ତ୍ରୁ କୁଣ୍ଡଳୀଙ୍କ ଜାଳିଲେ । କେଶିନୀର ଏହା ଦୃଶ୍ୟ ଅସହ୍ୟ ହେଲା । କୋପଭର ହୋଇ କେଶିନୀ ଏହି ଦୃଶ୍ୟ ଦେଖାଇବାପାଇଁ ଦ୍ରୁପଦ ରାଜାଙ୍କୁ ଆଣିବାକୁ ଗଲା ।

"କେଶିନୀ ବୋଇଲେ ଏବେ ଦେଖିଲୁଁ କଥା,
ବଡ଼ିଶୁଦ ଦ୍ରୁପଦ ତ ହୋଇ କିଭଳିଆ !
ରାଜାର ଅଙ୍ଗରେ କାମିନୀ କହିଲି ମୁଁ ଯାଇଁ,
ଦ୍ରୁପଦକୁ ଆଣିଛି ମୁଁ ଏଥିକୁ କହିଛି ।
ଏତେକ କହିଣ ତହିଁ ଗଲା ମୁଁ ଭୁଲି,
ଦ୍ରୁପଦର ଭୂବନକୁ ଦେଖିବ ଗଲୁ ଚାଲି ।"

ଉପସ୍ଥିତ ସେହିଠାରେ ଦୃଷ୍ଟାଙ୍କର ଏକମାତ୍ର ସହାୟ କେଶିନୀ । କେଶିନୀ କୁମାରୀଙ୍କର ଦୁଃଖ ବୁଝିଲା ଏବଂ ତାଙ୍କ କଥା ଶୁଣିଲା । ପିତାଙ୍କ ଆଗରେ ସମସ୍ତ ଘଟଣା କହିବାକୁ କେଶିନୀ କ୍ରୋଧରେ କୁସ୍ତିଶାଳାକୁ ଚାଲିଗଲା । ତା ପରେ ଶାଶୁ ବନ୍ଧୁଙ୍କ ପାଇଁ କହୁଣା ଶାନ୍ତି ଓ ବନ୍ଧୁଙ୍କୁ ଗଣ୍ଡୁଳ କହିବାକୁ ଆଜ୍ଞା ହେଲେ । ସେହି ଅଧ୍ୟାୟର ବର୍ଣ୍ଣନା ସାରଳା ଦାସ କହିଛନ୍ତି—

"କୁମ୍ଭାର ପାଣ୍ଡୁରେ ଶଯ୍ୟା ଯୋଡ଼ିଏ ଯେ ଭରେ,
ଦର୍ଶନୀ ଖଣ୍ଡିଏ ପାଟ କୁନ୍ତୀ ଯେ ଶୋଇଲେ ।
ତାହାଙ୍କର ପାଦତଳେ ପାଞ୍ଚଣ ଶଯ୍ୟାରେ,
କୃଷ୍ଣା ବୋଇଲେ ଦ୍ରୌପଦୀ ଶୁଣ ଏଥିରେ ।"

ଦ୍ରୌପଦୀଙ୍କ ଜୀବନରେ ଏ ଅଦ୍ଭୁତପୂର୍ବ ପରୀକ୍ଷା । ଇନ୍ଦ୍ରର ଏକମାତ୍ର ନନ୍ଦନ ଅର୍ଜୁନ ସ୍ୱୟମ୍ବରୀ ଅଦ୍ଭୁତ ଦ୍ରୁପଦପାଳିତା ଦ୍ରୌପଦୀ ଦ୍ୱିଖଣ୍ଡିତା ହୋଇ ଇତସ୍ତତଃ କରି କପାଳରେ ହାତ ଦେଇ ବସିଲେ । ମନେ ମନେ ଦୈବଙ୍କୁ ଭାବୁଛନ୍ତି—

"ଆରତ ଯଶା ଦେଖି ଦୋଷା ଦ୍ରୌପଦୀ ବାଳକେ,
ଚିନ୍ତା ଦାରୁଣ ବୋଲି ଦେଖେଲ ଭାବିଙ୍କୁ ଜଣାଲେ ।"

ଶାଶୁ ଚନ୍ଦ୍ରଙ୍କ ମନୋଜ୍ଞ ବୁଦ୍ଧି ଦାହନେଲ—

କୁନ୍ତୀ ବୋଲନ୍ତି କପାଳି ଅଛନ୍ତି ମୋ ପୋ ଏ,
ତେଣୁ କର୍ମ ଭୁଞ୍ଜ ଏହାଙ୍କୁ ଯାଉଛନ୍ତି ମୋ ମାଏ ।
ଖାଣ୍ଡା ଅରଜିବା ଯିଏ ତାହାଙ୍କ ଭୁଞ୍ଜିବା,
ଭାଗ୍ୟ ସମ୍ପଦ ଏ ମୋ ସଂସାର ବୁଝିବା ।

ଯୁଧିଷ୍ଠିର ନବବିବାହିତା ତରୁଣୀ ଶାଶୁଙ୍କୁ ଏହି ଦୁର୍ଭାଗ୍ୟରେ ଉତ୍ତର କଲେ ନାହିଁ । କିନ୍ତୁ ତାଙ୍କର ଧର୍ମ ଅନ୍ତର ବାହାର ଅଦୃଷ୍ଟ ଦୁର୍ଭାଗ୍ୟ ସହିତ ଦ୍ରୌପଦୀ ପଞ୍ଚପତିଙ୍କ ସ୍ଥାନରେ ଜୀବନ୍ତ ହୋଇ ଯାଇଥିଲା । ତାହାର ସ୍ୱାଭାବିକ ପରିଣତି ସାରଳା ଦାସଙ୍କ ଲେଖନୀ ଫୁଟାଉଛି : ନବ-ବଧୂଙ୍କ ମନକଥା ଏହାରେ ଉକ୍ତିଦେଇଛନ୍ତି ବଡ଼ ସହଜ ସାବଲୀଳ ଭଙ୍ଗୀରେ ।

ଦ୍ରୌପଦୀ ବାଳକ ହେଲେ ପାଣ୍ଡବଙ୍କୁ ଦେଖି,
ଦାରୁଣ ସୁନ୍ଦର ମୋର କର୍ମ ଏହା ଲେଖି ।
କୁମ୍ଭୁଳ ତୁଳୀର ମୁକ୍ତା ଅଲଙ୍କାର ଦେଇ,
ଖଞ୍ଜୁଥାନ୍ତି କାହା ଶିର ନିତ ପରିବାର ।
ସୁପାଣି ଉପରେ ସୁଣି ଦାସୀ ମୋର ଶାର,
ତହିଁ ଉପରେ କର୍ପୂର ଶଯ୍ୟା ବିଛାଡ଼ ।
ତହିଁ ଉପରେ ଫୁଲର ଶରୀର ମୋ ହୁଅ,
କେମନ୍ତେ ଶୋଇବି ମୁଁ ମୋ ପାଞ୍ଚ ସ୍ୱାମୀ ଉପର ।
ଲକ୍ଷେକ ବ୍ରାହ୍ମଣ ଶେଜ ବାୟୁ ମହାପାତ୍ର,
ମହାପଣ୍ଡିତ ମୋତେ ମୋ କଲେ ଉଚ୍ଛନ୍ନ ।

ପାଞ୍ଚାଳ ରାଜାର ମୁଁ ଗୋ ଅଟଇ ଦୁଲଣୀ,
ଧାଇଣ ସ୍ୱୟମ୍ଭ ମୋତେ ଏଥା କଲୁ ଆଣି ।
ଗାଣ୍ଡିବ ଟେକିଲେ ଧନଞ୍ଜୟ ବୀର ଯାଇ ,
ମାରିଲେଟି ଜଳଚର ସୂକ୍ଷ୍ମ ମତ୍ସ ।
ମୁଁ ପରମ ମହେଶ୍ୱରୀ ପାଣ୍ଡବେ ଜୀବ ଥାଉ,
ଏ ପାତକୀ ଶତ୍ରୁହାତେ ମୁଁ ଶୋଇବି କେଉଁ ?

ଯାଜ୍ଞସେନୀଙ୍କ ମନରେ ରାଜକୁମାରୀର ଅହଙ୍କାର ଦର୍ଶନ କରିବାକୁ ଲାଗିଲା । ଦମ୍ଭ, ଅଭିମାନ, ଆତ୍ମ-ଅଭିମାନ ତାଙ୍କର ଅନ୍ତରକୁ ମଥିତ କରି ଦେଉଥିଲା । ମାତୃତ୍ୱ ଯାଜ୍ଞସେନୀଙ୍କ ବକ୍ଷରେ ଏହି ସବୁ ଉଦ୍ରେକ ଧରାଇଲା । ସେ ପତିବ୍ରତା ହେଲେ ଦମ୍ଭ ଦେବ, ପୂର୍ଣ୍ଣ, ତୃଷ୍ଣା, ଅଭିମାନ ଆଦି ପଣରେ ଗଢ଼ିଥିଲେ । କିନ୍ତୁ ଲଜ୍ଜାର ସେ ଧବଳ ଥାଉ କଥା କହିବା ଲୋଡ଼ା ନ ଥିଲେ । ତଥାପି କିଛି ସେ କହିଲେ—

"କେ ବୁଝିବ ଦ୍ରୌପଦୀ ଶୋଭନାଙ୍କୁ ଭାଗ୍ୟ ?

ଦ୍ରୌପଦୀଙ୍କ ଅବସ୍ଥା ସଂଗିତା । ସେ ମନରେ କହିଲେ—

ଦେଖି ମହାଲକ୍ଷ୍ମୀ କଲେ ଦ୍ରୁପଦକୁମାରୀ,
ଏ ଦୁଷ୍ଟ ବ୍ରାହ୍ମଣ ପୁଣି ମୋତେ ତ ନ ମାନି ।

ସେତେବେଳେ—ଉଚ୍ଚରେ ଦ୍ରୌପଦୀ ଦେବୀ କହିଲେ ବାହୁଲେ,

ଦେହ ପଞ୍ଚପାଣ୍ଡବଙ୍କ ଚରଣର ତଳେ

ଦେଖିଲେ—ତାଙ୍କର କପୋଳ ବହିଚାଲିଛି ସେ ମୁଣ୍ଡ

ଦେଖି ମୂର୍ଚ୍ଛାଗଲେ ଦେବୀ ଦ୍ରୁପଦ ଦୁଲଣୀ,

ମନରେ ତରୁଣୀଙ୍କର ଘୋର ଅନୁଶୋଚନା ଓ ଅନୁତାପ ଆସିଲା ।

ରାଜାର କୁମାରୀ ହୋଇ ହୀନ କର୍ମ ମୋର,
ଭିକାରୀ ବ୍ରାହ୍ମଣଙ୍କୁ ମୁଁ ପାଇଲଇଁ ବର,
ସେହି ପାଇବ ପାପ ପୁଣ୍ୟ କର୍ମ ନ ବୁଝି
ଆଜର କପାଳେ ସ୍ୱର୍ଗକୁ ଯୋଗା କରୁ ।"

ବ୍ରାହ୍ମଣ ପଣ୍ଡା ପାଅଁଙ୍କ ଘରଦ୍ୱାରେ ଓ ଲକ୍ଷ୍ମଣଙ୍କ ଘରେ ସେଇ ପୂର୍ବସ୍ମୃତି ଦୃଷ୍ଟି ଚକ୍ଷୁରେ ସଦାବଦ୍ଧ ହୋଇଥିଲା, ତାହା ସହାନୁଭୂତି ବାସ୍ତବ ପ୍ରେମକୁ ଅସ୍ପ ଅତି ନିର୍ମମ ଭାବରେ ଚୂର୍ଣ୍ଣ ହୋଇ ଯାଉଛି । ନବୀନା ନାୟିକାର ସ୍ୱପ୍ନମୟୀ ଚଞ୍ଚଳା ମୂର୍ତ୍ତିରେ ଅଶ୍ରୁବିଗଳିତ ମଳିନପଣରୁ ପରିବର୍ତ୍ତନ ହେବାରୁ କୃଷ୍ଣା ନାରାୟଣଙ୍କୁ ସ୍ମରଣ କରି ଅନୁଶୋଚନା କରି କହୁଛନ୍ତି—

"ଅନଳରୁ ଜାତ ଯଜ୍ଞ ସେମାନେ ପାଇଥାନ୍ତି,
ମଥା ଉପରେ ବସ୍ତ୍ର ସେମାନେ ଚେଳ ଯାନ୍ତି ।
କନ୍ଦର୍ପ ବ୍ରାହ୍ମଣ ଚଳିଲେ ଏକାନ୍ତର ସଙ୍ଗେ,
ଅନ୍ତେ ହୋଇଲି ମୁଁ ପୁଣି ତାଙ୍କ ପାଦଲଗି ।
ଦ୍ରୌପଦୀର ଶୋଚନା ହେଉ ମୃତ୍ୟୁ କାଳ ବେଳେ,
ପୁଣି ପୁଣି ଦେବା ନାରାୟଣଙ୍କୁ ସ୍ମରଣେ ।"

ସାରଳା ଦାସ ଦ୍ରୌପଦୀ ଚରିତ୍ରରେ ସ୍ୱଧର୍ମନିଷ୍ଠ ଭାବନା ଆଣି କାବ୍ୟ ରଚନା କରିଛନ୍ତି । ମାତ୍ର ବ୍ୟାସଙ୍କ ମୂଳ ମହାଭାରତରେ ଏହା ନାହିଁ । ଅନେକ ସମୟ ଦ୍ରୌପଦୀ ନିଜର ମୂର୍ଖ ବୁଦ୍ଧି ପାଇଁ ଛଦ୍ମବେଶରେ ବ୍ରାହ୍ମଣମାନଙ୍କ ଠାରେ ପାଣ୍ଡବଙ୍କ ଅନୁଗମନ କରିବା କଥା ଲେଖିଛନ୍ତି । ଏଣେ ଦ୍ରୁପଦରାଜ କନ୍ୟାର କୌଣସି ସମ୍ବାଦ ନ ପାଇ ଚିନ୍ତାରେ ଅସ୍ଥିର ହେଲେ । ବ୍ରାହ୍ମଣମାନେ କନ୍ୟାକୁ ନେଇଯାଇଛନ୍ତି ବୋଲି ଖୋଜି ଖୋଜି ନ ପାଇ ରାଜା ରାଣୀଙ୍କ ଶୋକର ସୀମା ନାହିଁ । ରାଜାଙ୍କର ଭ୍ରାତୃମାନଙ୍କ ପାଇଁ ସେ ସନ୍ତାପ ତାହା ପୁଣି ଧୃଷ୍ଟଦ୍ୟୁମ୍ନ ଶିଖଣ୍ଡୀରୁ ଦେଖି କ୍ରୋଧରେ ପରିଣତ ହେଲା । ରାଜା କହିଲେ, "ତୁମେମାନେ ଦ୍ରୌପଦୀକୁ କେଉଁଠାରେ ବିସର୍ଜନ କଲ ? ତାହା ଆଗରୁ ତୁମର ମୃତ୍ୟୁ ହେଲା ନାହିଁ ?" ପିତାଙ୍କ ଭର୍ତ୍ସନାରେ କୁମାରମାନେ କୋପରେ ଭଗିନୀର ଖୋଜିବାକୁ ଜାଣିବାକୁ ବାହାରିଲେ । କିନ୍ତୁ ସେମାନଙ୍କ ସମସ୍ତ ଚେଷ୍ଟା ବିଫଳ ହେଲା । ଏହି ସମୟରେ କେଉଁଠା ଗୁପ୍ତଚରବେଶ ବହୁରୂପୀ ଦେଖି ସମସ୍ତେ ଆଶ୍ୱସ୍ତ ହୋଇ ଦ୍ରୌପଦୀଙ୍କ ସମ୍ବାଦ ପଚାରିଲେ । ସେମାନଙ୍କ ସମସ୍ତ ଶୋଚନା କରି କହିଲା—

"ସମସ୍ତ କୁଶଳ ବୋଲି ଜାଣ ସୁଖିରେ ।"

ପୁଣି କହିଲେ—

“ଦ୍ରୌପଦୀ ଦେଖା ଯେ ମୋତେ ଆଜ ଦେଲା ସୁଖ,
ସିଭାଙ୍କୁ ଦେଖି ମୋହର ଆସ ଦେବ ହୋଇ !
ବଜ୍ରେ କଥିବା ଦେଖି ଦେବ ସେପାଙ୍କୁ ହୃଦୟେ,
ନ ମୂଖ ସେପାଙ୍କୁ ଚଳଯାନ୍ତି ଅନ୍ୟ ପଡ଼ଥ ।”

ଦୋପନରେ କୁମାରମ୍ଭ ସାଙ୍ଗେ ଭୁବନଶାଳାର ଅନତିଦୂରରେ ରହୁଥିଲେ । ଦେଶିଗା ପ୍ରଥମେ ଶୃଙ୍ଗ ଧରି ଶାଳରେ ପ୍ରବେଶ କଲେ । ସମସ୍ତେ ସ୍ତୁତ୍ତିମନ୍ତ । କୁମାରମାନଙ୍କୁ ସନ୍ତର୍ପଣରେ ଆଣି ଦେଖାଇ ଦେଶିଗା କହୁଛି—

“ଯାଁ ମନ୍ତ୍ର ସ୍ଥାନରେ ଶୋଭୁଛନ୍ତି ମହେଶ୍ୱରୀ,
ତାହାଙ୍କର ପାଦତଳେ ବସ୍ତ୍ର ଧରାଗୃହୀ ।
ତାଙ୍କ ପାଦତଳେ ଦେଖ ସେ କୃଷ୍ଣ ଗାମୁଛା,
ଗାଙ୍ଗିତେ ଖୋଲ ଅଛନ୍ତି ନାହିଁ ସେ ଲଗିଦ୍ଧା ।”

ତାଙ୍କ ପାଦତଳେ ଦ୍ରୌପଦୀ ଖେଳୁଛନ୍ତି ।

ଦେଶିଗା ଦ୍ରୌପଦୀଙ୍କର ବାଲ୍ୟସ୍ୱଭାବ, ବାଲ୍ୟକାଳରୁ ସେ ଦେଖିଛି ସେ କେବଳ ପୁଷ୍ପରେ ଧ୍ୱଳକୁମାରୀ ପ୍ରତିଭାଳତା ହୋଇ ଅଛୁଥିଲେ । ଆଜି କ ଯାତନାରେ ତାଙ୍କର ବନ ଯାଉଛି । କୁମାରମାନଙ୍କ ମନରେ ବାଉନ୍ତି ବସୁଆଇବା ନିମନ୍ତେ ଦେଶିଗା କହୁଛି—

“ମାତେଣ ଦେବଣ ପାଶେଦେ ପାଇଲ ଏ ଖାଟି,
× × × ×
ମାତେଣ ଭତ୍ୟସେ ସୂକ୍ଷ୍ମ ଗୁଣ୍ଡାଏ ସେ ପାଣି
ତହିଁରେ ଦେହାଙ୍କର ଦାୟୁରେ ଗାଳି ଥାଏ ପଡ଼ି ।
ଲକ୍ଷେ ମାଢ଼ ଭୂଲ ହୋଇ କର୍ପୂରର ଧୂଳି,
ଶଯ୍ୟା ଉପରେ ଥିଅନ୍ତି ଦେଇ ଭୁଲ ଫୁଲ ।
ଅଲଙ୍କ ଭ୍ରମର ଧରି ଲକ୍ଷେ ମୁହଁମୁଣ୍ଡା,
ଅହର୍ନିଶି ଯାତ୍ରା ଭଦ୍ରା ଦରନ୍ତି ବୋଲିଙ୍କ ।

ଭିଷାଣୀ ବ୍ରାହ୍ମଣ ବେଶ୍ୟା ଦେଖିଣ କାମରୂପୀ,
ଏହାଙ୍କର ପାଦଲୁଚି ହୋଇଲୁ ଅଦ୍ୟାପି ।

ଏ କଥା ଶୁଣି ଶୋକଭର ହୋଇ କୁମାର ଶିରଶ୍ରୀ ଅଧି ଧଇଲେ । ହେମିନୀ କହିଲେ—

“ଏ ବୁଦ୍ଧି କଲେ ସବଂଶେ ନାଶ ଯିବ ।”

ଧୃଷ୍ଟଦ୍ୟୁମ୍ନ କହିଲେ—

ତୁ ପଦ ଆଣିଣ ଦେଖୁ ବୁଝିତା କହୁଛି ।
× × × ×
ଦରିଦ୍ର ଲୁଗା ଖଣ୍ଡିଏ ଯୋଡ଼ା ଭିକାମୁଣି,
ଯେବେକୁ ପାଉ କରିଅଛୁ ମୋହର ଭଉଣୀ ।”

ହେମିଣ କୁମାରଙ୍କୁ କହିଲ—ବଡ଼ଲୋକଙ୍କୁ ନିନ୍ଦା କଲେ ନିଜର ଅନିଷ୍ଟ ହୁଏ ।

କୁମାର କନିଷ୍ଠ ଥାଇ ପିତାଙ୍କ ଆଗରେ ଅନୁପୂର୍ବିକ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ । ହେମିଣ ଦାସୀ, ସେ ଅର୍ଥ ପାଇଲେ ସତ୍ୟକୁ ମିଥ୍ୟା ଏବଂ ମିଥ୍ୟାକୁ ସତ୍ୟ ବୋଲି କହି ପାରେ । ଦାସୀଙ୍କ ଚରିତ୍ରର ସ୍ୱରୂପ କବିର କବି କୁମାରଙ୍କ ମୁଖରେ ଶୁଣାଇଛନ୍ତି—

ଏହି ମୋଢ଼ୀ କେଟିମା ହେ ଅଟେ ଅନାଗୃହୀ,
ଶବଦାଙ୍କୁ ପରବେଶକାରିଣୀ ତଳୁଣୀ ।
ଧନ ଯୋଗାଏ ଏହାକୁ ଲୋକ ଯେବେ ଦେବ,
ବୈରୀ ଲୋକଙ୍କୁ ଏ କାମଦେବଙ୍କ କହିବ ।

କିନ୍ତୁ ରାଜା ସମସ୍ତ ବୃତ୍ତାନ୍ତ ଜାଣିଥିବା ହେତୁ କୁମାରମାନଙ୍କ କ୍ରୂର ହେବା ପାଇଁ କହିଲେ —

“ତୁମ୍ଭେ କିମ୍ପାଇଁ ରେ ନିନ୍ଦା କର ଏ ହେମିନୀ,
× × × ×
ରାଜା ଯଦ୍ୟପି ମୋହର କୁହତା ଚାଉନ୍ତି,
ଘଣ୍ଟାଳୁଣୀ କରି ବାନ୍ଧି ମଥାରେ କଅନ୍ତି ।

ତାହାଙ୍କ ପାଦକୁ ଚୋରାଏ ସେତେବେ ତମା କୁମାରୀ,
ନିଷ୍ଠୁ ବ୍ରାହ୍ମଣୀ ସେହୁ ସ୍ୱର୍ଗୁଁ ଅବତରି ।
ଦ୍ରୌପଦୀର ଧନ୍ୟ ଭାଗ୍ୟ ମୋ ବଂଶର ପୁଣ୍ୟ,
ଦେଖିଲେ ମୁକୁଟ ଦେବି ଯିବ ଦଣ୍ଡମାନ ।
ଦେଖି ମୁକୁଟ କୁନ୍ତୀ ଦେଲେ ଯେ ମୋ ଶ୍ୱଶୁର,
ମୋହର ମୁକୁଟ ଉଜ୍ୱଳ କର୍ପୂର ସହିତ ।"

× × ×

ପାଣ୍ଡବମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ଜାଣି ପରେ ଦ୍ରୌପଦୀଙ୍କର ଆସ୍ଥାନ ଦୂର ହେଲା । ସେ କେଶିନୀକୁ କହିଲେ—

"ଦ୍ରୌପଦୀ ଦେବୀ ବୋଇଲେ ଶୁଣ କେଶିନୀ,
ଧନ୍ୟ ଧନ୍ୟ ସେ ମୋହର ପିତା ମାତା ଦେଲେ ।
ମୁହିଁ ଯେ ଉତ୍ତମ ସ୍ତ୍ରୀଙ୍କୁ ଅଛୁ କରି,
ଏ ପାଞ୍ଚ ଜଣ ଅଟନ୍ତି ଆକାଶର ମୁନି ।"

ତହୁଁ ଉତ୍ସବାନ୍ତେ ପରେ ଦିନେ ବ୍ୟାସ ପାଣ୍ଡବପତ୍ନୀଙ୍କୁ ପଚାରିଲେ,

"ଅଛନ୍ତି ଏଠାରେ ପାଣ୍ଡବ ଏ ପଞ୍ଚ ମୂରତି,
ଏହାଙ୍କ ମଧ୍ୟେ କାହାକୁ ବଳାଇ ତୋ ମତି ।"

ଦ୍ରୌପଦୀ ସତୀ ନାରୀ, ସେ କେବେ ମିଥ୍ୟା କହିବେ ନାହିଁ । ସେ କହିଲେ—

"ତୁମ୍ଭେ ବ୍ରହ୍ମବେତ୍ତା ଗୁରୁ ପରମ ଯେ ଗୁରୁ,
ତୁମ୍ଭର ଛାମୁରେ ମିଥ୍ୟା କେବା କହି ପାରୁ ।
ପ୍ରତ୍ୟକ୍ଷେ ଅଛନ୍ତି ଏଠି ମୋହର ବାପ ମାଏ,
ପାର୍ଥଙ୍କେ ଅଧିକ ମୋତେ ଏକା ଲାଗୁ ପ୍ରାଏ ।"

ଏହା କେଡ଼େ ସୁନ୍ଦର କଥା ନୁହେଁ । ମାତା ତାହାର ସମସ୍ତ ପୁତ୍ରଙ୍କୁ ସମଭାବରେ ଦେଖୁଥିଲେ ସୁଦ୍ଧା ଦୁର୍ବଳ ମଧ୍ୟ ଉତ୍ତମ ମଧ୍ୟମ ଅଧମର ବିଚାର କରେ । ଏ ମାତୃହୃଦୟର ରହସ୍ୟ ଏବଂ ସତ୍ୟ କଥା । କିନ୍ତୁ ଦ୍ରୌପଦୀ ପାଞ୍ଚ ପତିଙ୍କୁ ସମାନଭାବରେ ଦେଖୁଥିଲେ । ଏଥିରୁ ବୁଝିହେବ ଯେ, ଦ୍ରୌପଦୀଙ୍କ

ସାଧାରଣ ନାଟକର ମାନଦଣ୍ଡରେ ମାପିହିବା ଉଚିତ ହେବ ନାହିଁ । ସେ ସାଧାରଣ ନାଟକମାନଙ୍କଠାରୁ ବହୁ ଊର୍ଦ୍ଧ୍ୱରେ । ସୁତରାଂ ତାଙ୍କ ଚରିତ୍ରକୁ ସାମାନ୍ୟ ଗଣ୍ଡିରେ ଦୁଇ ପଦକର ସ୍ଥିତିରେ ସୀମିତ କରିବା ଉଚିତ ନାହିଁ । କବି ବନପର୍ବରେ "ସତ୍ୟ ଯଜ୍ଞ" ପ୍ରସଙ୍ଗରେ ଦ୍ରୌପଦୀଙ୍କ ମନୋଭାବକୁ ଯେଉଁ ଢଙ୍ଗରେ ପ୍ରକାଶ କରିଛନ୍ତି, ତାହା ଏଠା ସ୍ମୃତି ଯାଏ ଥାଇ ନାହିଁ ।

## ( ୨ )

କପଟପାଶାରେ ବଶପଣ ଧର୍ମପୁତ୍ର ସମସ୍ତ ଭ୍ରାତାମାନଙ୍କୁ ହରାଇ ଶେଷରେ ପାଞ୍ଚାଳୀଙ୍କୁ ହାରିଲେ । ଦୁର୍ଯ୍ୟୋଧନ ଆଦେଶରେ ଦୁଷ୍ଟ ଦୁଃଶାସନ ପ୍ରବଳ ବେଗରେ ଯାଇ କାଳୁଣୀ କଟରେ ଉପସ୍ଥିତ ହେଲା । ସେ ମାତା କୁନ୍ତୀ ଦେବୀଙ୍କ ଆଖି ଆଗରୁ ତାଙ୍କୁ କୁନ୍ତଳଗ୍ରସ୍ତା କରି ଶେଷରେ ତାଳମ୍ବୁର, ନେଉଗାପୁର, ଝୀନପୁର, ମଣିପୁର, ଭଦ୍ରପୁର, ଅବନ୍ତୀପୁର, ଚନ୍ଦ୍ରଗଣପୁର ଶୋଭିତ କୁଳବଧୂ ଦ୍ରୌପଦୀଙ୍କୁ ନ ମାନି ପାଶ-ଶାଳାରେ କେଶ ଟାଣି ଦ୍ରୌପଦୀଙ୍କୁ ଆଣିଲା । ଦ୍ରୌପଦୀ ଏକବସ୍ତ୍ରା ଥିଲେ ଓ ରଜସ୍ୱଳା ଥିବାରୁ ବହୁ ଜନସ୍ଥଳରେ ଦୁଃଶାସନର ପ୍ରଚେଷ୍ଟାକୁ ରୋଧିବାକୁ ଚାହିଁଲେ । ମାତ୍ର ଦୁଃଶାସନ ଧର୍ମବାଣୀ ଅମାନ୍ୟ କରି ଦେବୀଙ୍କୁ ଆକର୍ଷି ସଭାମଧ୍ୟକୁ ନେଇ ଆସିଲା । ଲଜ୍ଜା, କ୍ରୋଧ ଓ କ୍ଷୋଭରେ ଦ୍ରୌପଦୀ ଧର୍ମକୁ ଦୂଷଣ କଲେ । ସେ ଆକୁଳ ହୋଇ କହିଲେ—

"ସତ୍ୟକୁ ନ ଜାଣ ତୋତେ ମୋହିବଟି ଘୃଣ
ସଭାରେ ବସିଅଛନ୍ତି ମୋର ମାନ୍ୟ ଜନ ।
ସଭାକୁ କେମନେ ଲଜ୍ଜା ହେବି ନ ଜାଣୁ କି ବୀର,
ସଭାରେ ବସି ଅଛନ୍ତି ପତି ସହୋଦର ।

ଦୁଃଶା ଏ କଥାରେ କର୍ଣ୍ଣପାତ କଲା ନାହିଁ । ଦେବୀଙ୍କ ଗୁଣକୁ ଏଡ଼ି ଦୁର୍ଯ୍ୟୋଧନ ଆଗରେ ସମସ୍ତ କହିଲା । ଦୁର୍ଯ୍ୟୋଧନ ସଭାମାନଙ୍କ ସମ୍ମୁଖ ନାନା ଅଶ୍ଳୀଳ ଭାଷାରେ ଦେବୀଙ୍କୁ ଅପମାନ କରି କୁତ୍ସିତଭାବରେ ଡାକି

ଦୁରବସ୍ଥା କରିବା ନିମନ୍ତେ ରାଜସଭାକୁ ଆଣା ହେଲା । ' ଏହା ଶୁଣି ଦେବୀ ଭାବିଲେ, ସଭାସ୍ଥ ସମସ୍ତ ମାନ୍ୟ ଗଣ୍ୟଙ୍କୁ ସେ ଆବେଦନ କରି ଦୁରବସ୍ଥାର ପ୍ରତିକାର ହୋଇପାରେ, ସେଥି ପାଇଁ ସେ କହିଲେ —

'ଦ୍ରୌପଦୀ ଦେବୀ ହୋଇଲେ ଏ ଦ୍ୟୁତସଭାରେ,
ଧାର୍ମିକ ଶରୀରୀ ଜନ ଅଛନ୍ତି ଏଠାରେ ।
କେହୁ ପଦେ ନ କହୁଛ କାହିଁକି ଏପରି,
ଭୀଷ୍ମ ଦ୍ରୋଣ କୃପାଚାର୍ଯ୍ୟ ଆଦି ଅଛନ୍ତି ।

ଦୁଃଶାସନ କହିଲା—

"ଆପଣାକୁ ହାରିଲେ ଯେବେ ଧର୍ମ ନୃପବର
ଦାସ ହୋଇ ରହିଲା କାହିଁ ତାଙ୍କ ଅଧିକାର ?"

ଦ୍ରୌପଦୀ ଯେଉଁ ଶାସ୍ତ୍ରଗତ ଓ ନୈତିକ ପ୍ରଶ୍ନ ଉତ୍ଥାପନ କଲେ, ତାହାର ମୀମାଂସା ଭୀଷ୍ମ ଦ୍ରୋଣାଦି ବିଜ୍ଞ ପଣ୍ଡିତମାନେ ପ୍ରକାଶରେ କରି ପାରିଲେ ନାହିଁ । ସବୁ କାଳରେ ସବୁ ଯୁଗରେ ଅର୍ଥ ଓ କ୍ଷମତା ଧାର୍ମିକ ବ୍ୟକ୍ତିମାନଙ୍କୁ ମଧ୍ୟ ଅନେକ କ୍ଷେତ୍ରରେ କ୍ଲୀବ, କାପୁରୁଷ କରି ଦେଇଥାଏ । ଦୁର୍ଯ୍ୟୋଧନ ହସ୍ତିନାର ରାଜା । ସଭାସଦ ତାଙ୍କର ଅର୍ଥଦାସ, ଅନ୍ନଦାସ । ସେଥିପାଇଁ ସେମାନେ ଏହା ଅନ୍ୟାୟ, ଅଧର୍ମ ବୋଲି ଜାଣି ମୂକ ହୋଇ ରହିଲେ । ଏହା ଦେଖି ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ କହିଲା, "ତୁ ଯେଉଁ ସ୍ୱାମୀଙ୍କୁ ଡାକୁ, ସେ ତୋତେ ଏ କ୍ଷେତ୍ରରେ ରକ୍ଷା କରୁ ନାହିଁ କାହିଁକି ?" ଦ୍ରୌପଦୀ ସମସ୍ତ ସହ୍ୟ କରିଥିଲେ; କିନ୍ତୁ ଲଜ୍ଜା ଦେବତା ଅନାଥର ନାଥ ପାଣ୍ଡବସଖା ଶ୍ରୀକୃଷ୍ଣଙ୍କ କଥା ସହ୍ୟ କରି ପାରିଲେ ନାହିଁ । ତେଣୁ ସେ ବ୍ୟକ୍ତ ହୋଇ ଘୃଣାରେ ଦୁର୍ଯ୍ୟୋଧନଙ୍କୁ ଭର୍ତ୍ସନା କଲେ । ଦୁଃଶାସନ ଉଦ୍ଧତଭାବେ ଦେବୀଙ୍କୁ ବିବସ୍ତ୍ରା କରିବାକୁ ଧାଇଁବାରୁ ବୁଦ୍ଧିମତୀ ମାନିନୀ ଦ୍ରୌପଦୀ କହିଲେ, "ରହ ! ସଭାରେ ମୋର ଗୁରୁଜନ ଅଛନ୍ତି, ସେମାନେ ମୋତେ ରକ୍ଷା କରିବେ କି ନାହିଁ, ମୁଁ ପଚାରି ନିଏଁ ।

ଯୁଧିଷ୍ଠିରଙ୍କୁ ଦେବୀ କହିଲେ—

“ଯୁଧିଷ୍ଠିରଙ୍କୁ ଚାହିଁ ଦେବୀ ଲୋତକ ଲୋଚନେ,
କହନ୍ତି ହେ ପ୍ରଭୁ ଥାଉଁ ତୁମ୍ଭ ସନ୍ନିଧାନେ ।
ବୀରନାରୀ ଲାଞ୍ଛନା ଅଟଇ କହନ୍ତି ଏ ବଳେ,
ଧର୍ମରାଜ ବୋଲାଉଛ ଏ ମହୀମଣ୍ଡଳେ ।
ଏ ମହାସଭାରେ ଦେଖ ତୁମ୍ଭ ରମଣୀକି,
ବିବସ୍ତ୍ରା କଲେ ତୁମ୍ଭଙ୍କୁ ଲଜ୍ଜା ହେବ କିଛି ?”

ଧର୍ମରାଜ ଧର୍ମପଣ ଓ ପ୍ରତିଜ୍ଞାକୁ ବଡ଼ କରି ଅଧୋମୁଖରେ ବସିବାରୁ ଦେବୀ ପାର୍ଥଙ୍କ ନିକଟକୁ ଯାଇ ପଚାରିଲେ :—

“ପାର୍ଥ ମୁଖ ଚାହିଁ ପୁଣି ଗଦଗଦ ସ୍ୱରେ,
ବୋଲନ୍ତି ଦ୍ରୌପଦୀ ଦେବୀ ଅତ୍ୟନ୍ତ କାତରେ ।
ପାଣ୍ଡୁନନ୍ଦନ ତୁମ୍ଭେ ପୃଥ୍ୱୀର ଭୂଷଣ
ତ୍ରିଜଗତ କୃଷ୍ଣ ବୋଲନ୍ତି ଦେଖ ମୋ ଲକ୍ଷଣ ।
ଧିକ ବୀରପଣ ଧିକ ତୁମ୍ଭ ଗାଣ୍ଡିବର
ଗଲା କେଶ ଧରି ମୋତେ ଏ ମୂର୍ଖ ଦାନବ ।
ବିବସନ କରୁଅଛି ଏ ମହାସଭାରେ,
କିର୍ଲକୁ ଜୀବନ କିମ୍ପା ଧରିଛ ସଂସାରେ ।”

ପାର୍ଥ ପ୍ରତିବାଦ କରି କହିଲେ—“ମୋତେ କାହିଁକି ଏତେ ଧିକ୍କାର କରୁଛ ? ମୋର ପରାକ୍ରମ କ’ଣ ତୁମ୍ଭଙ୍କୁ ଜଣା ନାହିଁ ? ସେତେବେଳେ ସ୍ୱୟମ୍ବରମାନଙ୍କୁ ଦେଖି ତାଙ୍କ ଦୈନ୍ୟ ସ୍ମରଣ କଲ, ସେତେବେଳେ “ଅର୍ଜୁନ ରକ୍ଷ”, କହିବାରୁ ମୁଁ ହିଁ ସେହି ଶତ୍ରୁ ସୈନ୍ୟମାନଙ୍କ କବଳରୁ ରକ୍ଷା କରି ଆଣିଥିଲି । ମୋତେ ଏ ଅବସ୍ଥାରେ ପ୍ରତିକାର କରିବା କଥା କିଆ ଛଳ ? କିନ୍ତୁ—

‘ବନ୍ଦୀ ଅଛି ଆସି ଏବେ ଯେବେ ଧର୍ମସୁତ,
ତେବେ କିସ କରିବ ମୋହର ସାମର୍ଥ୍ୟ ।”

ଦେବୀ କ୍ରୁଦ୍ଧ ହୋଇ ନକୁଳଙ୍କ ନିକଟକୁ ଯାଇଁ କହିଲେ—

ହେ ନକୁଳ ତୁମ୍ଭେ ପରା ମହାବଳୀଯୁବା,
ରୂପଲାବଣ୍ୟରେ ଯାହ ସ୍ୱର୍ଗରେ ସୁନ୍ଦର ।
ନବ କାନ୍ତି ଝଲସୁଛି ଗାତ୍ର ସାରାପଣେ,
ମୋର ଏ ଦଶା ଦେଖି ସହୁଛ କା ପ୍ରାଣେ ।
ସଭାମଧ୍ୟେ ଦୁଃଶାସନ କରୁଛି କଳଙ୍କ,
କେମନ୍ତେ ସହୁଛ କ୍ରୋଧ ନ ଚଢ଼ଇ ଅଙ୍ଗ ।’’

ନକୁଳ ପାର୍ଥଙ୍କ ଆଦେଶର ପୁନରାବୃତ୍ତି କଲେ । ତହୁଁ ଦେବୀ ଯାଇ ସହଦେବଙ୍କୁ କହିଲେ—

‘‘ଆଗଙ୍କ ଆଜ୍ଞାକୁ ମାନୁଛ ନ କର ଗୋଚର,
ଏବେ ଶୁଣ ମାଦ୍ରୀସୁତ କି ଦୁର୍ଗତି ମୋହର !
ତୁମ୍ଭେ ମନୀଷୀର ଯଶ ଜ୍ଞାନକାମୀ ସଦା,
ଶାସ୍ତ୍ରର ଜାଣିଛ ସୂକ୍ଷ୍ମ ଅଭିପ୍ରାୟ କଥା ।
ତୁମ୍ଭଠାରେ ଥାଇ ଥାଇଁ ଏମନ୍ତ ସଙ୍କଟ,
ଜାଣି ନ ହେଲ ଆଗୁଁ କି ପଡ଼ିବ ବିପତ୍ତି ?’’

ସହଦେବ କହିଲେ, ‘‘ଦେବି, ତୁମ୍ଭ ଯନ୍ତ୍ରଣାରୁ ଏ ଦୁଷ୍ଟମାନେ ମରିବେ । ଧର୍ମସୁତ ଆଜ୍ଞା ଦେଲେ ମୁଁ ଭଲିଭଳିରେ ଏହାର ପ୍ରତିଶୋଧ ନିଅନ୍ତି । କିନ୍ତୁ, ମୁଁ ନାଚାର ।’’ ଦ୍ରୌପଦୀଙ୍କର ମୁଖ ନିରାଶାରେ ମଳିନ ହେଲା ।

ଅସହାୟା ଅନାଥା ରମଣୀ ପରି ସେ ଲୋତକରେ ଅଙ୍ଗ ସିକ୍ତ କଲେ । ତାଙ୍କର ଅବସ୍ଥା ଦେଖି ସ୍ୱାମୀଙ୍କର ଅସହ୍ୟ କଷ୍ଟ ହେଲା । ଦ୍ରୌପଦୀ ଶେଷ ଆଶ୍ରୟ ରୂପେ ଯାଇ ବୃକୋଦରଙ୍କୁ କହିଲେ—

‘‘ଦ୍ରୌପଦୀ ସ୍ୱାମୀଙ୍କୁ ଚାହିଁ ବୋଇଲେ ହେ ଦେଖ,
ତୁମ୍ଭ ପରି ବୀର ଥାଉଁ ମୋର ଏତେ ଦୁଃଖ ।
ଏ ପାମର ଦୁଃଶାସନ ଧରିଲା ମୋ କେଶ,
ଦେଖି ମନରେ କେମନ୍ତ ନ ଧରୁଛ ରୋଷ ।

ଜାଣନାହିଁର ଗଦା କି କରିବ ନାହିଁ ଶେଷ,
ସିଂହନାଦରୁ ଶୃଗାଳ ପଳେ ସବୁ ଏଣେ ।
ସଭାମଧ୍ୟେ ଅପମାନ କଲେ ତୁମ୍ଭ ଅଶେଷ,
ଯେବେ ତୁମ୍ଭ ବଳ ଯାଇ ଧରି ନେଉଁ ବାଟେ ।”

ଭୀମ ଶିର ଥୁଣି ନମ୍ରଭାବ ହୋଇ ପାର୍ଥଙ୍କ ବଚନର ପୁନରାବୃତ୍ତି କଲେ । ଦେବୀଙ୍କର ସହ୍ୟର ସୀମା ବଳିଗଲା । ସେ ପାଣ୍ଡବଙ୍କୁ କହିଲେ—

“ଦ୍ରୌପଦୀ ବୋଇଲେ ଧିକ ତୁମ୍ଭ ଜୀବପଣ,
କର୍ଣ୍ଣି ହୋଇ ଜୀଇଁଛ କିମ୍ପା ପାଞ୍ଚ ଜଣ ।
ଏ କର୍ଣ୍ଣିର ମୁଖ ତୁମ୍ଭେ ଦେଖାଅ କେଉଁ,
ପାଞ୍ଚ ଜଣ ଥାନ୍ତୁ ଥିବ ଅନାଥୀ ହେଲଇଁ ।
ତୁମ୍ଭେ ମହନ୍ତ ବୋଲି ମୁଁ ଆଶା କରିଥିଲି,
ଅନାଥୀ ଦାସୀ ପରି ଏ କାର୍ଯ୍ୟେ ଜନ ନେଲ ।
କପାଳିଁ ଆଣିଲ ଲକ୍ଷେ ରଜା ମଝି କରି,
ପାଣ୍ଡବଙ୍କ ଆଗେ କେଶ ଦୁଷ୍ଟା ଧରି ଟାଣି ।
ଧିକ ତୁମ୍ଭ ଗଦାବଳ ଧିକ ତୁମ୍ଭ ବାହୁ,
ଲଜ୍ଜା ଦେଖିଲେ ନୋହିଲ ନାରୀର ଦେଖୁ ସାହା ।

ଭୀମ କ୍ରୋଧରେ ଗର୍ଜି କହିଲେ—

“ଭୀମ ବୋଇଲେ ଦ୍ରୌପଦୀ ନ କର ମୋତେ ମାନ;
ଯେ କରରେ କେଶ ଧରିଛି ତୋର ଦୁଃଶାସନ ।
କହୁଅଛି ତୁମ୍ଭଙ୍କୁ ମୁଁ ଶୁଣ ପଦେ ଥିଣ,
ସେ ଭୁଜ ମୁଁ ଉପାଡ଼ିବି ଏ ସତ୍ୟ ବଚନ ।
ଯୁଦ୍ଧ ଚିନ୍ତ ଦେଖୁ ମୋତେ କହେଁ ଉପାଡ଼ିବି,
ଏହା ମୁଁ ନ କଲେ ପିତୃଦ୍ରୋହୀ ହୋଇବି ।”

ଏହା ପରେ ଭୀଷ୍ମସଭାରେ ଦୁଃଶାସନ ଦ୍ରୌପଦୀଙ୍କୁ ବିବସନ କରିବାର ଚେଷ୍ଟା କଲା । ଦ୍ରୌପଦୀ ସାହାରରେ ଲଜ୍ଜାରକ୍ଷକ ଶ୍ରୀହରି ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ ଲକ୍ଷକୋଟି ବସ୍ତ୍ର ତାହାଙ୍କ ଅଙ୍ଗରେ

ଅଦୃଶ୍ୟ ନାରୀମାନେ ଚୈତନ୍ୟ ଏହି ଲଜ୍ଜା ନିବାରଣ କଲେ । ଦ୍ରୌପଦୀଙ୍କ ପ୍ରାର୍ଥନାକୁ କବି କେତୋଟି ସଂସ୍କୃତ ଶ୍ଳୋକରେ କହନ୍ତି—

ହେ ନାଥ ହେ ଯଦୁପତେ କରୁଣା କରାନ୍ତ
ଲକ୍ଷ୍ମୀପତେ ଯଦୁପତେ କମଳାୟତାକ୍ଷ ।
ଲଜ୍ଜାଂ ନିବେଦୟ କରୁଣାଂ ନୃପତେଃ ସଭାୟାଂ
ଦୁଃଶାସନେନ ବସନାଂ ହ୍ରିୟତେ ହି ମାଂ ତ ।

ମୂଳ ମହାଭାରତରେ ବ୍ୟାସ ସଂସ୍କୃତରେ ଯେଉଁ ପ୍ରାର୍ଥନା ଲେଖିଛନ୍ତି ସାରଳା ଦାସ ସେହି ଶ୍ଳୋକ ତାଙ୍କ ଭାରତରେ ନ ଦେଇ ନିଜେ ସଂସ୍କୃତ ଶ୍ଳୋକ ରଚନା କରିଛନ୍ତି ହୁଏତ ଦ୍ରୌପଦୀଙ୍କର ମନୋଭାବକୁ ପ୍ରକାଶିତ କରିବା ପାଇଁ ।

ଦ୍ରୌପଦୀ ପଞ୍ଚପତିଙ୍କର ଭାର୍ଯ୍ୟା ହୋଇଥିବାରୁ ଅନେକ ଯାହା ସେମାନଙ୍କର ମୂଲ୍ୟ କାମନା କରି ଯେ କୁତ୍ସିତାତ୍ମକ ଭାଷା ବ୍ୟବହାର କରନ୍ତି, ତାହା ଶାସ୍ତ୍ରଦୃଷ୍ଟିରେ ଏମନ୍ତ ସନାତନଧର୍ମବିରୋଧୀ । କାରଣ ଏହି ନାରୀ ସତୀଧର୍ମିଣୀ । ଏହାଙ୍କ ପ୍ରକୃତି ଓ ଚରିତ୍ର ଗଠନ ଏପରି ଯେ ତାହା କୌଣସି ଧର୍ମବିରୁଦ୍ଧ ମାତ ନିୟମ ନିର୍ଦ୍ଦେଶର ଅଧୀନ ନୁହେଁ । ସେ ଧର୍ମକୁ "ଶ୍ରେୟସ୍କର ଧର୍ମ ବିଧୀୟତେ" ଗଣ୍ଡିରେ ବାନ୍ଧିବା କଥା କବି ଯୁଧିଷ୍ଠିରଙ୍କ ମହାଭାରତରେ ଲେଖିଛନ୍ତି । ଏହାର ଅର୍ଥ ନୁହେଁ ଯେ ଦ୍ରୌପଦୀ ଅଧାର୍ମିକା ଥିଲେ । ତାହା ହୋଇଥିଲେ ତାଙ୍କର କୋପଦୃଷ୍ଟି ହସ୍ତିନା ନଗରକୁ ଜାଳନ୍ତା ଅଗ୍ନିରେ ଧ୍ୱଂସ କରି ପାରିଥାନ୍ତା; କିନ୍ତୁ ତାଙ୍କୁ ସନ୍ତୋଷ କରିବାକୁ ସୁରନାରୀମାନେ ଉଭା ହୋଇ ଥାନ୍ତେ । ସେଥିପାଇଁ ଦେଖିଲେ କୃଷ୍ଣାଙ୍କ ଚରିତ୍ର ବିଚିତ୍ର ବୋଧ ହୁଏ । ଦ୍ରୌପଦୀ ଯାଜ୍ଞସେନୀ ହୋଇଲେହେଁ, ସାଧାରଣ ନାରୀସୁଲଭ ଗୁଣ ତାଙ୍କୁ ସିକ୍ତ କରିଛି । ନାରୀସୁଲଭ ଅଭିମାନ ତାଙ୍କ ପ୍ରକୃତିରେ ମହାଭାରତୀୟ ଚରିତ୍ରମାନଙ୍କର ସବୁ କ୍ଷେତ୍ରରେ ସୃଷ୍ଟି ଘଟିଛି । ତଥାପି ତାଙ୍କର ତେଜସ୍ୱିତା ବାସ୍ତବତା ଓ ସ୍ୱାଭାବିକତାର ସୃଷ୍ଟି କରିଛି । ସାରଳା ଦାସ ଏହି ଅନନ୍ୟସାଧାରଣ ନାରୀଙ୍କୁ ମହାଶକ୍ତି ଯୋଗମାୟା-ଅଂଶ-ସମ୍ଭୂତା ହୋଇଥିବାରୁ ତାଙ୍କ ବହୁମୁଖୀ ରୂପ ଓ ଗୁଣ କରି

ଲେଖିଅଛନ୍ତି । ଏହି ତେଜସ୍ୱିନୀ ନାରୀଚରିତ୍ରଟିରେ ପ୍ରତିହିଂସା ବା ଅନମନୀୟ ପ୍ରତିଶୋଧସ୍ପୃହା ତାଙ୍କ ଚରିତ୍ରକୁ ଅଧିକ ମହନୀୟ ଓ ଶ୍ରେଷ୍ଠ କରିଛି । ନାରୀସୁଲଭ ସୁକୁମାର ସହିତ କୋମଳ ହୃଦୟର ସ୍ପନ୍ଦନ ଦ୍ରୌପଦୀଚରିତ୍ରର ବିଶେଷତ୍ୱ । ମହାଭାରତ ଯୁଦ୍ଧ ଶେଷରେ ଅଶ୍ୱତ୍ଥାମା ଦ୍ୱାରା ତାଙ୍କର ପଞ୍ଚପୁତ୍ର ନିଧନରେ ସେ ଯେପରି ଶୋକାକୁଳ ହୋଇ ପଡ଼ିଛନ୍ତି, ତାହା ତାଙ୍କର ଅତି ସାଧାରଣ ପୁତ୍ରଶୋକାକୁଳା ଜନନୀର ରୂପ ଦେଖାଇଛି । ସ୍ନେହ ଶାନ୍ତି ପ୍ରକୃତିର ପ୍ରତୀକ ଦ୍ରୌପଦୀ ।

( ଙ )

## ସୁଦେଷ୍ଣା ଓ ଦ୍ରୌପଦୀ

ବନବାସ ଶେଷ ପରେ ପାଣ୍ଡବମାନେ ବିରାଟପୁରରେ ଏକବର୍ଷ ଅଜ୍ଞାତ ବାସ କରିବାପାଇଁ ଉପସ୍ଥିତ ହେଲେ । ସମସ୍ତେ ବିରାଟ ରାଜପ୍ରାସାଦରେ ନାନା କାର୍ଯ୍ୟରେ ନିଯୁକ୍ତ ହେଲେ । ଛଦ୍ମବେଶୀ ଏହି ପାଣ୍ଡବଙ୍କୁ କେହି ଚିହ୍ନିଲେ ନାହିଁ । ଦ୍ରୌପଦୀ ରାଣୀହଂସପୁରରେ ପ୍ରବେଶ କଲାରୁ ଦାସୀମାନେ ଶଙ୍କିତ ହୋଇ ରାଣୀ ସୁଦେଷ୍ଣାଙ୍କୁ କହିଲେ :—

“ବାନ୍ଧିଲ ପଟମଣ୍ଡି ଦୂର୍ଦ୍ଦ ଯବନାଣି,
ନିଶ୍ଚୟ ସେହୁ ତୋହର ହେବ ସଉତଣୀ ।”

ମହାଭାରତକାର ଲେଖିଛନ୍ତି, ଦ୍ରୌପଦୀ ନୀଳକମଳଶ୍ୟାମା, ତ୍ରିଭୁବନ-ମୋହିନୀ । ତାଙ୍କ ଅତୁଳ ଅନିନ୍ଦ୍ୟ ସୌନ୍ଦର୍ଯ୍ୟ ଦାସୀମାନଙ୍କ ମନରେ ସୁଦେଷ୍ଣାଙ୍କ ସପତ୍ନୀର ଆଶଙ୍କା ଜାତ କଲା । ଏହା ଅତି ସ୍ୱାଭାବିକ । କବିଙ୍କ ନାରୀଚରିତ୍ର ଅଙ୍କନରେ ନାରୀସୁଲଭ ଈର୍ଷା, ପରଶ୍ରୀକାତରତା, ହିଂସା, ମୂର୍ଖ ବୁଦ୍ଧି, ଦାକ୍ଷିଣ୍ୟ, ଲଜ୍ଜା, ଶ୍ରଦ୍ଧା ପ୍ରଭୃତି ଭଲ ଓ ମନ୍ଦ ଗୁଣ ବର୍ଣ୍ଣନା କରିଛନ୍ତି । ଏହି ପ୍ରକାରେ ନୈସର୍ଗିକ ବାସ୍ତବତା ପାଇବାର ଉପଯୁକ୍ତ । ଓଡ଼ିଶାରେ ଅନ୍ୟାନ୍ୟ ମହାକବିମାନଙ୍କ ତୁଳନାରେ ଏହି ଦିଗରେ ସାରଳା ଦାସଙ୍କ ଲେଖା ଶୀର୍ଷ ସ୍ଥାନ ଅଧିକାର କରେ ।

ଦାସୀମାନେ ଦ୍ରୌପଦୀଙ୍କୁ ଅପମାନ ଦେଇ ପ୍ରାସାଦରୁ ତଡ଼ାଇ ଦେବାକୁ କହିଲାରୁ ରାଣୀ ସୁଦେଷ୍ଣା ଉତ୍ତର ଦେଲେ :—

"ସୁଦେଷ୍ଣା ବୋଇଲେ ଅହୋ ଏମନ୍ତ ନ ବୋଲ,
କପଟରୁ ବାହାର ହୋ ତେଜେବ ନ କରିଁ ଭଲ ।
ଦଶା ପାଇଲେ ଅହୋ ଅଶାନ୍ତି ଦେବତା,
ଶାଳା ଯଦିଲେ ପୁଣ୍ୟ ହୁଏ ସମାପତ ।" (ବିରାଟ ପର୍ବ)

ସମ୍ରାଜ୍ଞୀସୁଲଭ ଲକ୍ଷଣ ଓ ଦାକ୍ଷିଣ୍ୟଗୁଣ ସୁଦେଷ୍ଣାଚରିତ୍ରକୁ ଭୂଷିତ କରିଛି । ତାଙ୍କ ମତରେ ଦେବତା ବା ଦେବପତ୍ନୀମାନେ ମଧ୍ୟ ଦୁରବସ୍ଥାରେ ପଡ଼ିଲେ ଆଶ୍ରୟ ଲୋଡ଼ିବାକୁ ଆସନ୍ତି । ସମ୍ବନ୍ଧ ଲୋକର ଲାଞ୍ଛନା କଲେ ସ୍ୱଜନ ଓ ସ୍ୱଧର୍ମମାନଙ୍କର ବିଶେଷ ଅନିଷ୍ଟ ଘଟିଥାଏ ଓ ସ୍ୱକୁଳର ଧର୍ମ ଲୋପ ହୁଏ । ସୁଦେଷ୍ଣାଙ୍କର ଏହି ବିଚାରବୁଦ୍ଧି ତାଙ୍କର ପଦମର୍ଯ୍ୟାଦା ଓ ଆଭିଜାତ୍ୟର ପରିଚୟ ଦିଏ । ସେ ସାଧାରଣ ସ୍ତରର ନାରୀଙ୍କ ଠାରୁ ଅନେକ ଊର୍ଦ୍ଧ୍ୱରେ ରହିଥିବାର ପରିଚୟ ମିଳେ । ପରିଚାରିକା ସୈରିନ୍ଧ୍ରୀମାନଙ୍କର ଆଶଙ୍କା ରାଣୀଙ୍କ ମନରେ ପ୍ରତିଫଳିତ ହୁଏ ତ ନିଶ୍ଚିତ ଥିଲା; କିନ୍ତୁ ସେ ତ ରାଜାଙ୍କ ରାଣୀ, ଆଶ୍ରିତବତ୍ସଳା ହେବା ତାଙ୍କର ଦାୟିତ୍ୱ ବୋଲି ଅନୁଭବ କରିବା ହେଉଛି ତାଙ୍କ ନାରୀତ୍ୱର ମହତ୍ତ୍ୱ ।

ରାଣୀଙ୍କ ଆଜ୍ଞାରେ ଦାସୀମାନେ ସେତେବେଳେ ବାଧ୍ୟହୋଇ ଦ୍ରୌପଦୀଙ୍କୁ ଆଣି ରାଣୀଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ ସେତେବେଳେ—

"ଦେଖି ସୁଦେଷ୍ଣା ଆସନ ଛାଡ଼ିଲେ ସତ୍ୱରେ ।"

ଏହାଥିସଙ୍ଗରେ ନାରୀର ପଦମର୍ଯ୍ୟାଦାର ପରିଚାୟକ । ସେ ଯୁଗରେ ପୁରୁଷମାନେ ଯେ ଆଗନ୍ତୁକା ନାରୀକୁ ସମ୍ମାନ ପ୍ରଦର୍ଶନ କରୁଥିଲେ, ଏହା ନୁହେଁ, ନାରୀ ମଧ୍ୟ ନାରୀର ମହତ୍ତ୍ୱ ବୁଝି ସମ୍ମାନ ଦେଉଥିଲେ । ସାରଳା ଦାସ ଉପରୋକ୍ତ ପଦଟିରେ ସୁଦେଷ୍ଣାଙ୍କର ବ୍ୟକ୍ତିତ୍ୱ ଅତି ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ।

କୁରୁସଭାରେ କୌରବମାନଙ୍କ ଦ୍ୱାରା ଅବଜ୍ଞା ଓ ଲାଞ୍ଛିତା ହେବା ପରେ ଦ୍ରୌପଦୀ କେଶ ସମ୍ବାଧନ ନ କରି ଆଲୁଳୁକେଶା ରହିଥିଲେ । ତାଙ୍କୁ ଦେଖି ରାଣୀ କହିଲେ:—

‘‘ଜବା ଯେମନ୍ତ କୁସୁମ ଏହୁ ଶରୀରତୁଳା
ତେସନ୍ତ ଦ୍ରୌପଦୀ କେଶ କରଛ ମୁକୁଳା ।’’

ରାଣୀଙ୍କର ଶଯ୍ୟା ନାମରେ ଗୋଟିଏ ଦାସୀ ଥିଲା । ରାଣୀ ନବାଗତାଙ୍କୁ ଉପର ସ୍ତରରେ ବ୍ୟବହାର କରିବେ, ତାହା ଲୌକିକ ଉପଦେଶ ଛଳରେ ସେ ରାଣୀଙ୍କୁ କହିଲା:—

‘‘ସମସ୍ୟା ସଦବାକ୍ୟରେ ସୁଭାଷ୍ୟ କହିବ ।
ସ୍ୱଭାବ ଅନୁସାରେ ଗୋ ପ୍ରତ୍ୟୁତ୍ତର ଦେବ ।
ସେହୁ ଅଟେ ଯେଉଁ ରୂପେ କରେ ମନବାଞ୍ଛା ।
ସୁଧାରେ ଭୋଜନ ଦେବ ବୁଝି ମନ ଇଚ୍ଛା ।
ସମସ୍ୟା ଅନୁରୂପେ ଗୋ କହିବ ବଚନ ।
ଧର୍ମ ଅନୁରୂପେ ଗୋ ଧର୍ମ ସ୍ଥାପିବ ଜାଣ ।
ଶାପ ଅନୁରୂପରେ ଗୋ ଦେଖିବାକୁ ବନ୍ଧୀ ।
ପଣ୍ଡିତ ଅନୁରୂପେ ଦେଖାଇବାକୁ ବୁଦ୍ଧି ।
ମନ୍ତ୍ରୀ ଅନୁରୂପେ ଗୋ ଯେତ ସାପଦାନ ।
ଦେବୀ ଅନୁରୂପେ ଗୋ ପୂଜା ବନ୍ଦ୍ୟମାନ ।
ସମସ୍ୟା ଅନୁରୂପେ ଗୋ କହିବାକୁ କୋପ ।
ଏମାନ ଦେଖିଲେ ନାହିଁ କିଛି ଦୁଃଖ ପାପ ।
ତୁ ଯେ ପଣ୍ଡିତା ବିବେକୀ ଅଟୁ ଧର୍ମଶୀଳା ।
ତୋ ତହିଁ ସୁକୁମାରିକା ବାକ୍ୟ ଅନର୍ଗଳ ।’’

ଉପରୋକ୍ତ ପଦମାନଙ୍କରୁ ସାରଳା ଦାସଙ୍କ ସାମାଜିକ ଓ ବ୍ୟବହାରିକ ଜୀବନର ସୂଚନା, ଜ୍ଞାନର ଅନୁଧ୍ୟାନର ପରିଚୟ ।

ସେ ଭାଗରେ କେତେ ପଦମର୍ଯ୍ୟାଦାରୁ ନୂତନ ବାକ୍ୟମାନେ ରାଣୀ ଓ ପ୍ରଜାମାନଙ୍କୁ ଉପଦେଶ ଦେଇଥିଲେ । ସେ ସୁଭଦ୍ର ନରନାରୀମାନେ

ଯେ ଧର୍ମନିଷ୍ଠ ଓ ଭକ୍ତିକାର୍ଯ୍ୟପ୍ରସୂତ ଥିଲେ ତାହା ଯଥାର୍ଥ ହୋଇଥିବ । କାରଣ ପତିପରାୟଣା ବା ଆଭିଜାତ୍ୟଜନିତ ଅହମିକା ଓ ଅହଙ୍କାର ରାଜ୍ଞୀମାନଙ୍କର ସାଧାରଣ ବାଧ୍ୟପ୍ରବୃତ୍ତିକୁ ବାଧିତ କରୁ ନ ଥିଲା ।

ସୁଦେଷ୍ଣା ନବାଗତାଙ୍କ ପରିଚୟ ଜିଜ୍ଞାସା କରନ୍ତେ ସେ ଉତ୍ତର ଦେଲେ ଯେ, ସେ ଚନ୍ଦ୍ରକାନ୍ତି ମହାରାଣୀ ଯୁଧିଷ୍ଠିରପତ୍ନୀ ଦ୍ରୌପଦୀଙ୍କର ଦାସୀ—ତାଙ୍କ ନାମ ସୈରିନ୍ଧ୍ରୀ । କୁତୂହଳୀ ମହିଷୀ ସୁଦେଷ୍ଣା ଦ୍ରୌପଦୀ ନାମ ଶୁଣି ଚମକି ପଡ଼ି କହିଲେ, "ବହୁ ରାଜ୍ୟରେ ତାଙ୍କ କଥା ଆଲୋଚିତ ହୁଏ, କିନ୍ତୁ ମୋ ମନରେ ସନ୍ଦେହ ହୁଏ ବୋଲି ମୁଁ ବିଶ୍ୱାସ କରେ ନାହିଁ । କିଛି କପଟ ନ କର ମୋତେ କହ—

"ପାଞ୍ଚାଳ ରାଜାଙ୍କ ସୁତା ନାମ ଯାଜ୍ଞସେନୀ
କେଉଁଠାରେ ଗଲା ହୁଏ ପଞ୍ଚ ସ୍ୱାମୀ ସେହି ?"

ଦ୍ରୌପଦୀ—

"ଦ୍ରୌପଦୀ ବୋଇଲେ ତୁମ୍ଭେ ଶୁଣ ଆହେ ମାଏ
ଏହି କଥା ପୁଚ୍ଛସି ସନ୍ଦେହ କଥାଏ ।
ଆହେ ତୁମ୍ଭେ ପୁଚ୍ଛ ଯେବେ ପାଣ୍ଡବଙ୍କ କଥା
ପାଞ୍ଚଙ୍କର ରମଣୀ ସେ ଅଟେ ତତ୍ତ୍ୱ କଥା ।"

ସନ୍ତୁଷ୍ଟମନା ରାଣୀ କହିଲେ—

"ସୁଦେଷ୍ଣା ବୋଲନ୍ତେ ଶୁଣ ସ୍ତ୍ରୀ ସୁମତେ ଭଲ
ଏକ ଦାସୀ ସଙ୍ଗେ ଭେଟିଲ ପାଞ୍ଚଙ୍କ ଅର୍ଦ୍ଧାଙ୍ଗ ।"

ପାଞ୍ଚାଳୀ—

"ପାଞ୍ଚାଳୀ ବୋଇଲେ ଶୁଣି ଶୁଣ ମନ ଦେଇ
କହୁ ପ୍ରଭୁ ପଞ୍ଚଙ୍କ ଯେ ଭରସି ବସିଲ ।
ଯୁଧିଷ୍ଠିର ପୁରକୁ ସେ ଗଲେ ଯେଉଁ ଦିନ
ଜିଆ ରୂପ ଭାବ ସାଧି ପଶେ ବୃନ୍ଦାବନ ।
ସେ ଦାସୀ ବଚନ କରି ଅଟେ ମୁଁ ଯାଏ
ପରଦିନ ତୁମସେବନେ ସମର୍ପିଲି ତାହେ ।

ବୃହନ୍ନଳାର ସଙ୍ଗେ ରଥ ଉପରେ ପୁଣି ମାଣ୍ଡି
ଦୋହଙ୍କୁ ଅଗ୍ନିରେ ଯାଇ ପାତେଶ ମହାଯଜ୍ଞ ।
ସେଦିନ ଅନଳେ ଦାହ କରି ନିଜ ଭାରେ୍ଯ
ସୁଖି ଥିଲା ସମର୍ପିଲ ବୀର ଧନଞ୍ଜୟେ
ନକୁଳ ସହଦେବଙ୍କୁ ଏହିପରି ପ୍ରୀତି
ସମସ୍ତଙ୍କୁ ଶୁଶ୍ରୂଷାରେ ଶିଏ ଗୁଣବତୀ ।
ଆନ ସ୍ତ୍ରୀମାନଙ୍କର ତଳରେ ସ୍ୱାହାନେ
ଅଗ୍ନି ହାନି କରି ସେହି ବଞ୍ଚିଥାଇ ଦିନ ।
ଏତିକ ଉକ୍ତିକ୍ତି ସେ ଗୋ ଅଟେଣ ନ କହଇ
ସେ ପଞ୍ଚଭୂତ ଏକ ଅଟେ ତାଙ୍କ ଦେହି ।
ଅଶେଷ ମହିମା ତାର କହି ତ ନ ପାରି
ସେହି ସେ ମାହେଶ୍ୱରୀ ଗୋ ପାଣ୍ଡବଙ୍କ ନାରୀ ।
ସୈରିନ୍ଧ୍ରୀ ବୋଇଲେ ତାଙ୍କୁ ସେବା ମୁଁ କରଇ
ପଣ୍ଡୁପୁରେ ଏକ ଅର୍ଦ୍ଧ ମୁଁ ତାହା ଦେଖଇ ।
ତାହାଙ୍କ ଥାଳି ଯେ ଘଟେ ସୈରିନ୍ଧ୍ରୀ ମୋ ନାମ
ଭୃତି କରଇ ଅଳେଖ ଶିଳା ପଦ୍ମନେମ ।
ଏହିପରି ଅତିରେ ମୁଁ ଦେଖଇ ତାହାଙ୍କୁ
ଦ୍ରୌପଦୀ ମଧ୍ୟ ଅଟନ୍ତି ସେପରି ସତୀଙ୍କୁ !”

ରାଣୀ ମନେ ମନେ ଖୁସି ହେଲେ । ସେହି ମହାମାୟାଙ୍କ ସେବିକା ବୋଲି ସୈରିନ୍ଧ୍ରୀଙ୍କ ପ୍ରତି ମଧ୍ୟ ତାଙ୍କର ଭକ୍ତି ସମ୍ଭ୍ରମ ଉଦୟ ହେଲା । ଏହି ଭାବ ଗୋପନ କରି ରାଣୀ ସୈରିନ୍ଧ୍ରୀଙ୍କୁ ପଚାରିଲେ, “ତୁମେ ଏଠାକୁ କି ପ୍ରୟୋଜନରେ ଆସିଲ ?” ସୈରିନ୍ଧ୍ରୀ କପଟ କରି ନାନା କଥା କହିଲେ । ଯଥା—ତାଙ୍କ ସ୍ୱାମୀ କପଟପାଶାରେ ସର୍ବସ୍ୱ ହରାଇ ବନବାସୀ ହୋଇଥିଲେ । ସେ ଜନଶ୍ରୁତିରୁ ଶୁଣିଲେ ତାଙ୍କ ସ୍ୱାମୀ ବିରାଟ ନଗରକୁ ଆସିଛନ୍ତି । ସେ ସ୍ୱାମୀ ଅନ୍ୱେଷଣରେ ଥାଇ ତାଙ୍କୁ ଖୋଜି ପାଇଲେ ନାହିଁ । ତେଣୁ କଷ୍ଟପାଇ ଶେଷରେ ଆସି ରାଣୀଙ୍କ

ଏସ୍ଥଳରେ ପରବାସୀ ହୋଇ ରହିବାକୁ ଇଚ୍ଛା କରୁଛନ୍ତି । ସୈରିନ୍ଧ୍ରୀ କହିଲେ—

"ଦେଖିଲି ଧାର୍ମିକା ଅଟ ବିବେକୀ ତୁମ୍ଭକୁ,
ତେଣୁ ତୁମ୍ଭ ନିକଟରେ ଇଚ୍ଛା ରହିବାକୁ ।"

ସୁଦେଷ୍ଣା ଏହା ଶୁଣି ନିଜର ଅନିଚ୍ଛା ପ୍ରକାଶ କରୁଛନ୍ତି—

"ସୁନ୍ଦରୀ ତୋ ଭଳିରେ ମୋର ଅନିଷ୍ଟ ହେବ,
ତୁମ୍ଭେ ମୋହର ଗୃହରେ ଦିନ କଟାଇବ ।
ମୁହିଁ ଘେନ ତୁମ୍ଭଙ୍କୁ ଦେଖିବ ରାଜା କାହିଁ
ଖଣ୍ଡାଇବ ସେହି କ୍ଷଣେ ତୁମ୍ଭ ମୁଖ ଚାହିଁ ।"

ଦ୍ରୌପଦୀଙ୍କ ମୁକ୍ତକୁନ୍ତଳ ଉପରେ ସହସା ରାଣୀଙ୍କର ଦୃଷ୍ଟିପାତ ହେଲା । ରାଣୀ—

ଆଉ ଏକ କଥା ଅଛି ମୋହର ବଚନ
ସୈରିନ୍ଧ୍ରୀ ସାଧବୀ ! ତୋ ମୁକ୍ତ କାହିଁ କାଳ ?"

ଦ୍ରୌପଦୀ କହିଲେ, "ମୋର ଏକ ଦେବର ମୋ ସହିତ କଳହ କରି ମୋତେ ଅପମାନ କଲା । ମୁଁ ମଧ୍ୟ ତାକୁ କ୍ଷମା କଲି । ତେଣୁ କ୍ରୋଧରେ ହୋଇ ନିର୍ବୋଧ ଚଣ୍ଡାଳ ଅନ୍ତଃପୁରରେ ପ୍ରବେଶ କରି ମୋର କେଶାକର୍ଷଣ କରିଥିଲା । ତେଣୁ ମୁଁ ସେହିଦିନଠାରୁ ମୁକ୍ତକୁନ୍ତଳା ହୋଇ ରହିଅଛି । ଅପମାନ କଲାରୁ ସେହି ଦିନୁ ମୁଁ କବରୀ ବାନ୍ଧେ ନାହିଁ ।"

ଉପରୋକ୍ତ କଥା ଶୁଣି ବିସ୍ମିତ ରାଣୀଙ୍କର ହୃଦୟରେ ଭୟ ଉତ୍ପନ୍ନ ହୋଇଗଲା । ମନରେ ଭାବିଲେ, ଜଣେ ନାରୀ ହୋଇ ତାର ଏତେ କ୍ରୋଧ, ଅହଙ୍କାର ଅଭିମାନ ଓ ପ୍ରତିଶୋଧସ୍ପୃହା ! ଏହା ଭାବନା କରି ରାଣୀ ମୌଖିକ କହିଲେ:—

"ସୁନ୍ଦରୀ ତୋ ଭଳିଲେ ଥିଲେ ସେ' ସୈରିନ୍ଧ୍ରୀ କହିଲେ
ଭଗିନୀ ହୋଇ ନ ପାରେ ଅଛି ମୋର ଦେବରେ ।
ସହୋଦର ଶଶୁରଙ୍କୁ କର୍ଣ୍ଣ ଏତେ କଥା
ତୋହର ପୁଣି ଏଠାରେ କେ ଜାଣିବ କଥା ?"

ପାଣ୍ଡବ ପାଟରାଣୀ, ବହ୍ନି ନା ଜନକ ଅଧୀଶ୍ୱରୀ ଦ୍ରୌପଦୀ । ସ୍ୱୟଂ-ବରମ୍ଭାରେ, ଧର୍ମରାଜାଙ୍କରେ, ଦୁର୍ଦ୍ଦିନରେ ଆଜି ପରର ଆଶ୍ରିତା । ନିଜର ଗ୍ରାସାଚ୍ଛାଦନ ଓ ଆତ୍ମମର୍ଯ୍ୟାଦା ରକ୍ଷା କରିବା ପାଇଁ ସେ ଅନ୍ତଃପୁର-ବାସିନୀଙ୍କ ନିକଟରେ ଯେପରି ସ୍ତୁତି ମିନତି-କରି କହୁଛନ୍ତି, ତାହା ବଡ଼ କରୁଣ ।

"ସୈରିନ୍ଧ୍ରୀ ବୋଇଲେ ଅହୋ ଶୁଣ ଠାକୁରାଣୀ
ଯେ ଦ୍ରୌପଦୀ ସେହୁ ତୁମ୍ଭେ ଅଟ ମହାସ୍ୱାମୀ ।
ଯେ ସେବକ ସକୁଣ୍ଠ ସେ ଅଟଇ ନିମ୍ଭୃତ
ଠାକୁରାଣୀ ପଣ ଅଟେ ବାଢ଼ିଲ ମହତ୍ତ୍ୱ ।
ତେଣି ଭୁଞ୍ଜଣ ତୋଷେ ତୋ ସକାଳୁ ନିତ
ଗନ୍ଧ ଚନ୍ଦନ ଅଙ୍ଗେ ତୋ ବୋଳିବା ସୁବାସୀ ।"

ରାଣୀ—"କଥାଏ ମାହୁଛି ତୋତେ ଶୁଣ ମାହେଶ୍ୱରୀ
କାହିଁକି ଲୁଗା ନ ଦେବୁ ସୋଡ଼ଷ ଯୋଗିଧର ।
ପାଳିବା ବଚନ ମୋତେ ନ ଦେବୁ ଗୋ ମାଈ
ନ ଭାଙ୍ଗିବୁ ଜଳାଚଳ ଭର୍ତ୍ତା ଚରଥାଏ ।
ସାମାନ୍ୟ ଜନେ ସମସ୍ୟା କରିବା କଥା ତେଜିବା
ସ୍ୱାଭାବିକ ନ ଛୁଇଁବ ନ ଛୁଇଁବ ଶଯ୍ୟା ।
ପୁରୁଷେ ନ ବରନିବ ଅଳ୍ପିଙ୍କି ନ ଦେବ
ଏହି ଗୁଡ଼ କଥା ସଦା ମନରେ ରଖିବ ।"

ତାହା ଶୁଣିଲେ—"ବିନ୍ଧୁଛ ବହୁତ କଥା ତୋହର ଶୁଣୁଛୁ
ଏହି କଥା ତୋହର କାଳେ କାଳେ ରହିଥିବ ।"

ସୁଦେଷ୍ଣା ଦ୍ରୌପଦୀଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ଦ୍ରୌପଦୀ କହିଲେ, "ମା, ମୁଁ ଏଠାରେ ରହିଲେ ମୋର ପତିମାନଙ୍କୁ ଇଚ୍ଛା ହେଲେ ଦେଖି ପାରିବି । ରାଣୀ ମନେ କଲେ, ବୋଧହୁଏ ଏହି ନାରୀ ଅଦ୍ଭୁତ ସୁନ୍ଦରୀ ହେବେ । ମୌଳିକ କହିଲେ :—

"ସୁଦେଷ୍ଣା ବୋଇଲେ ଅହୋ ଥାଅ ନିତ୍ୟକର୍ମେ
ସେତେବେଳ ରହିବ ମୋ ହୋଇବ ମୋର ଧର୍ମେ ।

ତାହା ପରେ ସ୍ୱଭଦ୍ରାର ରଖି ଅନୁସାରେ ସୈରନ୍ଧ୍ରୀଙ୍କୁ ରାଣୀ ଗୋଟିଏ ଶାଢ଼ୀ ପିନ୍ଧିବାକୁ ଯାଚିଲେ ।

"ସୁଦେଷ୍ଣା ଶାଢ଼ୀ ଯାଚନ୍ତେ ଦେଖି ଲଜ୍ଜ୍ୟ ଅଂଶେ
ଦ୍ରୌପଦୀ ସେଠ ବଦନେ ଚାହେଁ ଉପହାସେ ।"

ଏଠାରେ ଦ୍ରୌପଦୀଙ୍କ ଉକ୍ତିଟୋଳ ଅବମାନନାସୂଚକ । ଏହି ବାକ୍ୟ ଅତ୍ୟନ୍ତ ମାର୍ମିକ ଓ ଆତ୍ମସମ୍ମାନବୋଧ—ବିଶିଷ୍ଟ ଗୌରବଶାଳୀ ରମଣୀ । ତାଙ୍କର ସମ୍ମାନବୋଧ ଜଣେ ନାରୀଙ୍କର "ଦାସୀଶାଢ଼ୀ" ଗ୍ରହଣ କରିବାକୁ ତାଙ୍କ ଅନ୍ତରର ଗୁପ୍ତ ସିଂହ ଗର୍ଜି ଉଠିଲା । ଅନ୍ତର ଅଭିମାନର ଚରମ ବେଦନାକୁ ସାରଳା ଦାସ ତାଙ୍କ ଅମର ଭାଷାରେ ଫୁଟାଇଅଛନ୍ତି ଏହିପରି :—

"ଦାସବତ୍ସଳ ଉପେନ୍ଦ୍ର ଜାନକୀର ପଞ୍ଚ
ଏ ବାଶଙ୍କୁ ରଖା କର ଆହେ କୃପାସିନ୍ଧୁ ।
ଭଙ୍ଗ ହେଲେ ଦେବା ମୋତେ ଚିନା ଡଳଂଶେ
ଏ ସ୍ତ୍ରୀ କହିବ କୋପ ନ ବାନ୍ଧିଲେ ମାଥେ ।
ନେଲେ ନିଶ୍ଚୟ ଶ୍ରୋଗୁଦ ମୋର ଦାସୀପଣ
ଏ କଥାକୁ ସାକ୍ଷୀ ତୁମ୍ଭେ ଦେବ ନାରାୟଣ ।
ଶାଢ଼ୀ ଦେଲେ ମସ୍ତକରେ ସୁଣି ନ ବାନ୍ଧିଲେ
ନିସ୍ତୁଣ ଭାବିବ ଏହି ଶିନାକୁ ଦେଖି ଇଲେ ।
ଦେଖି ସ୍ୱପନ୍ନ ଭାଣ ସବୁ ଏଥିର ବଢ଼ିତ
ମୁହିଁ ତୋହର ଆଶ୍ରିତ ପାଣ୍ଡବ ସହିତ ।

× × ×

ଶ୍ରୀହରିଙ୍କ ନାମ ଗୋଟି ଏ ଭୂପରେ ଥାଇ
ସୁଦେଷ୍ଣାର ହସ୍ତଗତେ ବସେ ଗରେ ଭାଇ ।
ଶାଢ଼ୀକୁ ଧରଣ ଥିଲେ ବାସ୍ତରେ ପଣୀ
ସବୁ ଦାଣ୍ଡ ଶୀଘ୍ରବାସ ଥୋଇଲ୍ ଧରଣୀ ।

ରାଣୀ ଦ୍ରୌପଦୀଙ୍କୁ କହିଲେ:—

"ଅହୋ କୃଷ୍ଣେ ହୋଇଲୁ ମୋର ରାଜ୍ୟ ଉଦ୍ଧାରଣ
ଅପର ବସ୍ତ୍ରରେ ଶାଢ଼ୀ କେଉଁ ଲୁଚେ ଦେଲା ?
ସମ୍ମୁଖରେ ଥୋଇଲୁ ନେଇ ମହାରାଜରାଣୀ
ନାରଦଙ୍କ ସ୍ମରିଣ ଯେତେକ ମହାରାଣୀ ।
ଜଗନ୍ନାଥ ଲକ୍ଷ୍ମୀ ଏହି ଆଚରଣ ଧଇଲେ
ତବହେଁ ଉପର ବସ୍ତ୍ର ଶାଢ଼ୀ ନ ଦେଖିଲେ ।"

ସେହିଦିନୁ ବାହ୍ୟ ଅନ୍ତଃପୁରରେ କୃଷ୍ଣା ରହିଲେ ଦାସୀ । ରାଣୀ ବହୁ ମନରେ ଶଙ୍କିତା ହୋଇ ଭାବୁଥିଲେ :—

"ଲୌକିକ ଧର୍ମରେ ଥାଇ ପାଣ୍ଡୁ ମହାଦେଈ
ଅବିଚାରିତ ରାଜ୍ୟରେ ମରିଣ ବିଶୁଭାଇ ।
ସ୍ତ୍ରୀ ହୋଇ ବୋଇଲେ ଏହୁ କରିବ ଯେ କୋପ
ମୋର ସ୍ୱାମୀ ବଂଶକେ କି ଦେବୁ ଏ ସ୍ୱରୂପ ?
ଯେଉଁ ପରଦାରେ ଯୋଗ ଥିବ ମୋହେତ ସୁତେ
ନିଶ୍ଚୟ ତାହା ଭୁଞ୍ଜିବ ଅର୍ଦ୍ଧ ଅଙ୍ଗ ଏବେ ।
ଉଥାନ୍ତି ଯୋଗ୍ୟାନ କଲେ କୁଳ ନାଶ ଯାଇ
ସନ୍ତୋଷକୁ ଝିଙ୍କାଇଲେ ମୃତ୍ତିକା ପାଇ ।
ଧର୍ମ ଅଧର୍ମ ଭାବିଲେ ପାଣ୍ଡୁ ମହାଦେଈ
ଆପଣାର ମନକଥା କାହାକୁ ନ କହି ।"

ସାରଳା ଦାସଙ୍କ କଥେୟବସ୍ତୁ ପଦପୁଞ୍ଜିଭବେ ମନୁଷ୍ୟମାନଙ୍କ ଧର୍ମ ଓ ଅଦୃଷ୍ଟର ଅଧୀନ । ଦୈବଶକ୍ତି ସ୍ୱ ମନୁଷ୍ୟଜୀବନର ନିୟାମକ ବୋଲି ସାରଳା ଦାସ ସ୍ୱୀକାର କରିଛନ୍ତି । ତାଙ୍କର ଲେଖାରୁ ଜଣାପଡ଼େ, ସେ ଅତ୍ୟନ୍ତ ଅଦୃଷ୍ଟବାଦୀ ଥିଲେ । ସେହି କାରଣରୁ ସବୁ ଗ୍ରନ୍ଥର ଆରମ୍ଭରେ ସେ ଛୋଟାଭଗବାନ ଓ ଦେବାଦେବୀଙ୍କ ଶରଣ ନେଇଛନ୍ତି । ଅଦୃଷ୍ଟକୁ ନିଜର ଅଧୀନକୁ ଆଣିବା ପାଇଁ ସେ ତନ୍ତ୍ର ମନ୍ତ୍ର ଯନ୍ତ୍ରର ଆଶ୍ରୟ ନେଇଛନ୍ତି । ତାଙ୍କ ମତରେ ବହୁ ମନୁଷ୍ୟ ପୂର୍ବକୃତ କର୍ମଫଳର ଅଧୀନ ଏବଂ ଦୈବ:

ମହାଭାରତ ମୂଳକ । ସେହି କାରଣରୁ ଯେ ଦ୍ରୌପଦୀଙ୍କ ପୂର୍ବଜନ୍ମ ରହସ୍ୟ, ପଞ୍ଚପତି ଲାଭର କାରଣ, ସୁଦେଷ୍ଣାଙ୍କ ପୂର୍ବଜନ୍ମ ଓ କର୍ମ, ଦ୍ରୌପଦୀଙ୍କ ଦୁର୍ଦ୍ଦଶା ନାଟକର ଅଭିନୟରେ ହେତୁ ହେବାର କାରଣ ରୂପେ ଜନ୍ମାନ୍ତର କର୍ମ ଓ ତାର ଫଳ ଏହିପରି ଅନେକ ଘଟଣାର ପୂର୍ବାପର ସଙ୍ଗତିକରଣ ଜନ୍ମାନ୍ତରବାଦ ଓ କର୍ମବାଦକୁ ସ୍ୱୀକାର କରିଅଛନ୍ତି ।

## ( ୪ )

## ପାଞ୍ଚାଳୀଙ୍କ ଦଶା

"ରହିଲେ ପାଞ୍ଚାଳୀ ବିରାଟଭବନେ ସୁଦେଷ୍ଣାର
ଅନେକ ଗୋଳକ ସହି ଚିନ୍ତା ଜାଣି ସାର ।"

ରାଣୀ ସୁଦେଷ୍ଣାଙ୍କ ଅଧୀନରେ ସୈରିନ୍ଧ୍ରୀ କାର୍ଯ୍ୟରେ ନିଯୁକ୍ତ ହେଲେ । ତେଣୁ ତାଙ୍କ ଆତ୍ମସମ୍ମାନବୋଧ ତାଙ୍କ ଜୀବନର ସବୁ ଅବସ୍ଥାରେ ଦୁଃଖର ବୃଦ୍ଧି କରାଇ ବେଦନା ଦେଉଅଛି । ତାଙ୍କ ଭିତରେ ଯେ ଆତ୍ମାଭିମାନ ରହିଛି ତାର ଏକ ମନସ୍ତାତ୍ତ୍ୱିକ କରି ତାଙ୍କ ଚରିତ୍ର ଗଠନ ପଥ ପ୍ରଶସ୍ତ କରିଅଛନ୍ତି ।

କୀଚକବଧ ପୂର୍ବରୁ ଦ୍ରୌପଦୀ ଭାବିଲେ, ଯଜ୍ଞସେନୀ ଆତ୍ମାଭିମାନ ହୋଇ ଭ୍ରାତା ହେବାକୁ ଅଜ୍ଞାତବାସରେ ସହ୍ୟ କରୁଛନ୍ତି । ବିଶ୍ୱର ଅପମାନ ଏବଂ ଲାଞ୍ଛନା ଲାଗି ସେ ତାଙ୍କର ସ୍ୱାମୀମାନଙ୍କୁ କେତେ ବାଣୀ ଶୁଣାଉଛନ୍ତି, ଯାହାରେ କଠୋର ପ୍ରାଣରେ ବେଦନା ଉଦ୍ରେକ ହେବ । କିନ୍ତୁ ସତ୍ୟସନ୍ଧ ଧର୍ମରାଜ ଯୁଧିଷ୍ଠିର ତାଙ୍କର ପ୍ରତିଜ୍ଞା ନିମନ୍ତେ ଅବିଚଳିତ ରହି-ଥିଲେ ; ଅନ୍ୟ ଭ୍ରାତୃବର୍ଗ ମଧ୍ୟ ଅଟଳ ଥିଲେ । କେବଳ ଭୀମ ଏହି ବ୍ୟାପାରରେ ଉଦାସୀନ ରହି ପାରି ନ ଥିଲେ । ଭାରତରେ ଏପରି ଏକ ଯୁଗ ଥିଲା, ଯେଉଁ ସମୟରେ ପୁରୁଷମାନେ ଅସାଧାରଣ ଦୃଢ଼ତା ଅବଲମ୍ବନ କରି ନିଜର ପ୍ରତିଶ୍ରୁତି ବା ପ୍ରତିଜ୍ଞାକୁ ସଂସାରର ସର୍ବଶ୍ରେଷ୍ଠ ପଦାର୍ଥ ଏପରିକି ପ୍ରାଣାଧିକା ପତ୍ନୀ ଓ ସନ୍ତାନମାନଙ୍କଠାରୁ ମଧ୍ୟ ବେଶି ମୂଲ୍ୟବାନ୍ ମଣୁଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ, ପୁରୁଷ ତାର କର୍ତ୍ତବ୍ୟ ଓ

ସବଳଙ୍କୁ ସ୍ତ୍ରୀଠାରୁ ବଡ଼ ମନେ କରେ । ତାହା ଅପେକ୍ଷା ନାନାଦିଗରେ ବେଶି ସତ୍ୟ, ଶିବ; ଅନ୍ୟ ସମସ୍ତ ମିଥ୍ୟା ବା ହେୟ । ସେହି କାରଣରୁ ଦ୍ରୌପଦୀ କୃଷ୍ଣାରେ ଗୁଳକ ସ୍ତୁପ ନାରୀ ନିମନ୍ତେ ସ୍ୱାଭାବିକ ଲଜ୍ଜା ନାରୀ ଶକ୍ତିଶାଳିନୀ ଶକ୍ତିର ଏବଂ ସ୍ୱାମୀଙ୍କୁ ରକ୍ଷା କରିବାକୁ ପରେ ମଧ୍ୟ ଦ୍ରୌପଦୀ ସେଥିରେ ସମସ୍ତ ସମୟରେ ତାଙ୍କ ଆଚରଣରେ ଅଭିମାନ ଏବଂ ପ୍ରାଣାଧିକା ସ୍ୱାମୀ ମୃତ୍ୟୁବୋଧ ଅତ୍ୟନ୍ତ ତୀବ୍ର ହୋଇଥିବେ ପାଣ୍ଡବମାନଙ୍କ ପ୍ରକୃତିରେ ଆଧ୍ୟାତ୍ମିକତା ସହିତ ବାସ୍ତବବାଦର ସମନ୍ୱୟ ସ୍ଥାପନ ହୋଇ ଶେଷରେ ସ୍ୱର୍ଗାରୋହଣ ପର୍ବର ଆଧ୍ୟାତ୍ମିକତାରେ ତାଙ୍କ ପରିସମାପ୍ତି ଘଟିବାର ଦେଖାଯାଏ ।

× × ×

ଏଣେ ଅଶ୍ୱତ୍ଥାମା ସୁଯୋଧନ ଜଳକ୍ରୀଡ଼ା ଦେଖିବାକୁ ଓ ଛଳନାଦ୍ୱାରା ବଧିବାକୁ ନଦୀତୀରକୁ ଯାଇଥିବା, ମୁଣ୍ଡୁଳ ଓ ସୁଷୁପ୍ତ ପଞ୍ଚକୁମାରମାନଙ୍କୁ ନେଇ ଯାଇଥିଲେ । ସୈରନ୍ଧ୍ରୀ ଚିନ୍ତାବ୍ୟାକୁଳ ସେନାପତି ଉତ୍ତରର କୃତ୍ତିପଥାରୁଢ଼ା ହେବାକୁ ଜାତକର ମନ୍ତ୍ରଣାକୁ ଯାଇଲେ । ସେ ଅବାଧ୍ୟତ ଉଦାହରଣ ହୋଇ ପଡ଼ିଲେ । ଅନ୍ୟ ଉପାଧ୍ୟାୟମାନେ ସମସ୍ତେ ସୁରକ୍ଷା ବାନ୍ଧିଥିଲେ । କିନ୍ତୁ ପୁତ୍ରଶୋକ ଉତ୍ତର ଅନ୍ଧକାରରେ ଅସାବଧ ହୋଇ ପଡ଼ି ନିଜର ଧରିବାକୁ ମୁଣ୍ଡୁଳ-ମାନଙ୍କ ମସ୍ତକରେ ମଣ୍ଡାଙ୍କୁ କାଟିଥିଲି, ବାଣ୍ଡ ଓ ଶରୀର ଛିନ୍ନ ଦ୍ରୌପଦୀଙ୍କୁ ଉପଢୌକନ ଦେବାପାଇଁ ପଠାଇଲା ।

ମୁଣ୍ଡୁଳମାନଙ୍କର ଦେହିଙ୍କ ଓ ଓଜନର ଭରିବା ସାରଳା ଦାସ ଲେଖିଛନ୍ତି—

"ବାଲ୍ୟଠାରୁ ସେବା କରି ପାଇଥିଲୁ ଦୁଃଖ
ସଙ୍ଗର ତାରେଣୀ ହୋଇ ପାଇବୁ କି ସୁଖ ।"

ଦ୍ରୌପଦୀ ଅସ୍ୱାଭାବିକ ଭାବରେ ଦାସମାନଙ୍କର ଏପରି ହୃଷ୍ଟି ଓ ନଷ୍ଟ ପ୍ରସ୍ତାବରେ ମର୍ମାହତା ହୋଇ ପ୍ରମାଦ ଗଣିଲେ । ଅଥଚ

ସମସ୍ତ ଲୋକଙ୍କ ଦୃଷ୍ଟି ଯାଇ ଚିତ୍ର ତାଙ୍କର ମାନସପଟରେ ଅଙ୍କିତ ହୋଇଗଲା । ଅନୁଶୋଚନାରେ କୀଚକ ବାସ୍ତ୍ର ନାଶି ଭାବୁଛନ୍ତି—

"ରାଜ୍ୟବର ବେଳ ପଦ୍ମମୂଳ ଭଳି ଥାଏ
ଦାସୀପଣରେ ପଶିଲୁ ଏ ଅଭାଗ ଦାୟ ।"

କିନ୍ତୁ ମୋର ଅନୁଷ୍ଠାନ ଏତେ ଅଧିକ ଯେ ଗୁଣାଗ୍ରାହୀତା ଏଥିରେ ନ୍ୟସ୍ତ ହେବେଳ ନାହିଁ । ସୁଦେଷ୍ଣାଙ୍କର ପରାମର୍ଶଦାୟୀ ଦାସୀମାନଙ୍କୁ ଦ୍ରୌପଦୀ ଭଳି ବ୍ୟବହାର କଲେ । କିନ୍ତୁ ଦେଖିଲେ ତାଙ୍କର ବ୍ୟବହାର ଦାସୀମାନଙ୍କ ମନ ସନ୍ତୋଷକୁ ନିବୃତ୍ତ କରୁ ନାହିଁ । ଦ୍ରୌପଦୀଙ୍କର ସ୍ୱାମୀ ସ୍ତ୍ରୀ ଅଶ୍ରୁ ହୋଇ ଉଠିବାକୁ ପ୍ରବୃତ୍ତ ହୋଇ ସେ ଦାସୀଙ୍କୁ କହିଲେ—

"ଏତେକ ତ୍ରିଲୋଚନେ ଜାଣ ଦେହାଚଳ ଚଣ୍ଡାଳୀ
ଏହ ସୁରୂପକୁ ମନ କରୁଅ କୁଆଁରୀ !
ଶୁଦ୍ଧର ଶାପରେ ଏହ ସୁରୂପ ପ୍ରାର୍ଥନା
ଯାହା ଅଙ୍କି ଥାଇ ଭଗନ୍ତର ବେଶର ସୀନା ।
କାଟଣୀ ନାଶୀ ଦେଲ କୁରେ ଏ ପରଶରେ ପଣ
ସୁଜନ ଲୋକର ଧର୍ମ କଥାରେ ନ ଥାଏ ।
ଦୃଷ୍ଟିପଥେ କଥା କହ ଯଦି ଜନକୁଁ
ସର୍ବ ନାଶ ଯିବ ଲଜ୍ଜା ଭୟ ରେଖ ତାହିଁ ।
ଏଣୁ ଜନ୍ମରେ ଅଟ ଦେଲ କୁରେ ମହାପାପୀ
ଆମ୍ଭଙ୍କୁ ମନବାଣୀ ଦେଲ ବୋଲୁଛ ଅଦ୍ୟାପି ।
ଆମ୍ଭଙ୍କୁ ଭର୍ତ୍ସନା କରୁ କରୁ ଅନୁଖନ
କହିଥିଲୁ ସ୍ୱର୍ଗ ନାହିଁ ଏହୁ ଅନୁକ୍ରମେ ।
କି ଥିବ ସାମର୍ଥ୍ୟ ଅଛିଟି ଦ୍ରୁପଦ ତୁ ହୀନ
ସ୍ତ୍ରୀ ଖଣ୍ଡିଳରେ ଶୋଭେ କେଉଁ ଜେ ଭାବରେ ଲୋକନ ?
ସେ ପାଣ୍ଡୁ ପୁତ୍ର ଦେଖ ଭାବନା ନ ଯାଉ ତୁ ଲଜ୍ଜା
ସଭାରେ ଯାଇ ଧର୍ମ ସ୍ୱାମୀ ଭଳି ତେଜ ।
ସେ ବେଶ ସ୍ୱାମୀ ହୋଇଲେ ଦେଲୁ ଦେଖ ବଧୁ ସୋଗ
ସ୍ତ୍ରୀ ସଙ୍ଗେ ଦୁହିତା ତେଜ ଅନ୍ୟ ପଥ ଲୋଭ ।"

ତକ୍ଷଣ ସୁଦେଷ୍ଣାଙ୍କ ଆଗରେ ବୃତ୍ତାନ୍ତ କୀଚକଙ୍କୁ ଜଣାଇବାରୁ କୀଚକ କ୍ରୋଧ ସମ୍ଭରଣ କରି ପୁଣି ଥରେ ସୁଦେଷ୍ଣାଙ୍କ ନିକଟ ବାର୍ତ୍ତା ପେଷିଲେ:—

“କୀଚକ ବୋଲଇ ଭଉଣୀକି ମୁଁ ବୋଇଲି
ମୋହର ଅବସ୍ଥା ଥିବେ କହ ତୁହି ଯାଇଁ ।”

ସମସ୍ତ ବୃତ୍ତାନ୍ତ ଶୁଣି ରାଣୀ ସ୍ତମ୍ଭିତା ହେଲେ । ତାଙ୍କର ସହୋଦର ହୋଇ କୌଣସି ବସ୍ତୁ ନିକଟକୁ ଏପରି ଅସଙ୍ଗତ ବାର୍ତ୍ତା ପେଷିବା ନାଶ କରିବାର ବୃତ୍ତାନ୍ତ ବୋଲି ମନେ କରି ଦାସୀ ହାତରେ ଭଲ କରି ନିକଟକୁ ବାର୍ତ୍ତା ପେଷିଲେ ।

“ଯାଅ ଯାଅ ବୋଲି ଦାସୀ କୁ କହ କୀଚକକୁ
ଏଣୁ ମାତ କଥା ସତ୍ୟ ନ ଆଣ ମନକୁ ।”

ସୁନ୍ଦରୀଙ୍କଠାରୁ ଏଭଳି ସୁଦେଷ୍ଣାଙ୍କର ଆଦେଶ ବିଷୟ ଶୁଣି ପାଇ ପ୍ରତିକ୍ରିୟାରେ କୀଚକର ମନ ଅଗ୍ନିକୁ ଘୃତରୁ ଭଳି ହୋଇ ଉଠିଲା । ପୁଣି ସେ କାତର ନିହିତ ହୋଇ ରାଣୀଙ୍କ ନିକଟକୁ ବାର୍ତ୍ତା ପଠାଇଲେ । ଦାସୀ ଆସି ରାଣୀଙ୍କୁ କହିଲା, “କୀଚକ କହନ୍ତି—ସୈରିନ୍ଧ୍ରୀ ତାଙ୍କୁ ସୁରତି ନ ଦେଲେ ସେ ଜୀବନ ହାରିଦେବେ ।” କାଳୁଥାନ୍ତି ହୋଇ ରାଣୀ ମହା ସମସ୍ୟାରେ ପଡ଼ିଲେ । ଦ୍ରୌପଦୀଙ୍କ ନିକଟରେ ଇତିପୂର୍ବରୁ ସମସ୍ତ ପାଣ୍ଡବ ନିକଟରେ ବାନ୍ଧି ହୋଇଥିବା କଥା ସେ ଜାଣିଥିଲେ । ଭାଇକୁ ମଧ୍ୟ ଖବର ଦେଇଥିଲେ ଯେ ସେ ଅଜ୍ଞାତ ନାରୀ, ଦ୍ରୌପଦୀଙ୍କ ଅବସ୍ଥାରେ ସେ ଜୋର କରି ସୈରିନ୍ଧ୍ରୀକୁ କୀଚକ ନିକଟକୁ ପଠାଇଲେ ତାଙ୍କର ଅପମାନ ଓ ପାପ ହେବ । ତଥାପି ଭ୍ରାତୃସ୍ନେହର ପ୍ରାବଲ୍ୟରୁ ତାଙ୍କର ନ୍ୟାୟବୁଦ୍ଧି ହଜିଗଲା । ଶେଷରେ ସେ ଜଳୁଚି ଓ ନଷ୍ଟ ବୁଦ୍ଧି ଦ୍ରୌପଦୀଙ୍କୁ ଡାକି କହିଲେ—

“ଶୁଣି ସୁଦେଷ୍ଣା କହିଲେ ସୈରିନ୍ଧ୍ରୀ ମୁଖକୁ
ଯାଅ ବୋଇଲି ପାଇଲି ଗୃହରୁ ମୋ ଭାଇ ।”

ସୈରିନ୍ଧ୍ରୀ ରାଣୀଙ୍କର ଦାସୀତ୍ୱ ସ୍ୱୀକାର କରି ଆଗରୁ ରାଣୀଙ୍କ ନିକଟରେ କେତେଗୁଡ଼ିଏ ସର୍ତ୍ତ କରି ରଖିଥିଲେ । ରାଣୀ ସେଥିରେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ତାହା ସ୍ମରଣ କରାଇ ଦ୍ରୌପଦୀ ତାଙ୍କୁ କହିଲେ—

“ସୈରିନ୍ଧ୍ରୀ ବୋଇଲେ ମୁହିଁ ଦାସୀ ଅଛି ମାଗି
ସମସ୍ତ ବୋଲିବେ ମୋତେ ମୁହିଁ ପରିଚାରୀ ।
ପତିଙ୍କ ଭୟରୁ ଯଦି କହିବେ ଆନକାର
ଉପାଧିକେ ପଡ଼ିବ ତୋ ଦେହେ ମଧୁଭାର ।
ଶବାଡ ଉପରେ ଯେସନେ ଫୁଟିବ କମଳ
ଏହା କହିଲେ ସିଧ ମୋର ବଚନ ଅଟଳ ।
ମୁହିଁ ସର୍ବୋପରି ତୋ ଅଟେ ଦେଶାନ୍ତରୀ
ଏହି କଥା ଦେଇଛି ସଙ୍ଗ ଅଟଇ ମୋହର ।
ଶୁଣ ହେ ସୁଦେଷ୍ଣା ରାଣୀ ଯକ୍ଷଙ୍କ ସ୍ୱାମୀଙ୍କୁ
ପଞ୍ଚ ଗନ୍ଧର୍ବେ ଅଛନ୍ତି ମୋତେ ରକ୍ଷିବାକୁ !
ମୋତେ ଯେ କହିବେ ଆଜ୍ଞା ମାରିବେ ତାହାଙ୍କୁ
ନ ରକ୍ଷି ପାରିବେ ବନ୍ଧୁ ପୃଥ୍ୱୀ ଆଦି କାହାକୁ ।”

ଏହା ଶୁଣି ସୁଦେଷ୍ଣା ସାଧ୍ୱୀଙ୍କୁ ଜଣାଇ ପ୍ରତିଜ୍ଞା କରନ୍ତେ-ସୁଣି ନାରୀଙ୍କୁ ପ୍ରେମରେ କହିଲେ—

“ଜାଣିଲି ଚୋର ସାଙ୍ଗେ ବେଶ୍ୟା ଦାସୀ ପରି
ଭାବାର ବେଶ ହୋଇଲେ ହେବ କଳଙ୍କିନୀ ।
ଏସବୁ ଜାଣିଲେ ତେବେ ମୁଁ ଶୁଣିବି ଅଧି
ଜୃପାବଣ୍ଟ କଟାକ୍ଷରେ ତାହାଙ୍କୁ ଦେଖିଣ ।

× × ×

ମୁହିଁ ଭାବିଲି ସେ ପ୍ରିୟା ଅଟଇ ମହାସତୀ ।”

ସମସ୍ତ ସୁନ୍ଦରୀଙ୍କ ସଙ୍ଗେ ଶୁଣି ଦ୍ରୌପଦୀ ନୀରବ ରହିଲେ । ସୁଦେଷ୍ଣା ସୈରିନ୍ଧ୍ରୀ ମୌନ ରହିବା ଦେଖି ଦ୍ରୌପଦୀଙ୍କ ପାତିବ୍ରତ୍ୟ ଉଦାହରଣ ଦେଇ ତାଙ୍କର ଯୁକ୍ତିମାନ ଖଣ୍ଡନ କରିବାକୁ ସୈରନ୍ଧ୍ରୀ ଦ୍ରୌପଦୀ କହିଲେ —

“ଦ୍ରୌପଦୀ ବୋଇଲେ ଏହା ଚିହ୍ନଇ ସ୍ୱାମୀତେ !
ସଙ୍ଗ ସତ୍ୟ ବିନା ସ୍ତ୍ରୀ ରହନ୍ତି କେମନ୍ତେ ।

ଚନ୍ଦ୍ର ସ୍ମରଣ କରିଲୁ ତାଙ୍କ ମହାସତ.
ବୃହସ୍ପତି ଶାପେ ସ୍ତୃ ଥିଲେ ତାଙ୍କ ମୂର୍ତ୍ତି ।
ଇନ୍ଦ୍ର ହରଣ କରିଲୁ ଗୌତମ ପତ୍ନୀ
ଋଷିଶାପେ ସେହୁ ହୋଇଲୁ ସହସ୍ରେକ ଯୋନି ।
ସୀତାକୁ ହେଳନ ନେଇ ରାବଣ ମରିଲୁ
ସୁଗ୍ରୀବ ଭାରିଯା ହରି ବାଳୀ ବଧ ହେଲୁ ।
ଶକୁନ୍ତଳା ହରଣେ ତୋ ନାଶ ଶମ୍ଭୁ ମନ୍ତ୍ର
ବିରଣ ପ୍ରମାଣେ ଯମ ଜାଣିଲୁ ତା ଭନ୍ତ୍ର ।
ସ୍ଵାମୀ ସେବା ନ କଲେ କି ସେବକର୍ଣ୍ଣ କର୍ତ୍ତି
ତପୋଧନ ତହିଁ ପ୍ରଜା କଲ୍ଲିକ ପ୍ରକାଶ ।”

କୁନ୍ତୀ—

“ସ୍ଵାମୀ ହୋଇଲେ ସେବକଙ୍କୁ ଯେବେ ଦୁଃଖ ଗୁଣୀ
ସମସ୍ତ ଅର୍ଜିଲେ ସୁଖ ନ ଦୁଃଖ ସେ ଭୋଗୀ ।

× × ×

କୃଷ୍ଣା ନିରୁଦ୍ଧେଲେ ଦୌପଦୀ ଭାବକୁ ଦେଖିଲେ ତାଙ୍କ ରାଜ୍ୟ ଅଧୁ ହୋଇଯିବ । ସେହି ଅନୁସାରେ ଦ୍ରୌପଦୀଙ୍କୁ ପୋଲାସ୍ତ ଭଳି ସମାପ୍ତିର ଦେଲେ । ଘଣ୍ଟିକର ଏତେକ ଦୂରଣତା ଦେଖି ଯୁଦ୍ଧିଷ୍ଠିର କ୍ରୋଧରେ ପୁଣି ଦ୍ରୌପଦୀଙ୍କୁ ସୁଦ୍ଧ ଭସ୍ମ ଭଲ :—

“ସେଣ୍ଡ ଠାରୁଣ ତୋତେ ନେଇ ନେବ ଏହିଷଣ ।”

ଦ୍ରୌପଦୀ କହିଲେ —

“ଅସଜ୍ଜିତ ସ୍ତ୍ରୀଜନର ମୁଁ କଥାକୁ ଭାଣିଲ

× × ×

ଅହୋ ଧର୍ମରାଜା ସ୍ତ୍ରୀକି ଲଙ୍ଘିଲେକି ମନ୍ଦା
ସତ୍ୟବ୍ରତର ସମସ୍ତେ ନ ବର୍ତ୍ତିବେ ଭେଦ ।
ଦୁର୍ଥିବା ମଧ୍ୟରେ ଯେବେ ଦେବ ଶର୍ଯ୍ୟାନ
ସର୍ବ ପ୍ରାଣୀ ବର୍ତ୍ତିବେ କା ଠାରୁ ଏ ମେଦିନୀ ?

ଅଜ୍ଞାନ୍ତେ ଅଶାନ୍ତ ଯେବେ କରିବେଟି ସ୍ୱଜ୍ଞା
ତାହା ଅପରର ଭାଗୀ ହେବେ ଅଧ ଜନ ପ୍ରଜା ?

ସୁଦେଷ୍ଣା ଭୂତଳ ଶ୍ରେଣୀରେ ସ୍ୱଭାବତଃ ଧାର୍ମିକା । ସେ ନାରୀର ମର୍ଯ୍ୟାଦା ଓ ସଂସାରର ନୀତି ଜାଣନ୍ତି ବୁଝନ୍ତି । କିନ୍ତୁ ଭ୍ରାତାଙ୍କ ମନ୍ତ୍ରଣା ପାପକାମନା ସମ୍ମୁଖ ବନ୍ଧନର ହେତୁ ଦେଖାଦେଲା ସାଧାରଣତଃ ନୈତିକ-ଶକ୍ତିର ପଥସ୍ଥାରେ ସହିଷ୍ଣୁ ହୋଇ ପାରେ ନାହିଁ । ସେଥିପାଇଁ ଭ୍ରାତା-ଭଗିନୀ କୌଣସି ଭକ୍ତି ଜନିତ ସୁପ୍ରଭାବ ମନୋଭାବଗୁଡ଼ିକ ତାହାର ଜୀବନ-ନାଶ ଆଶଙ୍କାରେ ଦ୍ରୌପଦୀଙ୍କୁ ପୁଣି ଅନୁରୋଧ କରୁଛନ୍ତି । ସୈରନ୍ଧ୍ରୀ ରାଣୀଙ୍କ ମନୋଗତ ଭାବ ବୁଝିବାରେ ବାକି ନ ଥିଲା । ସେ ସଭକ୍ତି ଦେଲେ—

"ସୈରନ୍ଧ୍ରୀ ବୋଲିଲେ ଭୂପ ଯାହା ଅଛି ମତି
ସମସ୍ତ ହୋଇଲ ତାହାକୁ କରି ପରିତ୍ୟାଗୀ ।
ଇନ୍ଦ୍ରିୟ ସୁଖର ନାହିଁ ପାପ ନ ଛାଡ଼ିବ
ଦୁର୍ଦ୍ଦଶା ପାଶେ ନ ପେଷି କିଛୁ ନ ବୋଲିବ ।
ଅବଶ୍ୟ ଯେତେବେଳେ ମୋତେ କହିବ ସେ ବାଣୀ
ତାହା ଅବଜ୍ଞା ନ କରି କିଛୁର ସେ ପୁଣି ।"

ରାଣୀଙ୍କ ନିବେଦନ ରାଖିଲ ହେବାକୁ ସେ ବାଧ୍ୟ ହୋଇ ଶିବାଜ ହୋଇଗଲେ । ସୌଜନ୍ୟ ଭଦ୍ରାଣୀନତା ଦେଖାଇ କହିଲେ:—

"ସହୋଦରେ ଜାଣି କିବା ସୈରନ୍ଧ୍ରୀରେ ଜାଣି
ସୈରନ୍ଧ୍ରୀ କିମ୍ପାନେ ଭିଜ ପ୍ରାଣ ଦେବ ଆଜ ।
ଗଲେ ମରିବ ନା ଗଲେ ମରିବା ନିଶ୍ଚୟେ
ସୁଦେଷ୍ଣା ବୋଲିଲେ କେବେ ଅଛି ନା ଶୁଜନେ ।"

ପରିଶେଷରେ ସୁଦେଷ୍ଣା ନିର୍ଯୋଗରେ ଦ୍ରୌପଦୀ ଶ୍ରୀକୃଷ୍ଣଙ୍କୁ ସ୍ମରଣ ଓ ପ୍ରାର୍ଥନାପୂର୍ବକ ତାଙ୍କରି ପଞ୍ଚଭାଣ୍ଡ ସୁରା କୀଚକପୁରକୁ ଗମନ କଲେ । ଏଣୁ ପୂର୍ବରୁ ରାଣୀ କୀଚକର ମରଣ ନିଶ୍ଚିତ ବୋଧ ଧ୍ୱନୀର ବାଣୀ ଶୁଣାଇ ଦେଇଥିଲେ ।

ସୈରିନ୍ଧ୍ରୀ ଦ୍ରୌପଦୀ ବାରମ୍ବାର, ବିରାଟଙ୍କ । କୀଚକଙ୍କ ଏହି ଦୋଷ ବାସ୍ତବ ଥିଲାବେଳେ ସେ ଏହି ନାରୀଙ୍କୁ ଅପମାନିତ କରିବାର ସୁଯୋଗ ଦେବାକୁ ଓ ଏହି କାର୍ଯ୍ୟରେ ସୁଦେଷ୍ଣା ଓ କୀଚକର ଦାସୀମାନେ ସହାୟିକା ହୋଇ ଥିବାରୁ ଜଣାଇବାକୁ ଦ୍ରୌପଦୀ ସେମାନଙ୍କୁ ଦୋଷ ଦେବାର ସ୍ଥାନ ଜାଣିଥିଲେ ମଧ୍ୟ ନିର୍ଭୀକ ଭାବରେ ବିରାଟ ରାଜସଭାରେ ଅଭିଯୋଗ କରିବାକୁ ଉପସ୍ଥିତା ହୋଇଲେ । ରାଜସଭାରେ ପାଣ୍ଡବମାନେ ସମାସୀନ ଥିଲେ । ସେମାନଙ୍କ ସମ୍ମୁଖରେ ଏହି ଯାଜ୍ଞସେନୀ ବିରାଟ ରାଜାଙ୍କୁ ତାଙ୍କ ଦୁଃଖର କାହାଣୀ ଶୁଣାଇଲେ । ତାଙ୍କର ଅଭିଯୋଗର ମର୍ମ ହେଉଛି ଯେ, ସେ ରାଜା ହୋଇ ରାଜ୍ୟରେ ନାରୀ ପ୍ରତି ଅବମାନନା ଓ ଅପମାନର ପ୍ରତିକାର କିଛି କରୁ ନାହାନ୍ତି । ପୁଣି ଦ୍ରୌପଦୀ କହିଲେ:—

"ତୁମ୍ଭର ନିକଟେ କେତେ ସେବା ନ କରନ୍ତି
ପ୍ରଭୁ ହୋଇଲେ କି ଗଳାଗ୍ରାହରେ ଧରନ୍ତି ?"

ପ୍ରକାଶ୍ୟ ରାଜସଭାରେ ଅଧୀନସ୍ଥା ନାରୀର ଏ ଅଭିଯୋଗ ରାଜାଙ୍କ ଅନ୍ତଃକରଣରେ ବାଧିଲା । ଶ୍ୟାଳକର ଅପମାନ କରିବାକୁ ନ ପାରି ଦ୍ରୌପଦୀଙ୍କୁ ସେ ନାନା ଦୁର୍ବାକ୍ୟ କହିଲେ । ପୁଣି ସେଠାରେ କଙ୍କ ରୂପରେ ଥିବା କୀଚକର ଅବୈଧ ଓ ଅସଙ୍ଗତ ପ୍ରସ୍ତାବକୁ ସମର୍ଥନ କରି ସୈରିନ୍ଧ୍ରୀଙ୍କୁ ଭର୍ତ୍ସନା କଲେ । ଯାହାକି ଦ୍ରୌପଦୀଙ୍କୁ ଖୁବ୍ ଅସନ୍ତୁଷ୍ଟ କଲା ।

ଏବସ୍ଥାରେ ଯୁଧିଷ୍ଠିର ଅନୁଭବ କରି ସେହି କଥାରେ ପ୍ରଥମେ ଦ୍ରୌପଦୀ ଧର୍ମପୁତ୍ର ଯୁଧିଷ୍ଠିରଙ୍କ ନିକଟକୁ ଯାଇ କହିଲେ—

"ହେ ସ୍ୱାମୀ ତୋ ପାଦପଦ୍ମେ କହେ ରାଜା ସତେ
ଶ୍ରୀ ନାରାୟଣ ବିନନ୍ତି ଯାଏ ପାଦପଦ୍ମେ ।
ନାଥ ନର ଅପରାଧ ତ୍ରୈଲୋକ୍ୟର ସ୍ୱାମୀ
ସର୍ବଦା ସେବା କରନ୍ତି ଯାହା ଅନ୍ତର୍ଯ୍ୟାମୀ ।
ସ୍ୱାମୀ ତୋତେ ବିପ୍ର କରି ଏମନ ପରିଶ
ହିନ୍ଦୁସ୍ଥାନେ ତୋ ବର୍ଣ୍ଣନେ ତା ନୈଷ୍ଠିକ ବଶି ।"

ଯୁଧିଷ୍ଠିର କହିଲେ "ବାହୁଜୀ ପ୍ରାୟ ପାଣ୍ଡବ ବଞ୍ଚିଛୁ ? ସ୍ୱାମୀ ଛଡ଼ା କେହି ତୁମକୁ ରକ୍ଷା କରି ପାରିବେ ନାହିଁ ।" ଧର୍ମରାଜଙ୍କଠାରୁ ଶାନ୍ତିର ବୋଧ ଦ୍ରୌପଦୀ ଅର୍ଜ୍ଜୁନ ଉଦ୍ଦେଶରେ ଉପଦେଶ ଦେଲେ:—

ଦ୍ରୌପଦୀ—"ସମସ୍ତଙ୍କ ବଳ ଧୂଳି ଆଣିଲ ସେ ମୋତେ
ନଟନାରୀ ପ୍ରାୟେ ଲଜ୍ଜା ଦେଲ ପାପିଷ୍ଠମାନେ ।
ଏହା ଦେଖିଣ ସହିଲ ପାଣ୍ଡବ ଅନେକାଳି
ତଥାପି ରହୁ ନ ପାରେ ମୋହର ଏତେ ଲାଜ ।
କନ୍ଦମୂଳ ଆହାରରେ କାଳଯାପ ଦୁଃଖୀ
ଦେଶ ଅପର୍ଣ୍ଣ ଭଜୁ ବନ ନିବାସୀ ।
ତାହା ମଧ୍ୟ ସହିଲ ମୁଁ ଅବାଧେ କର୍ମ
ଯାହାକୁ କହନ୍ତି ସବୁ ଦେଖିଛନ୍ତି ଧର୍ମ ।
ସଙ୍କୋଚନର ନିଧନ କାଳକୁ ଶଳା
ମୁଁ ଦୋଷୀ ତୁମ କୀଚକ ଦେହି ହେଲୁ ହେଲା ।
ଶତନାଥ ଦେଖା ଦେଇ ଦେଖିଲ ମୁଁ ଦୋଷୀ
ମୋତେ ଦେଖିଣ ଚାଲେଇ ଯାଇଥିଲ ଦୂରୀ ।
ପୂର୍ବେ ଚଣ୍ଡାଳ ଧରିଲ ଆସି ମୋତେ କେଶେ
ତାଡ଼ି ରଜ୍ଜୁ ବୋଲି ଆସି ଅସ୍ତ୍ରାନର ତଳେ ।
ଦେଖୁଣ ମୋତେ ବୋଲିଲ ପଣ୍ଡୁ ଦଣ୍ଡଧାରୁ
କାଶ ତେଭ ଏ ମୋର ଦ୍ରୌପଦୀ ବାଳ ଧରି ।"

ଦ୍ରୌପଦୀ ନାରୀ ବେଦନା ପ୍ରକାଶ କରୁ କରୁ କ୍ରନ୍ଦନ କଲେ । ଅର୍ଜ୍ଜୁନ କହିଲେ "ପାଞ୍ଚାଳରାଜା କିନ୍ତୁ ଜାଣ ନୁହେଁ ! ଧର୍ମରାଜ ପ୍ରତିଜ୍ଞାବଦ୍ଧ, ତାଙ୍କୁ ଅବଶ୍ୟ କରିଥିଲେ ଆଜି ଆମ୍ଭେମାନେ ବନପର୍ବ ଯାଇ ଅଜ୍ଞାତ ବନବାସ କରି ନ ଥାନ୍ତୁ । ଯୁଧିଷ୍ଠିର ଜ୍ୟେଷ୍ଠଭ୍ରାତା ! ତେଣୁ ତାଙ୍କୁ ଅବଶ୍ୟ କରି ଅବାଧ୍ୟ ହେବାର ଶକ୍ତି ଆମର ନାହିଁ । ସେଥିପାଇଁ ତୁମର ସମସ୍ତ ଅପମାନ ଆମ୍ଭେମାନେ ନୀରବରେ ସହ୍ୟ କରିଆସିଛୁ ; ଜାଣିଥିଲ ପାର୍ଥ ଶତ୍ରୁନାଶ ଓ ନିଶ୍ଚୟ ଅବସ୍ଥାରେ ରହିଥିବାକୁ ଶିଖୁଥିଲୁ ହେଲେ ପତ୍ନୀଙ୍କୁ ସାନ୍ତ୍ୱନା ଦେବାରେ କହିଲେ—

"ମୁଁ : ଏବେ ବୋଲୁଛି ତୁମ ହାତର ଛୁରିଆ ।"

ଦ୍ରୌପଦୀ—"ବୈରିଣୀ ବୋଲିଲେ ତୁମ୍ଭ ଜୀବନକୁ ଧିକ
ପାଞ୍ଚ ଭରତାର ଛୁରିଆ ମୁଣ୍ଡି ଟେକେ ଏକ ।
ମୋତେ ଅପକୁ ଦେଲାଣି ଦୁଷ୍ଟ କୀଚକ ଯିଏ
କେମନ୍ତେ ପ୍ରଜାସଭରେ ମୁହଁ ଦେଖାଇବ ?
ଏତେ ଯେ ଗୁଣ୍ଡିଲ ଲାଜ ନେଲ ନାହିଁଟି
ସୁଲୁଭ ଘୁମ୍ଭ ବାଘାର ତୁମ୍ଭେ ଧନଞ୍ଜୟ ।
ନ ଜାଣି କାରଣ ତୋଷି ବୋଲନ୍ତି କୌରବେ
ଦୁଃଖ ସାଧିବାକୁ ଯିବ ତୁମ୍ଭେ କେଉଁ ଭାବେ !

ପାର୍ଥ ମର୍ମବେଦନାରେ କାତର ହୋଇ ଆଉ ନ ଦିଶାପିବାକୁ ପଛୀକୁ ଅନୁରୋଧ କରି ଭୀମ ନକୁଳକୁ ଯିବାକୁ ଅନୁରୋଧ କଲେ । କୃଷ୍ଣା ନକୁଳଙ୍କ ନିକଟରେ ପ୍ରବେଶ କରି କହିଲେ—

ତୁମ୍ଭ ତହୁଁକୁ ଅଇଲ ମୁହିଁ ବିଶାଖାଲେ
କୀଚକ ପାମର ମୋତେ ଧରି ଦେଲେ କଲେ ।
ଉପାୟ ଚିନ୍ତିବା ପାଇଁ ଆଇଲି ଏ ରାତି
ଯୁଦ୍ଧରେ ନେବ ମୋତେ କାତର ଭୂମିକି ।

ନକୁଳ—
"ନକୁଳ ବୋଇଲେ ଯେବେ ସ୍ୱାମୀ ହେଲେ ଅଛୁ
ସେଦିନ ମାଇକି କରି ଗଲେ କି ଅବାଧ ?
ସାଥ ଯାଥ ସର୍ବ ଯିବେ ଆଉ କି କରିବୁ ?
ବିଶ୍ୱ କୁ ଦେବଦେଉ କରିଆ ହୋଇବୁ ।"

କ୍ରୋଧରେ କୃଷ୍ଣା କହିଲେ —
"ଦୁଃଖ ଧିକ ହେଉ ତୁମ୍ଭ ଜୀବନ ଏ ଭାବେ
ସଂସାରେ ବୋଲନ୍ତି ପଞ୍ଚ ପାଣ୍ଡବ ସୁରଥୀ ।
ନ ହୋଇବ ଧାଇଁ- ତ୍ରିପୁ ଭୀମର ସୁକୃତି
ବୁଦ୍ଧି ହେଉ ଯହିଁ ଅଥ ବିଜୟ ସୁଗତି ।"

ସାରଳା ଦାସ ଏଠାରେ ସେହି ପାରିବାରିକ ଓ ସାମାଜିକ ରୂପ ଦେଇଛନ୍ତି, ଏହା ସମାଜ ଓ ରାଷ୍ଟ୍ରର ଶାଶ୍ୱତକାଳର ସତ୍ୟ । ଦ୍ରୌପଦୀ ସ୍ୱାମୀମାନଙ୍କୁ "ନଚ୍ଛାର" ବା "ଷଣ୍ଢ" ବୋଲି କହିଛନ୍ତି । ପୁଣି ଭର୍ତ୍ତି ସଭା ମଧ୍ୟରେ ଲାଞ୍ଛନା କରିବା ଯୋଗୁଁ ନିଜର ସମ୍ମାନ ନ ଥିବାରୁ "ତୁମ୍ଭ ଦେହୁ ପରେ ଗଧ ଶଲର ସୁବର୍ଣ୍ଣ" ବୋଲି ବହୁ କଥା କହିଛନ୍ତି । ଏହି ଦୁଃଖ ବା ଯନ୍ତ୍ରଣା ପାଇଁ ପାଣ୍ଡବମାନେ ଦୁର୍ଯ୍ୟୋଧନର ସଭାରେ ନିର୍ଯ୍ୟାତନ କାଳରେ କୁଳୀନ, ବୃଦ୍ଧ, ବିଜ୍ଞ ବ୍ୟକ୍ତିମାନେ ଅନ୍ୟାୟ କାର୍ଯ୍ୟର ପ୍ରତିକାର କରିବା ଦୂରେ ଥାଉ ପ୍ରକାଶ୍ୟ ପ୍ରତିବାଦ କରିବାକୁ ମଧ୍ୟ ସାହସୀ ହୋଇ ନାହାନ୍ତି । ଶ୍ୱାନ ଭଳି ସେହିମାନେ ଅନ୍ୟର ଦାସ୍ୟ ଅନ୍ନ ଭୋଜନ କରି ଜୀବନ ନିର୍ବାହ କରନ୍ତି, ସେମାନେ ଅସମର୍ଥ । ସେମାନଙ୍କର ସ୍ତ୍ରୀ ପୁତ୍ରପରିବାରଙ୍କୁ ରକ୍ଷା କରିବାକୁ ସ୍ୱାଧୀନତା ମଧ୍ୟ "ଦୁଷ୍ଟ" ହେତୁ ଅପହୃତ ହୋଇଥାଏ । ଏ ବିଡ଼ମ୍ବନା ଦ୍ୱାପର ଯୁଗର ମହାଭାରତ କାଳରେ ଯେ ସତ୍ୟ ଥିଲା ତାହା ଅବର୍ତ୍ତମାନ ଯୁଗରେ ଘଟିଥିଲା, ତାହା ନୁହେଁ । ସଂସାରରେ ଚିରକାଳ ଏହିପରି ଖାଦ୍ୟ ଖାଦକ ସମ୍ବନ୍ଧ ରହିଛି । ପ୍ରଭୁତ୍ୱ ସମାଜରେ ଉପରୋକ୍ତ ଅତ୍ୟାଚାର ଓ ଅନ୍ୟାୟ ବର୍ତ୍ତମାନ ମଧ୍ୟ ବହୁ ସ୍ଥାନରେ ଘଟିଥିବା କଥା ଆଧୁନିକ ଇତିହାସ ସାକ୍ଷ୍ୟ ଦିଏ । ସୁତରାଂ ଏହି ଦୃଷ୍ଟିରେ ମନୁଷ୍ୟର ମନୁଷ୍ୟତ୍ୱର ସ୍ୱାଧୀନତା ଲୋପ ହେବାରୁ ସେ ଜାତ ଅଜ୍ଞାତ କାରଣ ରହି ନ୍ୟାୟାନୁମୋଦିତ ପଥରେ କର୍ତ୍ତବ୍ୟ କରି ପାରେ ନାହିଁ । ମନୁଷ୍ୟଜାତିର ଏପରି ବ୍ୟାବହାରିକ ଜୀବନ ଏକ ସାମାଜିକ, ପାରିବାରିକ ଏବଂ ରାଷ୍ଟ୍ରୀୟ ବିଷୟରେ ସତ୍ୟ ବୋଲି ପାଣ୍ଡବ ବର୍ଣ୍ଣ ପୂର୍ବକ ସାରଳା ଦାସ ମଧ୍ୟ ଦେଖାଇଥିଲେ ।

ନକୁଳଙ୍କ ଅଶ୍ୱାଦିମାନ ଅବଗତ ହେବାକୁ ସେ ଧର୍ମରାଜଙ୍କ ସ୍ୱାର୍ଥ ହୋଇ ଅନ୍ୟ ସହୋଦରମାନଙ୍କ ଭୂମି ପତ୍ନୀଙ୍କୁ ନିରୀକ୍ଷଣ କଲେ । ପୁଣି କହିଲେ "ଧର୍ମରାଜ ସ୍ୱମଙ୍କ ଉପରେ ପତନକଷ୍ଟ ଲୁଚ ହୋଇଛନ୍ତି । ସେ ନିର୍ଦ୍ଦେଶ ଦେଲେ ମୁଁ ପ୍ରତିକାର କରିବ ।" ଏହା ଶୁଣି ଦ୍ରୌପଦୀ ସହଦେବଙ୍କ ନିକଟ ଗଲେ । ସହଦେବ ଭଲରେ କାବ୍ୟ ଜାଣନ୍ତି ଏବଂ ବିଚକ୍ଷଣ ଅଟନ୍ତି । ଯୁଧିଷ୍ଠିର ଅନୁରୋଧ ଶୁଣି ତାଙ୍କୁ ଧର୍ମସେନଙ୍କ ନିକଟକୁ ପଠାଇଲେ ।

ଏମାନଙ୍କ ନିକଟରେ ଦ୍ରୌପଦୀ ରହିଲ ଚତୁର୍ଥ ଧାମ, ଉତ୍ତର ଅପ୍-ବାହୁକ ପୂର୍ବେ ଦ୍ରୌପଦୀଙ୍କୁ ନିର୍ବୋଧ ଭୀମ ପତ୍ନୀ ଆଗମନର ଉଦ୍ଦେଶ୍ୟ ନ ବୁଝି ଯାହା ମନ ଇଲା ଅର୍ଥ କଲେ । ଏହା ଶୁଣି ଦ୍ରୌପଦୀ ଘୃଣା ଓ କ୍ଷୋଭରେ କହିଲେ —

"ଦ୍ରୌପଦୀ ବୋଇଲେ ତୁମ୍ଭେ ଏଡ଼େ ଜାତ ମୂର୍ଖ
ଅପଣ୍ଡିତ ପ୍ରାୟେ କଥା କହ ସେ ଭାଳିକ ।
ଯଥା ଅନୁରୂପ ଦୀପେ ତଥା ବାକ୍ୟ ଦ୍ୟୁତି
ଅର୍ଥ ନାହିଁ ଶୁଣାଇଲ ଦେଖାଇଣ ପ୍ରତ୍ୟାଶୀ ।
ଅଜ୍ଞାତ ସଲୁଖ ଧନ ଥାଇ ବାକ୍ୟ ଶୁଦ୍ଧ ।"

ଭୀମ ପତ୍ନୀଙ୍କ କଥାର ମର୍ମ ତଥାପି ନ ବୁଝି ନିର୍ବୋଧଙ୍କ ଭଳି କହିଲେ, "ତୁମେ ଏଠୁ ଚାଲିଯାଅ । ବିରାଟ ରାଜା ଭାବିବେ ମୁଁ ପରଦାରା ମର୍ଦ୍ଦଣ କଲି । ସେ ମୋତେ ବହୁ ସମ୍ପତ୍ତି ଦାନ କରୁଛନ୍ତି । ସେ କଣ ଭାବିବେ ?"

ଦ୍ରୌପଦୀ ଭୀମଙ୍କ ଠାରୁ ଉପେକ୍ଷିତା ହୋଇ କ୍ରୋଧ ଓ କ୍ଷୋଭରେ ପ୍ରଜ୍ଜ୍ୱଳିତ ହୋଇ କହିଲେ—

"ସୈରିନ୍ଧ୍ରୀ ବୋଇଲେ ଶୁଣ ଶୁଣ ଏଡେ ମୂର୍ଖ
ତୁମ୍ଭଙ୍କୁ ମୁଁ ସେବା କରି ହୋଇଲି ନିରେଖ ।
ବିରାଟ ଶାଳା କୀଚକ ସେନା ମହାବୀର
ସେହୁ ମୋତେ ଧରି ଲେଞ୍ଚି କରି ବଳତ୍କାର ।"

ସୈରିନ୍ଧ୍ରୀ ପୁଣି କହିଲେ—

"...................ତୁମ୍ଭ ପ୍ରାଣ ଦୃଢ଼ ଥିବ
ରାଜ୍ୟଭାର ଅନ୍ୟେ ନେଇ ମାଗ ତୁମ୍ଭେ ଭିକ୍ଷ ।
ଯେତୁ ବୋଲୁ କରି ମୁଁ ସେ ବରଷ ତୁମ୍ଭକୁ
ଦେଖିଲା ଜାତି ବଧିଲ ଶୃଗାଳ ଦୁଆକୁ ।
ତୁମ୍ଭେ କାହିଁ ଥାଇଁ ହେବ ମୁଁ ଅନ୍ୟ ଭାରିଯା
କର୍ଣ୍ଣ ପ୍ରାଣ ତୁମ୍ଭର ନ ଦହୁଛି ତେଜସା ।

କାଳନ୍ଦିର ଗଦା ଭୀମେ ଧର ବେନି ହସ୍ତେ
ତାହା ଧରି ଧର ତାହା ଧରି ଦେଖ ଦୋତେ ।
ଦୁର୍ଯୋଧନ ଅସ୍ତ୍ର ଥିଲେ ଦେଉଁ ଘୁରେଣ ବକ୍ର
କର୍ଣ୍ଣଙ୍କ ମୁଖକୁ ତୋ'ର ବୁଦ୍ଧି ଗଲି ଖାଇ ।
ଗାଣ୍ଡୀବର ସମକାଳ ଥିଲି ଅନାଥକୁ

× × ×

ଦ୍ରୌପଦୀ ସହକୁ ଯାଇଁ ଶୁଣିବ ବା ତୁଷ
ଏମାନ ସବୁ ଭାଙ୍ଗିବ ତୋର ବେଉଁ ଦୁଃଖ ?"

ଏହି ତେଜୋଗର୍ଭ ବାକ୍ୟ ଶୁଣି ବୃକୋଦର ଭୀମ ଗର୍ଜନ କରି ଯେପରି ହୃଦୟରେ ଶତଘ୍ନୀଧ୍ୱନି କଲେ, ତାହା ମହାଭାରତ ପାଠକେ ଜାଣନ୍ତି ।

ଉପରୋକ୍ତ ଘଟନାମାନଙ୍କରେ ଯେଉଁ ତେଜସ୍ୱୀ ଦ୍ରୌପଦୀ ସ୍ୱାମୀଙ୍କୁ ଦେଖାଉଛନ୍ତି, ତାର ଉପମା ମହାଭାରତରେ ଦ୍ୱିତୀୟ ନାରୀ ଚରିତ୍ରରେ ନାହିଁ । ଶ୍ରୀକୃଷ୍ଣ ଯେପରି ମହାଭାରତ ରଙ୍ଗମଞ୍ଚର ପ୍ରଧାନ ନାୟକ, ଦ୍ରୌପଦୀ ସେହିପରି ପ୍ରଧାନ ନାୟିକା । ସ୍ତ୍ରୀ ଦ୍ରୌପଦୀ ସାଧ୍ୱୀ ସତୀ ହୋଇଲେହେଁ, ସ୍ୱାଧୀନଚିତ୍ତ ସ୍ୱାମୀମାନଙ୍କୁ ଦୁର୍ବଳ ବୋଲି ସେ ସେମାନଙ୍କର ମୃତ୍ୟୁକାମନା କରି ବସିଛନ୍ତି । ତାଙ୍କ ପ୍ରକୃତିରେ ଯେ ଅଧୀରତାର ସ୍ଥାନ ରହିଛି, ସେହି ଅଧୀରତାର ଔଚିତ୍ୟ ଅନୌଚିତ୍ୟ ସମ୍ବନ୍ଧରେ ବାଗ୍ମୀ କହିବାକୁ ଗଲେ ମୂଳତଃ ନାୟିକାଙ୍କ ଚରିତ୍ରଗତ ଅପେକ୍ଷା ରହେ । ଦ୍ରୌପଦୀ ସତ୍ୟ ସୀତା ସୁଭଦ୍ରାଙ୍କ ଉପଯୁକ୍ତ ହୋଇଲେହେଁ ସେ ନାରୀ । ପାଣ୍ଡୁପାର୍ଥିବ ଘଟଣାବଳୀ ତାଙ୍କୁ ଯେ ସମସ୍ତ ସମୟରେ ବିଚଳିତ କରିଦିଏ; ଏହା କେବଳ ତାଙ୍କର ଦୁର୍ବଳତା ନୁହେଁ, ପ୍ରତ୍ୟେକ ନାରୀର ଏହା ସ୍ୱାଭାବିକ ପ୍ରବୃତ୍ତି । କାରଣ ନାରୀର ସୃଷ୍ଟି ବାସ୍ତବ ଜୀବନ ମଧ୍ୟରେ— ବସ୍ତୁ ଭିତ୍ତି ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୁଏ । ପାଣ୍ଡବମାନଙ୍କ ଚରିତ୍ରରେ ଯେପରି ପ୍ରତିଶୋଧପରାୟଣତା ବା ଆଦର୍ଶପ୍ରିୟତା, ସଂକଳ୍ପଦୃଢ଼ତା ରହିଛି, ଏହି ସ୍ତ୍ରୀଙ୍କଠାରେ ତାହା ସେପରି ଦୃଢ଼ ଦେଖାଯାଏ ନାହିଁ । ନାରୀ ହୃଦୟର କୋମଳତା ସହନଶୀଳତା ଏବଂ ତାରତମ୍ୟ ଥିବାରୁ ସ୍ୱାମୀମାନେ ସେହି ଘଟଣା-

ମାନଙ୍କରେ ଅବାଚନୀୟ ଭୟ ଦୁଃଖ ଯନ୍ତ୍ରଣାକୁ ନିବିଡ଼ଭାବରେ ସହ୍ୟ କରି ପ୍ରଶାନ୍ତ ରହିଛନ୍ତି, ଶ୍ରୀ ପ୍ରଭାତରେ ସେଠାରେ କାଦମ୍ବ ସମୁଦ୍ର ଭଳି ଉଦ୍‌ବେଳୋଚ୍ଛ୍ୱାସ ତରଙ୍ଗରେ ଦୋଳାୟିତ ହୋଇଛନ୍ତି । ଦ୍ରୌପଦୀ ଦେଖି ଦୁଃଖରୁ, ଯାତନା ଭୋଗରୁ, ନିମ୍ନ ମାନସିକତା କିଛି ନ ମାନନ୍ତି । ଏହି ମାନସିକତାର ସାନ୍ନିଧ୍ୟରେ ତାଙ୍କର ଚରିତ୍ର ଗଢ଼ିଛି । ତେଣୁ କୁରୁ-ସଭାତଳେ ଲାଞ୍ଛିତା ଦ୍ରୌପଦୀ ସ୍ୱାମୀମାନଙ୍କୁ ଅଧୀର ହୋଇ ଧିକ୍କାରୁ-ଛନ୍ତି । କାରଣ ସପାଣ୍ଡବମାନେ ଜୀବନ୍ତ ସ୍ୱାମୀମାନେ ସ୍ତ୍ରୀକୁ ରକ୍ଷା କରିବାକୁ ଅସମର୍ଥ ହେବାରୁ ଦ୍ରୌପଦୀ ଧିକ୍କାର ଦେଇ ବିଦ୍ରୋହିଣୀ ହୋଇଛନ୍ତି । ସାରଳା ଦାସ ଦ୍ରୌପଦୀ ଚରିତ୍ରକୁ ଯେପରି ରୂପ ଦେଇଛନ୍ତି, ତହିଁରେ ଜନମନର ସହାନୁଭୂତି ଏବଂ ପୂର୍ଣ୍ଣ ଅନୁଷ୍ଠାନବର୍ଗ ଧର୍ମାଙ୍କ ପଦସୀମାରେ ଲୁଣ୍ଠିତ ହୋଇପଡ଼େ । ଏହି ନାଟ୍ୟବିକାଶରେ ସ୍ୱୀୟ କାନ୍ତର ଅପୂର୍ବ କଳା ଦେଖିବାକୁ ମିଳେ । ସାରଳା ଦାସ ଏହି ଚରିତ୍ରକୁ ଯେଉଁଭଳି ଭାବ ଭଙ୍ଗୀରେ ଅଙ୍କିତ କରିଛନ୍ତି, ତହିଁରୁ ଦେଖାଯାଏ, ଅଭି ଶାପନ୍ତ—ତାଙ୍କର ଜୀବନ, ଅଶ୍ରୁ ବେଦନା ତାଙ୍କର ଅନୁଭୂତି, ସୁନ୍ଦରତମ ତାଙ୍କର ଆକୃତି, ମହିମାମଣ୍ଡିତ ତାଙ୍କର ଧର୍ମ୍ୟ ପଦ । ଏହି ଚରିତ୍ର ସାଧାରଣ ନାଟ୍ୟରୁ ପ୍ରେରଣା ନେଇ ଶବେଦ ବ୍ୟକ୍ତିର ଲକ୍ଷ୍ୟ, ଉତ୍ତର ଦାମ୍ପତ୍ୟ ଏବଂ ଅବାଚନ ପ୍ରକାଶାର ଆକୃତି । ସାରଳା ଲେଖନୀ ଏହି ଚରିତ୍ର ଗଠନରେ କାର୍ପଣ୍ୟ କରି ନାହିଁ ବୋଲି ଏହା ନାଟ୍ୟମଞ୍ଚ ଠାରୁ ସମ୍ମାନର ଦାବୀ ରଖେ ।

× × ×

କୀଚକ ଭ୍ରାତୃବର୍ଗଙ୍କ ବଧ ହେବାରୁ ବିରାଟାଧିପତିମାନଙ୍କ ସହ ବାସ୍ତ ଶୁଣୀ ସୁଦେଷ୍ଣା ଶୋକରେ ମୁହ୍ୟମାନା ହେଲେ । ଦ୍ରୌପଦୀ ସୁପଣ୍ଡିତା, ସୁଜ୍ଞା । ସେ ଯେପରି ଭାବରେ ତାଙ୍କୁ ସାନ୍ତ୍ୱନା ଦେଉଛନ୍ତି, ତାହା ପ୍ରଣିଧାନ କରିବା କଥା ।

"ମା ତୋ ପରମ ସାଙ୍ଗେ ହେଲ କଠା ଛାଡ଼ି
ଅନିତ୍ୟ ସଂସାର ମ ଗୋ ଯାହା ଯତ୍ନ ଅଛି ।

'ସ୍ଥୂଳ ମଳ ମଧ୍ୟ ଦେଖୁଅ ତ ?' ଅବଶ୍ୟ ଦୃଷ୍ଟ
ମାତେ ସକଳ ପ୍ରାଣୀଙ୍କି ଘଟିଲ ଉତ୍କର୍ଷ
ଶିକ୍ଷା ଅନୁଷ୍ଠ ବର୍ଦ୍ଧି ହୁଏ ହ୍ରାସେ ଧର୍ମ ।
ଧର୍ମ ଲଙ୍ଘିବା ପାଇଁ କି କେତେ ଯେଉଁ ପ୍ରାଣୀ
ଅଧୂ ଶସ୍ତ୍ର ପାଏ ତାର ଶିକ୍ଷା ହୁଏ ହାନି ।
ମାତେ ମାୟା ସଂସାର ଏ ଦଇବ ଘଟଣା
ଜଳବିମ୍ବ ପ୍ରାୟେ ସେ ଯେ ଶେଷ ଅନ୍ତ ସେନା ।
ଯେତେକ ବୃକ୍ଷତଳେ ବର୍ତ୍ତି ପଥିକ ସମୂହେ
ଶର୍ବରୀକୁ ନୃତ୍ୟ କରି ପାନ୍ତେ ଗେହ-କରେ ।
ଯେ ଶକ୍ତି-ଅର୍ଥେନ୍ଦ୍ର ବୋଲ ତର୍କ ଗନ ତେଜି
ସଦୃଶ୍ୟ ମୂର୍ତ୍ତି ଅଛୁ ଜାଣ ଗୋ ସୁନ୍ଦରୀ ।
ପର ଅପକାରୀ ହୋଇ ଭେଟ କେ ସେମାନେ
ସଂସାରୀଏଁ ସେ ସ୍ନେହ ନ ପାଇ ପୁଣି ।
ସ୍ୱର୍ଗତା ଭୂମି ପଶ୍ଚିମ ବିଭୂଷଣ ମାଗନ୍ତେ
ମୋହର ମୋହର ବଳ ମନେ ଅନ୍ତର୍ଦ୍ଧେ
ମାୟାପାଶ ଲଗାଇଛି ଜଗତ ମୋହନ
ଚିରକାଳ ଏ ପିଣ୍ଡରେ ନ ରହେ ଜୀବନ ।
କେଉଁ ରାଜାର ଝିଅର ବେଶ କାହାର ପୁଅ
ଅଦ୍ଭୁତ ଚାହିଁ ମୋର ଅଟେ ମାୟା ମୋହ ।
ମାତେ ଜ୍ଞାନଯୋଗ ଅଟେ ଏ ସମ୍ମ-ଯାଗରେ
ସୁଯୋଗ୍ୟ ମାନବ ଦୋଷ ନ ଦିଅ ନୃପରେ ।
ତୋଷ ଜାତ କରିବ ସେ ମଧୁରା ଜାଗନ୍ତେ
ଜୁଇ ଅଧ ନାନା ଶୋଭ ଦେଖିଥାଇ ଗତେ ।

ଦ୍ରୌପଦୀଙ୍କର ସାନ୍ତ୍ୱନାରେ ନାରୀମାନେ ଶାନ୍ତ ହେଲେ । ଦ୍ରୌପଦୀ ସଂସାର ସର୍ଜନା ଓ ବିନାଶକୁ ଜଳବିମ୍ବ ତୁଲ୍ୟ ଅସାର ଓ ଅନିତ୍ୟ

ସ୍ଵରରେ ଅନାବୃତ ହୋଇ ଦେଖିଛନ୍ତି । ଏ ଦୃଷ୍ଟି ସାଧାରଣ ନାରୀଦୃଷ୍ଟି ନୁହେଁ । ଏହା ତାପସ ଦୃଷ୍ଟି—ଜ୍ଞାନଦୃଷ୍ଟି । ଏହି ସତ୍ୟକୁ ଦ୍ରୌପଦୀ ବୁଝି-ଥିଲେ ବୋଲି ତାଙ୍କର ମୁଖ ଉକ୍ତି କ'ଣ ହୋଇଥିଲା ।

ସାରଳା ଦାସ ବନପର୍ବରେ ଦ୍ରୌପଦୀଙ୍କ ସମ୍ବନ୍ଧେ ଗୋଟିଏ ଚିତ୍ର ଆଙ୍କିଛନ୍ତି । ତାହା ଦ୍ରୌପଦୀ ଚରିତ୍ରରେ ଖାପ ଖାଉ ନ ଥିବାରୁ ଏହା ସେ ପ୍ରକ୍ଷିପ୍ତ ବା ସାରଳାଙ୍କ ଅଦ୍ଭୁତ କଳ୍ପନାପ୍ରସୂତ, ଏହା ନ କହି ଗତି ନାହିଁ । ଏହା ପାଠକ ପାଠିକାଙ୍କ ବିଚାର ପାଇଁ ଛାଡ଼ିଦେଲ ଲେଖାଗଲା ।

× × ×

ବନପର୍ବରେ ପାଣ୍ଡବ ଓ ଦ୍ରୌପଦୀଙ୍କ ସତ୍ୟ ପରୀକ୍ଷା କରିବା ସ୍ଥଳରେ ସତ୍ୟଆମ୍ବ ଗଳ୍ପ ଅବତାରଣାରେ ଦ୍ରୌପଦୀଙ୍କ ଦ୍ଵାରା ତାଙ୍କ ମନସ୍ତତ୍ତ୍ଵକୁ ଜଣାଉଛନ୍ତି । କିନ୍ତୁ ତାଙ୍କର ମୌଳିକ ଚରିତ୍ର ଅନୁଧାବନ କଲେ ସତ୍ୟଆମ୍ବ ଗଳ୍ପ ପ୍ରକ୍ଷିପ୍ତ ଗଳ୍ପ ଭଳି ମନେ ହୁଏ ।

“ଦ୍ରୌପଦୀ ବୋଇଲେ ଦ୍ଵିଜଙ୍କୁ ଏମନ୍ତ ଶୁଣିକ
ସୁନ୍ଦର ପୁରୁଷ ଦେଖି ବଳାଇନ୍ତି ମନ ।
ସ୍ଵଭାବରେ ମୋର ଛନ୍ତି ଏହି ପାଞ୍ଚ ଜଣ
ଅର୍ଜ୍ଜୁନ ପରେ ମୋହର ବେଶି ଥାଏ ମନ ।
ଯଦ୍ୟପି ମୋହର ପଞ୍ଚ ଛନ୍ତି ପତି ଜଣ
କର୍ଣ୍ଣ ସୌନ୍ଦର୍ଯ୍ୟରେ ମୋର ବୁଡ଼ିଯାଏ ମନ ।”

ସାରଳା ଦାସଙ୍କର ଏହି କପୋଳକଳ୍ପିତ ଆଖ୍ୟାନଟି ପରବର୍ତ୍ତୀ କାଳରେ ଅଷ୍ଟାଦଶ ଶତାବ୍ଦୀର କବି ଦୀନକୃଷ୍ଣ ଦାସଙ୍କ 'ରସବିନୋଦ'ରେ ସ୍ଥାନ ପାଇଛି । ତହିଁରେ ଦୀନକୃଷ୍ଣ ଦ୍ରୌପଦୀଙ୍କ ଛଅ ସ୍ଵାମୀଙ୍କର ସତ୍ୟ ପ୍ରକାର ମଧ୍ୟ ବର୍ଣ୍ଣନା କରିଛନ୍ତି । ଦ୍ରୌପଦୀ କହୁଛନ୍ତି:—

“ଏ ପଞ୍ଚ ପତି ମୋର ଥିଲେ,
କର୍ଣ୍ଣକୁ ମନ ଯାଇ ଥିଲେ ।
ସେ ତ ଅଟନ୍ତି ଜ୍ୟେଷ୍ଠସୁତ
ତାହାଙ୍କୁ ମନ ଥାଇ ମୋର ।” (ରସବିନୋଦ-୨୫ ଅଧ୍ୟାୟ )

ଲକ୍ଷ୍ମୀ କହନ୍ତି:—

"ଲୁଇନ୍ତା ବୋଇଲେ ଶୋଭନ
ଅମ୍ଭେ ଯେ ସ୍ତ୍ରୀ ଜାତି ମନ ।
ଦେଖୁଁଲେ ସୁନ୍ଦର ପୁରୁଷ
ତାହାକୁ ମନ ହୁଏ ବଶ ।
ପିତା ହେଉ ପୁତ୍ର ଭାଇ ଆଦି
ଚିତ୍ତ କଳୁଷ ତାଙ୍କୁ ଦେଖି !" (ରସବିନୋଦ ୨୫ ଅଧ୍ୟାୟ)

ସାରଳା ଦାସ ଚନ୍ଦ୍ରମୁଖରେ ଧନଞ୍ଜୟଙ୍କୁ କୁହାଇଛନ୍ତି:—

"ଶାସ୍ତ୍ରରିଷ ଜାଣି ଧର ଅବେଧ ସ୍ତ୍ରୀମାନେ
ସ୍ତ୍ରୀଜାତିକୁ ବିଶ୍ୱାସ ନ କର କୁକର୍ମୀ ।
ପର ପୁରୁଷକୁ ଦେଖିଁ ନ କର ସେ ଅଙ୍ଗ
ନେତ୍ରେ ଶୃଙ୍ଗାର ନ କର କଦାଚିତ ପୁରୁଷେ ।
କ୍ଷଣକ ଦୋଷ ସେ: ଏଥି ଦେଖ ଦେଖିଲେ ଦୋଷୀ
କଳ୍ପନ ଦୋଷେ ବନ୍ଧୁ ପାପେ ପଡ଼ିଲେ ପଣି ।
ଅଢ଼ ଅପସ୍ତା ଯେ ସ୍ତ୍ରୀ ତାଙ୍କ ବଚନ ପଣ
ସମସ୍ତ ନାଶ ଯାଇଛି ଏହୁ ଦୋଷେ ଜାଣ ।" (ମଧ୍ୟପର୍ବ)

ପ୍ରାତଃସ୍ମରଣୀୟା ନାରୀମାନେ ଆଦର୍ଶଚରିତ୍ର ହୋଇ ମଧ୍ୟ ସାଧାରଣ ସ୍ତରର ନାରୀମାନଙ୍କର ଯେଉଁ ମନସ୍ତତ୍ତ୍ୱ ଦର୍ଶାଇଛନ୍ତି, ତାହା ବାସ୍ତବ । ଆଧୁନିକ ଯୁଗର ଯୌନତତ୍ତ୍ୱବିଦ୍ ଫ୍ରଏଡ଼ଙ୍କ ନୂତନ ଆବିଷ୍କାର ଏହି ମନସ୍ତତ୍ତ୍ୱ ସହିତ ସମ୍ପର୍କ ରଖେ ବୋଲି ମନେ ହୁଏ । କନ୍ଧବର୍ତ୍ତୀ ଇତ୍ୟାଦି ଧାରଣ ନେଇ ବହୁତ ତଥ୍ୟ ବୈଜ୍ଞାନିକ ଗବେଷଣା କରି ଦେଖି ଆବିଷ୍କୃତ ହୋଇଛି ।

ମୋର ମତରେ ହୁଏ, ଉପରୋକ୍ତ ପଦଗୁଡ଼ିକ ଲୁହର ଭଳି ସାରଳା ଦାସ ଚରିତ୍ରବତୀ ନାରୀମାନଙ୍କ ମୁଖରେ କୁହାଇ ଅଛନ୍ତି । ଉପରୋକ୍ତ ଭାବମାନ ସାଧାରଣ ସ୍ତରର ନାରୀର ମୌଳିକ ପ୍ରକୃତି ହୋଇ ଥିବାରୁ

ହୋଇଥିବ ଆମ୍ଭମାନଙ୍କ ଜାତୀୟ ସମାଜମାନଙ୍କରେ ଏପରି ସାମାଜିକ ଓ ପାରିବାରିକ ବିଧିନିଷେଧର ଶୃଙ୍ଖଳାମାନ ଗୋଟିଏ ଧାରଣାର ସଂସାର ଭଳି ଅବସ୍ଥାମାନ କାଳକୁ ପ୍ରଚଳିତ ହୋଇ ଆସୁଅଛି । ସେହି କାରଣରୁ ଏହା ଏକ ମୌଳିକ ତତ୍ତ୍ୱ ବୋଲି ସାରଳା ଦାସଙ୍କ ଲେଖାକୁ ପରବର୍ତ୍ତୀ ଲେଖକମାନେ ଅନୁକରଣ କରିଥିବାର ଦେଖାଯାଏ ।

# ଷଷ୍ଠ ଅଧ୍ୟାୟ

## ଅନନ୍ୟାନ୍ୟ ନାରୀଚରିତ୍ର

### (ଭ) ଭକ୍ତା ଚରିତ୍ର

### ରୂପମତୀ ସ୍ୱୟମ୍ବର

ରୂପମତୀ ଶ୍ରୀମନ୍ତ ରାଜକନ୍ୟା। ସଂସାରରେ ତାଙ୍କର ଉପମା ନ ଥିଲା; ଏହି ସ୍ୱର୍ଗୀୟା ନାରୀ ପ୍ରତିଯୁଗରେ ପୃଥ୍ୱୀ ଅବନୀ ଜନ୍ମିଥିଲେ—ଅହଲ୍ୟା ଅରୁନ୍ଧତୀ, ସତୀ, ଦମୟନ୍ତୀ। ତ୍ରେତା ଯୁଗରେ ସେମାନେ ସୀତା, ସାବିତ୍ରୀ, ଅହଲ୍ୟା ଓ ତାରା ରୂପରେ ଜନ୍ମିଲେ। ମହାଭାରତ ଯୁଗରେ ପୁଣି ସେମାନେ କୁନ୍ତୀ, ଯଶୋଦା, ଭାନୁମତୀ ଓ ଦ୍ରୌପଦୀ ରୂପରେ ଜନ୍ମ-ଗ୍ରହଣ କଲେ।

ତରୁଣୀ ରୂପମତୀ ସ୍ୱୟଂ ଲକ୍ଷ୍ମୀଙ୍କ ଅବତାର ଏବଂ ସେ ପାଷାଣ ସ୍ପର୍ଶ କଲେ ତାହା ସୁବର୍ଣ୍ଣରେ ପରିଣତ ହେଉଥିଲା। ପୁଣି ସେ ପାଷାଣ ସ୍ପର୍ଶ କଲେ ତାହା ଜଳବିନ୍ଦୁରେ ପରିବର୍ତ୍ତିତ ହେଉଥିଲା। ତାଙ୍କର ଅନୁରାଗୀ ଅଗଣ୍ୟ ଲକ୍ଷ ଲକ୍ଷ ପୁରୁଷଙ୍କର ସମ୍ମାନ ପରିତୋଷ କରି ପାରୁଥିଲା। ବାଲ୍ୟକାଳରେ କେବଳ କ୍ଷୀର ପାନ କରି ସେ ବଡ଼ ହୋଇଥିଲେ। କନ୍ୟାଙ୍କ ତରୁଣ ଅବସ୍ଥା ଦେଖି ଏବେ ତାଙ୍କ ପିତା କନ୍ୟାଙ୍କର ମତ ନେଉଥିଲେ।

କନ୍ୟା।—

"ମୋହର ଯେତେବେଳେ ହାତ ହୋଇବଟି ଧନ୍ୟ;
ତୋହର ଆଗେ କହିବ ସିନ୍ଧୁ ମନବାଞ୍ଛା।
× × ×
ଏମନ୍ତ ସେ ଚୌଷଠି ରତନ ହୋଇବ
× × ×
ବାହୁଡ଼ ହେବ ଦେଖିବ ଗତର ସେ ରୂପାଗ୍ରେ।"

ଏହି କନ୍ୟା ଚିରଯୌବନା ଥିବାରୁ ତାଙ୍କର ଦୈହିକ ବୃଦ୍ଧି-ବିକାଶ ଘଟି ନ ଥିଲା । ରାଧାଙ୍କ କକ୍ଷରେ ତାଙ୍କର କନ୍ୟାବସ୍ଥା ରହିଥିଲା ଚିରନ୍ତନ । ପିତା ପୁଣି ଘଟନା ସମ୍ବୋଧିଲେ:—

"ମାଗୋ ଏବେ ଅକ୍ଷୟ ହୁଅ ହେବୁ କନ୍ୟା ମୋତେ
କାହାକୁ ପ୍ରଦାନ ମୁହିଁ କରିବଇଁ ତୋତେ !"

ଭାନୁମତୀ—

"ଭାନୁମତୀ ବୋଲେ ସେହେ ହେଲୁଣି ଅଥୟ
ରାଜାମାନଙ୍କୁ ଅଣାଇ କର ସ୍ୱୟମ୍ବର ।"

ରାଜା ପୁତ୍ରୀବାକ୍ୟରେ ସମସ୍ତ ରାଜାମାନଙ୍କୁ ଡକାଇ ଆଣାଇଲେ, କିନ୍ତୁ ସେମାନଙ୍କ ଅବସ୍ଥା ବସ୍ତୁ ଦେଖିବାପାଇଁ ଧନାଢ୍ୟଙ୍କୁ ଚିନ୍ତିତ ହେବା ଦେଖି ଲକ୍ଷ୍ମୀ ସ୍ୱରୂପିଣୀ କନ୍ୟା କହିଲେ:—

"ମାଙ୍କଡ଼ା ପଥରେ ତାଙ୍କ ଲଢେଇ ମୋ ବର
ଯାହା ବାହାଁ ଜଣିନ ଯା ହୋଇବ ନିଜର ।"

ରାଜା ନିଶ୍ଚିନ୍ତ ହେଲେ । ଶୁକ୍ରାଜ ମନ୍ତ୍ରୀ ଓ ଦୈବଜ୍ଞମାନଙ୍କୁ ଡକାଇ ଭାନୁମତୀଙ୍କ ଜନ୍ମପତ୍ର ସହ ଥାଳିରେ ଅକ୍ଷତ ରଖି ନିମନ୍ତ୍ରଣ ଚିଠାଇ ଦେଇ ରାଜନିମନ୍ତ୍ରଣ କରିବାକୁ ପଠାଇଲେ । ଏଣେ ବିଶ୍ୱକର୍ମାଙ୍କୁ ଡକାଇ ନଗର ପ୍ରାସାଦ ସଜ୍ଜା ଆରମ୍ଭ କଲେ ।

"ସ୍ୱର୍ଗ ମଣ୍ଡପେ ବସାଇଲେ ଶୁଭ ଯୋଗେ
ଚଉଦ ପର୍ବତମାନ ଯେ ନିଆଇଲେ ଅଗେ ।
ଅଶ୍ୱଶାଳ ଗଜଶାଳ କଲେ ନବୀନେଲ !
ସୁବର୍ଣ୍ଣ କଳସମାନ ଥାପି ଅନୁକୂଳେ
ନେତର ପତାକମାନ ଉଡ଼େ ଝରଝର
କଦଳୀ ଘୋଡ଼ ତୋରଣ ବାନ୍ଧି ଦ୍ୱାର ଦ୍ୱାର ।
ଅଗଣିତ ବାଦ୍ୟ ବଜେ ଭୂଷଣ କରେ
ବାରସ୍ୱୀ ଭୂମନ୍ତ ଭଳା ମଣ୍ଡିଲେ ବ୍ୟପ୍ତେ ।

ଯେସନେ ବସଇ ଶୋଭା ପୁର ଦ୍ୱାରାବତୀ
ଲକ୍ଷ୍ମୀର ଭୁବନ ଏହୁ କି ଅମରାବତୀ ।"

ରାଜାମାନେ ସୁଦ୍ଧା ତହାଁରୁ ଯାଇ ଆସିଲେ । ବିଦ୍ୟାନଗରରେ ଭୂମନ୍ତୁ ରାଜା ନିମନ୍ତ୍ରିତ ରାଜାମାନଙ୍କୁ ସ୍ୱାଗତ କଲେ । ମହାଭାରତକାର ନୃପତିମାନଙ୍କର ସ୍ଥାନ ବର୍ଣ୍ଣନା କରିଛନ୍ତି :—

"କଳିଙ୍ଗ, ଅଭ୍ରଙ୍ଗ ଦେଶ ତୈଲଙ୍ଗ ଅବର
ଭୃଙ୍ଗ ବୃଙ୍ଗ, ବଙ୍ଗ ଦେଶ ନାଗରପୁର ।
ଚଉଦେଶ ଷାଠିଦେଶ ମହାକୁଶ ଦେଶ
କିମ୍ପୁରୁଷ ତ୍ରି ଦେଓତଟ ମହାଭଦ୍ରଦେଶ ।
ଦମଶୀ କାଞ୍ଚୀଦେଶ ଗାନ୍ଧାର ଦେବଳ
ପୌଣିକ ଗୌଡ଼ଦେଶ ନେପାଳ ଭୂପାଳ ।
ମାଳବଦେଶ ଗୁର୍ଜ୍ଜରଦେଶ ସୌରାଷ୍ଟ୍ର
ମଗଧଦେଶ କର୍ଣ୍ଣାଟଦେଶ ମହାରାଷ୍ଟ୍ର ।
ମତ୍ସ୍ୟଦେଶ କାଶୀଦେଶ ରାଷ୍ଟ୍ର ସୁରାଷ୍ଟ୍ର
ଦାକ୍ଷିର ଜେ ନାନାଚକ୍ର କର୍ଣ୍ଣ ସୌରାଷ୍ଟ୍ର ।
ନୀଳ ଗିରି ଅବର ସୁକାନ୍ତ ଉତ୍କଳ
କନ୍ଧାର ଗାନ୍ଧାରଦେଶ ପାଞ୍ଚାଳ କୋଶଳ ।
ବେହରମଣ୍ଡଳ ଯେ ଚନ୍ଦ୍ରମଣ୍ଡଳ କୁଣ୍ଡଳ
ମଦ୍ରମଣ୍ଡଳ ମଳୟମଣ୍ଡଳ ଯେ ମଧୁତ ।
ଥାପିଥିଲେ ଯେ ଭୂମିମଣ୍ଡଳେ ବସତି
ବରଣ ପାଇ ଆସିଲେ ଏସନ୍ତୁ ନୃପତି ।
ସୋମବଂଶ ମହାବଂଶ ରଘୁ ଭୃଗୁବଂଶ
ନନ୍ଦବଂଶ ଭୈରବବଂଶ ଓଡ଼ବଂଶ ।
ଚନ୍ଦ୍ରବଂଶ ଅଗ୍ନିବଂଶ ଦେଶ ସୁଜବଂଶ
ଜନକଋଷିଙ୍କ ବଂଶ ଯେ ନାଳ ଅଙ୍ଗବଂଶ ।
ଦେଖିଅନ୍ତୁ ଦେଖଣା ଏମନ୍ତ କାଳ ବଂଶ

ଖଣ୍ଡପୁର ନଗର ସେ ନାମ ବିଜୟପୁର
ସୁବଳସୁ ନଗର ସେ ବିଶାଳ ନଗର ।
ଘନଖଳ ନଗର ସେ ମେଖଳ ନଗର
ଶାରଧର କୋଶଳ ସେ ଭୈରବ କୋଶଳ ।
ମଧ୍ୟ କୋଶଳ ଅବର ଉତ୍ତର କୋଶଳ
କଳକୂଟଙ୍କ କୋଶଳ ସେ ଫାଲ୍‌ଗୁନ କୋଶଳ ।"

ଉପରୋକ୍ତ ଲେଖାରୁ କବିଙ୍କର ଅସାଧାରଣ ଭୌଗୋଳିକ ଜ୍ଞାନ ଓ ଦେଶପରିଚୟ ପ୍ରକାଶିତ । ଦେଶ, ମଣ୍ଡଳ, ଖଣ୍ଡ, ନଗର, କୋଶଳ ଏପରି ଭେଦେ ପ୍ରକାରେ ସେ ଦେଶର ପରିଚୟ ଦେଇଛନ୍ତି—ଏଥିରେ କବିକଳ୍ପନାର ମାହାତ୍ମ୍ୟ ।

କନ୍ୟାଙ୍କର ‑ ଅନୁକୂଳ ହେଲା । କନ୍ୟାଙ୍କର ଶୁକ୍ଳ ଦଶମୀ ତିଥିରେ ବୃହସ୍ପତି ବାର, ମଘା ନକ୍ଷତ୍ର, ବାଳବ ନାମକ କରଣ ପ୍ରୀତି ନାମକ ଯୋଗରେ ମକର ସଂକ୍ରାନ୍ତିର ଚତୁର୍ଦ୍ଦଶ ଦଣ୍ଡ ବେଳ ପରେ ତିଥି, ଦଣ୍ଡ, ବାର, ଯୋଗ, ନକ୍ଷତ୍ର ବିଚାରି ବିବାହଲଗ୍ନ ସ୍ଥିର ହେଲା । କବିଙ୍କର ଜ୍ୟୋତିଷଶାସ୍ତ୍ର ନିପୁଣତା ତାଙ୍କର ପ୍ରତ୍ୟେକ ଅନୁଷ୍ଠାନ ବିଧିରେ ଲକ୍ଷ୍ୟ କରିବା କଥା ।

ରାଜା ସୁବଳରାଜମାନଙ୍କୁ ନାନା ଅନ୍ନ ବସ୍ତ୍ରଖଣ୍ଡରେ ପରିତୋଷ କରାଇଲେ । ପାଦ୍ୟ ଅର୍ଘ୍ୟ ସୁବର୍ଣ୍ଣମାଳ ଉପହାର ଦେଲେ । ଅଭିବାଦନ ସାରି କନ୍ୟାଙ୍କୁ ଯାଇ ବିଭା ପରଇଲେ :—

"ବସନ୍ତ ଭୂଷେ ପଟ୍ଟରେ ସୁଖ ସୁନ୍ଦରୀଙ୍କୁ
ଚୋରି ଅଙ୍ଗରେ ଆଣିଲ ନିମନ୍ତି ରାଜାଙ୍କୁ ।
ହେମନ୍ତେ ବନ୍ଧନ କେଉଁ କନ୍ୟା ତହିଁ ଦେଲ
ମାଳା ଯେନି ତେଣୁ ଇଚ୍ଛାରେ ଅଣ୍ଣ ବର ବର ।
ଅନେକ ବିମ୍ବାଧରା ଯେତେ ବାଜେଣାରେ ଦେଇ
ଭୂଷି ସେ ଗାନ୍ଧାରୀ ଦେଇ ରାଜାଙ୍କ ସ୍ତୁତି ।"

ଇନ୍ଦୁମତୀ—

"ଇନ୍ଦୁମତୀ ହୋଇଲେ ଏବେ ତାଙ୍କ କର ଲୁଣ୍ଠି
ଯାହା କରେ ଅଛି ଶଙ୍ଖନାଦ ଉତ୍କଣ୍ଠି ।
× × ×
ସେ ରାଜାଙ୍କୁ ପ୍ରଦାନ ହେ ଜନକ ତୁ ମୋତେ ।"

ରାଜା—

"......ମୁଁ ତାହା ଜାଣିବ କିପରି ?"
× × ×

ସ୍ୱୟମ୍ବର ସଭା ଆରମ୍ଭ ହେବାକୁ ରାଜାମାନଙ୍କ ଉପସ୍ଥିତି ଦେଖି ଲୁଚି କହିଲେ —

"ମୋହର କୁମାରୀ ନାମ ଅଟେ ଇନ୍ଦୁମତୀ
ତାହାର ଇଚ୍ଛାରେ ହେବ ବରିବ ନୃପତି ।
ଯାହାକୁ ତା ଇଚ୍ଛା ତାକୁ ବରିବ କୁମାରୀ
ମାଳା ଦେଇଣ ବାନ୍ଧିଲେ ହୋଇବ ବାସ୍ତୁ ହରି ।"

ସର୍ବେ କୁମାରମାନଙ୍କ ଅବସ୍ଥା, ଐଶ୍ୱର୍ଯ୍ୟ, ବଂଶ, ଗର୍ବ, ଅଭିମାନ ରାଜାଙ୍କୁ ଜଣା ଥିଲା । ସମସ୍ତେ ଧନୀ, ପ୍ରାର୍ଥୀ, ବଳଶାଳୀ ଯୋଦ୍ଧା । ସ୍ୱୟଂବର ଆରମ୍ଭ କରି ଲୁଚି ରାଜାମାନଙ୍କୁ ସଭାରେ କହିଲେ :—

"ଏଥିକୁ ନ ଶୁଣ ଅପରାଧ କ୍ଷମ ରାଏ
ଲଭେ ରାଜାଙ୍କ ଭ ମୋର ଏଇ କୁମରୀଏ ।
ମାଳା ଦେଇଣ କୁମାରୀ ବରିବ ଯା ହସ୍ତ
ସେହି ପିତା ହୋଇବ ସେ ତାର ପ୍ରାଣନାଥ ।
ଏଥିରୁ ଅନ୍ୟ ବିଚାର କରିବା ଦୋଷାଇଁ
ଅଭିମାନ ଜଳିଲ ଜାଣ ମୁଁ ଅଣିବ ନାହିଁ ।"

ରାଜାମାନେ କହିଲେ, "ଯୋଗ୍ୟ କନ୍ୟା ସମସ୍ତଙ୍କ ପ୍ରାପ୍ତ ହେବ ନାହିଁ । କିନ୍ତୁ ରାଜାମାନେ ପ୍ରମାଦ ଗଣନ୍ତୁ । ସମସ୍ତେ ସେପରି ଅବହେଳ

ଶୁଣିଛନ୍ତି। ନିମନ୍ତ୍ରଣରେ ଆସିବା ସମସ୍ତଙ୍କର ବାଧ୍ୟ। ତେଣୁ ତୁମେ କନ୍ୟାକୁ ସଭାକୁ ଆଣ।"

ରାଜା ସୁବେଶ କରାଇ କନ୍ୟାଙ୍କୁ ସ୍ୱୟମ୍ବର ସଭାକୁ ଆଣିଲେ।

"ଭୂଷଣଙ୍କୁ ସୁବେଶ କରାଇ ନୃପମଣି
ରତ୍ନ ଖଚିତ ସିଂହାସନ ମଧ୍ୟେ ବସାଇ ଆଣି।
ଲକ୍ଷେ ସୁନାର ଝାଲର ଦାସୀ ଚଉପାଶ
ଲକ୍ଷେ ଦାଣ୍ଡି ନେଇଣ ଦେଲେ ଛାମୁ ସାରି।
ଲକ୍ଷେକ ଜାତି ଅମ୍ବୁଜ ଯେ ଶୁଭଇ ଅଛନ୍ତି
ଧାଇଁ ଆସିବାମାନେ ଚୌଦିଗରୁ ସଙ୍ଗତେ
ସୁବର୍ଣ୍ଣ ଶୃଙ୍ଗାରମାନ କୋଟିଏ ଚାମର
ଧାଇଁଣ କରନ୍ତି ପୁଣି ଚନ୍ଦ୍ରମୁଖୀ ଧ୍ୱଜା।
ସମ୍ମୁଖେ ବାଜଣା ନୃତ୍ୟ କରନ୍ତି ପାତ୍ରେ
ବାଳକ ବାଳିକା ଯେ ଦର୍ଶନ ନିମନ୍ତେ
ସଭାମଧ୍ୟରେ ଯେ ସୁବର୍ଣ୍ଣ ବେଢ଼ି ଅଛି
ବାଳି ଅଧିକ ପ୍ରାନ୍ତେ ଯା ହୋଇ ବସିଛି।"

କନ୍ୟା ସ୍ୱୟମ୍ବରକୁ ଚାଲିଲେ। ଜାମ୍ବବତ ରାଜା ଭାବିଲେ, "ଏ କନ୍ୟା କେହି ଲକ୍ଷ୍ୟ ପ୍ରାପ୍ତ ହେବ ନାହିଁ। ରାଜାମାନଙ୍କର କନ୍ୟାର ଶୋଭା ଦେଖି ବୁଦ୍ଧି ହଜିଗଲା! ପିତା ଏହା ଦେଖି କନ୍ୟା ନିକଟକୁ ଯାଇ କହିଲେ :—

"ଶୁଣ ମାଆ ଉତ୍ତରେ ବୋଲଇ ଭୂପତି
ସ୍ୱୟମ୍ବର କଲି ମାଗୋ ତୋ ଅର୍ଥ ପ୍ରମାଣ।
ଅନେକ ବଳିଷ୍ଠ ବେଗବ ଯେ ଭୂଳଣ୍ଡଳ
ଏଥାଙ୍କୁ ସୁଜନବନ୍ତ ଯେ ନାହିଁ ଭବତଳ।
ଏସନ ବାଣ୍ଛା ଯଦି ମନେ ମନେ ବାଞ୍ଛା
ତାହାଙ୍କୁ ଧର ବର ତୋ ଯେ ତୋହର ଇଚ୍ଛା।"

ଭୁବନଶ୍ରୀ କହିଲା, "ଯାହା ହାତରେ ଶଙ୍ଖଲକ୍ଷ୍ମ ପଦ୍ମଚିହ୍ନ ଥିବ ତାହାକୁ ମୁଁ ବରିବି ।" ରାଜା ଏହା ଶୁଣି ରାଜାମାନଙ୍କ ନିକଟରେ ପ୍ରକାଶ କଲେ—

"କହି ସଭାରେ ଯୋଗ୍ୟଗଣ ଜନେ ରାଜ ପାଇଁ ।

× × ×

ମୋ ସ୍ୱାମୀ ଆନ ସନ୍ଦେଶ ମୋର ନାହିଁ କିଛି
ଏତ ସତ୍ତ୍ୱକ ଦୁହିତା ମୋର ମନେ ବାଞ୍ଛି ।
ଶଙ୍ଖଲକ୍ଷ୍ମ, ପଦ୍ମଚିହ୍ନ ଅଛି ଯାର କରେ
ତାହାକୁ ଦୁହିତା ମୋର ବରିବ ସ୍ୱଲ୍ପରେ ।"

ସକଳ ରାଜାମାନେ କହିଲେ, "ପ୍ରତ୍ୟେକ ରାଜାମାନଙ୍କ ହାତରେ ଏହି ଚିହ୍ନ ରହିଛି । ରାଜା କନ୍ୟା ନିକଟ ଯାଇ ପଚାରିଲେ, "ପୁଣି କି ଉପାୟ କରିବା ?"

ଭାନୁମତୀ କହିଲେ, "ପାଷାଣ ଦ୍ରବ୍ୟ ନେଇ ସମସ୍ତଙ୍କୁ ଦିଅ । ଯାହା ହାତ ଲାଗି ପାଷାଣ କମଳ ଜାତ ହେବ, ସେ ମୋର ପତି ହେବ । ଏହା ଶୁଣି ରାଜା ଭୃତ୍ୟଙ୍କ ପାଷାଣ ଦ୍ରବ୍ୟ ଆଣି ଦୁଇ ଲକ୍ଷ ନୃପଙ୍କ ହାତରେ ଦେଲେ । କିନ୍ତୁ ନିଷ୍ଫଳ ହେଲେ । ଏଣେ ରାଜାମାନେ କନ୍ୟା ଲୋଭରେ ଅଧୀର ହୋଇ ଭୂପତିଙ୍କ ଠାରୁ ତାଙ୍କ କନ୍ୟା ହରଣ କରିବାକୁ ବସିବାରୁ ସଭାସ୍ଥଳ ସବୁରେ ଅସି ଉତ୍ତୋଳିତ ହେଲେ । ମହାରଥୀ କର୍ଣ୍ଣ ଯୁଦ୍ଧମାନ ରାଜାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଘଉଡ଼ାଇ ଦେଲେ । ରାଜା କୃତଜ୍ଞତାରେ ଅଭିଭୂତ ହୋଇ ନିଜ କନ୍ୟା କର୍ଣ୍ଣଙ୍କୁ ପ୍ରଦାନ କରିବାକୁ ମନସ୍ଥ କରି କନ୍ୟାକୁ କର୍ଣ୍ଣଙ୍କ ଗଳାରେ ବରଣମାଳା ଦେବାକୁ ଆଦେଶ କଲେ । କନ୍ୟା ମଧ୍ୟ ପିତାଙ୍କ ମନକଥା ଜାଣି ଦେଖି କୃତଜ୍ଞତାବଶତ ସେହିକ୍ଷଣରେ କର୍ଣ୍ଣଙ୍କ ନୀଳୋତ୍ପଳ ମାଳାରେ ଅର୍ପଣ କରିବାକୁ ଗଲାରୁ କର୍ଣ୍ଣ ଭାନୁମତୀଙ୍କ ହାତ ଧରି ବାଧା ଦେଇ କହିଲେ —

"ରାଧେୟ ବୋଇଲେ ମୋତେ ନ କର ସଞ୍ଜାଣ
ଅଟେ ଯଶସ୍ୱୀ ଯୋଗ୍ୟ ଭାନୁମତୀ ହାତ ।

ଦୁର୍ଯ୍ୟୋଧନର ଅଗ୍ରତେ ନେଇ ଉଭି କର
ଏ କୁରୁନାଥ ଏହାର ଗଳେ ଦିଅ ମାଳା ।"

ଦୁର୍ଯ୍ୟୋଧନ ମାଥା ନୋଇ କହିଲେ—

"ଦୁର୍ଯ୍ୟୋଧନ ବୋଲେ ମୈତ୍ର ବରଛି ତୁମ୍ଭଙ୍କୁ
ତୁମ୍ଭ ଦୁହିତା ନେମନ୍ତୁ ଦେଉଛ ଅମ୍ଭଙ୍କୁ ?"

କର୍ଣ୍ଣ— "କର୍ଣ୍ଣ ବୋଇଲେ ମୋହର ତୁ ପରମଗୁରୁ
ତୁ ଥାଉଁ ରାଜଦୁହିତା ମୋତେ ଲୋଡ଼ା କରୁ ।
ଶଙ୍ଖବନ୍ଧ ପଦ୍ମବନ୍ଧ ତୋର ଦେହ ଦୃଶ୍ୟ
ଶଙ୍ଖବନ୍ଧ ପଦ୍ମବନ୍ଧ ଏଣ୍ଡା ଦଣ୍ଡ ପଟେ ।
ମୂର୍ତ୍ତିବିଶେଷୀ ଦୁହିତା ଅଟେ ଭାନୁମତୀ
ମାନଗୋବିନ୍ଦ ତୁ ସୋମବଂଶ ଚକ୍ରବର୍ତ୍ତୀ ।
ତୁ ଥାଉ ରାଜକନ୍ୟା କ ହୋଇବ ମୋହର ?"

ପୌରାଣିକ ତୁଳନାରେ ମଧ୍ୟ କର୍ଣ୍ଣଙ୍କୁ ଯୋଗ୍ୟପାତ୍ର ମନେହେଲେ ସୁଦ୍ଧା, ମନେ ମନେ ମାନଗୋବିନ୍ଦ ଦୁର୍ଯ୍ୟୋଧନ ଭାନୁମତୀଙ୍କୁ କାମନା କରୁଥିଲେ । କର୍ଣ୍ଣଙ୍କ ଅକପଟ ମିତ୍ରତା ଦେଖି ଦୁର୍ଯ୍ୟୋଧନ ଖୁସି ହେଲେ । ଭାନୁମତୀ କାନ୍ତ ଆଚରଣକୁ ଦେଖି ତାଙ୍କୁ ବରଣମାଳା ଦେଲେ ।

ରାଜାଗଣେ କର୍ଣ୍ଣଙ୍କ ମହତ୍ତ୍ୱ ଦେଖି ପ୍ରଶଂସା କଲେ ।

"କର୍ଣ୍ଣର ମଉଦେଶ ଦେଖ ରାଜାଗଣେ
ଆପଣା ଭାର୍ଯ୍ୟା ନେଇ ସମର୍ପିଲା ଯେବେ ।
ଧନ୍ୟ ବା କି କହିବେଁ ଏମନ୍ତ ଭୃତ୍ୟ
କର୍ଣ୍ଣ ଦୁର୍ଯ୍ୟୋଧନଙ୍କର ଏକ ଶୁଭମନ୍ତ ।"

କନ୍ୟା ଦୁର୍ଯ୍ୟୋଧନଙ୍କୁ ମାଳା ଦେବାରୁ—

"କର୍ଣ୍ଣ ପ୍ରସାଦେ ଯେଉଁ ବରିଲୁ ରାଜବାଳୀ
ଶଙ୍ଖନାଦ ନାଦିଲେ ହୋଇ ବରମାଳି ।

ସୁରନାରୀମାନେ ହୁଳହୁଳି ଦେଲେ
ସୁବନନ୍ଦା ଜନନୀ ଆନନ୍ଦ ହୋଇଲେ ।

କବି ବିବାହୋତ୍ସବ ବର୍ଣ୍ଣନା କରୁଛନ୍ତି:—

“ନରେଶ ଅନେକ ବାଦ୍ୟ ମଙ୍ଗଳ ସ୍ୱନର
ଭୂମନ୍ୟୁ ଯୋଗ୍ୟ କରିଥିଲେ ବାଦ୍ୟ ଧ୍ୱନି ।
ଶଙ୍ଖଧର ଶ୍ରେଣୀ ଅଟେ ବୀର ଦୁର୍ଯୋଧନ
ସୁଡାଳିଙ୍କ ଶ୍ରେଣୀ ଚେଷ୍ଟ ଭୂମନ୍ୟୁ ସଜନ ।
ଭିଷାଳିଙ୍କ ପୁରୋହିତେ ଦରବୃ ତେଜ ବାଣ୍ଡ
ବୀରଙ୍କୁ ଦନ୍ୟା ସ୍ୱିକେଶ୍ୟ ପାଉଛନ୍ତି ଶୋଭା ।
ଭୂମନ୍ୟୁ ଦୋହନେ ବରିଣ୍ଟୁ ଦନ୍ୟା ହୃଦୁମଣି
ବିଆସ୍ଥି ଦୋହନେ ବିନ୍ୟୁ ଦେଲେ କୃଷ୍ଣଦଞ୍ଜ ।
ଏମନେକ ବିଜୁଗଣ୍ଠ ଦଲେ ନାମ ଗୋତ୍ର
ଦେଶକାଳ ଉଚ୍ଚାରନ୍ତି ସ୍ୱର ପୁରୋହିତେ ।
ସୀଅଙ୍କାରି କାରଣ ଏ ପୁଣ ଦର୍ଭ ଶାନ୍ତି
ଦରଦ୍ରୁତେ ସମର୍ପିଲେ ନୃପତି କୁମାରୀ ।
ଦୁନ୍ଦୁଭି ନରୀଘଣ୍ଟ ଚଉଁ ପୁରୋହିତେ
ଦର୍ଶଣାଦିରିକ ଅଟେ ଜଳ ଛଳ ହସ୍ତେ ।
ଦୁହିତା ଦେଲୁ ଦକ୍ଷିଣା ନାଅର୍ଥ ହେଲା ସ୍ୱଚ୍ଛ
ଯେ ବାଧ୍ୟେ ପାଣି ରେଶ୍ନ ଧରି ଆଶ୍ୱେ ।
ଶଙ୍ଖ ଜଳ ଛଳ ଦେଇ ନୃପତି ଭୂମନ୍ୟୁ ।”

× × ×

ଏଥିରେ ଜଳ ଛଳ ଶ୍ଚାଇ କରି ଦନ୍ୟାପିତା ବସ୍ତ୍ର ସାମଗ୍ରୀ, ଅଶ୍ୱ, ଗଜାଦି ଯୌତୁକ ଦେଲେ । ଏକ ଅଦ୍ଭୁ ଶୋଧନ, ଏକ ଅର୍ବ ଧେନୁ, ଲକ୍ଷ ଲକ୍ଷ ଅଶ୍ୱ, ଲକ୍ଷେ ଶ୍ୱେତ ଗଜ, ସପ୍ତ ଖଣ୍ଡାର ରଥ, ଲକ୍ଷେ ଭ୍ରମର, ଲକ୍ଷେ ସ୍ୱର୍ଣ୍ଣ, ଲକ୍ଷେ ଦାସୀବାଣ୍ଟ, ନୃତ୍ୟକାରିଣୀ ସର୍ଖୀରାଜ୍ଞ, ଲକ୍ଷେ

ଯାଇ ଛନ୍ତି, ଲକ୍ଷେ ଅଶ୍ୱ, ହସ୍ତୀ, ଶୃଙ୍ଗ ଲକ୍ଷ ଗାଭିଧନ, ଅଷ୍ଟଭେଦ ସନ୍ତ-ର୍ପିତ ରଥ, ଉତ୍କୃଷ୍ଟ ବାଜୀ ତନ୍ତ୍ରୀଙ୍କୁ ଘୃତ। ଉକ୍ତ ଭଳି ଦେଇଦେଲେ ଓ କନ୍ୟାସମର୍ପଣ ହେଲା :

ଉକ୍ତରେ—

"ଲକ୍ଷହୋମ ଶେଷ କଲେ ମନ୍ତ୍ରରେ । ଏ
କନ୍ୟା ସମର୍ପି ଦକ୍ଷିଣା ଦେଇଥିଲେ ଯେ ।
ଶୁଭ ଧାରଣା କଲେ ସେ ରାଜକନ୍ୟା ହେମ
ମୁନିଜନମାନେ ଦେଲେ ଆଶୀର୍ବାଦ ଧ୍ୱନି ।
"ଚିରଞ୍ଜୀ ହୋଇ ଭବରେ ବର ସୁଲକ୍ଷଣୀ"
ଭଗବନ୍ତମାନେ ଅର୍ଘ୍ୟ ବନ୍ଧାଇଲେ ଅଧି ।

× × ×

ବିଭା ସାରି ଦମୟନ୍ତୀ ଗଲେ ନଳ ସୁତେ
ସେ ଦିନୁ ସଂଗ୍ରାମ ଶେଷ ଦାନନ୍ତ ଗରୁତେ ।
ଅନ୍ତ ଦିବସ ଦଶମୀ ତାଙ୍କର ସଂଯୋଗେ
ପୂର୍ଣ୍ଣ ବିଭା ହେଲେ ଇନ୍ଦୁମତୀ ସେହୁବାଗେ ।"

ଇନ୍ଦୁମତୀ ପୁଣି ଅଷ୍ଟମ ଦିବସରେ ବିଭା ହୋଇଥିଲେ ଓ ତାଙ୍କର ଶରବଳ କନ୍ୟାରୂପ ରହିଥିଲା । ସ୍ୱୟମ୍ବର ପରେ ଚତୁର୍ଥୀ, ଅଷ୍ଟମଙ୍ଗଳା ସାରି କନ୍ୟା ନେଇ ସୁଯୋଧନ ସ୍ୱପୁରକୁ ଗଲେ । ବିବାହ ପରେ ଲକ୍ଷହୋମ, ଚୌଠିକ, ଖିଆଳ, ଛୁଆଣଘର, ଭୋଜନାଦି ଏବଂ ବସ୍ତ୍ରଗଣ୍ଠି ହୋଇ ବିବାହ—ବିବାହ ପରେ ପଞ୍ଚାଙ୍ଗ, ସୁଲୋଚନାଙ୍କ ବନ୍ଦାପନା, ହୁଳହୁଳି ଏସବୁ ଜୀବନ୍ତ ଭାବେ ସାରଳାଦାସ ବର୍ଣ୍ଣନା କରିଛନ୍ତି ।

ସେ ଯୁଗରେ କନ୍ୟାମାନଙ୍କର ସ୍ୱୟମ୍ବର ପ୍ରଥା ସାରଳା ଦାସ ପ୍ରାୟ ସବୁ ଏକାଥର ଦେଇଛନ୍ତି । କନ୍ୟାମାନଙ୍କର ବିବାହ ପ୍ରସଙ୍ଗରେ ପୂର୍ଣ୍ଣ ସ୍ୱାଧୀନତା ଓ ପୁଣି ମନୋନୟନରେ କନ୍ୟାର ମତକୁ ପିତାର ଗୁରୁତ୍ୱ ଦାନ କରିବା—ଦେଖିବାର ଓ ଶୁଣିବାର ବିଷୟ । ଆଧୁନିକ କାଳରେ ଗବର

ସର୍ବଭଳି ପୂର୍ବକାଳରେ ଜନଶ୍ରୁତିର ମୂଲ୍ୟ ଥିଲା । ଏହାର ଭୂରି ଭୂରି ପ୍ରମାଣ ମହାଭାରତରୁ ମିଳେ । ପୌରାଣିକ ପଣ୍ଡିତଙ୍କ ମଧ୍ୟ ସେ ସ୍ତବକୁ ଗାନ କରୁଥିବାର ପ୍ରମାଣ ମିଳେ । ଚନ୍ଦ୍ରମଣି ଲହୁଣୀ ଥିଲେ ଯୋଦ୍ଧା ସେ ପଥର ଖୋଦିଲେ ପୂଜା ହେଉଥିଲା ଏବଂ ତାଙ୍କ ହାତରେ ଖଣ୍ଡା ଧରି ପଡ଼ିଥିବା ଲେଖା ଅଛି । ମହାଭାରତ ଯୁଗରେ ଯୋଦ୍ଧା ଜନଶ୍ରୁତିମାନଙ୍କର ଅତ୍ୟନ୍ତ ସମ୍ମାନ ଥିଲା । ପିତାପୁତ୍ର ଶ୍ୱଶୁର-ପୁତ୍ର ଆଦି କୁଳର ଲୋକମାନେ ଶ୍ରଦ୍ଧାଭାଜନ ଥିଲେ । ସେଥିପାଇଁ ସାଧାରଣତଃ ଦେଖିବାକୁ ମିଳେ, ଜନ୍ମ କେବେ ଉତ୍ସାହିତ ହୋଇ ବୀର ଅନ୍ୱେଷଣ କରି ନାହିଁ ବା । ଜନ୍ମଶିଖା ଚରିତ ହୋଇ ନାହାନ୍ତି । କାରଣ ବିବାହାର୍ଥୀ ଯୁବକମାନେ କଠୋର ପଣ ବା ବାଜି ରହୁଥିବାରୁ ସ୍ୱୟମ୍ବରସଭାରେ ନିଜ ନିଜର ପରାକ୍ରମ ଦେଖାଇ କନ୍ୟାଙ୍କୁ ନେବାକୁ ଆସୁଥିଲେ ।

ସାରଳା ଦାସ ମୂଳ ମହାଭାରତ ଉପାଖ୍ୟାନ ଗୁଡ଼ିକରେ ଉପାଦାନର ଛୁଇଁ ତାଳି ତାଙ୍କ ନିଜର କାହାଣୀ ଓ ଲୋକକଥା ସବୁ ଯୋଗରେ ପ୍ରଚଳିତ କରିଛନ୍ତି । ଏହା ଅବସ୍ଥାମାନ ଅତୀବ ପୌରାଣିକ ରୂପ ଦେଇଛି । ତାଙ୍କର ଭାବ ଓ ଉଦ୍ଦେଶ୍ୟପୂର୍ଣ୍ଣ ହୋଇଥିବାରୁ କବି ସ୍ୱାଧୀନଭାବେ ଏହି ରୂପ ଦେଇଛନ୍ତି । ତାହା ପଢ଼ିଲେ ଆନନ୍ଦ ହୁଏ—ସେଥିପାଇଁ ସନ୍ଦେହ ନାହିଁ

---

## (୩) ସ୍ତୁତି

ସାରଳା ଦାସଙ୍କ ପୂର୍ବେ ବୈଷ୍ଣବ ସାହିତ୍ୟ ଓଡ଼ିଶାରେ ଲେଖା ହୋଇ ନ ଥିଲା । ଅଭିମନ୍ୟୁ, ସନାତନ, ଯଦୁମଣି, ଜଗନ୍ନାଥ ଦାସ ପ୍ରଭୃତି ତାଙ୍କର ପରବର୍ତ୍ତୀ ଯୁଗର କବି ଅଟନ୍ତି । କିନ୍ତୁ ସାରଳା ମହାଭାରତରେ ଶ୍ରୀକୃଷ୍ଣଙ୍କୁ ବିଷ୍ଣୁଙ୍କ ଅବତାର, ଭଗବାନ୍ ବୋଲି ସ୍ତୁତି କରାଯାଇଛି ।

ତାଙ୍କର ଗୋପଲୀଳା, ବୃନ୍ଦାବନ, ଯମୁନା ନଦୀ, କଦମ୍ବ, ବଂଶୀ, ଗୋପୀ ପ୍ରମୁଖଙ୍କ କଥା ସ୍ଥାନେ ସ୍ଥାନେ ପ୍ରସଙ୍ଗକ୍ରମେ ଅଳ୍ପ ବର୍ଣ୍ଣନା ପାଠ କରିବାକୁ ମିଳେ । ଶାରଳା ଦାସ ମହାଭାରତ ଲୀଳାରେ ସମ୍ପୂର୍ଣ୍ଣ ଲେଖକ ଭଳି ରାଧା କୃଷ୍ଣ ଲୀଳାରୁ ଏକ ଅଧ୍ୟାୟ ଲେଖିଛନ୍ତି । ତାଙ୍କର ରାଧା କୃଷ୍ଣ ଓ ଦୂତୀ ଏକ ଅଭିନବ ବସ୍ତୁ ଅଟେ । ରାଧିକାଙ୍କୁ ସେ ଯେପରି ସୃଷ୍ଟି କରିଛନ୍ତି, ତାହା ସଙ୍ଗରେ ତାଙ୍କ ପରବର୍ତ୍ତୀ କାଳର କବିମାନଙ୍କର ସୃଷ୍ଟିତ ରାଧିକାଙ୍କ ଚରିତ୍ରରେ ତାର ସାମଞ୍ଜସ୍ୟ ନାହିଁ କହିଲେ ନାହିଁ । ଶାରଳା ଦାସଙ୍କ ରାଧିକା ଏକ ତାଙ୍କର ସ୍ୱକପୋଳକଳ୍ପିତ—ସନ୍ଦେହ ନାହିଁ । ଦୀନକୃଷ୍ଣ, ଗୋପୀକୃଷ୍ଣ, ନାରାୟଣ, ଭୂପତି ପଣ୍ଡିତ ପ୍ରଭୃତିଙ୍କର ରାଧିକାଙ୍କୁ ଯେପରି ମାନୁଷୀ ଚରିତ୍ରରେ ତତ୍କାଳୀନ କବିମାନେ ସୃଷ୍ଟି କରିଛନ୍ତି, ଶାରଳାଙ୍କ ଶ୍ରୀରାଧା ସେହି ଢଙ୍ଗର ନୁହେଁ । ସେ ରାଧିକାଙ୍କ ଉତ୍କଣ୍ଠା, ବିରହ, ବିକ୍ଷେପ ଆଦି କଥା ବର୍ଣ୍ଣନା କରିଛନ୍ତି । ଏହି ଅଧ୍ୟାୟରେ ସେ 'ସବଳ ଦୂତୀ' ବୋଲି ଗୋଟିଏ ଚାମତ୍କାରୀ ନାୟିକାକୁ ମଧ୍ୟ ସୃଷ୍ଟି କରିଛନ୍ତି । ସେ ରହସ୍ୟମୟୀ, ସଙ୍ଗ ସୂତ୍ର ସଦାର ଅଧର । ବାସ୍ତବ ଦୂତୀଙ୍କ ସହିତ ଶ୍ରୀକୃଷ୍ଣଙ୍କର ନାନା ସମ୍ବନ୍ଧ ଉଲ୍ଲେଖ ଦେଇ କବି ଲେଖି ନାହାନ୍ତି, କେବଳ ମହାଭାରତକାର ଶାରଳା ଦାସ ଲେଖିଛନ୍ତି । ଦୂତୀ ରାଧିକାଙ୍କୁ କହିଲେ, "ଶ୍ରୀକୃଷ୍ଣ ତୁମକୁ ପ୍ରୀତି କରନ୍ତି ନାହିଁ ।" ପୁଣି ଦୂତୀଙ୍କର କପଟ ଅଙ୍ଗ ଦିଆଇ କରି ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ରାଧିକାଙ୍କୁ ଭଡ଼କାବା ବଡ଼ ଆଶ୍ଚର୍ଯ୍ୟ ଲାଗେ । ଦୂତୀଙ୍କର ବେଶଭୂଷା, ଚାଲିଚଳଣମାନ ଦେଖି ରାଧିକା କାରଣମାନ ପଚାରିବାରୁ ଦୂତୀ ଛଳେଇ, ବକ୍ରୋକ୍ତି-ମାନଙ୍କରେ ସେହି ପ୍ରଶ୍ନମାନଙ୍କର ଯେପରି ଉତ୍ତର ଦେଇଛନ୍ତି ଓ ରାଧାଙ୍କୁ ନିରୁତ୍ତର କରିଅଛନ୍ତି, ତହିଁରେ କବିଙ୍କ ବୁଦ୍ଧି ବଡ଼ କୌତୁକପ୍ରଦ ଓ ଉପଭୋଗ୍ୟ ହୋଇଅଛି । ଦୂତୀଙ୍କର ଚାତୁରୀପଣକୁଁ ଏଥିରେ ପ୍ରକଟିତ ହୋଇଛି । ଏହି ପ୍ରସଙ୍ଗରେ କବି ତନ୍ତ୍ର ମନ୍ତ୍ର ଚୂର୍ଣ୍ଣ ଶାରେଙ୍ଗ ବାଦ୍ୟାଦ୍ୱାରା ବଶୀକରଣ ଓ ମୋହିନୀ ପ୍ରଭୃତି ପାଇଁ "ଲକ୍ଷଣ" ନାମକ ଲୌକିକ ପ୍ରଭୃତି ଜନନ ନିମନ୍ତେ ଅବତାର କରିଛନ୍ତି । ଶ୍ରୀକୃଷ୍ଣ ରାଧିକା ଭୁମରେ ଦୂତଙ୍କ-

ସତ୍ୟ ଭାଗବତ ହୋଇ ବ୍ୟାସଙ୍କର ପାପ ଶମନେ ଅଧ୍ୟାତ୍ମ ପ୍ରତିପାଦ ଓ ଅଭ୍ୟୁଦୟ ସ୍ତବାଙ୍କ ଜଣିବା କଥା ଏକ ଲେଖିଛନ୍ତି ।

ବୈଷ୍ଣବ ଭକ୍ତମାନଙ୍କ ଭଜନ ଗାଉଥିବା ଦାସ ଶ୍ରୀହରିଙ୍କୁ ମହାମାନ୍ତ୍ରିତା ଦେବୀ ଓ ଶ୍ରୀକୃଷ୍ଣଙ୍କୁ ଭଗବାନ ଅଭିମାନ ନ କରି ସାଧାରଣ ମନୁଷ୍ୟ ଓ ନାରୀ ରୂପରେ ବର୍ଣ୍ଣନା କରିଛନ୍ତି । ତାଙ୍କର ପଦର କଳ୍ପନାଶକ୍ତି ଦେଖିଲେ ବାସ୍ତବ, ବେଶୀ ସ୍ତମ୍ଭିତ ହେବାକୁ ହେବ ।

---

## ଉଷା

ବୈତରଣୀ ନଦୀକୂଳରେ ଶୋଣିତପୁର ରାଜ୍ୟର ରାଜା ବାଣାସୁର । ଉଷା ତାଙ୍କର ଦୁହିତା । ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଦ୍ୟୁମ୍ନକୁମାରଙ୍କ ପୁତ୍ର ଅନିରୁଦ୍ଧଙ୍କ ସହିତ କୁମାରୀ ଉଷା ପ୍ରଣୟପାଶରେ ଆବଦ୍ଧା ଥିଲେ । ପ୍ରଣୟ-ଲାଭ ପୂର୍ବରୁ ଉଷା ଅନିରୁଦ୍ଧଙ୍କ ରୂପ ସ୍ୱପ୍ନରେ ଦେଖିଥିଲେ । ଏହି ସ୍ୱପ୍ନଦର୍ଶନ ପ୍ରଣୟାରମ୍ଭର କାରଣ । ପ୍ରଣୟ ଜାତ ହେବା ପୂର୍ବରୁ ଉଭୟ ଅନିରୁଦ୍ଧଙ୍କ ଚିତ୍ରପଟ ଦେଖି ମୁଗ୍ଧ ହୋଇଥିଲେ । ଶେଷରେ ଅନିରୁଦ୍ଧଙ୍କ ଅନ୍ୱେଷଣ ନିମନ୍ତେ ଉଷା ତାଙ୍କ ସଖୀ ଚିତ୍ରଲେଖାଙ୍କୁ ପଠାଇବାରୁ ମନ୍ତ୍ର ଯନ୍ତ୍ର ଅବଶ ପରିଚୟ ଶାନ୍ତିତ ଅବସ୍ଥାରେ ଅନିରୁଦ୍ଧଙ୍କୁ ଆଣି କୁମାରୀଙ୍କ ପ୍ରକୋଷ୍ଠରେ ପହଞ୍ଚାଇଥିଲା । ଏହି କଥା କ୍ରମେ ବାଣାସୁରଙ୍କ କର୍ଣ୍ଣଗୋଚର ହୁଅନ୍ତେ ବାଣାସୁର ଅନିରୁଦ୍ଧଙ୍କୁ ହତ୍ୟା କରିବାକୁ ମନସ୍ଥ କଲେ । ଦୁଇ ପକ୍ଷର ତୁମୁଳ ଯୁଦ୍ଧ ଆରମ୍ଭ ହୋଇଥିଲା ଏବଂ ଶେଷରେ ଅନିରୁଦ୍ଧ ପ୍ରୀତିକାମୀ ହୋଇ କନ୍ୟାଙ୍କୁ ସ୍ୱପୁରକୁ ନେଇଗଲେ । ଏହି ଯୁଦ୍ଧରେ ଯଦୁବଂଶୀୟ ଯୋଦ୍ଧାମାନଙ୍କ ସହିତ ଶ୍ରୀକୃଷ୍ଣ ବଳରାମ ପ୍ରଭୃତି ଯୋଗ ଦେଇଥିଲେ ।

ପ୍ରଥମେ ଅନିରୁଦ୍ଧ ବାଣାସୁର ଦ୍ୱାରା ଧୃତ ହୋଇ ଯେତେବେଳେ ପ୍ରହରୀ, ସୈନ୍ୟମାନଙ୍କ ଦୁର୍ବ୍ୟବହାରରେ ବାଣାସୁର ନିକଟକୁ ଆସିଲେ, ପରିଚାରିକା ଚିତ୍ରଲେଖା ଭାଣି ସଖୀ ଲତାକୁ କହନ୍ତି—"ପିତା ବାଣାସୁରଙ୍କୁ ଦେଖାଇ ବୁଝାଇ ଶାନ୍ତ କରିଦେଲେ ଆଉ ଏ ଅଶାନ୍ତି ରହିବ ନାହିଁ ।" ସେତେବେଳେ

ଯଦୁବଂଶ ଓ ବାଣାସୁର ସହିତ ଯୁଦ୍ଧ ଆରମ୍ଭ କରି ଦେଇଥିଲେ । ଊଷା କାତର ହେଲେ ମଧ୍ୟ ଅନିରୁଦ୍ଧଙ୍କ ବିକ୍ରମ କଥା ଜାଣିଥିଲେ । ତେଣୁ ସେ ସଖୀକୁ ଉତ୍ତର ଦେଲେ

‘‘ଉଷା ବୋଇଲୁ ତାହାଙ୍କୁ କେ ଜିଣିବ ଯାଇଁ
ମନ୍ତ୍ର ପଢ଼ନ୍ତେ ପିଠର, ଅଗ୍ନି ନୋହି ପାଣ୍ଡି ।

ଏହାର ତାତ୍ପର୍ଯ୍ୟ ଏହି ଯେ, କନ୍ୟା ପିତାଠାରୁ ନିଜର ସଙ୍କଳ୍ପିତ ଭାବୀ ପତିଙ୍କୁ ଅଧିକ ମୂଲ୍ୟ ଦିଏ, ପିତା ଓ ପିତାକୁଳ ସମ୍ମାନକୁ ନିଜର ଅଭୀଷ୍ଟଠାରୁ ଲଘୁ ବୋଲି ସ୍ୱୀକାର କରେ । ତେଣୁ ସବୁବେଳେ ଦେଖାଯାଏ, କନ୍ୟାମାନଙ୍କର ପିତୃକୁଳ ପ୍ରତି କୃତଜ୍ଞତାବୋଧ ସହଜାତ ବୃତ୍ତି ନୁହେଁ । ସାମାଜିକ ଓ ପାରିବାରିକ ଜୀବନରେ ଏହାର ଦୃଷ୍ଟାନ୍ତ ବହୁଳ ଭାବରେ ପରିଲକ୍ଷିତ ହୋଇଥାଏ । ମହାଭାରତକାର ଏହି ଭାବର ବହୁ ଦୃଷ୍ଟାନ୍ତ ଦେଖାଇଛନ୍ତି ।

ସାରଳା ଦାସଙ୍କର ପରବର୍ତ୍ତୀ କବିମାନେ ଏହି ଭାବଗୁଡ଼ିକ ନିଜ କାବ୍ୟମାନଙ୍କରେ ନାନା ଭାବରେ ଏବଂ ନାନା ବର୍ଣ୍ଣନା ଦେଇ ଲେଖିଛନ୍ତି । କେତେକ ସ୍ଥଳରେ ସାରଳା ଦାସଙ୍କ ଭାଷା ଓ ଲେଖନଶୈଳୀ ମଧ୍ୟ ପରବର୍ତ୍ତୀ କବିମାନଙ୍କର କାବ୍ୟ ଉପରେ ପ୍ରତିଫଳିତ ହୋଇଥିବା ଦେଖାଯାଏ । ପରବର୍ତ୍ତୀ ଯୁଗରେ କବି ସାରଳା ଦାସଙ୍କ ମହାଭାରତର ପ୍ରଭାବରୁ ବହୁ କାବ୍ୟ ସାହିତ୍ୟକାରମାନେ ମୁକ୍ତ ନ ଥିଲେ । ଏହି କବିଙ୍କର ଊଷାଙ୍କ ସ୍ୱପ୍ନଭଙ୍ଗ ପରେ ଉଷା ବିଳାପର ଅନୁକରଣରେ କବି ଶିଶୁଶଙ୍କର ଦାସଙ୍କର ‘ଉଷାଭିଳାଷ’, ପଦ୍ମନାଭ ନରେନ୍ଦ୍ରଙ୍କର ‘ଶଶୀରେଖା’ ଉପେନ୍ଦ୍ର ଭଞ୍ଜଙ୍କ ‘ଲାବଣ୍ୟବତୀ’ ପ୍ରଭୃତିରେ ସମ୍ପାଦିତ ହୋଇଛି । ଶିଶୁଶଙ୍କରଙ୍କ ‘ଉଷାଭିଳାଷ, ପଞ୍ଚମ ଛାନ୍ଦରେ—“ପଲଙ୍କ ତେଜିଣ ଉଠିଲୁ ସୁମୁଖୀ ସପନ ସଙ୍କେତ ପାଇଣ” ଇତ୍ୟାଦି । ‘ଲାବଣ୍ୟବତୀ’ ଦ୍ୱାଦଶ ଛାନ୍ଦରେ “ଚେତ ତତ୍ପର ବୃଦ୍ଧିରୁ ଜାଣି ନାଦେଶ ପାଶେ ନାହିଁ ଦିବ୍ୟ ତରୁଣୀ” ଇତ୍ୟାଦି । ପଦ୍ମନାଭ ନରେନ୍ଦ୍ରଙ୍କ “ଶଶୀରେଖା” ଏକାଦଶ ଛାନ୍ଦରେ “ଚେତି ସଜନୀ ରଜନୀ ବିନାଶ ନୁହଁ ।”

ଇତ୍ୟାଦି । ସାରଳା ଦାସଙ୍କ "ଚଣ୍ଡୀପୁରାଣରେ" "ଯା ଯା ନାଥ ବୋଲି ଅଛନ୍ତି ହେଳୁ ସ୍ୱପ" ଇତ୍ୟାଦି ।

ସାରଳା ଦାସଙ୍କ ମହାଭାରତରେ ବହୁ ନାୟିକାମାନଙ୍କର ରୂପ ବର୍ଣ୍ଣନା ଯେପରି କରାଯାଇଛି, ତା' ଓ ଅନ୍ୟାନ୍ୟ ନାୟିକାମାନଙ୍କର ଅଙ୍ଗ-ସୌଷ୍ଠବର ବର୍ଣ୍ଣନା ମଧ୍ୟ ପରବର୍ତ୍ତୀ କବିମାନେ ଗ୍ରହଣ କରିଛନ୍ତି । ଉତ୍କର୍ଷର ରୂପ ବର୍ଣ୍ଣନାରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ କାବ୍ୟମାନଙ୍କରେ ସେହି ଧାରଣାକୁ ଦେଖାଯାଏ ।

ଅଲଙ୍କାର, ବସନ, ଭୂଷଣ, ପ୍ରସାଧନକ୍ରିୟା ଓ ନାୟିକାର ରୂପରେଖ ସୌନ୍ଦର୍ଯ୍ୟ ବର୍ଣ୍ଣନ କାବ୍ୟମାନଙ୍କର ଅଚ୍ଛେଦ୍ୟ ଅଙ୍ଗ ସ୍ୱରୂପ । ସାହିତ୍ୟକାର କବି କେବଳ ତାହାର ବର୍ଣ୍ଣନାରୁ କେବଳ ଦେଖିରେ ମୁଗ୍ଧ ନୁହନ୍ତି । କାରଣ କାବ୍ୟ ସାହିତ୍ୟର ପ୍ରଧାନତମ ଅଙ୍ଗ ହେଉଛି ଭାବ ଓ ଭବନ୍ୟାସ ପ୍ରାକୃତିକ ହେଉ ବା ମାନବିକ ହେଉ ସୌନ୍ଦର୍ଯ୍ୟ ପରିସ୍ଫୁଟ କରି ପାଠକମାନଙ୍କୁ ରସାସ୍ୱାଦର ଆନନ୍ଦ ଦେବା । ସାରଳା ଦାସ କାବ୍ୟର ଏହି ବର୍ଣ୍ଣନାଶୈଳୀର ଆଦ୍ୟଗୁରୁ କହିଲେ ଚଳେ ।

ଉଷା ବର୍ଣ୍ଣନାରେ କବି ଲେଖିଛନ୍ତି:—

"ନୟନ ନୀଳ ଉତ୍ପଳ ନାସା ତିଳ ଫୁଲ
ଦନ୍ତ ଗଜମୋତି ସମ ବନ୍ଧୁଲି ଅଧର ।
ବଦନ କୁମୁଦ ଜିଣି ପାଦପଦ୍ମ ରଙ୍ଗ
ରାଜହଂସଗମନୀ ସେ ଅତି-ଶୋଭା ଅଙ୍ଗ ।
କୋକିଳ ବଚନେ ବୋଲେ ଭଦ୍ରେ ମୃଦୁବାଣୀ
ଅପାଙ୍ଗ ଦୃଷ୍ଟିରେ କାମଦେବ ପାଶେ କିଣି ।
କର୍ଣ୍ଣରେ ତା ହେମକୁମ୍ଭ ସୁକ୍ଷ୍ମ ଶୁଭ୍ର ଘଣ୍ଟେ
ନାସାରେ ମୁକୁତା ଜ୍ୟୋତି ମନ ଦର୍ପ ହରେ ।
କଣ୍ଠତଟେ ଶୋଭିଲା ମୁକୁତାର ହାର
ବାହାରେ ବାଜୁଟି ତହିଁ ନାନା ରତ୍ନଧାର ।

ପଦ୍ମରେ ନୂପୁର ତାର ବାଜେ ଝୁମ ଝୁମ
ଅଙ୍ଗୁଳିରେ ମୁଦ୍ରିକା ଯା ସ୍ୱର୍ଣ୍ଣଖେଞ୍ଚିତ ସମ ।
ଦେବାଙ୍ଗ ବସନ ପେନ୍ଧିଥାନ୍ତି କରି ବାଳୀ
ନାନାକୁସୁମ ବେଢ଼ଣ ବେଣୀ ତା ଶ୍ୟାମଳ ।
ସଙ୍ଗେ ସହଚରୀ ତାର ଚିତ୍ରରେଖା ଶେଷ
କୁସୁମ ବନର ମଧ୍ୟ ଭ୍ରମନ୍ତି ଦାମିନ ।" (ମଧ୍ୟପର୍ବ)

---

## ସୁରେଖା

କୃତଦେଶଙ୍କର ରାଜନନ୍ଦନା ସୁରେଖା । ପୂର୍ବଜନ୍ମ ପରେ ଶ୍ରୀକୃଷ୍ଣସୁତ ପ୍ରଦ୍ୟୁମ୍ନଙ୍କ ସହିତ ଓଙ୍କର ମତରେ ତାଙ୍କର ବିବାହ ନିର୍ଦ୍ଧାରଣ ହୋଇଥିଲା ।

ରାଜକନ୍ୟା ବହୁକାଳ ଅବିବାହିତା ଅବସ୍ଥାରେ ପିତୃଗୃହରେ ପ୍ରତିପାଳିତା ହେଉଥିଲେ । ତାଙ୍କର ପିତା କନ୍ୟାର ବିବାହ ବିଷୟରେ ଉଦାସୀନ ହୋଇ ରହୁଥିଲେ ଓ କୁମାରୀଙ୍କୁ ଅବହେଳା କରି ରଖାଇଥିଲେ । କାରଣ କେଉଁଠାରେ ମନୋମତ ଜାମାତା ତାଙ୍କୁ ମିଳୁ ନ ଥିଲେ ।

ଦିନେ ନାରଦ ଯାଇ ସୁରେଖା ସନ୍ନିଧିରେ ଉପସ୍ଥିତ ହେଲେ । ସୁରେଖା ଭକ୍ତିପୂର୍ବକ ପ୍ରଣାମ ଅର୍ଚ୍ଚନା କଲା ପରେ ନାରଦ ତାଙ୍କୁ "ବହୁସୁଖବତୀ ହୁଅ, ସୁଲକ୍ଷଣୀ ସାଧ୍ୱୀ ହୋଇ ନାରାୟଣ ନନ୍ଦନର ପତ୍ନୀ ହୁଅ" ବୋଲି କଲ୍ୟାଣ କଲେ ।
ସୁରେଖା କହିଲେ :—

"ଅନୁଯାଏ ମୁନି ମୁହିଁ କିଛି ହୋଇ ନାହିଁ
ମୋହର ସମାନ ବର ନ ମିଳଇ କାହିଁ ।
ତୁମ୍ଭେ ମହାମୁନି ଯେବେ ଦୟା କଲ ମୋତେ
ଭଲ ବର ଖୋଜି ଆଣ ମୋହର ନିମନ୍ତେ ।"

କୃପାଶ୍ରୁଙ୍କ ବଚନ ଶୁଣି ନାରଦ ଖାଡ଼ ଅନୁତପ୍ତ କରିଥିଲେ ହୋଇଥିଲେ । ପିତାଙ୍କର ମତାମତରୁ ଅପେକ୍ଷା ନ କରି କୁଳସମ୍ମାନକୁ ମଧ୍ୟ ତୁଚ୍ଛ କୃପାଶ୍ରୁ ପତିନିର୍ବାଚନର ସ୍ୱାଧୀନ ଦିଗରେ ପ୍ରକାଶ କରିଥିଲେ ।

---

## ଲକ୍ଷ୍ମଣା

ଲକ୍ଷ୍ମଣା ଦୁର୍ଯ୍ୟୋଧନଙ୍କ କନ୍ୟା । କୃଷ୍ଣଙ୍କ ପୁତ୍ର ସ୍ୱୟମ୍ବରେ କୌରବମାନଙ୍କୁ ପରାସ୍ତ କରି ତାଙ୍କୁ ହରଣ କରିଥିଲେ । ଅବଶ୍ୟ ପିତାଙ୍କ ପ୍ରତିକୂଳ ଶ୍ରୀକୃଷ୍ଣବଂଶର ପୁତ୍ର ଶାମ୍ବଙ୍କ ସହିତ ଲକ୍ଷ୍ମଣାଙ୍କର ବିବାହ ଓ ମିଳନ ପରେ ସ୍ୱାମୀଙ୍କୁ ସ୍ୱୀକାର ପ୍ରଣୟ ସଂଘଟିତ ହୋଇଥିଲା । ଶାମ୍ବ ଯୌବନରେ ଲକ୍ଷ୍ମଣାଙ୍କ ରୂପରେ ମୋହିତ ହୋଇଥିଲେ । ତାଙ୍କୁ ଦେଖି ଲକ୍ଷ୍ମଣା କହିଲେ:—

"ଲକ୍ଷ୍ମଣା ବୋଇଲେ ଶୁଣ ମୋର ପ୍ରାଣନାଥ
ତୋର ବ୍ୟବହାରେ ମୋର ନାହିଁ ଆଉ ଭୟ ।
ପିତା ଜନନୀ ଯନ୍ତ୍ରଣା ପାଶୋରି ମୋ ଲଜ୍ଜା
ବାଳକ୍ଷ୍ମ ନ ଗଲି ବେଶ୍ୟା ଯିବା ପ୍ରାଣ ସଜ ।

ପିତା ଓ କୁଳକୁ ଅବଜ୍ଞା କରି ସ୍ୱାମୀଙ୍କ ପ୍ରୀତିକୁ ନେଇ ଆଜନ୍ମ ଜୀବିତ ଶୁଦ୍ଧ ପରିବାର ବର୍ଜନ ଦେଇ ଆସିବାକୁ ଉଦ୍ଧତା । ଶାମ୍ବଙ୍କୁ ଲକ୍ଷ୍ମଣା ଏଥିପାଇଁ ସୁଗତିନା ଦେଇଛନ୍ତି ।

ସ୍ୱୟଂବରକୁ ସୁଲକ୍ଷଣା ଚରିତ୍ର ଭଳି ଲକ୍ଷ୍ମଣାଙ୍କ ସ୍ୱାମୀ ଚରିତ୍ର ସାଧାରଣ ବିବାହ ସମ୍ପର୍କରେ ଏଡ଼ାଇବ ଦେଖାଯାଏ । ଲକ୍ଷ୍ମଣା ପତି-ନିର୍ବାଚନ କଲାପରେ ପିତା ମାତା କୁଳ କୁଟୁମ୍ବଙ୍କ ସମ୍ମାନ ଓ ଅଧିକାରକୁ ତୁଚ୍ଛ ମଣିଛନ୍ତି । ସେ ମଧ୍ୟ ଆତ୍ମସ୍ୱାର୍ଥକୁ ଅନ୍ୟମାନଙ୍କ ସ୍ୱାର୍ଥଠାରୁ ବଡ଼ ବୋଲି ଦେଖିଛନ୍ତି । ବୁଦ୍ଧିରାର ପତିନିର୍ବାଚନରେ ସ୍ୱାଧୀନତା ଥିବାରୁ ସେ ପିତୃବଂଶକୁ ମଧ୍ୟ ପରିତ୍ୟାଗ କରିବାକୁ ପଶ୍ଚାତ୍‌ପଦ ହୋଇ ନ ଥିଲେ । ପୂର୍ବେ ଅଭିଭାବକ ପିତାମାନେ କନ୍ୟାମାନଙ୍କର ପତି ନିର୍ବାଚନରେ ଏକମତ ହୋଇ ନ ପାରୁଥିବାରୁ ପ୍ରତ୍ୟେକ ବିବାହରେ ଯୁଦ୍ଧ ବିଗ୍ରହ

ଘଟୁଥିଲା । ବଳ ପରାକ୍ରମ ମୂଲ୍ୟ ଦେଇ ପଣ କନ୍ୟାକୁ ହରଣ କରି ପରେ ବିବାହ କରୁଥିଲେ ।

ଏଥିରୁ ଅନୁମିତ ହୁଏ ଯେ, ସେ ଯୁଗରେ ପିତା କନ୍ୟାକୁ ଯୌତୁକାଦି ସହ ଜାମାତାକୁ ଅଗ୍ନିସାକ୍ଷୀ କରି ବିବାହ ବେଦୀରେ ସମ୍ପ୍ରଦାନ କରୁଥିଲେ ସୁଦ୍ଧା, ତାହାର ଅଭିଭାବକଙ୍କ ହାତରେ କନ୍ୟାକୁ ନିଜର ସମ୍ପତ୍ତି ବୋଲି ବିବେଚନା କରି ଯାହାକୁ ଇଚ୍ଛା ତାହାକୁ ଗୋରୁ ବଳଦ ଦେଲା ଭଳି ସମ୍ପ୍ରଦାନ କରୁ ନ ଥିଲେ ।

ଅବଶ୍ୟ ସାରଳା ଦାସ ରାଜକୁଳ ନାରୀ ଓ ସ୍ୱୟମ୍ବରପ୍ରଥା କଥା ଲେଖିଛନ୍ତି । ଏହା ସାଧାରଣ ସମାଜରେ ପ୍ରଚଳିତ ହୋଇଥିଲା କି ନା ଏବଂ ସାଧାରଣ ଦରିଦ୍ର ଗୃହସ୍ଥ କନ୍ୟାମାନଙ୍କର ଅବସ୍ଥା କଣ ଥିଲା, ତାହା କିଛି ଜାଣିବାର ଉପାୟ ନାହିଁ । ଏ କଥା ସତ୍ୟ ଯେ, ରାଜାମାନଙ୍କ ବ୍ୟକ୍ତିଗତ କନ୍ୟାକୁ ବଳପୂର୍ବକ ହରଣ କରିବା ବା ସ୍ୱୟମ୍ବର ସଭା ଡାକିବା ସାଧାରଣ ପ୍ରଜାମାନଙ୍କ ପକ୍ଷରେ ଅବାସ୍ତବ ଏବଂ ଅସମ୍ଭବ କଥା । କାରଣ ଯୁଦ୍ଧ, ପରାକ୍ରମ ପକ୍ଷରେ ସମ୍ପଦ, ସୈନ୍ୟ, ସାମନ୍ତ, ରଥ, ଗଜ, ଅଶ୍ୱ ସାଧାରଣ ବ୍ୟକ୍ତି ପକ୍ଷରେ ଆହରଣ କରିବା ସମ୍ଭବ କଥା ନୁହେଁ ।

କିନ୍ତୁ ଏହା ସତ୍ୟ ଯେ, ପୁରୁଷ ଶାସିତ ସମାଜ ବ୍ୟବସ୍ଥାରେ ରାଜା ଓ ରାଜକୁଳ ପ୍ରଥା, ନୀତି, ରୀତିକୁ ସାଧାରଣ ଲୋକେ ଆଦର୍ଶ ବୋଲି ଗ୍ରହଣ କରୁଥିଲେ ଏବଂ ରାଜା ଓ ରାଜବଂଶର ପ୍ରଭାବ ସମଗ୍ର ସମାଜ ଜୀବନ ଉପରେ ଯଥାର୍ଥ ପ୍ରତିକ୍ରିୟା ସୃଷ୍ଟି କରୁଥିଲା । ମହାଭାରତ ଯୁଗରେ ଶକ୍ତି ଓ ପରାକ୍ରମହିଁ କେବଳ ଦେଶ, ତଥା ସମାଜକୁ ନିୟନ୍ତ୍ରଣ କରୁଥିଲା । ଧନ, ସମ୍ପଦ ଓ ଶକ୍ତି ସମୃଦ୍ଧ ରହୁଥିବା ଶାସକ ବର୍ଗ । ରାଜା ଓ ପ୍ରଜା ଏହି ଦୁଇ ସମ୍ପଦ ପକ୍ଷରେ ଅବଶ୍ୟ ପ୍ରଧାନ ହୋଇ ରହୁଥିଲା ।

---

## ତ୍ରୈଲୋକ୍ୟମୋହିନୀ

ମେରୁକୂଳ ନାମକ ଦୈତ୍ୟର କନ୍ୟା ତ୍ରିପୁରମୋହିନୀ । ପିତା କନ୍ୟା ନିମନ୍ତେ ଉପଯୁକ୍ତ ପାତ୍ର ଅନ୍ୱେଷଣ କରି ନିଷ୍ଫଳ ହୋଇ କନ୍ୟାକୁ

ସ୍ୱାସ୍ଥ୍ୟଟାକୁ ଦୂରରେ ଅବଜ୍ଞା କରି ରଖିଥିଲେ । କନ୍ୟା ସହଚରୀ ମାନଙ୍କ ସହିତ ନିର୍ଜନସ୍ଥଳରେ ବନ୍ଦିନୀ ହୋଇ ରହିଲେ ।

“ଯେଉଁଠାରେ କେଳି-ଖେଳିଲୁ ସେହି ପୁଷ୍ପବନ
ମାଛି ଯାଇ ନ ପାରଇ ତାହାର କଟକ ।”

ଏଥନେ ଦୁର୍ବାସା ମୁନି କନ୍ୟାପୁରରେ ପ୍ରବେଶ ହେଲେ । ତ୍ରୈଲୋକ୍ୟ-ମୋହିନୀ ଦୁର୍ବାସାଙ୍କୁ ପ୍ରଣାମ କଲାରୁ ମୁନି ତାଙ୍କୁ ଆଶୀର୍ବାଦ କଲେ । ମୁନି କନ୍ୟାଙ୍କର କୁଶଳ ପୁଚ୍ଛିଲାରୁ କନ୍ୟା କହିଲେ :—

‘ମୋ’ ପାଇଁ କର ଏକ ଠାବ କଥ ମୁନି ।”

କନ୍ୟାର ବଚନ ଶୁଣି ଦୁର୍ବାସା ଆନନ୍ଦିତ ହୋଇ ପାଶରେ ଥିବା କାର୍ତ୍ତିକେୟଙ୍କର ଚିତ୍ରପଟ କନ୍ୟାଙ୍କର ସମ୍ମୁଖ ନୟନେ ଦେଖାଇଲେ । ତ୍ରୈଲୋକ୍ୟମୋହିନୀ ଚିତ୍ରପଟ ଦର୍ଶନରେ ମୁଗ୍ଧ ହୋଇ କହିଲେ —

“ହେ ମୁନି ସତେ କି ସ୍ୱପ୍ନ ହୋଇବ ଯେ ମୋତେ ? × ×
କନ୍ୟା ବୋଇଲେ ହେ ମୁନି ତୁମ୍ଭରେ ଶରଣ
ଭକତବତ୍ସଳ ତୁମେ ତାଙ୍କୁ ବେଗେ ଆଣ ।”

ମୁନି କହିଲେ, “ଯଦି ଏହି ପୁରୁଷଙ୍କୁ ତୁ ବରଣ କରିବାକୁ ଇଚ୍ଛା କରୁ ତେବେ ମୁଁ ସାତଦିନରେ ଏହି ବରଙ୍କୁ ଘେନି ନଗରକୁ ଆଣିବି । ଶୁଣି ଦୁର୍ବାସା କାର୍ତ୍ତିକେୟଙ୍କୁ ଆଣିବାକୁ କୈଳାସକୁ ଯାଇ ପରେ ନାରଦ ଆସି କନ୍ୟା ନିକଟରେ ପହଞ୍ଚିଲେ । ନାରଦ କନ୍ୟାଙ୍କୁ କୁଶଳ ପୁଚ୍ଛା କଲାରୁ କନ୍ୟା କହିଲେ—

“ମୋର ପିତା ଦୁରନ୍ତର ଦୈତ୍ୟ ଅଟନ୍ତି
ଅନ୍ୟେ ସ୍ୱଦାନ ନ କଲୁ ହୋଇଲି ଯୁବତୀ ।
କିସ ପୁରରେ ଭ୍ରମଣ ଅଛି ତୁମ୍ଭର
ମୋର ଅନୁରୂପେ ବର ଆଣ ଖୋଜି କରି ।”

ଏହା ଶୁଣି ନାରଦ ଆଣିଥିବା ପ୍ରଦ୍ୟୁମ୍ନଙ୍କ ଚିତ୍ରପଟ କୁମାରୀଙ୍କୁ ସମ୍ମୁଖ ନୟନେ ଦେଖାଇଲେ । କୁମାରୀ ଚିତ୍ରପଟ ଦେଖି ମୁଗ୍ଧ ହୋଇ କହିଲେ—

"ବୋଲେ ଦେବ ନାରଦ ମୁନି ରୁକ୍ମିଙ୍କୁ ଚାହିଁ
ଏହୁ ମୋହର ସ୍ୱାମୀ କି ଯୋଗେ ଅଛ ବୋଲି ।
କୁମାରୀ ବୋଲଇ ତହିଁ ଦେଇଥାଅ ମୋତେ
ଅନ୍ତର୍ଦ୍ଧ ବାଳିକ ସେବା ତାଙ୍କ ପଦାମ୍ବୁଜେ ।"

ନାରଦ ମନେ ମନେ ହସି କୁମାରୀଙ୍କୁ ପଚାରିଲେ, "ଦୁର୍ବାସା ପରି ଧାର୍ମିକଙ୍କୁ ବର ଦେବା ଅର୍ପିବାକୁ ଯାଉଛନ୍ତି ?"

ତ୍ରୈଲୋକ୍ୟମୋହିନୀ ଉତ୍ତର ଦେଲେ—

"କୁମାରୀ ବୋଇଲ୍ଲ ତାଙ୍କୁ ପରିତ୍ୟାଗ କଲି
ନିଜ ପଣ ଧରି ଯାହାଙ୍କୁ ପ୍ରାଣ ସମର୍ପିଲି ।"

ଦୁର୍ବାସା ପ୍ରଥମେ ବାର ଅନ୍ବେଷଣରେ ଯାଇଥିବାରୁ ଧାର୍ମିକମାନଙ୍କୁ ନେଇ ପ୍ରଥମେ କୁମାରୀଙ୍କ ପିତୃଗୃହରେ ପହଞ୍ଚିଲେ । କନ୍ୟାର ପିତା ବେଗରେ ବିବାହର ଆୟୋଜନ କଲେ । କନ୍ୟା ସୁବେଶ ହୋଇ ଦେଖାଲୁ ଅମ୍ବିକା ପୂଜାକୁ ଦେବୀପୂଜା କରିବାକୁ ଦେବୀମନ୍ଦିରକୁ ଗଲେ । ଇତ୍ୟବସରେ ପ୍ରଦ୍ୟୁମ୍ନଙ୍କୁ ନେଇ ନାରଦ ସେହି ପୂଜାମନ୍ଦିର ନିକଟରେ କୁମାରୀ ସନ୍ନିଧରେ ଉପସ୍ଥିତ ହେଲେ ।

"ସମ୍ମୁଖରେ ପ୍ରଦ୍ୟୁମ୍ନଙ୍କୁ ଦେଖୁ ଶଶିମୁଖୀ
ଅତି ଅନଙ୍ଗ ଦେହ ଲୁବ୍ଧିଲା ଚକ୍ଷେ ।
ଦର୍ଶେ ନମ୍ରାଇ ମୁଦ୍ରାଣୀ କୁସୁମର ମାଳ
ବେଗେ ବସାଏ ପ୍ରଦ୍ୟୁମ୍ନ ତାକୁ କଣ୍ଠେ ଦେଲା ।" (ବନପର୍ବ)

ଉପର ଉକ୍ତ କନ୍ୟା ଚରିତ୍ର ବର୍ଣ୍ଣନାରେ ସାରଳା ଦାସ ଦେଖାଇଛନ୍ତି କୁମାରୀମାନଙ୍କର ନିର୍ବାଚନରେ ନିଷ୍ଠା ନାହିଁ । ସେହି କନ୍ୟା ଧାର୍ମିକଙ୍କ ତପ ଦେଖି ମୋହିତା ହୋଇ ଦୁର୍ବାସାଙ୍କୁ ତାଙ୍କୁ ଆଣିବା ପାଇଁ ନୈମିଷକୁ ପଠାଇଥିଲେ, ନାରଦଙ୍କଠାରୁ ଅନ୍ୟ ପୁରୁଷର ରୂପ ଦେଖି ଓ ପ୍ରଶଂସା ଶୁଣି ସେ ପୂର୍ବ ମତ ବଦଳାଇ ଶେଷରେ ପ୍ରଦ୍ୟୁମ୍ନଙ୍କ ଗଳାରେ ବରଣମାଳା ଦେଲେ ।

ଏଥିରୁ ମନେ ହୁଏ, ସାଧାରଣତଃ ନାରୀ କୁମାରୀ ଅବସ୍ଥାରେ ଚପଳବୁଦ୍ଧିଯୁକ୍ତା ଓ ତାର ଶରୀରଚଞ୍ଚଳତାକୁ ଲଦୁ ହୋଇଥାଏ। ସେହି କାରଣରୁ ପତିନିର୍ବାଚନରେ ସ୍ୱାଧୀନ ଅଧମ ବିବେଚନା ଦେଖି ନ ପାରି ସଙ୍କଳ୍ପ ପରିବର୍ତ୍ତନ କରେ। ପୁରାଣ ଯୁଗରେ ମଧ୍ୟ କୁମାରୀ ଓ ଅବିବାହିତା ସ୍ୱାଧୀନତା ଓ ତାଙ୍କ କଥା କହିବାକୁ ଅନ୍ତର୍ହିତ ହୋଇ ନ ଥିଲା।

ପୂର୍ବ ଦ୍ରୌପଦୀ-ସୁଭଦ୍ରାଙ୍କ ଚରିତ୍ରରେ ଅନ୍ୟ କୁମାରୀମାନଙ୍କ ଭଳି ପତିନିର୍ବାଚନରେ ସ୍ୱତନ୍ତ୍ରତା ଦେଖାଯାଉଛି। ଏହି ପ୍ରସଙ୍ଗରେ ରାମାୟଣ ଋଷିମାନଙ୍କ ସହିତ ତାଙ୍କର ସମ୍ପର୍କ ଓ ଭାବରେ ମାଙ୍ଗଳିକ କରୁ ନାହିଁ। କିନ୍ତୁ ଏଥିରେ କନ୍ୟାର ବିବାହ ସମ୍ବନ୍ଧରେ ପିତାଙ୍କ ଉଦାସୀନତା ବାସ୍ତବରେ ବିଶେଷ ଘୋଷଣା ଦେଇ କନ୍ୟା ନିଜେ ନିଜର ପତିନିର୍ବାଚନ କରିବା କଥା ହେଉ ସଂସାର ତାତ୍ପର୍ଯ୍ୟ।

---

## ଶୋଭାବତୀ

ଗନ୍ଧର୍ବ ସୁରଥସେନଙ୍କ କନ୍ୟା ନାମ ଶୋଭାବତୀ। କୃଷ୍ଣଙ୍କ ପୁତ୍ର ଶାମ୍ବ ତାଙ୍କୁ ହରଣ କରିବାକୁ ଇଚ୍ଛା ଯତ୍ନ କଲେ। ଏହାର ସମ୍ବାଦ ପାଇ ଯଦୁବଂଶ ଥାଟ ନେଇ ରାମ କୃଷ୍ଣ ସୁର ଦଳ ମିଳି ଇନ୍ଦ୍ର ଯୁଦ୍ଧରେ ଅଭିଯାନ କଲେ। ଯୁଦ୍ଧରେ ଦେବଗଣ ଇନ୍ଦ୍ର ପରାସ୍ତ ହେଲେ। ବ୍ରହ୍ମାଙ୍କୁ ଶ୍ରୀକୃଷ୍ଣ ପଚାରିଲେ, "ଏ ଯୁଦ୍ଧ କେଉଁଥିରେ ଶେଷ ହେବ?" ବ୍ରହ୍ମା କହିଲେ, "କୁମାର କୁମାରୀଙ୍କର ବିବାହ ସୁନିଶ୍ଚିତ। ସେମାନଙ୍କୁ ତାଙ୍କ ପାଣି ଦିଅ।" ଇନ୍ଦ୍ରଙ୍କ ଆଜ୍ଞାରୁ ସୁରଥସେନ କୁମାର କୁମାରୀଙ୍କୁ ପାଣି ସହିତରେ ସମର୍ପିଲେ।

ବ୍ରହ୍ମା ଶୋଭାବତୀଙ୍କୁ ପଚାରିଲେ, "ଯୁଦ୍ଧରେ ଦୋଷ କାହାର ହେଲା?" ଶୋଭାବତୀ କହିଲେ :—

"ଦୋଷ ଭୁଲିବାକୁ ମୁଁ ଆସିଥିଲି ଏଠି
ପ୍ରାଣୀମାନଙ୍କୁ ମୁଁ ଦେଖିଲି ଏଥି ଭଙ୍ଗେ।"

ସେହି ଡୋହାରେ ବାହାର କରୁବେଳେ ଦେଖିଲି, ଏକ କୁମାରୀ ଆସି ବାଜଣ ବର୍ଣ୍ଣର କନକ ଚମ୍ପା ତୋଳିନେଲେ । ତାଙ୍କୁ, ଦେଖି ମୋର ମନ-ମୋହିତ ହେଲା ଓ ବୀର୍ଯ୍ୟଖଣ୍ଡ ହେଲା ।

"ଦ୍ରୁପଦପୁରେ ମୋର ଏହି ଭାବନା ଯେ ହେଲା

× × ×

ଅବଧାନ କନ୍ୟା ମୁହିଁ, ବାହୁ ଯେ ନ ହେଲେ
ଯାହାକୁ ତାହାକୁ କରେଁ ବାହୁ ହେବି ଭଲେ ।
ଏତେଦିନ ବାହୁନି ମୁହିଁ ଛଡ଼ା ହବା କାଳ
ଏହାଙ୍କର ରୂପ ଗୁଣ ଦେଖି ମୁଁ ଭାଳିଲି ।
ମାଳା ଦେଇ ତହିଁ ସ୍ୱାମୀ ବରିଲି ଯେ ମୁହିଁ
ଏଥିକୁ ଦୁର୍ଲଭ ବର ଲୋଡ଼ିଲେ ନ ପାଇ ।
ମାଳା ଦେଇ ଏହାଙ୍କର ଗଳାରେ ତୁରିତ
ଋଷିଙ୍କର ମନ ତହିଁ ହୋଇଲା ଏମନ୍ତ ।
ରଥରେ ବସାଇ ଏହି ନେଉଥିଲେ ମୋତେ
ସାବଧାନ ହୋଇ ଶୁଣ ଅହେ ଦେବନାଥେ ।"

କୁମାରୀଙ୍କଠାରୁ ଶୁଣି ବ୍ରହ୍ମା ଯୁଧିଷ୍ଠିରଙ୍କୁ କହିଲେ, "ତୁମେ ସତ୍ୟବାଦୀ । ଏଥିରେ କାହାର ଦୋଷ କହ ?"

ଯୁଧିଷ୍ଠିର :—

"ଯୁଧିଷ୍ଠିର ବୋଲେ ଏହି କଥାଟି ଯୋଗାଇ
ନ ପରୁଷ କନ୍ୟାକୁ ଯେ ଯୁଝି ଭାଙ୍ଗି ପାରି ?"

ଏହା ଶୁଣି ଇନ୍ଦ୍ର, ଈଶ୍ୱର ପ୍ରଭୃତି ଦେବତାମାନେ ଲଜ୍ଜାରେ-ନିରୁତ୍ତର ହୋଇ ସଭାରେ ବସିଲେ । ବ୍ରହ୍ମା କହିଲେ, "ଭୁଲ ବାଲ କଳଙ୍କ ଲାଗିଲେ ବଳେ ଯିବେ, ଏଥିରେ ଯୁକ୍ତି କରିବା କଥା ନାହିଁ ।

ଯୁଧିଷ୍ଠିରଙ୍କ ମନ୍ତବ୍ୟକୁ ଶୁଣିସାରି, କନ୍ୟା ପାଣିଗ୍ରହଣରେ ପୂର୍ଣ୍ଣ ଅଧିକାରିଣୀ । ପୁଣି ଏହି ପାଣିଗ୍ରହଣ ପରେ କନ୍ୟାପିତା ଅନ୍ୟ ପକ୍ଷରୁ

କନ୍ୟାମାନଙ୍କର ଅଧିକାର ଥିଲା । ସେ କାଳରେ ପତିନିର୍ବାଚନର ଅଧିକାର କନ୍ୟା ପକ୍ଷରେ ନିରଙ୍କୁଶ ଥିବାରୁ ତାହାର ପ୍ରତିକ୍ରିୟାର ଫଳସ୍ୱରୂପ କାଳକ୍ରମେ ବାଲ୍ୟବିବାହ ପ୍ରଚଳିତ ହୋଇଥିଲା । ମହାଭାରତକାର ମଧ୍ୟ ଏହି ବାଲ୍ୟ ବିବାହ ଧର୍ମରକ୍ଷା ଦିଗରୁ ଉଚିତ ଓ ହିତକର ହୋଇଥିବା ବୋଲି ମନ୍ତବ୍ୟ ଦେଇଛନ୍ତି ।

ମହାଭାରତୀୟ ନାୟିକାମାନେ ପତିନିର୍ବାଚନରେ ସାଧାରଣତଃ ଅଭିଜାତ ବଂଶଜ, ରୂପବାନ୍, ଶକ୍ତିଶାଳୀ ପୁରୁଷଙ୍କୁ ବରଣ କରୁଥିଲେ । ପୁରୁଷ ପତ୍ନୀନିର୍ବାଚନରେ ବଂଶାଭିଜାତ୍ୟ, ଧନାଭିଜାତ୍ୟ, ରୂପବତୀ, ଗୁଣବତୀ କୁମାରୀମାନଙ୍କୁ ବରଣ କରୁଥିଲେ । ମହାଭାରତରେ ଏହାର ବ୍ୟତିକ୍ରମ ମଧ୍ୟ କେତେକ ସ୍ଥଳରେ ଦେଖାଯାଏ ।

---

## ସତ୍ୟଭାମା

ଯଦୁକୁଳମଣ୍ଡନା ସତ୍ୟଭାମା ସତ୍ରାଜିତ ରାଜକନ୍ୟା । ସେ ସତ୍ରାଜିତ ଜାମାତା ଶ୍ରୀକୃଷ୍ଣଙ୍କ ଦ୍ୱାରକାରେ ଅନୁପସ୍ଥିତ ହୋଇଥିବା କାଳରେ ତାଙ୍କଠାରୁ ଶତଧନ୍ୱା, ସ୍ୟମନ୍ତକମଣି ହରଣ କଲା ଏବଂ ତାଙ୍କୁ ବଧ କଲା । କନ୍ୟା ସତ୍ୟଭାମା ପିତୃବଧରେ ବିହ୍ୱଳା ହୋଇ ରଥାରୋହଣ କରି ଶ୍ରୀକୃଷ୍ଣଙ୍କ ପାଖ ପିତୃହନ୍ତାର ପ୍ରତିଶୋଧକାମୀ ହୋଇ ଉପସ୍ଥିତ ହେଲେ । ପଥରେ ହଳଧର ବଳରାମ ଓ ଶ୍ରୀକୃଷ୍ଣଙ୍କ ସାନ୍ତ୍ୱନା ବାଣୀରେ ଶୁଣି ପିତୃହତ୍ୟାର ବାସୁଦେବ ଆସି ଏହାପରେ କାଳରେ ଶତଧନ୍ୱାକୁ ବାଧ୍ୟକରେ, ସମ୍ମାନ କରିଥିଲେ ।

ସତ୍ୟଭାମାଙ୍କ ପିତାଙ୍କ ପୂର୍ବଜାତ ବୃତ୍ତାନ୍ତ ମହାଭାରତକାର ଯେପରି ଲେଖିଛନ୍ତି, ତହିଁରୁ ଅନୁମିତ ହୁଏ ଯେ, ଦ୍ୱାରକାରେ ଏକ ସମୃଦ୍ଧିଶାଳୀ ଅଧିବାସୀ ବିବାହ ମଧ୍ୟ ପ୍ରଚଳିତ ଥିଲା । ସତ୍ରାଜିତ କନ୍ୟା ନିଜ ଗୃହ ଦ୍ୱାରରେ ସ୍ୱୟଂବରୀ ହୋଇ ପାରୁଥିଲା ।

ମୁଦ୍ଗଳ ପୁତ୍ର ଶମ୍ଭୁଜିତ । ଶମ୍ଭୁଜିତଙ୍କ ପୁତ୍ର ସୁରଜିତ ଓ ସୁରଜିତ ପୁତ୍ର ସୁରସିଂହ । ସୁରସିଂହ ପୁତ୍ର ଧୂମକେତୁ ଓ ଧୂମକେତୁ ପୁତ୍ର ଭାଗ୍ୟବାନ୍ ରାଜା । ତାଙ୍କର ଶତାଧିକବୃତ୍ତାନ୍ତ ଚମକପ୍ରଦ । ବ୍ରାହ୍ମଣ ଶାସନ ଗଡ଼ ସମ୍ବନ୍ଧେ କବି ଲେଖିଛନ୍ତି —

“.. ......ସୁଦାନ୍ତ ନଗର ପୂର୍ବ ଦିଗ୍ ବିଦେଶ

× × ×

ପାଞ୍ଚଶ ଶାସନ ତହିଁ ପାଞ୍ଚଶ ଗାଁଏ
ବେଦ ବାଦ୍ୟରେ ସେମାନେ ନିର୍ଭିଳ ଅଛନ୍ତି ।
ଗଣୀପୁର ଦେବାଦିକର ଏକଇ ବ୍ରାହ୍ମଣ
ତାହାର କନ୍ୟା ନାମ ଶ୍ରୀସୁବଳା ପୁଣି ।
ସମନ୍ତ୍ର ଗଣୀପୁର ବିପ୍ର ନାମ ଶଙ୍ଖ
ତାହାର କନ୍ୟା ବାଲ୍ୟ ଅବଧି ହୋଇଲା ।
କନ୍ୟକ ଅନନ୍ତ ସେହୁ କୁମାରେ ବଇଲା
ସେ ବୋଲି ସାଧବ ଯେମନ କନ୍ୟା କାହିଁ ଭଲ ।
ତାହୁ ଗ୍ରାମ ବାହାରେ ସେ ଗଲେ ପଳାଇଲା ।
ଯେତେବେଳେ ବୋଲି ଘରେ ଯାଇ ନ ଗୋଲା ।”

ଋଷି ମୁଦ୍ଗଳ ସେଥିରୁ ଜମ୍ବୁଦ୍ୱୀପକୁ ଫେରିବାକୁ ବାହାରିଥିଲେ । ପଥରେ ଦେଖିଲେ ଗନ୍ଧର୍ବ କେତକିଣୀ ଗୋଟିଏ କନ୍ୟା ଭୂମିରେ ପଡ଼ି କରୁଣ ରୋଦନ କରୁଛି । ତାହାର କରୁଣ ନାଦରେ ଆକୃଷ୍ଟ ହୋଇ ଜମ୍ବୁଦ୍ୱୀପର ସେହି ସୁନ୍ଦର ଶିଶୁଟିକୁ ସନ୍ତାନବାତ୍ସଲ୍ୟରେ ପାଳନ କଲେ । ମାନବ ଶିଶୁ ଆହାର ବିନା ବଞ୍ଚିବା ଅସମ୍ଭବ । ତେଣୁ ସେମାନେ ପର୍ଣ୍ଣକୁଟୀରକୁ ଘେନି ଆସି ଜନ୍ମାଇଥିବା ଅତି ଯତ୍ନରେ ପାଳନ କଲେ ।

ବାଳକୁମେ ଫଳ ମୂଳ ଭୁଞ୍ଜି କନ୍ୟା ଜମ୍ବୁଦ୍ୱୀପ ଦେହବାକୁ ରୂପରେ ଶିଶୁବନ ଅଲଙ୍କୃତ କଲା । ଦିନେ କନ୍ୟା ମଧ୍ୟ ଭାବିଲା— ମୁଁ ମାନବୀ; ଜମ୍ବୁଦ୍ୱୀପରେ ମୋର ସ୍ଥାନ ହେବ କାହିଁ ? ସେତେବେଳେ

ଜମ୍ବୁଦ୍ୱୀପର ଅଧୀଶ ଅନୁଦେଶରେ ବାଣିଗଣ ଭ୍ରମନ୍ତି, ସେହି ସମୟରେ କୁମାରୀ ସଖୀଙ୍କ ପ୍ରାନ୍ତରରେ ବିହାର କରି ଫୁଲବନର ନାନାବିଧ ରମଣୀୟ ବୃକ୍ଷଲତା ଦେଖି ବିମୋହିତା ହେଉଥିଲେ । ଏଣେ ଜମ୍ବୁଦ୍ୱୀପଙ୍କ ପଥ କୁମାରୀର ଯୌବନାରମ୍ଭ ଦେଖି ଚକିତ ହୋଇ ପଡ଼ୁଥିଲେ ।

ଏଣେ ରାଜା ମୃଗୟା ନିମନ୍ତେ ସେହି ବନରେ ପ୍ରବେଶ କରି କିଛି ଦେଶ ହୋଇ ଭ୍ରମଣ କରୁ କରୁ ଦେଖିଲେ, ଷୋଡ଼ଶୀ ଲାବଣ୍ୟବତୀ ବାଳିକା ଛିଡ଼ା ହୋଇଛି । ତାର ରୂପର ପଟାନ୍ତର ନାହିଁ ।

ରାଜା ଦେଖି ଭାବିଲେ—

"ଧନ୍ୟ ଏ ସୁନ୍ଦରୀ ନବ ଯୌବନ ମଣ୍ଡିତ
ଗଗନେ ଥାଇଁ ଦେବେ ଯେ ରୂପ ନିରେଖନ୍ତି ।
ଶରୀର ଚମ୍ପାକୁସୁମ ପ୍ରଦୀପ୍ତ ଝଟକଇ
କେଶ ଭ୍ରମର ଭ୍ରମରମାଳାରୁ ଜିଣିଲା ।
କଟେ ଡମ୍ବରୁ ଜାନୁ କଦଳୀରୁ ଜିଣି
ଅଧର ରଞ୍ଜିକ ପଦ୍ମପଣରେ ରଖାଣି ।
ଜାଣିବଇ ପଦ୍ମିନୀ ଜାତି ଅନୁରୂପିଣୀ
ଏହାର ରୂପ ଦେଖି ମୋହ ହେବେ ମୁନି ଯତି ।

ରାଜାଙ୍କଠାରେ ନେତ୍ର ପଡ଼ନ୍ତେ କୁମାରୀ ମୁଖ ଅବନତ କରି ଆତ୍ମଗୋପନ କଲା । ଅବଶ୍ୟ ରାଜା ନିରାଶ ହୋଇ ସେଠାରେ କୌଶଳକ୍ରମେ କୁମାରୀର ପରିଚୟ ଜାଣିଲେ ।

ଏହି ସମୟରେ ଜମ୍ବୁଦ୍ୱୀପଙ୍କ ଲେଉଟି ଆସିଲେ । ରାଜା ସେମାନଙ୍କୁ କନ୍ୟା ପାଇଁ ପ୍ରାର୍ଥନା କଲେ । ଜମ୍ବୁକ କହିଲା— "ତୁମେ ଏଠାକୁ ଆସି ବିବାହ କରି ନିଅ ।" ରାଜା ରାଜ୍ୟକୁ ଯାଇ ସୈନ୍ୟ ସାମନ୍ତ ଓ ପୁରୋହିତ ସଙ୍ଗେ ଆସି ଶୁଭଲଗ୍ନ, ଶୁଭଯୋଗ, ଶୁଭବାସର ଦେଖି ମଙ୍ଗଳକୃତ୍ୟ ବଢ଼ାଇଲେ । ଯୌତୁକରେ ଜମ୍ବୁକ ଧନ ବାସଭୂମି ଦାନ କଲା ଓ ଅପ୍ରତିହତ ଦଣ୍ଡି ଦୋଷ କନ୍ୟାର କ୍ଷମା ହେବାପାଇଁ ପ୍ରାର୍ଥନା କଲା ।

"କୃଷ୍ଣ ଧନ୍ଦ କନ୍ୟାକୁ ସେ ସମର୍ପଣ ଦେଲେ
ଏହା ଧର୍ମ ହୋଇ ଯମ ଘର ସେ ହୋଇବେ ।"

ଲୁମାଶ୍ରୀ ସ୍ୱାମୀ ସ୍ୱର୍ଗରୁ ଅନ୍ତରୀକ୍ଷରେ ପିତାମାତାଙ୍କୁ ବାନ୍ଧିଲେ ।

"ପିତାମାତା ଧନ୍ଦ କନ୍ୟା ଦାନରୁ ଅନେକ ।"

ତାମ୍ବୁକ ତାହାର ପାଦରୁ ଭୂମିତଳ ଯୌତୁକ ଦେଇଥିଲେ । ସ୍ୱର୍ଣ୍ଣକଳସରେ ଯାତ୍ରା ଯୌତୁକ ସ୍ୱରୂପ କନ୍ୟାଦାନ ସମ୍ପନ୍ନ ହୋଇ ଦେଇଛି, ସେ ପୁଣି ଜନ୍ମରେ ଯାଇବ କାହିଁ ? ସାରଳା ଦାସ ଏଣୁ ନିଜର ବା ମନ୍ତବ୍ୟଟାକୁ ଚମତ୍କାର ଭାବରେ ଅବତାର କରିଛନ୍ତି । ଏହି ଅଂଶ ବେହୋଟିର କନ୍ୟା ପିତାମାତାର ମନୋଭୂମି ସହିତ ସମ୍ପୃକ୍ତ ହୋଇଛି ।

"ଦକ୍ଷିଣା ନିମନ୍ତେ ଦେଇ ଯାହି ଭାଗ ଗଲୁ
ସେ ଭୂମିରେ ଭଲ କିଛି ଅଙ୍ଗାର ନ କଲୁ ।
ତାର ସତ୍ୟ ଦେଖି ଇନ୍ଦ୍ର ପାଣି ବରଷିଲେ ।
ଭୂମିକୁ ନ ଖାଇ ପାଣି ଦେଖିକୁ ଖାଇଲେ ।
× × ×
ସେ ପୃଥ୍ୱୀର ସୀମା ପାର ହେଲେ ଦେବ ପ୍ରାଣୀ
ଏସନେକ ସତ୍ୟ ହେବ ନ ପାଇବେ ପୁଣି ।"

ଶୃଗାଳର ବା ଅପତ୍ୟସ୍ନେହ ଅଛି ବୋଲି ସେ କନ୍ୟା ଓ ଭୂମିଦାନ କରି ଯାହି ବାହି ତାର ଦେଶରୁ ସ୍ଥାନପର୍ଯ୍ୟନ୍ତ ତ୍ୟାଗ କରି ପଳାଇଲା । ପିତାମାତା କନ୍ୟାଦାନ କରି ତାର ସ୍ୱର୍ଗରେ ଜଳସ୍ପର୍ଶ ନ କରିବା ଓ ଦେଇଥିବା ଯୌତୁକ ଦ୍ରବ୍ୟ ମଧ୍ୟ କନ୍ୟାଶ୍ୱଶୁରରୁ ଗ୍ରହଣ ନ କରିବା ଆମ୍ଭମାନଙ୍କ ସାମାଜିକ ପରମ୍ପରା ଓ ଜାତୀୟ ସଂସ୍କାର । ଏହି ସ୍ଥିତି ମହାଭାରତ ଯୁଗରେ ମଧ୍ୟ ଥିଲା ।

ପୁଣି — "ସେ ହସ୍ତିନାର ପୁତ୍ର ହେଲେ ଦୁଃଶାସନ
ତାହାର ପୁତ୍ରଟି ଜାଣ ଏହୁ ଶତ୍ରୁଜିତ ।
ତାହାର ପୁତ୍ର ହୋଇଲେ ସମର୍ଥକଣ୍ଠ
ବାସୁଦେବଙ୍କର ଶାଳା ସେହୁ ସତ୍ୟାଜିତ ।"

ପୁର୍ବେ ନାରୀର ବ୍ୟକ୍ତିଗତ ସ୍ୱାଧୀନତା ଯଥେଷ୍ଟ ଥିଲେହେଁ ଏବଂ ସେ ଯେଉଁ କୁଳର କନ୍ୟା ହୋଇଥିଲେ ମଧ୍ୟ ବିବାହ ପରେ ତାଙ୍କୁ ସ୍ୱାମୀର କୁଳଗୋତ୍ରରେ ନେବାପାଇଁ ସମାଜରେ ବାଧା ନ ଥିଲା। ସେଥିପାଇଁ ନାରୀର ପିତୃ ସ୍ୱତନ୍ତ୍ର ଜାତି, କୁଳ, ଧର୍ମ ବିଷୟ ବାଧା ସୃଷ୍ଟି କରୁ ନ ଥିଲା। ସ୍ୱାମୀ ସହିତ ତାହାକୁ ଅର୍ଦ୍ଧାଙ୍ଗିନୀ ରୂପରେ ଜୀବନ ନିର୍ବାହ କରି ଦାମ୍ପତ୍ୟ ଧର୍ମ ପାଳନ କରିବାକୁ ପଡୁଥିଲା। କନ୍ୟା ରୂପବତୀ ଓ ସୁଶୀଳା ହୋଇଥିଲେ ତାହାକୁ ସର୍ବେ ରାଜାମାନେ ନିର୍ବିବାଦରେ ବରଣ କରି କୁଳବଧୂ ରୂପେ ସମ୍ମାନ କରୁଥିଲେ। ଏହି ଉଦାର ନୀତିପରମ୍ପରା ଓ ଜ୍ଞାନବର୍ଦ୍ଧକ ମନୋଭାବ ସେହି କାଳ ସମାଜର ଗୌରବ ଓ ମର୍ଯ୍ୟାଦାର ଦେଶ୍ୟସୂଚକ ଏବଂ ସଜୀବତାର ନିଦର୍ଶନ ବୋଲି ଜଣାଯାଏ।

ସତ୍ୟଭାମା: ଯଦୁକୁଳ ବଧୂ—ଶ୍ରୀକୃଷ୍ଣଙ୍କ ଅଷ୍ଟପାଟରାଣୀ ବା ଅଷ୍ଟପତ୍ନୀଙ୍କ ଭିତରେ ଏକତମ ପତ୍ନୀ। ସୁନ୍ଦରୀ ଭୂଷଣ ଓ ଚରିତ୍ରସ୍ମୃତରେ ସତ୍ୟଭାମାଙ୍କ ମଧ୍ୟମା ଏବଂ ଗର୍ବୀ। ହରିବଂଶ ସହିତ ମହାଭାରତ ଗ୍ରନ୍ଥମାନଙ୍କରେ ସତ୍ୟଭାମାଙ୍କର ସମ୍ପର୍କ ରହିଛି ଏବଂ ସେ ଶ୍ରୀକୃଷ୍ଣଙ୍କର ପ୍ରିୟତମା ପତ୍ନୀ ଥିବାରୁ ତାଙ୍କ ପ୍ରେରଣାରେ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ ଉଦ୍ୟାନ ନନ୍ଦନବନରୁ ପାରିଜାତ ନାମକ ମହାର୍ଘ ଦେବବୃକ୍ଷକୁ ଅପହରଣ କରିଥିଲେ। ଏହି ସୁନ୍ଦରୀ ପତ୍ନୀଙ୍କୁ ଉପହାର ଦେବା ଲାଗି ସ୍ୱର୍ଗର ଦେବତା ଇନ୍ଦ୍ରଙ୍କ ସହିତ ଶ୍ରୀକୃଷ୍ଣ ଭୀଷଣ ଯୁଦ୍ଧ କରି ତାଙ୍କୁ ପରାସ୍ତ କରିବା କଥା ମହାଭାରତ ଓ ଅନ୍ୟାନ୍ୟ ପୁରାଣମାନଙ୍କରେ ବର୍ଣ୍ଣିତ ଅଛି।

---

## ଶତ୍ରୁମୈତ୍ରୀ

ପାଣ୍ଡବ ଭ୍ରାତାମାନଙ୍କ ମଧ୍ୟରେ ମାରୁତି ଗଦାଯୁଦ୍ଧରେ ଅଦ୍ୱିତୀୟ ଥିଲେ। କୌରବ ଭ୍ରାତାମାନଙ୍କ ସହିତ ପାଣ୍ଡବ ପକ୍ଷର କଳହର କାରଣ ଖୋଜିଲେ ଭୀମସେନଙ୍କର ଭୂମିକା ଦେଖାଯାଏ। ଦୁର୍ଯ୍ୟୋଧନ ଗଦା-

ଯୁଦ୍ଧରେ ପାରଙ୍ଗମ ଥିଲେହେଁ ଭୀମଙ୍କ ବଳ ତାଙ୍କୁ ପରାସ୍ତ କରୁଥିଲା । ସେହି କାରଣରୁ ଈର୍ଷାପର ଦୁର୍ଯ୍ୟୋଧନ ଭୀମଙ୍କୁ ମାରିବାପାଇଁ ବିଷଲଡ଼ୁ ଖୁଆଇ ନଦୀରେ ଭସାଇ ଦେଇଥିଲେ । ଭୀମ ପାତାଳର ନାଗକନ୍ୟାମାନଙ୍କ ସହାୟତାରେ ପାତାଳକୁ ନୀତ ହୋଇ ନାଗକନ୍ୟା ପିତାଙ୍କ ଦତ୍ତ ମୃତ-ସଞ୍ଜୀବନୀ ଔଷଧ ଖାଇ ଜୀବିତ ହୋଇଥିଲେ । ପରେ ନାଗକନ୍ୟା ଚନ୍ଦ୍ରାବଳୀ ଭୀମଙ୍କୁ ବିବାହ କରି ତାଙ୍କ ଔରସରେ ବେଣ୍ଟଳସେନ ନାମକ ପୁତ୍ର ଲାଭ କରିଥିଲେ । ତହୁଁ ଉତ୍ତାରେ ଭୀମ ମାତା ଓ ଭ୍ରାତାମାନଙ୍କ ସହିତ ଜତୁଗୃହ ଦାହରୁ ରକ୍ଷା ପାଇ ବନବାସ କାଳରେ ବକ ହିଡ଼ିମ୍ବ ଦାନବଙ୍କୁ ସଂହାର କରିଥିଲେ । ମୂଳ ମହାଭାରତକାର ପାଣ୍ଡୁପୁତ୍ର ପଞ୍ଚ-ଭ୍ରାତାଙ୍କୁ ପାଣ୍ଡବ ଓ ଧୃତରାଷ୍ଟ୍ର ତନୟମାନଙ୍କୁ କୌରବ ନାମରେ ଅଭିହିତ କରିଥିଲେ । ମାତ୍ର ସାରଳା ଦାସଙ୍କ ସିଦ୍ଧାନ୍ତ ଅନ୍ୟ ପ୍ରକାର । ପାଣ୍ଡବା-ସୁରଙ୍କୁ ଭୀମ ବଧ କରିଥିଲେ ବୋଲି ପଞ୍ଚଭ୍ରାତା ପାଣ୍ଡବନାମରେ ଅଭିହିତ ହେଲେ ବୋଲି ସେ ଲେଖିଛନ୍ତି ।

ସାହାଦେବ, ଏକେନ ହିଡ଼ିମ୍ବ ବନରେ ହିଡ଼ିମ୍ବାସୁର ଭଉଣୀକୁ ଶିକାର ଖୋଜି ଆସିବାକୁ ପଠାଇଲା । କିନ୍ତୁ ବନରେ ହିଡ଼ିମ୍ବି ଭୀମଙ୍କ କାମକାନ୍ତ ରୂପ ଦର୍ଶନ କରି ମୁଗ୍ଧ ହୋଇ ନିଜର ଅଦ୍ଭୁତରୂପ ପରିବର୍ତ୍ତନ କରି ମୋହିନୀରୂପ ଧାରଣ କରି ଭୀମଙ୍କ ପାଣିପ୍ରାର୍ଥୀ ହେଲା ।

ଏପଟେ ହିଡ଼ିମ୍ବକ ତୁରନ୍ତ ଏହି ଭଗିନୀର ମର୍ମ ଭେଦ କରି କ୍ରୋଧରେ ହୁଙ୍କାରନାଦ ପୂର୍ବକ ଭୀମଙ୍କୁ ମାରିବା ପାଇଁ ବେଗରେ ଧାବିତ ହେଲା । ଦେବତାମାନେ ଭୀତ ତ୍ରସ୍ତ ହେଲେ । ହିଡ଼ିମ୍ବି ତ ଅସ୍ଥିର ହେଲେହେଁ ନାହିଁ । ସେ କହୁଛି —

"ହିଡ଼ିମ୍ବକ ଭାଇ ଯାଇ ସେହିକ୍ଷଣ ସମାତେ
ମୁହିଁ ଯେ ଅଛଇ ଧରି ନେବାର ନିମନ୍ତେ ।
ତୁମ୍ଭେ ନର ଜାଣେ ଅଛ ଅସୁରଙ୍କ ଭକ୍ଷ
ମୁଁ ଆସି ଦେଖିଲି ତୋର ରୂପକୁ ପ୍ରତ୍ୟକ୍ଷ ।

ଦ୍ରୁପଦର କନ୍ୟା ମୁହିଁ ଜନ୍ମ ନାମ ବାହି
ମୁହିଁ ତୋହର ଦାସୀ ହେଲି ଏଥି ତୋହର ଇଚ୍ଛା ।"

ସୁଭଦ୍ରା କଥା ଶୁଣି ସୁଦେଷ୍ଣାଙ୍କର ମନରେ ହେଲା ତାହାଙ୍କ ଭଗ୍ନୀଙ୍କୁ ବିବାହ କରିବାକୁ ସାହସ କରୁ ନ ଥିଲେ । ସେଥିପାଇଁ ଅର୍ଜୁନ ଶ୍ରୀମଙ୍କ ଛଦ୍ମପଦରେ ବରଣ କଲେ । ତାଙ୍କର ପତି ବା ସ୍ୱାମୀ ହୋଇବାରେ ସୋଦର ହେଉ ଛନ୍ତି, ଏ କଥା ଜାଣି କହୁଛନ୍ତି—
"ଜାଣିଲ ସୋଦର, ଲକ୍ଷ ନିଜ ଲେଖା କରି ।"

ଘୋର ଅଜ୍ଞାନରେ ପାଣ୍ଡବମାନଙ୍କର ଦୁଃଖ ଦେଖି ଅର୍ଜୁନ କହିଲେ, "ସମସ୍ତେ ଯେମା ଦାଣ୍ଡରେ ବସନ୍ତୁ ।" କହୁ ସ୍ୱାମୀ ବିଶ୍ୱାସ କଲେ ତାଙ୍କୁ । ସେ ଭାବିଲେ ଏହା ଅର୍ଜୁନଙ୍କ ମାୟା !"
"ସ୍ୱାମୀ ବୋଲିବ ଜାଣିଲି ମୁଁ ତୋହର ମନ
ଦାଣ୍ଡେ ବସାଇ ଅମ୍ଭଙ୍କୁ ଟେକିବୁ ବାହନ ."
ଦ୍ରୌପଦୀ ଦୁଃଖିନୀ ହୋଇ ଶପଥ କରି କହିଲେ —
"ଦ୍ରୌପଦୀ ବୋଲି ଯେବେ କଲୁ ତୁ ଅଧର୍ମେ
ଅଲଂଘ୍ୟ ନାସ୍ତିମ ମୁଁ କଲୁ ଯେ ଅଗ୍ରତେ
ଯେବେ ଯେ ଦେହରେ କଷ୍ଟ ପବିତ୍ରମ ଅଛି
ଅର୍ଜୁନ ଛୁଇଲେ ସଂଗ୍ରାମ କରି ବଳୀ ପାଇଁ ।
ତୁ ମୋର ବନ୍ଧୁର ମହିଳ ମୋର ଦେହ ସେହ
ତୋହର ମୋହର ଆତ୍ମା ଅଟଇ ଅଭେଦ ।"

ଅର୍ଜୁନ ହେଲେ ଦୃଢ଼ ମାନବ ପରି ନଃସ୍ୱାର୍ଥ ମମତା ସ୍ୱର୍ଗସ୍ଥ ଜନକ ପ୍ରେମ ଭୁଲନ୍ତୁ । ସ୍ତ୍ରୀତା ସର୍ବଦା ସ୍ୱାମୀଙ୍କୁ ଉପରେ ମୂଲ୍ୟ ଦାଣ୍ଡ କରନ୍ତିରେ ଦେଖନ୍ତି । ସେଥିପାଇଁ ସ୍ୱୀତା ସ୍ତ୍ରୀତାଟାଙ୍କୁ ନିଃସ୍ୱ ପକ୍ଷରେ ଯଥା ଅଧିକ । ଦାସ-ପଣ୍ଡିତରେ ସବା ଟିକିଙ୍କର ପତିଙ୍କୁ ଅପମାନ ହେବା ଦେଖି 'ସମ୍ମିଳୁଣ୍ଡରେ' ପ୍ରାଣ ବିସର୍ଜନ କରିବା କଥା ସ୍ମରଣ ଉଦ୍ଦେଶ୍ୟ କରେ । ଅର୍ଜୁନ କହିଲେ :—

“ତା ମୁଣ୍ଡଭେଦ କହିଲ ଦେବ କି ଦେବା ସାଧ
ଯେବଣଠାରେ ମ.ଶିଲେ ସେହି ହେବ ବଧ ?”

ଭୀମ କହିଲେ, “ଏତ କିବା ର ସତ୍ୟ ପଣ ମୋ.ର ସତ୍ୟ ହେବାକୁ ଇଚ୍ଛା କରୁଛୁ ତେବେ ତୋର ସ୍ୱାମୀ.ର ମୁଣ୍ଡଭେଦ କଥା କହ !”

ହିଡ଼ିମ୍ବି ପ୍ରମଗତପ୍ରାଣା । ସେହିପାଇଁ ଅବାଳ ସୋଦର— ସ୍ୱଭଗିନୀର ହିଡ଼ିମ୍ବକ ମୃତ୍ୟୁଭିକ ମଧ୍ୟରେ ଭର୍ତ୍ତା ଷଣ୍ଡ ହୋଇ ପଡ଼ିଲା । ପ୍ରେମର ଯାଦୁକାଠି ମାୟା ସୋଦରଙ୍କ ଉପରେ ଗଣ୍ଡୁଳିଙ୍କ ଭଲି । ନାସ୍ତିତତ୍ତ୍ୱ ଯେଉଁଠି ହୋଇଗଲା, ସେଇଠାରୁ ଅନ୍ଧଭକ୍ତି ହିଡ଼ାଭାବି ଓ ସ୍ୱାର୍ଥହିତ୍ୱ ସମ୍ପର୍କିତ ହେଲା । ହିଡ଼ିମ୍ବୀଙ୍କ ସୋଦରର ମୁଣ୍ଡଭେଦ ପ୍ରଣୟୀ ନିକଟରେ ପ୍ରକାଶ କଲା । ତାରୁ ଅତି ସଂସ୍କୃତ ସୂତ୍ରତ ନାଷ୍ଟିକର ବରପଣ୍ଡିତ ବଣିଜା ମଧ୍ୟରେ ଅନାୟାସରେ ଧରା ପଡ଼ିଲା । ପତିତ ସୋଦର ଅପମୃତ୍ୟୁର ବ୍ୟବଧାନକୁ ଭୁଲିଗଲେ । ସାରଳା ଦାସଙ୍କର ଅନ୍ତର୍ଦୃଷ୍ଟି ଦେଖେ ଟିକ୍—ଟିକ୍ । ନାରୀର ଚରିତ୍ରର ସନ୍ଧାନରେ ଆସିଥିବା ସ୍ୱାର୍ଥପରତା.କୁ ସେ ଅଳ୍ପ କଥା.ରେ ଫୁଟାଇଛନ୍ତି —

ଭୀମ ପ୍ରଶଂସିନୀର କଣ୍ଠିତ ନନାସ୍ତାପର ଅଣଙ୍କା କରି କହିଲେ—
“ଅବର କଥା ଏ ତୋହର ମାତେଶ ଡିସୁକଣ୍ଠ
ନ ଧରଣ କୁ ଦୁଃଖ କରୁ ଭଲ ମୁଣ୍ଡ ଦେଖି ।”

ଉତ୍ତର ଅଧିଲୁ :—
“ହିଡ଼ିମ୍ବୀ ବୋଇଲା ଯେ ଭୂମର ଧଇଣ
ମୋଠାର ଅଛିଲ ନନ୍ଦ ବେଗେ ଫଳା ମାର ।”

ସଙ୍ଗ୍ରାମଭାଳିରେ ହିଡ଼ିମ୍ବକ ଦେଖିଲୁ, ଅନ୍ତରୀକ୍ଷ ପଥରେ ଓଡ଼ିଶା ଭୂଦୃ- ଦାଷ୍ଟ ଶୂଳଶକ୍ତି ଘେନି ବେଗରେ ଆସୁଛି । ସୋଦର ଅନଙ୍ଗ ହୋଇ ଭଗ୍ନୀକୁ ଅଶ୍ରୁ ମାଗିଲୁ । କହି—
“ହେମସେନ ଡାକିଲୁକ ଅସୁରୀକୁ ଦେଖି
ତାର ଦୃଷ୍ଟେ ଶତ୍ରୁ ନେଲ ଦେଖ ହିଡ଼ିମ୍ବୀ ।”

ଏହା ଦେଖି ଦାନବର ପ୍ରାଣ ଉଡ଼ିଗଲା । ସେ ଜାଣିଲା, ମୃତ୍ୟୁ ନିଶ୍ଚିତ । ଦାନବକୁ ହତ କଲା ପରେ ହିଡ଼ିମ୍ବିକାକୁ ଭୀମସେନ ମାତା କୁନ୍ତୀଙ୍କ ନିକଟରେ ପହଞ୍ଚାଇଲେ । ଅସୁରୀ କୁନ୍ତୀଙ୍କୁ ପ୍ରଣାମ କଲା । ଭୀମ ମାତାଙ୍କୁ ଅସୁରୀର ମାୟାରୂପଧାରଣ ଶକ୍ତି ତଥା ହିଡ଼ିମ୍ବୀର ପରିଚୟ ଦେଇ ପ୍ରଣାମ କଲେ । କୁନ୍ତୀ ହିଡ଼ିମ୍ବୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ବୁଝି କହିଲେ, "ଯୁଧିଷ୍ଠିର ମୋର ଜ୍ୟେଷ୍ଠ ପୁତ୍ର, ତାର ବାହା ନ ହୋଇ ତୁମକୁ ଏହା କରୁଛୁ ଧାର୍ମିକ ? "ହିଡ଼ିମ୍ବା ଅସୁରୀ ହେଲେ କଣ ହେବ, ସେ କହିଲା ।—

"ହିଡ଼ିମ୍ବା ବୋଇଲା ଯାର ଯାହା ଭାଗେ ଥିବ
ପ୍ରକାଶ ହୋଇଅଛି କିଏଁ ଆନ ଠାବ ।
ସମୁଦ୍ର ମନ୍ଥିଲେ ଦେବ ଦୈତ୍ୟ ସର୍ବ ଯୁଗେ
କମଳା ଜନମ ହେଲେ କୃଷ୍ଣଙ୍କ ଉଦ୍ୟୋଗେ ।"

ଜ୍ୟେଷ୍ଠ ଭାଇଙ୍କ ଆଦେଶ ବିନା ପାଣ୍ଡବମାନେ କିଛି କରନ୍ତି ନାହିଁ । ଭୀମଙ୍କୁ ଯୁଧିଷ୍ଠିର ହିଡ଼ିମ୍ବୀ ସମ୍ପର୍କରେ କିଛି ଆଜ୍ଞା ଦେଇ ନଥିଲେ । ସେଥିପାଇଁ ଭୀମ ଯାଉଲେ ହିଡ଼ିମ୍ବୀଙ୍କ ପକ୍ଷ ନେବାକୁ କୁଣ୍ଠିତ ହେବେ ବୋଲି ଯୁଧିଷ୍ଠିର କହିଲେ —

"..................ମୋ ଚିତ୍ତ ଭୂଷିତେ
ଆଦ୍ୟକୁ ଭ୍ରମା ସେହୁ ନିଜଥିଛି ତୋତେ ।"

ମୂଳ ମହାଭାରତରେ ଅସୁରୀ ସହିତ ଭୀମଙ୍କ ଗାନ୍ଧର୍ବ ବିବାହ କଥା ଲିଖିତ । କିନ୍ତୁ ଆମ କବି କେବଳ ଗାନ୍ଧର୍ବ ବିବାହ ବର୍ଣ୍ଣନା ଦେଇ ବିବାହ ଉତ୍ସବକୁ ଛାଡ଼ି ଦେବାର ପାତ୍ର ନୁହନ୍ତି । ଶାସ୍ତ୍ରୀୟ ବିବାହ ସହିତ ହୋମ, ଯଜ୍ଞ, ବେଦୀ, ଲଗ୍ନ, ବାର, ତିଥି, ନକ୍ଷତ୍ର, ଯୋଗ, କରଣ ସବୁ ସମାନ କରାଇ ତୃପ୍ତ ହୋଇଛନ୍ତି ।

ମୂଳ ମହାଭାରତରେ ହିଡ଼ିମ୍ବା ପୁତ୍ରର ଘଟୋତ୍କଚ ନାମ ହେବାର କାରଣ ଉଲ୍ଲେଖ ନାହିଁ । ମାତ୍ର ଆମ କବିଙ୍କ ଉକ୍ତିର ତାଳନାରେ ଶିଖଣ୍ଡୀ ଭୀମଙ୍କ ଶିର ଖଣ୍ଡିବେ ବୋଲି ନିଶ୍ଚିତ ଶିଖଣ୍ଡୀଙ୍କୁ ଭାଙ୍ଗି ଦିଗ ଦ୍ୱିପଦ ସୃଷ୍ଟ ହେଉଥିବା 'ଦ୍ୱିଖଣ୍ଡ' ନାମରେ ନାମିତ ହୋଇଥିବା ଲେଖିଛନ୍ତି, ସେଥିପାଇଁ

ଶତ ପତି ମସ୍ତକରେ କରତାଳି ଦେଇ ଶିବାଙ୍କୁ କୁମାରୀର ନାମ ସତ୍ୟୋଜିତ ହେବାର ଲେଖିଛନ୍ତି ।

"ପୁତ୍ରର ମସ୍ତକ ଗୋଟି ପଟରେ ଅନାଇ
କର ଦେଇ ଭର୍ତ୍ତି ପୁଣି ଉଛେ ଫରଫର ।
ଶୀର ପାନ କଲ ମୃଣ୍ଡ ଲୋଟାଇଲ ଗାଣ୍ଡି
ସତ୍ୟୋଜିତ ନାମ ତାର ରଖିଲେକ କୃଷ୍ଣୀ ।"

ଏଥି କାରଣ ହେଲା ସାରଳା ଦାସ ସତ୍ୟୋଜିତର କଥା ଲେଖିଛନ୍ତି ।

---

## (ଗ) ମୁକୁସୁଲୀ

ସାରଳା ମହାଭାରତରେ ସୂଶୀ ରାଜକୁମାରୀ ଉଦ୍ଧରଣରେ ବହୁ ସଂଖ୍ୟକ ମୁକୁସୁଲି ସଖୀ, ପରିଚାରିକା ବା ଗୋଇଲାମାନଙ୍କର ପ୍ରସଙ୍ଗ ଉଲ୍ଲେଖ ହୋଇଥିଛି । ସେମାନେ ନଗଣ୍ୟକାରିଣୀ ହେଲେହେଁ ସେମାନଙ୍କର ସାଧାରଣ ବୁଦ୍ଧିବୃତ୍ତି ଯେ ପ୍ରଖର ଥିଲା, ତାହା ମହାଭାରତ ପାଠକ ପାଠିକାଙ୍କୁ ଗୋଚର ଥିବ । ରାଜାନ୍ତଃପୁରର କୌଣସି କାର୍ଯ୍ୟ ଏମାନଙ୍କ ସାହାଯ୍ୟ ଓ ସହାନୁଭୂତି ବ୍ୟତିରେକେ ସଫଳ ହୋଇ ନ ଥିଲା । ଏହାର ପରମ୍ପରା ଅଦ୍ୟାପି ରାଜପ୍ରାସାଦ ମାନଙ୍କରେ ରହିଛି । ବିବାହ, ବ୍ରତୀଷ୍ଟ ଓ ଅନ୍ୟାନ୍ୟ ସେବା କାର୍ଯ୍ୟରେ ସେମାନଙ୍କୁ ନିଯୁକ୍ତ କରା ଯାଉଥିଲା । ସେମାନେ ପ୍ରତ୍ୟକ୍ଷଦର୍ଶୀ ମତ ଥିଲେ ।

ଦ୍ୱାରବସ୍ତ ପ୍ରବଣ ଅଧ୍ୟାୟରେ ଶକୁନ୍ତ ନାମକ ବୈଦ୍ୟ ଜନ୍ମାକନ୍ୟା ଦ୍ୱାରବସଙ୍କୁ ସେହିପରି ଅଣ୍ଡ ସମ୍ପଦରେ ପଦ୍ମୀକୃତେ ରଖିଥିଲା । କିନ୍ତୁ ଦ୍ୱାରବଣା ଶକୁନ୍ତିଙ୍କୁ ଅତ୍ୟନ୍ତ ଘୃଣା କରି ବାତବ୍ୟାଘ୍ର ହୋଇଥିଲେ । ତେବେ ଅର୍ଜୁନଙ୍କୁ ଦ୍ୱାରବତୀ ଦେଖିବାର ବଳପୂର୍ବକ ରୋଗ ଥାଇ ଜନ ଘରେ ରଖିଲ । ଅର୍ଜୁନ ଦ୍ୱାରବତୀର ସମ୍ପର୍କରେ ଖୁବ୍ ହେବେ ବୋଲି ଦ୍ୱାରବତୀ ପ୍ରସ୍ତାବରେ ତାଙ୍କୁ ବିବାହ କରିବାକୁ ଅନିଚ୍ଛୁକ ହେଲେ ।

ଦ୍ରୌପଦୀର ସକଳ ଆବେଦନ ବ୍ୟର୍ଥ ହେଉଥିବାରୁ କ୍ରୋଧରେ ସେ ଅର୍ଜୁନଙ୍କୁ ଅସହାୟ ଅବସ୍ଥାରେ ଦେଖି କୌଣସି ଶାସ୍ତ୍ର ରୂପରେ ପଚାରି ଦେଉଥିଲେ । ଉଲୁକବଦ୍ଧାରେ ସ୍ୱାସ୍ଥ୍ୟବତୀ ଅବସ୍ଥା ଥିବାରୁ, ଅର୍ଜୁନଙ୍କ ଉଦ୍ଧାର କରିବାର ଉପାୟ ମଧ୍ୟ ତାଙ୍କୁ ଜଣା ଥିଲା ।

ଏହି ସମୟରେ ଜଣେ ନିକୁମ୍ଭ ଦେବତା ସତୀ ନିକଟକୁ ଯିବାକୁ ଇଚ୍ଛା କଲେ । ପ୍ରବେଶ ପଥକୁ ବନ୍ଦ ରହିଥିବାରୁ ଦୌତ୍ୟ ସୂତା ମୁକୁସୁଲୀମାନଙ୍କୁ କବାଟ ଫିଟାଇବାକୁ ଅନୁଜ୍ଞା ଦେଲେ । ସେମାନେ କହିଲେ, "ତୁମେ ସର୍ବ ଦ୍ରୁତ ପର୍ଯ୍ୟନ୍ତ ସେହିଠାରେ ରହିଥାଅ । ରାଣୀ ସନ୍ତୁଷ୍ଟ ଅଛନ୍ତି, କବାଟ ଖୋଲିବାକୁ ଆଜ୍ଞା ନାହିଁ ।

"ମୁକୁସୁଲୀ ବୋଲେ ଶୁଣ ନ ଫେଡ଼ୁ ଏବେ କେ
ଠାକୁରାଣୀ ସେ କୋପିବେ କବାଟ ଫେଡ଼ିଲେ ।
କିଞ୍ଚିତ୍ ସେବେ କି ତୁମେ ବାହେ ଭଲ ରସ୍ତେ
ସେହିଠାରେ ରହିଥାଅ ପ୍ରଭାତର ଯାଏ ।
ନାଗିଣୀର ଶୁଣ ଫେଡ଼ିବା ହୋଇବ ନାହିଁ ଆଜ
ତାଙ୍କ ଆଜ୍ଞାକୁ କେମନ୍ତେ ଲଙ୍ଘିବୁ ଅବଶ୍ୟ " (ବନପର୍ବ)

ନିକୁମ୍ଭ କହିଲା—

'ନିକୁମ୍ଭ ବୋଲେ ମୋତେ ବୋଲ ନ ଫେଡ଼ିବ ଦ୍ୱାର
ମୁଁ କେବେ କାଟିବି ନିଶ୍ଚେ ସମସ୍ତଙ୍କ ଶିର ।"

ପ୍ରଭାତ ହେଲାରୁ ଯଥା କବାଟ ବନ୍ଦ ରହିବା କାରଣ ମୁକୁସୁଲୀଙ୍କୁ ପଚାରିଲେ । ମୁକୁସୁଲୀମାନେ ଏହାର କୌଣସି ପ୍ରମାଣ ଏବଂ ସନ୍ତୋଷଜନକ ବିଶ୍ୱାସଯୋଗ୍ୟ କାରଣ ଦର୍ଶାଇଲେ ନାହିଁ । ଦୌତ୍ୟ କ୍ରୋଧ କରି ଶାନ୍ତ ହେଲା ।

ନିକୁମ୍ଭ ଭାଗବତ ନିକଟକୁ ବିଦାୟ ହୋଇ ଆସିଲା ବେଳେ କହିଲା—

"ନାରଦଙ୍କ ବାଣୀ ଶୁଣିଲେ ସକଳ ଦେବା [illegible] ।
କେଉଁଣ ଠାଇ ମୁକୁଶ ପୁରେ ଅଛି ଏବା ?

ଭାଗବତୀ ଭୂମି ପଡ଼ିଲାରୁ ଦୈତ୍ୟମାନଙ୍କର ଘୋର ସନ୍ଦେହ ହେଲା । ସେ ସାତ ଥର ପ୍ରଦୋଷରେ ମନୁଷ୍ୟର ସନ୍ଧାନ କଲା । ଭାଗବତୀ ଛଳନା କରି କହିଲା,

‘‘ଭାଗବତୀ ବୋଇଲେ ଯେବେ ଅସ୍ତ୍ରେ ପୋତିଲ
ମୁଁ ତ ମନୁଷ୍ୟ ନୋହୁଁ କର ସେ ଆହାର ’’

ନକୁଳ—

‘‘ଶିବ ଶିବ କରି ସୁବେଶ କରିଣ ବନସ
ନାଗ ଭବନରେ ଯାଇ ହୋଇଲା ପ୍ରବେଶ ।’’

ଭାଗବତୀ ଚରିତ୍ରକୁ ସାରଳା ଦାସ ଅତି ନୀଚ ଚକ୍ରାନ୍ତକାରିଣୀ ଓ ଅସଂଯତ ଭାବରେ ଦେଖାଇଛନ୍ତି । ଭାଗବତୀ ସୁନ୍ଦରୀ, କିନ୍ତୁ ସେ ମୋହିନୀ, ନାରୀଙ୍କ ଓ ଛଳନା ବିଦ୍ୟାରେ ସମ୍ପୂର୍ଣ୍ଣା । ସେଥିପାଇଁ ସେ ଅର୍ଜୁନଙ୍କୁ ନିଜର ଦେହାଧୀନରେ ରଖିବାର ପ୍ରସ୍ତାବ କରି ପାରିଲା । ଭାଗବତୀ ନିଜ ସ୍ୱାର୍ଥ ନିମନ୍ତେ ନକୁଳକୁ ଛଳିବା, ମିଥ୍ୟାକଥା ବିସ୍ତାର କରିବା, କୌଶଳ କରି ନକୁଳକୁ ହତ୍ୟା କରିବା ଶେଷରେ ଯୁଦ୍ଧକ୍ଷେତ୍ରରେ ଦେବତାମାନଙ୍କ ସାହାଯ୍ୟରେ ଅର୍ଜୁନଙ୍କୁ ପତିରୂପେ ପାଇବା କଥା ଲକ୍ଷିତ ଅଛି ।

ମୁଦୁସୁଲମାନଙ୍କର ଚରିତ୍ର ଏହି ଶ୍ରେଣୀର ବୋଲି ଏହି କଥା ତଥା ମୁଦୁସୁଲମାନଙ୍କ ଚରିତ୍ର ଚିତ୍ରଣ ସବୁ ଗ୍ରଥିତ ହେଲା ।

ବିରାଟ ସେନାପତି କୀଚକ ଦ୍ରୌପଦୀଙ୍କୁ ନିଜର ହୋଇ ରହିବା ପାଇଁ ମୁଦୁସୁଲମାନଙ୍କ ଦ୍ୱାରା ନାନା ମହାର୍ଘ ଉପହାରମାନ ପ୍ରେରଣ କରିଥିଲା । ବିରାଟ ରାଣୀ ସୁଦେଷ୍ଣାଙ୍କ ଦାସୀ କରୁଣା ଏହି ଭଳି କୌତ୍ୟ କାର୍ଯ୍ୟରେ ଥାଇ ସେମାନଙ୍କର ବିଶ୍ୱସ୍ତ ହୋଇଥିଲା । ଦ୍ରୌପଦୀଙ୍କ ପରିଚାରିକା ଓ ସଖୀ ଚେଟିକା ମଧ୍ୟ ଅତ୍ୟନ୍ତ ବୁଦ୍ଧିମତୀ ଥିଲା । ପୁଣି ଦ୍ରୌପଦୀଙ୍କ ବିବାହ ପରେ ଦ୍ରୁପଦରାଜା କେତେମାନ କନ୍ୟାଙ୍କ ସହିତ ଯୌତୁକ ସ୍ୱରୂପ ତାଙ୍କ ସ୍ୱାମୀଗୃହକୁ ପଠାଇଥିଲେ ।

ଚୁଡ଼ୁଙ୍ଗୁଳମାନେ ରାଜକୁମାରୀ ଓ ରାଣୀମାନଙ୍କୁ ପ୍ରସାଧନ କରୁଥିଲେ । ସେମାନେ କନ୍ୟା ସ୍ୱୟମ୍ବର ହେବାକୁ ସହଯୋଗ କରୁଥିଲେ କନ୍ୟାକୁ

ସଙ୍ଗରେ ନେଇ ଯାଉଥିଲେ । ପୁଣି କୁମାରୀଙ୍କୁ ସମସ୍ତ କୁମାରମାନଙ୍କର ପରିଚୟ ପ୍ରଦାନ କରୁଥିଲେ । ସାରଥିମାନେ ମଧ୍ୟ ସହଚରୀମାନେ ଧରି ଯାଉଥିଲେ । ଶିବିରରେ ହାତୀ-ଅଶ୍ୱମାନ ଓ ବରକନ୍ୟାଙ୍କୁ ସ୍ନାନ କରାଇବା, ଲୁଗା ପିନ୍ଧାଇବା, ସେମାନଙ୍କୁ ନେବା ଆଣିବା ଏମାନେ କରୁଥିଲେ । ବିବାହ ପରେ ବର କନ୍ୟାଙ୍କୁ ଏମାନେ ବେଶ ଭୂଷଣ ପିନ୍ଧାଉଥିଲେ । ଶଙ୍ଖ ବଜାଇବା, ହୁଳହୁଳି ପକାଇବା ଆଦି ଏମାନଙ୍କର ପ୍ରଧାନ କାର୍ଯ୍ୟ । ବିବାହ ବେଦୀ ନିକଟରେ ମଙ୍ଗଳ ଗାଇବା, ନୃତ୍ୟ କରିବା ଏମାନଙ୍କର କର୍ତ୍ତବ୍ୟ ଥିଲା । କନ୍ୟାମାନଙ୍କୁ ଅଳତା, କୁଙ୍କୁମ, କସ୍ତୁରୀ, ଭସ୍ମ, ସୁଗନ୍ଧ ଚନ୍ଦନ, କର୍ପୂର, ସୁବାସିତଜଳ ଯୋଗାଇ ଦେବାରେ ଏମାନେ ଅଗ୍ରଣୀ ଥିଲେ । ଏହା ଛଡ଼ା ରାଜକୁମାର ଓ ରାଜକୁମାରୀମାନଙ୍କର ପ୍ରଶସ୍ତି ବଖାଣରେ ଦୌତ୍ୟକାର୍ଯ୍ୟ ଏମାନେ ସମ୍ପାଦନ କରୁଥିଲେ । ଏହି ବର୍ତ୍ତମାନ ଓଡ଼ିଶାର ଧାଇ ପୋଇଲୀମାନେ ସମାଜରେ କରି ଆସୁଅଛନ୍ତି ।

ଚନ୍ଦ୍ରାବତୀ ପର୍ଯ୍ୟଙ୍କ ଉପରେ ଶୟନ କରିବାପରେ ଚନ୍ଦ୍ରାବତୀ-ମୁଖରେ ରହିଥିବା କଥା ନାରଦଙ୍କଠାରୁ ସ୍ୱପ୍ନ ବୃତ୍ତାନ୍ତ ଶୁଣିଲେ । ସ୍ୱପ୍ନରେ ପ୍ରତ୍ୟକ୍ଷ ହୋଇ ମୁକୁନ୍ଦଙ୍କୁ ଡାକି କହିଲେ:—

“ମୁକୁନ୍ଦଙ୍କ ଗଳା ଶ୍ରୀ ଦେଖିଲି ନୟନ
ମୋହରେ ପଶି କୁନ୍ତ ଦେଖ ଏ ନୟନ ଗ୍ଳାନି :
ଦେଖ ନାମେ ମୁକୁନ୍ଦଙ୍କ ପଶିଲା ଅନ୍ତରେ
ଚନ୍ଦ୍ରାବତୀ ନରେନ୍ଦ୍ରଙ୍କ ତାଙ୍କୁ ଅର୍ପି ବରେ ।
ଶୁଣି ମୁକୁନ୍ଦ ଦେଲେ ପଶିଲ ତତ୍କ୍ଷଣ
ଦେଖିଲା କିମ୍ବା ଏକ ଶିଶୁ ଅଛି ଧନ୍ୟ !”

କୁଟୁମ୍ବମାନେ ଅପ୍ରତ୍ୟାଶିତ ଭାବରେ କୁମାରୀଙ୍କଠାରୁ ଏକ ଦେବକନ୍ୟା ଧ୍ୱନ୍ଦ୍ୱାଂଶ ସ୍ୱରୂପ ଦେଖି ଆଚମ୍ବିତ ହେଲେ । କୁମାରୀ ଜାତକର ଜନ୍ମ ସ୍ଥିତି ଆଜ୍ଞା କରି ଶାସ୍ତ୍ରୀଙ୍କୁ କହିଲେ, “ଏଠାରୁ ଶୀଘ୍ର ଲଗ୍ନ କର, ନୋହିଲେ ନାଶ ହୋଇ ମୁକ୍ତି ଲକ୍ଷଣ କର ନାହିଁ ।”

ଉଷା ସ୍ୱପ୍ନରେ ଦ୍ୱାରା ଅନିରୁଦ୍ଧ ଗୋପନରେ ତାଙ୍କ ସହିତ ସ୍ୱପ୍ନକ୍ରୀଡ଼ା ସମ୍ପାଦ ପାଇ ଉଦାସୀନ ବାଣାସୁର ସମ୍ବାଦର ତଥ୍ୟ ବୁଝିବାକୁ ମୁକୁସୁଣ୍ଡିମାନଙ୍କୁ ପଠାଇଲା ।

"ଶୁଣି ମୁକୁସୁଣ୍ଡିମାନେ ଅନ୍ତଃପୁର ଘରେ
ବେଗେ ଜଣାଇଲେ ଆସି ନୃପତି ଛାମୁରେ ।

× × ×

ଉଷାର ପାର୍ଶ୍ୱେ ପଥା ଅଛନ୍ତି ଦେବ ସୁତ ।"

ମୁକୁସୁଣ୍ଡିମାନଙ୍କଠାରୁ ସଖୀ ବା ଦାସୀମାନଙ୍କର ଉତ୍ତରଦାୟୀରେ ବିଶେଷ ସ୍ଥାନ ରହିଥିଲା । ସେହି ଦାରୁଣକୁ ଉଷା ସଖୀଙ୍କୁ କହୁଛି —

"ତୁ ମୋତେ ସଙ୍ଗତେ ଆଣେ କୁଆଁରୀ ସଦନେ
ପାଦ ଧରି ଦଣ୍ଡି ଦେଉ ଉତ୍ତମ ବଚନେ ।

× × ×

ଅବିଳମ୍ବେ ପତି ମୋତେ ନେଇ ଆଣି ଦେବୁ ।"

ପ୍ରଣୟୀ ବିରହରେ ଉଷା ମୁମୂର୍ଷୁ ହୋଇଥିଲା । ସେ ଅନିରୁଦ୍ଧଙ୍କ ଛବିଟିଏ ଧରି ଦିବସ ଯାମିନୀ କାଟି ଆଜି ଦିନ । ସେଦିନ ସଖୀ ଚିତ୍ରରେଖା ଅନିରୁଦ୍ଧଙ୍କୁ ଅଚେତନ ଅବସ୍ଥାରେ ଆକାଶ ମାର୍ଗରେ ପଲଙ୍କ ଉପରେ ଘେନି ଆସି ଉଷା ସମୀପରେ ପହଞ୍ଚାଇଲା, ସେହି କାଳରେ ଉଷା ଅତ୍ୟନ୍ତ ଆନନ୍ଦରେ ବିହ୍ୱଳ ହୋଇ

"ସଖୀଙ୍କୁ ଦେଖି କୁମାର ପଲଙ୍କେ ଆସନ୍ତ
ଧାଇଁ ଯାଇ କୋଳ କଲା ଅମୂଲ୍ୟ ରତ୍ନ ।"

ଉଷା କହିଲା—

"ଆଜନ୍ମେ ମୁଁ ସଖୀ ତୋର ହେଲି ପରିଚାରୀ ।" (ମଧ୍ୟପର୍ବ)

ସୁଚେତନା ଫେରିପାଇ ଅନିରୁଦ୍ଧ ଦେଖିବାକୁ ଉଷାକୁ ସୁନ୍ଦରୀ ଷୋଡ଼ଶୀ ପଦ୍ମିନୀଙ୍କ ରୂପରେ ଦେଖି ବର ହେବାକୁ ହେଲେ ।

"ଷୋଡ଼ଶୀ ପଦ୍ମିନୀପ୍ରାୟ ଏକା ସଙ୍ଗେ ଥାନ୍ତି
ନାନା ଭାବଭଙ୍ଗେ ଭାବ ମନକୁ ଭେଟାନ୍ତି ।"

ସୁରେଖାର ପ୍ରଶ୍ନଟିକୁ ଆଉ ପିଲା ବନ୍ଦୀ ଭଳି ରଖିବାକୁ ହେଉ ବିଷାଦରେ ଆକୁଳ ହେଲୁ ।

"ସ୍ୱାମୀ ପରିବାରମାନେ ଘରୁ ଛାଡ଼ିଲେ
ଅନେକ ପ୍ରକାରେ ତାକୁ ପ୍ରବୋଧନା ଦେଲେ ।"

ସୁରେଖା ଜବାବଦେଲେ

"ତୁମ୍ଭର ଆଗରୁ ଦାସୀମାନେ ଧରି ଘରେ
ସେହିଠାରେ ଯେ ତୁମ୍ଭ ବାକ୍ୟ ରେଖା କରିଥିଲେ ।"

ସୀତାର ଜନ୍ମସ୍ଥାନରେ ପ୍ରଥମ ଦାସୀ ଲକ୍ଷଣା, ଅନେକ ଶବ୍ଦ ଗୁଣୀ ସୁରେଖା! ନିଜଠାରୁ ବାର୍ତ୍ତା ଓ ଉପହାର ନେଇ ଆସିଲା । ସୁରେଖା ତାର ପଠାଇଥିବା ଉପହାର ପାଇ ବାପଘର ପରିବାରର ସମସ୍ତଙ୍କର କୁଶଳ ସମାଚାର ପଚାରିଲେ ।

ବାପଘରୁ ଶାଶୁଘରକୁ ସେଠିଁ ଧାଡ଼ ଗୋଷ୍ଠୀମାନେ ବୁଝି ବା ଅଟି ଝିଅ ନିକଟକୁ ନେଇ ଯଥୋଚିତାକୁ ଯାଆନ୍ତି, ଝିଅମାନେ ସେମାନଙ୍କୁ ପିତୃକୁଳର ସମସ୍ତଙ୍କ କୁଶଳ କଥା ପଚାରନ୍ତି । ଏହା ଆମର ଗ୍ରାମ ଓ ସହରର ସମାଜରେ ଅଦ୍ୟାପି ପ୍ରଚଳିତ । ଏ ପରମ୍ପରା ପାଲି ଦାସଙ୍କ ସମାଜରେ ମଧ୍ୟ ଥିଲା । ତେଣୁ ଲକ୍ଷଣା ସୁରେଖାକୁ କହିଲା :—

"ସବୁ କୁଶଳ ଜାଣ ଗୋ ଲକ୍ଷ୍ମୀ ଲମଣି
ସକଳେ କୁଶଳେ ଅଛନ୍ତି ଶୁଣ ଠାକୁରାଣୀ
ଏକା ସୀତାଙ୍କର ହୋଇଅଛି କ୍ଷୁଦ୍ରବ୍ୟାଧି ।"

ଲକ୍ଷଣା କହିଲା, ବଡ଼ଭଉଣୀଙ୍କ ପ୍ରତିଦିନ ରୋଗ ହୋଇ ପୂର୍ବ ଜାତକ ରୋଗମୁକ୍ତ ହେଉ ନାହାନ୍ତି । ତୁମ୍ଭ ନିକଟରେ ଯେଉଁ ଦିବ୍ୟ ଜାନକ ଦାସୀ ଅଛି, ତାକୁ ଦେଖି ପାଇଲେ ରୋଗମୁକ୍ତ ହେବେ ।

ଭାଉଜ କାନ୍ଦିଉଠି, ସୀତାଙ୍କ ଓ ସେ ପ୍ରବୃତ୍ତି ଦେଖି ବଡ଼ ଭଉଣୀ ସୁରେଖା ଅଶ୍ରୁ ରୋକି ନ ପାରି ଏପରି ଭାବେ କହୁଅଛନ୍ତି —

"ଭଉଣୀର ରୋଗ ମୋର ଯିବା ନେଇ ଦୂରକି
ଭଗ୍ନୀଟିକୁ କେମନ୍ତେ ସେ ଦେଖିଲା ଦୁଃଖ ?

ମୋତେ ଦେଖିବାକୁ କି ତୋ ନ ପାଇଲୁ ଲଜ୍ଜା
ବିପତ୍ତି ପଡ଼ିଲେ ସ୍ତ୍ରୀଙ୍କି ମାନ ବୁଦ୍ଧି ଶଙ୍କା ।
ଦଇବ ବୁଦ୍ଧିରେ ବେଗ ହୋଇ ସେ ମରଇ
ପରସ୍ତ୍ରୀ ମନଧନ ଥାଇ ସେ ଧରଇ ।
ସତୀ ନାରୀ ଛୁଟି ସେହି ଉପଦେଶ ରହିଲ
ପରମାସ୍ତୁ ଥାଇ ଥାଇ ସେ ସ୍ୱାର୍ଥ ମରଇ ।”

ଏହି ଅତର୍କ୍ୟ ବଚନ ଶୁଣି ରାଜଅନ୍ତଃପୁରବାସିନୀଙ୍କ ସହିତ ଅନ୍ୟ ଦାସୀମାନେ କେଶରେ ଝିଙ୍କାଣି ଗାଳିଦେଲେ । କଙ୍କଣା ରାଜଜେମାର ଦାସୀ ହୋଇ ସୈରିନ୍ଧ୍ରୀଙ୍କୁ କହିଲା—

“ହେ ମୋହର ପିତା ମାତା ମେ ତୋର ସୋଦର
ମୋତେ ଦେଖିଣ ବାଧ ସେ ଙ୍କଡ ଠାକୁର ।
ବାହୁଟ ପ୍ରକୃତିଏ କଥାଇ ସେପାଲିଲା
ସମସ୍ତଙ୍କୁ ନ ଶକ୍ତି ଦ୍ରୁପଦ ଦୁଲାଳୀ ।”

ସୁଦେଷ୍ଣା କଙ୍କଣା ଦାସୀକି କହିଲେ, “ଶୁଣ କଥା, ଆଉ ଏପରି ମତ ପ୍ରସଙ୍ଗ ନ ଉଠ ।” କଙ୍କଣା ସୁଦେଷ୍ଣାଙ୍କଠାରୁ ବିଦାୟ ନେଇ ଆସି କୀଚକଙ୍କୁ ସୁଦେଷ୍ଣାଙ୍କ ମତ ଜଣାଇଲା । ପୁଣି କହିଲା, ସୈରିନ୍ଧ୍ରୀ ବିରାଟ ପୁରର ଦାସୀ ହୋଇ ରାଣୀଙ୍କ ଶରଣରେ ରହିଛି । ରାଣୀ ଶରଣାଗତା ଦାସୀକି ତାର ଅନିଚ୍ଛାରେ ନାହାର ଉପପତ୍ନୀ ହେବାକୁ ଦେବେ ନାହିଁ । ତାହାହେଲେ ତାଙ୍କର ସମ୍ମାନ ଯିବ ଓ ରାଜ୍ୟରେ ଅପଯଶ ହେବ ।

ପୁଣି ଦ୍ରୌପଦୀ ନିକଟ କୀଚକ ଦାସୀ ପଠାଇଲାରୁ ଦ୍ରୌପଦୀ ଉତ୍ତର ଦେଲେ—

“ଦାସୀମାନଙ୍କ କଥାରେ ମଜ୍ଜି ନ କୁହ
ମୋ' ପଛେ ଲାଗିଲେ ଆସୁ ହେବ ତା ଶେଷ ।

ତା ପରେ—

ଡାକିଲେ କଙ୍କଣା ଦୁଷ୍ଟା ଅତି ପଣ୍ଡାମତି
ଜଣାଇଲେ ଯାଇକରି କୀଚକ ସମୀପେ ।”

ଜୀବନର ଦୁଃଖ ଅବସ୍ଥା ଦେଖିଲାରୁ ସୁଦେଷ୍ଣାଙ୍କ ଦୈନିକ [ଚେତନା ଛିଡ଼ାଏ କମିଗଲା । ସେ ଦ୍ରୌପଦୀ ପ୍ରାଣରେ ନୂତନ ଶକ୍ତି ଫେରାଇଲେ । ସୈରିନ୍ଧ୍ରୀ ସ୍ୱାଧୀନା ଦାସୀ ; ସ୍ୱାମୀମାନଙ୍କର ଆଶ୍ରୟ ଅବଶ୍ୟ ଥିଲେ ସେ କୋପ କରିବେ ବୋଲି ଅନ୍ୟ ଅନ୍ତଃପୁରରେ ସେ ନାଟକ ନାଚିବାକୁ ଶିଖିବାକୁ ଯାଇ ଥିଲେ । ଏହି ବୋଲି କୀଚକପୁତ୍ରଙ୍କୁ ସେ ଦେଖି ଆସିଥିଲେ—

"ସର୍ପିଣୀ ଉଗ୍ରାକୃତେ ସେ ଚଞ୍ଚଳ ଦେଇଲା
କୀଚକ ଅନ୍ତଃପୁରରେ ପ୍ରବେଶ ସେ ବାଳୀ
ସୁନ୍ଦରୀରେ ଦେଖିଦେଲେ ଦ୍ରୁପଦ ଝିଅଟି
ଥିଲେ ଯେବେ ଦାସୀମାନେ ଚହଟିଲେ ତଳି ।"

× × × ×

କୀଚକ କହିଲେ—

"କବୁ ଆଲୋ ସୁନ୍ଦର ବାଳୀମାନେ ଧରି
ଅନ୍ତଃପୁରେ ଲଭସେ ଦର୍ପ ଲଜ୍ଜାହୀନା ନାରୀ ।"

× × ×

ଦ୍ରୌପଦୀ ସ୍ୱୟଂମ୍ବରବେଳେ ଦେଖିଲା ତାଙ୍କର ଏଣୀ ଓ ଦାସୀ ରୂପେ କାର୍ଯ୍ୟ କରିଥିଲା । ସେ ସମୟରେ ସୈନ୍ୟମାନଙ୍କୁ ଦେଖି କୃଷ୍ଣା ପଚାରିଲେ :—

ବୋଇଲେ ଦ୍ରୌପଦୀ ଶୁଣ ହେଲୁ ଚେଲୀଗଣ
ଅହଂକ ପ୍ରାତେ କରିବୁ କାହାର ବାହନା ?

ଚେଲୀଗଣ—

"ମୁଁ ବୁଦ୍ଧି ବୋଲିବୁ ତୋ ଶୁଣ ଶଶିମୁଖୀ
ପୁର ରାଜାଙ୍କର ସୈନ୍ୟ ଅଛନ୍ତି ଅଭି ।"

"ଦ୍ରୌପଦୀ ବୋଇଲେ ଆବର ଶୁଣ ମୁଗ୍ଧମୁଖି
ଏମନ୍ତ କହିବେ ମୁଁ କେବଳ ଦେଖିଲି ।

ଦ୍ରୌପଦୀଙ୍କ ମନ ବୁଝି କେତକୀ ପାଣ୍ଡବଦଳଙ୍କୁ ପ୍ରଶଂସା କଲା । ଦ୍ରୁପଦସୁତାର ସେ ଅତି ବିଶ୍ୱାସୀ ଦାସୀ । ପ୍ରଭୁଙ୍କ ସ୍ୱାର୍ଥ ସେ ସଦା ଜାଗ୍ରତରେ ରଖିଥାଏ । କୃଷ୍ଣାଙ୍କର ଧାତ୍ରୀ ସାଥୀ କେତକୀ ପ୍ରତି ସଖ୍ୟଭାବ ଥିବାରୁ ଦ୍ରୌପଦୀ ତାକୁ ମନକଥା କହୁଥିଲେ । ଦ୍ରୌପଦୀ ବିବାହ ପରେ କେତକୀ ତାଙ୍କ ସହିତ ଯାଇ ପାଣ୍ଡବମାନଙ୍କ ଦୁରବସ୍ଥା ଓ କୃଷ୍ଣାଙ୍କ କଷ୍ଟ ଦେଖି ବ୍ୟଥିତ ହେଉଥିଲା । ଦ୍ରୌପଦୀଙ୍କୁ ଛାଡ଼ି ସେ ଯେତେବେଳେ ଖୁଣି ପାରିଲା ଧୃଷ୍ଟଦ୍ୟୁମ୍ନଙ୍କ ବାହୁଡ଼ି ଗଲା, ପାଞ୍ଚାଳରାଜା ଦ୍ରୁପଦ କୁଶଳ ଅବସ୍ଥା ସମ୍ପର୍କରେ ପଚାରିଲାରୁ କେତକୀ ଦ୍ରୌପଦୀ ଯେପରି ବାହ୍ଯ ଜୀବନରେ ଦୁଃଖରେ କାଳାତିପାତ କରୁଥିଲେ, ତାହା ସବୁ ଗୋପନ କରି କୃଷ୍ଣାଙ୍କର ମଙ୍ଗଳ ସମାଚାର ଶୁଣାଇଥିଲା । କାରଣ ସତ୍ୟ ପ୍ରକାଶ କଲେ, ତାର ପ୍ରଭୁ ଦୁଃଖିତ ହେବେ; ଏହି ଧାରଣାରୁ ସେ ମିଛ କହିଥିଲା ।

ଏଥିରୁ ସ୍ପଷ୍ଟ ଜଣାଯାଏ, ମୁହୂର୍ତ୍ତ କେତେକ ସ୍ତ୍ରୀମାନେ ସେବକ ହେଲେ ନିଷ୍ଠାରେ ଅଟଳ ଓ ବିବେକ ନ ଥିଲେ ।

---

## (ଗ) ସତ୍ୟ ଓ ସତୀତ୍ୱ

### ସତ୍ୟା

ସାରଳା ଦାସ ମହାଭାରତରେ ବହୁତ ଉପାଖ୍ୟାନ କଳନା କରି ଲେଖିଛନ୍ତି । ତାଙ୍କ କାବ୍ୟରେ ସେହି ନାୟିକା ବା ନାୟକଙ୍କ ପ୍ରଧାନ ଭୂମିକା ଗ୍ରହଣ କରିଅଛନ୍ତି, ଉପାଖ୍ୟାନମାନଙ୍କର ତାହା ସହିତ ସମ୍ପର୍କ ମାତ୍ର ନାହିଁ । କିନ୍ତୁ ଉପାଖ୍ୟାନମାନଙ୍କରେ ସେ ଯେଉଁ ନାରୀ ଚରିତ୍ର ଦେଇଛନ୍ତି, ତହିଁରୁ ଜଣାପଡ଼େ ତାହା ପୌରାଣିକ ଆଖ୍ୟାୟିକା । ସାରଳା ଦାସ ଏହି ଗଳ୍ପ ସୃଷ୍ଟି କରିଛନ୍ତି ସାଧାରଣ ନାରୀଙ୍କର ନୈତିକ ମାନଦଣ୍ଡକୁ ଉନ୍ନତ କରିବାକୁ ଏଥିରେ ସନ୍ଦେହ ନାହିଁ । ସେ ଗଳ୍ପଟି

ସେ ଲେଖିଛନ୍ତି, ତାହା ଖୁବ୍ ପ୍ରସିଦ୍ଧ ହୋଇ ବଙ୍ଗଳା ବୈଷ୍ଣବ ସାହିତ୍ୟର ମଧ୍ୟ ଦେଇ ଗଲା। ତାଙ୍କ ଭାଷାରେ ସଂକ୍ଷେପିତ କରୁଛୁ।

“କୃଷ୍ଣ ବାହେର ଜ୍ୟୋତି        ପଞ୍ଚଦ୍ରାବିଡ଼ଦେଶେମନି
ଅନ୍ଧର ଲାଗି ହୋଇଲ ବୈଷ୍ଣବର ସେବା
ସ୍ତ୍ରୀର ସୁନ୍ଦର ଶତ        ଜୀଆଇଲ ମୃତ ପତି
ସ୍ତ୍ରୀକ ହଇଲ ଦେବଦେବୀ।”

ପୂର୍ବକାଳରେ କୌଶିକ ବୋଲି ଜଣେ ବେଦବେଦାଙ୍ଗଦର୍ଶୀ ବ୍ରାହ୍ମଣ ପଣ୍ଡିତ ଥିଲେ। ଯାଗ ଯଜ୍ଞ ଧର୍ମରେ ମଧ୍ୟ ସେ ଧୁରନ୍ଧର ଥିଲେ। କିନ୍ତୁ ସେ ଅତ୍ୟନ୍ତ କୁଷ୍ଠରୋଗୀ ବେଶ୍ୟାସକ୍ତ ଥିଲେ। ତାଙ୍କ ସ୍ତ୍ରୀଙ୍କର ନାମ ସତ୍ୟା। ସେ ଅତ୍ୟନ୍ତ ପତିପରାୟଣା ଥିଲେ।

“ଶଣ୍ଡ ସେ ପରମ ଗୁରୁ ଅନ୍ଧ ମୂର୍ଖ ଭକ୍ତ
ଏହି ନଥାନ୍ତି ଛାଡ଼ଇ ସେ ସାଧ୍ୱୀ ସତୀ”

ସତ୍ୟା ଅତ୍ୟନ୍ତ ସୁନ୍ଦରୀ ଯୁବତୀ ହୋଇଥିବାରୁ ପାପାତ୍ମା କୁଟିଳ ଲୋକମାନେ ତାହାର ସଙ୍ଗ ଲୋଡ଼ୁଥାନ୍ତି। ଯେତେବେଳେ କୌଶିକ ଦେବପୂଜା କରିବାକୁ ଯାଇ ବସିଥାଏ, ସେହି ଅବସରରେ ପାପାତ୍ମା ଲୋକମାନେ ଦୂତୀଙ୍କୁ ଲଗାଇ ସତ୍ୟା ନିକଟକୁ ନାନା ପ୍ରଲୋଭନ ଦ୍ରବ୍ୟମାନ ଉପହାର ଏବଂ ବସ୍ତ୍ର ଧନ ଦେଇ ପଠାନ୍ତି। ଦୂତୀ ସୁବାସିତ ତେଲ, ଅଳତା, କୁଙ୍କୁମାଦିରେ ସୁସଜ୍ଜିତା ହୋଇ ସତ୍ୟା ନିକଟରେ ପ୍ରବେଶ ହୋଇ କହେ, ‘‘ପ୍ରିୟଦର୍ଶୀ ତୁମ ନିକଟରେ ଯେଉଁ ବାର୍ତ୍ତାର କଥା ଅଛି, ତାହା କହୁଛି। ତୁମ୍ଭ ସ୍ୱାମୀ ଏତେ ଲମ୍ପଟ ହୋଇ ପରଦାର ସଙ୍ଗରେ ଥାଏ। ତୁମେ ଏତେ ରୂପ ଯୌବନବତୀ, ତୁମ ପ୍ରତି ତାହାର ମମତା ବା ଆକର୍ଷଣ ନାହିଁ। ତୁମର ସୌନ୍ଦର୍ଯ୍ୟ ଅଛି, ମାତ୍ର ତୁମ ସ୍ୱାମୀ ତାହା ଆଉ ଭୋଗଶକ୍ତି ରତିସୁଖ ବା ପ୍ରସ୍ତୁତି ତୁମର ନାହିଁ। ଏ ନଗରରେ ଯେ ଦ୍ୱିଜମାନଙ୍କର ରାଜା, ସେ ତୁମକୁ ସ୍ନାନଘାଟରେ ଦେଖି ତୁମ କଥା

ମୋତେ ଚାହୁଁଥିଲେ । ତାଙ୍କର ବସ୍ତ୍ର ଚିରିଗଲା ମାତ୍ର । ତୁମେ ମୋ ଘର ଯାଉଛ ଧନ ଅଭାବ, ତେବେ ସେ ସେହି ଭୂଷଣ ଘୁଣ୍ଡାଇ ନେଉଛ, ଯତ୍ନ ଅଳଙ୍କାର ଅଲଗଣ ତୁମେ କାଟନ୍ତୁ । ତା ଛଡ଼ା ସେ ତୁମକୁ ସେ ଅସୀମ ଐଶ୍ୱର୍ଯ୍ୟ ମଧ୍ୟ ଦେବେ । ତୃଷା ସ୍ନାନଘାଟକୁ ଆସିଥିବା ପ୍ରମାଣ ସ୍ୱରୂପ ତାଙ୍କ ଘଟରେ ପାଣି ରହିଥିବା ଦେଖାଇଲୁ । ଏହା ଶୁଣି ମହାରାଜ ସତ୍ୟ କୁପିତ ହୋଇ କହିଲେ:—

"ମୁଁ ବଳରେ ଆସୁ ନେଇ ତୋହର ନେଉଛି
ଏ ପଦ୍ମରେ ନ ଛାଡ଼ିଲୁ ତୋର ମୋହ ଗୃହିଣୀ,
ମୁହିଁ ଅଟେ ପଣ୍ଡିତା ଆଉ ନ ଛୁଇଁ
ଜଗନ୍ନାଥ ଦ୍ୱିଜ ମୋର ଦେବତା ଅଟଇ ।
ଅନ୍ୟେ ଦେବାଙ୍ଗୁଳୀ କୁଞ୍ଚି ଦେଇ କାଳଷ୍ଟ ଯାଉ
ଅନ୍ୟ ସ୍ତ୍ରୀ ନିକଟେ ଯାଇ ତା ମଣିକ ବଳା ।
ଅନେକ ଭର୍ତ୍ସନା କରି କହେ ଦ୍ୱିଜନାରୀ
ପୁନଃପୁନଃ କହେ ଧୂର୍ତ୍ତ ଆଡ଼ୋଷେଧ କରି ।
ଅତି କୋପରେ ସାଧ୍ୱୀ ବଧି ଦାନ୍ତେ ଯାତି
ପଳାଇଲା କଳଙ୍କିନୀ ହୋଇ ଲଜ୍ଜିତ ।"

ଏହାପରେ ଧନ୍ୟ ଲମ୍ପଟ ପୁରୁଷମାନେ ଅନ୍ୟା ନାରୀକୁ ଦୂତୀ ପଠାଇ ଧନଲୋଭ ଦେଖାଇ ମନ ବଶ କରିବାକୁ ଚେଷ୍ଟା କଲେ । ଏହି ନାରୀର ପ୍ରକୃତ ଧନଲୋଭ ବଶ ନ ହେଲାରୁ କପଟୀ ପୁରୁଷମାନେ ଅଭିଯୋଗ କରି ତାକୁ ଦଣ୍ଡ ଦେଲେ । ଯାହାଙ୍କ ଧନ ଗ୍ରହଣ ନ କଲାରୁ ଓ ଧନପ୍ରଭୃ ଉଦାସୀନତା ଦେଖାରୁ ସେଠାରେ ରୌରବ ଭଳି ଯନ୍ତ୍ରଣା ବଳ ଉପବାସର ଦୁଃଖ ସହିବାକୁ ବାଧ୍ୟ ହେଲ । କିନ୍ତୁ ଅନ୍ନ ନ ମିଳିବାରୁ ବ୍ରାହ୍ମଣୀ ଶରୀର ଅନାହାରରୁ ଶୁଷ୍କ ହୋଇଗଲା । ଏହା ଦେଖି ଦୈବ ସ୍ୱରୂପ ମାସ୍ତା ଭଳି ଦୂତୀ ସ୍ୱୀଭବେ ବାଣ୍ଡି ପଠାଇ କହିଲେ, "ସ୍ୱାମୀ ଅଭାବରେ ଦରିଦ୍ର ହୋଇ କାହିଁକି ମରୁଛ ?" କିନ୍ତୁ ବ୍ରାହ୍ମଣୀ ପାପିଷ୍ଠା ହୋଇ ନ ଥିବାରୁ ଓ ତାର ମନ ଚଞ୍ଚଳ ନ ଥିବାରୁ ତାହାର କଥା ଶୁଣିଲା ନାହିଁ

କି ଭାବୀ ପ୍ରସ୍ତାବ ମାନିଲୁ ନାହିଁ । ଦୈବଦୁର୍ବିପାକ ସନ୍ଧ୍ୟାର ଗାତ୍ରବର୍ଣ୍ଣ ପରୀକ୍ଷା କରିବା ପାଇଁ ଚିତ୍ର ନାୟୀର ସପ୍ତଦେଶରେ ଦୃଷ୍ଟିନ୍ୟାସ୍ତ ଭାବ କରିଦେଲେ ।

‘‘ବ୍ରାହ୍ମଣ ଅଙ୍ଗରେ ବାନ୍ଧି ଦୁଷ୍ଟରେ ପ୍ରବଳ
ପୁଣି ଭକ୍ତ ଅନୁସରଣେ ବାନ୍ଧିଲୁ ଦେବଳ ।
ଚିତ୍ର ମାଣି ବୋଲ ନାଁ ତା ଶୋଭିତୁ ଦୃଶ୍ୟ
ସେହ ଘନ କାଞ୍ଚନ ସେ ସୁବାସିତ ପ୍ରାନ୍ତେ ।
ଦେଖାଇଲ ଚିତ୍ର ସାଧୁଣ ଦାମ୍ଭିକ ଶୁଣିଲ
ନଗରର ପଣ୍ଡିତ ଭଣା ସାର୍ଥକ ଅଣିଲ ।
ତାହାଙ୍କ ସ୍ୱଭାବ ଚତୁର ଅର୍ପଣ କଥାଲ
ପାଦର୍ଶା ଦୂରରେ ସିଦ୍ଧକ ମାନେଣକ ବୁଝିଲ ।’’

ପୁଣି ବିଦ୍ଧନ୍ତା ସୁନ୍ଦରୀମାନେ ସଙ୍ଗୀତ ଦେଖନ୍ତି ପରୀକ୍ଷା କରିବା ନିମନ୍ତେ ପ୍ରସ୍ତାବ କଲେ । ଏହି ସ୍ତ୍ରୀର ଦେଶ ଧରି ଏହାକୁ ଅନ୍ଧାରରେ ନେଇ ରଖିବ । ଅନ୍ଧାରରେ ସାମର୍ଥ୍ୟ ହେବ ନାହିଁ । ନିଜେ ଭାଗ୍ୟବାନ୍ ପରିବାର ଗମନ ଦାସ ନିର୍ବାଚନ ସୁନ୍ଦରୀ ବୋଲି ଅପାପବିଦ୍ଧ ରହିଲେ । ସଙ୍ଗୀ ସ୍ତ୍ରୀ ପ୍ରସ୍ତାବ ଶୁଣି ପାରି କହିଲ, ‘‘ମୋତେ ଦୁର୍ଗ ଦେଇ ନାହିଁ, ତୁମମାନଙ୍କର ଅନିଷ୍ଟ ହେବ’’ ଏହା ଶୁଣି ଅପ୍ସରା ବିଦ୍ଧନ୍ତା ସୁନ୍ଦରୀମାନେ ଅନ୍ତର୍ହିତ ହେଲେ । ବିଦ୍ଧନ୍ତା ସୁନ୍ଦରୀମାନେ କି ଶଙ୍କା ସୀମା ଅତିକ୍ରମକୁ ଭୟ କଲେ ।

ଏହିସେ ଗନ୍ଧର୍ବମାନଙ୍କର ବାଞ୍ଛିତ ପୁଣ୍ୟ ଦୋଷୀ କୌଶିକ କହିଲୁ । ସ୍ତ୍ରୀକୁ କହିଲ ‘‘ଏମାନେ ମୋର ସହେ ଦେଖା ଥିଲେ ।’’

ସନ୍ଧ୍ୟା କହିଲୁ—

‘‘ସେ ସଖୀ ଦେଖିଲୁ ସ୍ୱାମୀ କାହିଁକି ଭୁଲିଲ
ପୂର୍ବର କଥା କି ତୁମେ ମନେ ପକାଇଲ ।
ସେତେବେ ଦେଖା ନାଗରୀଙ୍କ କଲ ଅନ୍ତର୍ଦ୍ଧାନ
ମନୋବାଞ୍ଛା ପୂରଣ ଦେଇ ମୁଁ କହିବି ।’’

ବ୍ରାହ୍ମଣ କହିଲେ "ସତୀ ! ମୁଁ କୁଷ୍ଠୀ, ଦୁର୍ଗନ୍ଧରେ ମୋତେ ସମସ୍ତେ ଘୃଣା କରନ୍ତି । ତୁ କିପରି ଏପରି କଥା କହିବାକୁ ଆରମ୍ଭ କରୁଛୁ ?" ସତୀ କହିଲେ, "ମୁଁ କହିଲେ ସେହି ବେଶ୍ୟାମାନେ ତୁମକୁ ଅତ୍ୟନ୍ତ ସମାଦର କରିବେ ! ଉର୍ବଶୀ ଆଦି ମେନକା, ମୋହିନୀ, କାମଦେବୀ, ରମ୍ଭା, ଚିତ୍ରରେଖା ପ୍ରଭୃତି ବେଶ୍ୟାମାନେ ସେଠି ଥାଉଥିଲେ । ଏ ସମୟରେ ଏହି ଆଖ୍ୟାନ କହି ମାର୍କଣ୍ଡେୟ ଋଷି ଦ୍ରୌପଦୀଙ୍କୁ ସତୀଧର୍ମ ମହିମା ଶୁଣାଇ ଥିଲେ :—

"........ଶୁଣ ଦ୍ରୁପଦ କୁମାରୀ"
ପତିବ୍ରତା ହେଲେ ପୁଣ୍ୟ ହୁଅଇ ଏପରି ।
ଅନନ୍ତ ସଂସାର ଏଥୁ ବଳି ନୁହେଁ ପର
ଅନେକ ହୋଇ ବାହୁଡ଼ି ଥାଇ ନାଶକର ।
ସ୍ୱାମୀ ସେବାକୁଁ ସ୍ତ୍ରୀଙ୍କ ଅନ୍ୟ ପୁଣ୍ୟ ନାହିଁ
ଏହି ମୋକ୍ଷ ଧର୍ମ ସିନା ତାହାର ଅଟଇ
ଆନ ଅନ୍ତ ବଳି ନାହିଁ ବସୁଧ ମଧ୍ୟରେ
ତହିଁ ପାପ ପୁଣ୍ୟ ବିଧି ହୁଅଇ ଲକ୍ଷରେ ।
ମନୁଷ୍ୟ ଗଲେ ବାଟୁରି ବା କହିବ ଆଉ
ଅନେକ ଦୁଃଖରେ ପାପ କଟଇ ନ କହୁଁ ।
ଦୁଷ୍ଟ ବସ୍ତୁରେ ବଞ୍ଚିର ଏ କଥା ଶୁଣିବ
କାଳ ପ୍ରଭୁ ସେବା କଲେ ତାରଣ ପାଇବ ।
ମୁକ୍ତିକୀ ସୁବୁଦ୍ଧି ଅଛି ଅଟନ୍ତି ସୁଗତି
ଅନନ୍ୟ ଭାବରେ ପାଆନ୍ତି ସେ ନିଜ ପତି ।"

ଏହି ଆଖ୍ୟାୟିକା ଭିତ୍ତି ବାଲ୍ମୀକି, ତୁଳସୀ ଦାସ ପ୍ରଭୃତି ମଧ୍ୟଯୁଗର ରୂପକ ଉପାଖ୍ୟାନ ଥିଲା । ସେହି ଯୁଗରେ କୁଷ୍ଠୀ ବାସ୍ତବ ରମଣୀ ଭକ୍ତିରେ ପତିସେବା କରୁଥିଲେ, ସେ ଯୁଗ ଆଉ ନାହିଁ । ସତ୍ୟ ଏକ ଯୁଗ ଦାବିର ନମୁନା । ଆଧୁନିକ ନାରୀ ସତ୍ୟ ତଥାପି ବେଶି ବିଦ୍ରୋହ କରି କହିବେ, ସତ୍ୟ ସ୍ୱାମୀଙ୍କୁ ଅନ୍ୟାୟ ପଥରେ ସାହାଯ୍ୟ

ନାହିଁ । ସ୍ୱାମୀ ନିକଟରେ ଯେତେବେଳେ ତାର ପତ୍ନୀତ୍ୱର ମୂଲ୍ୟ ନାହିଁ, ସେତେବେଳେ ସେ ଧର୍ମ ବା ଶାସ୍ତ୍ର ସଂସ୍କାର ବାଗରେ ସେହି ସ୍ୱାମୀକୁ ଭକ୍ତି ବା ସେବା କରିବ କାହିଁକି ? ପଥରେ କୈଳ ଧର୍ଷିତା ଯଦି ସ୍ୱାମୀର ବ୍ୟଥା ଦେଖିବାକୁ ଯେଉଁ ମୂର୍ଖାମି ବେଶ୍ୟାଘରକୁ ନେଉଥିବା ସ୍ତ୍ରୀକୁ ଅଭିଶାପ ଦେଇ ପାରେ, ସେ ସ୍ୱାମୀ ତ ସ୍ୱାମୀ ପଦବାଚ୍ୟ ନୁହେଁ । ସ୍ତ୍ରୀର ତାକୁ ବର୍ଜନ କରିବା ସାମାଜିକ ଓ ପାରିବାରିକ ନୀତି ହେବା ଉଚିତ । ଯେଉଁଠି ସ୍ୱାମୀ ପରଦାରାସକ୍ତ ହେବାକୁ ସ୍ତ୍ରୀ ବେଶ୍ୟାବୃତ୍ତି ହେଲୁ ଓ ଭିକ୍ଷ ମାଗିଲୁ, ସେଠି ସେହି ସ୍ୱାମୀର ମୁଖାବଲୋକନ ନ କରି ସ୍ୱତନ୍ତ୍ର ହେବା ଉଚିତ । ତେଣୁ ଭାରତୀୟ ନାରୀମାନଙ୍କର ଏକ ସମୟରେ ପତି ସେବାହିଁ ଧର୍ମ ବା "ସଂସ୍କାର" ହୋଇଥିଲା ଏବଂ ଏହି "ସଂସ୍କାର"କୁ କେବଳ ସେମାନେ ଇହ ଓ ପରକାଳ ଧର୍ମ ବା ମୋକ୍ଷଲାଭ ପାଇଁ ପାଳନ କରି ଚାହୁଁଥିଲେ । ଏହା ଭାରତୀୟ ପତ୍ନୀମାନଙ୍କର ଏକ ସଂସ୍କାର ଥିଲା । ସନ୍ଧ୍ୟା ସେମାନଙ୍କୁ ସ୍ୱାମୀଙ୍କ ଇଚ୍ଛାକୁ ପ୍ରସ୍ତାବ କଲେ । ବେଶ୍ୟାମାନେ କହିଲେ, "ତୁମ ଅର୍ଥ ପ୍ରମାଣେ ଆମ୍ଭେମାନେ ତୁମ ପ୍ରସ୍ତାବରେ ରାଜି ଅଛୁଁ । ତୁମର ସ୍ୱାମୀକୁ ଆମ ଘରକୁ ନେଇ ଆସିବ ।" ବେଶ୍ୟାମାନଙ୍କ ସମ୍ମତି କଥାରେ ସନ୍ଧ୍ୟା ବେଳେ ସ୍ୱାମୀକୁ ଧରି ପତିକୁ ସ୍କନ୍ଧରେ କରିନେଲା ।

"ନିଶି ଅନ୍ଧାରେ ନ ଦେଖି ଅପଣାର ପାଦେ
ଜାଙ୍କରେ ବାଜିଲା ସତୀ ପତି ଯୋଗେ ।"

ଦୈବବଶତଃ ନିକଟରେ ଋଷି ମାଣ୍ଡବ୍ୟ ଶୂଳରେ ଚଢ଼ିଥିଲେ, ଅନ୍ଧକାର ପଥରେ ତାଙ୍କୁ ଦେଖାଯାଉ ନାହିଁ । ପତିକୁ ବେଶ୍ୟା ସ୍କନ୍ଧରେ ନେବା ବେଳେ ପତିଙ୍କ ପାଦରେ ଶୂଳର ଧକ୍କା ଲାଗିଲା । କୌଶିକ ବ୍ରାହ୍ମଣ ଦେହରେ ଆଘାତ ପାଇ କ୍ରୋଧ କରି ସତୀକୁ ଶାପ ଦେଲେ ।

"ମୋର ଯେବେ ସତ୍ୟ ଧର୍ମ ସଦା ଥିବ
ସୂର୍ଯ୍ୟ ଉଦୟ ହୋଇଲେ ତାର ପ୍ରାଣ ଯିବ ।"

ଶାପ ପାଇ ସତ୍ୟା କହନ୍ତି —

ସତୀ ବୋଲେ ଏତେକ ମୁହିଁ ଯିବି କି ପ୍ରକାର
ଭର୍ତ୍ତାଙ୍କୁ ତଳରେ ଥୋଇ ସୂର୍ଯ୍ୟ କରେ ସ୍ତବ
ଉଦୟ ନୋହିବୁ ଛାଡ଼ିଦେବାଙ୍କ ବଚନ ।
ଯେବେ ମୋ ବୋଲ ଲଙ୍ଘି ହୋଇବୁ ଉଦୟ
ତେବେ ମୋର ଭର୍ତ୍ତା ପ୍ରାଣ ହୋଇବ ନିଶ୍ଚୟ ।
ଶାପ ଦେଇ ବସି ସତୀ ନିଜ ପୁରେ ଯେବେ
ଦିନକର ନାଥ ଆଉ ଉଦେ ନ ହୋଇଲେ ।
ସପତ ଦିନ ପର୍ଯ୍ୟନ୍ତ ନୋହିଲା ଦର୍ଶନ
ସତୀ ଆଦେଶେ କିରଣ ନ କଲେ ପତନ !"

ଏହା ଦେଖି ଶିବ, ବ୍ରହ୍ମା, ଇନ୍ଦ୍ର ପ୍ରଭୃତି ସୂର୍ଯ୍ୟଙ୍କୁ ଉଦୟ ନ ହେବା କାରଣ ପଚାରିଲେ ! ସୂର୍ଯ୍ୟ କହିଲେ, "ପତିବ୍ରତା ଭୟରେ ମୁଁ ଉଦୟ ହୋଇ ପାରୁ ନାହିଁ !" ଏହା ଶୁଣି ଦିଗପାଳମାନଙ୍କୁ ନେଇ ବ୍ରହ୍ମା ସତୀ କୁଟୀରକୁ ଗଲେ ଏବଂ ସୂର୍ଯ୍ୟଙ୍କ ଉଦୟରେ ବାଧା ଦେବା କାରଣ ସତ୍ୟାଙ୍କୁ ପଚାରିଲେ । ସତ୍ୟା କହିଲେ, "ସୂର୍ଯ୍ୟ ଉଦୟ ହେଲେ ମୋର ସ୍ୱାମୀ ମୃତ୍ୟୁ ଘଟିବ ।"

ତା ଶୁଣି ବୋଇଲେ ଉଦେ ହେବ ଦିନକର
ତୋ' ପତିଙ୍କ ଜୀଆଇଦେବା ଅମ୍ଭେ ପୁନର୍ବାର ।
ତା' ସଙ୍ଗେ ତୁ ମଧ୍ୟ ଯାଇ ପଡ଼ିବୁ ବହନ
କଳ୍ପାନ୍ତେ ବଞ୍ଚାଇ ଦେବା ଶୁଣି ପତି ପତ୍ନୀ ।"

ଏହାପରେ ଦେବତାଙ୍କ ବରରେ କୌଶିକ ସତୀ ସନ୍ଧ୍ୟାରେ ରୋଗ-ମୁକ୍ତ ହେଲେ ଓ ପୁନର୍ଜନ୍ମ ପାଇଲେ । ସତ୍ୟା ମଧ୍ୟ ପତିଙ୍କ ସହିତ ଦେହ ଶୁଦ୍ଧ ଭାରତ ଦେହ ନେଇ ପୁଣି ରତି ଓ ମଦନ ରୂପ କାନ୍ତି ଧରି ଜନ୍ମ ହୋଇ ଋଷିମୁଖରେ ସଂସାର ଚଳିଲେ । ସତୀ ଆଶିଷେ ସୂର୍ଯ୍ୟ ଉଦୟ ହେଲେ ।

ସତୀତ୍ୱ ସମ୍ବନ୍ଧରେ ପୃଥିବୀର ଅନ୍ୟ ଦେଶରେ ବିଭିନ୍ନ ସିଦ୍ଧାନ୍ତ ଓ ଧାରଣା ଖୁବ ଶୀଘ୍ର ପ୍ରଚଳିତ ହୋଇଥିଲେ ମଧ୍ୟ, ଭାରତବର୍ଷରେ ସତୀତ୍ୱ ଗୋଟିଏ ଆଧ୍ୟାତ୍ମିକ ସମ୍ପତ୍ତି ଭଳି । ଏହାର ଉଦ୍ଦିଷ୍ଟ ଶ୍ରେଣୀ ସନାତନ କାଳରୁ ଏ ଦେଶ ସମାଜ ଗଠନରେ ବଦ୍ଧମୂଳ ହୋଇ ରହିଅଛି । ମାନସିକ ଓ ଶାରୀରିକ ପବିତ୍ରତାକୁ ସତୀତ୍ୱ କହନ୍ତି । ଏହା ବାହ୍ୟିକ ଉପ-ବାଧ୍ୟତା ନୁହେଁ ନାରୀର ଧର୍ମ । ଏହା ସ୍ୱାମୀନିରପେକ୍ଷ ।

ବାବିଲୋନୀୟ ସଭ୍ୟତାରୁ ଯେ ସଂସ୍କୃତି ଚାରି ହଜାର ବର୍ଷ ପୂର୍ବେ ଗଠିତ ହୋଇଥିଲା, ତହିଁରେ ଆରବ ଦେଶମାନଙ୍କରେ ସତୀତ୍ୱର ମାନଦଣ୍ଡ ଭାରତବର୍ଷର ହିନ୍ଦୁ ସଂସ୍କୃତିରୁ ସୃଷ୍ଟି ହୋଇଥିବା ସତୀତ୍ୱ ଧାରଣାଠାରୁ ଭିନ୍ନ । ସତୀତ୍ୱ ସେ ଦେଶମାନଙ୍କରେ ଆଧ୍ୟାତ୍ମିକ ନୁହେଁ । ତାହା ଅଧିଭୌତିକ ଅର୍ଥରେ କେବଳ 'ସମାଜ ଜୀବନର ନିୟନ୍ତ୍ରଣ ପାଇଁ ଧାର୍ଯ୍ୟ ହୋଇଥିଲା । ସମସ୍ତ ମାତା ଓ ପିତାର ଅଧିକାରରେ ରହୁଥିଲା ।

ପୂର୍ବେ ରାଜପତ୍ନୀ ହେବା ପାଇଁ ନାରୀମାନେ ବଦ୍ଧପରିକର ହେଉଥିଲେ । ପୁଣି ସମ୍ପତ୍ତି ପାଇଁ ହିଁ ଉତ୍ତରାଧିକାରୀ ବିବାହ ହେଉଥିଲା । ରାଜା ବା ଗୋଷ୍ଠୀ ମୃତ ହେଲେ ବନିତା ଓ ପତ୍ନୀମାନଙ୍କର ଭାଗୀ ହେଉଥିଲେ ସେମାନଙ୍କର ଉତ୍ତରାଧିକାରୀ ପୁତ୍ରମାନେ । ପାରସ୍ୟ ଦେଶରେ ମଧ୍ୟ ଏହି ରୀତି ଥିଲା । ଯୁରୋପୀୟ ଦେଶମାନଙ୍କରେ ସତୀତ୍ୱର ଧାରଣା ଓ ସିଦ୍ଧାନ୍ତ ଭାରତଠାରୁ ପୃଥକ୍ ହେଲେ ମଧ୍ୟ ଆରବ ଦେଶୀୟ ଧାରଣାଠାରୁ ଉନ୍ନତ ଥିଲା । ସେଠାରେ ରାଷ୍ଟ୍ର ଓ ସାମାଜିକ ପଦ୍ଧତିହୀନ ସତ୍ତ୍ୱେ ନାରୀର ସତୀତ୍ୱର ସମ୍ମାନ ଲୋକମାନଙ୍କଠାରେ ଅଦ୍ଭୁତ ହୁଏ ।

ଆମ ଭାରତର ଶାସ୍ତ୍ର ସଂସ୍କାରକମାନେ ନାରୀକୁ 'ଦେବୀ' ବୋଲି ଆଖ୍ୟା ଦେଇଛନ୍ତି । ସେହି ଦୃଷ୍ଟିରୁ ବିଶ୍ୱ ସୃଷ୍ଟିଦ୍ରଷ୍ଟା ଶାସ୍ତ୍ରକାର ଋଷିମାନେ ସାଧାରଣ ନାରୀ ଦେହଠାରୁ ଉନ୍ନତ କରିଛନ୍ତି । ସନାତନ କାଳର ହିନ୍ଦୁ ସଭ୍ୟତା ଗଠନକାରୀ ପୂର୍ବ ପୁରୁଷମାନେ 'ସତୀତ୍ୱ'ର ଅଧିଭୌତିକ ବିଷୟରେ "ରକ୍ଷା ଶୁଦ୍ଧତେ ନାସ୍ତି" ବୋଲି ସିଦ୍ଧାନ୍ତ କରିଛନ୍ତି ।

ଏହାର ଅର୍ଥ ହେଉଛି, କନ୍ୟାବସ୍ଥାରେ ନାରୀକୁ କୌଣସି ପୁରୁଷ ସ୍ପର୍ଶ କଲେ ତାହାକୁ ସମାଜ 'ଅସତୀ' ଭାବୁ ନ ଥିଲା ବା ତାଙ୍କୁ 'ପତିତା' କରାଯାଉ ନ ଥିଲା । ପୁରୁଷ ହିନ୍ଦୁ ସମାଜରେ ବହୁପତ୍ନୀ ରଖିବା ପ୍ରଥା ଥିଲା । ମାତ୍ର ଅର୍ଥନୈତିକ ଏବଂ ସମାଜର ପାରମ୍ପରିକ କୁଳପ୍ରଥାର ବିରୋଧ ଥିବାରୁ ନାରୀ ବହୁବଲ୍ଲଭ ହୋଇ ପାରୁ ନ ଥିଲା । ଏଥିରେ ସାମାଜିକ, ନୈତିକ ଏବଂ ଆଧ୍ୟାତ୍ମିକ ବାଧାର କାରଣ ବାଧାମାନ ରହିଥିଲା । ସାଧାରଣତଃ ସନ୍ତାନର ପ୍ରକୃତ ଜନକ କିଏ, ଏହା ବ୍ୟକ୍ତ କରିବାରେ କେବଳ ନାରୀର ସତ୍ୟକୁ ମନା ଯାଉଥିଲା । ଏହି ବ୍ୟତିରେକେ ଅନ୍ୟ ପୁରୁଷଦ୍ୱାରା ସନ୍ତାନଜନନକୁ ଅସତ୍ କୁହାଯାଉଥିଲା ଏବଂ 'ପତିତା' କରାଯାଉଥିଲା । ପ୍ରକାଶ୍ୟରେ ସ୍ତ୍ରୀ ପତି ବର୍ତ୍ତମାନରେ ପରପୁରୁଷ ଗ୍ରହଣ କରିବାରେ ସ୍ତ୍ରୀକୁ ଅସତୀ କୁହାଯାଉ ନ ଥିଲା । ସେଥିପାଇଁ ପୂର୍ବକାଳରୁ ହିନ୍ଦୁ ସମାଜରେ କ୍ଷେତ୍ରଜ ପ୍ରଥାକୁ ସ୍ୱୀକାର କରାଯାଇଛି । ଶାସ୍ତ୍ରରେ ମଧ୍ୟ ଅବସ୍ଥା ବିଶେଷରେ ନାରୀ କ୍ଷେତ୍ରଜ ହେତୁ ପରପୁରୁଷ ଗ୍ରହଣ କରିବାର ବ୍ୟବସ୍ଥା ରହିଛି ଏବଂ ବିଧବାର ପୁନର୍ବିବାହକୁ ଶାସ୍ତ୍ର ସମ୍ମତି ସ୍ୱୀକାର କରିଛି । ତେଣୁ ପରପୁରୁଷ-ଗ୍ରହଣ-କାରିଣୀ ନାରୀକୁ ଅସତୀ ବୋଲି ଧରାଯାଉ ନ ଥିଲା । କୁମାରୀ ଅବିବାହିତା ଅବସ୍ଥାରେ ମାତା ହେଲେ କିମ୍ବା ପତି ବର୍ତ୍ତମାନରେ ପତ୍ନୀ ପର ପୁରୁଷ କର୍ତ୍ତୃକ ସନ୍ତାନବତୀ ହେଲେ ସେମାନେ 'ଅସତୀ' ଆଖ୍ୟାରେ ଅଭିହିତ ହେଉଥିଲେ । ତା ନ ହୋଇ ଯଦି ନାରୀକୁ କେହି ହରଣ କରି ନେଇଥିଲା ବା କେତେକାଳ ସ୍ଥାନାନ୍ତରରେ ରହୁଥିଲା, ତଥାପି ସମାଜ ନିୟମ ଗଣ ଅନୁସାରେ ସେହି ନାରୀକୁ 'ପତିତା' ବା 'ଅସତୀ' ବୋଲାଯାଉ ନ ଥିଲା । କେବଳ ଅନ୍ୟଦ୍ୱାରା ସନ୍ତାନ ସମ୍ଭବା ହେଲେ ନାରୀ 'ଅସତୀ' ହେଉଥିଲା ।

ସଭ୍ୟତାର ପ୍ରତିଷ୍ଠା ଦିନରୁ ନାରୀ ସାମ୍ରାଜ୍ୟ ସ୍ଥାପନ କରି ଆସିଛି । କିନ୍ତୁ ପୁରୁଷ ନାରୀଠାରୁ ବଳିଷ୍ଠ ଥିବାରୁ ଓ ସନ୍ତାନଜନ୍ମକୁ ପାଳନ ଥିବାରୁ ସେ ପତ୍ନୀ-ଉପରେ ଅନ୍ୟର ସ୍ପୃହା ସହ୍ୟ କରି ପାରୁ ନାହିଁ । ସ୍ତ୍ରୀର ଉପରୋକ୍ତ ସନ୍ଧାନ ପାଇବା ମାତ୍ରେ ସେ ପତ୍ନୀକୁ ବର୍ଜନ କରନ୍ତି ।

ମହାଭାରତ ଯୁଗରେ କିଛି ନିୟମର ସୀମା ମଧ୍ୟରେ ଏହି ପତ୍ୟନ୍ତର ଗ୍ରହଣ ପ୍ରଥା ପ୍ରଚଳିତ ଥିଲା । ସାରଳା ଦାସଙ୍କ କାଳରେ ମଧ୍ୟ ଏପରି ଥିଲା । ମନ୍ଦୋଦରୀ, ତାରା, କୁନ୍ତୀ, ଅହଲ୍ୟା, ଦ୍ରୌପଦୀ ଏମାନେ ପତ୍ୟନ୍ତର ଗ୍ରହଣ କରି ମଧ୍ୟ ପୁଣ୍ୟଶ୍ଳୋକା ସତୀ ନାରୀ ଅଟନ୍ତି ।

ଭାରତର ଦର୍ଶନ ଓ ସମାଜ-ଜାତି-ଜନ୍ମ-ପରମ୍ପରାରେ ପତି ଅବିବାହିତା କୁମାରୀ ନିକଟରେ ଗୋଟିଏ ଧାରଣା ମାତ୍ର । ପତି ସମ୍ବନ୍ଧ ତାର ବାସ୍ତବ ସମ୍ପୃକ୍ତି ନ ଥିଲେ ସୁଦ୍ଧା, ପତି ନାମକ ଧାରଣାକୁ ସେ ତାର ଚେତନାର ଅବଲମ୍ବନ କରି ପୂଜା ଓ ଶ୍ରଦ୍ଧା କରି ଶିଖେ । ପାରିବାରିକ ଶିକ୍ଷା ଓ ଜାତିରେ ନାରୀ ପକ୍ଷରେ ପତି ପ୍ରଭୁ, ଦେବତା, ଦେବସ୍ଥାନ ଏକ ଶ୍ରଦ୍ଧେୟ ଧାରଣା ମାତ୍ର ଏବଂ ଏହି ଧାରଣା ପ୍ରତି ସମ୍ପୂର୍ଣ୍ଣ ଭକ୍ତି ଏକାନ୍ତ ଭାବରେ କିମ୍ବା ସଜ୍ଞାନରେ ଆତ୍ମସମର୍ପଣ କରିବାର ଶିକ୍ଷା ଭାରତୀୟ ନାରୀର ସଂସ୍କୃତିର କ୍ରମ ପରିଣତି ମାତ୍ର ।

ସାରଳା ଦାସଙ୍କ ମହାଭାରତ ଯେଉଁ ସମାଜର ଚିତ୍ର ଦିଏ, ସେଥିରୁ ସମାଜରେ ନାରୀ ପତି ନାମକ 'ଧାରଣା'ର ପୂଜାରିଣୀ ନୁହେଁ, କେବଳ ପତିର ପ୍ରତୀକ ବା ଧାରଣାକୁ ସେ ପୂଜା କରି ସନ୍ତୁଷ୍ଟ ରହି ଜୀବନ କାଟେଇ ନାହିଁ । ସେ ଏକ ସଚଳ, ଚେତନାମୟ ଜୀବନର ସନ୍ଧାନ କରି ସ୍ୱାମୀ ବା ପତିକୁ ଛୁଇଁ ବାସ୍ତବ ଦେହ ରୂପେ ଗ୍ରହଣ କରିଛି । ସେଥିପାଇଁ ସାରଳା ମହାଭାରତରେ 'ସତୀତ୍ୱ' ନାୟିକାମାନଙ୍କର ଏକ ବାସ୍ତବ ଜୀବନ ଶକ୍ତି ତାଙ୍କର ପ୍ରାଣରେ ସଞ୍ଚାରିତ କରିଛି । ସେ ବାସ୍ତବ ନାରୀ—ଯଥାର୍ଥ ମାତା, ପତ୍ନୀ; ତେଣୁ ସମାଜର ମୂଲ୍ୟବୋଧ ତାର ଜୀବନକୁ ପରିପୂର୍ଣ୍ଣ ଭାବରେ ସାର୍ଥକ ଏବଂ ସୁନ୍ଦର କରିଥିବାର ପରିଚୟ ମିଳେ । ପତି ତା' ନିକଟରେ ଚିନ୍ତା ମାତ୍ର ପରିବାର ଶିଖାଇଥିବା ବା ସମ୍ପ୍ରଦାୟର ଏକ ଆଦର୍ଶର ପ୍ରତୀକ ନୁହେଁ । ପତି ତା' ନିକଟରେ ଅତି ଜୀବନ୍ତ ଏବଂ ପତିକୁ କେନ୍ଦ୍ର କରି ତାର ଜୀବନରଥ ନିଜସ୍ୱ ସ୍ୱରୂପରେ ପ୍ରକାଶିତ ହୋଇ ଯାଇଛି ।

ଆମର ଭାରତୀୟ ନାରୀମାନଙ୍କ ଜୀବନରୁ ଧର୍ମ, ଈଶ୍ୱର, ନୀତି ସବୁ କ୍ଷେତ୍ରରେ, ସବୁ ଅବସ୍ଥାରେ ବିଚ୍ଛିନ୍ନ କରୁଥିବାରୁ ପରମ୍ପରା ସମ୍ପନ୍ନ, ସାମାଜିକ ଅନୁଷ୍ଠାନ, ନାରୀଧର୍ମ, ସବୁ ବିଷୟ ସମ୍ବନ୍ଧ ଏକମାତ୍ର ଧର୍ମଗୁରୁ ସନ୍ତାନର ସମ୍ବନ୍ଧ ଅଙ୍ଗାଙ୍ଗୀଭାବରେ ଜଡ଼ିତ କରି ଆସିଛନ୍ତି । ଜଳ, ଦାନ, ପିଣ୍ଡ, ଶ୍ରାଦ୍ଧ ସେହି ସମ୍ପର୍କର ଫଳ । ସତୀତ୍ୱ ବା ଏକ ପତିବ୍ରତାକୁ ଆମର ଶାସ୍ତ୍ର ଓ ସମାଜ ସର୍ବୋଚ୍ଚ ସ୍ଥାନ ଦେଇଥିବାରୁ ସତୀ ନାରୀ କେବଳ କୁଳନାରୀ ବା କୁଳବଧୂ ହେବାକୁ ଉପଯୁକ୍ତ ବିବେଚିତ ହୋଇଛନ୍ତି । କାରଣ କୁଳନାରୀଙ୍କ ପିତୃପିଣ୍ଡୋଦକ ଦେବାପାଇଁ ଅଧିକାରିଣୀ । ସ୍ୱାମୀ ସ୍ତ୍ରୀ ବିନା ସନ୍ତାନୋତ୍ପାଦନର ଶ୍ରାଦ୍ଧପିଣ୍ଡ ଦାନ ପାଇନ୍ତି ନାହିଁ । ପୂର୍ବକାଳରେ ବଂଶରକ୍ତର ଶୁଚିତା ଓ ବଂଶାନୁକ୍ରମ ପରମ୍ପରା (heritage) ଶୁଦ୍ଧମତ, ଶୁଚି ନାରୀମାନଙ୍କ ଉପରେ ଏକାନ୍ତ ନିର୍ଭର କରୁଥିବାରୁ ସମାଜ ପରିବାରରେ ନାରୀର ମୂଲ୍ୟ ଓ ସମ୍ମାନ ଅଧିକ ବଢ଼ାଇଥିଲା । ସାମାଜିକ ସଂସ୍କାର ଯେ ଧର୍ମ, ଚର୍ଚ୍ଚରେ ପରିବର୍ତ୍ତନ ଗ୍ରହଣୀୟ? ନାରୀ ଧର୍ମରେ ଅଟଳ ରହିବା ନ ଥିଲେ ଓ ବିଳାଭିଦିତା ନାରୀଙ୍କୁ ସମାଜ, କୁଳ ଭିତ୍ତିରେ ଦ୍ୱାହିରେ ବର୍ଜନ କରୁଥିଲେ ବୋଲି ଜଣାଯାଇଛି । ଏହି କ୍ଷେତ୍ରରେ ସୀତା, ସାବିତ୍ରୀ, ଚିନ୍ତା, ଶୈବ୍ୟା, ଦମୟନ୍ତୀଙ୍କ ପ୍ରଦର୍ଶିତ ଏକ ପତିବ୍ରତ ଧର୍ମର ଆଦର୍ଶ ସମାଜରେ ସବୁ ଅବସ୍ଥାରେ ଅଟଳ ହୋଇଥିଲା । ଉପରୋକ୍ତ ନାରୀମାନେ ସମାଜ ଓ ପାରିବାରିକ ଗଣ୍ଡିରୁ ବାହାରି ବ୍ୟକ୍ତିତ୍ୱ ବା ନାରୀତ୍ୱ ତଥା ପତ୍ନୀତ୍ୱକୁ ବଡ଼ କରିଥିଲେ । ସେମାନେ ସାଧାରଣ ନାରୀ ପ୍ରକୃତି ବା ଜନ୍ମବନ୍ଧନର ଊର୍ଦ୍ଧ୍ୱ ଉଠି ଉଚ୍ଚସ୍ତର ଧରଣର ମାନସିକ ବ୍ୟକ୍ତିତ୍ୱ ବା ନାରୀତ୍ୱରେ ରୂପାନ୍ତରିତ କରି ପାରିଥିଲେ । କେଣୁ ସତୀ ସୀତା, ସାବିତ୍ରୀ ଭାରତୀୟ ନାରୀଚରିତ୍ରର ଆଦର୍ଶସ୍ଥଳ ହୋଇଛନ୍ତି ସେମାନେ ସମାଜର ଅଗଣିତ ନାରୀଙ୍କର ଅନୁପ୍ରେରଣା ହୋଇଛନ୍ତି । ଏହା ନିଶ୍ଚିତ ସତ୍ୟ । ଯୁଗେ ଯୁଗେ ଉତ୍କଳରେ ଯୋଗୀ ଋଷି, ସାଧୁ, ସନ୍ଥ, ମହାପୁରୁଷ, ଶଙ୍କର, ଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ ପ୍ରଭୃତି ମହାପୁରୁଷମାନେ ସ୍ୱେଚ୍ଛାକରିଥିବାର ପ୍ରକୃତ ଆଦର୍ଶ ଦେଇ ଉଲ୍ଲେଖ କରିଛନ୍ତି,

ନାରୀକୁଳରେ ସେହିପରି ଦ୍ରୌପଦୀ ଅହଲ୍ୟା, କୁନ୍ତୀ, ତାରା, ମନ୍ଦୋଦରୀ ସାବିତ୍ରୀ, ସୀତା, ଚିନ୍ତା, ସତୀ ଦମୟନ୍ତୀ ପ୍ରଭୃତି ମହୀୟସୀ ଓ ଗରୀୟସୀ ନାରୀମାନେ ଜନ୍ମଗ୍ରହଣ କରି ନାରୀତ୍ୱର ଅମଳ କୀର୍ତ୍ତି ପ୍ରତିଷ୍ଠା କରି ପାରିଛନ୍ତି ।

ଏବେବି ସମାଜରେ, କୁଳରେ ସାଧାରଣତଃ ନାରୀମାନେ ପୈତୃକ ପରମ୍ପରା ପାଳନ କରିଥାନ୍ତି ବା ଏହାକୁ ସତୀତ୍ୱ ବୋଲି ଭାବିଥାନ୍ତି । କିନ୍ତୁ ପୂର୍ବ ଯୁଗ ନାରୀଚରିତ୍ରରେ ସତୀତ୍ୱର ଆଦର୍ଶ କେବଳ ଦୈହିକ ନ ଥିଲା ବୋଲି ଆମ୍ଭମାନଙ୍କୁ ଧାରଣା କରିବାକୁ ହେବ । ସେମାନେ ପତି ନାରାୟଣ କରୁଥିଲେ ଏବଂ ଦେହ କେବଳ ନୁହେଁ, ମନ, ପ୍ରାଣ, ଆତ୍ମା, ଚିତ୍ତ, ବୁଦ୍ଧିକୁ ମଧ୍ୟ ଶୁଦ୍ଧ ରଖିବାକୁ ତପସ୍ୟା ଆଦି ସାଧନା ଏବଂ ଧର୍ମଶ୍ୟ-ବୋଟସ୍ଥାପ କରି ପାରୁଥିଲେ । ଅର୍ଥାତ୍ ସେମାନଙ୍କର ଦେହ ମନ ବୁଦ୍ଧିଆଦି ନିର୍ମଳ ପୂର୍ଣ୍ଣ ସତ୍ୟାନ୍ୱେଷୀ ଥିଲା । ତେଣୁ ଏ ଯୁଗରେ ସତୀତ୍ୱର ସବୁ ଗୁଣ ତାହା ସେମାନଙ୍କର ଅନୁଧ୍ୟାନ କରିବା ଉଚିତ । ଏଯୁଗରେ ସାମାଜିକ ଓ ପାରିବାରିକ ଅବହେଳାରେ ବାଧ୍ୟତଃ ଦୁର୍ଭାଗିନୀ ଜୀବନଯାପନାକୁ ସତୀତ୍ୱ କହନ୍ତି, କିନ୍ତୁ ଏହା ଭ୍ରମ ।

ସତୀତ୍ୱ ନାରୀର ଆତ୍ମିକ ଉନ୍ନତିର ପ୍ରଧାନ ସୋପାନ । ଏହା କେବଳ ବ୍ୟକ୍ତିଗତ ନାରୀ ଚରିତ୍ରର ମୂଳଭିତ୍ତି ନୁହେଁ, ଆମର ସନାତନ ସଂସ୍କୃତିର ମୂଳ କଥା । ପୃଥିବୀର ସବୁ ସମାଜରେ ସବୁ ଦେଶରେ ସତୀତ୍ୱର ମୂଲ୍ୟ ଓ ସମ୍ମାନ ରହିଛି । ଏହି ସତୀତ୍ୱର ସମ୍ମାନ ସମାଜ, ପରିବାର ଓ ଦେଶର ଶୃଙ୍ଖଳା, ସ୍ଥିତି ଓ ଜୀବନୀଶକ୍ତି ସଂସ୍କାରର ନିୟାମକ ଅଟେ ।

ଏଯୁଗର ନାରୀ ଆର୍ଥିକ ସ୍ୱାଧୀନତା ଲୋଡ଼େ ଓ ପାଉଛି । କିନ୍ତୁ ଆର୍ଥିକ ସ୍ୱାଧୀନ ହେଲେ ମଧ୍ୟ, ପୃଥିବୀର ମାନବଜାତି ଓ ତାର ସମୃଦ୍ଧି, ସଭ୍ୟତା, ଉନ୍ନତି ନିମନ୍ତେ ସମାଜର ସୃଷ୍ଟିକାରିଣୀ ନାରୀର ସତୀତ୍ୱ ଧର୍ମ ଅପରିହାର୍ଯ୍ୟ । ଏହା ଦ୍ୱାରା ନାରୀର ଆତ୍ମିକ ଉନ୍ନତି ବା ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ସମ୍ଭବପର ଅଟେ । ଏଣୁ ଆମ ଦେଶର ନାରୀମାନଙ୍କ ପକ୍ଷରେ ସତୀତ୍ୱ ପୁରୁଣାକାଳର କୁପ୍ରଥା, କୁସଂସ୍କାର ନୁହେଁ । ନାରୀ ନିମନ୍ତେ ଏହା

ଅତି ଆବଶ୍ୟକୀୟ । ଏହି ସତୀତ୍ୱ ନାରୀକୁ କେବଳ ଦୁର୍ଦ୍ଦିନରେ ଉପକୃତ କରିବାର ସୋପାନ ଅଟେ । ସେହି କାରଣରୁ ପୁରାଣ ଶାସ୍ତ୍ରରେ ସଧବା ନାରୀର ବୈଧବ୍ୟ, ବ୍ରତ, ଓଷା ପାଳିବା କଥା ନାହିଁ, କେବଳ ସତୀତ୍ୱ ଧର୍ମ ଆଚରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଉପସଂହାର

ମହାଭାରତରେ ଶାରଳା ଦାସ ଯେ ନାରୀଚିତ୍ର ଅଙ୍କିଛନ୍ତି, ତାହା ମଧ୍ୟରେ ସେ ଦେଶୀୟ, ସାମାଜିକ ସ୍ଥିତି ନାରୀର ଚିତ୍ର ଦେଇଛନ୍ତି। ପଞ୍ଚଦଶ ଶତାବ୍ଦୀର ଅତୀତ ଓଡ଼ିଶାରେ ଊନବିଂଶ ଶତାବ୍ଦୀର ଓଡ଼ିଶାର ନାରୀଚିତ୍ର ମିଳେ। ସେ ଯୁଗରେ ବାଲ୍ୟବିବାହ ଓ ଲୁଚିବା ପ୍ରଥାର ପ୍ରଚଳନ ଥିଲା। ବିଂଶ ଶତାବ୍ଦୀରେ ଯେଉଁଠି ଆଧୁନିକ ପାଶ୍ଚାତ୍ୟ ଶିକ୍ଷାର ଅନୁକରଣବାଦ ନ ହୋଇଛି, ସେଠାରେ ଅଦ୍ୟାପି ସେହି ପଞ୍ଚଦଶ ଶତାବ୍ଦୀର ଛାଞ୍ଚ ବଞ୍ଚି ରହିଛି। ଗୁରୁଜନ ସମୀପରେ ସ୍ତ୍ରୀ ସ୍ୱାମୀ ସହିତ ଆଳାପ ନ କରିବା, ଭ୍ରାତୃଜାୟା ବସ୍ତ୍ର ଦେଖିବା, ଦେଢ଼ଶୁର ସାମ୍ନାରେ ଲୁଚିବା ଓ କଥା ନ କହିବା ପ୍ରଥା ରହିଥିଲା। ଏହାର ଚିତ୍ର ମନୁ ସଂହିତାରେ ମଧ୍ୟ ନିର୍ଦ୍ଦିଷ୍ଟ ଅଛି। ଅବିବାହିତା କନ୍ୟା ବୟସ୍କା ହୋଇଗଲେ ପିତାର ନିକଟ ସାନ୍ନିଧ୍ୟରୁ ମଧ୍ୟ ସଙ୍କୋଚଭାବର ରାୟ ଦେଇଛନ୍ତି। ଏହାର କାରଣ ଖୋଜିଲେ ଅନୁମିତ ହୁଏ ଯେ, ସେ ଯୁଗରେ ନାରୀଙ୍କ ସମ୍ଭ୍ରମ ସହଜ ଏବଂ ଶୁଦ୍ଧ ନ ଥିଲା। ମନୁଷ୍ୟ ଭିତରେ ଯେଉଁ ବର୍ବରତା ରହିଛି, ସେହି ବର୍ବର ସ୍ୱଭାବ ଦମନ କରିବା ନିମନ୍ତେ ଯେ ମନୁଷ୍ୟର ନୀତି ଓ ମାର୍ଜିତ ରୁଚି ରହିଥିଲା, ହୁଏ ତ ତାହା ପର୍ଯ୍ୟାପ୍ତ ନ ଥିଲା। ତେଣୁ ପାରିବାରିକ ଶୃଙ୍ଖଳା ଏବଂ ଗୁରୁ ଲଘୁ ସମ୍ପର୍କ ଯୁକ୍ତ ପାରସ୍ପରିକ ସଭ୍ୟତା ରକ୍ଷା କରିବା ଅର୍ଥରେ ଏଭଳି ନିୟମ ବା ନୀତି ସମାଜରେ ପ୍ରଚଳିତ ଥିଲା। ଆଧୁନିକ ମନସ୍ତତ୍ତ୍ୱବିତ୍ ବୈଜ୍ଞାନିକଗଣ ଏହି ମାନସିକ ବୃତ୍ତିର ମୌଳିକ କଥାମାନ ଉଦ୍ଘାଟନ କରି ଯାହା ଆବିଷ୍କାର କରିଛନ୍ତି, ତହିଁରୁ ଜଣାପଡ଼େ, ସାମାଜିକ ନୈତିକତା ସମ୍ପର୍କୀୟ ବିଧିନିଷେଧ ଗୁଡ଼ିକ ନିଷ୍ପତ୍ତି ଉଦାର ମସ୍ତିଷ୍କପ୍ରସୂତ ଅଳୀକ କଳ୍ପନା ନୁହେଁ ଐତିହାସିକ ହୋଇ ନ ଥିଲା। ଏହି ନିୟମାନୁବର୍ତ୍ତିତା ଯୋଗୁଁ ସାମାଜିକ ଶାନ୍ତି ଏବଂ ପାରିବାରିକ ସୌଷ୍ଠବ ରକ୍ଷା ହୋଇ ଆସି ସମାଜକୁ ସଂସ୍କୃତିର ଉତ୍କର୍ଷ ଦିଗକୁ ନେଇ ଯାଇଥିଲା। ପାରିବାରିକ ମମତା, ଭକ୍ତି, ଶ୍ରଦ୍ଧା, ସ୍ନେହ,

ସନ୍ଧାନ୍ୱିଷ୍ଟ ପ୍ରଭୃତି ମଧ୍ୟଦେଶୀୟ ଭୂଖଣ୍ଡ ନରନାରୀ ସମ୍ପର୍କରେ ଜ୍ଞାନଯୋଗ ହୋଇଥିଲା । ତେଣୁ କର୍ଣ୍ଣାଟକୀୟ ଜନସ୍ରୋତ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ ଓ ଜନଗୋଷ୍ଠୀମାନେ କର୍ଣ୍ଣାଟକୀୟ ସମ୍ପର୍କରେ ବ୍ୟବଧାନ ସୀମା ଭିତରେ ରହିଥିବାରୁ ସେମାନଙ୍କୁ ଭକ୍ତି ଓ ସମ୍ମାନ କରୁଥିଲେ । କିନ୍ତୁ ଏ ଯୁଗରେ ତାହା ସତ୍ୟତାର ଦେଖା ନ ମିଳିବାରୁ ଓ ଅର୍ଥଗତ ଅନୁଭୂତି ଆନୁଷଙ୍ଗିକ ରକ୍ତ ଧାରଣ ସତ୍ତ୍ୱେ ବ୍ୟବଧାନ ନ ଥିବାରୁ ନରନାରୀ, ସ୍ତ୍ରୀ ଓ ଲଘୁ ସମ୍ପର୍କରେ ମାନସିକ ସମ୍ଭାବର ପରିଶିଷ୍ଟ ସ୍ଥାନ ପାଇଅଛି ବୋଲି ଦେଖାଯାଏ ।

ସାରଳା ଦାସ ମୁସଲମାନ ଶାସନ ଆଗରୁ ଏ କାବ୍ୟ ରଚନା କରିଥିଲେ । ସେ ସ୍ତ୍ରୀଚରିତ୍ର ବିଷୟରେ ନାନା ଘଟଣାକୁ ଆଣିଛନ୍ତି । ସେଥିରେ 'ବ୍ରାହ୍ମଣୀ', ମାତା, କନ୍ୟା, ପିତା, ପତ୍ନୀ, ବନ୍ଧୁ, ରାଜା, ରାଣୀ ସମସ୍ତଙ୍କର କର୍ତ୍ତବ୍ୟ ଲକ୍ଷିତ । ବ୍ରାହ୍ମଣୀ ପ୍ରସଙ୍ଗରେ ସାରଳା ଦାସ ଦେଖାଇଛନ୍ତି ଏକ ଚିତ୍ର ଦେଇଛନ୍ତି । ସ୍ୱାମୀ ଉପାସୀ । ସ୍ତ୍ରୀ ଦୁଃଶୀଳା ନାରୀ । ସ୍ୱାମୀ ଭ୍ରମଣ ହୋଇ ଯିବାରୁ ସ୍ତ୍ରୀର ଭିକ୍ଷା ମାଗି ଯିବାକୁ ମନା କଲେ । କିନ୍ତୁ ଘରେ କିଛି ନ ଥିବାରୁ ବ୍ରାହ୍ମଣୀ ପରେ ମନେ ଚିନ୍ତିଲା:—

"ବ୍ରାହ୍ମଣୀ ଭାବଇ ସେବେ ପଠାଇବି ଘରେ
ଘରଣୀପଣ ତୁଟିବ ମୋର ଦାରିଦ୍ର୍ୟ ବାଢ଼ିଲେ ।
ବୋଲିବେ ଏ ନାରୀ ସ୍ୱାମୀକୁ ପଠାଇଲା
ଆଳସ୍ୟ ହୋଇଲେ ଭିକ୍ଷା ମାଗିବ ସେ ବାହୁ ।
ଏମନ୍ତେ ଘରଣୀପଣ ହୋଇବ ଦୂଷିତ
ନ ଯାଉ ଏ ସ୍ୱାମୀ ବାହାର ଆଜ ହେବ ଦୁଃଖ ।"

ପୂର୍ବେ ଲୋକଲଜ୍ଜା ଅପବାଦ ଭୟରେ ନାରୀମାନେ କର୍ତ୍ତବ୍ୟ ଅବଧାରଣା କରୁଥିବାର ଉପଲବ୍ଧି ସହଜରେ ଜଣାପଡ଼େ ।

ସାରଳା ଦାସ ମହାଭାରତରେ ଏକାଠି ମନଗଢ଼ା କଥା ଲେଖିଛନ୍ତି ଯଥା—ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିରଙ୍କ ବୈକୁଣ୍ଠ ଯିବା ସମୟରେ ପାଣ୍ଡବମାନେ ସହିତ ହେବାର ଜନ୍ମଦାତାଙ୍କୁ କନ୍ୟାପିତାଙ୍କୁ ରକ୍ଷା କରିବାକୁ ଯୁଧିଷ୍ଠିରଙ୍କୁ

ସ୍ୱର୍ଗକୁ ଯିବା ପଥରେ ଲିଭାଇ ଦେଉଛନ୍ତି । ଏତଦ୍‌ବ୍ୟ କନ୍ୟା ଦାୟରେ ପିତାର ଦାୟିତ୍ୱ କେତେ ତାହା ଦେଖାଇଛନ୍ତି । ସନ୍ଥ ଜନମାନେ କନ୍ୟାଦାୟଗ୍ରସ୍ତ ପିତାକୁ ଅର୍ଥ ଦେଇ ସାହାଯ୍ୟ କରୁଥିବାର ଜଣାଯାଏ । ବାଳିକାମାନଙ୍କର ଖେଳଘର, ଶିବଙ୍କୁ ବାଳିକାମାନେ ଧୂଳି ଲୁଣ ଦେବା ଓ ଶିବଙ୍କଠାରୁ ବରପ୍ରାପ୍ତି କଥା ଲେଖିଛନ୍ତି । ଶାରଳା ଦାସ ମହାଭାରତରେ ତାଙ୍କର ରାମାୟଣ ମଧ୍ୟ ସଂକ୍ଷିପ୍ତ ବର୍ଣ୍ଣନା ଓ ସମ୍ପୂର୍ଣ୍ଣ ରାମାୟଣ କଥା ଲେଖିଛନ୍ତି । ଉକ୍ତିରେ ଲକ୍ଷ୍ମଣ ସୀତାଙ୍କ କଥା ମାନି ରାମଚନ୍ଦ୍ରଙ୍କୁ ଖୋଜିବାକୁ ନ ଯିବାରୁ ସୀତାଙ୍କ କଟୁକ୍ତି ଶୁଣିବା କଥା । ସୀତା କହୁଛନ୍ତି—

"ସୀତା ବୋଇଲେକ ମୁହିଁ ଜାଣେ ତୋର ମାୟା,
ରାମଙ୍କୁ ମରାଇ ଭୁଞ୍ଜ ହେବୁ ମୋର କାୟା ।
ଅନେକ ଶିଖାଇ କହୁଥାଉ ସେ ବୋଇଲେ,
ଏଥିପାଇଁ ଆଇଲୁ କି ଶ୍ରୀରାମଙ୍କ ଭୁଲେ ।
ରାମଙ୍କ ଅଗ୍ରେ ଚୋରାରେ ହିବେ ଛଳ ନାହିଁ,
ଏତେ କପଟୀ ହେଲୁ କି ତାଙ୍କ ଭାଇ ହୋଇ ।"

ଏ ଶଙ୍କା ସବୁ କାଳରେ ସବୁ ଯୁଗରେ ନାରୀମନରେ ରହିଛି । ଆସ ସମାଜରେ ଦେଉର ବିବାହ ପ୍ରଥା ଥିଲା, ପୂର୍ବୋକ୍ତ ଉକ୍ତିରୁ ତାହାର ପ୍ରମାଣ ମିଳେ । ନାରୀ ବିଧବା ହେଲେ ସେ କାଳରେ ଦେବରର ପତ୍ନୀ ହେଉଥିଲେ । ତାଛଡ଼ା, ମହାଭାରତୀୟ ଆଖ୍ୟାନରୁ ଏହାର ପ୍ରମାଣ ମିଳେ । ତେଣୁ ସୀତାଙ୍କ ମାନସିକ ଶଙ୍କା ନାରୀମନର ଗୋଟିଏ ସାର୍ବଜନୀନ ମନୋବୃତ୍ତି । ହିନ୍ଦୁ ସମାଜରେ ଏହି ପ୍ରଥା ଏଯାଏଁ ନାନା ସମାଜରେ ରହିଛି ।

ଶାରଳା ଦାସ ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ ଲେଖିଛନ୍ତି । ଭୂଲଙ୍କଶ୍ରି ପୁରାଣରେ ବାଉଳର ପ୍ରାବଲ୍ୟ ଦେଖାଯାଏ । ସୀତାଙ୍କ ପ୍ରେରଣାରେ ରାମ ବିଲଙ୍କା ରାବଣକୁ ମାରିଥିଲେ । ନିଜେ ସୀତା ଯୁଦ୍ଧକ୍ଷେତ୍ରକୁ ଯାଇଥିଲେ । ଏହି ରାମାୟଣରେ ସୀତାହିଁ ପ୍ରଧାନ ନାୟିକା । ମୂଳ ରାମାୟଣରେ ବାଲ୍ମୀକି ଏହି ତଥ୍ୟ ଲେଖି ନାହାନ୍ତି । ସୀତା ଚରିତ୍ରରେ

ସାରଳା ଦାସ ବୀରତ୍ୱର ଅପେକ୍ଷା କରିଛନ୍ତି, ଯାହା କି ମୂଳ ରାମାୟଣରେ ନାହିଁ । ସୀତା ରାମଙ୍କୁ ପଚାରୁଛନ୍ତି—ତୁମେ ରାବଣବଧ ପାଇଁ ଗର୍ବ କାହିଁକି କରୁଛ ?

"ତୁମ୍ଭେ କିବା କହି ପାଉଅଛ ଚଉଗୁଣ,
ମୋର କଷ୍ଟ ପାଇଲ ମୁଁ ମାରିଲି ରାବଣ ।
ଏମନ୍ତ ପ୍ରତାପ ଯେବେ ଅଛି ରଘୁସାଇଁ
ବିଲଙ୍କାରେ ରାବଣକୁ ବଧ କର ଯାଇଁ ।

ବୈଦେହୀ ହିଁସାଷ କରି ପୁଣି କହିଲେ——

ଯାହା ନ କହିଣ କାହିଁ ପ୍ରଶଂସି ହେଉଛ
କେଉଁ ଦିନ ରାବଣକୁ ତୁମ୍ଭେ ମାରୁଅଛ ?

ଏହି ଘଟଣା ସୀତା ବନବାସକୁ ଯେଉଁ ବେଳେ ଯେପରି ବୀରତ୍ୱର ଦେଖାଇଛନ୍ତି, ତାହା ସାରଳା ଦାସ ବଡ଼ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି —

"ହେଉଥିଲେ ଖଣ୍ଡ ହୋଇ କରି ଦେବୀ ସୀତା,
ଦେଖି ଶାଶୁମାନଙ୍କୁ ସେ ନୁଆଁଇଲେ ମଥା ।
ଅଇଲ ଅଧାଡ଼ି ଦେବୀ କହିଲେ ପୁଣତ
ବୋଇଲେ ରାମଙ୍କୁ ତୁମ୍ଭ ମାତା ଅଛନ୍ତି ।
ଶୁଣିକରି ସଙ୍କୁଚିତ ହୋଇଲେ ଶ୍ରୀରାମ
ସୀତାଙ୍କୁ ବୋଇଲେ ତୁମ୍ଭେ କର ଯା ପ୍ରଣାମ ।"

ସାରଳା ସୀତାଙ୍କର ଶକ୍ତିକୁ ରାବଣ ମାରିବାକୁ ପ୍ରେରଣା ଦେବା ଓ ନିଜେ ଯୁଦ୍ଧଭୂମିକୁ ଯିବା, ପୁଣି ଶାଶୁମାନଙ୍କୁ ପାଦେ ଛୁଇଁ ନେବା ପାଇଁ ଅସିବାର ଦେଖି ବାଦୁଲ-ବାର୍ଦ୍ଧି ପାଖାପାଖି ରଖିଲେ ନାରୀ ଚରିତ୍ରର ଅଲଙ୍କାରକୁ ଫୁଟାଇଛନ୍ତି । ଏହି ସାମଞ୍ଜସ୍ୟ ବିଧାନ କେବଳ ସୀତାଙ୍କ ଭଳି ନାରୀଚରିତ୍ରରେ ରହିବା ସାରଳା ଦାସଙ୍କ ପକ୍ଷେ ସମ୍ଭବ ହୋଇଛି, ଅନ୍ୟ ନାରୀର ଏହି ଚରିତ୍ର ଅଙ୍କନ ସମ୍ଭବ ହୋଇ ନ ଥାନ୍ତା । ବାଲ୍ମୀକି ସାଥିରେ ରାମାୟଣର ରୂପ ସୀତାଚରିତ୍ର ରହିବାକୁ ପାଇଁ ଏକ ସ୍ୱତନ୍ତ୍ର କରି ଥୋଇ ପାରିଛନ୍ତି ।

## ଓଡ଼ିଆ ଭାଗବତକାରର ବୈଶିଷ୍ଟ୍ୟ

ପ୍ରାଚୀନ ସଂସ୍କୃତ କାବ୍ୟ ଲେଖକମାନେ ବହୁ ଅଂଶରେ ନାରୀଙ୍କୁ ଏକ ସୌନ୍ଦର୍ଯ୍ୟମୟୀ ପ୍ରତିମାରୂପେ ଚିତ୍ରଣ କରି ତାର ଦାମ୍ପତ୍ୟ ଜୀବନର ଭୋଗବିଳାସ ଦିଗକୁ କେବଳ ପ୍ରାଧାନ୍ୟ ଦେଇଥିଲେ। ପାରିବାରିକ ଜୀବନରେ ନାରୀର ସୁଖ ଦୁଃଖ, ମାନ ଅପମାନ, ଅଭାବ ଅଭିଯୋଗ, ଅସୁବିଧା ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିଲେ। କାବ୍ୟର ବିଷୟବସ୍ତୁର ବାସ୍ତବହୀନତା ବା ଅଧିକ ଅଲୌକିକତା ହିଁ ଏହାର ପ୍ରଧାନ କାରଣ। କବିମାନେ ଯେ ଏହି ବିଷୟରେ ଅଜ୍ଞ ଥିଲେ ଏହା କହି ନ ପାରୁଁ। ସାରଳା ଦାସ ତାଙ୍କ ମହାକାବ୍ୟରେ ନାରୀଜୀବନର ବହୁ ବିଭବ ଓ ବିଷାଦ ପ୍ରତି ଲକ୍ଷ୍ୟ ରଖି ତାର ବିଶ୍ଳେଷଣ କରିଛନ୍ତି। ମନସ୍ତତ୍ତ୍ୱ ଦୃଷ୍ଟିରୁ ଏହି ନାରୀଚରିତ୍ର ବହୁ ଉଚ୍ଚ'ସ୍ତରର ହୋଇଅଛି, ସନ୍ଦେହ ନାହିଁ। ସଂସ୍କୃତ ମହାଭାରତ ଓ ସଂସ୍କୃତ ପୁରାଣମାନଙ୍କରେ ନାରୀଚରିତ୍ରର ବିଭିନ୍ନ ଦିଗର ଚିତ୍ର ଦେଖିବାକୁ ମିଳେ। କିନ୍ତୁ ସାରଳା ଦାସଙ୍କ ମନସ୍ତତ୍ତ୍ୱ ଜ୍ଞାନ ଅନନ୍ୟସାଧାରଣ କହିଲେ ଚଳେ। ପ୍ରକୃତି ଓ ପ୍ରବୃତ୍ତିକୁ ଏହି ଦୁଇ ଅତିକ୍ରମ କରି ନାହିଁ।

ସାରଳା ଦାସ ମହାଭାରତରେ ଯେତେ ସ୍ୱତନ୍ତ୍ର ନାରୀ ସୃଷ୍ଟି କରିଛନ୍ତି, ସେମାନେ ସକ୍ରିୟ, ସାହସୀ, ଜୀବନ୍ତ। ରାମାୟଣର ନାୟିକା ସୀତାଙ୍କ ପରି ମହାଭାରତର ନାୟିକାମାନେ ନିଷ୍କ୍ରିୟ, ନିର୍ଜୀବ, ଦୈବାଧୀନା ନୁହନ୍ତି। ସୀତାଙ୍କ ପ୍ରକୃତିଠାରୁ ଦ୍ରୌପଦୀଙ୍କ ପ୍ରକୃତି ଭିନ୍ନ। ସୀତା ସତୀ ଥିଲେ। ସତୀତ୍ୱର ପରୀକ୍ଷା ଦେଇ ତାଙ୍କର ଜୀବନଯାତ୍ରା ପାତାଳରେ ନିର୍ବାଣ ଲଭିଥିଲା। ମାତ୍ର ମହାଭାରତୀୟ ନାରୀମାନଙ୍କୁ ଏପରି କଷ୍ଟରେ ପରୀକ୍ଷା ଦେବାକୁ ପଡ଼ି ନାହିଁ। ମହାଭାରତ ନାରୀର ପତନ ଉତ୍ଥାନ ଅଛି। ମହାଭାରତ ଯୁଗରେ ସଭ୍ୟତାର ମହିମା ନାରୀଜୀବନକୁ ସ୍ପର୍ଶ କରିଛି, କିନ୍ତୁ ସତ୍ୟତା ସହିତରେ ବ୍ୟାବହାରିକ ଗୁଣଗୁଡ଼ିକର ସାଦୃଶ୍ୟ ରଚନା କରିଯାଇଛି—ବିଶେଷ ସମର୍ଥ ମଧ୍ୟରେ। କିନ୍ତୁ ରାମାୟଣ ମହାଭାରତ ନାରୀମାନଙ୍କର ସାମଞ୍ଜସ୍ୟ ଅଛି। ସୀତାଙ୍କ ଚରିତଠାରୁ ଦ୍ରୌପଦୀଙ୍କ

•ତାହାର ସ୍ଥାନ ନାହିଁ । ଯୁଗ ବଦଳି ଚାଲିଲେହେଁ ଭାରତୀୟ ନାରୀଜୀବନର ଏକ ଆଦର୍ଶ ଚେତନା ଦୃଷ୍ଟି ଭାବି ତାଙ୍କୁ ନେଇ ସମ୍ମାନ ଦେଉଅଛୁ । ଭାରତୀୟ ସଂସ୍କୃତିର ଏହି ଭିତ୍ତିରେ ହିଁ ରାମାୟଣ, ମହାଭାରତ ସବୁ ଯୁଗର ନାରୀ ଚରିତ୍ରର ଶ୍ରେଷ୍ଠ ରୂପ ପାଉଛନ୍ତି । ଏହି ବୈଶିଷ୍ଟ୍ୟ ଏକତ୍ରରେ ନାରୀର ସନାତନ ବୈଭବ ଓ ଶକ୍ତି । ମୂଳ ସ୍ୱର ଏହା ହିଁ । ପୁଣି ଯୁଗର ନାରୀ ଏହା ଭଳିର । ସୀତାଙ୍କ ପରି ଦ୍ରୌପଦୀ, ଗାନ୍ଧାରୀ ଓ କୁନ୍ତୀ ମଧ୍ୟ ଏକନିଷ୍ଠ ପତିବ୍ରତା ଥିଲେ । ସାଂପ୍ରତିକ ଦୃଷ୍ଟିରେ ଆମ୍ଭେମାନେ କୁନ୍ତୀ ଦ୍ରୌପଦୀଙ୍କ ଚରିତ୍ର ସହିତ ସୀତାଚରିତ୍ର ତୁଳନା କରିବା ନାହିଁ । ଏଥିପାଇଁ ସମାଜ ଜୀବନରେ ଭଲମନ୍ଦ ବିଶ୍ଳେଷଣର ପ୍ରୟୋଜନ । ସେହି ଦୃଷ୍ଟିଭଙ୍ଗୀରେ ବ୍ୟାସ, ସାରଳା ଦାସ ନାରୀ ଚରିତ୍ର ସୃଷ୍ଟି କରିଛନ୍ତି । ସେହି ଅନନ୍ୟ ନାରୀମାନଙ୍କ ଚରିତ୍ର ବୁଝିବାକୁ ସାଧାରଣଙ୍କର ସମ୍ଭ୍ରମ ଶ୍ରଦ୍ଧା ହେବା ଦରକାର । କୁନ୍ତୀ ଅଦେହି ଦେବତାଙ୍କ ଔରସଜାତ ପୁତ୍ରମାନଙ୍କର ମାତା ହୋଇ, ଅପାପବିଦ୍ଧା ହେବାକୁ ସମାଜ ଓ ବ୍ୟାସ ତାଙ୍କୁ ଅଙ୍ଗୀକାର କରିଛନ୍ତି । ଗୁରୁ ଆଜ୍ଞା, ସ୍ୱାମୀ ଆଜ୍ଞା ପାଇ ବଂଶଧାରା ରକ୍ଷା କରିବା ପାଇଁ ସେ ପୁତ୍ରୋତ୍ପାଦନ କରିଥିଲେ । ତାଙ୍କ ଅଞ୍ଚଳରେ ଦ୍ରୌପଦୀଙ୍କ ଜୀବନରେ ମଧ୍ୟ ସେହି ଘଟଣା ଘଟିଥିଲା । କୁନ୍ତୀ ଯେପରି ପାଣ୍ଡୁଙ୍କ ସହଧର୍ମିଣୀ ଓ ଅନୁଗାମିନୀ ଥିଲେ, ଦ୍ରୌପଦୀ ମଧ୍ୟ ସେହିପରି ପଞ୍ଚପାଣ୍ଡବଙ୍କର ସହଧର୍ମିଣୀ, ଅନୁଗାମିନୀ ଓ ବିପତ୍ତିର ସହାୟିକା ପୁଣି ମନ୍ତ୍ରିଣୀ ଥିଲେ । ଉଭୟେ ମହୀୟସୀ ପୁଣ୍ୟବତୀ ସତୀ ନାରୀ । ମହାଭାରତ ନାରୀ ବଳୀୟସୀ, ରାମାୟଣ ନାରୀ ତପସ୍ୱିନୀ । ରାମାୟଣ ନାରୀଙ୍କର ଜୀବନରେ ବେଦନା ଅଛି, ଦର୍ପ ନାହିଁ । ମହାଭାରତ ନାରୀ ଆନନ୍ଦ ବେଦନାରେ ଚଳିଲା, ଜୀବନର ଗଭୀରସ୍ତରରେ ଅଟକିଲା ।

× × ×

ସାରଳା ଦାସ ଗାନ୍ଧାରୀ ଧୃତରାଷ୍ଟ୍ର ବିବାହ ଯେପରି ବର୍ଣ୍ଣିଛନ୍ତି, ତାହିଁରେ ଅଦ୍ୟାପି ଆମ ଦେଶରେ କହନ୍ତି—ଧୃତରାଷ୍ଟ୍ରଙ୍କ କନ୍ୟା ନାହିଁ, ଗାନ୍ଧାରୀଙ୍କୁ ବର ନାହିଁ । ପଶ୍ଚିରେ ରହୁ ବିବାହିତାଙ୍କୁ କହନ୍ତି, "ଅନ୍ଧ ଜନନୀ ବର ଦେଲ, ସାନ୍ଧ୍ୟା ପଣତ ଧରିଲ ଲଜ୍ଜା ଦେଲ ।"

ସାରଳା ଦାସ ତତ୍କାଳୀନ ସାମାଜିକ ସ୍ଥିତି, ସ୍ୱଭାବ, ଚରିତ୍ରକୁ ତାଙ୍କ ମହାଭାରତର ଓ ବିବାହ ପ୍ରଣାଳୀରେ ଲକ୍ଷ୍ୟ କରିଛନ୍ତି ତାହା ଅନୁଧ୍ୟାନ ଯୋଗ୍ୟ।

ସେ ଯୁଗର ନାରୀମାନେ ସ୍ୱାଧୀନ-ପ୍ରିୟା, ଅଳଙ୍କାର-ବସନ-ପ୍ରିୟା, ସାହସ୍ୟ ଅଭାବୀ, ସ୍ୱେଚ୍ଛାଚାରିଣୀ ହେବାର ସାରଳା ଦାସ ଲେଖିଛନ୍ତି। ସପତ୍ନୀ-ଈର୍ଷା ଓ ଶ୍ୱଶୁରଭକ୍ତି ମଧ୍ୟ ସେମାନଙ୍କ ଚରିତ୍ରରେ ଥିଲା। ନାରୀ-ଜନଙ୍କ ବସ୍ତ୍ରଧାରଣ, ଅନ୍ତଃପୁର ସ୍ଥିତି ସତ୍ତ୍ୱ ଯୁଦ୍ଧ ନାରୀମାନେ ସାଧାରଣ ଶ୍ରେଣୀର ନାରୀ ଥିଲେ ଓ ପରସ୍ପରବିଦ୍ୱେଷପରାୟଣା ଥିଲେ। ଏହି ଶ୍ରେଣୀର ନାରୀଚରିତ୍ର ସାରଳା ଦାସଙ୍କ ମହାଭାରତରେ ବହୁତ ସ୍ଥାନରେ ଦୃଷ୍ଟ ହୁଏ। ସେମାନଙ୍କ ଚରିତ୍ରରେ ଉଚ୍ଚତ୍ୱ ଓ ବିଶେଷତ୍ୱ କିଛି ନ ଥିବାରୁ ସେମାନଙ୍କ ଶୁଭ ଅଦୃଷ୍ଟ ସମ୍ଭବପର ନାହିଁ।

ମହାଭାରତ ଏ ଦେଶରେ ଚର୍ଚ୍ଚା ହେବା ଉଚିତ। ଯାଗ ଯଜ୍ଞ, ଦେବାର୍ଚ୍ଚନ ବ୍ରତ, ପୂଜା ଅନୁଷ୍ଠାନ, ବିବାହ, ଶ୍ରାଦ୍ଧ ଅନୁଷ୍ଠାନ ସମ୍ବନ୍ଧରେ ଯାହା ସବୁ ଲିଖିତ ଅଛି ସେ ସମ୍ବନ୍ଧରେ ଆଧୁନିକ ନାରୀମାନଙ୍କର ଜାଣିବାର ରହିଛି। ତାହା ଜାଣିବା ଅର୍ଥ ନିଜର ଜାତୀୟତା, ନିଜର ସଂସ୍କୃତି ଓ ପରମ୍ପରାକୁ ଜାଣିବା। ଫଳତଃ ଏହା ଦ୍ୱାରା ଜାତୀୟ ଆତ୍ମାକୁ ଉପଲବ୍ଧି ସମ୍ଭବ ହୁଏ। ମୁଁ କେବଳ ନାରୀ ଚରିତ୍ର ଲେଖିଲି। କିନ୍ତୁ ଏହି ମହାଭାରତୀୟ ଏତେ ବିସ୍ତୃତ ଏବଂ ମନୁଷ୍ୟଜୀବନର ଏତେ ଗୁଡ଼ିଏ ଦିଗର ଦର୍ଶନ ଏଥି ମଧ୍ୟରେ ରହିଛି ଯେ, ତାହା ଆମର ଶିକ୍ଷିତ ପୁଅ ଝିଅମାନଙ୍କର ଅନୁଶୀଳନର ବିଷୟ। ରାଜନୀତି, ଶାନ୍ତି, ଯୁଦ୍ଧନୀତି, ଅର୍ଥ, ନୀତିଶାସ୍ତ୍ର ସବୁ ଦିଗରେ ମହାଭାରତ ଶିକ୍ଷା ଦେଉଛି। ସାରଳା ଦାସ କେବଳ କବି ନ ଥିଲେ, ସେ ଥିଲେ ଜଣେ ଶ୍ରେଷ୍ଠ ସମାଜତତ୍ତ୍ୱବିତ୍ ପଣ୍ଡିତ ବ୍ୟକ୍ତି। ତାହାଙ୍କ ସ୍ମୃତିକୁ ନମସ୍କାର କରି ଏହି ପୁସ୍ତକ ଶେଷ କରୁଛି। ଭ୍ରମ ପ୍ରମାଦ ଏଥିରେ ଥିବ—ତଥାପି ମୋର ଆକୁତି।

# ଅଭିମତ

ଶ୍ରୀମତୀ ସରଳା ଦେବୀଙ୍କ ଲିଖିତ "ଭାରତୀୟ ନାରୀର ଆଦର୍ଶ" ଶୀର୍ଷକ ପ୍ରବନ୍ଧ ପାଠ କଲି । ଏହି ପ୍ରବନ୍ଧ ଓଜସ୍ୱିନୀ ଭାଷାରେ ଏକ ଉତ୍ତମ ଉଦ୍ଦୀପ୍ତ ପ୍ରାଣରେ ଲେଖା ହୋଇଅଛି । ଏହା ଆଜିକାଲି ଯୁବକ ଯୁବତୀମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେଲେ ଭାରତୀୟ ନାରୀତ୍ୱର ପ୍ରକୃତ ଚିତ୍ର ଧାରଣା ସେମାନଙ୍କର ହେବ । ତେଣୁ ଏପରି ପ୍ରବନ୍ଧର ଉପଯୋଗିତା ଅଛି । ବିଜାତୀୟ ମତବାଦର ସ୍ଥାପନାରେ ଯେଉଁ ବିଶୃଙ୍ଖଳତା ସୃଷ୍ଟି ହୁଏ, ତାହାକୁ ପ୍ରତ୍ୟକ୍ଷ ଉପେକ୍ଷା କରି, ସ୍ୱତଃ ପ୍ରକାଶମାନ ହୁଏ । ବିଜ୍ଞାନମୟ ଯୁଗରେ ବିଜ୍ଞାନସ୍ଥିତ ବାସ୍ତବତାର ସାର୍ଥକତା ଉପଲବ୍ଧ ହୁଏ ଏବଂ ପ୍ରକୃତ ସତ୍ୟ ଉଦ୍ଭୂତ ହୁଏ । ତେଣୁ ଏହି ପ୍ରବନ୍ଧ-ପାଠକପାଠିକାଙ୍କ ମନରେ ଏକ ଉତ୍ତମ ଭାବର ଜାଗରଣ କରିବ, ଯାହା ଜାତୀୟ ସମାଜରେ ଶ୍ରେୟର ସମ୍ଭାବନା ଅଛି ।

କଟକ
୨୩।୧୧।୬୧

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି
ସଭାପତି—ସାହିତ୍ୟ-ଉନ୍ନୟନ କମିଟି
ଉତ୍କଳ ବିଶ୍ୱବିଦ୍ୟାଳୟ

# ପରିଶିଷ୍ଟ

## ଭାରତୀୟ ନାରୀର ଆଦର୍ଶ

### ପ୍ରଥମ ଅଧ୍ୟାୟ

ବିଂଶ ଶତାବ୍ଦୀର ଏ ଯୁଗକୁ ସାଧାରଣତଃ କଳିର ଯୁଗ କହନ୍ତି । ଏ ଯୁଗର ସଭ୍ୟତା ସମ୍ପୂର୍ଣ୍ଣ ପୂର୍ବକାଳଠାରୁ ବେଶୀ ଉନ୍ନତ ହୋଇଛି ବୋଲି ମନେ କରିବାର ହେତୁ ନାହିଁ । ଯଦ୍ୟପି ଏ ଧାରା ପୂର୍ବେ ଯେତେବେଳେ ସମାଜରେ ନଗ୍ନ ନାରୀମାନେ ଗିରିଗୁହାରେ ବାସ କରି ନଦୀ ଝରଣାର ଜଳ, ବଣର ଫଳ ମୂଳ ଖାଇ ଓ ପୁରୁଷମାନେ ଶିକାର କରି ଆଣୁଥିବା କଞ୍ଚା ମାଂସ ଖାଇ ବଞ୍ଚୁଥିଲେ, ସେ କାଳରେ ନାରୀ ମଧ୍ୟ ଏକାକୀ ନାରୀମାନଙ୍କ ଭଳି ପୁରୁଷଙ୍କ ଦ୍ୱାରା ପାଳିତା ଏବଂ ରକ୍ଷିତା ହେଉଥିଲେ । ସେ କାଳରେ ନାରୀ ଅପହରଣ, ନାରୀଧର୍ଷଣ, ନାରୀହରଣ ସମାଜରେ ଚଳୁଥିଲା । ସେହି କାରଣରୁ କାଳସ୍ଥ ଦମ୍ପତି ବା ଧନକୁ ଅଣା କରି ବସିଥିଲେ ନାରୀ । ସେହି କାଳରେ କାଞ୍ଚନ ଯନ୍ତ୍ର, ଶିଳ୍ପ, ରସାୟନ, ପଦାର୍ଥବିଦ୍ୟା, ଶରୀରବିଦ୍ୟା ପ୍ରଭୃତି ଶାଖା ପ୍ରଶାଖା ଅନେକଙ୍କ ଜନ୍ମ, ଦୃଷ୍ଟି ସାହିତ୍ୟ, କଳା, ଗଣିତାଦି ପୂର୍ବକାଳ ସମାଜ ଅପେକ୍ଷା ଅଧିକ ଉନ୍ନତି ହୋଇ, ସେକାଳରୁ ମନୁଷ୍ୟ କାଞ୍ଚନ ଓ ବୁଦ୍ଧିବଳରେ ତାର ଅରଣ୍ୟର ଜୀବନ ପ୍ରବୃତ୍ତିଠାରୁ ନିଜକୁ ଛଡ଼ାଇ ଆଣିଛି । ଆଜିକାଲି ମନୁଷ୍ୟ ଅସାଧ୍ୟ ପ୍ରକୃତିକୁ ବାଧ୍ୟ କରି ତାର ଅସାଧାରଣ ଶକ୍ତିରାଶି ସାଧ୍ୟ କରି ଗାଢ଼ରୁ ପ୍ରକୃତିର ଅସୀମ ଶକ୍ତିଭଣ୍ଡାରର ଦ୍ୱାର ଖୋଲି ଦେଇଛି । ପୂର୍ବକାଳ ନାରୀମାନଙ୍କ ସହିତରେ ଏ ଯୁଗ ନାରୀମାନଙ୍କୁ ତୁଳନା କଲେ ବହୁତ ପରିବର୍ତ୍ତନ ଦେଖିବାକୁ ମିଳେ ନାହିଁ । ସେମାନେ ସେହିପରି ଦୁର୍ବଳ, ଦୁଃଖୀ ରହିଛନ୍ତି । ପୁରୁଷ ଯେପରି ତାର ମୂଳ ପଶୁପ୍ରବୃତ୍ତି ବଦଳାଇ

ନ ପାରି କେବଳ ଉଦରଭରଣ ସର୍ବସ୍ୱ ଜୀବର ନକଲ କରେ । ଚିନ୍ତା ବିଜ୍ଞାନର କୃତ୍ରିମ ଅବଦାନ ଉପାୟମାନ ଜୀବନର କ୍ଷେତ୍ରରେ ପ୍ରୟୋଗ କରି ସର୍ବଦା ସମ୍ପୃକ୍ତ ହୋଇଥାନ୍ତି, ନାରୀ ମଧ୍ୟ ଏ ବିଷୟରେ ତାକୁ ପୂର୍ବ ଅନୁକରଣ ଓ ଅନୁସରଣ କରି ଚାଲିଛି । ଧର୍ମ, ବ୍ୟବହାର, ଗୋଷ୍ଠୀ, ରାଜ୍ୟର ଆଇନ ଭିତ୍ତିରେ ସେ ନିଜକୁ ଦମନ କରି ଚାଲିଛି । କାରଣ ଏ ଯୁଗର ମନୁଷ୍ୟ ପ୍ରାକୃତିକ କ୍ରମବିକାଶ ଧାରାରେ ମାର୍ଜିତ ସଂସ୍କୃତ ହେଲେ ବି ଏଠାରେ ପୃଥିବୀରେ ଗୋଷ୍ଠୀ ଉତ୍ତେଜନା, କ୍ରୀତ ଦାସଦାସୀ ପ୍ରଥା, ଯୁଦ୍ଧାଭିଯାନ, ଶୋଷଣ, ଧର୍ମକଳିଙ୍ଗନ, ପରରାଜ୍ୟହରଣ, ଲୁଣ୍ଠନ ମନୁଷ୍ୟ ସମାଜରେ କମିତ ହୋଇ ନାହିଁ । ଯଦ୍ୟପି ଆଇନ୍ ଏସବୁକୁ ଅପରାଧ କରିଛି ଅନୁଗାମୀ ହେବେ ବୋଲି ମାନି । ଏହା ମନୁଷ୍ୟକୁ ସଂସ୍କୃତ କରିଥିବାରୁ ମନୁଷ୍ୟ ପଶୁ ନ ହୋଇ ମନୁଷ୍ୟ ହୋଇଅଛି ମାତ୍ର । ତାର ଶିକ୍ଷା ପାଇଥିଲେହେଁ, ତାର ମୂଳ ପ୍ରକୃତି ଠିକ୍ ଅଛି ରହିଛି । ସମାଜ ଗଠନରେ ନାରୀ ତାର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବାକୁ ଇଚ୍ଛା କରେ । କିନ୍ତୁ ସମାଜତନ୍ତ୍ରବିଦ୍ ପଣ୍ଡିତମାନଙ୍କ କହିଥିବା ଯୋଗ୍ୟତାର ଅଧିକାରିଣୀ ହୋଇ ନ ପାରି ସେ ଭୁଲି ଯାଉଛି । ସେହି କାରଣରୁ ସେ ଅନ୍ଧବିଶ୍ୱାସୀ ହୋଇଥିବାରୁ ନିଃସହାୟା ହୋଇ ରହିଛି । ଆଜିକାଲି ଦାମ୍ପତ୍ୟ ଜୀବନ ଯାପନ ବା ଜୀବନ ବିକାଶ ସମ୍ଭବ ତାର ସମ୍ଭବ ନାହିଁ । ସେହି କାରଣରୁ ସେ ପରାଧୀନା—ଦରିଦ୍ର । ଏ ଯୁଗର ଏ ନିଷ୍ଠାର୍ଥୀ ସ୍ୱାଧୀନା ସେ ହୋଇ ପାରି ନାହିଁ । ସେଥିପାଇଁ ପୃଥିବୀର ବହୁ ମହାଦେଶର ପରେ ଜର୍ମାନ ଓ ଜାପାନ ଦେଶର ନାରୀମାନେ ସ୍ୱାଧୀନ-ଭାବରେ ଶକ୍ତି ହୋଇଅଛନ୍ତି ଓ ଅବିରୋଧ ଜୀବନ ଯାପନ କରୁଛନ୍ତି । ପ୍ରାକୃତିକ ନିୟମରୁ ଏହି ପ୍ରଥା ଅବହମାନ କାଳରୁ ପ୍ରଚଳିତ । ଏ ଯୁଗରେ ପୃଥିବୀର ପ୍ରତ୍ୟେକ ଦେଶରେ ନାରୀଜାତିର ନୈତିକ ଅଧଃପତନ ଘଟିଅଛି । କାରଣ ସେ ତାକୁ ନୈତିକ ଅବନତିରୁ ମୁକ୍ତ ହୋଇ ପାରୁ ନାହିଁ । ପ୍ରାକୃତିକ କାରଣରୁ ଆର୍ଥିକ ପ୍ରତିଯୋଗିତାରେ ନାରୀ ଦୁର୍ବଳା ହୋଇ ମଧ୍ୟ ନାରୀ ସବୁ ପ୍ରତିଦ୍ୱନ୍ଦ୍ୱିତା କରୁଅଛି ।

ଏ ଯୁଗର ବିଜ୍ଞାନ ପୂର୍ବକାଳର ଅଜ୍ଞାନ ଯୁଗରେ ରହୁଥିବା ମନୁଷ୍ୟକୁ ବିଭିନ୍ନ କ୍ଷେତ୍ରରେ ଚମକୁଥିବା ନାନା ଉପକରଣ, ପ୍ରାସାଦ, ଟାୱାର, ଟେଲିଫୋନ, ଉଡ଼ା ଓ ବୁଡ଼ା ଜାହାଜ, ଘଡ଼ିଚ, ରେଲଗାଡ଼ି ମହାକାଶଯାନ, ଆଶ୍ଚର୍ଯ୍ୟ ଔଷଧ ଓ ଶଲ୍ୟଚିକିତ୍ସା ଆଣି ଦେଇଛି । ଏହା ଛଡ଼ା ସାମାଜିକ ଶ୍ରେଣୀ ଚେତନାର ସ୍ଫୁର୍ତ୍ତି ମଧ୍ୟ ଦେଇଛି । ଆଗେ ମନୁଷ୍ୟ ଶତ୍ରୁକୁ ଦେଖିଲେ ଦଶ ଦାନ୍ତରେ ରହି ଖଣ୍ଡ ଖଣ୍ଡ କରି ଦେଉଥିଲା । ଆତ୍ମରକ୍ଷା ସାହସିକତା ପାଇଁ ନିର୍ମମ ଅସଭ୍ୟ ପାଶବିକ ଅବଲମ୍ବନ କରୁଥିଲା । କିନ୍ତୁ ନବ ସଭ୍ୟତାରୁ ସେ ସେ ବୃତ୍ତି ପାଇଲା, ତାହା ଫଳରେ ସେ ନାନା ଯୁକ୍ତି ତର୍କ ସମ୍ବନ୍ଧ ଅନୁମାନ ବୁଝାଇ ଦେଇ ଶତ୍ରୁକୁ ସାମ୍ନା ପାରୁଛି । ସାମାଜିକ ସ୍ତରରେ ବିବାଦ ତଥା କଳହ ପାଶବ ପ୍ରବୃତ୍ତିକୁ ସଂଯମିତ କରି ପାରିଲା । କାରଣ ନିଜ ନିରାପତ୍ତା ସ୍ୱାର୍ଥରେ କିଛି ସ୍ୱାର୍ଥାନ୍ୱେଷୀ ମନୁଷ୍ୟ ମଣିଷ, ବସନ୍ତ ପ୍ଲେଗର ଜୀବାଣୁ ଓ ବିଷାକ୍ତ ବାଷ୍ପ ପ୍ରୟୋଗରେ ଶତ୍ରୁ ଦେଶ ବା ଜନସଂହାର କରୁଛି । ମନୁଷ୍ୟ ଆଜି ପୃଥ୍ୱୀ ପ୍ରକୃତିର ରହସ୍ୟର ସନାତନ ଧାରଣାକୁ ମଧ୍ୟ ଅସ୍ୱୀକାର କରୁଅଛି । ମନୁଷ୍ୟ ପ୍ରକୃତି ସହିତ ବିବାଦ କରି ଇନ୍ଦ୍ରିୟ ସୁଖର ଚରିତାର୍ଥତା ପାଇଁ ଅସଂଖ୍ୟ ଉପାୟ ଉଦ୍ଭାବନ କରୁଛି । ମନୁଷ୍ୟର ପଶୁପ୍ରବୃତ୍ତି ଜାଗ୍ରତ ହୋଇଛି ଏହାହିଁ ତାର ନବ୍ୟ ସଭ୍ୟତା । ମନୁଷ୍ୟର ସହଜ ନୈତିକ ବୃତ୍ତିକୁ ଉଚ୍ଛନ୍ନ କରିଥିବା ସଂସ୍କାର ଓ ମାନବୀୟ ଗୁଣମାନଙ୍କୁ ଧୂଳିସାତ୍ କରି ଆଜି ସେ ବାଟ ଧ୍ୱଂସପଥରେ ଧାଇଁ ଚାଲିଛି । ସେ ଯନ୍ତ୍ର ସଭ୍ୟତାର ଭକ୍ତ ହୋଇ ଆଜି ପାପର ପ୍ରାୟଶ୍ଚିତ୍ତ କରୁଛି । ନାନା ଜଟିଳ ରୋଗରେ ତାର ଶରୀର ମନ ବିକଳ, ଅବସନ୍ନ ହୋଇ ପଡ଼ିଛି । କୃତ୍ରିମ ଜୀବନ ଯାପନ କରୁଥିବାରୁ ମନୁଷ୍ୟ ଆଜି ଉଚ୍ଚ ମଧୁମେହ, ଦୁଶ୍ଚିନ୍ତା, ଯକ୍ଷ୍ମା, ଟିବି, ଅନିଦ୍ରା, କ୍ୟାନସର, ଆଦି ଚଳମାନ ଜୀବନଯୋଜନାରୁ ଦୂରେଇ ଯାଇ ଦେଉଛି । ବର୍ତ୍ତମାନ ଓ ଭବିଷ୍ୟତ୍ ପାଇଁ ବଞ୍ଚିବା ଯୁକ୍ତି ତା ହାତରେ ନୈତିକ ସମ୍ବଳ ବା ମନୁଷ୍ୟତାର ମୂଳଧନ କିଛି ମାତ୍ର ଅବଶେଷ ନାହିଁ । ସେ ଅନ୍ଧକାରକୁ ଯିବ ଚିର ଅନ୍ଧମାନସିକତା ବା ଦେବତ୍ୱ ହୋଇ ପଡ଼ିଛି । ଇନ୍ଦ୍ରିୟମାନଙ୍କର ସ୍ୱେଚ୍ଛାଚାରିତା ବା

ସ୍ୱାଧୀନ ମୂଲ୍ୟ ଦବାକୁ ଯାଇ ଅଦ୍ଭୁତ ମନୁଷ୍ୟ ଯଥାର୍ଥରେ ଖେଳନାଟିଏ ହୋଇ ଯାଇଛି । ଡାକଘର, ବ୍ୟାଙ୍କ, କଚେରୀ, କଳ କାରଖାନା, ଡାକ୍ତରଖାନା, ସାଇନ୍ସର ପ୍ରୟୋଗଶାଳା ଆଦି ମନୁଷ୍ୟକୁ ନିୟନ୍ତ୍ରଣ କରୁଅଛି । ସବୁ କଳ ଧନ ଉତ୍ପାଦନର ଅନ୍ତର୍ନିହିତ ସାଧନ ମନୁଷ୍ୟ କେବଳ ଯନ୍ତ୍ରସଂଚାଳିତ ବୁଦ୍ଧିର ସାର୍ଥକତା ପାଇଁ ଦାସତ୍ୱ ଓ ଶୃଙ୍ଖଳିତ ହୋଇଛି । ଏହି ବିଂଶ ଶତାବ୍ଦୀର ଗୌରବ । ଖାଦ୍ୟ, ବସ୍ତ୍ର, ପେୟ, ଗୃହଶଯ୍ୟା, ବିଳାସ ବ୍ୟସନ ଉପକରଣ ଉତ୍ପନ୍ନ ହେଇ ଯାଇଁ ମନୁଷ୍ୟତା ବସ୍ତୁପୁଞ୍ଜର ଚରିତ୍ର ନିଷ୍ପେଷିତ ହୋଇ ଯାଏ, ବୁଦ୍ଧିରୁ ଜୀବନରେ ଅଦରକାରୀ ମଣି ନିର୍ବାସିତ ହେଉଛି । ଯେଉଁଠି ମନୁଷ୍ୟର ଅଲକ୍ଷଣ ବୁଦ୍ଧି ଅନ୍ୟସ୍ୱାର୍ଥ ସୁରକ୍ଷା ପାଇଁ ଓ ଲୋଭ କାମନା ପୋଷଣ ସ୍ୱାର୍ଥ ପାଇଁ ବିଜ୍ଞାନ ବୁଦ୍ଧି ପ୍ରୟୋଗରେ ବିନାଶର ଶକ୍ତିର ସୃଷ୍ଟି କରୁଛି, ଯେଉଁଠି ଶୋଷଣବାଦ ଓ ଆତଙ୍କବାଦ ଉଦ୍ଦାମ ଉପରେ ମନୁଷ୍ୟ ହିଂସା, ଘୃଣା ଓ ପରଶ୍ରୀକାତରତାର ନେଶାରେ ପତାକା ଉଡ଼ାଇ ଏ ଶତାବ୍ଦୀରେ ବେଦେଇଁ ବିଷବୃକ୍ଷ ଗଛାଇ ଦେବା ମଣିଷକୁ ଏକାବେଳେ ପାଇଁ ଭୂମିର ଉପାୟ ପାଉ ନାହିଁ, ସେଠାରେ ଏ ଯୁଗରେ ଏ କାଳରେ ନାରୀ ସତୀତ୍ୱର ମୂଲ୍ୟ କାହିଁ ? ବିଶ୍ୱ ଇତିହାସରେ ନାରୀର ଯେଉଁ ଚିରନ୍ତନ ରୂପର ମୂଲ୍ୟ ଥିଲା, ଆଜି କେବଳ ତାହାହିଁ ତାର ସମ୍ବଳ ହୋଇ ରହିଛି । ନାରୀ ଅଙ୍ଗର ବସ୍ତ୍ରାବରଣ—ତାର ଦେହ ସୁନ୍ଦରର ଉଦ୍ଘାଟନ ହେଉଛି ତାହାର ଚାହିଦା ଆଜିର ଦୁନିଆର ଶିଳ୍ପ, କଳା, କାବ୍ୟ, ସଙ୍ଗୀତ, ସାହିତ୍ୟର ଲକ୍ଷ୍ୟ ଉପାଦେୟ ହୋଇଛି । ଆଜିର ଯନ୍ତ୍ରଯୁଗର ମନୁଷ୍ୟ ଉପରେ ବାସ୍ତବତାହିଁ କେବଳ ରାଜତ୍ୱ କରୁଛି । ଭାରତର ସେଦିନ ଆଉ ନୈମିଷାରଣ୍ୟ, ଇଲୋରା, ଅଜନ୍ତା, ନାଳନ୍ଦା, କୋଣାର୍କ ଶୁଣାକୁ ଫେରିବେ ନାହିଁ । ମନୁଷ୍ୟର ସ୍ୱଭାବଗତ ଶକ୍ତି ପ୍ରବୃତ୍ତିକୁ ଅଙ୍କୁରରେ ଜଳାଇ ଦେଇ. କଳ କ୍ରମେ ବସ୍ତୁଜଗତର ଶୃଙ୍ଖଳକୁ ନେଇ ସର୍ବଶକ୍ତିମାନ ଭଗବାନଙ୍କ ସୃଷ୍ଟି ସହିତ ପ୍ରତିଦ୍ୱନ୍ଦ୍ୱିତା କରାଇବ । ଏହି ଏ ଦୁନିଆର ପ୍ରଶ୍ନ ହେବ । ସ୍ୱାମୀ ବିବେକାନନ୍ଦ, ଗାନ୍ଧୀ,

ଅରବିନ୍ଦ, ରମଣ, ସେଇଁ ମହର୍ଷିମାନ ସହଜ ଜୀବନସାଧନାର କଥା
କହୁଥିଲେ, ସେହି ଆତ୍ମ ଜୀବନ ସ୍ବପ୍ନ-ଲୀନ। ହୋଇ ଉତ୍ତରାର୍ଦ୍ଧ ପୃଥ୍ବୀରେ
ଜୀବନ୍ତ ସମାଧି ନେବ। ବିଗତ ଶତାବ୍ଦୀମାନଙ୍କରେ ଯେ ପୁଞ୍ଜିଭୂତ
ଅତ୍ୟାଚାର, ଶୋଷଣ, ଉତ୍ପୀଡ଼ନର ଶିକାର ହୋଇ ମନୁଷ୍ୟ ଅଦୃଷ୍ଟ-
ବାଦ ଉପରେ ନିର୍ଭର କରି ଶାନ୍ତ ହୋଇଥିଲା, ସେହି ଶାନ୍ତି କାମନାର
ଫାଙ୍କ ଭିତରୁ ଯେ ଉଦିତ ହୁଅନ୍ତେ ନବ୍ୟ ଶ୍ରେଣୀ ଚେତନା ଆଣି
ଦେଇଛନ୍ତି, ସେହି ଚରିତ୍ର ଆଜି ବିଶ୍ୱମାନବ ତା'ର ଜାତିରେ ଦେଶ ଦେଶରେ
ଯାନ କରୁଛି, ଫଳତଃ ଜୀବନସଂଗ୍ରାମ ଉତ୍କଟ ହୋଇଯିବାରୁ ଏ ଯୁଗର
ନାରୀ ପଥ ଖୋଜିବାକୁ, ସାମନ୍ତବାଦୀ ସମାଜର ଗ୍ଲାନି, ଧର୍ମଯାଜକଙ୍କ ଅସାର
ଜଳନା ଦେଖି ମନେ କରି ସବୁକୁ ଉପହାସ କରିବ। ସେଇଁ ବାଲୁକ
ଅଂକୁ ଭୁଁଦାନ, ଦେହରେ କୃତ୍ରିମ ଯନ୍ତ୍ର ସ୍ଥାପନ ପ୍ରଭୃତି ନାନା ଅସମ୍ଭବ
କଥାକୁ ସମ୍ଭବ କରୁଛି, ସୃଷ୍ଟି ଦର୍ଶନବେଦାନ୍ତର ଚୈତନ୍ୟ ଓ ପରମାଣୁବାଦ
ସମ୍ବନ୍ଧ ସମନ୍ୱୟ ସାଧନ କରିବାକୁ ସମର୍ଥ ହୋଇ ଅଣୁ ଚୈତନ୍ୟର
କ୍ରିୟା ବିଜ୍ଞାନୀମାନେ ସଚାଳ ଅଭିଜ୍ଞାନ କଥା କହୁଛି, ତାହାରେ ଏ ଯୁଗରେ
ବାସ୍ତବତା ଓ ପଦାର୍ଥ କା ବସ୍ତୁନିଷ୍ଠ ନାରୀଜୀବନରେ ସତ୍ୟ ହେବ।
ସ୍ତ୍ରୀ, ପୁରୁଷ, କନ୍ୟା, କାଳନ, ସମୟ, ତପସ୍ୟା, ଧ୍ୟାନ, ଧାରଣା, ଉପବାସ,
ବ୍ରତ, ପାରଣ, ସଜାଡ଼, ସତୀତ୍ୱ ପ୍ରଭୃତି ଖୋଜିବାର ସମାଜର ଅନୁଷ୍ଠାନକୁ
ଲୁପ୍ତପ୍ରାୟ ବୋଲି ଧରାଯିବ। ଏବେ ମଧ୍ୟ ତାହା ଦେଖା ଯାଉଛି।
ଧୂଳ ମାଟିର ମନୁଷ୍ୟଙ୍କୁ ଉଠି ଆକାଶକୁ ଉଡ଼ାଇ ଯାଇ ପାରିବ ନାହିଁ।
ଅଛ ସତ୍ୟର ସଙ୍ଗ ନିର୍ଦ୍ଦିଷ୍ଟ ହୁଏନି। ତେଣୁ ସମ୍ପଦ୍ର ମୂଳ ସମାଜ
କେଉଁ ଗତିରେ କେଉଁ ନିର୍ଦ୍ଧାରଣ କରିବ ? ପୃଥିବୀରେ ଆଜ ସତ୍ୟର
ମୂଲ୍ୟ ନ ଥିବା ସ୍ଥଳେ ସମ୍ପଦ୍ର ମୂଲ୍ୟବୋଧ କ ରହିବ। ସ୍ୱାଚ୍ଛନ୍ଦ ନିୟମ।
ସମ୍ପଦ୍ରୁ ସ୍ତ୍ରୀଲୋକର ସାମାଜିକ ଓ ପାରିବାରିକ ଶୃଙ୍ଖଳା ଓ ବଂଶଧାରାର
ପବିତ୍ରତା ରକ୍ଷା ପାଇଁ ସମାଜ, ରାଷ୍ଟ୍ର ନାଗରିକ ଜାତିଙ୍କ ଓ ନରନାରୀଙ୍କୁ
ଦେଖାଇ ଦାୟିତ୍ୱର ଶକ୍ତି କରିବାନ୍ତି ବୋଲି ଏ ଯୁଗର ବେଦମତ। ତେଣୁ
ପୂର୍ବକାଳର ସମାଜ ଓ ସତ୍ତ୍ୱଧର୍ମର ସହସ୍ରାଧିକ ଭାଙ୍ଗି ଯାଉଛି—ତେଣୁ
ବାଧା ରଖ ନାହିଁ।

ସେଦିନ ଭାରତବର୍ଷ ଯୁଗ ନାରୀ ଅଦ୍ଧସାଧିକା ଥିଲେ ବୋଲି ଆତ୍ମ ଉପଲବ୍ଧିର ଅନ୍ତର୍ଦ୍ଦରେ ସେ ଗୌରବ ବୋଧ କରୁଥିଲେ । ତପସ୍ୟା, ବ୍ରତ ପ୍ରଭୃତି ନିଷ୍ଠା, ସଂଯମ, ନିଷ୍ଠା ସହକାରେ ପାଳନ କରି ପତିବ୍ରତା, ସ୍ୱାମୀ ପୁତ୍ରଙ୍କ ମଙ୍ଗଳ କାମନାରେ ସେ ନାନାବିଧ ବ୍ରତ ସାଧନା କରୁଥିଲେ । ଏହାର ଫଳ ଯାହା ହେଉ, ଏହା ଦ୍ୱାରା ସ୍ୱାଭାବିକ ଭାବରେ ତାଙ୍କ ଚରିତ୍ରଗୁଣର ଅନୁଶୀଳନ ହେଉଥିଲା ପରୋକ୍ଷରେ । ଅନ୍ତଃକରଣ ନାରୀ ଅନ୍ତରରୁ ଶିବ ସୁନ୍ଦରର ପ୍ରେରଣା ପାଉଥିଲେ । ଏହି କାରଣରୁ ସ୍ନେହ, ମାନସିକ ପବିତ୍ରତାକୁ ବଜାଇରଖିବା ପାଇଁ ସେ ଶୁଦ୍ଧ ଆଚରଣ କରୁଥିଲେ ଏବଂ ପବିତ୍ରତା ପାଇଁ ତାର ଆଗ୍ରହ ପ୍ରବଳ ଥିଲା । ନିଃସ୍ୱାର୍ଥପର ନାରୀ ଗୁରୁଜନ ଓ କୁଟୁମ୍ବ, ଆତ୍ମୀୟ, ସ୍ୱାମୀ ପୁତ୍ରଙ୍କ ସେବାରେ ନିଜର ଅନ୍ତଃ ପ୍ରସାଦ ଲାଭ କରୁଥିଲେ । କର୍ତ୍ତବ୍ୟ ପାଳନ ତାର ଧର୍ମ ଥିଲା । ଈଶ୍ୱରବିଶ୍ୱାସ ତାର ପ୍ରବଳ ଥିଲା । ତାର ଚରିତ୍ରରେ ଗାମ୍ଭୀର୍ଯ୍ୟ ଥିଲା ଓ ଅନେକ ଗୋଟିଏ ଚରିତ୍ରଗତ ଥିବାରୁ କପଟ ଲକ୍ଷଣକୁ ସେ ପସନ୍ଦ କରୁ ନ ଥିଲା । ଦୟା, କ୍ଷମା, ଧୃତି, ବାତ୍ସଲ୍ୟ, ସତୀତ୍ୱ, ସୌଜନ୍ୟ, ପରୋପକାର, ଦାକ୍ଷିଣ୍ୟ, ଗୁରୁଭକ୍ତି, ଲଜ୍ଜା, ବିନୟ, ତାର ଚରିତ୍ରର ଭୂଷଣ ଥିଲା । ଆଧୁନିକ ଶିକ୍ଷିତ ଯୁଗର ବସ୍ତୁବାଦୀ ନାରୀର ସ୍ୱଭାବ ଧର୍ମକୁ ଉପେକ୍ଷା କରିଥିବାରୁ ଓ ସେ ମାଟି ଛୋଟି ଶ୍ରେଣୀ ଗଣରେ ଚାଲିବା ଶିକ୍ଷା କରିଥିବାରୁ ଅତୀତ ଯୁଗରେ ତାର ସେ ପ୍ରକୃତିନିହିତ ଗୁଣର ବିକାଶ ହୋଇଥିଲା, ତାହା ଲୁପ୍ତ ପ୍ରାୟ ହୋଇ ଯାଉଥିବାର ସାମଗ୍ରୀ ଭଳି କେବଳ ସେଥିପ୍ରତି ଦୃଷ୍ଟିରେ ରହିଛି । ଏବେ ସେ ଅବହେଳାକ୍ରମେ ଚେଷ୍ଟା କରିବାରୁ, ମିଥ୍ୟା ପ୍ରବଞ୍ଚନା କରିବାରୁ, କପଟାଚରଣ କରିବାକୁ କୁଣ୍ଠିତ ହୁଏ ନାହିଁ । ଫଳତଃ ତାର ଜୀବନର ଅଶାନ୍ତି ହୋଇଛି । ଅତୀତ ସଂସାରରେ ସେ ସ୍ୱାମୀ ପୁତ୍ରଙ୍କୁ ଶ୍ରେଷ୍ଠ କରାଇ କରିବାର ପ୍ରେରଣାଦାତ୍ରୀ । ଆନୁଷଙ୍ଗିକ ଆନ୍ତର୍ଜାତିକ ପ୍ରସଙ୍ଗରେ ସେ ପ୍ରଧାନ ଅଂଶୀଦାର । କିନ୍ତୁ ଦୁଃଖର ବିଷୟ ପ୍ରାଚୀନ ମର୍ଯ୍ୟାଦା ରକ୍ଷିତ ନୈତିକ ସମ୍ବଳ ହରାଇ ବସିଛି ନାରୀ । ଔଦାର୍ଯ୍ୟ, ଆତ୍ମତ୍ୟାଗ ସହ୍ୟ, ଧୈର୍ଯ୍ୟ, ଉଦାର, ନୈତିକ, ଧାର୍ମିକ, ସ୍ୱାଭାବିକତା,

ଶିଶୁଶିକ୍ଷା, ଡାକ୍ତର, ଡିଗ୍ରୀ ବକିଲ୍‌ମୁନ୍‌ସିଫ, ଟେଲିଫୋନ୍ ଷ୍ଟେସନ, ଡାଇରେକ୍ଟ, ଷ୍ଟେସନ, ବ୍ୟବସାୟ, ଶିଳ୍ପ, ଦୋକାନ, ଜଳ ଯାନ୍ତ୍ରଶାଳରେ ନାଗର ଅବାରିତ ହୁଏ । ସେ ଜୀବନର ସ୍ରୋତପଥରେ ସୁଦୂର ସମୁ ଅର୍ଥନୀତିକ ପ୍ରତିଦ୍ୱନ୍ଦ୍ୱୀତାରେ ଅବଶିଷ୍ଟ ! ବିବାହ ତା ପକ୍ଷରେ ଏକ ଖେଳ ଜୀବନାର ଭେଟ ହୋଇଛି । ବିବାହ ପୂର୍ବରୁ ସେ ପ୍ରଣୟ ବ୍ୟାପାରରେ ଲିପ୍ତ ହୋଇ ପ୍ରଣୟୀକୁ ବା ସେ ସ୍ୱାମୀକୁ ଗଲେ ଅନ୍ୟ ପ୍ରଣୟୀକୁ ବିବାହ କରୁଛି । ପୁଣି ଅନ୍ତଃସତ୍ତ୍ୱା ହେଲା ପରେ ଗଲେ ସେହି ସ୍ୱାମୀ ଓ ସନ୍ତାନ ତ୍ୟାଗ କରି ଅନ୍ୟ ପତି ବରଣ କରୁଛି ବା । ଅବିବାହିତ ଜୀବନ ନିର୍ବାହ କରୁଛି । କେତେକ ହୁଏତ ପରସ୍ୱାମୀ ବରଣ କରୁଛି ଅବା ପରସନ୍ତାନ ପିତା ବରଣ କରି କୃତ୍ରିମ ମାତୃପ୍ରସାଦର ସୁଖ ଅନୁଭବ କରୁଛି । କେତେକ ବିବାହ ପୂର୍ବରୁ ସନ୍ତାନ ସମ୍ଭବା ହୋଇଛି ବା ଭ୍ରୂଣହତ୍ୟା ପାପ କରୁଛି । ନାରୀ ତାର ସତୀତ୍ୱ ମର୍ଯ୍ୟାଦା ନ ରଖିବାକୁ ଓ ସବୁ କ୍ଷେତ୍ରରେ ନିଜକୁ ସ୍ୱାଧୀନ କରିବାକୁ ଯାଇ କର ପୁରୁଷତନ୍ତ୍ରରେ ଅସହାୟିନୀ ଓ ହୀନ ହୋଇ ବିପଣି ର ସାମଗ୍ରୀ ହୋଇଛି । ଏ ଯୁଗର ପ୍ରଗତିଶୀଳ ବିଜ୍ଞାନୋନ୍ନତି ନାରୀ ପ୍ରତ୍ୟେ ନାରୀର ପ୍ରକୃତି ସମ୍ପୂର୍ଣ ବଦଳିଛି । ନବଯୁଗର ଦାନ ସ୍ୱରୂପ ଯେଉଁ ସଭ୍ୟତା ଅର୍ଜନ କରିଛି, ତାହା ଅବାଧ୍ୟ ଯୌନ, ସୌଖିନଭାଗ ବେଶ ଭୂଷଣ, ଅସ୍ୱାଭାବିକ ଖାଦ୍ୟପେୟ ଓ ଗୃହବିଳାସ ପୁଣି ସମ୍ଭୋଗ ନିର୍ଭରଶୀଳ ଅର୍ଥସ୍ୱାର୍ଥରେ ଅନଙ୍ଗନାରୁ ଶାସ୍ତ୍ରଜ୍ଞ । ଉପରୋକ୍ତ ବର୍ତ୍ତମାନ ଜଗତରେ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ବୈଷୟିକ ବସ୍ତୁତାନ୍ତ୍ରିକ ସଭ୍ୟତା, ବିଶୃଙ୍ଖଳ ସ୍ୱାତନ୍ତ୍ର୍ୟବାଦି ବା ନିମ୍ନମାନ ସ୍ୱେଚ୍ଛାଚାରିତା ଚରିତ୍ର ନଷ୍ଟ ଭଳି ନେତାମାନଙ୍କର ଦେଶବିଭ୍ରାନ୍ତ ନୀତି, ଆନ୍ତର୍ଜାତିକ ବାଣିଜ୍ୟନୀତି ଓ ଶୁଳ୍କନୀତି, ଦ୍ରବ୍ୟମୂଲ୍ୟ ବିଭ୍ରାଟ ଓ ଜନସଂଖ୍ୟା ବୃଦ୍ଧି, ବୈଦେଶିକ ଋଣ ଓ ବୈଦେଶିକ ଅର୍ଥନୀତି, ବେକାରୀ ଦୁର୍ନୀତି, ଆର୍ଥିକ ଶୋଷଣ, ଯୌନ ଓ ଦାସ୍ତାଙ୍କର ପ୍ରଭୃତି ଅନୈତିକ ସମସ୍ତ କାରଣ ବ୍ୟାପାର । ଏହା ଭାରତୀୟ ସହଜ ଜୀବନଯାପନ ପ୍ରଣାଳୀ ଓ ପୁଣି ଜାତି ଉପରେ ଗଭୀର ପ୍ରଭାବ ପକାଉଛି । ସୁତରାଂ ଉପରୋକ୍ତ ଅବସ୍ଥା ବିଚାରକୁ ହୋଇଁ

ଭାରତୀୟ ନାରୀ ତାର ସାଂସ୍କୃତିକ ଐତିହ୍ୟ ଭିତ୍ତି ବର୍ଷର କାଳ ସ୍ରୋତରେ ନିଜର ସତ୍ତା ଶାଳୀନ ରହିବାକୁ ବାଧ୍ୟ ହୋଇଛନ୍ତି । ଆଜିକି ପୃଥିବୀ ଅତି ମନ୍ଥର ପଥରେ ଦ୍ରୁତ ବେଗରେ ଧାଇଁଛି, ସେଥିରେ ନାରୀର ସ୍ୱତନ୍ତ୍ର ବିକାଶ ପାଇଁ ଅବସର ନାହିଁ । ଅର୍ଥନୈତିକ ଚାପରେ ଭୂମଣ୍ଡଳ ଏମାନଙ୍କ ସ୍ତ୍ରୀ ଉପାର୍ଜନ ଭାର ସମ୍ଭାଳିବା ବେଳେ ଓ ଲକ୍ଷଣଶୀଳ ପାରିବାରିକ ଜୀବନଧାରା ଲୁପ୍ତ ହୋଇଯାଉଥିବା ବେଳେ ନାରୀର ସଙ୍ଗଠନଶକ୍ତି ପ୍ରତି ଉଦାସୀନ ଅବହେଳିତ ହୋଇ ପଡ଼ିଛି । କାରଣ ଏଥି ସହିତ ଧର୍ମ ନୀତି ଓ ଉପଦେଶ ର ଅବସର ଅଛି ଅନେକ ନାରୀର ନାହିଁ । ପୃଥିବୀର ମନୁଷ୍ୟଙ୍କ ଅଧିକ ସଂଖ୍ୟ ଗୋଷ୍ଠୀଙ୍କରେ ପ୍ରାୟତଃ ଅଧମ ଓ ହୀନ ଶ୍ରେଣୀର ଶ୍ରମିକ ହୋଇ ପଡ଼ିଛି ଏବଂ ସଭ୍ୟତାର କଳଙ୍କ ସଦୃଶ ତାର ଶୋଷଣ ହୋଇଛନ୍ତି । ତେଣୁ ସାଧାରଣ ନାରୀର ସର୍ବାଙ୍ଗୀନ ଉନ୍ନତି ଅତ୍ୟ ଯୁଗୋପଯୋଗୀ । ଏହା ଆଜିର ଭିନ୍ନ ଭିନ୍ନ ସ୍ତରରେ ସମାଜ ମୂଲ୍ୟବାନ୍, ତେବେ ବି ଏ ଯୁଗରେ ତାର ସାମାଜିକ ବାସ୍ତବତା ବା ଚରିତ୍ରର ମୂଲ୍ୟ ଜାଣିବାକୁ ନାହିଁ ପଡ଼ିଲେ ବାସ୍ତବିକ ଦୁଃଖ । ଯୌନ ପବିତ୍ରତା ତଥା ଶିଶୁ ମଙ୍ଗଳର କଳ୍ପନା ତତ୍ତ୍ୱ, କାରଣ ଏହା ଏକ ଆଦର୍ଶ । ଶୂନ୍ୟ ଯୋଜନା ମାତ୍ର । ତେଣୁ ସାମ୍ୟର ଭୂମଣ୍ଡଳ ଏହି ଧାରଣାକୁ ନାରୀ ସୁବିଧା ଓ ଶାନ୍ତି-ସ୍ୱାସ୍ଥ୍ୟ ଜୀବନରେ ସତ୍ୟ ବୋଲି ପୃଥିବୀର ଶିକ୍ଷା ଓ ସମ୍ମାନ ଦେଇ ଥିଲେ । ନାରୀର ସଙ୍ଗେ ଏ ଦେଶର ସମସ୍ତ ଜାତି ସଂସ୍କୃତିର ଗୌରବର ମହିମା ଦେଇଥିବା କଥାରେ ଲକ୍ଷ୍ୟ ସାଧ୍ୟ ହେଉ ।

# ଦର୍ଶନଦୃଷ୍ଟିରୁ ନାରୀର ଆଦର୍ଶ

## ଦ୍ୱିତୀୟ ଅଧ୍ୟାୟ

ପ୍ରାଚ୍ୟ ଦର୍ଶନ ମତରୁ ଆଲୋଚନା କଲେ ମନୁଷ୍ୟ ଆତ୍ମାର ସ୍ୱରୂପ ହିଁ ସତ୍ ଚିତ୍ ଆନନ୍ଦମୟ । କିନ୍ତୁ ଜୀବଜଗତରେ ମନୁଷ୍ୟମାନେ ଏହି ଈଶ୍ୱରିକ ଅନୁଭବ କରନ୍ତି ନାହିଁ । ଜୀବ ସାଧନବଳରେ ଶିବ ହୋଇ ପାରେ ସତ୍ୟ; କିନ୍ତୁ ଏହା ଲୌକିକ ଦୃଷ୍ଟିରେ ବୋଲି ମନୁଷ୍ୟର ଶାରୀରିକ ଓ ମାନସିକ ଗଠନ ଓ ଗୁଣ ସୃଷ୍ଟି ଶକ୍ତିଶାଳୀ ନୁହେଁ । ସୁତରାଂ ନର ଓ ନାରୀ ମଧ୍ୟ ପ୍ରକୃତି ସୃଷ୍ଟିରେ ଅପୂର୍ଣ୍ଣ, ଖଣ୍ଡ, ସୀମିତ । ସାମାଜିକ ଶକ୍ତିର ଅନୁଶାସନ ଏବଂ ପାରିପାର୍ଶ୍ୱିକ ଶୁଭାଶୁଭ ସଂସ୍କାରଦ୍ୱାରା ଆବଦ୍ଧ ହୋଇଥିବାରୁ ମନୁଷ୍ୟ ମାତ୍ରେ ସସୀମ, ଶକ୍ତିଧର ଏବଂ ଦେହ, ମନ ଇନ୍ଦ୍ରିୟ ଆଦିରେ ବନ୍ଧିତ । ଏହାହିଁ ବାସ୍ତବିକତା ଏବଂ ସତ୍ୟ ନିୟମ । ସେହି କାରଣରୁ ସଂସାରରେ ମନୁଷ୍ୟର ନିନ୍ଦା ପ୍ରଶଂସାର ମୂଲ୍ୟ ଥିଲେ ହେଁ ଦାର୍ଶନିକ ଦୃଷ୍ଟିରୁ ତାହାର ମୂଲ୍ୟ ନାହିଁ । କାରଣ ପ୍ରତ୍ୟେକ ମନୁଷ୍ୟ ଦୋଷଯୁକ୍ତ । ସଂସାର ଓ ସମାଜରେ ତାର ଶୃଙ୍ଖଳା ଦୃଷ୍ଟିରୁ ମନୁଷ୍ୟ ନିନ୍ଦିତ ବା ପ୍ରଶଂସିତ ହୋଇଥାଏ ମାତ୍ର । ଏହା ସମ୍ପୃକ୍ତ ଆଦର୍ଶବାଦ ନୁହେଁ, ବାସ୍ତବ ଜୀବନବାଦର ଜନ୍ମ ସମ୍ପର୍କ ନାହିଁ । ତେଣୁ ନାରୀର ସତୀତ୍ୱ ସମାଜଦୃଷ୍ଟିରୁ ଯଥାର୍ଥ ବା ଅଯଥାର୍ଥ ହୋଇ ପାରେ, କିନ୍ତୁ ଦାର୍ଶନିକଦୃଷ୍ଟିରେ ଏହା ଅତି ଅସମ୍ପୃକ୍ତ କଥା । ତେଣୁ ନାରୀର ସତୀତ୍ୱ ଯେପରି ଗୋଟିଏ ସଂସ୍କୃତି ଓ କୃତ୍ରିମ ଆତ୍ମିକ ଆଦର୍ଶ ସ୍ୱରୂପରେ ଯାହାକୁ ବା ସ୍ୱରୂପ ସତ୍ ଚିତ୍ ଆନନ୍ଦମୟ ଚୈତନ୍ୟରେ ଅବଚ୍ଛିନ୍ନଭାବରେ ଅବସ୍ଥାନ କରିବା ମଧ୍ୟ ଗୋଟିଏ ଅତି ସରଳତମ ଆତ୍ମିକ ଆଦର୍ଶ ଅଟେ । କାରଣ ଏହା ମାନବସଂସ୍କୃତିର ଅତି ଉନ୍ନତ ସ୍ତରର କଥା । ସଂସାର ମୁକ୍ତାତ୍ମା ପକ୍ଷରେ ଏହା କେବଳ ସମ୍ଭବ, ଯାହା ଆମମାନଙ୍କର ଦୃଷ୍ଟିଗୋଚର ହୁଏ ନାହିଁ । ଉପର୍ଯ୍ୟୁକ୍ତ ମାନବସ୍ତର ବିକାଶ ଏବଂ ମନୁଷ୍ୟର ଗୁଣାତୀତ ଅବସ୍ଥା ଅନାୟାସଲଭ୍ୟ ନୁହେଁ । ଏହି ଅବସ୍ଥାନ୍ତରପ୍ରାପ୍ତି

ପାଇଁ ଜନ୍ମଜନ୍ମାନ୍ତରର ସାଧନା ଓ ସଂସ୍କାର, ସଦୁପଦେଶ, ଶିକ୍ଷା, ପାରି-ପାର୍ଶ୍ୱିକ ଅବସ୍ଥାନ, ଇନ୍ଦ୍ରିୟନିଗ୍ରହ, ସାଧନା, ପ୍ରାଣାୟାମ, ଯୋଗ ପ୍ରଭୃତି ଆବଶ୍ୟକ ହୁଏ । ଏହି ଉପାୟରେ ଆତ୍ମା ଶୁଦ୍ଧ ଓ ବଳବଦ୍ଧାରୀ ହୋଇ ପରେ ଶୁଦ୍ଧଚିତ୍ତ ମହାତ୍ମା ସେହିଦେବ୍ୟମାନଙ୍କୁ ନିଯୁକ୍ତ ହୋଇ ପାରେ, ଅନ୍ୟଥା ନୁହେଁ । ଏହି ସଂସାରରେ ଉତ୍ତୀର୍ଣ୍ଣ ନିରନ୍ତର କେବଳ ସତ୍ ବା ସତ୍କର୍ମ ଅର୍ଜନ କରି ପାରନ୍ତି । ତେଣୁ ଏହି ସବୁ ଆତ୍ମିକ ଗୁଣମାନଙ୍କୁ ଓ ଅବସ୍ଥାକୁ ସାମାଜିକ, ପାରିବାରିକ, ଜାତି ଓ ଶୃଙ୍ଖଳା ଭିତରୁ ବାହାରିଲେ ସଂସାର ସୀମାନ୍ତରେ ପଡ଼ିବି ହେବ ନାହିଁ । ଏଥିପାଇଁ କାମନା-ବାସନା-ରହିତ ନିଷ୍କାମଣାତ୍ମକ ଆତ୍ମ-ବିଶ୍ୱାସର ଅଭିମୁଖୀ ଦୃଢ଼ସଙ୍କଳ୍ପ ମାର୍ଜିତ ଶୁଦ୍ଧ ଜୀବନ ଓ ଭକ୍ତିଭାବର ଚରିତ୍ରର ଏବଂ ଜନହିତକାରୀ ବିଶ୍ୱବନ୍ଧୁତ୍ୱର ଅପେକ୍ଷା ରଖେ । ତାହାର ଚରିତ୍ରର ଏବଂ ବୁଦ୍ଧିବଳର ସ୍ୱାଭାବିକ ପ୍ରକ୍ରିୟାରୁ ପ୍ରାକୃତିକ କାରଣ-ବଶତଃ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ଓ ବିଷୟାଭିମୁଖୀ ଆସକ୍ତିଯୁକ୍ତ ହୋଇଥିବାରୁ ସତୀତ୍ୱର ସାଧନ ନିମନ୍ତେ ପୂର୍ବଋଷି ଧର୍ମପ୍ରବର୍ତ୍ତକମାନେ ଏବଂ ସ୍ମୃତିକାର ଶାସ୍ତ୍ରରଚୟିତାମାନେ ତାହା ପାଇଁ ସ୍ୱାମୀଭକ୍ତି ସ୍ୱାମୀସେବା, ସ୍ୱାମୀ ଅନୁକୂଳା ଓ ଆଜ୍ଞାକାରିଣୀ ହେବାକୁ ନାରୀକୁ ଉପଦେଶ ଦେଇଛନ୍ତି । ଏହି ସତୀତ୍ୱ ସାଧନା ପାଇଁ ଉକ୍ତ ଉପବାସକୁ ସ୍ୱାମୀସେବା ଧର୍ମ ନିକଟରେ ତୁଚ୍ଛ କରାଯାଇଛି । ନାରୀର ମୁକ୍ତି ଏବଂ ସ୍ୱର୍ଗଲାଭ ନିମନ୍ତେ ଏହାହିଁ ସହଜ ସୁଗମ ପଥ ବୋଲି ପ୍ରାଚୀନ ପୁରାଣକାର ନିର୍ଦ୍ଦେଶ କରିଅଛନ୍ତି । ନାରୀର ଏହି ଜୀବନାଦର୍ଶ ସମ୍ପୂର୍ଣ୍ଣ ମୁକ୍ତିପ୍ରଦ । ପୁରୁଷର ମୋକ୍ଷଲାଭ, ବନ୍ଧନମୁକ୍ତି ନିମନ୍ତେ ଅନ୍ୟ ଉପାୟ ବିଧାନ କରାଯାଇଛି ।

# ତୃତୀୟ ଅଧ୍ୟାୟ

ଜଡ଼ବାଦୀଙ୍କ ଦୃଷ୍ଟିରୁ ମନୁଷ୍ୟର ଦେହ ଓ ମନର ସମୀକରଣ ହୋଇଛି । ତେଣୁ ତାହାକୁ ଜଡ଼ ସ୍ୱତନ୍ତ୍ର କହନ୍ତି । ସେହି ଦୃଷ୍ଟିରୁ ନାରୀର ସତୀତ୍ୱ ବା ପୁରୁଷର ଚରିତ୍ରର ମୂଲ୍ୟ ନାହିଁ । ଏହା ଅନିଶ୍ଚିତାସ୍ପଦ ବୈଜ୍ଞାନିକ ସିଦ୍ଧାନ୍ତର ତଥ୍ୟ ହୋଇ ଯାଇଛି । ଡାରୱିନ ବିଜ୍ଞାନଦୃଷ୍ଟିରେ ମନୁଷ୍ୟ ଏକ ସୁସଭ୍ୟଜାତ ଜନ୍ତୁ ସଦୃଶ । ତାର ମନ ମଧ୍ୟ ଦେହସ୍ତରରେ ବନ୍ଦୀଭୂତ ହୋଇଛି । ତେଣୁ ତେଣିକି ଆଜି ପରିସ୍ଥିତିରେ ଏ ଯୁଗରେ ସତୀତ୍ୱର ଅଭ୍ୟାସର ସାଧନା ଅସମ୍ଭବ । ବର୍ଣ୍ଣାଶ୍ରମ ବ୍ୟବସ୍ଥା ଓ ଏକାନ୍ନବର୍ତ୍ତୀ ପରିବାର ଗୋଷ୍ଠୀ ଭାଙ୍ଗିଯିବାରୁ ଏବଂ ତା ଉପରେ ଏବେ ଧର୍ମନିରପେକ୍ଷ ରାଷ୍ଟ୍ରନୀତିର ପ୍ରତିଷ୍ଠା ହେବାରୁ ନାନା ଭିତ୍ତିକ ଅର୍ଥନୈତିକ କାରଣରୁ ପୁରାତନ ସମାଜ ସ୍ଥାନରେ ନୂତନ ସମାଜର ଗଠନ ପ୍ରତିଷ୍ଠା ଲଭୁଛି । ନାରୀ ଅର୍ଥନୈତିକ କାରଣରୁ ସ୍ୱାଧୀନ ହୋଇ ନିଜ ପାଇଁ ଓ ତା ସନ୍ତାନଙ୍କ ପାଇଁ ସ୍ୱବଶ କରୁଛି—ମୂଲ ଲଭୁଛି । ନାରୀକୁ ପୋଷିବାକୁ ଆଉ ପୁରୁଷ ଅକ୍ଷମ । ତେଣୁ ପୁରୁଷ ନାରୀକୁ ମାତା ଭଗ୍ନୀ ପତ୍ନୀ ରୂପରେ ନ ଦେଖି ସହକର୍ମିଣୀ, ସହଧର୍ମିଣୀ, ପ୍ରତିଦ୍ୱନ୍ଦିନୀ ରୂପରେ ଦେଖୁଛି । ନାରୀ ନିଜ ସ୍ୱୟଂପ୍ରଧାନ-ପୁରୁଷ ନିରପେକ୍ଷ ହୋଇ ରହୁଛି । ଏହି କାରଣରୁ ରାଷ୍ଟ୍ର ଓ ସମାଜରେ ନାରୀର ସତୀତ୍ୱର ମୂଲ୍ୟ ଦେବାକୁ କେହି ନାହିଁ; ତେଣୁ ସମାଜ ନାରୀର ବ୍ୟକ୍ତି-ଜୀବନର ଆଦର୍ଶ ବିଷୟରେ ନୀରବ । ଯୌଥ ଜୀବନରେ ଏହାର ସାର୍ଥକତା ଆଦୌ ନାହିଁ । ଏହାହିଁ ପରିବର୍ତ୍ତିତ ଜଳବାୟୁ ସାମାଜିକ ଜୀବନର ଏକ ଅବଶ୍ୟମ୍ଭାବୀ ନିର୍ମମ ପ୍ରତିକ୍ରିୟା ।

ଆଧୁନିକ ସମାଜରେ ବ୍ୟକ୍ତିର ମୂଲ୍ୟ ନାହିଁ—ଗୋଷ୍ଠୀ ବା ସମଷ୍ଟିର ଅଛି । ତେଣୁ ନିଜ ତୁଳନାରେ ଚେତନାର ଓଜନ କମ ହୋଇ ପଡ଼ୁଛି । ଧର୍ମ, ଆତ୍ମା, ବିଶ୍ୱାସ, ଅନୁଷ୍ଠାନ, ସମାଜ, ରାଷ୍ଟ୍ର, ଧର୍ମବାଦ ଯାହା ଅତୀତକାଳରେ ଜନସମାଜରେ ସୁପ୍ରତିଷ୍ଠିତ ଧାରଣା ହୋଇ ରହିଥିଲା, ତାହା ଏବେ କେହି ନିର୍ବିଚାରରେ ମାନି ନେବାକୁ ପ୍ରସ୍ତୁତ ନୁହନ୍ତି ।

ଋଷିଆରେ ସମାଜତନ୍ତ୍ରବାଦ ପ୍ରତିଷ୍ଠିତ ହେବା ଫଳରୁ ପୁରୁଣା ପ୍ରଥାନୁସାରୀ
ସିଦ୍ଧାନ୍ତ ଓ ଧାରଣାମାନଙ୍କୁ ମାନିବାକୁ ଏ ଯୁଗ ମନୁଷ୍ୟ ପ୍ରକୃତ ବାସ୍ତବ
ହେଉଛି । ବିଂଶ ଶତାବ୍ଦୀର ପୁଞ୍ଜିଭୂତ ଶୋଷଣରେ ପୀଡ଼ିତ ମନୁଷ୍ୟ ସମସ୍ତ
ସାମାଜିକ ଜୀବନର ପ୍ରତ୍ୟେକ ସମସ୍ୟାମାନଙ୍କୁ ବାସ୍ତବ ଦୃଷ୍ଟିରେ ସ୍ୱାଭାବିକ ରୀତି
ଗୁଡ଼ିକମାନଙ୍କ ସହିତ ମିଶାଇ ଦେଖୁଛି । ଏ ଶତାବ୍ଦୀର କାବ୍ୟ, କଳା,
ସାହିତ୍ୟ ମଧ୍ୟ ଏହି ବାସ୍ତବବାଦ ସଙ୍ଗତ ଗତିପନ୍ଥା ଧରି ଚାଲିଛି ।
କାରଣ ମନୁଷ୍ୟ ଆଉ ମନୁଷ୍ୟ ଜୀବନକୁ ଶଙ୍କା ଓ ବିଶ୍ୱାସ ଦୃଷ୍ଟିରେ ଦେଖିଛି ।
ବିଜ୍ଞାନ, ମନସ୍ତତ୍ତ୍ୱ ମାନବଚେତନା ପ୍ରତି ଅନ୍ତର୍ଦୃଷ୍ଟି ଦେଇ ଅବଚେତନାର
ପର୍ଦ୍ଦା ଫାଡ଼ି ନୂତନ ବିଶ୍ଳେଷଣକୁ ଆବିଷ୍କୃତ ସିଦ୍ଧାନ୍ତମାନଙ୍କୁ ମାନି ନେଇଛି ।
ଅନେକ ମାନି ଅଦ୍ୱୈତବାଦ ସ୍ଥାନ ଓ ପାପ ପୁଣ୍ୟ କର୍ମ ଅନେକାଂଶ ଆଜିକୁ
ଭୁଲିବା ମନୁଷ୍ୟର ବର୍ତ୍ତମାନ ସ୍ୱଭାବ ହୋଇଛି । ତାହାରେ ତାର ବିଶ୍ୱାସ
ସ୍ଥିତି ହେଉ ବା ନ ହେଉ ନାହିଁ । ଅନାଗତ କାଳର କଥା ଏହାର
କଦମ ସୃଷ୍ଟି କରୁ । ଆଜି ମାନବସଭ୍ୟତାର ଆଗ କାର୍ଯ୍ୟ, ଲକ୍ଷ୍ୟ ସତ୍ୟ
ବେଳକୁ ଅଙ୍କ ଓ ବିଜ୍ଞାନ ସମ୍ଭବ ନୁହେଁ । ମନୁଷ୍ୟ ଆଜି ଅତୀନ୍ଦ୍ରିୟବାଦର
କଳ୍ପନା, ଧ୍ୟାନ ଧାରଣା, ଆତ୍ମାର ଚିନ୍ତା, ଅନୁଷ୍ଠାନ ଧର୍ମ, ଲୋକଧର୍ମ
ପୁରାଣ, ଶାସ୍ତ୍ର, ଶିଳ୍ପ ସାହିତ୍ୟ, ଅଙ୍କନ, କାବ୍ୟ, ସଙ୍ଗୀତ, ଚରିତ୍ର, ନୀତି
ନିଷ୍ଠା ଓ ବ୍ୟବହାରିକ ପନ୍ଥା ପରିହାର କରି ଦେଇଛି । ମନୁଷ୍ୟର ବୁଦ୍ଧି ଓ
ଯୁକ୍ତି ବାସ୍ତବ ଯୁଗ ଉପରେ ଆସନ ଦେଇ ଆସୁଅଛି । ମାନବ ସମ୍ପତ୍ତିର
ଐଶ୍ୱର୍ଯ୍ୟ ଆଦର୍ଶ ଗୁଣପାଳ ସମ୍ପୃକ୍ତ ଉତ୍ପାଦନର ପରିକଳ୍ପନା ଦ୍ୱାରା, ତାହା
ସ୍ଥାନରେ ହେଉ ବିଳାସ ବ୍ୟସନର ଉଚ୍ଛେଦ ଓ ପୁଞ୍ଜିବାଦକୁ ଜାତି
ଈର୍ଷା, ଶଠତା, ହିଂସା, ସମତା ପ୍ରତି ପ୍ରବୃତ୍ତିଶୂନ୍ୟତା, ପରଶ୍ରୀକାତରତା, କର୍ତ୍ତୃତ୍ୱ,
ସାମ୍ରାଜ୍ୟବାଦ ମୂଳ ଛେଦନ ଚେଷ୍ଟା ହେଉଅଛି । ଏହି ପରିବର୍ତ୍ତିତ
ଯେଉଁ ନବଯୁଗକୁ ଜନ୍ମ ଦେବ, କାଳକ୍ରମେ ତାହିଁରେ ସ୍ଥାୟୀଭାବ ପ୍ରକୃତ
ଆଗାମୀ ଶତାବ୍ଦୀ ବ୍ୟାପିଥିବ । ସେହି ସଭ୍ୟତାକୁ ଯେ ସମ୍ପୂର୍ଣ୍ଣ ପରିବର୍ତ୍ତନ
ସୃଷ୍ଟି ହେବ, ତାହା ନାରୀର ସଙ୍ଗିତ ଅଭିନବ ଭାବ ଓ ତାର ଦାହ୍ୟ
ଶକ୍ତି, ମେଧା, ସାହସ, କର୍ମକ୍ଷମତା ଓ ସ୍ୱାଧୀନ ଚିନ୍ତା ତୋଳି ଦେବ ଯେଉଁଠି ପୁରୁଷର
ସ୍ତ୍ରୀଙ୍କ ପ୍ରତି ଦାମ୍ପତ୍ୟ ଜୀବନ ସୃଷ୍ଟି ହେବ ।

# ଉପସଂହାର

ଆଧୁନିକ ନାରୀର ସମସ୍ୟା ସମ୍ବନ୍ଧରେ କେତୋଟି ପ୍ରଶ୍ନ ଉଠେ, ଯେଉଁ ଏହା ସାମନ୍ତବାଦୀ ବା ପୁଞ୍ଜିବାଦୀ ଉନ୍ନତଶୀଳ ସମାଜର ମନୋବୃତ୍ତିକୁ-ସମାଜ, ପରିବାର, ବଂଶ ଓ ସ୍ୱାମୀ ଅବେକ୍ଷନର ଶୃଙ୍ଖଳା ପାଇଁ ସୃଷ୍ଟି ହୋଇଛି । ନାରୀକୁ ପରଲୋକ, ସ୍ୱର୍ଗ, ନରକ, ଧର୍ମ, ଅଧର୍ମର ସଂସ୍କାରରେ ଭୀତ କରାଯାଇଛି ଏବଂ ଗୋଷ୍ଠୀସ୍ୱାର୍ଥ, ବଂଶଧାରାର ବିଶୁଦ୍ଧତା ପରିବାରର ସ୍ୱାର୍ଥପାଇଁ ବିବାହର ଶିକୁଳିରେ ତାକୁ ବାନ୍ଧି କ୍ରୀତଦାସୀ ପରି ରଖା ଯାଇଛି । ନାରୀର ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ସମାଜ ସହ୍ୟ କରି ନାହିଁ । ନାରୀକୁ ଧର୍ମନାମରେ ସ୍ୱାମୀର ବଶୀଭୂତା, ପୁତ୍ରବତୀ, ସନ୍ତାନ-ପାଳିକା କରି ଦେଇଛି । ନାରୀର ସ୍ୱାଭାବିକ ଜୀବପ୍ରବଣ ମନ ସଂସ୍କାରମୁକ୍ତ ନ ଥିବାରୁ ସେ ସମାଜ ଓ ଏକପକ୍ଷୀୟକୁ ଧର୍ମରକ୍ଷା ନାମରେ ମାନି ଚାଲି ଆସିଛି ସହ୍ୟଶୀଳା ଉଦ୍ଦେଶ୍ୟ ଦେଇ । ଯୌନ ପବିତ୍ରତାକୁ ବଜାୟ ରଖିବାକୁ ସେ କାମ୍ୟ ମନ ବାଞ୍ଛା ଶରୀରଜାତ ଦାବୀ—ଇନ୍ଦ୍ରିୟର କ୍ଷୁଧାକୁ ନିରୋଧ କରିଛି । ସେ ଆଧୁନିକ ଦୃଷ୍ଟିରୁ ଜୀବନକୁ ସବୁଠୁ ଧର୍ମ ନିଷ୍ଠାରେ ଅସ୍ୱୀକାର କରିଛି । କିନ୍ତୁ ବର୍ତ୍ତମାନ ଦିନ୍ତୁ ଭାରତୀୟ ସଂସ୍କାର ଏହି ସତୀତ୍ୱଧାରଣାର ଶୃଙ୍ଖଳ—ଯୌନଶୁଦ୍ଧିର ମୂଲ୍ୟବୋଧରେ ନାହିଁ । ନାରୀର ଅନ୍ତଃକରଣ ଥିଲେ ସତୀତ୍ୱର ସଂସ୍କାର ଏକ ମହାଶକ୍ତି ଏବଂ ଚିରନ୍ତନ କଳ୍ପନାସ୍ୱରୂପ । ସମାଜ, ପରିବାର ଓ ଗୃହ ଶୃଙ୍ଖଳା ନିମନ୍ତେ ନାରୀ ଚିରନ୍ତନ ଭାବ ବ୍ୟକ୍ତିତ୍ୱ ଓ ନାରୀତ୍ୱକୁ ଖର୍ବ କରି ପୂର୍ଣ୍ଣ ଆତ୍ମସମର୍ପଣ କରି ଆସିଛନ୍ତି । ସେଥିପାଇଁ କାରଣରୁ ତାର ଆତ୍ମୋପଲବ୍ଧି ଘଟିବାର ଅବସର ନାହିଁ । ନିଜର ବାସ୍ତବିକ ଦେହମନରେ ସେ ପଙ୍ଗୁ କରି ହୋଇଥିବାରୁ ନିଜ ଅଧିକାର ଅନାଗତ ଭାବି ଅନୁପସ୍ଥିତର ଗ୍ରହଣ କରିବାର ସୌଭାଗ୍ୟକୁ ନାରୀ ବଞ୍ଚିତା ।

ଉପରୋକ୍ତ ବିଷୟଗୁଡ଼ିକ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଏହା ପୂର୍ଣ୍ଣ ସତ୍ୟ ନୁହେଁ । ଏହା ସମାଜର ନାରୀଧର୍ମ ସମ୍ବନ୍ଧୀୟ ପରିକଳ୍ପନା

ଦୃଷ୍ଟିରୁ ପାଶ୍ଚାତ୍ୟ ଭାରତର ସତ୍ୟ । ସଭ୍ୟତାର ଦୋହାଇ ଦେଇ, ଯେଉଁ ସମାଜ ନାରୀ ଉପରେ ଶତାବ୍ଦୀର ଦୁଃଖ ଲଦାଇଛି, ସେଠାରେ ସମାଜ, ପାରିବାରିକ ଶାସନ ଏବଂ ଦାମ୍ପତ୍ୟ ଜୀବନର ଶୃଙ୍ଖଳା ଯଥାର୍ଥ ବ୍ୟର୍ଥ ହୋଇଛି । କିନ୍ତୁ ଏହା କହିବା ସହିତ ଗୋଟିଏ ବହୁପ୍ରଚଳିତ ପ୍ରଥା କଥା ଅସାର ସ୍ୱୀକାର ନୁହେଁ । ବ୍ରାହ୍ମଣ୍ୟ ସଂସ୍କୃତ ବା ଯୌନପବିତ୍ରତା ଅଧିକ ଓ ଜଳକୁ କ୍ରମବିକଶିତ ନାରୀକୁ ଯଥାର୍ଥରେ ସଭ୍ୟା, ସୁସମ୍ପନ୍ନା ଏବଂ ସୁସଂସ୍କୃତା କରିଅଛି । ସେହି ନାରୀର ଯୌନ ପବିତ୍ରତା ସହିତ ଆଚରଣ, ବାକ୍ୟ, କ୍ରିୟାକର୍ମ ସତ୍ୟ ଉପରେ ପ୍ରତିଷ୍ଠିତ, ସେହି ନାରୀ ସତୀ । ଏହା ସାମନ୍ତବାଦ ବା ପୁଞ୍ଜିବାଦରୁ ସୃଷ୍ଟି ହୋଇ ନାହିଁ, କି ସହଜେ ଗୋଟିଏ ସାମାଜିକ ପ୍ରଥା ନୁହେଁ । ସତ୍ୟ ଓ ସତୀତ୍ୱ ମୂଲ୍ୟ ଓ ନାରୀ ବ୍ୟକ୍ତିତ୍ୱର ଗୋଟିଏ ଶକ୍ତି ସାଧନାଦର୍ଶ ଓ ଶକ୍ତିର ଜୀବନାଦର୍ଶ । ସତୀତ୍ୱ ନାରୀତ୍ୱର ଉତ୍କର୍ଷ ଦେବାର ଏକ ଦୃଷ୍ଟି । ଯାଯାବର ନାରୀ ଯେଉଁ ଦିନରେ ସମସ୍ତଙ୍କ ବା ଦଳର ସମ୍ପତ୍ତି ହେବାକୁ ବାଧ୍ୟ ହେଉଥିଲା, ସେହି ଦିନଠୁ ବର୍ବର ଜୀବନରୁ ମାନବର କ୍ରମବିକଶିତ ସଭ୍ୟତା ତାକୁ ଏକନିଷ୍ଠିତା ଏବଂ ସତୀତ୍ୱର ଉଚ୍ଚତମ ସୋପାନରେ ମହାସ୍ତମ୍ଭ ଓ ସଭ୍ୟତାର ସିଂହାସନ ଉପରେ ବସାଇଛି । ଏହା ତ୍ୟାଗ ତାର ଅଭିବ୍ୟକ୍ତି ଓ ଦାମ୍ପତ୍ୟ ଶାନ୍ତି ନ ହେଲେ ଉଚ୍ଛୃଙ୍ଖଳତା ଘଟିଅଛି । ଏହି ସଙ୍କଟକାଳ ସଭ୍ୟତାର ବାହାରେ ଯେ ବସ୍ତୁତନ୍ତ୍ରରୁ ପୁଞ୍ଜିତନ୍ତ୍ରର ଜନ୍ମ ହୋଇ ସାରିଛି । ଏଥିଯୋଗୁଁ ରାଷ୍ଟ୍ର, ସମାଜ, ପରିବାର ପ୍ରତି ସେ ସମସ୍ତ ଦାୟିତ୍ୱଶୀଳ ମଧ୍ୟ ହୋଇ ପାରନ୍ତି । ନାରୀମାନଙ୍କର ମୂଲ୍ୟ ଦେବାକୁ ଯାଇ ସ୍ୱାତନ୍ତ୍ର୍ୟ ବାଟରେ ସୃଷ୍ଟି ହୋଇଛି ଏବଂ ଲକ୍ଷ କୋଟି ଜନଙ୍କ ରକ୍ତରେ ସୁନ୍ଦରଭୂମି ପ୍ଲାବିତ ହୋଇଛି ବୋଲି ଇତିହାସର ପୃଷ୍ଠା ସାକ୍ଷ୍ୟ ଦିଏ । ଅମର ପ୍ରମାଣ ମହାବିଦ୍ୱାନ ଏହାର ମୂଳ ସାକ୍ଷ୍ୟ ଦିଅନ୍ତି । ସୁତରାଂ ନାରୀର ଚିରନ୍ତନ ଓ ସନାତନ ଆଦର୍ଶ ସତୀତ୍ୱ । ଏହା ସଭ୍ୟତାର ଜନନୀ । ସତୀ ନାରୀର ଜୀବନ ତୁଳନାରୁ ପୃଥିବୀ ସଭ୍ୟତାର ଏକ ଆଶ୍ଚର୍ଯ୍ୟମୟ ବର୍ଣ୍ଣିତ ଅଧ୍ୟାୟ ବୋଲି ଧରାଯାଇଛି । ଏହା ସ୍ଥାନ, କାଳ,

ପାଣି କରିଦେଇ ଅଛି । ସାମାଜିକ ବା ପାରିବାରିକ ବିଶୃଙ୍ଖଳାଦେଖାଦେଲେ ସତୀତ୍ୱର ମୂଲ୍ୟ ହ୍ରାସ ଦେଖାଇ ଅନ୍ତ୍ୟକ ଅବର୍ତ୍ତିତ କରାଯାଇ ନାହିଁ କାରଣ କେବଳ ବଣ୍ଡନୁଭୂତିକ ସମ୍ପର୍କ ବା ପରମ୍ପରା ଏହାର କାରଣ-ସ୍ୱରୂପ । ଯଥାର୍ଥ ସତୀତ୍ୱ ଧର୍ମ ଏବଂ ନୈତିକପବିତ୍ରତା ନାରୀର ବ୍ୟକ୍ତିଗତ ଜୀବନ ଓ ଦାମ୍ପତ୍ୟ ପ୍ରେମକୁ ଉଜ୍ଜ୍ୱଳ କରେ ଏବଂ ସେହି କାରଣରୁ ଏହା ନାରୀକୁ ସ୍ୱତନ୍ତ୍ରତାକୁ ମହନୀୟ, ମୂଲ୍ୟବାନ୍ ଏକ ବିଶିଷ୍ଟ ସମ୍ପୂର୍ଣ୍ଣ ମର୍ଯ୍ୟାଦା ଦାନ କରେ । ଏହି କାରଣରୁ ପୃଥିବୀରେ ଯେପର୍ଯ୍ୟନ୍ତ ସତୀ ନାରୀ ବିରଳ ଥିବାରୁ ସତୀତ୍ୱଧର୍ମୀ ନାରୀର ମୂଲ୍ୟ ଚିରନ୍ତନ ଓ ସନାତନ ଅଟେ ।

ହିନ୍ଦୁସ୍ଥାନ ସ୍ୱାଧୀନ ହେବାର ବର୍ତ୍ତମାନ ବିଂଶବର୍ଷ ନାରୀସମାଜର ଯେଉଁ କିଛି ଦିନ ଦେଲାଣି, ସେହି ଭଳି ବର୍ତ୍ତମାନ ପାଶ୍ଚାତ୍ୟ ନାରୀର ସମ୍ପର୍କ ହୋଇ ଉଠିଛି । ଏହି ସମ୍ପର୍କ ସ୍ୱାଧୀନ ନାରୀ ସ୍ୱାଧୀନ କରିବା ଉଚିତ ନୁହେଁ, ତାହାର ବିଶେଷ ଆଲୋଚନା ପାଶ୍ଚାତ୍ୟ ନାରୀ । ନିମ୍ନଲିଖିତ ଖବରେ ସମ୍ବାଦଟି ସ୍ପଷ୍ଟ ହୋଇଛି :—

"ଇଂଲଣ୍ଡର ଜାତୀୟ ବିବାହ ସଂରକ୍ଷଣ କାଉନ୍ସିଲର ସାଧାରଣ ସମ୍ପାଦକ ଅନୁଷ୍ଠାନର ଏକ ବୈଠକରେ ଇଂଲଣ୍ଡର ବିବାହପ୍ରଥା ସମ୍ପର୍କରେ ଏକ ଚମତ୍କାର ସମ୍ବାଦ ପ୍ରକାଶ କରିଛନ୍ତି । ଫଳରେ ସମସ୍ତ ପୃଥିବୀର ଲୋକେ ଶଙ୍କାର ବିଷୟ ପ୍ରକାଶ କରୁଛନ୍ତି । ତାଙ୍କ ମତରେ ଇଂଲଣ୍ଡରେ ଯେତେ ଲୋକ ବିବାହ କରୁଛନ୍ତି, ସେମାନଙ୍କ ମଧ୍ୟରେ ପ୍ରତି ତିନି ଜଣରେ ଜଣେ ଲୋକର ବିବାହବନ୍ଧନ ଛିନ୍ନ ହୋଇ ଯାଉଛି । ସୁନାର ସଂସାର ଶ୍ମଶାନ ହୋଇ ଯାଉଛି । କେବଳ ସେତିକି ନୁହେଁ ଯେତେ କନ୍ୟା ବିବାହ କରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରତି ଛଅ ଜଣରେ ଜଣେ ଗର୍ଭବତୀ ହୋଇ ବିବାହ କରୁଛି । ସମାଜରେ ଯୁବକଯୁବତୀ-ମାନଙ୍କର ଅବାଧ ମିଳାମିଶା ହେବା ଫଳରେ ଏପରି ଅଶାନ୍ତି ସୃଷ୍ଟି ହୋଇଛି ବୋଲି ପ୍ରକାଶ ପାଇଛି ।

ଏହି ଜାତୀୟ ବିବାହ-ସଂରକ୍ଷଣ କାଉନ୍ସିଲର ସାଧାରଣ ସମ୍ପାଦକ ମିଃ ହୋରେସ୍ ଡେଭିସ ପ୍ରମାଦ କରି କହୁଛନ୍ତି ଯେ, କେବଳ ୧୯୫୭

ମସିହାରେ ୬୦,୦୦୦ ବିବାହ ଭାଙ୍ଗି ଯାଇଛି । ଏହା ପୂର୍ବରୁ ବୋଧହୁଏ ଏତେ ପରିମାଣରେ ବିବାହସମ୍ପର୍କ ଛିନ୍ନ ହେବାର ଦୃଷ୍ଟାନ୍ତ ନ ଥିଲା । ୧୯୪୦ ମସିହାରେ କେବଳ ୩୦,୦୦୦ ବିବାହ ଅନୁଷ୍ଠାନ ନଷ୍ଟ ହୋଇ ଯାଇଛି । ଫଳ ସ୍ୱରୂପ ଓଡେନ ଇଂଲଣ୍ଡରେ ବିବାହପ୍ରଥା ଯେ ଅତି ନିର୍ଭରଶୀଳ ଓ ସୁଖମୟ ଥିଲା, ଆଜି ତାହା ଆଶା କରାଯାଇ ପାରୁ ନାହିଁ । ସମାଜବନ୍ଧନ କ୍ରମେ କ୍ରମେ ଶିଥିଳ ହୋଇ ଆସୁଛି ।”

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଯୁନିଭର୍ସିଟି ପ୍ରେସରେ ଶ୍ରୀ ପଦ୍ମଚରଣ ଦାଶଙ୍କ
ଦ୍ୱାରା ମୁଦ୍ରିତ—୧୯୪୨

ମୁଦ୍ରାକର

ଶ୍ରୀ ମଧୁଚରଣ ଦାଶ,

ମହାରଣା ଗ୍ରନ୍ଥମନ୍ଦିର,

ଉତ୍କଳ ସ୍ତୁଡେଣ୍ଟ ପ୍ରେସ,

କଟକ